

ପରଦାକୁ ଫେରିବେ ମୀନାକ୍ଷୀ
▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-330 ◆FRIDAY ◆29 MAY 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୩୩୦ ◆ଶୁକ୍ରବାର ◆୨୯ ମେ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ଥାନାରେ ଥାର୍ଡ ଡିଗ୍ରୀ

# ଖାକିର ଗୁଣ୍ଡାଗିରି



### ବିନା ଅପରାଧରେ ନିରୀହ ଯୁବକଙ୍କୁ ଶାରୀରିକ ନିର୍ଯାତନା

■ ଭୁବନେଶ୍ୱର, ୨୮।୫ (ସମିସ): ପତ୍ନୀଙ୍କ ନିଖୋଜ ଅଭିଯୋଗ କରିବାକୁ ଥାନାକୁ ଯାଇଥିବା ଜଣେ ନିରୀହ ଯୁବକଙ୍କୁ ପୁଲିସର ଶାରୀରିକ ନିର୍ଯାତନା ଓ ଥାର୍ଡ ଡିଗ୍ରୀ ଏବେ ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। କେନ୍ଦ୍ରାପଡ଼ା ଜିଲ୍ଲା ତାଳଚୁଆ ସାମୁଦ୍ରିକ ଥାନାରେ ମା' ପୁଅଙ୍କୁ ପୁଲିସ ଅନୁରୂପ ବ୍ୟବହାର କରିଥିବା ଅଭିଯୋଗର ଦୁଇଦିନ ପରେ ବାରଙ୍ଗ ଥାନାରେ ଘଟିଥିବା ଏହି ଘଟଣା ଏବେ

**ଘଟଣାକୁ ବିଭିନ୍ନ ମହଲରେ କଡ଼ା ସମାଲୋଚନା**

**ପୁଲିସର କାର୍ଯ୍ୟକୁ ନେଇ ସାଂସଦ ମାନସଙ୍କ ପ୍ରଶ୍ନ**

ପୁଲିସ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛି। ପୁଲିସର ଛବି ଖାକିପିନ୍ଧା ଗୁଣ୍ଡାକୁ ପରିବର୍ତ୍ତିତ ହୋଇଥିବା ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି। ବାରଙ୍ଗ ଅଞ୍ଚଳର ରାକେଶ ବେହେରା ଥାନାରେ ତାଙ୍କ ପତ୍ନୀଙ୍କ ନିଖୋଜ ଅଭିଯୋଗ କରିଥିଲେ। ମାତ୍ର ପୁଲିସ ରାକେଶଙ୍କ ପତ୍ନୀଙ୍କୁ ଖୋଜିବା ପରିବର୍ତ୍ତେ ନଦୀ ପଠାରୁ ମିଳିଥିବା ଏକ ଅଜଣା ମହିଳାଙ୍କ ଶବକୁ ତାଙ୍କ ପତ୍ନୀ ଦର୍ଶାଇ ତାଙ୍କୁ କେବଳ ହତ୍ୟା ଅଭିଯୁକ୍ତ ସଜାଇଲେ ନାହିଁ, ନିସ୍ତୁକ ମାଡ଼ ମାରି ହତ୍ୟାକାରୀ ବୋଲି ସ୍ୱୀକାର କରିବାକୁ ବାଧ କଲେ। ▶ପୃଷ୍ଠା-୭

## ବାରଙ୍ଗ ଘଟଣା ଚାପିବାକୁ ଉଦ୍ୟମ

**ମାସିକ ଆର୍ଥିକ ସହାୟତା ଓ ଚାକିରି ପ୍ରଲୋଭନ**

■ କଟକ/ବାରଙ୍ଗ, ୨୮।୫ (ସମିସ): କଟକ ଜିଲ୍ଲା ବାରଙ୍ଗ ଥାନା ପୁଲିସର ଅମାନୁଷିକ ଥାର୍ଡ ଡିଗ୍ରୀ କାରନାମା ଏବେ ଏକ ଭିନ୍ନ ମୋଡ଼ ନେଇଛି। ଜଣେ ନିରୀହ ଯୁବକଙ୍କୁ ମରଣମୁହଁକୁ ଠେଲି ଦେଇଥିବା ପୁଲିସ ପ୍ରଶାସନ ଏବେ ନିଜ ମୁଣ୍ଡରୁ ଦୋଷ ଛଡାଇବା ପାଇଁ ଶାସକ ଦଳର ସ୍ଥାନୀୟ ପ୍ରଭାବଶାଳୀ ନେତାଙ୍କ ସହ ମିଶି ସମ୍ପୂର୍ଣ୍ଣ ମାମଲାକୁ ଚାପି ଦେବାକୁ ଉଦ୍ୟମ କରିବା ଚର୍ଚ୍ଚାର ବିଷୟ ▶ପୃଷ୍ଠା-୭

# ଡେରିରେ ଆସିବ ମୌସୁମୀ

### ଜାରି ରହିବ ତାତି ସାଙ୍ଗକୁ କାଳବୈଶାଖୀ

■ ଭୁବନେଶ୍ୱର, ୨୮।୫ (ସମିସ): ଏଥର ମୌସୁମୀ ଆଗମନ ବିଳମ୍ବ ହେବ। ଚଳିତବର୍ଷ ସ୍ୱାଭାବିକ ସମୟ ପୂର୍ବରୁ ଅର୍ଥାତ ମେ' ୨୬ରେ ମୌସୁମୀ ବାୟୁ କେରଳ ଛୁଇଁବ ବୋଲି ଆକଳନ କରାଯାଇଥିଲା; କିନ୍ତୁ ଏହା ମେ' ୩୦ରୁ ଜୁନ୍ ୩ ମଧ୍ୟରେ କେରଳ ଛୁଇଁବାର ସମ୍ଭାବନା ରହିଛି। ଯଦି ବାୟୁ ପ୍ରବାହରେ ବ୍ୟାହତ ଘଟେ, ତେବେ ମୌସୁମୀ ଆଗମନ ଆହୁରି ୨ ରୁ ୩ ଦିନ ଘୁଞ୍ଚିଯାଇପାରେ ବୋଲି ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି।

ଭାରତୀୟ ମୌସୁମୀ ଆକଳନର ମାପଦଣ୍ଡ ଅନୁଯାୟୀ, ଦକ୍ଷିଣ-ପଶ୍ଚିମ ବାୟୁ ମଧ-ବାୟୁମଣ୍ଡଳ ଅର୍ଥାତ୍ ପ୍ରାୟ ୬୦୦ ଏଚ୍‌ପିଏ ସ୍ତର ପର୍ଯ୍ୟନ୍ତ ଗଭୀର ହେବା ଆବଶ୍ୟକ। ବର୍ତ୍ତମାନର ବାୟୁମଣ୍ଡଳର ଉପରିଭାଗ ବିଶ୍ଳେଷଣରୁ ସଙ୍କେତ ମିଳୁଛି ଯେ, ୭୦୦ ଏଚ୍‌ପିଏ ସ୍ତର ନିକଟରେ ମଧ ବାୟୁ ପ୍ରବାହ ବିକ୍ଷିପ୍ତ ଅବସ୍ଥାରେ ରହିଛି। ଏହା ବ୍ୟତୀତ, ▶ପୃଷ୍ଠା-୭



**୪ ଜିଲ୍ଲାରେ ଝଡ଼ ଭାଙ୍ଗିଲା ୨୫୨ ଘର**

**ବଜ୍ରପାତରେ ଗଲା ୩ ଜଣଙ୍କ ଜୀବନ**

## କୋରାପୁଟରେ ଲଜ୍ଜା

# ନାବାଳିକାକୁ ଗଣଦୁଷ୍କର୍ମ

**ଦୁଇ ନାବାଳକ ସହ ୩ ଜଣଙ୍କ ସମ୍ପୃକ୍ତି**

■ କୋରାପୁଟ,୨୮।୫(ସମିସ): କୋରାପୁଟ ଜିଲ୍ଲା ସଦର ବ୍ଲକ ବଡ଼ସୁକୁ ଅଞ୍ଚଳରେ ଜଣେ ନାବାଳିକାକୁ ଗଣଦୁଷ୍କର୍ମ ହୋଇଛି। ନାବାଳିକାଙ୍କୁ ସେହି ଅଞ୍ଚଳର ଦୁଇଜଣ ନାବାଳକ ସହ ତିନିଜଣ ଦୁଷ୍କର୍ମ କରିଥିଲେ। ପୀଡ଼ିତାଙ୍କ ପରିବାର ଜାଣିବା ପରେ କୋରାପୁଟ ସଦର ଥାନାରେ ଅଭିଯୋଗ କରିଥିଲେ। ସଦର ଥାନା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିବା ସହ ତୁରନ୍ତ ଅଭିଯୁକ୍ତ ଦୁଇ ନାବାଳକ ଓ ଅନ୍ୟ ଜଣକୁ ଗିରଫ କରିଛି। ପୁଲିସ ପକ୍ଷରୁ ଘଟଣାକୁ ନେଇ କୌଣସି ସ୍ପଷ୍ଟ ସୂଚନା ଦିଆ ଯାଇନାହିଁ। ତେବେ ଗିରଫ ଦୁଇ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରି ସୁଧାର ଗୃହକୁ ପଠାଇ ଦିଆ ଯାଇଛି। ଅନ୍ୟ ଜଣେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

# ଜିଲ୍ଲା ପରିଷଦ କାର୍ଯ୍ୟାଳୟ ମହିଳା ଶୌଚାଳୟରେ ଗୁପ୍ତ କ୍ୟାମେରା

■ ତିର୍ତ୍ତୋଲ, ୨୮।୫ (ସମିସ): ତିର୍ତ୍ତୋଲ ବ୍ଲକ୍ ଅନ୍ତର୍ଗତ ସଅଁରାସ୍ଥିତ ଜିଲ୍ଲା ପରିଷଦ କାର୍ଯ୍ୟାଳୟର ମହିଳା ୱାଶ୍‌ରୁମ୍‌ରୁ ଏକ 'ସ୍ପାଏ କ୍ୟାମ୍' ଗୁପ୍ତ କ୍ୟାମେରା ଉଦ୍ଧାର ହୋଇଛି। ଏହି କ୍ୟାମେରା କିଏ ଓ କେଉଁ ଉଦ୍ଦେଶ୍ୟରେ ଲଗାଇଥିଲା, ତାହା ଜଣାପଡ଼ି ନଥିବା ବେଳେ କାର୍ଯ୍ୟାଳୟରେ ମହିଳାଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ବାବଦରେ ତିର୍ତ୍ତୋଲ ଥାନାରେ ଅଭିଯୋଗ ହୋଇଛି। ଏତଲା ପରେ ପୁଲିସ କ୍ୟାମେରା ଜବତ କରି ଯାଞ୍ଚ କରିବା ସହ ତଦନ୍ତ ଚଳାଇଛି।

ସୂଚନା ମୁତାବକ, ଗତ ୨୫ତାରିଖ ଦିନ ମହିଳା ୱାସ୍‌ରୁମକୁ କାର୍ଯ୍ୟାଳୟର ଅର୍ଥ ବିଭାଗର କର୍ମଚାରୀ ମଧୁସ୍ମିତା ସାମନ୍ତରାୟ ଶୌଚ ହେବାକୁ ଯାଇଥିବା ବେଳେ କ୍ୟାମେରାଟି ଖସି ତଳେ ପଡ଼ିଥିବାର ଦେଖିବାକୁ ପାଇଥିଲେ। ଏ ବାବଦରେ ସେ ଜଣାଇବା ପରେ ସହକାରୀ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ତିର୍ତ୍ତୋଲ ବିଡିଓ ଗିରିଜା ଶଙ୍କର ମଲ୍ଲିକ ତିର୍ତ୍ତୋଲ ପୁଲିସକୁ ଅବଗତ କରାଇବା ସହ ଏକ ଏତଲା ମଧ୍ୟ ଦେଇଥିଲେ। ଏତଲାକୁ ଭିତ୍ତି କରି ତିର୍ତ୍ତୋଲ ପୁଲିସ ନମ୍ବର ୨୮୬/୨୬ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତିର୍ତ୍ତୋଲ ଏସ୍‌ଡିପିଓ ଅଜୟ କୁମାର ଦାସଙ୍କ ନେତୃତ୍ୱରେ ଏକ ସାଇବର ଟିମ୍ ଗଠନ ସହ ▶ପୃଷ୍ଠା-୭




ପୁଲିସର ତଦନ୍ତ, ମହିଳାଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ

## ୪ ଦିନ ହେଲା ଲାଇନ୍ ନାହିଁ

# ବିଦ୍ୟୁତ୍ କର୍ମଚାରୀଙ୍କୁ ଖୁଣ୍ଟରେ ବାନ୍ଧି ମାଡ଼



■ ଦେବଗଡ଼, ୨୮।୫ (ସମିସ): କାଳବୈଶାଖୀରେ ଛିଣ୍ଡି ପଡ଼ିଥିବା ବିଦ୍ୟୁତ୍ ତାର ସଜାଡ଼ିବାକୁ ଆସିଥିବା ବିଦ୍ୟୁତ୍ କର୍ମଚାରୀଙ୍କୁ ଖୁଣ୍ଟରେ ବାନ୍ଧି ମାଡ଼। ଦେବଗଡ଼ ଜିଲ୍ଲା ତିଲେଇବଣୀ ବ୍ଲକ୍ ଦୁଧିଆନାଳି ଗ୍ରାମରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି।

ସୂଚନାନୁଯାୟୀ, ୪ ଦିନ ତଳେ ହୋଇଥିବା କାଳବୈଶାଖୀ ଜନିତ ବର୍ଷା-ପବନରେ ଦୁଧିଆନାଳି ଗାଁରେ ଏକ ବିଦ୍ୟୁତ୍ ତାର ଛିଡ଼ି ପଡ଼ିଥିଲା। ସେବେଠାରୁ ଗାଁରେ ବିଦ୍ୟୁତ୍ ସରବରାହ ବନ୍ଦ ଥିଲା। ଗୁରୁବାର ସକାଳେ ବିଦ୍ୟୁତ୍ ବିଭାଗ ପକ୍ଷରୁ ଏହାକୁ ସଜାଡ଼ିବାକୁ ବିଭାଗର ମେଣ୍ଟେନାନ୍ସ କର୍ମଚାରୀ ବିଜୟ ପ୍ରଧାନ, ସନ୍ତୋଷ ପ୍ରଧାନ ଓ ଦିଲ୍ଲୀପ ବେହେରା ଗ୍ରାମରେ ପହଞ୍ଚିଥିଲେ। ଏହି ସମୟରେ ଗ୍ରାମବାସୀଙ୍କ ସହ ସେମାନଙ୍କର ବଚସା ହୋଇଥିଲା। ଏଥିରେ ଗ୍ରାମବାସୀମାନେ ଉତ୍ତ୍ୟକ୍ତ ହୋଇ ସେମାନଙ୍କୁ ଏକ ରଶି ସାହାଯ୍ୟରେ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ମାଡ଼ ମାରିଥିଲେ। ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହେବା ଯୋଗୁଁ ସେମାନଙ୍କ ଫସଲ ଓ ପନିପରିବା ଚାଷ ନଷ୍ଟ ହୋଇଯାଇଛି। ତେଣୁ, ଉଚ୍ଚପଦସ୍ଥ ଅଧିକାରୀ ଘଟଣାସ୍ଥଳକୁ ଆସି କ୍ଷତିପୂରଣ ନ ଦେଲେ, ସେମାନଙ୍କୁ ଛଡ଼ାଯିବ ନାହିଁ ବୋଲି ଅଡ଼ି ବସିଥିଲେ। ସୂଚନା ପାଇ କଂସର ଫାଣ୍ଡି ପୁଲିସ ▶ପୃଷ୍ଠା-୭




### ବନ୍ଧୁକ ମୁନରେ ଦାଦାବଟି ଆଦାୟ; ଅଭିଯୁକ୍ତ ଗିରଫ

# ବନ୍ଧୁକ, ଗୁଳି ସହିତ ନଗଦ ୩୦୨୦ ଟଙ୍କା ଜବତ

ଝାରସୁଗୁଡ଼ା, ୨୮ ।୫(ସମିସ)

ଝାରସୁଗୁଡ଼ା ରେ ବନ୍ଧୁକ ମୁନରେ ଟ୍ରକ୍ ଚାଳକଙ୍କୁ ଭୟଭୀତ କରି ଦାଦାବଟି ଆଦାୟ କରୁଥିବା ବେଳେ ଜଣେ ଅଭିଯୁକ୍ତକୁ ପୁଲିସ କାବୁ କରିଛି। ଝାରସୁଗୁଡ଼ା ୧୦ ନମ୍ବର ରାଜ୍ୟ ରାଜପଥ ପଞ୍ଚପଡ଼ାଛକ ଏବଂ ଚାନ୍ଦା ଢାବା ନିକଟରେ କିଛି ସଶସ୍ତ୍ର ଦୁର୍ବୃତ୍ତ ପିସ୍ତଲ ଦେଖାଇ ଆତଙ୍କରାଜ ସୃଷ୍ଟି କରୁଥିବା ନେଇ ପୁଲିସକୁ ସୂତ୍ରରୁ ସୂଚନା ମିଳିଥିଲା। ଦୁର୍ବୃତ୍ତ ସେହି ରାସ୍ତାରେ ଯାଉଥିବା ଟ୍ରକ୍ ଗୁଡ଼ିକୁ ଅଟକାଇ ବନ୍ଧୁକ ଦେଖାଇ ଟଙ୍କା ଲୁଟ୍ କରୁଥିବା ନେଇ ପୁଲିସକୁ ସୂଚନା ମିଳିଥିଲା। ପାଟ୍ରୋଲିଂ



ଦାୟିତ୍ୱରେ ଥିବା ସବ୍‌ଇନ୍ସପେକ୍ଟର ସ୍ୱାଧୀନ କୁମାର ସେଠୀ ଏବଂ ପୁଲିସ କର୍ମଚାରୀମାନେ ଦୁଇଜଣ ସ୍ୱାଧୀନ ସାକ୍ଷୀଙ୍କୁ ସାଙ୍ଗରେ ନେଇ ତୁରନ୍ତ ଘଟଣାସ୍ଥଳରେ ଚଢ଼ଉ କରିଥିଲେ। ଘଟଣାସ୍ଥଳରେ ପୁଲିସକୁ ଦେଖି କିଛି ବଦମାସ ସେଠାରୁ ଚମ୍ପଟ ମାରିଥିବା ବେଳେ ଜଣେ ଅଭିଯୁକ୍ତକୁ ଗୋଡ଼ାଇ ଗୋଡ଼ାଇ କାବୁ କରିବାରେ ସଫଳ ହୋଇଥିଲା। ଗିରଫ ଅଭିଯୁକ୍ତ ଜଣକ ଝାରସୁଗୁଡ଼ା ପୁରୁଣାବସ୍ତି ଅଞ୍ଚଳର ବର୍ତ୍ତମାନ ବେହେରାମାଲ୍ ଶିବା ଟକିଜ୍ ପଛପଟେ ରହୁଥିବା ଦୀପକ ସାହୁଙ୍କ ପୁଅ ଅର୍ଜୁନ ସାହୁ(୨୪) ବୋଲି ସୂଚନା ଦିଆଯାଇଛି।ପୁଲିସ ଅଭିଯୁକ୍ତ ନିକଟରୁ ଗୋଟିଏ ଦେଶୀ ତିଆରି ପିସ୍ତଲ ସହ ମାଗାଜିନ୍, ଦୁଇଟି ଜୀବନ୍ତ ଗୁଳି, ଦୁଇଟି ମୋବାଇଲ୍ ଫୋନ୍ ଏବଂ ଲୁଟ୍ କରାଯାଇଥିବା ନଗଦ ୩ ହଜାର ୨୦ ଟଙ୍କା ଜବତ କରିଥିଲା।ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଫେରାର୍ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଝାରସୁଗୁଡ଼ା ପୁଲିସ ପକ୍ଷରୁ ଖୋଳତାଲ ଜାରି ରହିଛି।

### ■ ନୂଆପଡ଼ାରେ ରବି ଧାନ ଅଧିଗ୍ରହଣ ସମୀକ୍ଷା

## ଚାଷୀଙ୍କ ଟୋକନ ଲାପ୍ସ ନହେବା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ

ନୂଆପଡ଼ା, ୨୮ ।୫(ସମିସ): ନୂଆପଡ଼ା ଜିଲ୍ଲାରେ ଚଳିତ ରବି ଧାନ ଅଧିଗ୍ରହଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଗୁରୁବାର ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାରେ ଧାନ ସଂଗ୍ରହ, ମଣ୍ଡି ପରିଚାଳନା, ଯାଞ୍ଚ ବ୍ୟବସ୍ଥା ଓ ଅବୈଧ ଧାନ ପ୍ରବେଶ ରୋକିବା ପାଇଁ ଗ୍ରହଣ



କରାଯାଇଥିବା ପଦକ୍ଷେପ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ବର୍ତ୍ତମାନ ଜିଲ୍ଲାର ୫୧ଟି ମଣ୍ଡି ମଧ୍ୟରୁ ୨୩ଟି ମଣ୍ଡିରେ ଧାନକ୍ରୟ କାର୍ଯ୍ୟ ଚାଲିଥିବା ବେଳେ ଅବଶିଷ୍ଟ ମଣ୍ଡିଗୁଡ଼ିକ ଆସନ୍ତା ୩୧ ମେ ସୁଦ୍ଧା କାର୍ଯ୍ୟକ୍ଷମ ହେବ ବୋଲି ସୂଚନା ଦିଆଯାଇଛି। ଚାଷୀମାନଙ୍କ ସୁବିଧାକୁ ସର୍ବାଧିକ ଗୁରୁତ୍ୱ ଦେଇ ସୁଚାରୁ ଭାବେ ଧାନ ସଂଗ୍ରହ କରିବା ପାଇଁ ଜିଲ୍ଲାପାଳ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସୀମାନ୍ତ ଛତିଶଗଡ଼ ରାଜ୍ୟରୁ ଅବୈଧ ଭାବେ ଧାନ ପ୍ରବେଶ ରୋକିବା ପାଇଁ କଡ଼ା ଯାଞ୍ଚ ଓ ଏନଫୋର୍ସମେଣ୍ଟ କାର୍ଯ୍ୟକଳାପ ଜାରି ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ରାଇସ୍ ମିଲରମାନଙ୍କୁ ତାଙ୍କ ପ୍ରତିନିଧିମାନଙ୍କ ସମ୍ପୂର୍ଣ୍ଣ ବିବରଣୀ ପ୍ରଶାସନକୁ ପ୍ରଦାନ କରିବା ପାଇଁ କୁହାଯାଇଛି। ମଣ୍ଡିଗୁଡ଼ିକରେ ସିସିଟିଭି, କଣ୍ଟ୍ରୋଲ ରୁମର କାର୍ଯ୍ୟକାରିତା ଓ ସାମଗ୍ରିକ ମନିଟରିଂ ବ୍ୟବସ୍ଥାର ମଧ୍ୟ ସମୀକ୍ଷା କରାଯାଇଥିଲା। ଚାଷୀମାନଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେଇ ଜିଲ୍ଲାପାଳ ସ୍ପଷ୍ଟ ଭାବେ କହିଥିଲେ ଯେ କୌଣସି ଚାଷୀଙ୍କ ଟୋକନ ଲାପ୍ସ ହେବା ଉଚିତ ନୁହେଁ ଏବଂ ଧାନ ବିକ୍ରୟରେ ସେମାନେ କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତୁ ସେଥିପ୍ରତି ସମସ୍ତ ଅଧିକାରୀ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ରବି ଧାନ ସଂଗ୍ରହ ଆରମ୍ଭ ହେବା ପରଠାରୁ ସୀମାନ୍ତ ଅଞ୍ଚଳରେ ଜିଲ୍ଲା ପ୍ରଶାସନ ପକ୍ଷରୁ କଡ଼ା ନଜରଦାରୀ ଜାରି ରହିଛି। ବିଭିନ୍ନ ଏନଫୋର୍ସମେଣ୍ଟ ଟିମ୍, ଆରଏମ୍‌ସି ଓ ପୁଲିସ ବିଭାଗର ମିଳିତ ଉଦ୍ୟମରେ ଦିନରାତି ଯାଞ୍ଚ କରାଯାଉଛି। ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୁବାଶ ଚନ୍ଦ୍ର ରଇତ, ଉପଜିଲ୍ଲାପାଳ ସୁର୍ମି ସୋରେନ, ଡିଆରସିଏସ୍ ଶିବ ପ୍ରସାଦ ସ୍ୱାଇଁ, ଜିଲ୍ଲା ଯୋଗାଣ ଅଧିକାରୀ ତ୍ରିନାଥ ଭୋଇ, ନୂଆପଡ଼ା ତହସିଲଦାର ଲଳିତେନ୍ଦୁ ଦଣ୍ଡସେନା ଓ ଅନ୍ୟାନ୍ୟ ସମ୍ପୃକ୍ତ ଅଧିକାରୀ ଉପସ୍ଥିତ ଥିଲେ।

## ନାଳ ପାଣିରେ ବୁଡି ଛାତ୍ରଙ୍କ ମୃତ୍ୟୁ

ଦେବଗଡ଼, ୨୮ ।୫(ସମିସ): ବାରକୋଟ ଥାନା ଗୋପପୁର ଗ୍ରାମରେ ଥିବା ଏକ ଛାତ୍ରାବାସରେ ରହି ଖରା ଛୁଟି ରେ ପାଠ ପଢୁଥିବା ଜଣେ ଛାତ୍ର ଆଜି ନିକଟସ୍ଥ ନାଳକୁ ଗାଧୋଇବାକୁ ଯାଇ ପାଣିରେ ବୁଡି ମୃତ୍ୟୁବରଣ କରିଛି। ମିଳିଥିବା ସୂଚନା ଅନୁଯାଇ ଦେବଗଡ଼ ଥାନା କର୍ଣ୍ଣଲଗ୍ରାମର ଅକ୍ଷୟ କୁମାର ସାହୁଙ୍କ ପୁଅ ପ୍ରୀତମ ସାହୁ (୧୫) ଦେବଗଡ଼ ଜବାହର ନବୋଦୟ ବିଦ୍ୟାଳୟରେ ନବମ ଶ୍ରେଣୀରେ ପାଠ ପଢୁଥିଲା। ଗ୍ରୀଷ୍ମ ଛୁଟି ପାଇଁ ସ୍କୁଲ ବନ୍ଦ ଥିବାରୁ ପ୍ରୀତମକୁ ପରିବାର ଲୋକେ ବାରକୋଟ ଥାନା ଗୋପପୁରଗ୍ରାମର ଏକ ଛାତ୍ରାବାସରେ ପାଠ ପଢ଼ିବା ପାଇଁ ଛାଡିଥିଲେ। ଉକ୍ତ ଗ୍ରାମରେ କାଳବୈଶାଖୀ ପ୍ରଭାବରେ ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଥିଲା। ଫଳରେ ଛାତ୍ରାବାସରେ ପାଣି ସମସ୍ୟା ଦେଖାଦେବାରୁ ପ୍ରୀତମ ଅନ୍ୟ କେତେକ ସାଙ୍ଗଙ୍କ ସହ ଗୋପପୁର ନାଳକୁ ଗାଧୋଇବାକୁ ଯାଇଥିଲା।ସେଠାରେ ଅସାବଧାନତା ବଶତଃ ପ୍ରୀତମ ନାଳର ଗଭୀର ପାଣିରେ ବୁଡି ଯାଇଥିଲେ। ପାଖରେ ଥିବା କିଛି ଲୋକ ଓ ସହପାଠୀମାନେ ପ୍ରୀତମକୁ ପାଣିରୁ ଉଦ୍ଧାର କରି ଗୁରୁତର ଅବସ୍ଥାରେ ପ୍ରଥମେ ଚିକିତ୍ସା ପାଇଁ ବାରକୋଟ ଡାକ୍ତରଖାନା ଭର୍ତ୍ତି କରିଥିଲେ।ଅବସ୍ଥା ଗୁରୁତର ଥିବାରୁ ପରେ ଜିଲ୍ଲା ମୁଖ୍ୟଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ ମଧ୍ୟ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ସୂଚନା ପାଇ ବାରକୋଟ ଥାନା ପୁଲିସ ମୃତଦେହ ଜବତ କରିବା ସହ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି। ସେହିପରି ମୃତଦେହ ବ୍ୟବଛେଦ ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି।

### ଶାଗବାହାଲି-ସାନକେନ୍ଦୁଗୁଡ଼ା ରାସ୍ତା କାମକୁ ନେଇ ବିବାଦ

## ରାସ୍ତା ନିର୍ମାଣ ତୁରନ୍ତ ସମ୍ପୂର୍ଣ୍ଣ କରିବାକୁ ଦାବିପତ୍ର

ଧର୍ମଗଡ଼, ୨୮ ।୫ (ସମିସ): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ତେଣ୍ଡାପାଲି ପଞ୍ଚାୟତର ଶାଗବାହାଲି ଠାରୁ ସାନକେନ୍ଦୁଗୁଡ଼ାକୁ ସଂଯୋଗ କରୁଥିବା ରାସ୍ତାର ନିର୍ମାଣ ଓ ମରାମତି କାମକୁ ନେଇ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। କିଛି ମୁଷ୍ଟିମେୟ ବ୍ୟକ୍ତିଙ୍କ ବିରୋଧ ଯୋଗୁଁ ରାସ୍ତା କାମ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ କରି ଶାଗବାହାଲି, ଘଣ୍ଟିଗୁଡ଼ା ଓ ପଦ୍ମପୁର ଗ୍ରାମର ଲୋକମାନେ ଧର୍ମଗଡ଼ ବିଧାୟକ ଏବଂ ଧର୍ମଗଡ଼ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରି ତୁରନ୍ତ କାମ ଚାଲୁ ରଖିବାକୁ ଦାବି କରିଛନ୍ତି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଶାଗବାହାଲିରୁ ସାନକେନ୍ଦୁଗୁଡ଼ା ପର୍ଯ୍ୟନ୍ତ ଥିବା ଏହି ରାସ୍ତାଟି ତିନୋଟି ଗ୍ରାମ ପାଇଁ ଏକମାତ୍ର ମୁଖ୍ୟ ଯାତାୟାତ ମାର୍ଗ ଅଟେ। ବର୍ତ୍ତମାନ ରାସ୍ତାଟି ସମ୍ପୂର୍ଣ୍ଣ ମେଟାଲ ଅବସ୍ଥାରେ ଥିବାରୁ ଗ୍ରାମବାସୀ ଅନେକ ସମସ୍ୟା ମଧ୍ୟରେ ଯାତାୟାତ କରିବାକୁ ବାଧ୍ୟ ହେଉଛନ୍ତି। ବିଶେଷକରି ବର୍ଷା ଦିନରେ ରାସ୍ତା ଉପରେ ଖୋଲା ମେଟାଲ ଓ କାଦୁଆ ପରିସ୍ଥିତି ସୃଷ୍ଟି ହେବାରୁ ପାଦଚାରୀ, ସାଇକେଲ ଓ ଦୁଇଚକିଆ ଯାନ ଚଳାଚଳ ଅତ୍ୟନ୍ତ ବିପଦଜନକ ହୋଇପଡୁଛି। ଶାଗବାହାଲି ଠାରୁ ସାନକେନ୍ଦୁଗୁଡ଼ାକୁ ସଂଯୋଗ କରୁଥିବା ରାସ୍ତାର ନିର୍ମାଣ ପାଇଁ ଅଞ୍ଚଳବାସି ଦୀର୍ଘ ଦିନରୁ ଦାବି କରିଆସୁଥିବା ବେଳେ ସ୍ଥାନୀୟ ସରପଞ୍ଚଙ୍କ ପ୍ରୟାସରେ ରାସ୍ତା ନିର୍ମାଣ ପାଇଁ ମନରେଗା ଯୋଜନାରେ ପ୍ରାୟ ୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା ଏବଂ କାମ ଆରମ୍ଭ ହୋଇଥିଲା। ହେଲେ ସାନକେନ୍ଦୁଗୁଡ଼ା ଗ୍ରାମର କେତେକ ସ୍ୱାର୍ଥନେଷି ବ୍ୟକ୍ତି କାର୍ଯ୍ୟକୁ ବିରୋଧ କରୁଥିବାରୁ କାମ ପ୍ରଭାବିତ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବୁଧବାର ତେଣ୍ଡାପାଲି ସରପଞ୍ଚ ଗୌଲୋଚନ ଗୋପାଳଙ୍କ ନେତୃତ୍ୱରେ ଶାଗବାହାଲି, ପଦ୍ମପୁର ଓ ଘଣ୍ଟିଗୁଡ଼ା ଗ୍ରାମର ବହୁ ସଂଖ୍ୟକ ଗ୍ରାମବାସୀ ଧର୍ମଗଡ଼ ବିଧାୟକ ଏବଂ ବିଡିଓଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। କୈଳାସ ଗୋପାଳ, ୱାର୍ଡ ମେମ୍ବର ପବିତ୍ର ବାଗ, ଛଚିନ୍ଦ୍ର ନାଏକ, ମୁକ୍ତେଶ୍ୱର ନାଏକ, ଶ୍ୟାମଘନ ଧରୁଆ, ଦୈତାରୀ ଗୋପାଳ, ମମତା ମାଝୀ, ରେଣୁବାଳା ବାଗ, ବେଲମତି ନାଏକ, ୱାର୍ଡ ମେମ୍ବର ପୁଷ୍ପାଞ୍ଜଳି ଘିବେଲା, ଭରୁଙ୍ଗରାଜ ଗୋପାଳ, କୁଳଦୀପ ବାଗ, ପଦ୍ମଲୋଚନ ନାଏକ ସମେତ ଅନେକ ଲୋକ ଉପସ୍ଥିତ ଥିଲେ।ଲୋକଙ୍କ ସାଧାରଣ ସୁବିଧା ଓ ଯାତାୟାତ ସମସ୍ୟାକୁ ଦୃଷ୍ଟିରେ ରଖି ରାସ୍ତା କାମକୁ ବନ୍ଦ ନ କରାଯାଇ ତୁରନ୍ତ ମରାମତି ଓ ନିର୍ମାଣ କାର୍ଯ୍ୟ ସମାପ୍ତ କରାଯାଉ ଗ୍ରାମବାସୀ ଦାବି କରିଛନ୍ତି।

## ଅନ୍ତର୍ଜାତୀୟ ଆଥଲେଟ ସାରନ ପାୟାସିଂଙ୍କୁ ସମ୍ବର୍ଦ୍ଧନା

ଭବାନୀପାଟଣା, ୨୮ ।୫ (ସମିସ): ଭବାନୀପାଟଣାସ୍ଥିତ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ଗୁରୁବାର 'ମୁଖ୍ୟମନ୍ତ୍ରୀ କପ' ଅବସରରେ ଅନୁଷ୍ଠିତ କ୍ରୀଡ଼ା ମେଳାରେ ଆନ୍ତର୍ଜାତୀୟ ଆଥଲେଟ ସାରନ ପାୟାସିଂଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଭବାନୀପାଟଣା ସଦର ବ୍ଲକ ପଲନାଗ୍ରାମ ପାଇକପଡ଼ାର ସାରୁନ ପାୟା ସିଂ ଲମ୍ବ ଡିଆଁରେ ଜାତୀୟ ରେକର୍ଡ ( ୧୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣ ପଦକ)ଓ ସାଉଥ ଏସିଆନ ସିନିୟର ଏଥଲେଟିକ ମିଟ-୨୦୨୫ରେ ତାମ୍ର ପଦକ ଅର୍ଜନ କରି କଳାହାଣ୍ଡି ଜିଲ୍ଲା ପାଇଁ ଗୌରବ ଆଣିବା ସହ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ନିଜ ନାମକୁ ଚର୍ଚ୍ଚାକୁ ଆଣିଥିଲେ। କଳାହାଣ୍ଡି ଜିଲ୍ଲା କ୍ରୀଡା ସଂସ୍ଥା ପକ୍ଷରୁ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଓଡ଼ିଶା କ୍ରିକେଟ ଆସୋସିଏସନର ଉପସଭାପତି ତଥା ଜିଲ୍ଲା କ୍ରୀଡା ସଂସ୍ଥାର ସାଧାରଣ ସମ୍ପାଦକ ଜଗମୋହନ ପଟ୍ଟନାୟକ ତାଙ୍କୁ ଉପଢୌକନ ଏବଂ କ୍ୟାସ ପ୍ରାଇଜ ୨୧ହଜାର ଟଙ୍କା ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଜିଲ୍ଲା କ୍ରୀଡା ସଂସ୍ଥାର କାର୍ଯ୍ୟକାରୀ ସଭାପତି ସୁନୀଲ କୁମାର ବେହେରା ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କ୍ରୀଡା ସଂସ୍ଥାର ଉପସଭାପତି ରାମ କୁମାର ଜୈନ ଓ ଅର୍ଜୁନ କୁମାର ପଟ୍ଟନାୟକ, ଯୁଗ୍ମ ସମ୍ପାଦକ କାଳି ପ୍ରସାଦ ପଟ୍ଟନାୟକ ଓ ଚକ୍ରଧର ସେଠି, କ୍ରିକେଟ ସମ୍ପାଦକ ସର୍ଦାର ସନ୍ତ ସିଂ, ଫୁଟବଲ ସମ୍ପାଦକ ମହମଦ ଅବଦୁଲ କାଦର, କୋଷାଧ୍ୟକ୍ଷ ସର୍ଦ୍ଦାର ନିର୍ମଳ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ଇଦ୍-ଉଲ୍-ଜୁହା ପାଳିତ

ଝାରସୁଗୁଡ଼ା, ୨୮ ।୫(ସମିସ): ଝାରସୁଗୁଡା ଜିଲ୍ଲାରେ ଇଦ୍-ଉଲ୍-ଜୁହା ପାଳିତ ହୋଇଯାଇଅଛି। ଝାରସୁଗୁଡ଼ା ସହର ସମେତ ବ୍ରଜରାଜନଗର, ବେଲପାହାଡ଼, ଗୁମାଡେରା, ବନ୍ଧବାହାଲ, ଇବ୍‌ଥର୍ମାଲ, ରେମଣ୍ଡା, ନେଗିପାଲି,



ଚାରପାଲି-ବରପାଲି, ବିଶିଉତକା, କୁଡ଼ାଲୋଇ, ବାଗମୁଣ୍ଡା ଆଦି ସ୍ଥାନରେ ଇଦ୍-ଉଲ୍-ଜୁହା ପର୍ବ ହର୍ଷ ଉଲ୍ଲାସର ସହିତ ପାଳନ କରାଯାଇଛି। ଇସଲାମୀୟ ଧର୍ମାବଲମ୍ବୀମାନେ ଆଜି ପାରମ୍ପାରିକ ଭାବେ ଇଦଗାହ ଓ ମସଜିଦରେ ସମୁହ ନମାଜ ପାଠ କରିଥିଲେ। ସକାଳେ ଝାରସୁଗୁଡ଼ା ଇଦ୍‌ଗାହ ଠାରେ ମୌଲାନା ସୟଦ ଫରକ୍ରୁକ ନିଜାମି ନମାଜ ପାଠ କରାଇଥିଲେ। ହଜାର ହଜାର ସଂଖ୍ୟାରେ ମୁସଲମାନ ଭାଇମାନେ ନମାଜ ପାଠ କରିଥିଲେ। ସେହିପରି ମଙ୍ଗଳବଜାର ଡେଲିମାର୍କେଟ(ହଟଲିପଡ଼ା) ସ୍ଥିତ ସଦର ମସଜିଦରେ ଜନାବ ନାହିଦ ଅଖତର, ମଙ୍ଗଳବଜାର ମସଜିଦରେ ମୌଲାନା ଜୁନୈଦ ଅଖତର ମିସବାହୀ, ତେଲିଭଟା ମସଜିଦରେ ମୌଲାନା ଆଫତାବ ଆଲମ ମିସବାହୀ, ମିଲ୍ଲତ କଲୋନି ମସଜିଦରେ ମୌଲାନା ଜନବା ଏହତେସାମ ରିଜୱି ନମାଜ ପାଠ କରାଇଥିଲେ। ପରମ୍ପରାନୁଯାୟୀ ଘରେ ଘରେ ଖାସି ବଳି(କୁରବାନି) ଦିଆଯିବା ସହ ପରସ୍ପରକୁ ଇଦ୍‌ର ଶୁଭେଚ୍ଛା ଇଦ୍ ମୁବାରକ ଜଣାଇଥିଲେ। ଅନ୍ୟ ସମ୍ପ୍ରଦାୟର ଲୋକେ ମଧ୍ୟ ମୁସଲିମ୍ ଭାଇମାନଙ୍କୁ ଇଦ୍‌ର ଶୁଭେଚ୍ଛା ଜଣାଇଥିଲେ। ସମଗ୍ର ଜିଲ୍ଲାରେ ଶାନ୍ତିଶୃଙ୍ଖଳାର ସହ ଇଦ୍-ଉଲ୍-ଜୁହା ପର୍ବ ପାଳନ କରାଯାଇଛି।

## ପିତୃମାତୃହୀନ ପିଲାମାନଙ୍କ ବହୁବୃତ୍ତି ଓ ବୈଷୟିକ ଶିକ୍ଷା ଅନୁଷ୍ଠାନରେ ନାମଲେଖା ପାଇଁ ଶିବିର

ଦେବଗଡ଼, ୨୮ ।୫ (ସମିସ): ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଆଜି ଦେବଗଡ଼ ମହାବିଦ୍ୟାଳୟର ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ପିତୃମାତୃହୀନ ପିଲାମାନଙ୍କ ବହୁବୃତ୍ତି ଓ ବୈଷୟିକ ଶିକ୍ଷା ଅନୁଷ୍ଠାନ ଗୁଡିକରେ ନାମ ଲେଖା ପାଇଁ ଜିଲ୍ଲାସ୍ତରୀୟ ପରାମର୍ଶ ଶିବିର ଆୟୋଜିତ ହୋଇଯାଇଛି। ଚଳିତ ବର୍ଷ ମାଟ୍ରିକ ଓ +୨ ପାସ କରିଥିବା ୨୫୦ଜଣ ପିଲା ନିଜ ଅବିଭାବକଙ୍କ ସହ ପରାମର୍ଶ ଶିବିରରେ ଯୋଗ ଦେଇଥିଲେ। ବିଭିନ୍ନ ବହୁବୃତ୍ତି ଓ ବୈଷୟିକ ଶିକ୍ଷା ଅନୁଷ୍ଠାନ ଯଥା ଷ୍ଟେଟ ଇନ୍‌ଷ୍ଟିଚ୍ୟୁଟ ଫୋର ହୋଟେଲ ମ୍ୟାନେଜମେଣ୍ଟରୁ ଯୁଧିଷ୍ଠିର ନାୟକ ଓ ଅଭିଜିତ ଚିରାଗ, ୱାର୍ଲ୍ଡ ସ୍କିଲ ସେଣ୍ଟର ଭୁବନେଶ୍ୱରରୁ ଚିନ୍ମୟ ମିଶ୍ର, ସରକାରୀ ପଲିଟେକ୍ନିକରୁ ଅଧ୍ୟକ୍ଷ ବି.କେ. ଘଣ୍ଟାୟତ, ସ୍କିଲ ଇଣ୍ଡିଆରୁ ସୁକାନ୍ତ ପ୍ରଧାନ, ସରକାରୀ ଆଇଟିଆଇରୁ ଲୀନ ସାହୁ ଓ ଉପେନ୍ଦ୍ର ବାରିକ, ଆପ୍ରାଇଜ ବୈଷୟିକ ଅନୁଷ୍ଠାନରୁ ସମ୍ପାଦକ ଶରତ ବେହେରା, ଏଏନ୍‌ଏମ ଟ୍ରେନିଂ ସେଣ୍ଟରରୁ ସନ୍ଧ୍ୟାରାଣୀ ପଣ୍ଡା ପ୍ରମୁଖ ଶିବିରରେ ଯୋଗ ଦେଇ +୨ ଓ ମାଟ୍ରିକ ପାସ କରିଥିବା ପିଲାମାନଙ୍କ ଯୋଗ୍ୟତାକୁ ମୂଲ୍ୟାଙ୍କନ କରି ନିଜ ନିଜ ଅନୁଷ୍ଠାନରେ ବହୁବୃତ୍ତି ଓ ବୈଷୟିକ ଶିକ୍ଷା ପାଇଁ ନାମ ଲେଖାଇଥିଲେ। ଏହି ଅବସରରେ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ୨୪ ଜଣ ପିତୃମାତୃ ହୀନ ଶିଶୁଙ୍କୁ 'ଗ୍ରୀନ ପ୍ୟାସଜ'



ସାର୍ଟିଫିକେଟ ପ୍ରଦାନ କରଯାଇଥିଲା। ଏହି ସାର୍ଟିଫିକେଟ ବଳରେ ପିଲାମାନେ ଓଡ଼ିଶାର ଯେ କୌଣସି ସରକାରୀ ଅନୁଷ୍ଠାନରେ ୫ ଲକ୍ଷ ପର୍ଯ୍ୟନ୍ତ ମାଗଣା ଶିକ୍ଷା ପାଇ ପାରିବେ। ଶିବିରରେ ଷ୍ଟେଟ ଇନ୍‌ଷ୍ଟିଚ୍ୟୁଟ ଫର ହୋଟେଲ ମ୍ୟାନେଜମେଣ୍ଟ ପକ୍ଷରୁ ୫ ଲକ୍ଷ ଟଙ୍କା ଲେଖାଏ ଫି ଛାଡ କରି ୧୨ଜଣ ପିତୃମାତୃହୀନ ପିଲାଙ୍କୁ ଉଚ୍ଚ ଶିକ୍ଷା ପାଇଁ ନାମ ଲେଖାଇ ଥିଲେ। ସେହିଭଳି ଆପ୍ରାଇଜ ଅନୁଷ୍ଠାନ ପକ୍ଷରୁ ୧୬ଜଣଙ୍କୁ ମାଗଣାରେ ଏଏନ୍‌ଏମ, ଜିଏନ୍‌ଏମ ଓ ନର୍ସିଂ ପାଇଁ ନାମ ଲେଖାଯାଇଥିଲା। ଏହି ବୈଷୟିକ ଶିକ୍ଷା ଅନୁଷ୍ଠାନ ଗୁଡିକରେ ନାମ ଲେଖାଇଥିବା ୨୫୦ ଜଣ ପିଲାଙ୍କୁ ବିଭାଗ ପକ୍ଷରୁ ଆଶୀର୍ବାଦ ଯୋଜନା, ମିସନ ବାତ୍ସଲ୍ୟ, ଯଶୋଦ ଯୋଜନାରୁ ପାଠ ପଢ଼ିବା ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୂଚନା ଦେଇଛନ୍ତି।ଶିବିରକୁ ମୁଖ୍ୟଅତିଥି ଭାବ ଡିଏସ୍‌ପି ଅମୂଲ୍ୟ ପୁନମ ଲକ୍ରା ଓ ସମ୍ମାନିତ ଅତିଥି ଭାବେ ଶିଶୁ ମଙ୍ଗଳ ସମିତି ସଦସ୍ୟ କୁମୁଦ ଶତପଥି ଓ କିଶୋର ନ୍ୟାୟ ବୋର୍ଡ ସଦସ୍ୟା ପ୍ରବୀଣା ମିଶ୍ର ଯୋଗ ଦେଇ ଥିଲେ।ଶିବିରକୁ ସୁରକ୍ଷା ଅଧିକାରୀ ଚିନ୍ମୟ ସ୍ୱାଇଁ, ବିଭାଗୀୟ କର୍ମଚାରୀ କ୍ରାନ୍ତି ମଞ୍ଜରୀ ଧାଁଉଁଳିଆ, ଦେବରଞ୍ଜନ ପ୍ରଧାନ, ଲିପନ ବଣିଚୂଳ, ଗଗନ ବିଶ୍ୱାଳ, ଅଜିତ ନାୟକ ଓ ଦୀପକ ପାତ୍ର ପରିଚାଳନା କରିଥିଲେ।

### ଅର୍ଥ ଲଗାଣକାରୀ ସଂସ୍ଥା କେନ୍ଦ୍ର ମ୍ୟାନେଜରଙ୍କ କେଳେଙ୍କାରୀ

## ଆଦାୟ ଋଣ ଟଙ୍କା ଆତ୍ମସାତ ଅଭିଯୋଗ

ଦେବଗଡ଼, ୨୮ ।୫(ସମିସ): ଦେବଗଡ଼ସ୍ଥିତ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥା ସିଏଜିଏଲ୍ (କ୍ରେଡିଟ ଏକ୍ସେସ ଗ୍ରାମୀଣ ଲିମିଟେଡ)ର କେନ୍ଦ୍ର ମ୍ୟାନେଜର ଆଦିତ୍ୟ ପ୍ରସାଦ ବାରିକ ଋଣ ଗ୍ରହୀତାଙ୍କ ଠାରୁ ଆଦାୟ କରିଥିବା ଲକ୍ଷାଧିକ ଟଙ୍କା ସଂସ୍ଥାରେ ଜମା ନକରି ଆତ୍ମସାତ କରିଥିବା ଅଭିଯୋଗ ହୋଇଛି। ସିଏଜିଏଲ୍ (କ୍ରେଡିଟ ଏକ୍ସେସ ଗ୍ରାମୀଣ ଲିମିଟେଡ)ର ବ୍ରାଞ୍ଚ ମ୍ୟାନେଜର ସୁଶାନ୍ତ କୁମାର ନାୟକ ଏନେଇ ଦେବଗଡ଼ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୁଲିସ ଆଦିତ୍ୟ ବିରୋଧରେ ଠକେଇ ମାମଲା ରୁଜୁକରି ଘଟଣାର ତଦନ୍ତ କରିଛି। ଦେବଗଡ଼ସ୍ଥିତ ସିଏଜିଏଲ୍ର ବ୍ରାଞ୍ଚ ମ୍ୟାନେଜର ଶ୍ରୀ ନାୟକଙ୍କ ଅଭିଯୋଗ ଅନୁଯାୟୀ ସୁନ୍ଦରଗଡ଼ ଜିଲ୍ଲା ତଲସରା ଥାନାଞ୍ଚଳ ଭଣ୍ଡାରୀଶଙ୍କରାଗ୍ରାମର ବିରଞ୍ଚି ବାରିକଙ୍କ ପୁଅ ଆଦିତ୍ୟ ପ୍ରସାଦ ବାରିକ(୨୫) ଗତ ୨୦୨୩ ମସିହା ସେପଟେମ୍ବର ମାସ ୪ ତାରିଖରୁ ସିଏଜିଏଲ୍ କେନ୍ଦ୍ର ମ୍ୟାନେଜର ଭାବେ କାର୍ଯ୍ୟ କରୁଥିଲେ। ସେ ଋଣ ପ୍ରଦାନ ଓ ଋଣ ଅର୍ଥ ଆଦାୟ ( ଲୋନ ରିକୋଭରୀ)ଦାୟିତ୍ୱରେ ଥିବା ବେଳେ ପ୍ରି କ୍ଲୋଜ ଆମାଉଣ୍ଟ ବାବଦକୁ ୪ ଜଣ ସଦସ୍ୟଙ୍କ ଠାରୁ ୧ଲକ୍ଷ ୫୦୫ ଟଙ୍କା ଆଦାୟ କରିଥିଲେ। ମାତ୍ର ସଂସ୍ଥା ଆକାଉଣ୍ଟରେ ଏହି ଟଙ୍କା ଜମା ନକରି ଚଞ୍ଚକତା ପୂର୍ବକ ଆତ୍ମସାତ କରିଥିଲେ। ଘଟଣା ଜାଣିବା ପରେ ବ୍ରାଞ୍ଚ ମ୍ୟାନେଜର ଶ୍ରୀ ନାୟକ ସଂସ୍ଥାର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଜଣାଇଥିଲେ। ଉପରିସ୍ଥ ଅଧିକାରୀଙ୍କ ଦ୍ୱାରା ବିଏସ ଟିକ ଦ୍ୱାରା ଫିଲ୍ଡ ଭେରିଫିକେସନ କରାଯାଇଥିଲା। ଫିଲ୍ଡ ଭେରିଫିକେସନ ସମୟରେ ସିଏଜିଏଲ୍ କେନ୍ଦ୍ର ମ୍ୟାନେଜର ଶ୍ରୀ ବାରିକ ଚଞ୍ଚକତା ପୂର୍ବକ ଉକ୍ତ ୧ଲକ୍ଷ ୫୦୫ ଟଙ୍କା ଆତ୍ମସାତ କରିଥିବା ଜଣାପଡ଼ିଥିଲା। ଅନ୍ୟପକ୍ଷରେ ଶ୍ରୀ ବାରିକଙ୍କୁ ଯେତେବେଳେ ଏ ସମ୍ପର୍କରେ ପଚରା ଉଚରା କରାଯାଇଥିଲା ସେ କାର୍ଯ୍ୟରେ ଯୋଗ ଦେଇନଥିଲେ କି ଆତ୍ମସାତ କରିଥିବା ଅର୍ଥ ମଧ୍ୟ ଜମା କରିନଥିଲେ। ଫଳରେ ବ୍ରାଞ୍ଚ ମ୍ୟାନେଜର ଏନେଇ ବୁଧବାର ଦେବଗଡ଼ ଥାନାରେ ଲିଖିତ ଅଭିଯୋଗ କରିବାସହ କେନ୍ଦ୍ର ମ୍ୟାନଜର ଶ୍ରୀ ବାରିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ନିବେଦନ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ କେନ୍ଦ୍ର ମ୍ୟାନଜର ଶ୍ରୀ ବାରିକଙ୍କ ବିରୋଧରେ ବିଭିନ୍ନ ଦଫାରେ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି।

### ଜଙ୍ଗଲରୁ ଉଦ୍ଧାର

## ଗୁରୁତର ଯୁବକଙ୍କ ମୃତ୍ୟୁ

ଦେବଗଡ଼, ୨୮ ।୫ (ସମିସ): ବାରକୋଟ ଥାନା ଖଜୁରୀଖମଣ ଗ୍ରାମଜଙ୍ଗଲରୁ ଜଣେ ଗୁରୁତର ଯୁବକକୁ ଉଦ୍ଧାର ପରେ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାଇ ଖଜୁରୀଖମଣଗ୍ରାମର ଗୋବର୍ଦ୍ଧନ ନାଏକଙ୍କ ପୁଅ କେଦାର ନାଏକ (୩୪) ଗୁରୁବାର ସକାଳୁ ଗାଁ ଜଙ୍ଗଲକୁ ଜାଳ କାଠ ସଂଗ୍ରହ ପାଇଁ ଯାଇଥିବା ବେଳେ ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ଫେରି ନଥିଲେ। ଫଳରେ ପରିବାର ଲୋକେ ଖୋଜାଖୋଜି କରୁଥିବା ସମୟରେ ଜଙ୍ଗଲ ନିକଟରେ ଗୁରୁତର ଅବସ୍ଥାରେ ପଡ଼ିଥିବା ଦେଖି ୧୦୮ ଆମ୍ବୁଲାନ୍ସ ଯୋଗେ ଚିକତ୍ସା ପାଇଁ ପ୍ରଥମେ ବାରକୋଟ ଡାକ୍ତରଖାନା ଓ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜଙ୍ଗଲରେ ସାପ କାମୁଡା ଯୋଗୁଁ କେଦାରଙ୍କ ମୃତ୍ୟୁ ଘଟିଥିବା ସନ୍ଦେହ କରି ମୃତ କେଦାରଙ୍କ କାକା ବିଶ୍ୱନାଥ ପୁଲିସକୁ ସୂଚନା ଦେବାରୁ ବାରକୋଟ ଥାନା ପୁଲିସ ମୃତଦେହ ବ୍ୟବଛେଦ ପାଇଁ ପଠାଇବା ସହ ଅପମୃତ୍ୟୁ ମାମଲା ରଜୁ କରି ଘଟଣାର ତଦନ୍ତ କରୁଛି। ବ୍ୟବଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ସଠିକ କାରଣ ଜଣା ପଡ଼ିବ ବୋଲି ପୁଲିସ ପ୍ରକାଶ କରିଛି।

## ଗ୍ରାହକଙ୍କ ଅଜାଣତରେ ଆକାଉଣ୍ଟରୁ କଟିଗଲା ୨ ଲକ୍ଷ ଟଙ୍କା

ଦେବଗଡ଼, ୨୮ ।୫(ସମିସ): ଗ୍ରାହକଙ୍କ ଅଜାଣତରେ ବ୍ୟାଙ୍କ ଆକାଉଣ୍ଟରୁ କଟିଗଲା ପ୍ରାୟ ୨ଲକ୍ଷ ଟଙ୍କା। ଏଭଳି ଅଭିଯୋଗ ଦେବଗଡ଼ ଥାନା କଣ୍ଟାପାଲି ପଞ୍ଚାୟତର ବୈଷ୍ଣବପାଲିଗ୍ରାମରୁ ଆସିଛି। ଦେବଗଡ଼ ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ ଗତ ୨୧ ତାରିଖ ଦିନ ବୈଷ୍ଣବପାଲିଗ୍ରାମର ବନମାଳି ସାହୁଙ୍କ ପୁଅ ପ୍ରଦୀପ କୁମାର ସାହୁଙ୍କ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଦେବଗଡ଼ ଆକାଉଣ୍ଟରୁ ତାଙ୍କ ଅଜାଣତରେ ୯୭ହଜାର ୭୭୭ଟଙ୍କା କଟି ଯାଇଥିଲା। ଏଥିସହ ସେହିଦିନ ତାଙ୍କର ବ୍ୟାଙ୍କ ଅଫ ବରୋଦା ଆକାଉଣ୍ଟରୁ ମଧ୍ୟ ୯୬ ହଜାର ୬୬୬ ଟଙ୍କା କଟି ଯାଇଥିଲା। ପ୍ରଦୀପ କୌଣସି ଟଙ୍କା ଉଠାଣ କରିନଥିବା ଏବଂ ଟଙ୍କା ଉଠାଣ ନିମନ୍ତେ କୌଣସି ଓଟିପି ଦେଇନଥିବା ବେଳେ ଗୋଟିଏ ଦିନରେ ତାଙ୍କର ୨ଟି ବ୍ୟାଙ୍କ ଆକାଉଣ୍ଟରୁ ପ୍ରାୟ୨ଲକ୍ଷ ଟଙ୍କା କଟିଯାଇଥିବା ନେଇ ସେ ଦେବଗଡ଼ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୁଲିସ ମାମଲା ରଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ନିର୍ମାଣାଧୀନ ଶ୍ରୀରାମ ମନ୍ଦିରର ଉନ୍ନତିକରଣ ପାଇଁ ବୈଠକ



ଦେବଗଡ଼, ୨୮ ।୫ (ସମିସ): ରିଆମାଳ ବ୍ଲକ କୁଣ୍ଢେଇଗୋଳା ପଞ୍ଚାୟତ କୋରଡ଼ପଶି ଗ୍ରାମରେ ଶ୍ରୀରାମ ଏବଂ ହନୁମାନଙ୍କ ନିର୍ମାଣଧୀନ ମନ୍ଦିର ପରିସରର ଉନ୍ନତିକରଣ ନେଇ ଗ୍ରାମବାସୀଙ୍କ ପକ୍ଷରୁ ବୈଠକ ଅନୁଷ୍ଠିତ ହୋଇଥିଲା। ଅଞ୍ଜନ କୁମାର ପ୍ରଧାନଙ୍କ ଆବାହକତ୍ୱରେ ଆୟୋଜିତ ପ୍ରସ୍ତୁତି ବୈଠକରେ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ଦେବଗଡ଼ ବିଧାୟକ ରୋମାଞ୍ଚରଞ୍ଜନ ବିଶ୍ୱାଳ, ରିଆମାଳ ବ୍ଲକ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ, ବରିଷ୍ଠ ସମାଜସେବୀ ଚିତ୍ତରଞ୍ଜନ ପ୍ରଧାନ, କୁଣ୍ଢେଇଗୋଳା ସରପଞ୍ଚ ଗୀତାଞ୍ଜଳୀ ପ୍ରଧାନ ପ୍ରମୁଖ ଯୋଗ ଦେଇ ମନ୍ଦିରର ଉନ୍ନତି ଓ ଗ୍ରାମର ଧାର୍ମିକ ପରିବେଶକୁ ଆହୁରି ସୁଦୃଢ଼ କରିବା ପାଇଁ ନିଜନିଜ ସାହାଯ୍ୟ ଓ ସହଯୋଗ ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଦେବଗଡ଼ ଓ ତାଳଚେର ବିଧାୟକ ଶ୍ରୀ ବିଶ୍ୱାଳ ଓ ଶ୍ରୀ ପ୍ରଧାନ ଯୋଗଦେଇ ମନ୍ଦିରର ଉନ୍ନତି ମାଧ୍ୟମରେ ଗ୍ରାମର ସାମାଜିକ ଓ ସାଂସ୍କୃତିକ ପରିବେଶ ଆହୁରି ସୁଦୃଢ଼ ହେବ ବୋଲି ମତ ପ୍ରକାଶ କରିଥିଲେ। ବୈଠକରେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ।

### ୨୦ରୁ ଖୋଲିଲା ରବିଧାନ ମଣ୍ଡି

## ସଂଗ୍ରହ ହୋଇଛି ମାତ୍ର ୧୦ ହଜାର କ୍ୱିଣ୍ଟାଲ

ଭବାନୀପାଟଣା, ୨୮ ।୫(ସମିସ)

କଳାହାଣ୍ଡି ଜିଲ୍ଲାରେ ଗତ ଖରିଫ ଋତୁରେ ନାନା ସମସ୍ୟା ସୃଷ୍ଟି ହୋଇ ପରିସ୍ଥିତି ବିଗିଡି ଯାଇଥିଲା। ମଣ୍ଡିରୁ ଧାନ ଉଠିବା ମୁସ୍କିଲ ହୋଇପଡ଼ିଥିଲା। ବିଭିନ୍ନ ପ୍ରସଙ୍ଗରେ ମିଲର୍ସଙ୍କ ଆନ୍ଦୋଳନ ରାଜ୍ୟ

### ଜୁନ୍ ୪ରୁ ରାଜ୍ୟବ୍ୟାପୀ ମିଲର୍ସ ଧର୍ମଘଟ ଆଶଙ୍କା

### ସଙ୍କଟରେ ରବିଧାନ ସଂଗ୍ରହ ପ୍ରକ୍ରିୟା

ସରକାରଙ୍କୁ ଅଡୁଆରେ ପକାଇଥିଲା। ବର୍ତ୍ତମାନ ରବିଋତୁରେ ମଧ୍ୟ ସମାନ ଦଶା। କୌଣସି ମିଲର୍ସଙ୍କ ଏଜେଣ୍ଟ ମଣ୍ଡିକୁ ଯାଉନାହାନ୍ତି। ଯେଉଁଠି ଯାଉଛନ୍ତି କଟ୍‌ନୀ ଛଟନୀ ୫/୭କେଜି ହିସାବ ତୁଟୁନାହିଁ। ଦ୍ୱିତୀୟରେ ଡିଜେଲ ଦର ବୃଦ୍ଧି ହେବାପରେ ପରିବହନ ଖର୍ଚ୍ଚ ଏବଂ ଷ୍ଟୋରେଜ ଖର୍ଚ୍ଚ ପ୍ରତି ସରକାର ଧ୍ୟାନ ଦେଉନାହାନ୍ତି। ତେଣୁ ରାଜ୍ୟ ମିଲର୍ସ ସଂଘ ପକ୍ଷରୁ ବୈଠକ ବସି ସରକାରଙ୍କୁ ଚେତାଇଦେବାର ଉଚିତ୍ ହେବବୋଲି କୁହାଯାଇଛି। ଆସନ୍ତା ଜୁନ ୪ତାରିଖରୁ ରାଜ୍ୟ ବ୍ୟାପି ଓଡ଼ିଶା ମିଲର୍ସ ସଂଘ ପୁଣି ଥରେ



ଆନ୍ଦୋଳନ ଧର୍ମଘଟ ପାଇଁ ସଜବାଜ ହେଉଥିବା ରାଜ୍ୟ ସଂଘ ସଭାପତି ମହେଶ ବନସଲ୍ ପ୍ରକାଶ କରିଛନ୍ତି। କଲମପୁର ଓ କର୍ଲାମୁଣ୍ଡା ଭଳି ବିଭିନ୍ନ ବ୍ଲକରେ ଚାଷୀ ହଜାର ହଜାର କ୍ୱିଣ୍ଟାଲ ଧାନ ରଖି ଅପେକ୍ଷାରେ ରହିଛନ୍ତି। ବର୍ତ୍ତମାନ ଜିଲ୍ଲାରେ ରବିଧାନ କିଣା ପ୍ରକ୍ରିୟାରେ ବ୍ୟାଘାତ ଘଟିବାର ଜଳ ଜଳ ଦେଖାଯାଉଛି। ଅନ୍ୟପଟେ ଧାନ ପାଇଁ ମିଲ ରେ ଏବଂ ଚାଉଳ ରଖିବାକୁ ଏଫ୍ ସି ଆଇ ଗୋଦାମରେ ସ୍ଥାନ ନାହିଁ। ଚଳିତ ବର୍ଷ ରବି ଧାନ ସଂଗ୍ରହ ଆସନ୍ତା ଗତ ୨୦ତାରିଖରୁ ଆରମ୍ଭ ହୋଇଛି। ପ୍ରଥମ ଦଫାରେ ୧୯, ୬୧, ୫୫୦ ଲକ୍ଷ କ୍ୱିଣ୍ଟାଲର ଟାର୍ଗେଟ ରହିଛି। ରବି ଧାନ କିଣା ପାଇଁ ଜିଲ୍ଲାରେ ୧୬୨ଟି ମଣ୍ଡି ଖୋଲାଯାଇଛି। ପଞ୍ଜୀକୃତ ଚାଷୀ ସଂଖ୍ୟା ୫୬୬୩୯ ଥିବାବେଳେ ଧାନ ସଂଗ୍ରହ ଦିଗରେ ୯୭ମିଲର୍ସ ଅଂଶ ଗ୍ରହଣ କରିବେବୋଲି ଯୋଗାଣ ବିଭାଗ ସ୍ପଷ୍ଟ କରିଥିଲା। ଦୁର୍ଭାଗ୍ୟର ବିଷୟ ଜିଲ୍ଲାରେ ମାତ୍ର ୧୦ହଜାର କ୍ୱିଣ୍ଟାଲ ଧାନ ସଂଗ୍ରହ ହୋଇପାରିଛି। ପ୍ରତିବର୍ଷ ଜିଲ୍ଲାରେ ଖରିଫ ଓ ରବିରେ ପ୍ରାୟ ୯୫ ଲକ୍ଷ କୁଇଣ୍ଟାଲ ଧାନ ଉତ୍ପାଦନ ହୋଇଥାଏ। ମୁଖ୍ୟ ଯୋଗାଣ ଅଧିକାରୀଙ୍କୁ ପଚାରିଲେ କହୁଛନ୍ତି ଧାନ କଟା ଚାଲିଛି ଧିରେ ଧିରେ ମଣ୍ଡିରୁ ଧାନ ଉଠିବ। ବାସ୍ତବ କଥା ଭିନ୍ନ ଏଫ୍ ସି ଆଇ ସହଯୋଗ କରୁନଥିବାବେଳେ ଯେଉଁ ପରିମାଣର ଚାଉଳ ଲିଫ୍ଟିଂ ହେବା କଥା ତାହା ହେଉନାହିଁ। ଜିଲ୍ଲାରେ ଲିଫ୍ଟିଂ ପାଇଁ ୪୫ଲକ୍ଷ କ୍ୱିଣ୍ଟାଲ ଚାଉଳ ମହଜୁଦ ଅଛି। ଡବଲ ଇଞ୍ଜିନ ସରକାର ସେ ଦିଗରେ ଆଦୌ ପଦକ୍ଷେପ ଗ୍ରହଣ କରୁନଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ରାଜ୍ୟ ସରକାର ପ୍ରତିଥର ମିଲର୍ସଙ୍କୁ ଭୁଆଁ ବୁଲାଇ ଆସୁଛନ୍ତି। ବର୍ଦ୍ଧିତ ଡିଜେଲ ଦର ଚିନ୍ତାରେ ପକାଇଛି। ତେଣୁ ମଣ୍ଡିକୁ ଧାନ ଆଣିବା ପାଇଁ ଗାଡ଼ି ପହଞ୍ଚୁନାହିଁ। ଯଦି ଜୁନ ୪ରେ ପୁନର୍ବାର ମିଲର୍ସ ସଂଘ ରାଜ୍ୟରେ ଧର୍ମଘଟ କରି ରବିଧାନ ନ ଉଠନ୍ତି ତେବେ ଚାଷୀ ତ୍ରାହି ତ୍ରାହି ଡାକଦେବା ନିଶ୍ଚିତ। ତେଣୁ ସରକାର ଏ କ୍ଷେତ୍ରରେ ଆଗୁଆ ପଦକ୍ଷେପ ନେବାଲାଗି ଚାଷୀ ସଂଗଠନ ତରଫରୁ ଦାବି କରାଯାଇଛି।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଡା. ଆନନ୍ଦ ଚନ୍ଦ୍ର ପ୍ରଧାନ
ବାଘଧରିଆ, ହିନ୍ଦୋଳ
ଆବିର୍ଭାବ - ୧୭.୦୨.୧୯୪୪
ତିରୋଧାନ -୧୯.୦୫.୨୦୨୬
ଆପଣଙ୍କ ଅବର୍ତ୍ତମାନରେ ଆଜିକୁ ଏଗାର ଦିନ ବିତିଗଲା। ଆପଣଙ୍କ ଅନୁପସ୍ଥିତିକୁ ପ୍ରତି ମୁହୂର୍ତ୍ତ ରେ ଆମ୍ଭେମାନେ ଅନୁଭବ କରୁଛୁ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲ ପାଇବା ପ୍ରତ୍ୟେକ ମୁହୂର୍ତ୍ତରେ ମନେପଡୁଛି, ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ଆପଣଙ୍କ ଅମର ଆତ୍ମା ସଦଗତି ହେଉ।
- ଶୋକସନ୍ତପ୍ତ -
ଝିଅ - ଲିଲି, ଜୁଲି, ପୁତ୍ର- ଲିପୁ,
ବନ୍ଧୁବାନ୍ଧବ ଓ ପରିବାର ବର୍ଗ

ସକାଳ THE SAKALA
www.sakalaepaper.com



# ଏମ୍‌କେସିଜି ଛାତି ରୋଗ ବିଭାଗରେ ଅଗ୍ନିକାଣ୍ଡ

ବ୍ରହ୍ମପୁର,୨୮।୫(ସମିସ)





ଏମ୍‌କେସିଜି ମେଡିକାଲର ଯକ୍ଷ୍ମା ଓ ଛାତିରୋଗ ବିଭାଗର ଆଇସିୟୁରେ ଶୁକ୍ରବାର ଅଚାନକ ଅଗ୍ନିକାଣ୍ଡ ଘଟିଛି। ଆଇସିୟୁ ଭିତରେ ଲାଗିଥିବା ଫ୍ୟାନରେ ସର୍ଟସର୍କିଟ୍ ହେବାରୁ ଅଗ୍ନି ସୃଷ୍ଟି ହୋଇଥିବା ଜଣାପଡ଼ିଛି। ଘଟଣା ସମୟରେ ଆଇସିୟୁରେ ଏକାଧିକ ରୋଗୀ ଚିକିତ୍ସାଧୀନ ଥିଲେ। ଧୂଆଁ ଓ ଅଗ୍ନି ଦେଖି ରୋଗୀଙ୍କ ପରିଜନ ଓ କର୍ମଚାରୀମାନଙ୍କ ମଧ୍ୟରେ ଭୟର ପରିସ୍ଥିତି ସୃଷ୍ଟି ହୋଇଥିଲା।

ଘଟଣାପରେ ସେଠାରେ ଚିକିତ୍ସିତ ହେଉଥିବା ୩ରୁ ଅଧିକ ରୋଗୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ଏହାକୁ ନେଇ ଏମକେସିଜି ମେଡ଼ିକାଲର ଅନ୍ୟ ରୋଗୀଙ୍କ ମଧ୍ୟରେ ଭୟ ସଞ୍ଚାର ହୋଇଛି। ଘଟଣା ପରେ ଏମକେସିଜି ମେଡ଼ିକାଲ ରେଜିଷ୍ଟ୍ରାର ଡ. ଶ୍ୱେତ କୁମାର ଦାସ ଆଇସିୟୁରେ ପହଞ୍ଚି ଯାଞ୍ଚ କରିବା ସହ ରୋଗୀଙ୍କ ସ୍ଥାନାନ୍ତର ଓ ଚିକିତ୍ସା ବ୍ୟବସ୍ଥା କରିଥିଲେ। ଅନ୍ୟପକ୍ଷରେ କଟକ ବଡ ମେଡିକାଲ ଟ୍ରମା କେୟାର ସେଣ୍ଟରରେ ଅଗ୍ନିକାଣ୍ଡ ପରେ ରାଜ୍ୟ ସରକାର ବିଭିନ୍ନ ଡାକ୍ତରଖାନାରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ସମୀକ୍ଷା କରିଥିଲେ। ଏହାପରେ ମଧ ଏମକେସିଜି ମେଡିକାଲ ଆଇସିୟୁରେ ଅଗ୍ନିକାଣ୍ଡ ଘଟଣା କର୍ତ୍ତୃପକ୍ଷଙ୍କ ଅବହେଳାକୁ ପଦାରେ ପକାଇଛି। ଜିଇଡି ବିଭାଗ ପକ୍ଷରୁ ଏମକେସିଜି ମେଡ଼ିକାଲରେ ବିଦ୍ୟୁତ ଉପକରଣ ଗୁଡିକର ରକ୍ଷଣାବେକ୍ଷଣା ଠିକ ଭାବେ କରାଯାଉନଥିବାରୁ ବାରମ୍ବାର ଅଗ୍ନିକାଣ୍ଡ ଘଟୁଥିବା ଅଭିଯୋଗ ହେଉଛି। ଏମକେସିଜିର ଆହର କେନ୍ଦ୍ର ପଛରେ ଯକ୍ଷ୍ମା ଓ ଛାତିରୋ ବିଭାଗ କୋଠାରେ ୬ ଶଯ୍ୟାର ଆଇସିୟୁ ରହିଛି। ସେଠାରେ ଏକାଧିକ ରୋଗୀ ଚିକିତ୍ସିତ ହେଉଥିବା ବେଳେ ଗୁରୁବାର ସନ୍ଧ୍ୟା ୭ଟାରେ ଆଇସିୟୁ ଭିତରେ କାନ୍ଥରେ ଲାଗିଥିବା ଏକ ଫ୍ୟାନ ହଠାତ ଜଳି ଉଠିଥିଲା।

ସର୍ଟସର୍କିଟ ଯୋଗୁ ଫ୍ୟାନରେ ନିଆଁ ଲାଗିଯିବାରୁ ତାହା ଜଳିଯାଇଥିଲା। ଏହାଦେଖି ସେଠାରେ ଚିକିତ୍ସିତ ରୋଗୀ ଓ କର୍ମଚାରୀମାନେ ପାଟି କରିଥିଲେ। ସେହି ବିଭାଗରେ କାର୍ଯ୍ୟରତ ସୁରକ୍ଷାକର୍ମୀମାନେ ତୁରନ୍ତ ପହଞ୍ଚି ଆଖାପାଖରେ ଲାଗିଥିବା ଫାୟାର ଏକ୍ସଟିଙ୍ଗୁଇସର ସାହାର୍ଯ୍ୟରେ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ଖବରପାଇ ଏମକେସିଜି ଅଗ୍ନିକେନ୍ଦ୍ର କର୍ମଚାରୀ ଆଇସିୟୁରେ ପହଞ୍ଚି ଯାଞ୍ଚ କରିଥିଲେ। ବିଦ୍ୟୁତ ସର୍ଟସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ବ୍ରହ୍ମପୁର ଅଗ୍ନିଶମ କେନ୍ଦ୍ର ଅଧିକାରୀ ଠାକୁରପ୍ରସାଦ ଦଳେଇ କହିଛନ୍ତି। ଅନ୍ୟପକ୍ଷରେ ଏହି ଅଗ୍ନିକାଣ୍ଡ ଘଟଣା ପରେ ଆଇସିୟୁରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନଥିବା ସାମ୍ନାକୁ ଆସିଛି। ଏଭଳି ବ୍ୟବସ୍ଥା ନଥିବାରୁ ଆଇସିୟୁ ଭିତରେ ନିଆଁ ଲାଗିବା ପରେ ଆଲରାମ ବାଜିନଥିବା ବେଳେ ଆପେଆପେ ପାଣି ସିଞ୍ଚନ ହୋଇନଥିଲା। ଫଳରେ ସେଠାରେ କାର୍ଯ୍ୟରତ ସୁରକ୍ଷା କର୍ମଚାରୀମାନେ ଫାୟାର ଏକ୍ସଟିଙ୍ଗୁଇସର ସାହାର୍ଯ୍ୟରେ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ଫଳରେ ଏକ ବଡ଼ ଅଘଟଣ ଟଳିଯାଇଥିବା ବେଳେ ସମସ୍ତ ରୋଗୀ ସୁରକ୍ଷିତ ରହିଥିବା ସୂଚନା ମିଳିଛି। ତେବେ ଆଇସିୟୁରେ ପର୍ଯ୍ୟାପ୍ତ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନଥିବା ଘଟଣାକୁ ନେଇ ଗୁରୁତର ପ୍ରଶ୍ନ ଉଠିଛି।

ଜରୁରୀ ବିଭାଗ ଭଳି ସ୍ଥାନରେ ଫାୟାର ଆଲାର୍ମ, ଅଗ୍ନି ନିବାରଣ ଯନ୍ତ୍ର ଓ ସୁରକ୍ଷା ବ୍ୟବସ୍ଥା କେତେଦୂର କାର୍ଯ୍ୟକ୍ଷମ ଅଛି, ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ତେବେ ଏଥିପ୍ରତି ଜିଲ୍ଲା ପ୍ରଶାସନ ଓ ମେଡ଼ିକାଲ କର୍ତ୍ତୃପକ୍ଷ ଧ୍ୟାନ ଦେବା ସହ ଏହା ପ୍ରତିକାର ବ୍ୟବସ୍ଥା କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

- ଜଳିଗଲା ଆଇସିୟୁର ଫ୍ୟାନ୍, ବର୍ତ୍ତିଗଲେ ଏକାଧିକ ରୋଗୀ
- ଆଇସିୟୁରେ ନାହିଁ ଅଗ୍ନି ନିରାପତ୍ତା ବ୍ୟବସ୍ଥା

## ନାବାଳିକା ଅପହରଣକାରୀକୁ ଜେଲ୍

ବ୍ରହ୍ମପୁର,୨୮ ।୫(ସମିସ): ଏକ ନାବାଳିକା ଅପହରଣ ମାମଲାର ବିଚାରଣ କରି ସ୍ୱତନ୍ତ୍ର ପୋକସୋ କୋର୍ଟ ଜଜ ପ୍ରଣତୀ ପଟ୍ଟନାୟକ ଜଣେ ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତ ଜଣଙ୍କ ହେଲେ କନ୍ଧମାଳ ଜିଲା ରାଇକିଆ ଅନଳପଡାର ସୁରେନ୍ଦ୍ର ମୂଳୀ ଓରଫ ସୁଶାନ୍ତ ସେଠୀ(୫୫)। ଜେଲ ଦଣ୍ଡ ସହ ତାଙ୍କୁ ୩ ହଜାର ଟଙ୍କା ଜୋରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି। ଜୋରିମାନା ଅନାଦେୟ ଅତିରିକ୍ତ ୩ ମାସ ଜେଲ ଦଣ୍ଡ ଭୋଗିବାକୁ ହେବ ବୋଲି ଜଜ ନିଜ ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ପିଡିତା ନାବାଳିକାଙ୍କୁ ୨ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଦେବାକୁ ଜିଲା ଆଇନସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସେହିପରି ଅଭିଯୁକ୍ତ ଠାରୁ ଆଦାୟ ଜୋରିମାନା ଅର୍ଥକୁ ମଧ୍ୟ ପିଡିତାଙ୍କୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶଯେ, ୨୦୨୪ଅଗଷ୍ଟ ୯ ତାରିଖରେ ଗଞ୍ଜାମ ଜିଲା ତାରସିଂ ଥାନା ଅଞ୍ଚଳରେ ରହୁଥିବା ଜଣେ ୧୦ ବର୍ଷୀୟ ନାବାଳିକା ନିଜ ଘରୁ ନିଖୋଜ ହୋଇଯାଇଥିଲେ। ନାବାଳିକାଙ୍କ ବାପା-ମାଆ ବାହାରକୁ କାମ କରିବାକୁ ଯାଇଥିବା ବେଳେ ଅଭିଯୁକ୍ତ ସୁଶାନ୍ତ ସେଠୀ ତାଙ୍କ ଘରକୁ ଯାଇ ନାବାଳିକାଙ୍କୁ ଚପଲ କିଣିବ ବୋଲି ଡାକି ନେଇ ସ୍କୁଟରରେ ବସାଇ ଅପହରଣ କରି ନେଇ ଯାଇଥିଲେ। ତେବେ ରାସ୍ତାରେ ନାବାଳିକା ଜଣଙ୍କ କାନ୍ଦୁଥିବା ଦେଖି ଲୋକମାନେ ଅଭିଯୁକ୍ତଙ୍କୁ ଅଟକାଇ ନାବାଳିକାଙ୍କୁ ଉଦ୍ଧାର କରି ଗାଲେରୀ ଫାଣ୍ଡି ପୁଲିସକୁ ହସ୍ତାନ୍ତର କରିଥିଲେ। ଫାଣ୍ଡି ପୁଲିସ ଠାରୁ ଖବର ପାଇ ନାବାଳିକାଙ୍କ ପରିବାର ଲୋକେ ତାଙ୍କୁ ଘରକୁ ଆଣିଥିଲେ। ଏନେଇ ନାବାଳିକାଙ୍କ ପରିବାର ପକ୍ଷରୁ ତାରସିଂ ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା(୩୩୮/୨୪) ରୁଜୁ କରି ତଦନ୍ତ କରିଥିଲା। ଅଭିଯୁକ୍ତ ସୁଶାନ୍ତକୁ ଗିରଫ ପରେ ଅଦାଲତ ଚାଲାଣ କରାଯାଇଥିଲା। ମାମଲାର ବିଚାରଣ ବେଳେ ୧୦ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଜଜ ଆଜି ଉପରୋକ୍ତ ରାୟ ଶୁଣାଇଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ।

### ବେଟିଂ ଟଙ୍କା ଆଦାୟ ପାଇଁ ବୁକିକୁ ଅହପରଣ ପରେ ଲୁଟ୍

# ୪ ଗିରଫ; ୧ ଲକ୍ଷ ଟଙ୍କା ଓ କାର୍ ଜବତ



ବ୍ରହ୍ମପୁର,୨୮।୫(ସମିସ)

ଆଇପିଏଲ ବେଟିଂରେ ଜିତିଥିବା ଟଙ୍କା ଆଦାୟ ପାଇଁ ଜଣେ ବୁକିକୁ ଅପହରଣ ପରେ ଟଙ୍କା ଲୁଟ୍ ଅଭିଯୋଗରେ ନିମଖଣ୍ଡି ଥାନା ପୁଲିସ ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଦିଗପହଣ୍ଡି ଥାନା ଅନ୍ତର୍ଗତ କୋଟିନଡ଼ା ଗ୍ରାମର ଭଗବାନ ସ୍ୱାଇଁ (୨୭), ସନାତନ ବିଷୋୟୀ (୨୫), ସିପୁନ ସ୍ୱାଇଁ (୨୪) ଏବଂ ନିମଖଣ୍ଡି ଥାନା ଶକ୍ତିନଗର ଅଞ୍ଚଳର ପ୍ରିହନ ନାୟକ ଓରଫ୍ ଭିକି (୨୩)। ପୁଲିସ ଅଭିଯୁକ୍ତଙ୍କ ନିକଟରୁ ଅପହରଣ ଓ ଲୁଟରେ ବ୍ୟବହୃତ ଏକ କାର ସହ ନଗଦ ୧ ଲକ୍ଷ ଟଙ୍କା ଓ ମୋବାଇଲ ଜବତ କରିଛି।

ସୂଚନା ପ୍ରକାରେ, ଖଲ୍ଲିକୋଟ କହ୍ନେଇପୁରର ଟୁଲୁ ଦାସ ଏକ ଅନଲାଇନ୍ ଗେମିଂ ଏବଂ ଆଇପିଏଲ୍ ବେଟିଂ ଆଇଡି ଚଲାଉଥିଲେ। ଅଭିଯୁକ୍ତ ଭଗବାନ ସ୍ୱାଇଁ ତାଙ୍କର ପୁରୁଣା ଗ୍ରାହକ ଥିଲେ। ସେ ଟୁଲୁଙ୍କଠାରୁ ଲକ୍ଷାଧିକ ଟଙ୍କା ଜିତିଥିଲେ। କିନ୍ତୁ ଟୁଲୁ ଟଙ୍କା ନଦେଇ ଭଗବାନଙ୍କ ନମ୍ବର ବ୍ଲକ୍ କରିଦେଇଥିଲେ। ଟଙ୍କା ଆଦାୟ ପାଇଁ ଭଗବାନ ନିଜ ସହଯୋଗୀଙ୍କୁ ଧରି ଏକ ଯୋଜନା ପ୍ରସ୍ତୁତ କରିଥିଲେ। ଫେସବୁକରେ "ପାୟଲ ପଣ୍ଡା' ନାମରେ ଏକ ନକଲି ଆକାଉଣ୍ଟ ଖୋଲି ଟୁଲୁଙ୍କ ସହ ମେସେଞ୍ଜରରେ ସମ୍ପର୍କ ବଢ଼ାଇଥିଲେ। ୨୭ ତାରିଖ ଦିନ ପ୍ରାୟ ୨ଟା ବେଳେ ଅଭିଯୁକ୍ତମାନେ ଏକ ଝିଅ କଣ୍ଠରେ ଅଡିଓ କଲ୍ କରି ଟୁଲୁଙ୍କୁ ବ୍ରହ୍ମପୁର ଶକ୍ତିନଗର ୨ୟ ଲେନ୍‌କୁ ଡକାଇଥିଲେ। ଟୁଲୁ ସେଠାରେ ପହଞ୍ଚିବା ମାତ୍ରେ ଅଭିଯୁକ୍ତ ସିପୁନ ଏବଂ ଭିକି ତାଙ୍କୁ ଏକ ରୁମ୍ ଭିତରେ ବନ୍ଦ କରି ଲୁହା ରଡ୍ ଓ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଟୁଲୁଙ୍କ ମୁଣ୍ଡ, ହାତ ଓ ଗୋଡ଼ରେ ଗଭୀର ଆଘାତ ଲାଗିଥିଲା। ଏହାପରେ ଟୁଲୁଙ୍କୁ ଏକ କାରରେ ଜଙ୍ଗଲକୁ ନେଇ ପଳାଇଥିଲେ। ସେଠାରେ ପୁଣି ଥରେ ତାଙ୍କୁ ଆକ୍ରମଣ କରିଥିଲେ। ଅଭିଯୁକ୍ତମାନେ ଜୋରଜବରଦସ୍ତ ତାଙ୍କ ମୋବାଇଲ ପାସୱାର୍ଡ ଖୋଲି ଫୋନ୍-ପେ' ମାଧ୍ୟମରେ ୩ ଲକ୍ଷ ଟଙ୍କା ଟ୍ରାନ୍ସଫର କରିନେଇଥିଲେ। ଦୈନିକ କାରବାର ସୀମା ସରିଯିବା ପରେ ଟୁଲୁଙ୍କୁ ବାଧ କରି ତାଙ୍କ ସାଙ୍ଗମାନଙ୍କ ଠାରୁ ୧୫ ହଜାର ଟଙ୍କା ମଗାଇଥିଲେ। ଏହା ସହିତ ଟୁଲୁଙ୍କ ନିକଟରେ ଥିବା ନଗଦ ୧ ଲକ୍ଷ ଟଙ୍କା ଓ ମୋବାଇଲ୍ ମଧ୍ୟ ଛଡ଼ାଇ ନେଇଥିଲେ। ଗୁରୁତର ଅବସ୍ଥାରେ ଛାଡି ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ଘଟଣାକୁ ନେଇ ଟୁଲୁ ନିମଖଣ୍ଡି ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ୨୪ ଘଣ୍ଟା ଭିତରେ ଉପରୋକ୍ତ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା ବୋଲି ବ୍ରହ୍ମପୁର ଏସପି ଡା. ସର୍ବଣା ବିବକେ ଏମ୍ କହିଛନ୍ତି।

### ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

# ପିଜି କାଉନ୍‌ସିଲ ଅଧ୍ୟକ୍ଷ ଓ ବିଭାଗୀୟ ମୁଖ୍ୟଙ୍କ ନିଯୁକ୍ତିରେ ବ୍ୟତିକ୍ରମ

ବ୍ରହ୍ମପୁର,୨୮ ।୫(ସମିସ)




ବିଭିନ୍ନ ପ୍ରସଙ୍ଗକୁ ନେଇ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଚର୍ଚ୍ଚାର ପରିସର ଭିତରକୁ ଆସୁଥିବା ବେଳେ ବର୍ତ୍ତମାନ ପୁଣି ଏକ ପ୍ରସଙ୍ଗକୁ ନେଇ ଚର୍ଚ୍ଚାକୁ ଆସିଛି। ପୂର୍ବତନ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ କାର୍ଯ୍ୟକାଳ ସମୟରେ ହୋଇଥିବା ବିଭିନ୍ନ ଅନିୟମିତା ପ୍ରସଙ୍ଗକୁ ନେଇ ଅଭିଯୋଗ ହୋଇଛି। ବର୍ତ୍ତମାନ ପ୍ରଫେସର ଦାଶଙ୍କ କାର୍ଯ୍ୟକାଳ ଶେଷ ପରେ ମଧ ତାଙ୍କ କଟୋରୀ ଗ୍ରୁପ ପୂର୍ବ ବ୍ୟବସ୍ଥାକୁ ଜାରି ରଖିବାକୁ ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି। ବିଶ୍ୱବିଦ୍ୟାଳୟରେ ଜୁନ୍ ପହିଲା ସୁଦ୍ଧା ଅର୍ଥାତ୍ ଗ୍ରୀଷ୍ମକାଳୀନ ଛୁଟି ପୂର୍ବରୁ ବା ତୁରନ୍ତ ବିଶ୍ୱବିଦ୍ୟାଳୟର ପିଜି କାଉନସିଲ ଅଧ୍ୟକ୍ଷ ଯାହାଙ୍କର କାର୍ଯ୍ୟକାଳ ୨ବର୍ଷର ଏବଂ ବିଭିନ୍ନ ବିଭାଗୀୟ ମୁଖ୍ୟଙ୍କ ସହିତ ହଷ୍ଟେଲ ଗୁଡିକର ଅଧୀକ୍ଷକମାନଙ୍କ ନିଯୁକ୍ତି ଘୋଷଣା ହେବା ଉଚିତ। ଯାହା ୧୯୯୦-୯୧ମସିହାରୁ ବିଶ୍ୱବିଦ୍ୟାଳୟରେ କ୍ରମାଗତ ଭାବେ ଚାଲି ଆସିଥିବା ଦେଖିବାକୁ ମିଳିଛି। ଯାହା ଚଳିତ ଥର ବ୍ୟତିକ୍ରମ ହେବାକୁ ଯାଉଛି। ଗତ ୨୩ତାରିଖରୁ ଗ୍ରୀଷ୍ମଛୁଟି ଘୋଷଣା ହୋଇସାରିଥିବା ବେଳେ ଦିନକ ପରେ ଜୁନ ମାସ ଆରମ୍ଭ ହେବ। ତଥାପି ବିଶ୍ୱିଦ୍ୟାଳୟର ନୂତନ ପିଜି କାଉନସିଲ ଅଧ୍ୟକ୍ଷ, ବିଭିନ୍ନ ବିଭାଗୀୟ ମୁଖ୍ୟ ଓ ହଷ୍ଟେଲ ଅଧିକ୍ଷକମାନଙ୍କ ନିଯୁକ୍ତି ସମ୍ଭବପର ହୋଇନାହିଁ। ଛୁଟି ପୂର୍ବରୁ ଏହା ହୋଇଥିଲେ ସେମାନେ ଆବଶ୍ୟକ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିଥାନ୍ତେ। ପିଜି କାଉନସିଲ ଅଧ୍ୟକ୍ଷ ଏବଂ ବିଭିନ୍ନ ବିଭାଗୀୟ ମୁଖ୍ୟଙ୍କ ନିଯୁକ୍ତି ରୋଟେସନ ଓ ଯାଞ୍ଚ କମିଟି ଜରିଆରେ ବା ଆଧାରରେ ହେବା ଉଚିତ। ତେବେ ଏକ୍ଷେତ୍ରରେ କୁଳପତିଙ୍କର କୌଣସି ନିଜସ୍ୱ କ୍ଷମତା ନଥିବା ମାନ୍ୟବର ହାଇକୋର୍ଟ ଏକ ମାମଲାରେ ସ୍ପଷ୍ଟ କରିଥିବା ସୂଚନା ମିଳିଛି। ତେବେ ଏଭଳି ପରିସ୍ଥିତିରେ ବର୍ତ୍ତମାନର ଭାରପ୍ରାପ୍ତ କୁଳପତିଙ୍କ ହାତରେ ସ୍ୱଳ୍ପ ସମୟ ଥିବାରୁ ସେ ଚାପର ବସବର୍ତ୍ତି ହୋଇ ପୂର୍ବ କୁଳପତିଙ୍କ କଟୋରୀ ଗ୍ରୁପ ଦ୍ୱାରା ପ୍ରସ୍ତୁତ ତାଲିକାକୁ ଅନୁମୋଦନ କରିବାକୁ ବାଧ ହେଉଥିବା କୁହାଯାଉଛି। ତେବେ ଅତିରିକ୍ତ ଦାୟିତ୍ୱରେ ଥିବା କୁଳପତି ପ୍ରଫେସର ଅସୀମା ସାହୁ କୌଣସି ଚାପର ବସବର୍ତ୍ତି ନହୋଇ ବରଂ ବିଶ୍ୱବିଦ୍ୟାଳୟର ନିତି ନିୟମକୁ ଆଧାର କରି ସମସ୍ତ ନିଯୁକ୍ତି ରୋଟେସନ ଓ ଯାଞ୍ଚ କମିଟି ଜରିଆରେ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି। ସେପଟେ ପିଜି କାଉନସିଲ ଅଧ୍ୟକ୍ଷ ପଦବୀ ପାଇଁ ବରିଷ୍ଠତା ଦୃଷ୍ଟିକୋଣରୁ ଯୋଗ୍ୟ ଜନୈକ ବ୍ୟକ୍ତିଙ୍କୁ ଜାଣିଶୁଣି ବିଚାରବିଭାଗୀୟ ମାମଲା ଥିବା ଦର୍ଶାଇ ବାଦ ଦିଆଯାଉଥିବା ଜଣାପଡିଛି। ତେବେ ସମ୍ପୃକ୍ତ ବ୍ୟକ୍ତି ଜଣକ ଉଭୟ କୋର୍ଟ ଓ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଥିବା ଜଣାପଡିଛି। ଏଭଳି ପରିସ୍ଥିତିରେ ଯଦି ପିଜି କାଉନସିଲ ଅଧ୍ୟକ୍ଷ ଓ ବିଭିନ୍ନ ବିଭାଗୀୟ ମୁଖ୍ୟ ପଦବୀରେ ନିଯୁକ୍ତି ନେଇ କିଛି ଅନିୟମିତତା ବା ବ୍ୟତିକ୍ରମ ଦେଖାଯାଏ ତେବେ ଏଥିପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଦାୟୀ ରହିବେ ବୋଲି ବୁଦ୍ଧିଜୀବୀ ମହଲରୁ ଚେତାବନୀ ଦିଆଯାଇଛି। ଏନେଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କିଭଳି ନିଷ୍ପତ୍ତି ବା ପଦକ୍ଷେପ ଗ୍ରହଣ କରୁଛନ୍ତି ତାହା ଉପରେ ରହିଛି ସମସ୍ତଙ୍କ ନଜର।

- ୧୯୯୦-୯୧ରୁ ନିର୍ଦ୍ଧାରିତ ନିଯୁକ୍ତି ପଦ୍ଧତି ଓ ବରିଷ୍ଠଙ୍କୁ ଅଣଦେଖା ଅଭିଯୋଗ
- ପୂର୍ବତନ କୁଳପତିଙ୍କ କୋଟାରୀ ଗ୍ରୁପର ଚାପରେ ଥଇଥାନ ପାଇଁ ଉଦ୍ୟମ ସନ୍ଦେହ କରି ଅସନ୍ତୋଷ ଜାରି!
- ବରିଷ୍ଠତା ଓ ରୋଟେସନ ପଦ୍ଧତିରେ ହେବାକୁ ଥିବା ନିଯୁକ୍ତିରେ କୁଳପତିଙ୍କର ନାହିଁ କ୍ଷମତା: ହାଇକୋର୍ଟ

## ଦଳିତ ଓ ଆଦିବାସୀଙ୍କ ମୌଳିକ ସମସ୍ୟା ସମାଧାନରେ ସରକାର ବିଫଳ



ବ୍ରହ୍ମପୁର,୨୮।୫(ସମିସ): ଗଞ୍ଜାମ କଳା ପରିଷଦ ପରିସର ଗଞ୍ଜାମ ଜିଲ୍ଲାର ଅନୁସୂଚିତ ଜାତି ଓ ଜନଜାତିର ଲୋକଙ୍କ ସମସ୍ୟା ନେଇ ଓଡିଶା ଦଳିତ ମହାସଭା ଓ ଅଖିଳ ଭାରତୀୟ କିଶାନ ମଜଦୂର ସଭା ଗଞ୍ଜାମ ମଜିଲ୍ଲା ଶାଖା ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲ୍ଲାରେ ଦଳିତ ଓ ଆଦିବାସୀଙ୍କ ସଂଖ୍ୟା ମୋଟ ଜନସଂଖ୍ୟାର ପ୍ରାୟ ୨୩ଶତକଡ଼ା (ଦଳିତ ଶତକଡ଼ା ୧୯.୫ ଭାଗ ଓ ଆଦିବାସୀ ଶତକଡ଼ା ୩.୫ ଭାଗ) ହୋଇଥିଲେ ମଧ୍ୟ ସବୁ କ୍ଷେତ୍ରରେ ସେମାନେ ଅବହେଳିତ ହୋଇ ଆସିଛନ୍ତି। ଡ଼ବଲ ଇଞ୍ଜିନ୍ ସରକାର ରାଜ୍ୟର ସବୁ ଭୂମିହୀନଙ୍କୁ ୪ ଡ଼େସିମିଲ୍ ଜମି ଦେବାକୁ ଘୋଷଣା କରିଥିଲେ ମଧ୍ୟ ତାକୁ ଜିଲ୍ଲା ପ୍ରଶାସନ ଲାଗୁ କରୁନଥିବା ଅଖିଳ ଭାରତୀୟ କିଶାନ ମଜଦୂର ସଭା ପକ୍ଷରୁ ଅଭିଯୋଗ କରାଯାଇଛି। ଗାଁରେ ଅଧିକାଂଶ ଦଳିତ ଭୂମିହୀନ ଓ ଗୃହହୀନ ଥିବା ବେଳେ ଗାଁରେ ଥିବା ସରକାରୀ ଜମିକୁ ଧନୀକମାନେ କବ୍‌ଜା କରି ରଖିଛନ୍ତି। ପ୍ରଶାସନ ଉକ୍ତ ଜମିରୁ ଜବରଦଖଲ ହଟାଇ ଗରିବ ଦଳିତଙ୍କୁ ବାଣ୍ଟିବା ବଦଳରେ ଓଲଟି ଦଳିତମାନେ ଚାଷ କରୁଥିବା ସରକାରୀ ଜମିରୁ ସେମାନଙ୍କୁ ଉଚ୍ଛେଦ ଉଦ୍ୟମ କରୁଥିବା ଓଡିଶା ଦଳିତ ମହାସଭ ଅଭିଯୋଗ କରିଛି। ବେଲଗୁଣ୍ଠା ତହସିଲର ବଡ଼ ଦୋଡ଼ଙ୍ଗାରେ ସବର୍ଣ୍ଣ ଲୋକେ ଶତାଧିକ ଭରଣ ସରକାରୀ ଜମିକୁ ଜବର ଦଖଲ କରିଥିବା ବେଳେ ସେଠାକାର ଭୂମିହୀନ ଗରିବ ଦଳିତଙ୍କୁ ସରକାରୀ ଜମିରୁ ହଟାଇବା ଦେଖାଯାଇଛି। ଏଭଳି ବିଭିନ୍ନ ସମସ୍ୟା ନେଇ ଜିଲ୍ଲାର ଆଦିବାସୀ ଓ ଦଳିତ ଲୋକଙ୍କ ଅଧିକାର ପାଇଁ ଆସନ୍ତା ୨ରେ ଗଞ୍ଜାମ ଜିଲ୍ଲାପାଳଙ୍କ ଅଫିସ ଘେରାଉ କରିବାକୁ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀ ନିଷ୍ପତି ହୋଇଛି। ସାମ୍ବାଦିକ ସମ୍ମିଳନୀରେ ଓଡିଶା ଦଳିତ ମହାସଭାର ଜିଲ୍ଲା ସମ୍ପାଦକ ସଂଗ୍ରାମ ନାୟକ, ସୋରଡ଼ା ବ୍ଲକ କମିଟି ସମ୍ପାଦକ ମଧୁବନ ନାୟକ, ବେଲଗୁଣ୍ଠ ବ୍ଲକ କମିଟି ସମ୍ପାଦକ ବସନ୍ତ ନାୟକ ଓ ଅଖିଳ ଭାରତୀୟ କିଶାନ ମଜଦୂର ସଭା ରାଜ୍ୟ ସମ୍ପାଦକ ପ୍ରତାପ ନାୟକ ଏବଂ ଜିଲ୍ଲା ଉପ ସଭାପତି ଲଡୁ କିଶୋର ଡ଼ାକୁଆ ଉପସ୍ଥିତ ଥିଲେ।

**ଜୁନ୍ ୨ରେ ଜିଲ୍ଲାପାଳଙ୍କ ଅଫିସ୍ ଘେରାଉ ନିଷ୍ପତ୍ତି**

## ସର୍ଜିକାଲ୍ ବ୍ଲେଡ୍‌ରେ ଜେଜେବାପାକୁ ଆକ୍ରମଣ; ନାତି ଗିରଫ

ବ୍ରହ୍ମପୁର,୨୮।୫(ସମିସ)



ସର୍ଜିକାଲ୍‌ବ୍ଲେଡରେଜେଜେବାପାକୁ ଆକ୍ରମଣ ଅଭିଯୋଗରେ ଟାଉନ ଥାନା ପୁଲିସ ନାତିକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଜଣକ ହେଲେ ମୋଚି ସାହିର ସୁବ୍ରତ ମହାକୁଡ଼ ଓରଫ କାହ୍ନା (୨୪)। ଭାପୁର ବଜାର ଅଞ୍ଚଳର କନକ ମହାକୁଡ଼ ଓ ସ୍ୱାମୀ ବାଳକୃଷ୍ଣ ରୁହନ୍ତି। କନକଙ୍କ ବଡ଼ପୁଅ ସ୍ୱର୍ଗତ ଦଣ୍ଡା ମହାକୁଡଙ୍କ ପୁଅ ସୁବ୍ରତ ନିଜ ମା'ଙ୍କ ସହିତ ବିଜୁ ପଟ୍ଟନାୟକ ପାର୍କ ନିକଟ ମୋଚିସାହିରେ ରହୁଥିଲେ। ଉଭୟ ପରିବାର ମଧ୍ୟରେ ତିକ୍ତତା ରହିଥିବା ବେଳେ ସୁବ୍ରତ ଅନେକ ଅପରାଧୀକ କାର୍ଯ୍ୟକଳାପରେ ଲିପ୍ତ ରହୁଥିଲେ। ବୁଧବାର ସନ୍ଧ୍ୟାରେ କନକ ମହକୁଡ ସ୍ଥାନୀୟ ଟାଉନ୍ ଥାନାରେ ଅଭିଯୋଗ କରିଥିଲେ ଯେ, ୨୬ ତାରିଖରେ ସୁବ୍ରତ ତାଙ୍କ ଘରେ ପଶି ଏକ ସାବଳ ଏବଂ ସର୍ଜିକାଲ୍ ବ୍ଲେଡ୍‌ରେ ତାଙ୍କ ସ୍ୱାମୀ ବାଳକୃଷ୍ଣଙ୍କୁ ଜୀବନରେ ମାରିଦେବାକୁ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ପୁଲିସ ଘଟଣାର ତଦନ୍ତ କରି ସୁବ୍ରତକୁ ଗିରଫ କରିବା ସହିତ ଆକ୍ରମଣରେ ବ୍ୟବହୃତ ଏକ ଶାବଳ, ସର୍ଜିକାଲ୍ ବ୍ଲେଡ ଜବତ କରିଛି। ଅଭିଯୁକ୍ତ ସୁବ୍ରତକୁ ପୁଲିସ ଗୁରୁବାର କୋର୍ଟ ଚାଲାଣ କରିଛି। ସୁବ୍ରତ ନାମରେ ନିମଖଣ୍ଡି ଥାନାରେ ଗୋଟିଏ ଏବଂ ଟାଉନ୍ ଥାନାରେ ପୂର୍ବରୁ ୩ ଟି ମାମଲା ରହିଥିବା ପୁଲିସ ସୂଚନା ପ୍ରଦାନ କରିଛି।

### ପ୍ରାଣୀସମ୍ପଦ ମନ୍ତ୍ରୀଙ୍କ ଜିଲ୍ଲାରେ ଅବହେଳିତ ପଶୁ

# ରୋଗାକ୍ରାନ୍ତ ଓ ଆହତ ପ୍ରାଣୀଙ୍କ ପାଇଁ ନାହିଁ ଆଧୁନିକ ଚିକିତ୍ସା ସୁବିଧା

ବ୍ରହ୍ମପୁର,୨୮ ।୫(ସମିସ)

ବ୍ରହ୍ମପୁର ପଶୁ ଚିକିତ୍ସାଳୟ କେବଳ ଗୋଟିଏ ସାଧାରଣ ଚିକିତ୍ସା କେନ୍ଦ୍ର ନୁହେଁ, ବରଂ ସମଗ୍ର ଦକ୍ଷିଣ ଓଡ଼ିଶାର କେନ୍ଦ୍ର ବିନ୍ଦୁ। ବ୍ରହ୍ମପୁର ଓ ଏହାର ପାଶ୍ୱର୍ବର୍ତ୍ତୀ ଅଞ୍ଚଳରୁ ପ୍ରତିଦିନ ଅନେକ ରୋଗାକ୍ରାନ୍ତ ଗାଈଗୋରୁ, ଛେଳି, କୁକୁର, ବିଲେଇ ଓ ଅନ୍ୟାନ୍ୟ ପଶୁ ଚିକିତ୍ସା ପାଇଁ ଏଠାକୁ ଆସୁଛନ୍ତି। ବିଶେଷକରି ସଡ଼କ ଦୁର୍ଘଟଣାରେ ଆହତ ଏବଂ ଆବାରଜ ପଶୁଙ୍କ ପାଇଁ ଏହି ଚିକିତ୍ସାଳୟ ହିଁ ଏକମାତ୍ର ଆଶାର କେନ୍ଦ୍ର ପାଲଟିଛି। କିନ୍ତୁ ଦୁଃଖର ବିଷୟ, ଦିନକୁ ଦିନ ପଶୁଚିକିତ୍ସା ସେବାର ଚାହିଦା ବଢୁଥିବା ସତ୍ତ୍ୱେ ବ୍ରହ୍ମପୁରରେ ଆଜି ପର୍ଯ୍ୟନ୍ତ ରୋଗାକ୍ରାନ୍ତ ଓ ଗୁରୁତର ଆହତ ପଶୁମାନଙ୍କ ପାଇଁ ଆଧୁନିକ ସୁବିଧା ସମ୍ପନ୍ନ ଏକ ସ୍ଥାୟୀ ଶଯ୍ୟା ବ୍ୟବସ୍ଥା ପଶୁ ଚିକିତ୍ସାଳୟ ନାହିଁ। ଫଳରେ ଅନେକ ପଶୁ ଆବଶ୍ୟକୀୟ ଚିକିତ୍ସା ଓ ପରିଚର୍ଯ୍ୟା ନ ପାଇ ଅକାଳରେ ପ୍ରାଣ ହରାଉଛନ୍ତି। ଅସ୍ତ୍ରୋପଚାର ପରେ ପଶୁମାନଙ୍କୁ ରଖିବା ପାଇଁ ସଠିକ୍ ବ୍ୟବସ୍ଥା ନଥିବାରୁ ଡାକ୍ତରମାନେ ମଧ ବହୁ ସମୟରେ ସୀମିତ ସୁବିଧା ମଧ୍ୟରେ କାମ କରିବାକୁ ବାଧ ହେଉଛନ୍ତି।

ସେହିଭଳି ଦୁର୍ଘଟଣାଗ୍ରସ୍ତ ପଶୁମାନଙ୍କ ପାଇଁ ପୃଥକ ରିକଭରି ୱାର୍ଡର ବ୍ୟବସ୍ଥା କରାଗଲେ ଅନେକ ନିରୀହ ପଶୁଙ୍କ ଜୀବନ ରକ୍ଷା ପାଇପାରିବ। ସରକାର "ପଶୁକଲ୍ୟାଣ' ଓ "ସ୍ମାର୍ଟ ସିଟି" ଭଳି ଯୋଜନାର କଥା କହୁଥିବା ବେଳେ ବ୍ରହ୍ମପୁର ଭଳି ବଡ଼ ସହରରେ ଏକ ଆଧୁନିକ ପଶୁ ଚିକିତ୍ସାଳୟର ଅଭାବ ନିଶ୍ଚୟ ଚିନ୍ତାଜନକ। ଅପରପକ୍ଷେ ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ଗଞ୍ଜାମ ଜିଲ୍ଲାରୁ ପ୍ରତିନିଧିତ୍ୱ କରନ୍ତି। କିନ୍ତୁ ଏଠାରେ ପଶୁଚିକିତ୍ସା କ୍ଷେତ୍ରରେ ଅତ୍ୟାଧୁନିକ ସେବା ନ ମିଳି ପାରିବା ନେଇ କଡ଼ା ସମାଲୋଚନା ପ୍ରକାଶ ପାଇଛି।

ଅନ୍ୟପକ୍ଷରେ ମୁଖ୍ୟ ଜିଲ୍ଲା ପ୍ରାଣୀଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଗଞ୍ଜାମ ଜିଲ୍ଲାପାଳଙ୍କ ଜରିଆରେ ବ୍ରହ୍ମପୁର ଭେଟେରିନାରୀ ହସ୍ପିଟାଲରେ ୫୦ଶଯ୍ୟା ବିଶିଷ୍ଟ ଇନଡୋର ଚିକିତ୍ସା ସୁବିଧା ଆରମ୍ଭ କରିବାକୁ ପ୍ରାଣିପାଳନ ଓ ପ୍ରାଣିଚିକିତ୍ସା ନିର୍ଦ୍ଦେଶକଙ୍କୁ ଚିଠି ପ୍ରେରଣ କରାଯାଇଥିବା ମୁଖ୍ୟ ଜିଲ୍ଲା ପଶୁଚିକିତ୍ସା ଅଧିକାରୀ ଡ଼ା. ଅଞ୍ଜନ ଦାଶ ସୂଚନା ଦେଇଛନ୍ତି। ହସ୍ପିଟାଲରେ ଇନଡୋର ଚିକିତ୍ସା ଅଧିବାରୁ ବିଶେଷ କରି ଅପରେସନ ପରବର୍ତ୍ତୀ ଚିକିତ୍ସା, ସଂକ୍ରାମକ ରୋଗ, ଜରୁରୀକାଳୀନ ଆଘାତ ଓ ବିଷକ୍ରିୟା ଘଟଣାରେ ପଶୁମାନଙ୍କୁ ଚିକିତ୍ସା ଆବଶ୍ୟକ ରହୁଛି। କିନ୍ତୁ ହସ୍ପିଟାଲରେ ଏହି ସେହି ସୁବିଧା ନଥିବାରୁ ଚାଷୀ ଓ ପଶୁମାଲିକମାନେ ଘରେ ଚିକିତ୍ସା କରିବାକୁ ବାଧ ହେଉଛନ୍ତି। ଫଳରେ ବିଭିନ୍ନ ସମୟରେ ପଶୁମୃତ୍ୟୁ ହାର ବଢୁଥିବା ଅଭିଯୋଗ ହେଉଛି। ସେହିପରି ସହରାଞ୍ଚଳରେ ପୋଷା କୁକୁର ଓ ବିଲେଇ ପାଳନ ବୃଦ୍ଧି ପାଇଥିବାରୁ ଆଧୁନିକ ପଶୁ ଚିକିତ୍ସା ସେବା ଓ ହସ୍ପିଟାଲରେ ଇନଡ଼ୋର ସୁବିଧା ପାଇଁ ଚାହିଦା ମଧ୍ୟ ବଢ଼ିଛି। ଏଥିସହ ସଡ଼କ ଦୁର୍ଘଟଣାରେ ଆହତ ହେଉଥିବା ଆବାରଜ ପଶୁମାନଙ୍କ ପାଇଁ ମଧ୍ୟ ଇନଡୋର ସେବାର ଆବଶ୍ୟକତା ରହିଛି। ପ୍ରସ୍ତାବିତ ଇନଡୋର ସୁବିଧାରେ ବଡ଼ ଓ ଛୋଟ ପଶୁ ପାଇଁ ପୃଥକ ୱାର୍ଡ, ସଂକ୍ରାମକ ରୋଗ ପାଇଁ ଆଇସୋଲେସନ ୱାର୍ଡ, ଅପରେସନ ପରବର୍ତ୍ତୀ ରିକଭରି ରୁମ, ପ୍ରଶାସନିକ କୋଠା, ଷ୍ଟୋର ରୁମ, ଆଇଭି ଫ୍ଲୁଇଡ୍ ଓ ମନିଟରିଂ ବ୍ୟବସ୍ଥା ସହ ଆଇସିୟୁ ସୁବିଧା ରଖିବାକୁ ପ୍ରସ୍ତାବ ରହିଛି। ଏଥି ନିମନ୍ତେ ଏକ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଉଲ୍ଲେଖ ରହିଛି। ରାଜ୍ୟରେ ଅନ୍ୟ କୌଣସି ସ୍ଥାନରେ ପଶୁମାନଙ୍କ ପାଇଁ ଇନଡୋର ଚିକିତ୍ସା ସୁବିଧା ନଥିବା ବେଳେ ପ୍ରାଣିପାଳନ ଓ ପ୍ରାଣିଚିକିତ୍ସା ନିର୍ଦ୍ଦେଶାଳୟ ପକ୍ଷରୁ ଯଦି ଉକ୍ତ ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରନ୍ତି, ତେବେ ପଶୁମାନଙ୍କ ପାଇଁ ଆଧୁନିକ ଇନଡୋର ଚିକିତ୍ସା ସୁବିଧା ଯୋଗାଇବା କ୍ଷେତ୍ରରେ ବ୍ରହ୍ମପୁର ଭେଟେରିନାରୀ ହସ୍ପିଟାଲ ରାଜ୍ୟର ପ୍ରଥମ ହେବ। ଏହି ସୁବିଧା ଆରମ୍ଭ ହେଲେ ପଶୁମୃତ୍ୟୁ ହାର କମିବା ସହ ପଶୁ ସ୍ୱାସ୍ଥ୍ୟ ସେବାର ମାନ ଉନ୍ନତ ହେବ ଏବଂ ଜିଲ୍ଲାର ପଶୁପାଳନ ଭିତ୍ତିକ ଅର୍ଥନୀତି ମଧ୍ୟ ସୁଦୃଢ଼ ହେବ ବୋଲି ପଶୁପ୍ରେମୀ ଲଲାଟେନ୍ଦୁ ଚୌଧୁରୀ ମତ ପ୍ରକାଶ ଦେଇଛନ୍ତି।

# ଗଡୁଛି ସତ; ହେଲେ ଭରସା ପାଉନି

ବଲାଙ୍ଗିର,୨୮ ।୫(ସମିସ)

ପଶ୍ଚିମଓଡିଶା ସହ ପଶ୍ଚିମବଙ୍ଗକୁ ସଂଯୋଗ କରୁଥିବା ଏକ ଗୁରୁତ୍ୱପୂର୍ଣ୍ଣ ରେଳସେବା ଗତ ପ୍ରାୟ ୨ ବର୍ଷ ହେଲା ସମୟସୀମାରେ ବେଶ୍ ପ୍ରଭାବିତ ହୋଇଛି। ଏହି ଦୁଇ ଅଞ୍ଚଳକୁ ସଂଯୋଗ କରୁଥିବା ଟିଟିଲାଗଡ-ହାୱଡା (୧୨୮୭୨) ଏକ୍ସପ୍ରେସ ପ୍ରତିଦିନ ଘଣ୍ଟା ଘଣ୍ଟା ବିଳମ୍ବରେ ଚାଲୁଛି। ତେବେ ଏହି ରେଳ କାହିଁକି ବିଳମ୍ବରେ ଚାଲିଛି, ଏଥିରେ ସୁଧାର ଆସିବ ନା ଟ୍ରେନର ସମୟ ପରିବର୍ତ୍ତନ ତାହା ରେଳ ବିଭାଗ ସ୍ପଷ୍ଟ କରୁନାହିଁ। ବିଶେଷ କରି ପଶ୍ଚିମବଙ୍ଗରୁ ବାହାରିବା ସମୟରେ ଟ୍ରେନ ଅଧିକ ବିଳମ୍ବ ହେଉଛି। ଏହାର ପ୍ରଭାବ ସାରା ପଶ୍ଚିମଓଡିଶାକୁ ପ୍ରଭାବିତ କରିଛି। ବିଶେଷ କରି ବଲାଙ୍ଗିର ଜିଲ୍ଲାବାସୀ ଏଥିରେ ଅଧିକ ପ୍ରଭାବିତ ହେଉଛନ୍ତି। ଏହି ଟ୍ରେନ ଉପରେ ସରକାରୀ, ବେସରକାରୀ, ଛାତ୍ରଛାତ୍ରୀ, ବ୍ୟାଙ୍କ କର୍ମଚାରୀ, ବ୍ୟବସାୟୀ ଏହିଭଳି ଅନେକ ବର୍ଗର ଲୋକ ନିର୍ଭର କରୁଛନ୍ତି। ବିଳମ୍ବ ଏମାନଙ୍କୁ ସମସ୍ୟାରେ ପକାଇଛି।

ପଶ୍ଚିମଓବଙ୍ଗ ହାୱଡାରୁ ପଶ୍ଚିମଓଡିଶାର ଟିଟିଲାଗଡ ତଥା କଣ୍ଟାବାଞ୍ଜିକୁ ପୂର୍ବରୁ ଟିଟିଲାଗଡ -ହାୱଡା (୧୨୮୭୨) ଇସ୍ପାତ ଏକ୍ସପ୍ରେସ ସଂଯୋଗ କରୁଥିଲା। ତାହା ଏବେ ଜୁନାଗଡ ପର୍ଯ୍ୟନ୍ତ ସଂପ୍ରସାରଣ କରାଯାଇଛି। ରେଳ ବିଭାଗ ସମୟ ଅନୁସାରେ ଏହି ଟ୍ରେନ ବଲାଙ୍ଗିର ଜିଲ୍ଲାର କଣ୍ଟାବାଞ୍ଜିରୁ ୪.୨୫, ଟିଟିଲାଗଡ ରେଳଷ୍ଟେସନରୁ ସକାଳ ୫.୧୫ରେ ଛାଡୁଛି। ବରଗଡ, ସମ୍ବଲପୁର, ରାଉରକେଲା ଦେଇ ସଂଧ୍ୟା ୬.୩୦ରେ ହାୱଡା ପହଞ୍ଚିବା କଥା; କିନ୍ତୁ ୨ ବର୍ଷ ହେଲା ଏହି ଟ୍ରେନ ସମୟ ସୀମାର ଠିକ ଠିକଣା ନାହିଁ। କିଛି ମାସ ହେଲା ଜୁନାଗଡ କିମ୍ବା କଣ୍ଟାବାଞ୍ଜିରୁ ଛାଡିବା ସମୟରେ କିଛିଟା




ସୁଧାର ଆସିଛି। ତଥାପି ଘଣ୍ଟା ଘଣ୍ଟା ବିଳମ୍ବ ହେଉଛି। ବିଶେଷ କରି ହାୱଡାରୁ ଆସିବା ସମୟରେ ତାହା ଅଧିକ ବିଳମ୍ବ ହେଉଛି। ଏହି ଟ୍ରେନ ଦ୍ୱାରା ବଲାଙ୍ଗିର ଜିଲ୍ଲା ସମେତ ପଶ୍ଚିମଓଡିଶାର ବିଭିନ୍ନ ବର୍ଗର ଲୋକେ ଲାଭବାନ ହେଉଥିଲେ। ସରକାରୀ, ବେସରକାରୀ, ବ୍ୟାଙ୍କ କର୍ମଚାରୀ, ଛାତ୍ରଛାତ୍ରୀ ଗନ୍ତବ୍ୟସ୍ଥଳକୁ ଠିକ୍ ସମୟରେ ପହଞ୍ଚିବା ପାଇଁ ଏହି ଟ୍ରେନକୁ ଭରସା କରୁଥିଲେ। ବଲାଙ୍ଗିର ବାସିନ୍ଦା ସମ୍ବଲପୁରରେ ଚାକିରି କରୁଥିଲେ ମଧ୍ୟ ଅତି ସହଜରେ ନିଜ ଗନ୍ତବ୍ୟ ସ୍ଥଳକୁ ଠିକ୍ ସମୟରେ ପହଞ୍ଚିବା ପୁଣି କାମ ସରି ଘରକୁ ଫେରିବା ପାଇଁ ଏହି ଟ୍ରେନ୍ ବେଶ୍ ସହାୟକ ହୋଇଥିଲା। ଏହାର ସମୟ ସାରଣୀ ଲୋକଙ୍କ ଆବଶ୍ୟକତା ଅନୁସାରେ ହିଁ ରଖାଯାଇଥିଲା। ତେବେ କାହିଁକି, କେଉଁ କାରଣରୁ ଏହି ଟ୍ରେନର ସମୟ ସାରଣୀ ଏହିଭଳି ଭାବେ ପ୍ରଭାବିତ ହୋଇଛି ତାହା ଆଜି ବି ଅସ୍ପଷ୍ଟ। ଏପରିକି ରେଳ ବିଭାଗ

**■ ଇସ୍ପାତ ଏକ୍ସପ୍ରେସ୍ ବିଳମ୍ବର କାରଣ ସ୍ପଷ୍ଟ କରୁନି ରେଳ ବିଭାଗ**

**■ ଆଜି ପର୍ଯ୍ୟନ୍ତ କେବେ ବି ମୁହଁ ଖୋଲୁନାହାନ୍ତି ଜନ ପ୍ରତିନିଧି**

ପକ୍ଷରୁ ଏହି ଟ୍ରେନ ସମୟରେ କୌଣସି ପରିବର୍ତ୍ତନ ମଧ୍ୟ କରାଯାଇନାହିଁ। ତେବେ ଏହି ବିଳମ୍ବର ପ୍ରଭାବ ଲୋକଙ୍କ ଜୀବନଶୈଳୀ ଉପରେ ପଡିଛି। ଏହାଦ୍ୱାରା ପ୍ରତିଦିନ ଶହ ଶହ ଲୋକ ପ୍ରଭାବିତ ମଧ୍ୟ ହେଉଛନ୍ତି। ଏକ ରେଳ ସଂପର୍କିତ ୱେବସାଇଟ ତଥ୍ୟ ଅନୁସାରେ ଏହି ଟ୍ରେନ ଗତ ମାସକ ମଧ୍ୟରେ ହାୱଡା ଷ୍ଟେସନରୁ ୬୯ ପ୍ରତିଶତ ଗୋଟିଏ ଘଣ୍ଟାରୁ ଅଧିକ ସମୟ ବିଳମ୍ବ ହୋଇଛି। ଗତ ୬ ମାସରେ ପ୍ରାୟ ୭୦ ପ୍ରତିଶତ ଗୋଟିଏ ଘଣ୍ଟାରୁ ଅଧିକ ବିଳମ୍ବ ହୋଇଛି। ସେହିପରି ଗତ ଗୋଟିଏ ବର୍ଷରେ ପ୍ରାୟ ୬୫ ପ୍ରତିଶତ ଦିନ ଗୋଟିଏ ଘଣ୍ଟାରୁ ଅଧିକ ବିଳମ୍ବ ହୋଇଛି। ସେହିପରି ବର୍ଷକ ଭିତରେ ଏହି ଟ୍ରେନ ହାୱଡାରୁ ମାତ୍ର ୨୪ ପ୍ରତିଶତ ଦିନ ଠିକ୍ ସମୟରେ ଛାଡିଛି; ଯାହାକି ସ୍ପଷ୍ଟ କରୁଛି ଏହି ଏକ୍ସପ୍ରେସ ଟ୍ରେନ କେତେ ସମୟାନୁବର୍ତ୍ତିତା ରହିଛି। କେଉଁ ଦିନ ୨ ଘଣ୍ଟା ତ କେଉଁଦିନ ୧୦ ଘଣ୍ଟା ବି ଟ୍ରେନ ବିଳମ୍ବରେ ଚାଲିଥିବା ଅଭିଯୋଗ ହୋଇଛି।

ଅନେକ ସମୟରେ ଟିଟିଲାଗଡରୁ ଟ୍ରେନ ଛାଡିବା ସମୟରେ ଟ୍ରେନ ହାୱାଡାରୁ ଆସି ପହଞ୍ଚିଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଏହା ଲୋକଙ୍କ ପାଇଁ ଏକ ବଡ ସମସ୍ୟା ହୋଇଥିବା ବେଳେ ଜଣେ ବି ଜନପ୍ରତିନିଧି ଏଥିପ୍ରତି ମୁହଁ ଖୋଲିନାହାନ୍ତି। ଟ୍ରେନ ସମୟ ବ୍ୟବସ୍ଥିତ କରିବା ପାଇଁ ପଦୁଟିଏ ବି ରେଳ ବିଭାଗକୁ ଜଣାଇନାହାନ୍ତି। ଅନେକ ସଚେତନ ନାଗରିକ ସାମାଜିକ ଗଣମାଧ୍ୟମ ଜରିଆରେ ଏନେଇ ରେଳ ବିଭାଗ ପାଖରେ ନିଜ ଅଭିଯୋଗ ରଖିଛନ୍ତି। ବାରମ୍ବାର ଏନେଇ ଦୃଷ୍ଟି ଆକର୍ଷଣ କରିବା ସତ୍ତ୍ୱେ ରେଳ ବିଭାଗ ସେଥିପ୍ରତି କେବେ ଗୁରୁତ୍ୱ ଦେଉନି। ଏହାର ପ୍ରଭାବ ଟିକେଟ ବିକ୍ରି ଉପରେ ମଧ୍ୟ ପଡିଛି। ବିଳମ୍ବ ହେଉଥିବା ଯୋଗୁ ଏହି ଟ୍ରେନରେ ନିର୍ଭର କରୁଥିବା ଯାତ୍ରୀ ବାଧ୍ୟ ହୋଇ ଅନ୍ୟ ଟ୍ରେନ କିମ୍ବା ବସ୍ ଉପରେ ନିର୍ଭର କରିବା ଆରମ୍ଭ କରିଛନ୍ତି। ଏହାଫଳରେ ଏହି ଟ୍ରେନର ରାଜସ୍ୱ ମଧ୍ୟ ପ୍ରଭାବିତ ହୋଇଛି।

# ବଲାଙ୍ଗିରର ଗର୍ବ ପାୟଲ୍ ନାଗଙ୍କୁ ଐତିହାସିକ ସ୍ୱାଗତ



ମୁରିବାହାଲ,୨୮ ।୫(ସମିସ): ବିଶ୍ୱ ମଞ୍ଚରେ ଭାରତର ଗୌରବ ବଢ଼ାଇବା ପରେ ଜନ୍ମମାଟିକୁ ଫେରିଛନ୍ତି ବଲାଙ୍ଗୀରର ଗର୍ବ ପାୟଲ୍ ନାଗ। ବ୍ୟାଙ୍କକରେ ଅନୁଷ୍ଠିତ ହ୍ୟୁଣ୍ଡାଇ ବିଶ୍ୱ ଆର୍ଚେରୀ ପାରା ସିରିଜ୍‌ରେ ବିଶ୍ୱର ଏକ ନମ୍ବର ଖେଳାଳିଙ୍କୁ ସେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ଜିତିବା ପରେ ମୁରିବାହାଲ ଫେରିଛନ୍ତି। ଏହି ଅବସରରେ ଗୁଡିଘାଟ ଛକଠାରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପାୟଲ୍ ଘରକୁ ଫେରୁଥିବା ଖବର ପାଇ ସକାଳୁ ସକାଳୁ ଗୁଡିଘାଟ ଛକଠାରେ ଶଶ ଶହ ଲୋକଙ୍କ ସମାଗମ ହୋଇଥିଲା। ପାୟଲ୍ ପହଞ୍ଚିବା ମାତ୍ରେ ଉପସ୍ଥିତ ଜନତା ଓ ସମର୍ଥକ ତାଙ୍କୁ ଫୁଲମାଳ ଦେଇ ସ୍ୱାଗତ କରିଥିଲେ। ଜଣେ ଦିବ୍ୟାଙ୍ଗ ଝିଅର ଏହି ସଫଳତା ପ୍ରତ୍ୟେକଙ୍କ ଆଖିରେ

**ବ୍ୟାଙ୍କକରେ ଅନୁଷ୍ଠିତ ହ୍ୟୁଣ୍ଡାଇ ବିଶ୍ୱ ଆର୍ଚେରୀ ପାରା ସିରିଜ୍‌ରେ ଭାଗନେଲେ**

**ବିଶ୍ୱର ଏକ ନମ୍ବର ଖେଳାଳିଙ୍କୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ଜିତିଲେ**

ଆନନ୍ଦର ଅଶ୍ରୁ ଆଣିଦେଇଥିଲା। କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ମୁରିବାହାଲ ବିଡ଼ିଓ ବାସନ୍ତୀ ସେଠୀ, ତହସିଲଦାର ଜଗଦୀଶ କର୍ତ୍ତାମୀଙ୍କ ସମେତ ବ୍ଲକ ପ୍ରଶାସନର ବହୁ ବରିଷ୍ଠ ଅଧିକାରୀ, ବିଭିନ୍ନ ରାଜନୈତିକ ଦଳର ବରିଷ୍ଠ ନେତା ଓ ଅନୁଷ୍ଠାନ କର୍ମକର୍ତ୍ତା ଏହି ସ୍ୱାଗତ ଉତ୍ସବରେ ସାମିଲ ହୋଇଥିଲେ।

# ରକ୍ତ ସମ୍ପର୍କ ନ ଥାଇ ବି ଶେଷ ସାଥୀ ସାଜିଲେ ସ୍ୱେଚ୍ଛାସେବୀ

ବଲାଙ୍ଗିର,୨୮ ।୫(ସମିସ): ସେହି ଅଚିହ୍ନାଙ୍କର ପରିଚୟ କ'ଣ? ଏହି ପ୍ରଶ୍ନର ଉତ୍ତର ଆଜି କାହା ପାଖରେ ନାହିଁ। ସଂସାରରେ କେହି ଆପଣାର ଥିଲେ କି ନାହିଁ ତାହା ବି ରହସ୍ୟ। କିନ୍ତୁ ମୃତ୍ୟୁ ପରେ ସେମାନଙ୍କ ଅନ୍ତିମ ସତ୍କାର ଅଟକିଗଲା ନାହିଁ। ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନ ସମ୍ମାନ ପୂର୍ବକ ଅନ୍ତିମ ସତ୍କର କରିଛି।



ମେ ୨୨ ତାରିଖ ସନ୍ଧ୍ୟା ପ୍ରାୟ ୫ଟାରେ ବଲାଙ୍ଗିର ସହରର ପଥରଚେପାରେ ଜଣେ ବୃଦ୍ଧା ଅଚେତ୍ ଅବସ୍ଥାରେ ପଡ଼ି ରହିଥିଲେ। ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇ ସଦର ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନେଇଥିଲା। ମାତ୍ର ସେତେବେଳକୁ ବହୁତ ବିଳମ୍ବ ହୋଇସାରିଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଅନ୍ୟ ଏକ ଘଟଣାରେ ଜଣେ ୬୫ ବର୍ଷର ଅଜଣା ବୃଦ୍ଧ ରୋଗଗ୍ରସ୍ତ ହୋଇ ଗତ ଫେବୃଆରୀ ୯ ତାରିଖରୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ମେ ୨୩ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। ତୃତୀୟ ଜଣକ ହେଉଛନ୍ତି ପିପଲ ବାହାଲ (ଲାଠୋର ଥାନା) ଅଞ୍ଚଳର। ତାଙ୍କ ବୟସ ପାଖାପାଖି ୫୦ ବର୍ଷ ହେବ। ମେ ୧୫ ତାରିଖରୁ ସେ ପାଟଣାଗଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ମେ ୨୪ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। ନିୟମ ଅନୁଯାୟୀ ଶବ ବ୍ୟବଚ୍ଛେଦ ପରେ ୭୨ ଘଣ୍ଟା ପର୍ଯ୍ୟନ୍ତ ଶବ ସଂରକ୍ଷଣ କେନ୍ଦ୍ରରେ ଏହି ୩ଟି ମୃତଦେହକୁ ରଖାଯାଇଥିଲା; କିନ୍ତୁ ପରିବାର ଲୋକ କିମ୍ବା ସମ୍ପର୍କୀୟଙ୍କ ସନ୍ଧାନ ମିଳି ନ ଥିଲା। ଏହାପରେ ପୁଲିସ ପକ୍ଷରୁ ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନକୁ ଯୋଗାଯୋଗ କରାଯାଇଥିଲା। ଖବର ପାଇବା ପରେ ସଂଗଠନର ପ୍ରମୁଖ ସଦସ୍ୟ ଗୋବିନ୍ଦ ଚନ୍ଦ୍ର ଶତପଥୀ, ଉତ୍ତମ ନନ୍ଦ, ଦେବରାଜ ନାଗ, ସରୋଜ ଜାଲ ଏବଂ ଶିବ ବେହେରା ସମ୍ମାନର ସହ ଶବ ସଂରକ୍ଷଣ ଗୃହରୁ ୩ଟି ଯାକ ମୃତଦେହକୁ ଉଦ୍ଧାର ନେଇ ଶେଷ ସମ୍ମାନ ଜଣାଇବା ପୂର୍ବକ ଶେଷକୃତ୍ୟ ସମ୍ପନ୍ନ କରିଛନ୍ତି।

# ଜୟପୁରରେ ରହଣୀ; କଣ୍ଟାବାଞ୍ଜିରେ କ୍ରିକେଟ ବେଟିଂ

**ସବୁ ଜାଣି ମଧ୍ୟ ସ୍ଥାନୀୟ ପୁଲିସ ଚୁପ୍**

କଣ୍ଟାବାଞ୍ଜି,୨୮ ।୫(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜିରେ ଆଇପିଏଲ କ୍ରିକେଟ ମ୍ୟାଚକୁ ନେଇ ଏବେ ବେଧଡକ ଭାବେ କ୍ରିକେଟ ବେଟିଂ କାରବାର ଚାଲିଛି। ଫାଇନାଲ ମ୍ୟାଚ୍ ଯେତେ ପାଖେଇ ଆସୁଛି ବେଟିଂ କାରବାର ସେତେ ବଢୁଛି। ତେବେ ସବୁ ଜାଣି ମଧ୍ୟ ସ୍ଥାନୀୟ ପୁଲିସ ହାତ ବାନ୍ଧି ଚୁପ୍ ରହିଛି। କଣ୍ଟାବାଞ୍ଜିର ଆଶିଷ ନାମକ ଜଣେ ଯୁବକ ଜୟପୁରରେ ବସବାସ କରୁଥିବା ବେଳେ ଏହାର ସୁଯୋଗ ନେଇ ଏହି ବେଆଇନ ବେଟିଂ ସାମ୍ରାଜ୍ୟ ଚଳାଇଛି। ଆଶିଷ ପାଖରେ ପ୍ରତ୍ୟେକ ଦିନ ଯୁବକମାନେ ଇଣ୍ଟରନେଟରେ ସାଇଟ୍ ମଧ୍ୟରେ ଲକ୍ଷ ଲକ୍ଷ ଟଙ୍କା ଲଗାଉଛନ୍ତି। ସେ ଖୋଲାଖୋଲି ଏହି ବେଆଇନ କ୍ରିକେଟ ବେଟିଂ କାରବାର କରୁଛି। ପୁଲିସ ପ୍ରତି ତାର ତିଳେ ମଧ୍ୟ ଭୟ ନାହିଁ। ଅନ୍ୟପକ୍ଷେ ଆଶିଷର ବାପା ମଧ୍ୟ ଏହି କାରବାରରେ ସହଯୋଗ କରୁଥିବା ବିଶେଷ ସୂତ୍ରରୁ ଜଣାପଡିଛି। କଣ୍ଟାବାଞ୍ଜି ପୁଲିସ ସହରରେ ଚାଲିଥିବା ଏହି ରାକେଟକୁ ନେଇ ଅବଗତ ଥିବା ପରେ ମଧ୍ୟ ଆଶିଷକୁ ଧରିବାକୁ ବିଫଳ ହେଉଛି। ଲୋକ ଲକ୍ଷାଧିକ ଟଙ୍କା ହରାଉଥିବା ବେଳେ କ୍ରିକେଟ ବେଟିଂ କାରବାର କରୁଥିବା ଗଦିଦାର ମାଲେମାଲ ହେଉଛନ୍ତି। ସେହିପରି କଣ୍ଟାବାଞ୍ଜିରେ ହରିଶ ନାମକ ଆଉ ଜଣେ ଯୁବକ ମଧ୍ୟ ଖୋଲାଖୋଲି ବେଟିଂ କାରବାର ଚଳାଇଛି।

**ଆଶିଷ ଓ ହରିଶ ବେଟିଂରେ ମାତିଛନ୍ତି ଶହ ଶହ ଯୁବକ**

**ବନ ବିଭାଗର ମନମୁଖୀ କାର୍ଯ୍ୟ**

# ବଡ଼ବାଙ୍କି ନର୍ସରୀରେ ମରିଗଲା ୫୦ ହଜାର ଚାରା

**ପାଣିରେ ପଡ଼ିଲା ୨୯ ଲକ୍ଷରୁ ଅଧିକ ଟଙ୍କା**

କଣ୍ଟାବାଞ୍ଜି,୨୮ ।୫(ସମିସ): ସୁନ୍ଦର ପରିବେଶ ଗଢି ଉଠିବ। ଜଙ୍ଗଲ ସୃଷ୍ଟି ହେବ। ଏହି ଲକ୍ଷ୍ୟ ନେଇ ବନ ବିଭାଗ ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ଚାରା ରୋପଣ କରିବାକୁ ଚାରା ପ୍ରସ୍ତୁତ କରାଯାଉଛି; ହେଲେ ହଜାର ହଜାର ଚାରା ନଷ୍ଟ ହେଉଛି। ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ରେଞ୍ଜ ଅଧୀନ ବଡବାଙ୍କି ଗାଁରେ ଏହାର ପ୍ରମାଣ ମିଳିଛି। ଏହି ଗାଁରେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା ବଙ୍ଗୋମୁଣ୍ଡା ରେଞ୍ଜ ପକ୍ଷରୁ ଏକ ନର୍ସରୀ ରହିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ୨୯ ଲକ୍ଷ ୧୦ ହଜାର ୨୯୩ ଟଙ୍କା ଖର୍ଚ୍ଚ କରି ଏଠାରେ ୫୦ ହଜାର ଚାରା ତିଆରି କରାଯାଇଛି; ହେଲେ ଜଙ୍ଗଲରେ ଚାରା ରୋପଣ କରା ଗଲାନି। ନର୍ସରୀରେ ହଜାର ହଜାର ଚାରା ପଡ଼ି ରହିଛି। ଗ୍ରୀଷ୍ମ ପ୍ରବାହ ସମୟରେ ରକ୍ଷଣାବେକ୍ଷଣ ଅଭାବରୁ ଏବେ ସବୁ ଚାରା ମରି ଯାଇ ମାଟିରେ ମିଶି ଗଲାଣି। ସରକାରୀ ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଯେଉଁ ଉଦ୍ଦେଶ୍ୟରେ ଚାରା ତିଆରି



କରାଗଲା ଦାୟିତ୍ୱରେ ଥିବା ବନ ବିଭାଗ ଅଧିକାରୀଙ୍କ ଅବହେଳା ଯୋଗୁଁ ସରକାରୀ ସମ୍ପତ୍ତି ଏବେ ନଷ୍ଟ ହୋଇଛି। ବଡ଼ବାଙ୍କିରେ ବନପାଳ ନବ ଦାସଙ୍କ ଘର। ସେଏଠାକାର ଦାୟିତ୍ୱରେ ଅଛନ୍ତି। ଗାଁରେ ରହି ମଧ୍ୟ ଏଥିପ୍ରତି ନଜର ନ ଦେବା ପରିତାପର ବିଷୟ। ଅନ୍ୟପକ୍ଷେ ଚାରା ରକ୍ଷଣାବେକ୍ଷଣ ନାଁରେ କର୍ମଚାରୀ, ଜଗୁଆଳି ନିଯୁକ୍ତି ହୋଇଛନ୍ତି। ହଜାର ହଜାର ଟଙ୍କା ଦରମା ନେଉଛନ୍ତି। ସେମାନେ କେମିତି ହଜାର ହଜାର ଚାରା ରକ୍ଷଣାବେକ୍ଷଣ କଲେ ନାହିଁ ତାହା ଆଉ ଏକ ପ୍ରଶ୍ନ। ଯେଉଁ କାମ ପାଇଁ ସେମାନେ ନିଯୁକ୍ତି ହୋଇଛନ୍ତି ସେହି କାମ କାହିଁକି କରୁନାହାନ୍ତି ବୋଲି ପ୍ରଶ୍ନ ଉଠୁଛି। ଆଗକୁ ବର୍ଷା ଦିନ। ଜଙ୍ଗଲରେ ଚାରା ରୋପଣ ହୋଇଥାଆନ୍ତା; କିନ୍ତୁ ଏବେ ଚାରା ସବୁ ମରିଗଲା। ବଡବାଙ୍କି ଅଞ୍ଚଳରେ ରୋପଣ କରିବା ପାଇଁ ବନ ବିଭାଗ ପାଖରେ ଚାରା ନାହିଁ। ଏବେ ଅନ୍ୟ ଅଞ୍ଚଳରୁ ଚାରା ଆଣିବାକୁ ପଡିବ। ତା ପରେ ଯାଇ ଚାରା ରୋପଣ ହେବ।

# ଇଟାଭାଟିରୁ ଭିଟାମାଟିକୁ ଫେରିଲା ଶବ

**ବୃଦ୍ଧା ମା', ରୋଗଗ୍ରସ୍ତ ବଡ଼ ଭାଇଙ୍କ ସାହାରା ଥିଲେ**

କଣ୍ଟାବାଞ୍ଜି/ତୁରେକେଲା,୨୮ ।୫(ସମିସ): ଗାଁରେ ରୋଜଗାର ନାହିଁ। ଅତି ଗରିବ ଶ୍ରେଣୀର ପରିବାର। କାମ ନ କଲେ ପେଟରେ ଦାନା ପଡ଼େନାହିଁ। ସେଥିପାଇଁ ଭିଟାମାଟି ଛାଡ଼ି ରାଜ୍ୟ ବାହାରର ଇଟାଭାଟିକୁ କାମ କରିବାକୁ ଯାଇଥିଲେ। ହେଲେ ଘରକୁ ଶବ ଫେରିଛି। ଏହାକୁ ନେଇ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ବଲାଙ୍ଗୀର ଜିଲ୍ଲାର ଦାଦାନ ଗଡ଼ ଭାବେ ଜଣାଶୁଣା ତୁରେକେଲା ଥାନା ଅଧୀନ ବୁଡିବାହାଲ ଗାଁରେ ଏହିଭଳି ଏକ ହୃଦୟବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି। ଏହି ଗାଁର ବରୁଣ ମାଝି (୩୫)ଙ୍କ ଶବ ଫେରିଛି। ତାଙ୍କ ପରିବାର କହିଲେ ମାଁ ଅମ୍ବିକା ମାଝି ଓ ବଡ଼ ଭାଇ ଦୁର୍ଯ୍ୟୋଧନ ମାଝି। ବାପା ବସେନ୍ଦୁ ମାଝୀଙ୍କ ୧୫ ବର୍ଷ ତଳେ ମୃତ୍ୟୁ ଘଟିଛି। ମାଁଙ୍କ ବୟସ ୬୦ରୁ ଅଧିକ। ଭାଇ ରୋଗଗ୍ରସ୍ତ ହେତୁ ବିଛଣାରେ ପଡିଛନ୍ତି। ଏମାନଙ୍କ ପାଇଁ ଏକ ମାତ୍ର ସାହାରା ଥିଲେ ସାନ ପୁଅ ବରୁଣ। ସେଥିପାଇଁ ଗତ ଡିସେମ୍ବର ମାସରେ ଖଡ଼ିଆଳ ଅଞ୍ଚଳର ଜଣେ ଦାଦନ ସର୍ଦ୍ଦାରଠାରୁ ଅଗ୍ରୀମ ଟଙ୍କା ଆଣି ବରୁଣ ଆନ୍ଧ୍ରପ୍ରଦେଶର ଏକ ଇଟାଭାଟିକୁ କାମ କରିବାକୁ ଯାଇଥିଲେ। ଆଉ କିଛି ଦିନ ପରେ ଘରକୁ ଫେରିବେ ବୋଲି ମାଁକୁ ଫୋନ୍ କରି ବରୁଣ କହିଥିଲେ; କିନ୍ତୁ ହଠାତ୍ ଫୋନ୍ ଆସିଲା ସେ ଆନ୍ଧ୍ରପ୍ରଦେଶର ଏକ ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ଆଖି ବୁଜିଛନ୍ତି। ଏକଥା ଶୁଣିବା ପରେ ତାଙ୍କ ମାଁଙ୍କ ପାଦ ତଳୁ ମାଟି ଖସିଗଲା ପରି ଲାଗିଛି। ଇଟାଭାଟି ମାଲିକ ଆମ୍ବୁଲାନ୍ସ ଯୋଗେ ତାଙ୍କ ମୃତଦେହ ଗାଁରେ ପହଞ୍ଚାଇଛନ୍ତି। ତେବେ ସୁସ୍ଥ ଥିବା ବରୁଣଙ୍କ କେମିତି ହଠାତ୍ ମୃତ୍ୟୁ ହେଲା ତାହା ବର୍ତ୍ତମାନ ମଧ୍ୟ ରହସ୍ୟ ଘେରରେ ରହିଛି। ଘଟଣାକୁ ଚାପି ଦେବାକୁ ପ୍ରଶାସନ ପକ୍ଷରୁ ପ୍ରୟାସ ଜାରି ରହିଛି। ରୋଜଗାରିଆ ପୁଅକୁ ହରାଇ ମାଁ ଓ ବଡ଼ ଭାଇ ଭାଙ୍ଗି ପଡିଛନ୍ତି। ଏମାନେ ଏବେ କିଭଳି ଚଳିବେ ତାହା ଚିନ୍ତାର ବିଷୟ।





# କଣ୍ଟାବାଞ୍ଜି ଷ୍ଟେସନରେ ଯାତ୍ରୀଙ୍କୁ ଜଳ ବଣ୍ଟନ




କଣ୍ଟାବାଞ୍ଜି,୨୮ ।୫(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ରେଳ ଷ୍ଟେସନରେ ଖ୍ରୀଷ୍ଟାନ୍ ସମାଜ ପକ୍ଷରୁ ଯାତ୍ରୀଙ୍କୁ ଥଣ୍ଡା ପାନୀୟ ଜଳ ବଣ୍ଟନ କରାଯାଇଛି। ଯୁବ ସଂଗଠନ ସଭାପତି ମନୋଜ ସାହୁଙ୍କ ନେତୃତ୍ୱରେ ରବୀନ୍ଦ୍ର ସେନାପତି, ଡାନିଏଲ ନାଗ, ବିଜୟ ବାରିକ, ରିଙ୍କୁ ରଜନୀ ପାତ୍ର, ବିନୟ ଲୋହାର୍, ପ୍ରମୋଦ କୁମାର, ସୁବ୍ରତ କୁମାର, ରାକେଶ କମଲେ, ସମିତ ଦଳେଇ, ଅଶମିତ ମେହେର, ସୁଚିତ୍ରା ଦଳାଇ, ତରୁଣ ସାହୁ, ଦୀପ୍ତିରାଜି ପାତ୍ର, ସୁଜତା କମଲେ, ସବିତା ନାଗ, ଶିବାନୀ ମେହେର, ନିହାରୀ ପାତ୍ର, ନିବେଦିତା ପାତ୍ର, ନିଳିମା ନାଗ, ସୋଲୋନି ଲୋହାର ପ୍ରମୁଖ ଉପସ୍ଥିତ ଥିଲେ।

# ଅଭିଶପ୍ତ ଗାଁ 'କୋସଲପଡ଼ା'

ବଲାଙ୍ଗିର/ଖପ୍ରାଖୋଲ,୨୮।୫(ସମିସ)

ରାଜ୍ୟରେ ଡବଲ ଇଞ୍ଜିନ ସରକାର ବିକଶିତ ଗାଁ ବିକଶିତ ଓଡିଶାର ନାରା ଦେଉଛନ୍ତି। ଉତ୍ତମ ସ୍ୱାସ୍ଥ୍ୟସେବା ସହ ଗାଁ ଭିତ୍ତିଭୂମି ସୁଦୃଢର କଥା କହୁଛନ୍ତି; ହେଲେ ବଲାଙ୍ଗିର ଜିଲ୍ଲାରେ ଏମିତି ଏକ ଗାଁର ଦୃଶ୍ୟ ସାମ୍ନାକୁ ଆଣିଛି; ଯାହା ଏହି ସବୁ ନାରାବାଜିକୁ ଶକ୍ତ ଧକ୍କା ଦେଇଛି। ବର୍ଷ ବର୍ଷ ହେଲା ଗାଁକୁ ରାସ୍ତାଟିଏ ନ ଥିବା ବେଳେ ଆମ୍ବୁଲାନ୍ସ ବି ରୋଗୀଙ୍କୁ ନେବା ପାଇଁ ଆସିବାକୁ ଅସମର୍ଥ। ଗୁରୁତର ରୋଗୀଙ୍କୁ ଭାର ହିଁ ସାହାରା। ଏହିଭଳି ଅଭିଶପ୍ତ ଗାଁ ହେଉଛି ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ଘୁନସର ପଞ୍ଚାୟତ ଚଚରଭଟା ଗାଁ ନିକଟରେ ଥିବା କୋସଲପଡ଼ା।

ପ୍ରାୟ ୨୦ରୁ ୨୫ବର୍ଷ ହେଲା ପ୍ରାୟ ୨୦ ପରିବାର ଏହି ଗାଁରେ ରହିଆସୁଛନ୍ତି; କିନ୍ତୁ ଆଜି ପର୍ଯ୍ୟନ୍ତ ଏହି ବାସିନ୍ଦାଙ୍କୁ ମୌଳିକ ସୁବିଧା ମିଳିପାରିନି। ଗତ ସୋମବାର ଏହି ଗାଁରୁ ଏକ ଦୁର୍ଭାଗ୍ୟଜନକ ଦୃଶ୍ୟ ସାମ୍ନାକୁ ଆସିଥିଲା। ଗାଁର ଜଣେ ଗର୍ଭବତୀଙ୍କୁ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ବୋହି ବୋହି ଆଣିବାକୁ ପାଇଥିଲା। ପରିଣାମ ସ୍ୱରୂପ ସଂପୃକ୍ତ ମହିଳା ଜଣକ ଜନ୍ମ ଦେଇଥିବା ୨ଶିଶୁଙ୍କୁ ହରାଇଥିଲେ। ଗର୍ଭ ଯନ୍ତ୍ରଣା ହେବାରୁ ତାଙ୍କ ସ୍ୱାମୀ ୧୦୮ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ଆମ୍ବୁଲାନ୍ସ ଆସିଥିଲା; ହେଲେ ଗାଁକୁ ରାସ୍ତା ନ ଥିବାରୁ ୩ କିମି ପୂର୍ବରୁ ହିଁ ଅଟକି ରହିଥିଲା। ଏହା ଫଳରେ ଗର୍ଭବତୀ ସ୍ତ୍ରୀକୁ ନେଇ ସେ ଚାଲିଚାଲି କିଛି ଦୂର ଯାଇଥିଲେ। ଅଧାବାଟରେ ଯନ୍ତ୍ରଣା ଅଧିକ ହେବାରୁ ତାଙ୍କୁ ଏକ ଭାର କରି ୨ ଜଣ ବୋହି କିଛି ଦୂର ଆଣିଥିଲେ। ପରେ ୩ ଜଣ ଆମ୍ବୁଲାନ୍ସ କର୍ମଚାରୀ ଷ୍ଟ୍ରେଚର ନେଇ ଆମ୍ବୁଲାନ୍ସକୁ ଆଣିଥିଲେ। ଏହି ୩ କିମି ଭିତରେ ମହିଳା ଜଣଙ୍କ ସହିଥିବା ଯନ୍ତ୍ରଣା ତାଙ୍କ ଗର୍ଭ ଯନ୍ତ୍ରଣାକୁ ଦ୍ୱିଗୁଣିତ କରିଥିଲା। ଜନ୍ମ ନେଇଥିବା ଦୁଇ ଶିଶୁ ଆଖି ବୁଜି ଦେଇଥିଲେ। ଏହି ଘଟଣା ହିଁ ଏହି ବାସିନ୍ଦାଙ୍କ ପାଇଁ ଜୀବନ କେତେ ଅଭିଶପ୍ତ ତାହା ସ୍ପଷ୍ଟ କରିଛି। ତେବେ ଏହା କେବଳ ଗୋଟିଏ ଘଟଣା ନୁହଁ; ଏହି ଛୋଟିଆ ଗାଁ ବା ବସ୍ତିରେ ରହୁଥିବାଲୋକଙ୍କ ପାଇଁ ଏହି ଅଭିଶପ୍ତ ଜୀବନ ଦେହସୁହା ହୋଇଗଲାଣି। ରାସ୍ତା ନ ଥିବାରୁ କୌଣସି ପ୍ରଶାସନିକ ଅଧିକାରୀ ଗାଁକୁ ଯାଉ ନାହାନ୍ତି। କୌଣସି ସରକାରୀ ଯୋଜନାର ଯାଞ୍ଚ ପାଇଁ ମଧ୍ୟ କେହି ଯାଆନ୍ତି ନାହିଁ। ଗାଁର ଶିଶୁଙ୍କ ପାଇଁ ଶିକ୍ଷା ବହୁ ଦୂରରେ ରହିଥିବା ବେଳେ ସ୍ୱାସ୍ଥ୍ୟ ବ୍ୟବସ୍ଥା ଓ ସୁବିଧା ନ କହିବା ଭଲ। ପିଇବା ପାଣି ପାଇଁ ମଧ୍ୟ ଗାଁରେ ଥିବା ଏକ କୂଅ ହିଁ ଭରସା। ଏମାନେ ସ୍ୱାଧୀନ ଭାରତରେ ରହୁଛନ୍ତି ସତ; କିନ୍ତୁ ଆଜି ବି ସେମାନେ ବିଚ୍ଛିନାଞ୍ଚଳର ଲୋକଙ୍କ ଭଳି ଜୀବନ ବିତାଉଛନ୍ତି। ବଲାଙ୍ଗିର ଭଳି ଏକ ଜିଲ୍ଲାରେ ଥିବା କୋସଲପଡ଼ା ପ୍ରଶାସନିକ ଅବହେଳା ଓ ଅଣଦେଖାର ଏକ ବଡ଼ ଉଦାହରଣ।





**● ସବୁ ସରକାରୀ ସୁବିଧା, ସୁଯୋଗରୁ ବଞ୍ଚିତ**

**● ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ଆଜି ବି ସ୍ୱପ୍ନ**

**● ଜରୁରୀ ସମୟରେ ଗାଁକୁ ଆମ୍ବୁଲାନ୍ସ ପହଞ୍ଚିପାରେନି**

**● ତୁଲଣ୍ଡିରେ ପିଇବା ପାଣି, ଅର୍ଡାରେ ବିଜୁଳି ସମସ୍ୟା**

# ନରସିଂହଙ୍କ ହସ୍ତକ୍ଷେପ ଲୋଡ଼ିଲେ ଗ୍ରାମବାସୀ

ବଲାଙ୍ଗିର,୨୮ ।୫(ସମିସ): ବଲାଙ୍ଗିର ସଦର ବ୍ଲକ ମିର୍ଦ୍ଧାପାଲି ପଞ୍ଚାୟତର ତୁଲଣ୍ଡି ଗାଁରେ ପିଇବା ପାଣି ଘୋର ସମସ୍ୟା ଦେଖା ଦେଇଛି। କେନ୍ଦ୍ର ସରକାରଙ୍କ ବସୁଧା ଯୋଜନା ଅଧୀନ ପ୍ରତ୍ୟେକ ଘରକୁ ଘର ନଳ ଯୋଗେ ପିଇବା ପାଣି ପହଞ୍ଚାଇବା ଯୋଜନା ଗ୍ରାମାଞ୍ଚଳରେ ସମ୍ପୂର୍ଣ୍ଣ ଫେଲ୍ ମାରିଛି। ତୁଲଣ୍ଡି ଗାଁ ପଟରେ ଯାଇଥିବା ସୁକତେଲ ନଦୀରେ ଜଳସ୍ତର ତଳକୁ ତଳ ଯାଉଛି। ନଦୀ ହୁଡାରେ ଖନନ କରାଯାଇଥିବା ଗଭୀର ନଳକୂଳରେ ପାଣି ହେଉନାହିଁ। ତେଣୁ ଏହାର ପ୍ରତିକାର ପାଇଁ ଗ୍ରାମବାସୀ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ରଙ୍କୁ ଗୁହାରି କରିଛନ୍ତି। ଶ୍ରୀ ମିଶ୍ର ଫୋନ ଯୋଗେ ବିଭାଗୀୟ ଯନ୍ତ୍ରୀଙ୍କ ସହ କଥା ହୋଇଛନ୍ତି। ନଦୀ ମଧ୍ୟ ଭାଗରେ ଆଉ ଏକ ଇନଟେକ ୱେଲର ବ୍ୟବସ୍ଥା କରିବାକୁ କହିଛନ୍ତି। ସମସ୍ୟା ସମାଧାନ ନ ହେବା ପର୍ଯ୍ୟନ୍ତ ଗାଁବାସୀଙ୍କ ପାଇଁ ଆଉ ଏକ ନଳକୂପ ଖନନର ବ୍ୟବସ୍ଥା କରିବା ପାଇଁ କହିଥିଲେ। ଦେଓଗାଁ ବ୍ଲକ୍ ଗାଇବାହାଲ ପଞ୍ଚାୟତର



ଲୋକେ ମଧ୍ୟ ବିଜୁଳି ସମସ୍ୟାକୁ ନେଇ ଶ୍ରୀ ମିଶ୍ରଙ୍କ ଆବାସିକ କାର୍ଯ୍ୟାଳୟକୁ ଆସି ଅଭିଯୋଗ କରିଛନ୍ତି। ଗ୍ରାମବାସୀ ବିଜୁଳି ବିଲ୍ ଠିକ୍ ସମୟରେ ପଇଠ କରୁଛନ୍ତି; ବାରମ୍ବାର ବିଜୁଳି ବିଭ୍ରାଟ ହେଉଛି। ସେଠାରେ ଲାଗିଥିବା ୧୦୦ କେଭିର ଟ୍ରାନ୍ସଫର୍ମରରେ ବାରମ୍ବାର ସମସ୍ୟା ଦେଖାଯାଉଛି। ଏଠାରେ ୧୦୦ କେଭିରୁ ୨ ଗୁଣ ଉର୍ଦ୍ଧ୍ୱ କ୍ଷମତା ସମ୍ପନ୍ନ ଟ୍ରାନ୍ସଫର୍ମର ଆବଶ୍ୟକତା ଅଛି। ତେଣୁ ଟ୍ରାନ୍ସଫର୍ମରର ଅପଗ୍ରେଡେସନ ପାଇଁ ବ୍ୟବସ୍ଥା କରାଇବାକୁ ଲୋକେ ଦାବି କରିଥିଲେ। ଏହାକୁ ନେଇ ବିଦ୍ୟୁତ୍ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ ସହ ଶ୍ରୀ ମିଶ୍ର କଥା ହୋଇଛନ୍ତି। ଟ୍ରାନ୍ସଫର୍ମରକୁ ଯେତେ ଶୀଘ୍ର ହେବ ଅପଗ୍ରେଡେସନ କରାଇବା ପାଇଁ କହିଥିଲେ। ସୁମନ୍ତ ସାମଲ, ସୁଶାନ୍ତ ବିଶ୍ୱାଳ, ସମ୍ବିତ ଭୋଇ, ନରାକାର ମେହେର, ଦିବାକର ମେହେର, କାହ୍ନୁ ମେହେର, ଅନି ମାଝି, ଗୋବିନ୍ଦ ମେହେର, କୁମର ମେହେର, ଭୁବନ ରଣା, ଲବର ଜୁଏଡ, ବିକ୍ରମ ମେହେର ପ୍ରମୁଖ ନରସିଂହଙ୍କୁ ଭେଟି ନିଜ ଅଞ୍ଚଳର ସମସ୍ୟା ଅବଗତ କରାଯାଇଥିଲେ।

## ୮୨ ବର୍ଷ ବୃଦ୍ଧା ମାଆଙ୍କୁ ପୁଅ ଭାରରେ ବୋହିବା ପ୍ରସଙ୍ଗ

**ଲୋକଙ୍କ ସରକାର କେବଳ କାଗଜକଲମରେ ସୀମିତ**

# ଚର୍ଚ୍ଚାରେ ଜିଲ୍ଲାପାଳଙ୍କୁ ବିଡିଓଙ୍କ ଉତ୍ତର

ବନ୍ତ/ଆଗରପଡ଼ା,୨୮।୫(ସମିସ):

ଗତ ଶନିବାରଠାରୁ ସାମାଜିକ ସୁରକ୍ଷା ଯୋଜନାରେ ପ୍ରକୃତ ହିତାଧିକାରୀଙ୍କୁ ବଞ୍ଚିତ କରାଯାଇଥିବା ନେଇ ବନ୍ତ ବ୍ଲକ୍ ରାମଚନ୍ଦ୍ରପୁର ପଞ୍ଚାୟତ ଅଫିସ ସମ୍ମୁଖରେ ଗଣଧାରଣା ଅନୁଷ୍ଠିତ ହୋଇଥିଲା। ଉକ୍ତ ପଞ୍ଚାୟତରେ ମୁଖ୍ୟମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା, ରାସନକାର୍ଡରେ ଗରିବ ଲୋକଙ୍କୁ ଅନ୍ତର୍ଭୁକ୍ତ କରା ନ ଯିବା, ବାର୍ଦ୍ଧକ୍ୟ ଭତ୍ତାରୁ ବୃଦ୍ଧବୃଦ୍ଧା ଓ ବିଧବାମାନଙ୍କୁ ବଞ୍ଚିତ କରାଯିବା, ୮୦ ବର୍ଷରୁ ଊର୍ଦ୍ଧ୍ୱ ଭତ୍ତାଧାରୀଙ୍କୁ ୩୫୦୦ ଟଙ୍କା ଭତ୍ତା ପ୍ରଦାନରେ ଅବହେଳା ପ୍ରଦର୍ଶନ ସହିତ ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଆର୍ଥିକ ବାଟମାରଣା ପ୍ରତିବାଦରେ ରାମଚନ୍ଦ୍ରପୁର ପଞ୍ଚାୟତ ଅଫିସ ସମ୍ମୁଖରେ ଗଣଧାରଣା ଅନୁଷ୍ଠିତ ହୋଇଥିଲା। ରାମଚନ୍ଦ୍ରପୁର, ପାନପଦୀ, ବର୍ଚ୍ଛିକୟାଁ, ଗୋବିନ୍ଦପୁର, ସାହାରାଗଡ଼ିଆ, ବରପଦୀ ଆଦି ଗ୍ରାମର ମହିଳା ଓ ପୁରୁଷଙ୍କ ସମେତ ବିଭିନ୍ନ ଯୋଜନାରୁ ବାଦ୍ ପଡ଼ିଥିବା ପ୍ରକୃତ ହିତାଧିକାରୀ ଏହି ଗଣଧାରଣାରେ ସାମିଲ୍ ଥିଲେ। ସୋମବାର ମଧ୍ୟାହ୍ନରେ ଗଣଧାରଣାର ତୃତୀୟ ଦିନରେ ଏକ ଚକିତ ଘଟଣା ଦେଖିବାକୁ ମିଳିଥିଲା। ନିଜର ମୌଳିକ ଅଧିକାର ଟିକକ ପାଇଁ ଜଣେ ପୁଅକୁ ନିଜ ୮୨ ବର୍ଷର ବୃଦ୍ଧା ମାଆଙ୍କୁ ଭାରରେ ବୋହି ପଞ୍ଚାୟତ କାର୍ଯ୍ୟାଳୟ ଆଗକୁ ଆଣିବାକୁ ପଡ଼ିଥିଲା। ତେବେ ଏଠାରେ ବିଡିଓଙ୍କ ପକ୍ଷରୁ ଜିଲ୍ଲାପାଳଙ୍କୁ ଦିଆଯାଇଥିବା ଉତ୍ତର ଚିଠିକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ନିଜ ମୁଣ୍ଡରୁ ସମ୍ପୂର୍ଣ୍ଣ ଦାୟିତ୍ୱ ଖସାଇଦେବା ସହ ସମ୍ପୃକ୍ତ ହିତାଧିକାରୀଙ୍କ ମୁଣ୍ଡରେ ଦୋଷ ଲଦି ଦେବାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ରାମଚନ୍ଦ୍ରପୁର ପଞ୍ଚାୟତ ୬ନଂ ୱାର୍ଡର ସ୍ୱର୍ଗତ ଚୈତନ୍ୟଙ୍କ ପୁଅ ବନମାଳି ତାଙ୍କର ୮୨ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କା ମାଆ ଚନ୍ଦ୍ରମଣି ଯିଏକି ସରକାରଙ୍କ ଆବାସ ଯୋଜନା ଏବଂ ବର୍ଦ୍ଧିତ ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ହୋଇଥିବା ନେଇ ବାରମ୍ବାର ସ୍ଥାନୀୟ ପ୍ରଶାସନ ଓ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ଗୁହାରି କରିବା ସତ୍ତ୍ୱେ କୌଣସି ସୁଫଳ ପାଇପାରି ନ ଥିଲେ। ଶେଷରେ ବ୍ୟବସ୍ଥା ଉପରେ ଅତିଷ୍ଠ ହୋଇ ବନମାଳି ନିଜ ମାଆଙ୍କୁ ଏକ ଭାରରେ ବସାଇ କାନ୍ଧରେ ବୋହି ଆନ୍ଦୋଳନସ୍ଥଳକୁ ନେଇ ଆସିଥିଲେ। କାନ୍ଧରେ ମାଆଙ୍କୁ ବୋହି ଆଣୁଥିବାବେଳେ ପଛରେ ପାଣି ହାଣ୍ଡି ଓ ରୋଷେଇ ସାମଗ୍ରୀର ଭାର ମଧ୍ୟ ଝୁଲୁଥିବାର ଦେଖାଯାଇଥିଲା। ଉକ୍ତ ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ



ପାଇବା ପରେ ବ୍ଲକ୍ ପ୍ରଶାସନ ପକ୍ଷରୁ ପଞ୍ଚାୟତ ସମିତି ବନ୍ତ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୨୦୭୧/୨୬.୫.୨୦୨୬ରେ ଜିଲ୍ଲାପାଳଙ୍କୁ ବିଡିଓଙ୍କ ପକ୍ଷରୁ ଉତ୍ତର ରଖାଯାଇଥିଲା। ଯାହାକୁ ନେଇ ବର୍ତ୍ତମାନ ଚର୍ଚ୍ଚା ଜୋର୍ ଧରିଛି। ବର୍ତ୍ତମାନର ସରକାରଙ୍କ ଦାୟିତ୍ୱ ଗ୍ରହଣକୁ ୨ବର୍ଷ ପୂରିବାକୁ ଯାଉଥିବାବେଳେ ବିଭିନ୍ନ ବିଭାଗର ଅଧିକାରୀଙ୍କ କାର୍ଯ୍ୟକଳାପ ଲୋକଙ୍କ ସରକାର କହି ବୁଲୁଥିବା ସରକାରଙ୍କ କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଘଟଣା ଘଟିବା ପରେ ବିଡିଓ ଜିଲ୍ଲାପାଳଙ୍କୁ ଏନ୍‌ଏସ୍‌ଏପି ଯୋଜନାରେ ହିତାଧିକାରୀ ଚନ୍ଦ୍ରମଣୀଙ୍କ ବ୍ୟାଙ୍କ ଖାତାରେ ପ୍ରତି ମାସ ୧୦୦୦ ଟଙ୍କା ଜମା ହେଉଥିବା ଉଲ୍ଲେଖ କରିବା ସହ ଗତ ମାସରୁ ସରାକରଙ୍କ ନିର୍ଦ୍ଦେଶାନୁସାରେ ତାଙ୍କ ଖାତାରେ ଟଙ୍କା ଜମା ହୋଇପାରି ନାହିଁ। ଖୁବ୍‌ଶୀଘ୍ର ଏହା ଏରିଅର ଆକାରରେ ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ଜମା ହୋଇଯିବ ବୋଲି ଉଲ୍ଲେଖ କରିଛନ୍ତି। ତା’ ସହିତ ହିତାଧିକାରୀ ବର୍ଦ୍ଧିତ ଭତ୍ତା ପାଇଁ ଆଜି ସୁଦ୍ଧା କୌଣସି ଆବେଦନ କରି ନ ଥିବା ସୂଚନା ପ୍ରଦାନ କରିଛନ୍ତି। ତେଣୁ ଏଠାରେ ପ୍ରଶ୍ନ ଉଠେ ଜଣେ ହିତାଧିକାରୀଙ୍କ ବୟସ ୮୦ ବର୍ଷରୁ ଊର୍ଦ୍ଧ୍ୱ ହୋଇଯିବା ପରେ ଜନପ୍ରତିନିଧି କିମ୍ବା ବିଭାଗୀୟ ଅଧିକାରୀଙ୍କ କର୍ତ୍ତବ୍ୟ ନୁହେଁ କି ତାଙ୍କୁ ତାଙ୍କ ବର୍ଦ୍ଧିତ ଭତ୍ତା ପ୍ରଦାନ ନିମନ୍ତେ ଚେଷ୍ଟିତ ହେବା ଓ ଆବଶ୍ୟକ କାଗଜପତ୍ର ତାଙ୍କଠୁ ଆଦାୟ କରିବା। ବିଡିଓ ମହାଶୟଙ୍କ ଦାୟିତ୍ୱ ନୁହେଁ କି ଉକ୍ତ ବିଭାଗର ଦାୟିତ୍ୱରେ ଥିବା ଅଧିକାରୀଙ୍କଠାରୁ ୮୦ ବର୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କ ସୁବିଧାସୁଯୋଗ ଉପରେ ବିଚାରବିମର୍ଷ କରିବା? ତେଣୁ ଖାଲି ଚନ୍ଦ୍ରମଣୀ କାହିଁକି, ଏହିପରି ଅନେକ ହିତାଧିକାରୀ ଥିବେ ଯିଏକି ତାଙ୍କ ହକ୍ ପାଇବାରୁ ବଞ୍ଚିତ ହେଉଥିବେ। ତେଣୁ ଲୋକଙ୍କ ସରକାର କହି ବୁଲୁଥିବା ବର୍ତ୍ତମାନର ସରକାର ତାଙ୍କ ପ୍ରତିନିଧିଙ୍କୁ ପ୍ରତିଶ୍ରୁତି ପାଳନ ନିମନ୍ତେ ନିର୍ଦ୍ଦେଶ ଦେବା ସହ ଜିଲ୍ଲାପାଳ ବିଡିଓଙ୍କୁ ପ୍ରତ୍ୟେକ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ସେମାନଙ୍କ କାର୍ଯ୍ୟକୁ କାଗଜକଲମରେ ସୀମିତ ନ ରଖି ନିଜ କାର୍ଯ୍ୟକୁ ସୂଚାରୁରୂପେ ପ୍ରତିପାଦନ ନିମନ୍ତେ ନିର୍ଦ୍ଦେଶ ଦେବା ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି। କାରଣ ଅଧିକାରୀଙ୍କ ଏହିପରି କାର୍ଯ୍ୟ ଆଗାମୀ ଦିନରେ ପ୍ରଶାସନ ପାଇଁ କୌଣସି ବଡ଼ଧରଣର ସମସ୍ୟା ସୃଷ୍ଟି ନ କରିବ କିଏ କହିପାରିବ।

## ଏନ୍‌ସିସି କ୍ୟାମ୍ପରେ ରାଜ୍ୟର ୬୦୦ କ୍ୟାଡେଟ୍‌ଙ୍କ ଅଂଶଗ୍ରହଣ

ଭଦ୍ରକ,୨୮।୫(ସମିସ): ୭ ଓଡ଼ିଶା ବାଟାଲିୟନ୍ ଏନ୍‌ସିସି, ଭଦ୍ରକ ଦ୍ୱାରା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସରକାରୀ ଏସ୍‌ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ତିହିଡ଼ିଠାରେ ଗତ ୨୪ ତାରିଖରୁ ଆସନ୍ତା ଜୁନ୍ ୨ ପର୍ଯ୍ୟନ୍ତ ୧୦ ଦିନିଆ ମିଳିତ ବାର୍ଷିକ ତାଲିମ ଶିବିର ଆୟୋଜନ କରାଯାଉଛି। ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ମୋଟ୍ ୬୦୦ ଜଣ କ୍ୟାଡେଟ୍ ଏହି ଶିବିରରେ ଅଂଶଗ୍ରହଣ କରୁଛନ୍ତି। ଶିବିର କମାଣ୍ଡାଣ୍ଟ ଲେଫ୍ଟନାଣ୍ଟ କର୍ଣ୍ଣେଲ ଏସ୍‌ଏସ୍ ରଘୁବଂଶୀଙ୍କ ତତ୍ତ୍ୱାବଧାନରେ ଯୁବକମାନଙ୍କ ମଧ୍ୟରେ ନେତୃତ୍ୱ ଗୁଣ ଓ ଚରିତ୍ର ଗଠନ ପାଇଁ ଡ୍ରିଲ୍, ଅସ୍ତ୍ରଶସ୍ତ୍ର ତାଲିମ, ମ୍ୟାପ୍ ରିଡିଂ, ଫିଲ୍ଡ କ୍ରାଫ୍ଟ ଏବଂ ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ ଦିଆଯାଉଛି। ଶିବିରରେ ବୃକ୍ଷରୋପଣ ଏବଂ ସ୍ୱଚ୍ଛ ଭାରତ ଅଭିଯାନ ଭଳି ସାମାଜିକ ସେବା କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ। କ୍ୟାଡେଟ୍‌ମାନଙ୍କ ମଧ୍ୟରେ ଏକତା ଓ ଭାବନା ବୃଦ୍ଧି ପାଇଁ ଡ୍ରିଲ୍, ଫାୟାରିଂ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଆନ୍ତଃକମ୍ପାନୀ ପ୍ରତିଯୋଗିତା ଆୟୋଜନ କରାଯାଉଛି। ଲେଫ୍ଟନାଣ୍ଟ କର୍ଣ୍ଣେଲ ଏସ୍‌ଏସ୍ ରଘୁବଂଶୀ କହିଛନ୍ତି ଯେ ଏନ୍‌ସିସିର ‘ଏକତା ଓ ଅନୁଶାସନ’ ମୂଳମନ୍ତ୍ର ଅନୁଯାୟୀ ଯୁବ ଶକ୍ତିକୁ ରାଷ୍ଟ୍ର ନିର୍ମାଣ ଦିଗରେ ପରିଚାଳିତ କରିବା ଏହି ଶିବିରର ଲକ୍ଷ୍ୟ। ଏହି ଶିବିର ଆସନ୍ତା ଜୁନ୍ ୨ ତାରିଖରେ ସମାପ୍ତ ହେବ।

## ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକଙ୍କ ସ୍ମୃତିଚାରଣ ସଭା

ଧାମନଗର,୨୮।୫(ସମିସ): ଧାମନଗର ବ୍ଲକ୍ ବୟାଙ୍ଗଡିହି ପଞ୍ଚାୟତ ଅଧୀନ କମାରବନ୍ଧ ଗାଁର ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ସୁସଂଗଠକ ତଥା ଆଧ୍ୟାତ୍ମିକ ବିଶ୍ୱାସୀ ସ୍ୱର୍ଗତ ସୁରେନ୍ଦ୍ର ନାଥ ରାଉତଙ୍କ ଏକାଦଶାହ ଅବସରରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସମ୍ମାନପ୍ରାପ୍ତ ଗୁରୁଶ୍ରୀ ସୁବାସ ଚନ୍ଦ୍ର ମଲ୍ଲିକ ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ ପ୍ରାଣୀ ଚିକିତ୍ସକ ବିଦ୍ୟାଧର ରାଉତଙ୍କ ମଞ୍ଚ ପରିଚାଳନାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ



ବ୍ରଜକିଶୋର ରାଉତ, ନାଟ୍ୟ ନିର୍ଦ୍ଦେଶକ ବାଦଲ ସିକ୍‌ଦାର, ଅବସରପ୍ରାପ୍ତ ବ୍ୟାଙ୍କ ପ୍ରବନ୍ଧକ ଅଜୟ ମହାପାତ୍ର, ପ୍ରାକ୍ତନ ପ୍ରଧାନଶିକ୍ଷକ ବିଷ୍ଣୁ ମହାନ୍ତି ପ୍ରମୁଖ ସ୍ୱର୍ଗତ ରାଉତଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ଓ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପଣ୍ଡିତ ଅଭିମନ୍ୟୁ ପାଢ଼ୀଙ୍କ ବେଦପାଠ ସହିତ ଭଦ୍ରକ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଅମରେନ୍ଦ୍ର ନାୟକ, ପୂଜ୍ୟପୂଜା ସଂସଦ ସଭାପତି ଅଜୟ ସାମଲ, ଉପସଭାପତି ଦାମୋଦର ସାହୁ, ଶିକ୍ଷାବିତ୍ ରାମଚନ୍ଦ୍ର ସାହୁ, ସତ୍ୟସୁନ୍ଦର ପାଢ଼ୀ, ପ୍ରଶାନ୍ତ ପାଢ଼ୀ, ପ୍ରାକ୍ତନ ସରପଞ୍ଚ ଅଭିମନ୍ୟୁ ମଲ୍ଲିକ, କଣ୍ଠଶିଳ୍ପୀ ମନୋଜ ଭୂୟାଁ, ବଳରାମ ଯେନା, ଶିକ୍ଷାବିତ୍ ରାଧାନାଥ ଘଡ଼େଇ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ ସହ ବକ୍ତବ୍ୟ ପ୍ରଦାନ କରିଥିଲେ। ପରିବାର ତରଫରୁ ସ୍ୱର୍ଗତ ରାଉତଙ୍କ ମଧ୍ୟମ ପୁତ୍ର ଶୁଭକାନ୍ତ, କନ୍ୟା ରଶ୍ମି, ଉଷାରାଣୀ, ଜ୍ୟୋତ୍ସ୍ନାରାଣୀ ଓ ପୁତ୍ରବଧୂ ବନ୍ଦନା ନିଜ ପିତାଙ୍କ ସ୍ମୃତିଚାରଣ କରିବା ସହିତ ଜ୍ୟେଷ୍ଠପୁତ୍ର ସତ୍ୟବ୍ରତ ସମସ୍ତ ଅତିଥିଙ୍କୁ କୃତଜ୍ଞତା ଜଣାଇଥିଲେ।

## ଡକାୟତି ଯୋଜନା ପଣ୍ଡ: ୪ ଦୁର୍ଦ୍ଦାନ୍ତ ଅପରାଧୀ ଗିରଫ



ତିହିଡ଼ି,୨୮।୫(ସମିସ): ଅନ୍ଧାରର ସୁଯୋଗ ଦେଖି ଦୋଳସାହି ଗୋରୁହାଟ ପଡ଼ିଆରେ ଜମିଥିଲା ଅପରାଧୀଙ୍କ ଆଡ୍ଡା। ହାତରେ ଧାରୁଆ ଅସ୍ତ୍ରଶସ୍ତ୍ର, ମନରେ ବଡ଼ ଡକାୟତିର ଯୋଜନା। କିନ୍ତୁ ଏହି ଅପରାଧୀମାନେ ଜାଣି ନ ଥିଲେ ଯେ ସେମାନଙ୍କ ଉପରେ ରହିଛି ଖାକିର ତୀକ୍ଷ୍ଣ ନଜର। ପାଟ୍ରୋଲିଂ ସମୟରେ ଗୁପ୍ତ ସୂଚନା ପାଇବା ମାତ୍ରେ ଆକ୍ସନ ମୋଡ୍‌କୁ ଆସିଥିଲେ ତିହିଡ଼ି ଥାନା ଆଇଆଇସି ଲୋପାମୁଦ୍ରା ନାୟକ। ଏକ ବଡ଼ ଧରଣର ଡକାୟତି ପାଇଁ ଯୋଜନା କରୁଥିବା ୪ଜଣ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ ତିହିଡ଼ି ଥାନା ପୁଲିସ। ଘଟଣାଟି ଘଟିଛି ବୁଧବାର ସନ୍ଧ୍ୟା ସମୟରେ।

ତିହିଡ଼ି ଥାନା ପୁଲିସ ଅଞ୍ଚଳରେ ନିୟମିତ ପାଟ୍ରୋଲିଂ କରୁଥିବା ସମୟରେ ଏକ ବିଶେଷ ସୂତ୍ରରୁ ସୂଚନା ପାଇଥିଲା ଯେ, ଦୋଳସାହି ଗୋରୁହାଟ ପଡ଼ିଆରେ କିଛି ଅପରାଧୀ ଅସ୍ତ୍ରଶସ୍ତ୍ର ଧରି ଏକ ବଡ଼ ଧରଣର ଡକାୟତି ପାଇଁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରୁଥିଲେ। ଖବର ପାଇବା ମାତ୍ରେ ତିହିଡ଼ି ପୁଲିସ ଏସ୍‌ଆଇ ରୋଜନ ମୁର୍ମୁ ଏବଂ ଥାନା କର୍ମଚାରୀ ତତ୍କାଳ ଚଢ଼ଉ କରି ଘଟଣାସ୍ଥଳରୁ ୪ ଜଣଙ୍କୁ ମାଡ଼ି ବସିଥିଲେ। ଅଭିଯୁକ୍ତମାନେ ହେଲେ ତିହିଡ଼ି ଥାନା ଅନ୍ତର୍ଗତ ତାଳପଦା ଗ୍ରାମର ମଣ୍ଟୁ ଓରଫ ଚନ୍ଦନ ବେହେରା(୨୩), ତାଳପଦା ବୈକୁଣ୍ଠ ସାହିର କାଳିଆ ଓରଫ ଦୀପକ ନାୟକ(୩୩), ଦୋଳସାହି ଗ୍ରାମର ପପୁ ଓରଫ ଅଜୟ ଦାସ(୨୬) ଏବଂ ଅନ୍ୟ ଜଣେ ବିଦେଇପୁର କସିଆ ମେରାଇନ ଥାନା ଅଞ୍ଚଳର ସତ୍ୟଜିତ ମଳିକ(୨୫)। ପୁଲିସ ସୂଚନା ଅନୁସାରେ, ଏମାନେ ସମସ୍ତେ ବୃତ୍ତିଗତ ଅପରାଧୀ ଏବଂ ଏମାନଙ୍କ ନାମରେ ଆଗରୁ ମଧ୍ୟ ବହୁ ଚୋରି ଓ ଡକାୟତି ମାମଲା ରହିଛି ବୋଲି କହିଛନ୍ତି ତିହିଡ଼ି ଥାନା ଆଇଆଇସି ଲୋପାମୁଦ୍ରା ନାୟକ। ଉକ୍ତ ଘଟଣାରେ ଗତ ୨୭ ତାରିଖ ଥାନା କେସ୍ ନମ୍ବର ୨୧୩/୨୬, ଦଫା ୩୧୦(୪), ୩୧୦(୫), ବିଏନ୍‌ଏସ୍ ରୁଜୁ କରାଯାଇ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଧାମନଗରରେ ପବିତ୍ର ଇଦ୍-ଉଲ୍-ଜୁହା ପାଳିତ



ଧାମନଗର,୨୮।୫(ସମିସ): ଧାମନଗର ବ୍ଲକ୍ ଓ ଏନ୍‌ଏସି ଅଞ୍ଚଳରେ ତ୍ୟାଗ ଓ ବଳିଦାନର ପର୍ବ ଇଦ୍-ଉଲ୍-ଜୁହା ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି। ମୁସଲ୍‌ମାନ ସମ୍ପ୍ରଦାୟର ଏହି ପର୍ବ ୩ ଦିନ ବ୍ୟାପୀ ପାଳନ ହେଉଥିବାବେଳେ ପ୍ରଥମ ଦିନ ସକାଳ ୬ଟା ୩୦ରେ ପୀରବାବାଙ୍କ ଗୋଲାପ ଜଳରେ ଗୋସଲ (ସ୍ନାନ) ପରେ ୮ଟା ସମୟରେ ଧାମନଗରସ୍ଥିତ ଇଦ୍‌ଗାହ ମଇଦାନଠାରେ ସମୂହ ନମାଜ ପାଠ ସହ ବିଭିନ୍ନ ସାହି, ବସ୍ତିରେ ଥିବା ମସ୍‌ଜିଦରେ ମଧ୍ୟ ନମାଜ ପଢ଼ାଯାଇଛି। ଏହି ଅବସରରେ ଧାମନଗର ଖାନ୍‌କା ସରିଫ୍‌ର ନୂତନ ମତୱଲି ଆଲହାଜ ସୟଦ ହବିବ୍ ରଜା ହବିବି ଇଦ୍‌ଗା ମଇଦାନଠାରେ ହଜାର ହଜାର ମୁସଲ୍‌ମାନ ଭାଇମାନଙ୍କୁ ସମୂହ ନମାଜ ପଢ଼ାଇଛନ୍ତି। ଧାମନଗର ହେଉଛି ଭାଇଚାରାର ମାଟି। ଏଠି ହିନ୍ଦୁ-ମୁସଲିମ ଉଭୟ ପରସ୍ପର ମଧ୍ୟରେ କାନ୍ଧକୁ କାନ୍ଧ ମିଳାଇ ଇଦ୍-ଉଲ୍-ଜୁହା ମୁବାରକ୍ ଜଣାଇ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ପୀରବାବାଙ୍କ ସାନ ନାତି ଆଲହଜ ସୟଦ ଗୋଲାମ ଅହେମ୍ମଦ ହବିବି (ମସ୍ତାନ-ଏ ମିଲ୍ଲତ୍)ଙ୍କୁ ଏକ ଶୋଭାଯାତ୍ରାରେ ବଜାର ପରିକ୍ରମା କରି ଖାନ୍‌କା ମଜାର ସରିଫ୍ ପର୍ଯ୍ୟନ୍ତ ନିଆଯାଇଥିଲା। ସେଠାରେ ଫାତେହା ପରେ ଭକ୍ତ ଓ ଶ୍ରଦ୍ଧାଳୁ ପୀରବାବାଙ୍କୁ ଦର୍ଶନ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ମୁସଲ୍‌ମାନ ଭାଇମାନେ କାନ୍ଧକୁ କାନ୍ଧ ମିଶାଇ ପରସ୍ପରକୁ ଇଦ୍ ମୁବାରକ ଜଣାଇବା ସହ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ସେହିପରି ଦୋବଲ, ମୁସ୍ତଫାପୁର, ପିତେଇପୁର, ବୟାଙ୍ଗଡିହି, ନଦୀଗାଁ, ପନ୍ଦରବାଟିଆ, ଚୁଡ଼ାକୁଟି ଆଦି ସ୍ଥାନରେ ଏହି ପର୍ବ ପାଳନ କରାଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ଏସ୍‌ପି ମନୋଜ କୁମାର ରାଉତ ଧାମନଗର ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏଏସ୍‌ପି ଅରୁପ ଅଭିଷେକ ବେହେରା ଉପସ୍ଥିତ ରହି ଧାମନଗର ଓ ଧୂଷୁରୀ ଅଞ୍ଚଳର ସ୍ଥିତି ଅନୁଧ୍ୟାନ କରୁଥିବାବେଳେ ଆଗରପଡ଼ା ଥାନା ଅଧିକାରୀ ରାଜେଶ ସେଠୀ, ୨ଜଣ ଇନ୍ସପେକ୍ଟରଙ୍କୁ ନିୟୋଜିତ କରାଯାଇଥିଲା। ଥାନା ଅଧିକାରୀ ସୁଭ୍ରଜିତ ଦାଶଙ୍କ ତତ୍ତ୍ୱାବଧାନରେ ଥାନାର ଅନ୍ୟ ସମସ୍ତ ଅଫିସର, କର୍ମଚାରୀ ଏବଂ ୩ ପ୍ଲାଟୁନ୍ ଫୋର୍ସ ସହରର ବିଭିନ୍ନ ସାହି ବସ୍ତି ଓ ଛକ ବଜାରରେ ମୁତୟନ କରାଯାଇଥିଲା। ଧାମନଗର ଏସ୍‌ଡିପିଓ ଅନିରୁଦ୍ଧ ମୁଦୁଲି ଥାନାରେ ଉପସ୍ଥିତ ରହି ସ୍ଥିତି ଅନୁଧ୍ୟାନ କରିଛନ୍ତି। ପ୍ରକାଶ ଥାଉକି, ପୀରବାବାଙ୍କ ସାନ ନାତି ଆଲ୍‌ହଜ ସୟଦ ଗୋଲାମ ଅହେମ୍ମଦ ହବିବି (ମସ୍ତାନ-ଏ ମିଲ୍ଲତ୍), ବାବାଙ୍କ ବଡ଼ ଜ୍ୱାଇଁ ଏମ୍‌ଡି ଫଜଲେ ବାରିଙ୍କ ସହ ଭକ୍ତ ଓ ଶ୍ରଦ୍ଧାଳୁ ଥାନାରେ ପହଞ୍ଚି ଏସ୍‌ପି ଶ୍ରୀ ରାଉତଙ୍କୁ ଭେଟି ଇଦ୍ ମୁବାରକ ଜଣାଇଛନ୍ତି।

## ତିହିଡ଼ି ତହସିଲ୍‌ରେ ଅଧାରୁ ଅଧିକ ପଦ ଖାଲି

ଦୋଳସାହି,୨୮।୫(ସମିସ): ଗଦାଗଦା ଅଭିଯୋଗର ସମାଧାନ ହୋଇପାରୁନି। ପ୍ରମୁଖ କାରଣ ହେଲା ତିହିଡ଼ି ତହସିଲ୍‌ରେ କର୍ମଚାରୀ ଅଭାବ। ଫଳରେ ଶହଶହ ସଂଖ୍ୟକ ଆଗତ ଅଭିଯୋଗର ସମାଧାନ ହୋଇପାରୁ ନ ଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ତିହିଡ଼ି ତହସିଲ୍‌ରେ ୪ଶହରୁ ଅଧିକ ଡିମାରକେସନ ଅଭିଯୋଗ ପଡ଼ିରହିଥିବା ଜଣାଯାଇଥିଲା ବେଳେ ୧ ବର୍ଷ ଧରି ଅମିନ ପଦ ଖାଲି ପଡ଼ିଥିବା ନେଇ ଏହି ଡିମାରକେସନ ବା ମାପଚୁପ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରୁ ନ ଥିବା ଅଭିଯୋଗ ହୋଇଛି। ସେହିଭଳି ଏହି ତହସିଲ୍ ୨ଟି ବରିଷ୍ଠ କିରାଣି, ୪ଟି କନିଷ୍ଠ କିରାଣି, ୪ଟି ଅମିନ ପଦ ଖାଲି ପଡ଼ିଥିବା ସହ ବିଭିନ୍ନ ବିଭାଗରେ ପଦପଦବୀ ଅଭାବ ଥିବା ଜଣାଯାଇଛି। ଦୀର୍ଘ ବର୍ଷ ଧରି ଏହି ପଦପଦବୀ ଅଭାବ ଯୋଗୁଁ ସାଧାରଣ ଲୋକଙ୍କ ବିଭିନ୍ନ ସରକାରୀ କାର୍ଯ୍ୟରେ ଆବଶ୍ୟକ ପ୍ରମାଣପତ୍ର ପାଇବାରେ ବହୁ ବିଳମ୍ବ ଘଟୁଥିବା ଯୋଗୁଁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଜିଲ୍ଲା ପ୍ରଶାସନ ତୁରନ୍ତ ଏହି ସମସ୍ତ ପଦ ପୂରଣ ପାଇଁ ସାଧାରଣରେ ଦାବି ହେଉଛି।

## ରକ୍ତ ଦେଲେ ରକ୍ତ ଭଣ୍ଡାର ଅଧିକାରୀଙ୍କ ପୁଅ



ଭଦ୍ରକ,୨୮।୫(ସମିସ): ଭଦ୍ରକ ରକ୍ତ ଭଣ୍ଡାରରେ ରକ୍ତର ଅଭାବ ଦେଖାଦେଇଛି। ମୁଖ୍ୟତଃ ଖରା ଦିନ ଲାଗି ରକ୍ତ ଅଭାବ ସମସ୍ୟା ଦେଖାଦେଇଛି। ଏପରିସ୍ଥଳେ ଭଦ୍ରକ ବ୍ଲଡ୍ ବ୍ୟାଙ୍କ ଅଧିକାରିଣୀ ଡା. ବିମଳା ମିଶ୍ରଙ୍କ ପୁତ୍ର ସ୍ୱାଗତ ପଣ୍ଡା ନିଜେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଛନ୍ତି। ଏହି ରକ୍ତଦାନ ବେଳେ ବରିଷ୍ଠ ଶଲ୍ୟ ଚିକିତ୍ସକ ଡା. ଦିପ୍ତୀମୂର୍ତ୍ତି ପଣ୍ଡା ଓ ଭଦ୍ରକ ବ୍ଲଡ୍ ବ୍ୟାଙ୍କର ସମସ୍ତ ପଦାଧିକାରୀ ଉପସ୍ଥିତ ସ୍ୱାଗତଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ବାଲୁକା ଶିଳ୍ପୀ ଗୋପାଳ ସାମଲ ସମ୍ବର୍ଦ୍ଧିତ



ଅସୁରାଳି,୨୮।୫(ସମିସ): ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କଠାରୁ ସମ୍ବର୍ଦ୍ଧିତ ହୋଇଛନ୍ତି ବିଶିଷ୍ଟ ବାଲୁକା ଶିଳ୍ପୀ ତଥା ଧାମନଗର ବ୍ଲକ୍ ସୋରିଷଡିହର ଗୋପାଳ ସାମଲ। ବାଲୁକା କଳା ଏବଂ ଚିତ୍ର କଳାରେ ନିପୁଣତା ହାସଲ କରି ବିଶ୍ୱ ଦରବାରରେ ନିଜର ପରିଚୟ ହାସଲ କରିଥିବା ଗୋପାଳ ଜିଲ୍ଲାପାଳଙ୍କ ହାତରୁ ସମ୍ବର୍ଦ୍ଧିତ ହୋଇଥିବାରୁ ସେ ବହୁତ ଖୁସିବ୍ୟକ୍ତ କରିଛନ୍ତି। ଏହି ଅବସରରେ ଗୋପାଳଙ୍କ ଦ୍ୱାରା ନିର୍ମିତ ଜିଲ୍ଲାପାଳଙ୍କ ଏକ କ୍ଷୁଦ୍ର ପ୍ରତିମୂର୍ତ୍ତି ଗୋପାଳ ଜିଲ୍ଲାପାଳଙ୍କୁ ଉପହାର ଦେଇଥିଲେ। ଉଚ୍ଚକୋଟିର କାରିଗରୀ ଏବଂ ନିଖୁଣ ପ୍ରତିମୂର୍ତ୍ତି ଦେଖି ଜିଲ୍ଲାପାଳ ଆଶ୍ଚର୍ଯ୍ୟ ହେବା ସହ ଏହାର ତିଆରି ପ୍ରଣାଳୀ ପଚାରି ବୁଝିଥିଲେ। ଏହା ସହିତ କଳା କ୍ଷେତ୍ରର ବହୁ ଦିଗ ବିଷୟରେ ଗୋପାଳଙ୍କ ସହିତ ଜିଲ୍ଲାପାଳ ଶ୍ରୀ ରାଉତରାଏଙ୍କ ସହିତ ଆଲୋଚନା ହୋଇଥିଲା।

## ଅଗ୍ନିବିପନ୍ନଙ୍କୁ ସହାୟତା କଲେ ବିଧାୟକଙ୍କ ପ୍ରତିନିଧି



ବନ୍ତ/ଆଗରପଡ଼ା,୨୮।୫(ସମିସ): ବନ୍ତ ବ୍ଲକ୍ ଅନ୍ତର୍ଗତ ଗଣିଜାଙ୍ଗ ପଞ୍ଚାୟତ ବେଲଦା ଗ୍ରାମର ଆନନ୍ଦ ଜେନା ଓ ସନ୍ତୋଷ ଜେନାଙ୍କ ବାସଗୃହରେ କୌଣସି କାରଣବଶତଃ ନିଆଁ ଲାଗି ଘରେ ଥିବା ୩୦ ହଜାରରୁ ଊର୍ଦ୍ଧ୍ୱ ନଗଦ ଟଙ୍କା, ସମସ୍ତ ଘରୋଇ ସାମଗ୍ରୀ ସମ୍ପୂର୍ଣ୍ଣ ପୋଡ଼ି ପାଉଁଶ ହୋଇଯାଇଥିଲା। ଖବର ପାଇ ଭଣ୍ଡାରିପୋଖରୀ ବିଧାୟକଙ୍କ ପ୍ରତିନିଧି ତଥା ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ସ୍ମୃତିରଞ୍ଜନ ସ୍ୱାଇଁ (ଲାଲା) ଘଟଣାସ୍ଥଳରେ ପହଞ୍ଚି ପରିବାର ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ଶୁଖିଲା ଖାଦ୍ୟ ସାମଗ୍ରୀ ପାଇଁ ତାଙ୍କୁ ବ୍ୟକ୍ତିଗତ ଭାବେ ୫୦୦୦ ଟଙ୍କା ଯୋଗାଇଦେବା ସହିତ ପ୍ରଶାସନ ପକ୍ଷରୁ ସମ୍ପୂର୍ଣ୍ଣ ସହଯୋଗ ପାଇଁ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକଙ୍କ ସହ ଆଲୋଚନା କରିଥିଲେ। ତୁରନ୍ତ ସରକାରୀ ସହଯୋଗ ଯୋଗାଇଦେବାକୁ ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କୁ ଯୋଗାଯୋଗ କରିଥିଲେ। ଶ୍ରୀ ସ୍ୱାଇଁଙ୍କ ସହ ଗଣିଜାଙ୍ଗ ପଞ୍ଚାୟତ ସରପଞ୍ଚ ରଶ୍ମିତା ସେଠୀ, ପୂର୍ବତନ ସରପଞ୍ଚ ତଥା ସମବାୟ ସମିତି ସଭାପତି ରଞ୍ଜନ ସାହୁ, ଗଣିଜାଙ୍ଗ ପଞ୍ଚାୟତ ବିଜେଡି ସଭାପତି ଭୀମସେନ ସାମଲ, ବରିଷ୍ଠ ନେତା ଜଗନ୍ନାଥ ପାଣିଗ୍ରାହୀ, ଆଇନଜୀବୀ ଅଣାକାର ମଲ୍ଲିକ, ଆନନ୍ଦ ନାୟକ, ଲକ୍ଷ୍ମୀଧର ଜେନା, ୱାର୍ଡ ସଭ୍ୟା ପୂଜାରାଣୀ ମଲ୍ଲିକ, ରମାକାନ୍ତ ମଲ୍ଲିକ, ବସନ୍ତ ମଲ୍ଲିକ ଏବଂ ସ୍ଥାନୀୟ ନେତୃତ୍ୱ ଉପସ୍ଥିତ ଥିଲେ।

## ସାଧକ ପୀତାମ୍ବର ଦାସଙ୍କ ପରଲୋକ



ତିହିଡ଼ି,୨୮।୫(ସମିସ): ତିହିଡ଼ି ବ୍ଲକ୍ ଅଧୀନ ନୂଆନନ୍ଦ ଗାଁର ମା’ ଦକ୍ଷିଣକାଳୀ ସାଧକ ପଣ୍ଡିତ ପୀତାମ୍ବର ଦାସ(୬୭)ଙ୍କର ବୁଧବାର ପରଲୋକ ଘଟିଛି। ସେ ଗତ କିଛି ମାସ ହେବ ଶାରୀରିକ ଅସୁସ୍ଥ ଥିଲେ। ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଥିଲା। ସେ ଜଣେ ସାଧକ ଓ ପ୍ରବଚକ ଭାବେ ସ୍ଥାନୀୟ ଅଞ୍ଚଳରେ ସୁପରିଚିତ ଥିଲେ। ଗ୍ରାମରେ ସେ ଏକ ସୁଉଚ୍ଚ ତଥା ଆକର୍ଷଣୀୟ ମା’ ଦକ୍ଷିଣକାଳୀ ମନ୍ଦିର ନିର୍ମାଣ କରି ପ୍ରତିଷ୍ଠା କରି ସାରା ଓଡ଼ିଶାରେ ଚର୍ଚ୍ଚାରେ ଥିଲେ। ତାଙ୍କ ରଚିତ କୁଳ କୁଣ୍ଡଳିନୀ ଦଶ ମହାବିଦ୍ୟା ଏକ ପୁସ୍ତକ ପ୍ରକାଶ ପାଇଛି। ସେ ଜଣେ ସାଧକ ଭାବେ ପରିଚୟ ସୃଷ୍ଟି କରିପାରିଥିଲେ। ତାଙ୍କର ରାଜ୍ୟ ଓ ରାଜ୍ୟ ବାହାରେ ବହୁ ଭକ୍ତ ଅଛନ୍ତି। ପ୍ରତିଦିନ ସାଧକଙ୍କ ନିକଟକୁ ନିଜ ନିଜର ସମସ୍ୟା ନେଇ ଲୋକମାନେ ଆସୁଥିଲେ। ମା’ ଦକ୍ଷିଣକାଳୀଙ୍କ କୃପାରୁ ଲୋକମାନଙ୍କର ସମସ୍ୟା ସମାଧାନ କରିପାରୁଥିଲେ। ସେଥିପାଇଁ ସେ ସମସ୍ତଙ୍କ ନିକଟରେ ସାଧକ ଭାବେ ପରିଚିତ ହୋଇପାରିଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ ଶୈଳବାଳା ମିଶ୍ର, ପୁଅ ଭବାନୀ ଶଙ୍କର ଓ ରାମାନୁଜଙ୍କ ସମେତ ପରିବାର ବର୍ଗ ଉପସ୍ଥିତ ଥିଲେ। ତାଙ୍କ ମରଶରୀର ଗ୍ରାମରେ ପହଞ୍ଚିବା ପରେ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। ପୂର୍ବତନ ସରପଞ୍ଚ ସୁଶାନ୍ତ ମଳିକ, ପୂର୍ବତନ ସମିତିସଭ୍ୟ ସଂଗ୍ରାମ ଦାସ, ମନମୋହନ ସାହୁ, ରଘୁନାଥ ମଳିକ ପ୍ରମୁଖଙ୍କ ସମେତ ବହୁ ଗ୍ରାମବାସୀ ଶୋଭାଯାତ୍ରାରେ ସାମିଲ୍ ହୋଇଥିଲେ। ବଡ଼ପୁଅ ଭବାନୀଶଙ୍କର ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗ ଖବର ପାଇ ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ, ବିଜେଡି ବ୍ଲକ୍ ସଭାପତି ସୁରେନ୍ଦ୍ର ନାୟକ, ବଂଶୀଧର ବିଶ୍ୱାଳ, କରୁଣାକର ମଲ୍ଲିକ, ସରପଞ୍ଚ ନିହାରିକା ବିଶ୍ୱାଳ, ସମିତିସଭ୍ୟ ଭକ୍ତହରି ମଳିକ, କୈଳାଶ ପାଢ଼ୀ, ମିଟୁ ମହାପାତ୍ର, ଦଳିତ କେଶରୀ ଦାସ, ଲିପୁ ପାଣିଗ୍ରାହୀ, ମନମୋହନ ସାହୁ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ସେହିଭଳି ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ, ପୂର୍ବତନ ବିଧାୟକ ବିଜୟ ନାୟକ ଓ ବିଷ୍ଣୁବ୍ରତ ରାଉତରାୟ ଗଭୀର ଶୋକ ପ୍ରକାଶ କରିଛନ୍ତି।

## ବାବା ବଜରଙ୍ଗବାଲୀଙ୍କ ତୃତୀୟ ବାର୍ଷିକ ଉତ୍ସବ

ଅସୁରାଳି,୨୮।୫(ସମିସ): ଧାମନଗର ବ୍ଲକ୍ ଚୁଡ଼ାକୁଟି ପଞ୍ଚାୟତ ତାମ୍ପଳା ଗାଁରେ ଜୟ ବାବା ବଜରଙ୍ଗବାଲୀଙ୍କ ୩ୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୨ଦିନ ଧରି ଚାଲିଥିବା ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମର ଶେଷ ଦିବସରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବଜରଙ୍ଗବାଲୀଙ୍କ ଦର୍ଶନ କରିବା ସହ ଆଶୀର୍ବାଦ ଭିକ୍ଷା କରିଛନ୍ତି। ଗତ ୨୭ ତାରିଖ ମହିଳା ଓ ଶ୍ରଦ୍ଧାଳୁଙ୍କ ଦ୍ୱାରା ଏକ ଭବ୍ୟ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହାପରେ ବାବାଙ୍କ ପୀଠରେ ଯଥାବିଧି ପୂଜାର୍ଚ୍ଚନା ଓ ଆରାଧନା ଆରମ୍ଭ ହୋଇଥିଲା। ଗୁରୁବାର ପୂର୍ଣ୍ଣାହୁତି ଏବଂ ମହାପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ସନ୍ଧ୍ୟାରେ ଆଧ୍ୟାତ୍ମିକ ପରିବେଶକୁ ଅଧିକ ରୁଦ୍ଧିମନ୍ତ କରିବା ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ସ୍ୱରୂପ “ବାଦୀ ପାଲା’ ପରିବେଷଣ କରାଯାଇଛି। ଏହି ସମଗ୍ର କାର୍ଯ୍ୟକ୍ରମକୁ ସଫଳ କରିବାରେ ତାମ୍ପଳା ଗ୍ରାମବାସୀଙ୍କ ସମେତ ଅନୁଷ୍ଠାନର ପ୍ରମୁଖ ସଦସ୍ୟ ସୁନା ତ୍ରିପାଠୀ, ପୀତାମ୍ବର ବେହେରା, ବିଜୟ ସାହୁ, କମଳ ଲୋଚନ ମହାପାତ୍ର, ସୁଦର୍ଶନ ବାରିକ, ନୀଳମଣି ଘୋଷ, ମାନସ ରଞ୍ଜନ ମଲ୍ଲିକ, ବାବାଜୀ ମହାପାତ୍ର ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

## ସୋହଡ଼ାରେ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପ ଶିଳାନ୍ୟାସ ଓ ଲୋକାର୍ପଣ

# ୯ଟି ଗାଁରେ ହେବ ୭୮ଟି ବିକାଶମୂଳକ କାର୍ଯ୍ୟ

ଦୋବଲ,୨୮।୫(ସମିସ)



ଧାମନଗର ନିର୍ବାଚନମଣ୍ଡଳୀର ବିକାଶ ଧାରାକୁ ଆହୁରି ଗତିଶୀଳ କରିବା ପାଇଁ ଆଜି ବଡ଼ ପଦକ୍ଷେପ ନିଆଯାଇଛି। ସ୍ଥାନୀୟ ବିଧାୟକ ତଥା ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୋହଡ଼ା ପଞ୍ଚାୟତର ବିଭିନ୍ନ ଗ୍ରାମ ପାଇଁ ପ୍ରାୟ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଅନେକ ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ କରିବା ସହ କେତେକ ସମ୍ପୂର୍ଣ୍ଣ ପ୍ରକଳ୍ପର ଲୋକାର୍ପଣ କରିଛନ୍ତି। ଏହି ଅର୍ଥରେ ୯ଟି ଗ୍ରାମରେ ୭୮ଟି ବିକାଶମୂଳକ ପ୍ରକଳ୍ପ କାର୍ଯ୍ୟ ହେବ ବୋଲି ଜଣାପଡ଼ିଛି। ଏହି ମେଗା କାର୍ଯ୍ୟକ୍ରମରେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ମଧ୍ୟ ମନ୍ତ୍ରୀଙ୍କ ସହ ସାମିଲ୍ ହୋଇଥିଲେ।

ମିଳିଥିବା ସୂଚନା ଅନୁଯାୟୀ, ସୋହଡ଼ା ପଞ୍ଚାୟତର ପ୍ରମୁଖ ୯ଟି ଗାଁ ଯଥା- ପିତେଇପୁର, ଡାଙ୍ଗୁଆପାଟଣା, ଗୌରାଙ୍ଗପୁର-ଦୁଲାରପୁର-ପାଟୁଳି, କଣ୍ଠାପାରି, ବେଦପୁର, କ୍ଷେଣ୍ଟପୁର, ମିଶ୍ରପୁର, ସୋହଡ଼ା ଓ ବାଲିପଡ଼ାର ସର୍ବାଙ୍ଗିଣ ବିକାଶ ପାଇଁ ମୋଟ ୨ କୋଟି ୧ ଲକ୍ଷ ୪୬ ହଜାର ୪୩୪ ଟଙ୍କା ବ୍ୟୟ ଅଟକଳରେ ସର୍ବମୋଟ ୭୮ଟି ପ୍ରକଳ୍ପ ହାତକୁ ନିଆଯାଇଛି। ଏହି ଅନୁଦାନ ମଧ୍ୟରୁ ବେଦପୁର ଗ୍ରାମକୁ ସର୍ବାଧିକ ୩୩ ଲକ୍ଷ ୪୯ ହଜାର ୧୫୧ ଟଙ୍କା ପ୍ରଦାନ କରାଯାଇଥିବା ବେଳେ କ୍ଷେଣ୍ଟପୁର ଗ୍ରାମରେ ସର୍ବାଧିକ ୧୧ଟି ପ୍ରକଳ୍ପ କାର୍ଯ୍ୟକାରୀ ହେବାକୁ ଯାଉଛି। ଗ୍ରାମୀଣ ଭିତିଭୂମିର ସୁଦୃଢ଼ୀକରଣ ପାଇଁ ରାସ୍ତା ନିର୍ମାଣ କାର୍ଯ୍ୟକୁ ସର୍ବାଧିକ ପ୍ରାଥମିକତା ଦିଆଯାଇ ୨୫ଟି ପ୍ରକଳ୍ପ ଚିହ୍ନଟ କରାଯାଇଛି। ସେହିପରି ଶିକ୍ଷା ଓ ଶିଶୁ ବିକାଶ କ୍ଷେତ୍ରରେ ୧୬ଟି ସ୍କୁଲର ମରାମତି ଓ ୧୨ଟି ଅଙ୍ଗନବାଡ଼ି କେନ୍ଦ୍ରର ନିର୍ମାଣ ଓ ପୁନରୁଦ୍ଧାର ହେବ। ସାମାଜିକ କାର୍ଯ୍ୟ ପାଇଁ ୧୧ଟି ଗୋଷ୍ଠୀ କେନ୍ଦ୍ର, ଆଧ୍ୟାତ୍ମିକ ଭାବନା ରକ୍ଷା ପାଇଁ ୭ଟି ମନ୍ଦିର/ଭୋଗମଣ୍ଡପ, ବାଲିପଡ଼ାଠାରେ ନୂତନ ମାର୍କେଟ କମ୍ପ୍ଲେକ୍ସ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମରାମତି, ବେଦପୁରରେ ଜଗନ୍ନାଥ ଦାସ ସ୍ମାରକୀ ଗ୍ରନ୍ଥାଗାର ଓ ବୈକୁଣ୍ଠି ଆଦର୍ଶ ପୁଷ୍କରିଣୀ ସଂରକ୍ଷଣ, ପିତେଇପୁରରେ ପାଲା ମଣ୍ଡପ ଏବଂ କ୍ଷେଣ୍ଟପୁରଠାରେ ଏକ ଛୋଟ ପୋଲ ନିର୍ମାଣ ଏହି ଯୋଜନାର ଅନ୍ତର୍ଭୁକ୍ତ। ଏହି ଗସ୍ତ ସମୟରେ ପିତେଇପୁରଠାରେ ପବିତ୍ର ବୈତରଣୀ ନଦୀରେ ନିର୍ମିତ ନୂତନ ସୁଦୃଶ୍ୟ ସ୍ନାନଘାଟ ତଥା ସୌନ୍ଦର୍ଯ୍ୟକରଣ ପ୍ରକଳ୍ପର ଲୋକାର୍ପଣ ହୋଇଯାଇଛି। ଏହି ଘାଟ ନିର୍ମାଣ ଫଳରେ ଏବେ ଲୋକମାନେ ସୁବିଧାରେ ସ୍ନାନ କରିପାରିବେ। ବିଶେଷକରି ଆଗାମୀ ଦିନରେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଶ୍ରଦ୍ଧାଳୁମାନଙ୍କ ପାଇଁ ପୁଣ୍ୟତୋୟା ବୈତରଣୀରେ ବୁଡ଼ ପକାଇବା ଅଧିକ ସହଜ ଏବଂ ସୁରକ୍ଷିତ ହେବ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜଳସମ୍ପଦ ଅଧିକାରୀ ସଞ୍ଜୀବ ସାମଲ, ଶମ୍ଭୁପ୍ରକାଶ ମଲ୍ଲିକ, ସ୍ୱାଗତ ଦାସ ଓ ବହୁ ସଂଖ୍ୟାରେ ଗ୍ରାମବାସୀ ଉପସ୍ଥିତ ଥିଲେ।

## ପ୍ରଚଣ୍ଡ ରୌଦ୍ରତାପରେ ଦହିପଣା ବଣ୍ଟନ



ପାରଳାଖେମୁଣ୍ଡି,୨୮।୫(ସମିସ): ପ୍ରବଳ ରୌଦ୍ରତାପ ଯୋଗୁଁ ପାଣି ପାଇଁ ପଥଚାରୀ ତହଳ ବିକଳ ହେଉଥିବା ବେଳେ ଜଳଦାନ ପାଇଁ ଅଖିଳ ଭାରତୀୟ ଯୁବାଜନ ସେବା ସମିତିର ମୁଖ୍ୟ ଜି.କୁର୍ମା ରେଡ୍ଡୀ ଓ ଭାରତୀୟ ମାନବ ଅଧିକାର ପରିଷଦର ଲକ୍ଷ୍ମୀକାନ୍ତ ପାଢ଼ୀ। ଗତ ସପ୍ତାହରେ ପାରଳାଖେମୁଣ୍ଡିସ୍ଥିତ ସେଞ୍ଚୁରିୟନ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଶତାଧିକ ପଥଚାରୀଙ୍କୁ ଦହିପାଣି ବଣ୍ଟନ ପରେ ଆଜି ପାରଳାଖେମୁଣ୍ଡିର ଯୁବ ବର୍ଗଙ୍କୁ ଏକତ୍ର କରି ସ୍ଥାନୀୟ ଫରେଷ୍ଟ ଗେଟ ନିକଟରେ ଦହିପଣା ବଣ୍ଟନ କରାଯାଇଥିଲା। ପାରଳାଖେମୁଣ୍ଡି ବନଖଣ୍ଡ ଅଧିକାରୀ କେ. ନାଗରାଜୁ, ଜିଲ୍ଲା ନ୍ୟାୟାଳୟର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ଯୋଗ ଦେଇ ପଥଚାରୀଙ୍କୁ ଦହିପଣା ବଣ୍ଟନ ସହ ସମସ୍ତ ବଣ୍ଟନ କାର୍ଯ୍ୟ ଶେଷ ପରେ ସ୍ୱଚ୍ଛତା ଉପରେ ବିଶେଷ ଧ୍ୟାନ ଦେବାକୁ ଅନୁରୋଧ କରିଥିଲେ। ଟି.ଶ୍ରୀକାନ୍ତ, ବସନ୍ତ ନାଇଡୁ, ପ୍ରଶାନ୍ତ ପ୍ରଧାନ, ଜେ. ବୈକୁଣ୍ଠ ରାଓ, ଏ. ରବି, ବିକ୍ରମ ନାଇଡୁ ଓ ପି. ସନ୍ତୋଷ ସହଯୋଗ କରିଥିଲେ। ଏଥିରେ ବଜରଙ୍ଗ ଦଳର ଲୋକନାଥ ମିଶ୍ର, କୈଳାଶ ଚନ୍ଦ୍ର ବିଶ୍ୱାଳ ସହାୟତା କରିଥିଲେ।

## ପାରଳାଖେମୁଣ୍ଡିରେ ଇଦ-ଉଜ୍-ଜୁହା



ପାରଳାଖେମୁଣ୍ଡି,୨୮।୫(ସମିସ): ପାରଳାଖେମୁଣ୍ଡିରେ ମୁସଲିମ୍ ଧର୍ମାମ୍ବଲମ୍ବୀ ପବିତ୍ର ଇଦ-ଉଜ୍ ଜୁହା ପର୍ବ ପାଳନ କରାଯାଇଥିଲା। ସକାଳେ ସହରର ମାଟିଆ ସାହିରେ ଥିବା ମଦିନା ମସଜିଦ୍ ଏବଂ ଆରୋଗ୍ୟ ସାହି ନିକଟସ୍ଥ ଜାମା ମସଜିଦ୍‌ରେ ମୁସଲମାନ ଭାଇମାନେ ଏକତ୍ର ହୋଇ ସମୂହ ନମାଜ ପାଠ କରିଥିଲେ।। ନମାଜ ଶେଷ ପରେ ସେମାନେ ପରସ୍ପରକୁ ଆଲିଙ୍ଗନ କରିବା ସହ ଶୁଭେଚ୍ଛା ଜଣାଇଥିଲେ। ଏ ପର୍ବ ହେଉଛି ବଳିଦାନର ପ୍ରମୁଖ ଇସଲାମିକ ପର୍ବ।

## ଗଜପତିରେ ନୂତନ ଏସ୍‌ପି

ପାରଳାଖେମୁଣ୍ଡି,୨୮।୫(ସମିସ): ଗଜପତି ଜିଲ୍ଲାର ନୂତନ ଆରକ୍ଷୀ ଅଧୀକ୍ଷକ (ଏସ୍‌ପି) ଭାବେ ପ୍ରହଲ୍ଲାଦ ସହାୟ ମୀନା ଆଜି କାର୍ଯ୍ୟରେ ଯୋଗ ଦେଇଛନ୍ତି। ଶ୍ରୀ ମୀନା ୨୦୧୭ ବ୍ୟାଚ୍‌ର ଆଇପିଏସ୍ ଓ ସେ ବରଗଡ଼ ଏସ୍‌ପି ଭାବେ ଅବସ୍ଥାପିତ ଥିଲେ। ଚଳିତ ମାସ ରାଜ୍ୟ ସରକାର ଆଇପିଏସ୍/ ଓପିଏସ୍ ସ୍ତରରେ ଅଦଳବଦଳ କରିଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀ ମୀନାଙ୍କୁ ଗଜପତି ଜିଲ୍ଲାର ଆରକ୍ଷୀ ଅଧୀକ୍ଷକ ଭାବେ ନିଯୁକ୍ତ କରିଥିଲେ। ଏଥି ପୂର୍ବରୁ ଗଜପତି ଜିଲ୍ଲାର ତତ୍କାଳୀନ ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା ମାର୍ଚ୍ଚ ଶେଷରେ ଅବସର ଗ୍ରହଣ କରିଥିଲେ। ଏହାପରେ ପାଖାପାଖି ଏହି ଦୁଇ ମାସ ହେଲା ଏହି ପଦବୀରେ ବ୍ରହ୍ମପୁର ଆରକ୍ଷୀ ଅଧୀକ୍ଷକ ଶ୍ରବଣ ବିବେକ ଏମ୍. ଏବଂ ଗଜପତିର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁନୀଲ କାନ୍ତ ମହାନ୍ତି ସାମୟିକ ଭାବେ ଭାରପ୍ରାପ୍ତ ଭାବେ ଦାୟିତ୍ୱ ତୁଲାଉଥିଲେ। ଆଜି ଶ୍ରୀ ମୀନାଙ୍କ ଯୋଗଦାନ ପରେ ଜିଲ୍ଲାର ସମସ୍ତ ପୁଲିସ ପଦାଧିକାରୀଙ୍କ ସମେତ ସମସ୍ତ ଥାନାର ଥାନା ଅଧିକାରୀ ଏବଂ ପୋଲିସ କର୍ମଚାରୀମାନେ ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଭେଟି ଶୁଭେଚ୍ଛା ଜଣାଇଛନ୍ତି।



### ହାତୀବାଡ଼ି ଗ୍ରାମରେ ପାନୀୟ ଜଳ ସମସ୍ୟା

# ବୋର୍ ଖୋଳି ଲୋକଙ୍କ ଶୋଷ ମେଣ୍ଟାଉଛନ୍ତି ବଦାନ୍ୟ ବ୍ୟକ୍ତି







ପାରଳାଖେମୁଣ୍ଡି,୨୮।୫(ସମିସ):

ସରକାର ପାନୀୟ ଜଳ ଯୋଗାଇଦେବାକୁ ସମସ୍ତ ବ୍ୟବସ୍ଥା କରିଥିଲେ ମଧ୍ୟ ଲୋକେ ଜଳକଷ୍ଟ ଭୋଗୁଛନ୍ତି। ଗ୍ରାମରେ ପ୍ରାୟ ୫୦ ପରିବାରର ୨୦୦ ଲୋକଙ୍କ ପାଇଁ ପାନୀୟ ଜଳ ସୁବିଧା କରାଯାଇଛି। ଘରକୁ ଘର ପାଇପ ଯୋଗାଇ ଦିଆଯାଇଛି। ହେଲେ କିଛି ପାଣି ପାଉଥିବା ବେଳେ ଆଉ କିଛି ପାଣି ପାଇଁ ତହଳବିକଳ ହେଉଛନ୍ତି। ଏପରି ଚିତ୍ର ଗଜପତି ଜିଲ୍ଲା ଗୋଷାଣି ବ୍ଲକ ସବରା ପଞ୍ଚାୟତ ହାତୀବାଡି ଗ୍ରାମରେ ଦେଖିବାକୁ ମିଳିଛି। ଗ୍ରାମରେ ୫୦ ପରିବାର ରହୁଥିବା ବେଳେ ଦୁଇଟି ସାହି ରହିଛି। ଦୁଇ ସାହିବାସୀନ୍ଦାଙ୍କ ପାଇଁ ବିଭାଗ ପକ୍ଷରୁ କୂଅରେ ସୌରଚାଳିତ ମୋଟର ଚଳାଇ ପାନୀୟ ଜଳ ବ୍ୟବସ୍ଥା ହୋଇଛି। ପ୍ରତି ଘରକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଇଛି। ଟ୍ୟାପ୍ ବି ଲାଗିଛି। ହେଲେ ଏହି ପାଣି ଅଧା ଗ୍ରାମବାସୀଙ୍କ କାମରେ ଆସୁଥିବା ବେଳେ ଆଉ ଅଧାଙ୍କୁ ପାଣି ମିଳୁନି। ଆଉ ପାଣି ମିଳୁନଥିବା ଲୋକଙ୍କ ଘରେ ଲାଗିଥିବା ଟ୍ୟାପ୍‌ରୁ ସଠିକ୍ ଭାବେ ପାଣି ଆସୁନଥିବା ବେଳେ ବେଳେ ପାଣି ଗୋଳିଆ ହୋଇ ଆସୁଛି। ସେହିପରି ଗ୍ରାମରେ ଥିବା ଅନ୍ୟ ଏକ କୂପ ଉପରେ ପାଣି ମିଳୁନଥିବା ଲୋକେ ନିର୍ଭର କରୁଥିଲେ ହେଁ ଆବଶ୍ୟକ ରକ୍ଷଣାବେକ୍ଷଣ ନଥିବା ଯୋଗୁଁ ଜଳ ଦୂଷିତ ହୋଇଯାଇଥିବା ଅଭିଯୋଗ କରିଛନ୍ତି। କୂଅ ମଧ୍ୟରେ ଅନାବନା ଗଛ ଉଠି ଯାଇଛି। ବର୍ତ୍ତମାନ ଗ୍ରୀଷ୍ମ ଋତୁରେ ଜଳଉତ୍ସ ଶୁଖିବା ସହ ଗୋଳିଆ ହୋଇପଡିଛି। ଏହି ପାଣିକୁ ପିଇ ଲୋକେ ବିଭିନ୍ନ ସମୟରେ ବିଭିନ୍ନ ସଂକ୍ରମିତ ରୋଗର ଶିକାର ହେଉଥିବାର କହିଛନ୍ତି। ଜି. ଭାସ୍କର ରାଓ ନାମକ ଜଣେ ବୃଦ୍ଧ ପାଣି ନିଅଣ୍ଟ ପଡୁଥିବା ଲୋକଙ୍କୁ ବୋର୍ ଖୋଳି ପାଇପ ଲଗାଇଛନ୍ତି। ଆଉ ସେହି ପାଇପରୁ ଲୋକେ ପିଇବା ପାଇଁ ପାଣି ନେଉଛନ୍ତି। ଏପରି ସେ ବିଗତ ୫ ବର୍ଷ ହେଲା ସୁବିଧା କରିଥିବାର ଗ୍ରାମବାସୀ ଜଣାଇଛନ୍ତି। ଜଳ ସଂକଟ ନେଇ ବିଭିନ୍ନ ସ୍ତରରେ ବିଭିନ୍ନ ସମୟରେ ଗ୍ରାମବାସୀ ଗୁହାରି କରୁଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନଥିବା କହିଛନ୍ତି। ଏନେଇ ଗ୍ରାମର ପୂର୍ଣ୍ଣବାସୀ ଶଙ୍କର, କଇଁତା ଶଙ୍କର, କାନିଗି ଲକ୍ଷ୍ମୀ, ରଇବାରି ଶଙ୍କର, ଗୁରବାରି ବିନ୍ଧାଣି, ସେବତୀ ଖଣ୍ଡୁଆଳ ପ୍ରମୁଖ ମହିଳାମାନେ କହିଛନ୍ତି ଯେ ସରକାର ଘରକୁ ଘର ପାନୀୟ ଜଳ ଯୋଗାଉଥିବାର ଡିଣ୍ଡିମ ପିଟୁଛନ୍ତି। ହେଲେ ଥରୁଟିଏ ଗ୍ରାମକୁ ଆସି ଦେଖନ୍ତୁ। ପ୍ରକୃତ କଥା ସରକାର ଜାଣିବେ ବୋଲି କହିଛନ୍ତି। ଅପରପକ୍ଷେ ଏହି ଗ୍ରାମକୁ ନିକଟସ୍ଥ ପଦ୍ମପୁର ଗ୍ରାମରେ ଟାଙ୍କି ବସାଇ ପାନୀୟ ଜଳ ବ୍ୟବସ୍ଥା କରାଯାଇଥିଲା। ହେଲେ ଗ୍ରାମର ମୁଖ୍ୟ ରାସ୍ତା ପ୍ରଶସ୍ତିକରଣ ସମୟରେ ପ୍ରାୟ ଦୁଇରୁ ତିନି ବର୍ଷ ପୂର୍ବେ ମୁଖ୍ୟ ପାଇପ ଫାଟି ଯାଇଥିଲା। ସେବେଠାରୁ ଏହି ହାତୀବାଡି ଗ୍ରାମରେ ଜଳସଙ୍କଟ ଉତ୍କଟ ହୋଇପଡିଥିବା ରାଧାକୃଷ୍ଣ ରାଉତ, ଭାସ୍କର ଶଙ୍କର, ଅର୍ଜୁନ ବାସୁପତି ଓ କୃଷ୍ଣଚନ୍ଦ୍ର ରାଉତ ଗ୍ରାମବାସୀ ଜଣାଇଛନ୍ତି। ଗ୍ରାମର ପାଣି ସମସ୍ୟା ଦୂର କଲେ ଲୋକେ ଉପକୃତ ହୋଇପାରିବେ ବୋଲି ଗ୍ରାମବାସୀ କହିଛନ୍ତି।

## ରାମସାଗର ପରିଦର୍ଶନ କଲେ ବିଧାୟକ



ପାରଳାଖେମୁଣ୍ଡି,୨୮।୫(ସମିସ): ସହର ଉପକଣ୍ଠରେ ଥିବା ରାମସାଗର ପରିଦର୍ଶନ କରିଛନ୍ତି ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ। ଆଜି ସନ୍ଧ୍ୟା ସମୟରେ ବିଧାୟକ ରାମସାଗରର ନିକଟକୁ ଯାଇ ସ୍ଥିତି ଅନୁଧ୍ୟାନ ସହ ଏନେଇ ବିଭାଗୀୟ ଯନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି। ଏହି ରାମସାଗର ପାରଳାଖେମୁଣ୍ଡି ରାଜାରାଜୁଡା ଅମଳରେ ଜମିକୁ ଜଳସେଚନ ଲାଗି ନିର୍ମାଣ କରାଯାଇଥିଲା। ବିଶେଷ କରି ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଜମିକୁ ଜଳସେଚନ ବ୍ୟବସ୍ଥା ପାଇଁ ସୁଚିନ୍ତିତ ଯୋଜନା କରିଯାଇଛନ୍ତି। ତେବେ ଏହି ବୃହତ୍ତ ଜଳାଶୟ ଗୁଡିକ ପରିତ୍ୟକ୍ତ ଅବସ୍ଥାରେ ପଡି ରହିଥିବା ବେଳେ ତତ୍କାଳୀନ ନବୀନ ସରକାର ମୁଖ୍ୟ କରି ଗୋଷାଣି ବ୍ଲକର ତିନୋଟି ବୃହତ ଜଳାଶୟର ପୁନରୁଦ୍ଧାର କରିଥିଲେ। ସେଥି ମଧ୍ୟରେ ରାମସାଗର ବୃହତ ଜଳାଶୟ କାମ ଠିକା ନେଇଥିବା ଠିକାଦାର ଜଣକ ସଠିକ୍ ଭାବେ କାର୍ଯ୍ୟ କରିନଥିବା ଯୋଗୁଁ ଏହା ଏବେ ପୁନରୁଦ୍ଧାର ପୂର୍ବାବସ୍ଥାକୁ ଫେରିବାକୁ ବସିଛି। ଯାହାକି ବିଧାୟକ ଶ୍ରୀ ପାଣିଗ୍ରାହୀ ଚାଷୀଙ୍କ ଠାରୁ ଶୁଣି ଆଜି ହଠାତ୍ ରାମସାଗର ଜଳାଶୟ ଗସ୍ତ କରିଛନ୍ତି। ରାମ ସାଗର ଅଞ୍ଚଳରେ ଚାଷୀମାନଙ୍କ ପନିପରିବା ବିକ୍ରୀବଟା ଲାଗି ଏକ ଭେଣ୍ଡିଂ ଜୋନ୍ କରାଯିବା, ପର୍ଯ୍ୟଟନର ବିକାଶ କରାଯାଇ ବୋଟିଂ ଆଦି କରିବା, ସେହିଭଳି ଏହି ସାଗର ଅଞ୍ଚଳରେ ରିଙ୍ଗରୋଡ ପାଇଁ ପ୍ରସ୍ତାବ ରହିଛି। ଏସବୁ ଦିଗ ଉପରେ କାର୍ଯ୍ୟ କରିଲେ ଏହାର ବିକାଶ ହେବ ବୋଲି କହିଛନ୍ତି। ମୁଖ୍ୟ କରି ରାମସାଗରରେ ପୂର୍ବ ଭଳି ଯେପରି ପାଣି ଭରି ରହିବ ସେ ନେଇ ବ୍ୟବସ୍ଥା କରାଯିବା ଉପରେ ସରକାରଙ୍କ ଠାରେ ଉପସ୍ଥାପନ କରିବି ବୋଲି କହିଛନ୍ତି। ତେବେ ରାମସାଗରକୁ ନେଇ ଏପରି ଭାବେ ବିଭିନ୍ନ ପରିକଳ୍ପନା ହୋଇଛି। ତାହା ବାସ୍ତବରେ ପରିଣତ ହେବା ସମୟ ଆସିଛି ବୋଲି କହିଛନ୍ତି।

## ବାଲି ବୋଝେଇ ଟ୍ରାକ୍ଟର ଓ ଟିପ୍ପର ଅଟକ



ପାରଳାଖେମୁଣ୍ଡି,୨୮।୫(ସମିସ): ଗଜପତି ଜିଲ୍ଲା ଖଣି ବିଭାଗ ବେଆଇନ ବାଲିଚାଲାଣ କରୁଥିବା ଗୋଟିଏ ଟ୍ରାକ୍ଟର ଓ ଟିପ୍ପରକୁ ଅଟକ ରଖିଛି। ଆଜି ପାରଳାଖେମୁଣ୍ଡି ସହର ଉପକଣ୍ଠସ୍ଥ ରାଣୀପେଣ୍ଠ ଗ୍ରାମ ନିକଟରେ ପୃଥକ ପୃଥକ ଭାବେ ବାଲି ବୋଝେଇ ହୋଇ ଯାଉଥିବା ଗୋଟିଏ ଟ୍ରାକ୍ଟର ଓ ଟିପ୍ପରକୁ ବିଭାଗୀୟ ଅଧିକାରୀ ଅଟକାଇ ଯାଞ୍ଚବେଳେ ଆବଶ୍ୟକୀୟ କାଗଜପତ୍ର ନଥିବାରୁ ଉଭୟ ଗାଡିକୁ ନିଜ ହେପାଜତରେ ରଖିଥିଲେ। ଟ୍ରାକ୍ଟରରେ ଚାଲାଣ ହେଉଥିବା ବାଲି ବେନିୟମ ଭାବେ ପରିବହନ ହେଉଥିଲା। ଯାହାକୁ ୫୧ ହଜାର ଟଙ୍କା ଜରିମାନା ପଡ଼ିଥିବାବେଳେ ଟିପ୍ପରର ଆବଶ୍ୟକ ହେଉଥିବା କେବଳ ଗୋଟିଏ ଦସ୍ତାବେଜ ଆଣିବା ପରେ ଛଡ଼ାଯିବ ବୋଲି କହିଛନ୍ତି ଜିଲ୍ଲା ଖଣି ଅଧିକାରୀ ଦୀପେନ ପରିଡ଼ା।

### ନଳକୂପ ନଥିବାରୁ ଚୁଆ ପାଣି ଭରସା

## ଦୂଷିତ ପାଣି ପିଇ ରୋଗାକ୍ରାନ୍ତ ଡେରାଗୁମ୍ମା ଗ୍ରାମବାସୀ

ଅମ୍ବାଦଳା,୨୮।୫(ସମିସ): ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ ଅସହ୍ୟ ଗୁଳୁଗୁଳି ମଧ୍ୟରେ ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ ଇଚ୍ଛାପୁର ପଞ୍ଚାୟତ ଅନ୍ତର୍ଗତ ଡେରାଗୁମ୍ମା ଗ୍ରାମରେ ଦେଖାଦେଇଛି ଉତ୍କଟ ଜଳକଷ୍ଟ। ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ ଇଚ୍ଛାପୁର ପଞ୍ଚାୟତ ଅନ୍ତର୍ଗତ ଡେରାଗୁମ୍ମା ଗ୍ରାମରେ ପାନୀୟ ଜଳ ସମସ୍ୟା ଏବେ ଉତ୍କଟ ରୂପ ଧାରଣ କରିଛି। ପ୍ରବଳ ଖରା, ଅସହ୍ୟ ଗରମ ଓ ଗୁଳୁଗୁଳି ମଧ୍ୟରେ ଗ୍ରାମବାସୀ ପାଣି ଟୋପାଏ ପାଇଁ ଦୀର୍ଘଦିନ ଧରି ସଂଘର୍ଷ କରୁଛନ୍ତି। ଗ୍ରାମରେ ନଳକୂପ ନଥିବାରୁ ଲୋକମାନେ ଚୁଆ ଓ ଶୁଖିଯାଉଥିବା କୂଅ ପାଣି ଉପରେ ନିର୍ଭରଶୀଳ ହୋଇପଡ଼ିଛନ୍ତି। ଏହାଫଳରେ ଗ୍ରାମରେ ଝାଡା, ବାନ୍ତି ଭଳି ଜଳଜନିତ ରୋଗ ବଢୁଥିବା ଅଭିଯୋଗ ହୋଇଛି। ଡେରାଗୁମ୍ମା ଗ୍ରାମରେ ଉପର ଡେରାଗୁମ୍ମା ଓ ତଳ ଡେରାଗୁମ୍ମା ନାମରେ ଦୁଇଟି ସାହି ରହିଛି। ଉପର ସାହିରେ ୭ ପରିବାରର ପ୍ରାୟ ୩୦ ଜଣ ଏବଂ ତଳ ସାହିରେ ୯ ପରିବାରର ପ୍ରାୟ ୪୦ ଜଣ ଲୋକ ବସବାସ କରୁଛନ୍ତି। ମୋଟ ପ୍ରାୟ ୭୦ ଜଣ ଲୋକ ବସବାସ କରୁଥିଲେ ମଧ୍ୟ ଗ୍ରାମରେ ଗୋଟିଏ ମଧ୍ୟ ନଳକୂପ ନଥିବାରୁ ଲୋକମାନେ ଚରମ ଅସୁବିଧାରେ ଜୀବନ ବିତାଉଛନ୍ତି। ପ୍ରଶାସନ ପକ୍ଷରୁ କୌଣସି ସହଯୋଗ ନମିଳିବାରୁ ଉପର ସାହିର ବାସିନ୍ଦାମାନେ ନିଜ ଖର୍ଚ୍ଚରେ ଏକ କୁଅ ଖନନ କରିଥିଲେ। ଦୀର୍ଘଦିନ ଧରି ସେହି କୁଅ ପାଣି ନିତ୍ୟ ବ୍ୟବହାର କରୁଥିଲେ ମଧ୍ୟ ଖରାଦିନ ଯୋଗୁଁ ଏବେ କୁଅର ପାଣି ଶୁଖିଯାଇଛି। ଫଳରେ ଗ୍ରାମବାସୀ ପାଣି ପାଇଁ ନାହିଁନଥିବା ହଇରାଣ ହେଉଥିବା ଅଭିଯୋଗ କରିଛନ୍ତି। ସେହିପରି ତଳ ଡେରାଗୁମ୍ମା ସାହିର ଅବସ୍ଥା ମଧ୍ୟ ସମାନ ରହିଛି। ନଳକୂପ ନଥିବାରୁ ସାହିବାସୀ ପ୍ରାୟ ଅଧ କିଲୋମିଟର ଚାଲି ଏକ ନାଳ ନିକଟରେ ଥିବା ଚୁଆରୁ ପାଣି ଆଣି ବ୍ୟବହାର କରୁଛନ୍ତି। ଦୂଷିତ ପାଣି ବ୍ୟବହାର କରିବା ଫଳରେ ଦୁଇ ସାହିର ଲୋକମାନେ ବିଭିନ୍ନ ସମୟରେ ଝାଡା, ବାନ୍ତି ଭଳି ରୋଗରେ ଆକ୍ରାନ୍ତ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ପଞ୍ଚାୟତ ସରପଞ୍ଚଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ବାରମ୍ବାର ଗୁହାରି କରାଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ସ୍ଥାୟୀ ସମାଧାନ ହୋଇନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ଗ୍ରାମରେ ନଳକୂପ ସ୍ଥାପନ ସହ ଶୁଦ୍ଧ ପାନୀୟ ଜଳର ସ୍ଥାୟୀ ବ୍ୟବସ୍ଥା କରିବାକୁ ଗ୍ରାମବାସୀ ସୁମନ୍ତ ମାଝୀ, ନୀଳ ମାଝୀ, ମାଙ୍ଗଦେଇ ମାଝୀ, ମିଡ଼ି ମାଝୀ, ରେଗେଡି ମାଝୀ, ସବିତା ମାଝୀ, ସୀତା ମାଝୀ, ଶ୍ରୀମତୀ ମାଝୀ, ରିଙ୍ଗ ମାଝୀ ଓ ରତେ ମାଝୀ ପ୍ରମୁଖ ଦାବି କରିଛନ୍ତି।



### ରାୟଗଡ଼ ବ୍ଲକ ସଦର ମହକୁମା

# ପ୍ରହସନ ପାଲଟିଛି ଜଳଛତ୍ର; ହାଣ୍ଡିରେ ଶିଉଳି







ରାୟଗଡ,୨୮।୫(ସମିସ)

ରାଜ୍ୟରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ରାୟଗଡ଼ ବ୍ଲକ ସଦର ମହକୁମାରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ଏକ ବିକଳ ଚିତ୍ର ସାମ୍ନାକୁ ଆସିଛି। କାଗଜପତ୍ରରେ ଜଳ ସେବା ଚାଲିଥିବା ବେଳେ ବାସ୍ତବରେ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି ପଥଚାରୀ। ଖରାଦିନେ ଲୋକଙ୍କ ଶୋଷ ମେଣ୍ଟାଇବା ପାଇଁ ରାୟଗଡ଼ ପଞ୍ଚାୟତ ଓ ପଞ୍ଚାୟତ ସମିତି ଆନୁକୂଲ୍ୟରେ ବଡ଼ ବଡ଼ ବ୍ୟାନର ଲଗାଇ ପାନୀୟ ଜଳ ସେବା କେନ୍ଦ୍ର ବା ଜଳଛତ୍ରମାନ ଖୋଲାଯାଇଥିଲେ ହେଁ, ତାହା କେବଳ ଏକ ସରକାରୀ ପ୍ରହସନ ପାଲଟିଛି। ବିଜ୍ଞାପନ ମାରି ସରକାରୀସ୍ତରରେ ବାହାବା ନେଉଥିବା ପ୍ରଶାସନ ବାସ୍ତବ କ୍ଷେତ୍ରରେ ପଥିକ ଓ ସାଧାରଣ ଜନତାଙ୍କୁ ସ୍ୱଚ୍ଛ ଜଳ ଯୋଗାଇବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ସଦର ମହକୁମାର ପ୍ରମୁଖ ଛକରେ ଖୋଲାଯାଇଥିବା ଏହି ଜଳକେନ୍ଦ୍ର ଗୁଡ଼ିକର ସ୍ଥିତି ପରଖିବା ବେଳେ ଏକ ସମ୍ବେଦନଶୀଳ ଦୃଶ୍ୟ ଦେଖିବାକୁ ମିଳିଛି। ଓଡ଼ିଆ ସାହି ଛକରେ ଥିବା ପାଣି ହାଣ୍ଡିର ଢାଙ୍କୁଣି ନଥିବା ବେଳେ ହାଣ୍ଡି ଚାରିପଟେ ଝିଟିପିଟି ବୁଲୁଥିବା ଦେଖାଯାଇଛି। ଶିବ ମନ୍ଦିର ଓ ଖ୍ରୀଷ୍ଟିୟାନ ସାହି ଛକ ଏହି ଦୁଇଟି ପ୍ରମୁଖ ସ୍ଥାନରେ ଥିବା ହାଣ୍ଡିରେ ଟୋପାଏ ହେଲେ ପାଣି ନାହିଁ। ଦୀର୍ଘଦିନ ହେବ ଏଗୁଡ଼ିକ ଶୁଖିଲା ପଡ଼ିଛି। ସରକାରୀ ବାବୁମାନେ ବସୁଥିବା ବ୍ଲକ କାର୍ଯ୍ୟାଳୟ ସାମ୍ନାରେ ଥିବା ଜଳଛତ୍ରର ପାଣି ହାଣ୍ଡି ସୁରକ୍ଷିତ ଅବସ୍ଥାରେ ନାହିଁ। ଏଠାରେ ହାଣ୍ଡିରେ ପାଣି ତ ଅଛି, କିନ୍ତୁ ତାହା କୌଣସି ଚାଳିଆ ନଥାଇ ସୂର୍ଯ୍ୟଙ୍କ ପ୍ରଖର କିରଣରେ ସମ୍ପୂର୍ଣ୍ଣ ଖୋଲା ଆକାଶ ତଳେ ରହିଛି, ଯାହା ଦ୍ୱାରା ପାଣି ଗରମ ହୋଇ ପାନୀୟ ଉପଯୋଗୀ ହୋଇ ରହୁନାହିଁ। ଅଭିଯୋଗ ଅନୁଯାୟୀ, କେବଳ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶକୁ ରକ୍ଷା କରି କାମ ସାରିଦେବା ଆଭିମୁଖ୍ୟ ନେଇ ବିଭାଗୀୟ କର୍ମଚାରୀମାନେ ଜଳଛତ୍ର ଖୋଲି ଦେଇଛନ୍ତି କିନ୍ତୁ ଏହାର ଦୈନିକ ରକ୍ଷଣାବେକ୍ଷଣ କରାଯାଉନାହିଁ। ଦୀର୍ଘ ଦିନ ଧରି ପାଣି ବଦଳାଯାଇ ନଥିବାରୁ ଏବଂ ଅପରିଷ୍କାର ଯୋଗୁଁ ମାଟି ହାଣ୍ଡି ଭିତରେ ଓ ବାହାରେ ସବୁଜ ଶିଉଳି ଜମି ଗଲାଣି। ଜଳକୁ ସୁରକ୍ଷିତ ରଖିବା ପାଇଁ କୌଣସି ନିର୍ଦ୍ଦିଷ୍ଟ ଢାଙ୍କୁଣି ନାହିଁ, କେବଳ ଗୋଟିଏ ଖୋଲା ପ୍ଲାଷ୍ଟିକ ଥାଳି ଓ ଅସ୍ୱାସ୍ଥ୍ୟକର ମଗ୍ ପଡ଼ି ରହିଛି। ଏଭଳି ସ୍ଥିତିରେ କୌଣସି ପଥଚାରୀ ସେଠାରୁ ପାଣି ପିଇବାକୁ ସାହସ କରୁନାହାନ୍ତି।

ଏହି ପ୍ରଚଣ୍ଡ ଖରାରେ ବଜାର, ବ୍ଲକ କାର୍ଯ୍ୟାଳୟ, ବ୍ୟାଙ୍କ ତଥା ଅନ୍ୟାନ୍ୟ ଜରୁରୀ ସରକାରୀ କାର୍ଯ୍ୟରେ ଆସୁଥିବା ସାଧାରଣ ଜନତା, ମହିଳା ଓ ପଥିକ ତୃଷାର୍ତ୍ତ ଅବସ୍ଥାରେ ଏହି ଜଳଛତ୍ର ନିକଟକୁ ଆସି ନିରାଶ ହୋଇ ଫେରୁଛନ୍ତି। ପଇସା ଦେଇ ଥଣ୍ଡା ପାଣି ବୋତଲ କିଣିବା ସମସ୍ତଙ୍କ ପକ୍ଷେ ସମ୍ଭବ ହେଉ ନଥିବାରୁ ଗରିବ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରଶାସନର ଏଭଳି ଦାୟିତ୍ୱହୀନତା ଓ ଜନବିରୋଧୀ ମନୋଭାବକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଜନଅସନ୍ତୋଷ ପ୍ରକାଶ ପାଇଛି। ସ୍ଥାନୀୟ ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ସମସ୍ତ ଜଳ ସେବା କେନ୍ଦ୍ରକୁ ସଠିକ୍ ଭାବେ କାର୍ଯ୍ୟକ୍ଷମ କରିବା ସହ ଦୈନିକ ସ୍ୱଚ୍ଛ ଜଳ ଯୋଗାଇବାକୁ ଆଞ୍ଚଳିକ ବାସିନ୍ଦା ଓ ବୁଦ୍ଧିଜୀବୀ ଦାବି କରିଛନ୍ତି।

## ଇଦ୍-ଉଲ୍-ଜୁହା ପାଳିତ



ଜୟପୁର, ୨୮।୫(ସମିସ): ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ସମର୍ପଣର ପର୍ବ ଇଦ୍-ଉଲ୍-ଜୁହା ଗୁରୁବାର ପାଳିତ ହୋଇଯାଇଛି। ଜୟପୁର ସହରର ସୁନ୍ନି ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ପୂର୍ବାହ୍ନରେ ଖ୍ରୀଷ୍ଟିଆନ ସାହି ଛକ ଇଦ୍‌ଗା ମଇଦାନ ଠାରେ ମିଳିତ ଭାବେ ପ୍ରାର୍ଥନା କରାଯାଇଥିଲା। ଭୋରରୁ ସ୍ଥାନୀୟ ଡେରା ସାହି ସ୍ଥିତ ଜାମା ମସଜିଦ୍ ଏବଂ ନାଗାର୍ଚ୍ଚି ସାହି ମଦିନା ମସ୍‌ଜିଦରେ ପୂର୍ବାହ୍ନରେ ନମାଜ ପାଠ କରିଥିଲେ। ଏହିପରି ସମ୍ପ୍ରଦାୟର କବରସ୍ଥାନରେ ଲୋକମାନେ ପହଞ୍ଚି ନିଜ ନିଜ ମୃତ ପରିବାର ବର୍ଗଙ୍କ କବର ସମ୍ମୁଖରେ ଧୂପକାଠି ଓ ଫୁଲ ପ୍ରଦାନ କରି ପ୍ରାର୍ଥନା କରିଥିଲେ। ପରମ୍ପରାକୁ ବଜାୟ ରଖିବାପାଇଁ ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ଇଦ-ଉଲ-ଜୁହା ଅବସରରେ ବିଭିନ୍ନ ପଶୁଙ୍କୁ ବଳି ଦେବା ସହିତ ଗରିବ ଲୋକଙ୍କୁ ଖାଦ୍ୟ, ଟଙ୍କା ଏବଂ ଅନ୍ୟାନ୍ୟ ସାମଗ୍ରୀ ବଣ୍ଟନର ପରମ୍ପରା ରହିଛି ବୋଲି ସ୍ଥାନୀୟ ସୁନ୍ନି ମୁସଲିମ ଅଞ୍ଜୁମନ କମିଟି ପକ୍ଷରୁ ପ୍ରକାଶ କରାଯାଇଛି।

## ମାଲକାନଗିରିରେ ପ୍ରବଳ ଧୂଳିଝଡ଼, ଜନଜୀବନ ଅସ୍ତବ୍ୟସ୍ତ

ମାଲକାନଗିରି,୨୮।୫(ସମିସ): ମାଲକାନଗିରି ଜିଲ୍ଲାରେ ଆଜି ସନ୍ଧ୍ୟାରେ ପ୍ରବଳ ବେଗରେ ଧୂଳିଝଡ଼ ମାଡ଼ି ଆସି ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ସନ୍ଧ୍ୟା ପ୍ରାୟ ୫ଟା ସମୟରେ ହଠାତ୍ ଜୋରଦାର ପବନ ସହ ଧୂଳିଝଡ଼ ଆରମ୍ଭ ହୋଇ ସମଗ୍ର ଜିଲ୍ଲା ସଦର ଓ ଆଖପାଖ ଅଞ୍ଚଳକୁ ଧୂଳିମୟ କରିଦେଇଥିଲା। ପ୍ରବଳ ପବନରେ ଅନେକ ସ୍ଥାନରେ ବଡ଼ ବଡ଼ ଗଛ ଭାଙ୍ଗି ଘର ଉପରେ ପଡ଼ିଥିବାରୁ କ୍ଷୟକ୍ଷତି ଘଟିଛି। କିଛି ରାସ୍ତା ଉପରେ ମଧ୍ୟ ଗଛ ଉପଡ଼ି ପଡ଼ିଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଫଳରେ ଲୋକମାନେ ଯାତାୟାତରେ ବହୁ ସମସ୍ୟାର ସମ୍ମୁଖୀନ ହୋଇଥିଲେ। କିଛି ସ୍ଥାନରେ ଘରର ଟିଣ ଉଡି ଯାଇଥିବା ବେଳେ ଲୋକେ ଜୀବନ ବଞ୍ଚାଇ ଦଉଡି ଥିବା ଦେଖିବାକୁ ମିଳିଛି। ଏହି ଝଡ଼ରେ କେତେକ ସ୍ଥାନରେ ବିଦ୍ୟୁତ ଖୁଣ୍ଟ ଭାଙ୍ଗିଯାଇଥିବାରୁ ବିଦ୍ୟୁତ ସରବରାହ ମଧ୍ୟ ବନ୍ଦ ରହିଛି। ବିଦ୍ୟୁତ ବିଭାଗ ଓ ଅଗ୍ନିଶମ ବିଭାଗ ପକ୍ଷରୁ ଭାଙ୍ଗିପଡ଼ିଥିବା ଗଛ ହଟାଇବା ଏବଂ ବିଦ୍ୟୁତ ସେବା ସ୍ୱାଭାବିକ କରିବା ପାଇଁ କାମ ଆରମ୍ଭ ହୋଇଥିବା ସୂଚନା ମିଳିଛି। ତେବେ ପ୍ରବଳ ପବନ ପରେ ସ୍ୱଳ୍ପ ବର୍ଷା ଜିଲ୍ଲାବାସୀଙ୍କୁ ତାତିରୁ ସାମାନ୍ୟ ଆଶ୍ୱସ୍ତ କରିଛି।



## ଠିକାଦାର ଓ ଯନ୍ତ୍ରୀଙ୍କ ସଲାସୁତରା

# ଅଧପନ୍ତରିଆ ଅବସ୍ଥାରେ କେନାଲ ପୋଲ ନିର୍ମାଣ

ବନ୍ତ/ଆଗରପଡ଼ା,୨୮।୫(ସମିସ)



ଗତ ଫେବୃଆରୀ ୧୯ ତାରିଖରେ '୨ବର୍ଷ ପରେ ବି ସରୁନି କେନାଲ ପୋଲ ନିର୍ମାଣ' ଶୀର୍ଷକ ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ଅଧପନ୍ତରିଆ ଅବସ୍ଥାରେ ଥିବା କେନାଲ ପୋଲର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ସହ ଅସମ୍ପୂର୍ଣ୍ଣ ପୋଲର ସ୍ଲାବ୍ କାମ ସରିଯାଇଥିଲା। କିନ୍ତୁ ଇତି ମଧ୍ୟରେ ୨ ମାସ ବିତିଯାଇଥିଲେ ସୁଦ୍ଧା ପୋଲର ସୁରକ୍ଷା ବାଡ଼ା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ନ ଥିବା ଜଣାପଡ଼ିଛି। ସେହିପରି ନିର୍ମାଣାଧୀନ ଉକ୍ତ ପୋଲ ଉପରେ ବିଦ୍ୟୁତ୍ ତାର ଯାଇଥିବାବେଳେ ବିଦ୍ୟୁତ୍ ଖୁଣ୍ଟିର ଅବସ୍ଥାନ ଆଗାମୀ ଦିନରେ ଗମନାଗମନରେ ବଡ଼ଧରଣର ସମସ୍ୟା ରୂପେ ଉଭା ହେବାର ସମ୍ଭାବନା ସୃଷ୍ଟି ହୋଇଥିବାବେଳେ ବିଦ୍ୟୁତ୍ ଖୁଣ୍ଟିକୁ ବିଭାଗ ପକ୍ଷରୁ ଅନ୍ୟତ୍ର ସ୍ଥାନାନ୍ତରିତ କରାଯାଇପାରି ନାହିଁ। ଯାହାକି ବିଭାଗର କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ବନ୍ତ ବ୍ଲକ୍ ଗୋପିନାଥପୁର ପଞ୍ଚାୟତରେ ପ୍ରବାହିତ ଚରମ୍ପା କେନାଲ ଉପରେ ନିର୍ମାଣାଧୀନ ପୋଲ ୨ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ବି ସରିବାର ନାଁ ଧରୁ ନ ଥିବା ଏବଂ ଉକ୍ତ ପୋଲ ନିର୍ମାଣ ପାଇଁ ମଞ୍ଜୁର ହୋଇଥିବା ଅର୍ଥ ନିର୍ମାଣ ନ ସରୁଣୁ ଠିକାଦାରଙ୍କ ଦ୍ୱାରା ବିଭାଗୀୟ ଅଧିକାରୀଙ୍କ ସହଯୋଗରେ ଚଳୁ ହୋଇଯାଇଥିବା ନେଇ ଫେବୃଆରୀ ମାସରେ ବନ୍ତ ବ୍ଲକ୍‌ରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଗୋପିନାଥପୁର ପଞ୍ଚାୟତ ଗ୍ରାମବାସୀ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଥିଲା।

ଗତ ୨ବର୍ଷ ତଳେ ପାଖାପାଖି ୪୩ ଲକ୍ଷ ଟଙ୍କା ମଞ୍ଜୁର ଅର୍ଥରେ ଗୋପିନାଥପୁର ପଞ୍ଚାୟତ ଦେଇ ପ୍ରବାହିତ ହେଉଥିବା ଚରମ୍ପା କେନାଲ ଉପରେ ଗୋପିନାଥପୁରଠାରେ ଏକ ପୋଲ ନିର୍ମାଣ ନିମନ୍ତେ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ପୂର୍ବତନ ସରକାରଙ୍କ ସମୟରେ ସ୍ଥାନୀୟ ବିଧାୟକ ଶିଳାନ୍ୟାସ କରିଥିଲେ। ଉକ୍ତ ପୋଲ ଚାଷ ଓ ଅମଳ ସମୟରେ ଚାଷୀଙ୍କ କାମରେ ଲାଗିବାକୁ ନେଇ ନିର୍ମାଣ ପାଇଁ ସ୍ଥିର କରାଯାଇଥିଲା। କିନ୍ତୁ ଇତି ମଧ୍ୟରେ ୨ ବର୍ଷରୁ ଅଧିକ ସମୟ ବିତିଯାଇଥିବା ବେଳେ ଏହା ଅଧପନ୍ତରିଆ ଅବସ୍ଥାରେ ଦଣ୍ଡାୟମାନ ହୋଇ ସରକାରଙ୍କ ଲକ୍ଷ୍ୟ ପ୍ରତି ପରିହାସ ସୃଷ୍ଟି କରିବା ସହ ଅଧପନ୍ତରିଆ ଅବସ୍ଥାରେ ଥିବା ଉକ୍ତ ପୋଲ ଗୃହପାଳିତ ପଶୁପକ୍ଷୀଙ୍କ ଜୀବନ ପ୍ରତି ବିପଦ ମଧ୍ୟ ସୃଷ୍ଟି କରୁଛି। ଏହା ତଳେ ଗମନାଗମନ କରିବାମାନେ ବିପଦକୁ ଆମନ୍ତ୍ରଣ କରିବା ସଦୃଶ ପାଲଟିଛି। ସେହିପରି ଏହା ପାଖରେ ଥିବା ପୁରାତନ ପୋଲ ମଧ୍ୟ ଗମନାଗମନ ପାଇଁ ନିରାପଦ ନୁହେଁ ବୋଲି ସେମାନେ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଥିବା ଜଣାପଡ଼ିଥିଲା। ଅପରପକ୍ଷରେ ଉକ୍ତ ପୋଲ ନିର୍ମାଣ ନିମନ୍ତେ ମଞ୍ଜୁର ହୋଇଥିବା ସମସ୍ତ ଅର୍ଥ ନିର୍ମାଣ ନ ସରୁଣୁ ଉଠାଣ ହୋଇଥିବା ମଧ୍ୟ ଅଭିଯୋଗ ହୋଇଥିଲା।

ନିର୍ମାଣ ନ ସରୁଣୁ ଠିକାଦାର ଓ ଯନ୍ତ୍ରୀଙ୍କ ସଲାସୁତରା ଯୋଗୁଁ ମଞ୍ଜୁର ଅର୍ଥ ଚଳୁ ହୋଇଯାଇଥିବାରୁ ଉକ୍ତ ପୋଲ ନିର୍ମାଣ ସରିବା ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ତେଣୁ ଏହାର ଏକ ବିଧିବଦ୍ଧ ତଦନ୍ତ କରାଯାଇ ଅସମ୍ପୂର୍ଣ୍ଣ ପୋଲକୁ ସମ୍ପୂର୍ଣ୍ଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଥିବା ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇବା ପରେ ଠିକାଦାର ତରବରିଆ ଭାବେ ଅସମ୍ପୂର୍ଣ୍ଣ ପୋଲର ସ୍ଲାବ୍ କାମ ସାରିଦେଇ ଚୁପ୍ ହୋଇ ବସିଥିବାରୁ ପୋଲଟି କେବେ କାର୍ଯ୍ୟକ୍ଷମ ହେବ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ତେଣୁ ବର୍ଷା ଦିନ ଆରମ୍ଭ ହେବା ପୂର୍ବରୁ ଅସମ୍ପୂର୍ଣ୍ଣ ପୋଲକୁ ସମ୍ପୂର୍ଣ୍ଣ କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

## ଧାମନଗର ପାଇଁ ଗୌରବ ଆଣିଲେ ସାଇବନିତା



ଧାମନଗର,୨୮।୫(ସମିସ): ଧାମନଗର ବ୍ଲକ୍ ଅନ୍ତର୍ଗତ ଚୁଡ଼ାକୁଟି ପଞ୍ଚାୟତ ଅଧୀନସ୍ଥ ମାଙ୍କିଡ଼ିଆ ଗ୍ରାମର ସମାଜସେବୀ କପିଳଚନ୍ଦ୍ର ବେହେରା ଓ ମାଆ ସସ୍ମିତା ବେହେରାଙ୍କ ଏକମାତ୍ର ଝିଅ ରେଭେନ୍ସା ମହାବିଦ୍ୟାଳୟ ଛାତ୍ରୀ ସାଇବନିତା ବେହେରା ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ସଫଳତା ହାସଲ କରିଛନ୍ତି। ଯୁକ୍ତ ୨ ବିଜ୍ଞାନରେ ଚଳିତ ବର୍ଷ ସର୍ବାଧିକ ୫୫୪ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ସାଇବନିତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଇବା ସହିତ ତାଙ୍କର ଉଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଏହି ସଫଳତା ପଛରେ ଶ୍ରେୟ ତାଙ୍କ ବାପା, ମାଆ ଓ ତାଙ୍କର କଠିନ ପରିଶ୍ରମ ସହିତ ଅନୁଷ୍ଠାନର ଶିକ୍ଷକମାନଙ୍କର ମାର୍ଗଦର୍ଶନ ଓ ସହଯୋଗ ରହିଛି ବୋଲି ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

## ଗରଦପୁର ଗ୍ରାମ ବିକାଶ ସମିତି ପକ୍ଷରୁ ଜିଲ୍ଲାପାଳଙ୍କ ସହ ଆଲୋଚନା



ଭଦ୍ରକ,୨୮।୫(ସମିସ): ଗରଦପୁର ଗ୍ରାମ ବିକାଶ ସମିତିର ସଭାପତି ଲକ୍ଷ୍ମଣ କୁମାର ମହାନ୍ତିଙ୍କ ନେତୃତ୍ୱରେ ଗରଦପୁର ଗ୍ରାମର କେତେକ ସମସ୍ୟା ସମ୍ପର୍କରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କୁ ଭେଟି ଆଲୋଚନା ହୋଇଥିଲା। ଜିଲ୍ଲାପାଳ ଶ୍ରୀ ରାଉତରାଏ ଡକ୍ଟରେଟ୍ ଉପାଧି ଲାଭ କରିଥିବାରୁ ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଗରଦପୁର ଗ୍ରାମ ମଧ୍ୟଭାଗରେ ଅବସ୍ଥିତ ଏକ ଜଳାଶୟ ପୁନଃଉଦ୍ଧାର ନିମନ୍ତେ ଯାହା ପୌରପାଳିକା ପକ୍ଷରୁ ଟେଣ୍ଡର ହୋଇଥିଲେ ମଧ୍ୟ କାର୍ଯ୍ୟ ଆରମ୍ଭ ହେଉ ନ ଥିବାରୁ ଜିଲ୍ଲାପାଳଙ୍କୁ ଜଣାଇଥିଲେ। ଗରଦପୁରରେ ଜନ୍ମଗ୍ରହଣ କରିଥିବା "ରତ୍ନକୋଷ" ପ୍ରଣେତା କବି ଭାଗିରଥି ମହାପାତ୍ରଙ୍କ ଶ୍ରାଦ୍ଧୋତ୍ସବ ପ୍ରତିବର୍ଷ ଜୁଲାଇ ୨୦ ତାରିଖରେ ପାଳିତ ହେବାକୁ ସରକାରୀ ମାନ୍ୟତା ପ୍ରଦାନ ପାଇଁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ନିବେଦନ କରିଥିଲେ। ଏତଦ୍‌ବ୍ୟତୀତ ଗରଦପୁର ଗ୍ରାମରେ ଅବସ୍ଥିତ ବିଷ୍ଣୁମୋହନ ସରକାରୀ ଉଚ୍ଚ ବିଦ୍ୟାଳୟକୁ ଖେଳ ପଡ଼ିଆ ଯୋଗାଇଦେବାକୁ ଆବେଦନ କରାଯାଇଥିଲା। ଜିଲ୍ଲାପାଳ ଡ. ରାଉତରାଏ ସହୃଦୟତାର ସହ ବିଚାର କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି ଆଲୋଚନାବେଳେ ପ୍ରଦୌତନ ସୁଆର, ପୂର୍ଣ୍ଣଚନ୍ଦ୍ର ବହଳୀ, ବିଜୟକୁମାର ଅଗସ୍ତି, ରାମଚନ୍ଦ୍ର କର, ସୁଧାଂଶୁ ଶେଖର ମହାନ୍ତି, ନରେନ୍ଦ୍ର ମହାପାତ୍ର, ହରିହର ମହାନ୍ତି, ରବିନାରାୟଣ ଜେନା ପ୍ରମୁଖ ସହଯୋଗ କରିଥିଲେ।

## ସ୍ମରଣିକା ଅଚ୍ୟୁତାଞ୍ଜଳି ଉନ୍ମୋଚିତ



ବାରିକପୁର,୨୮।୫(ସମିସ): ବିଶିଷ୍ଟ କବି ଓ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଅଚ୍ୟୁତାନନ୍ଦ ସାମଲ ସଦାସର୍ବଦା ସ୍ମରଣୀୟ ହୋଇ ରହିବେ। ସେ ଜଣେ ବ୍ୟକ୍ତି ନ ଥିଲେ, ଗୋଟିଏ ଅନୁଷ୍ଠାନ ଥିଲେ ବୋଲି ଅଚ୍ୟୁତାନନ୍ଦଙ୍କ ଏକାଦଶାହ ସ୍ମୃତିଚାରଣ ସଭାରେ ବିଶିଷ୍ଟ ବ୍ୟକ୍ତିମାନେ ମତ ପ୍ରକାଶ କରିଛନ୍ତି। ଭଣ୍ଡାରିପୋଖରୀ ସାହିତ୍ୟ ସଂସଦ ଆନୁକୂଲ୍ୟରେ ତୁଳସୀପୁରଠାରେ ଡ. କ୍ଷୀରୋଦ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ସ୍ୱାଧୀନତା ସଂଗ୍ରାମୀ ଗୋଲକ ଚନ୍ଦ୍ର ମହାନ୍ତି, ବିଶିଷ୍ଟ ସାହିତ୍ୟିକ ସୁଧାକର ନନ୍ଦ, ଡ. ବ୍ରଜମୋହନ ମିଶ୍ର, ଡ. ଭରତ ବେହେରା, ଡ. ସୁରେନ୍ଦ୍ର ମିଶ୍ର, ସମାଜସେବୀ ବଦ୍ରିନାରାୟଣ ଧଳ, ଶିକ୍ଷାବିତ୍ ହେମେନ୍ଦ୍ର ମହାନ୍ତି, ଜିତେନ୍ଦ୍ର ନାୟକ, ସୁରଞ୍ଜନ ପଣ୍ଡା, ରତିକାନ୍ତ ବେହେରା, ଅଧ୍ୟାପକ ଅନାଦି ଚରଣ ସାହୁ, ପ୍ରକାଶ ମହାପାତ୍ର, ପବନ ନାୟକ, ପୁରୁଷୋତ୍ତମ ଧଳ, ରମାକାନ୍ତ ବେହେରା, ଜଗନ୍ନାଥ ସାମଲ, ଭୁବନମୋହନ ମହାନ୍ତି ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଯୋଗ୍ୟଶ୍ରୀ ସାମଲଙ୍କ ସମ୍ପାଦିତ 'ଅଚ୍ୟୁତାନନ୍ଦ ପରିକ୍ରମା' ଓ ସ୍ମରଣିକା 'ଅଚ୍ୟୁତାଞ୍ଜଳି'କୁ ଅତିଥିମାନେ ଉନ୍ମୋଚନ କରିଥିଲେ।

## ବରିଷ୍ଠ ନାଗରିକ ପରିଷଦର କାର୍ଯ୍ୟକାରିଣୀ ବୈଠକ

ଧାମନଗର,୨୮।୫(ସମିସ): ଧାମନଗରସ୍ଥିତ ଏପିଜେ ଅବ୍‌ଦୁଲ କଲାମ ପାଠାଗାର କେନ୍ଦ୍ର ତଥା ଧାମନଗର ବରିଷ୍ଠ ନାଗରିକ ପରିଷଦର ସଭାଗୃହରେ ସଭାପତି ଅନିଲ କୁମାର ବାରିକଙ୍କ ସଭାପତିତ୍ୱରେ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସୋସାଇଟି ଆକ୍ଟ ଅନୁଯାୟୀ ୫ ବର୍ଷରେ ପରିଷଦ ନବୀକରଣ, ଧାମନଗର ସହରରେ ଟ୍ରାଫିକ୍ ସମସ୍ୟା, ବାର୍ଷିକ ମୁଖପତ୍ର ପ୍ରକାଶନ ପାଇଁ



ସମ୍ପାଦନା ମଣ୍ଡଳୀ ଗଠନ, ଓଡ଼ିଆ ସଂସ୍କୃତି, ରଜ ମହୋତ୍ସବ ପାଳନ, ଚଳିତ ଶିକ୍ଷା ବର୍ଷରେ ମାଧ୍ୟମିକ ଶିକ୍ଷା ବୋର୍ଡ ପରୀକ୍ଷାରେ ବ୍ଲକ୍ ଟପ୍ପର ଛାତ୍ରଛାତ୍ରୀଙ୍କୁ ପ୍ରତିଭା ସମ୍ମାନ ଦେବା ଓ ବିଭିନ୍ନ ସାମାଜିକ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ପରିଷଦର ସାଧାରଣ ସମ୍ପାଦକ ଶଚୀକାନ୍ତ ପଣ୍ଡା, ଉପସଭାପତି ସୁରଥ ଚନ୍ଦ୍ର ସେଠୀ, ସେକ୍ ଅବ୍‌ଦୁଲ ହାକିମ, ବରିଷ୍ଠ ସଦସ୍ୟ ହୃଦାନନ୍ଦ କର, ଅଭିମନ୍ୟୁ ମଲ୍ଲିକ, ନରେନ୍ଦ୍ର ମଲ୍ଲିକ, ରାମଚନ୍ଦ୍ର ସାହୁ, ବିଶ୍ୱନାଥ ବେହେରା, ଲମ୍ବୋଦର ମହାନ୍ତି, ମହେଶ୍ୱର ସ୍ୱାଇଁ, ବ୍ରହ୍ମାନନ୍ଦ ପୃଷ୍ଟି, ରମଣୀ ରଞ୍ଜନ ଦାଶ, ଭିକାରୀ ବେହେରା, ଦଶରଥ ଦାସ, ନିରାକାର ଧଳ ପ୍ରମୁଖ ଅଂଶଗ୍ରହଣ କରିଥିବାବେଳେ ପରିଷଦର ଅନେକ ସଦସ୍ୟ ଉପସ୍ଥିତ ଥିଲେ। ବରିଷ୍ଠ ସଭ୍ୟ କୃଷ୍ଣ ଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ଜରାଜୀର୍ଣ୍ଣ ତୁଳସୀପୁର ଗ୍ରାମ୍ୟ ଉନ୍ନୟନ ରାସ୍ତା

ବାରିକପୁର,୨୮।୫(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ସରସଦା ପଞ୍ଚାୟତ ତୁଳସୀପୁର ଗ୍ରାମ୍ୟ ଉନ୍ନୟନ ରାସ୍ତାଟି ପାଖାପାଖି ଦୁଇ ବର୍ଷ ହେବ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ସାହାରାଗଡ଼ିଆ ଛକଠାରୁ ତୁଳସୀପୁର ଗାଁ ଦେଇ ରଣାଡିହ ଅତିକ୍ରମ କରି ବରଦା ବଜାରକୁ ଉକ୍ତ ରାସ୍ତାଟି ସଂଯୋଗ ହୋଇଛି। କିଛିବର୍ଷ ପୂର୍ବରୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ରାସ୍ତାର ଅର୍ଦ୍ଧାଧିକ ଭାଗ କଂକ୍ରିଟ୍ ନିର୍ମାଣ ହୋଇଥିବାବେଳେ ଆଉ ଅଧା ପିଚୁ ନିର୍ମିତ ହୋଇଥିଲା। ଇତିମଧ୍ୟରେ



ରାସ୍ତା ମରାମତି ସମୟସୀମା ମଧ୍ୟ ଶେଷ ହୋଇଯାଇଛି। ୨୦୨୫ ଜାନୁଆରୀ ମାସରୁ ଯୋଜନା ମୁତାବକ ରାସ୍ତା ରକ୍ଷଣାବେକ୍ଷଣ ବାବଦରେ ବଳକା ଅର୍ଥ ଖର୍ଚ୍ଚ ସରିଛି। ଏହାପରେ ଏକ ବର୍ଷରୁ ଊର୍ଦ୍ଧ୍ୱ ହେବ ଆଉ ରାସ୍ତା ମରାମତି ହେଉନାହିଁ। ବିଶେଷ କରି ଏବେ ରଣାଡିହଠାରୁ ବରଦା ବଜାର ପୂର୍ତ୍ତ ବିଭାଗ ରାସ୍ତା ଯାଏଁ ଏହି ପଥ ବିପଦସଂକୁଳ ପାଲଟିଛି। ପିଚୁ, ବଜୁରୀ ଓ ମେଣ୍ଟାଲ ଉଠିଯାଇଥିବା ବେଳେ ବାଇକ୍ ଓ ସାଇକଲରେ ଯିବା କଷ୍ଟକର ହୋଇପଡୁଛି। ଦୈନିକ ହଜାରେରୁ ୧୫ଶହ ଗ୍ରାମବାସୀ ଗମନାଗମନ ପାଇଁ ଯନ୍ତ୍ରଣା ଭୋଗୁଛନ୍ତି। ଗ୍ରାମରୁ ଭଣ୍ଡାରିପୋଖରୀ ପାଖକୁ ଯିବା ପାଇଁ ସାମାନ୍ୟ ସହଜ ହେଉଥିବାବେଳେ ସରସଦାକୁ ଯାତାୟାତ ପାଇଁ ଲୋକେ କଣ୍ଟକିତ ପଥ ଅତିକ୍ରମ କରୁଛନ୍ତି। ତେଣୁ ରାସ୍ତାର ନବୀକରଣ କାର୍ଯ୍ୟ ପାଇଁ ଗ୍ରାମବାସୀମାନେ ଦୃଢ଼ ଦାବି କରିଛନ୍ତି। ଏନେଇ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ରଞ୍ଜନ ନାୟକଙ୍କୁ ପଚାରିବାରୁ ରାସ୍ତା ମରାମତି ବାବଦରେ ପ୍ରସ୍ତାବ ରହିଥିବା କହିଛନ୍ତି। ଅର୍ଥ ଆସିଲେ ଖୁବ୍‌ଶୀଘ୍ର ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି।

● ପୁସ୍ତକ ଉନ୍ମୋଚନ ଉତ୍ସବ

## 'ନିରବତା ହିଁ ସମାଧାନର ରାସ୍ତା ଦେଖାଇବ'




ବାସୁଦେବପୁର,୨୮।୫(ସମିସ): ମଣିଷ ସଂସ୍କୃତି, ପରମ୍ପରା, ପ୍ରେମ ଓ ପରସ୍ପରକୁ ଭଲ ପାଇବା ଭୁଲିଗଲେଣି। ବୌଦ୍ଧିକ ବିକାଶ ନ ହେଲେ ସେ ଆଗକୁ ଯାଇପାରିବ ନାହିଁ। ଛୋଟ ଛୋଟ ମୁହୂର୍ତ୍ତକୁ ନେଇ ଚିନ୍ତନ କରି ବହିର ପରିକଳ୍ପନା କରାଯାଇପାରେ। ଯାହା ସମାଜର ବାସ୍ତବ ଚିତ୍ର ପୁସ୍ତକ ପରିପ୍ରକାଶ କରେ ବୋଲି ବାସୁଦେବପୁର ନୀଳମଣି ଟାଉନ୍ ହଲ୍‌ରେ ଲେଖିକା ଜସ୍ମିନ ଜ୍ୟୋତି ବେହେରାଙ୍କ ପୁସ୍ତକ ଉନ୍ମୋଚନ ଉତ୍ସବରେ ବରେଣ୍ୟ ଅତିଥି ଭାବେ ଯୋଗଦେଇ ଭଦ୍ରକ ଜିଲ୍ଲାପାଳ ଡ. ଦିଲ୍ଲୀପ ରାଉତରାଏ କହିଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ, ଜୀବନର ବିଭିନ୍ନ ସମସ୍ୟା ଆସିବ। ତାକୁ ସାମ୍ନା କରିବାକୁ ହେବ। ସମସ୍ୟା ସମ୍ମୁଖୀନ ହେବାବେଳେ ଜୀବନର ଗତିପଥ ବଦଳିଯିବ। ସମସ୍ତେ ନିଜେ ନିଜକୁ ଭଲପାଇବା। ଯେଉଁଟାକୁ ଆମେ ବଦଳାଇପାରିବା ତାକୁ ଗ୍ରହଣ କରିବା। ଯାହାକୁ ବଦଳାଇପାରିବା ନାହିଁ ନିରବ ରହିବା। ନିରବତା ସମାଧାନ ରାସ୍ତା ଦେଖାଇବ। ଆୟୋଜିତ ସଭାରେ ବିଧାୟକ ଅଶୋକ କୁମାର ଦାସ କହିଥିଲେ ନିଜର ଅନୁଭବ ଓ ଅନୁଭୂତି ପରିପ୍ରକାଶ କଲେ ଦକ୍ଷତାର ବିକାଶ ଘଟିବ। ବରେଣ୍ୟ ଅତିଥି ଅଭିନେତା ପପୁ ପମ୍‌ପମ୍, ଅଭିନେତା ଅମ୍ଳାନ ଦାସ, ପୌରାଧ୍ୟକ୍ଷା ନିବେଦିତା ବେହେରା, ସ୍ନିଗ୍ଧା ମହାନ୍ତି, କବି ଦୀନବନ୍ଧୁ ପତି, ଗାଳ୍ପିକ ପବିତ୍ର ପାଣିଗ୍ରାହୀ, କବି ପ୍ରଶାନ୍ତ ଦାସ, ଶିଳ୍ପୀ ଅଶୋକ ମହାନ୍ତି, ଭାଗିରଥି ପଲାଇ, ରମେଶ ଚନ୍ଦ୍ର ବେହେରା, ଶିକ୍ଷାବିତ୍ ସୁଧାଂଶୁ ଶେଖର ମିଶ୍ର, ବୈଲୋଚନ ଜେନା ଯୋଗଦେଇଥିଲେ। ଲେଖିକ ଜସ୍ମିନ ଜ୍ୟୋତି ବେହେରା ପୁସ୍ତକ ରଚନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସୁଧାଂଶୁ ପଣ୍ଡା ସଭାର ସଂଯୋଜନା କରିଥିଲେ।

## ଋଣ ଜାଲିଆତି ଓ ଅନିୟମିତତା ଅଭିଯୋଗର ଉଚ୍ଚସ୍ତରୀୟ ତଦନ୍ତ ଦାବି

ଅସୁରାଳି,୨୮।୫(ସମିସ)

ଧାମନଗର ବ୍ଲକ୍ ଅନ୍ତର୍ଗତ ପାଳସାହି ସେବା ସମବାୟ ସମିତିରେ ଦୀର୍ଘ ୪ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ସାଧାରଣ ସଭା (ଜେନେରାଲ ବଡି ମିଟିଙ୍ଗ୍) ହେଉ ନ ଥିବାରୁ ଅଞ୍ଚଳବାସୀ ଓ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପାଳସାହି ଓ ରଇପୁର ଭଳି ଦୁଇଟି ପ୍ରମୁଖ କୃଷିପ୍ରଧାନ ପଞ୍ଚାୟତକୁ ନେଇ ଗଠିତ ଏହି ସମିତି ଉପରେ ସ୍ଥାନୀୟ ଅଞ୍ଚଳର ପ୍ରାୟ ୮୦ ପ୍ରତିଶତରୁ ଅଧିକ ଚାଷୀ ନିର୍ଭରଶୀଳ। ନିୟମ ଅନୁଯାୟୀ, ପ୍ରତିବର୍ଷ ମାର୍ଚ୍ଚ ମାସ ଶେଷ ସୁଦ୍ଧା ଚାଷୀମାନଙ୍କୁ ନେଇ ସାଧାରଣ ସଭା ଅନୁଷ୍ଠିତ ହେବା କଥା, ମାତ୍ର ଏଠାରେ ନିୟମକୁ ସମ୍ପୂର୍ଣ୍ଣ ଜଳାଞ୍ଜଳି ଦିଆଯାଇଥିବା ଅଭିଯୋଗ ହୋଇଛି। ଶୁକ୍ରବାର ପୂର୍ବାହ୍ଣ ପ୍ରାୟ ୧୧ଟା ସମୟରେ ୨ଟି ପଞ୍ଚାୟତର ବହୁ ବିଶିଷ୍ଟ ବ୍ୟକ୍ତି ଓ ଚାଷୀ ସମିତି କାର୍ଯ୍ୟାଳୟରେ ପହଞ୍ଚି ସଭାପତି ଓ କର୍ମଚାରୀଙ୍କ ସହ ବିଭିନ୍ନ ସମସ୍ୟା ବାବଦରେ ଆଲୋଚନା କରିବା ସହ ପ୍ରତିବାଦ କରିଥିଲେ। ସମ୍ପାଦକ ସୁବାସ ଚନ୍ଦ୍ର ସାହୁଙ୍କ ଅନୁପସ୍ଥିତିରେ ସଭାପତି ଭାଗବତ ଖଟୁଆଙ୍କ ଉପସ୍ଥିତିରେ ଚାଷୀମାନେ ଏହାର ଜବାବ ମାଗିଥିଲେ। ଜଣାପଡ଼ିଛି ଯେ, ୨୦୨୪ ମସିହା ପରଠାରୁ ସମିତିର ଅଡିଟ୍ (ହିସାବ ସମୀକ୍ଷା) ହୋଇ ନ ଥିବାରୁ ମିଟିଂ ଡକାଯାଇପାରି ନାହିଁ ଏବଂ ଅଡିଟ୍ ସରିବା ପରେ ଆଗାମୀ ୨/୪ ମାସ ମଧ୍ୟରେ ବୈଠକ କରିବାକୁ ଚେଷ୍ଟା କରାଯିବ ବୋଲି ସମ୍ପାଦକ ଓ ସଭାପତି ମତ ରଖିଛନ୍ତି। ଅପରପକ୍ଷେ, ପୂର୍ବତନ ସମ୍ପାଦକ ସ୍ୱର୍ଗତ ରଞ୍ଜନ ମାଝୀ ସମିତିର ଗୁରୁତ୍ୱପୂର୍ଣ୍ଣ ନଥିପତ୍ର ବାହାରେ ରଖି କାର୍ଯ୍ୟ କରୁଥିବାରୁ ଋଣୀ ଚାଷୀଙ୍କ ପାଇଁ ଅନେକ ସମସ୍ୟା ଉପୁଜିଥିବା ସଭାପତି ପ୍ରକାଶ କରିଛନ୍ତି। ଉକ୍ତ ସମବାୟ ସମିତିରେ ଦୀର୍ଘ ଦିନ ହେବ ବହୁ ମନମୁଖୀ ଓ ବେନିୟମ କାର୍ଯ୍ୟ ଚାଲିଥିବା ନେଇ ଅଞ୍ଚଳବାସୀ ବାରମ୍ବାର ଅଭିଯୋଗ କରିଛନ୍ତି। ସମ୍ପାଦକ ପ୍ରାୟ ସମୟ ଅନୁପସ୍ଥିତ ରହୁଥିବାବେଳେ ତାଙ୍କର ଜଣେ ସମ୍ପର୍କୀୟ (ବାହାର ବ୍ୟକ୍ତି) କେଉଁ ନିୟମରେ କାର୍ଯ୍ୟାଳୟର ସମସ୍ତ ଗୁରୁତ୍ୱପୂର୍ଣ୍ଣ ସରକାରୀ ନଥିପତ୍ର ପରିଚାଳନା କରୁଛନ୍ତି, ତାହାକୁ ନେଇ ଚାଷୀମାନେ ପ୍ରଶ୍ନ ଉଠାଇଛନ୍ତି। ଏବେର ସମ୍ପାଦକ ନିକଟ ଅତୀତରେ ଏଠାରୁ ଇସ୍ତଫା ଦେଇ ବମକୁରା ସେବା ସମବାୟ ସମିତିକୁ ଯାଇଥିବାବେଳେ, ପୁଣି କେଉଁ ନିୟମ ଆଧାରରେ ଏଠାରେ ଆସି ଯୋଗଦେଲେ ତାହା ରହସ୍ୟଘେରରେ। ସବୁଠାରୁ ବଡ଼ ଅଭିଯୋଗ ହେଉଛି, ବହୁ ଚାଷୀଙ୍କ ଅଜାଣତରେ ସେମାନଙ୍କ ନାମରେ ହଜାର ହଜାର ଟଙ୍କାର ମିଥ୍ୟା ଋଣ ଦେଖାଇ ଅର୍ଥ ହଡ଼ପ କରାଯାଇଛି। ଏଭଳି ସ୍ଥିତିରେ ସମିତିରେ ଚାଲିଥିବା ସମସ୍ତ ଦୁର୍ନୀତିର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ପ୍ରକୃତ ସତ୍ୟ ପଦାକୁ ଆସିବା ସହ ଦୋଷୀମାନେ ଦଣ୍ଡିତ ହେବେ ବୋଲି ଦାବି ହୋଇଛି। ଏହି ପ୍ରତିବାଦ ଆଲୋଚନାରେ ବ୍ଲକ୍ କଂଗ୍ରେସ ସଭାପତି ରମେଶ ଚନ୍ଦ୍ର ବେହେରା, ଚାଷୀ ନେତା କାଶୀନାଥ ମହାନ୍ତି, ବିଜୟ ସୁତାର, ମୃତ୍ୟୁଞ୍ଜୟ ସାହୁ, ସୁରେନ୍ଦ୍ର ମଳିକ, ନିରାକାର ଦାସ, ବାସୁଦେବ ଜେନାଙ୍କ ସମେତ ବହୁ ଚାଷୀ ଉପସ୍ଥିତ ରହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଦାବି କରିଛନ୍ତି।

## ରମେଶ ଧାମନଗର ବ୍ଲକ୍ କଂଗ୍ରେସ ସଭାପତି

ଅସୁରାଳି,୨୮।୫(ସମିସ): ପିସିସି ଅନୁମୋଦନ କ୍ରମେ ଭଦ୍ରକ ଜିଲ୍ଲା କଂଗ୍ରେସ କମିଟି ସଭାପତି ନଳିନୀକାନ୍ତ ମହାନ୍ତିଙ୍କ ଦ୍ୱାରା ଧାମନଗର ବ୍ଲକ୍ କଂଗ୍ରେସର ଏକ ପୂର୍ଣ୍ଣାଙ୍ଗ କମିଟି ଘୋଷଣା କରାଯାଇଛି। ବହୁ ପୁରୁଖା, ଦକ୍ଷ ଏବଂ ଅଭିଜ୍ଞ ସଂଗଠକଙ୍କୁ ନେଇ ଏହି ନୂତନ କମିଟି ଗଠନ କରାଯାଇଛି। କମିଟିରେ ଜଣେ ବରିଷ୍ଠ ସଂଗଠକ ରମେଶ ଚନ୍ଦ୍ର ବେହେରାଙ୍କୁ ସଭାପତି ଦାୟିତ୍ୱ ଦିଆଯାଇଛି। ଉପସଭାପତି ଭାବେ ପରମାନନ୍ଦ ସାମନ୍ତ, ରାଜେଶ ବିଶ୍ୱାଳ, ଦେବେନ୍ଦ୍ର ମୁଦୁଲି, କୋଷାଧ୍ୟକ୍ଷ ଭାବେ ଅଜିତ୍ ପଣ୍ଡା ଓ ୪ଟି ଜୋନ୍‌ର ସଭାପତି ଘୋଷଣା କରାଯାଇଛି। ଧାମନଗର ଜୋନ୍‌ରେ ସୀତାକାନ୍ତ ବିଶ୍ୱାଳ, ଦୋବଲ ଜୋନ୍‌ରେ ବିଷ୍ଣୁ ଚରଣ ଦାସ, ଅସୁରାଳି ଜୋନ୍‌ରେ ଶ୍ରୀକାନ୍ତ କୁମାର ପଣ୍ଡା ଓ ଧୂଷୁରୀ ଜୋନ୍‌ରେ ଶ୍ରୀଧର କୁମାର ଦାସଙ୍କୁ ନିଯୁକ୍ତି ମିଳିଛି। ସାଧାରଣ ସମ୍ପାଦକ ଭାବେ ଶରତ ଚନ୍ଦ୍ର ସୁତାର, କାଳନ୍ଦୀ ଚରଣ ରାଉତ, ଦେବାଶିଷ ସାମଲ, ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ, ମନୋଜ କୁମାର ଭୂୟାଁ, ନିରାକାର ଜେନା ଏବଂ ସୁଧାଂଶୁ ଶେଖର ନାୟକଙ୍କୁ ନିଯୁକ୍ତି ମିଳିଛି। ବରିଷ୍ଠ ନେତା ନାରାୟଣ ପାଢ଼ୀ, ବିଦ୍ୟାଧର ଯେନା, ବାବା ହରେକୃଷ୍ଣ ସେଠୀ ଓ ହୃଦାନନ୍ଦ ସେଠୀଙ୍କ ସମେତ ଅଞ୍ଚଳର ବହୁ ପୁରୁଖା ଏବଂ ଅଭିଜ୍ଞ ବ୍ୟକ୍ତିମାନଙ୍କୁ ସାମିଲ୍ କରାଯାଇଛି।

■ ସହିଦ ନଗର ଉଚ୍ଛେଦ ଘଟଣା

## ବ୍ୟବସାୟୀଙ୍କୁ ବୁଝାଇଲା ପ୍ରଶାସନ

ସହିଦନଗର,୨୮।୫(ସମିସ): ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୧୬ ନଭେମ୍ବର ୨୮ରେ ପର୍ଯ୍ୟଟନ କ୍ଷେତ୍ର ମାନ୍ୟତା ପାଇଥିବା ସହିଦ ନଗରରୁ ଜବରଦଖଲ ଉଚ୍ଛେଦ ପାଇଁ ଦୀର୍ଘ ୧୦ ବର୍ଷ ପରେ ପ୍ରଶାସନ ତତ୍ପରତା ଦେଖାଇଛି। ବେଆଇନ ଜବରଦଖଲ ହଟାଇବା ପାଇଁ ଧାମନଗର ତହସିଲ୍ ୫୬ ଜଣଙ୍କୁ ନୋଟିସ୍ କରିଛି। ଐତିହାସିକ ଲୁଣିଆ ଗୁଳିକାଣ୍ଡର ସ୍ମାରକୀ ସହିଦ ସ୍ମୃତିପୀଠର ସୌନ୍ଦର୍ଯ୍ୟକରଣ ଏବଂ ପାରିପାର୍ଶ୍ୱିକ ବିକାଶ ପାଇଁ ସରକାରଙ୍କ ପକ୍ଷରୁ ୧୧ କୋଟି ଆର୍ଥିକ ଅନୁଦାନରେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଛି। ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ପ୍ରଚେଷ୍ଟାରେ ନୂଆ ପ୍ରକଳ୍ପର ପରିକଳ୍ପନା କାର୍ଯ୍ୟ ଆରମ୍ଭ ହୋଇଥିଲାବେଳେ ଉଚ୍ଛେଦକୁ ନେଇ ସେ ଜିଲ୍ଲା ପ୍ରଶାସନ ସହିତ ଆଲୋଚନା କରିଛନ୍ତି। ମନ୍ତ୍ରୀ ଶ୍ରୀ ସୂରଜଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦୁ ସାମଲ, ଧାମନଗର ତହସିଲ୍‌ଦାର ଜ୍ଞାନ ରଞ୍ଜନ ସାହୁ ସହିଦ ନଗରଠାରେ ପହଞ୍ଚି ବଜାର କମିଟି ଓ ବ୍ୟବସାୟୀଙ୍କ ସହ ଆଲୋଚନା କରିଛନ୍ତି। ପ୍ରଶାସନ ଆଲୋଚନା ବେଳେ ଦର୍ଶାଇଛନ୍ତି ଯେ, ସହିଦ ସ୍ମୃତିପୀଠକୁ ରାଜ୍ୟ ତଥା ଜାତୀୟସ୍ତରରେ ସୁନ୍ଦର ପର୍ଯ୍ୟଟନସ୍ଥଳୀ ରୂପେ ପରିଚୟ ଦେବାକୁ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରାଯାଇଛି। ଏଥିପାଇଁ ବେଆଇନ ଦଖଲମୁକ୍ତ ହେବା ଜରୁରୀ। ଯେଉଁମାନେ ସରକାରୀ ଜାଗାରେ ଘର ଦୋକାନ ଆଦି କରିଛନ୍ତି ବର୍ତ୍ତମାନ ସେମାନଙ୍କୁ ଏଠାରେ ଥିବା ଆର୍‌ଏମ୍‌ସି ମାର୍କେଟ କମ୍ପ୍ଲେକ୍ସରେ ଗୃହ ଯୋଗାଇ ଦିଆଯିବ ଏବଂ ନିକଟରେ ଭେଣ୍ଡିଂ ଜୋନ୍ ନିର୍ମାଣ କରାଯାଇ ସେଠାରେ ସେମାନଙ୍କୁ ପୂର୍ବପରି ଥଇଥାନ କରାଯିବ। ବସୁନ୍ଧରା ଯୋଜନାରେ ଜାଗା ସହିତ ଗୃହ ଏବଂ ରେଡ୍‌କ୍ରସ ପକ୍ଷରୁ ସହାୟତା ଯୋଗାଇ ଦିଆଯିବ। ସ୍ୱତନ୍ତ୍ର ମାଛ ମାର୍କେଟ ସହ ପୀଠର ବିକାଶ ଓ ପ୍ରଶସ୍ତ ଗମନାଗମନ ବ୍ୟବସ୍ଥା ଉପରେ ଅଧିକ ଗୁରୁତ୍ୱ ଦିଆଯିବ। ଏ ଦିଗରେ ସ୍ଥାନୀୟ ଜନସାଧାରଣ ଏବଂ ବ୍ୟବସାୟୀଙ୍କ ସହଯୋଗ ଲୋଡ଼ାଯାଇଛି।

## ବିଜୟଙ୍କ ପରିବାର ପ୍ରତିପୋଷଣରେ ଦାଉ ସାଧୁଛି ରୋଗ

ଭଦ୍ରକ/ଆରଡ଼ି,୨୮।୫(ସମିସ): ୩ ବର୍ଷ ହେଲା କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଘରେ ବସି ରହିଛନ୍ତି ଭଦ୍ରକ ଜିଲ୍ଲା ସୁନ୍ଦରପୁର ପଞ୍ଚାୟତ କୁଳେଇପଦା ଗାଁର ବିଜୟ ଜେନା। ବାଟ ଚାଲିବାକୁ ବଳ ପାଉନି। ଆଖିକୁ ଆଉ ଭଲ ଦିଶୁନି। ଭଦ୍ରକ ମୁଖ୍ୟ ଚିକିତ୍ସାଳୟରୁ କଟକ ବଡ଼ ଡାକ୍ତରଖାନା ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି ବିଜୟ। ଯାହା କିଛି ସଞ୍ଚୟ ଅର୍ଥ ଥିଲା ତାହା ସବୁ ଚିକିତ୍ସାରେ ସରିଗଲାଣି। ପରିବାର ପ୍ରତିପୋଷଣ କିପରି କରିବେ, ଘରେ ୫ ପ୍ରାଣୀ କୁଟୁମ୍ବଙ୍କ ମୁହଁରେ ଆହାର ଦେବା ପାଇଁ ସମ୍ବଳ ନ ଥିବା କହିଛନ୍ତି ବିଜୟ।



କାନ୍ଧରେ ୫ ଜଣ ସଦସ୍ୟଙ୍କ ବୋଝ। ଏମିତି ଅବସ୍ଥାରେ ଲୋକେ ଆଉ କାମକୁ ଡାକୁନାହାନ୍ତି। ବାପାଅମଳରୁ ଥିବା ଆଜ୍‌ବେଷ୍ଟସ ଛାଉଣି ଘରେ ଖରା, ବର୍ଷାରେ ରହିବା କଷ୍ଟକର ହୋଇପଡ଼ିଛି। ସରକାରୀ ସାହାଯ୍ୟ କହିଲେ ସରକାରଙ୍କ ତରଫରୁ ଅନ୍ତ୍ୟୋଦୟ ୩୫ କିଲୋ ଚାଉଳ ମିଳୁଛି। ବିଜୟଙ୍କୁ ବୟସ ୪୦ ପାଖାପାଖି। ପରିବାର କହିଲେ ପତ୍ନୀ କବିତା, ବଡ଼ ଝିଅ ଲିଜାରାଣୀ, ସାନଝିଅ ଲିସାରାଣୀ ଓ ୪ ବର୍ଷର ପୁଅ ନାଗେଶ କୁମାର। ଘରର ସଉଦାପତ୍ରଠାରୁ ଆରମ୍ଭ କରି ପିଲାଙ୍କୁ ପାଠପଢ଼ାଇବା ଖର୍ଚ୍ଚ ତୁଲାଇବାକୁ ସେ ଅସମର୍ଥ ହୋଇ ପଡ଼ିଥିବା କହିଛନ୍ତି। ସ୍ତ୍ରୀ କବିତା ପର ଘରେ ମୂଲ ଲାଗି ଯାହା କିଛି ଆଣୁଛନ୍ତି ତେଲଲୁଣ ସଂସାରକୁ ନିଅଣ୍ଟ। ପରିବାର ଚଳାଉଥିବା ବିଜୟ ଆଜି ରୋଗାକ୍ରାନ୍ତ ଥିବାରୁ ଯାଇଆସି ପାରୁ ନ ଥିବା କହିଛନ୍ତି କବିତା। ପିଲାମାନେ କ'ଣ ଖାଉଛନ୍ତି କେମିତି ରହୁଛନ୍ତି ତାହା ସେ ଜାଣିପାରୁ ନାହାନ୍ତି। ବିଜୟଙ୍କ ସ୍ତ୍ରୀ ମଧ୍ୟ ସ୍ୱାମୀଙ୍କ ଏପରି ଅବସ୍ଥାରେ ଭାଙ୍ଗି ପଡ଼ିଛନ୍ତି। ତାଙ୍କ ଉପରେ ଦୁଃଖର ପାହାଡ଼ ଭାଙ୍ଗି ପଡ଼ିଛି। ସେ ଧାରକରଜ କରି ସ୍ୱାମୀଙ୍କ ଚିକିତ୍ସା ସହ ପରିବାର ଚଳାଇ ଆସୁଛନ୍ତି। ଘରେ ଗ୍ୟାସ୍‌ରେ ରୋଷେଇ କରିବା ପରିବାର ପାଇଁ ସ୍ୱପ୍ନ ପାଲଟିଛି। ଠିକ୍ ସମୟରେ ବିଦ୍ୟୁତ୍ ବିଲ୍ ପୈଠ ହୋଇପାରୁ ନ ଥିବାରୁ ପ୍ରତି ମୁହୂର୍ତ୍ତରେ ବିଦ୍ୟୁତ୍ କଟିଯିବାର ଭୟ ମଧ୍ୟ ରହିଛି। ଏମିତି ଅବସ୍ଥାରେ ବିଜୟଙ୍କ ପରିବାରକୁ ଆର୍ଥିକ ସହାୟତାର ଆବଶ୍ୟକ ରହିଛି। ଜିଲ୍ଲା ପ୍ରଶାସନ ତଥା ବଦାନ୍ୟ ବ୍ୟକ୍ତି ଏହି ପରିବାରକୁ ଯଦି ସହାୟତାର ହାତ ବଢ଼ାନ୍ତେ, ତେବେ ବିଜୟଙ୍କ ପରିବାର ହସିଉଠନ୍ତା।

# ପଡ଼ିଆର ଭ୍ରମ ସୃଷ୍ଟି କରୁଛି ଦଳ ଭର୍ତ୍ତି ସାଳନ୍ଦୀ ନଦୀ

ଭଦ୍ରକ,୨୮।୫(ସମିସ)

ଭଦ୍ରକବାସୀଙ୍କ ଜୀବନରେଖା ବା ଲାଇଫ୍ ଲାଇନ୍ ଭାବେ ପରିଚିତ ସାଳନ୍ଦୀ ନଦୀ ଏବେ ଦଳରେ ଭର୍ତ୍ତି ହୋଇ ଏକ ପଡ଼ିଆର ଭ୍ରମ ସୃଷ୍ଟି କରୁଛି। ଆଗକୁ ଯଦି ବଡ଼ ବର୍ଷା ହେବ ତେବେ ବନ୍ୟା ସ୍ଥିତି ଉପୁଜିବା ଆଶଙ୍କାରେ ଭଦ୍ରକ ସହରବାସୀ ଚିନ୍ତାରେ ପଡ଼ିଛନ୍ତି। ଏକଦା ଭଦ୍ରକ ସହର ଓ ଜିଲ୍ଲାବାସୀଙ୍କ ଜୀବନଧାରା ଭାବେ ବିବେଚିତ ହେଉଥିବା ଏହି ନଦୀ ଏବେ ଜିଲ୍ଲାବାସୀଙ୍କ ବିପଦର ସମ୍ଭାବନା ସୃଷ୍ଟି କରିଛି। ନଦୀର ଜଳ ପ୍ରବାହ ହ୍ରାସ ପାଇବା ସହିତ ନଦୀପଥକୁ ଏବେ ଦଳ କବଳିତ କରିଛି। ଆଗକୁ ବର୍ଷା ହେଲେ ସ୍ୱତଃ ଜଳ ନିଷ୍କାସନ ବାଧାପ୍ରାପ୍ତ ହୋଇ ନଦୀ କୂଳ ଲଂଘନ କରି ବନ୍ୟା ପରିସ୍ଥିତି ସୃଷ୍ଟି କରିବା ନିଶ୍ଚିତ ବୋଲି ସହରବାସୀ ମତବ୍ୟକ୍ତ କରି ଅସନ୍ତୋଷ ପ୍ରକାଶ କରିଛନ୍ତି।

### ଆଗକୁ ବଡ଼ ବର୍ଷା ହେଲେ ଉପୁଜିବ ବନ୍ୟା ସ୍ଥିତି



ସୂଚନାଯୋଗ୍ୟ, ପ୍ରତିବର୍ଷ ବନ୍ୟା ଆସିଲେ ସାଳନ୍ଦୀ ଜଳସେଚନ ବିଭାଗ ପକ୍ଷରୁ ଦଳ ସଫେଇ ହୁଏ। ସଫେଇ ନାମରେ କିଛି ପୋଲ, କଲ୍‌ଭର୍ଟ ମୁହଁରୁ ଦଳ ସଫା କରି ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଯାଏ। ହେଲେ ସଫେଇ ତା' ବାଟରେ ଦଳ ତା' ବାଟରେ। କେବଳ ଦଳ ନୁହେଁ, ନଦୀପଥର ବେଆଇନ ଅବରୋଧ ମଧ୍ୟ ସାଳନ୍ଦୀ ନଦୀର ଜଳ ପ୍ରବାହରେ ପ୍ରତିବନ୍ଧକ ସୃଷ୍ଟି କରିଛି। ଗୋଟିଏ ପଟରେ ନଦୀପଥର ବେଆଇନ ଅବରୋଧ, ଅନ୍ୟପଟରେ ପୌରପାଳିକାର ଅଧିକାଂଶ ଡ୍ରେନ୍ ସିଧାସଳଖ ନଦୀକୁ ଛଡ଼ାଯିବା ସାଳନ୍ଦୀ ଜଳକୁ ଯେତିକି ପ୍ରଦୂଷିତ କରୁନି ନଦୀକୂଳବାସୀଙ୍କ ପାଣି, ପାଇଖାନା ଏବଂ ନର୍ଦ୍ଦମା ପାଣି ତା'ଠୁ ଅଧିକ ପ୍ରଦୂଷିତ କରିଛି। ଯାହାକି ସାଳନ୍ଦୀରେ ବୃଦ୍ଧି ପାଉଥିବା ଦଳକୁ ବଳ ଯୋଗାଉଛି ବୋଲି ପରିବେଶବିତ୍‌ମାନେ ମତପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଭଦ୍ରକ ସାଳନ୍ଦୀ କେନାଲ ଡିଭିଜନ ପକ୍ଷରୁ ସାଳନ୍ଦୀ ନଦୀରୁ ଦଳ ସଫା କରିବାକୁ ଟେଣ୍ଡର ଆହ୍ୱାନ କରାଯାଇଛି। ୧୦.୦୩ ଲକ୍ଷରୁ ୧୪.୦୯ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୪ଟି କାମ ପାଇଁ ଆହ୍ୱାନ କରାଯାଇଥିବା ଉକ୍ତ ଟେଣ୍ଡର ଆସନ୍ତା ଜୁନ୍ ୪ ତାରିଖରେ ଖୋଲାଯିବା ପରେ କାମ ହେବ ବୋଲି ବିଭାଗୀୟ ସୂତ୍ରରୁ ଜଣାଯାଇଛି। ତେବେ ସାଳନ୍ଦୀ ନଦୀରୁ ଦଳ ସଫା କାର୍ଯ୍ୟ ଅଧିକ ବିଳମ୍ବ ହେଲେ ଆଗକୁ ପରିସ୍ଥିତି ଅଣାୟତ ହେବ ବୋଲି କୁହାଯାଉଛି।

# ୫ ଦିନ ହେଲା ଅନ୍ଧାରରେ ସେକ୍ଟର ଅଞ୍ଚଳ ଓ ଖରିଆବାହାଲ ବସ୍ତି





ରାଉରକେଲା, ୨୮।୫(ସମିସ)

ଗତ ସୋମବାର ଓ ବୁଧବାର ଅପରାହ୍ନରେ ରାଉରକେଲାରେ ହୋଇଥିବା କାଳବୈଶାଖୀ ସହରବାସୀଙ୍କ ବହୁ କ୍ଷୟକ୍ଷତି କରିଦେଇଛି। ସେକ୍ଟର - ୧, ସେକ୍ଟର - ୨, ସେକ୍ଟର - ୨୦, ସେକ୍ଟର - ୨୧ ସମେତ ଅନ୍ୟାନ୍ୟ ଅଞ୍ଚଳରେ ଶହଶହ ଗଛ ଉପୁଡ଼ି ରାସ୍ତା ଅବରୋଧ ହେବା ବିଦ୍ୟୁତ ଖୁଣ୍ଟ ଉପୁଡ଼ି ବିଦ୍ୟୁତ ସରବରାହ ବନ୍ଦ ହୋଇଯାଇଛି। ଫଳରେ ସହରବାସୀ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଦ୍ୟୁତ ଖୁଣ୍ଟ ଭାଙ୍ଗିବା ଏବଂ ଗଛ ଡାଳ ପଡ଼ି ବିଦ୍ୟୁତ ତାରଛିଣ୍ଡି ୫ଦିନ ହେବ ସହରବାସୀ ଅନ୍ଧାରରେ ରହିଥିବା ବେଳେ ଗୁରୁବାର ଅପରାହ୍ନରେ ସେକ୍ଟର-୨୧ ସମେତ କିଛି ଅଞ୍ଚଳରେ ବିଦ୍ୟୁତ ସଂଯୋଗ ସ୍ୱାଭାବିକ ହୋଇଥିବା ସୂଚନା ମିଳିଛି । ତେବେ ଏବେ ବି ସେକ୍ଟର-୧ ଓ ସେକ୍ଟର - ୨ ର କିଛି ଅଞ୍ଚଳରେ ୫ ଦିନ ପରେ ବି ବିଦ୍ୟୁତ ସଂଯୋଗ ସ୍ୱାଭାବିକ ହୋଇ ପାରିନାହିଁ। ଗଛ ପଡି ଘର ଭାଙ୍ଗିଥିଲେ ମଧ ଗଛ ଡାଳ କଟା ଯାଇନି କି ବିଦ୍ୟୁତ ସରବରାହ ସ୍ୱାଭାବିକ ହୋଇ ପାରିନାହିଁ । ଫଳରେ ୫ ଦିନ ଧରି ଲୋକମାନେ ଅନ୍ଧାରରେ ରହି ଗରମ ଓ ଗୁଳୁଗୁଳିରେ ଅତିଷ୍ଠ ହୋଇ ପଡିଲେଣି । ସେପଟେ ସେକ୍ଟର-୨ ଖରିଆବାହାଲ ବସ୍ତିରେ କାଳବୈଶାଖୀର ତାଣ୍ଡବରେ ଗଛ ଭାଙ୍ଗିବା ସହ ବିଦ୍ୟୁତ ତାର ଛିଣ୍ଡିବା ଦ୍ୱାରା ୫ ଦିନ ହେଲା ବିଦ୍ୟୁତ ନଥିବାରୁ ବସ୍ତିବାସିନ୍ଦା ଆଜି ଏନଆଇଟି ରୋଡକୁ ଅବରୋଧ କରିଥିବା ଜଣାପଡିଛି ।

ସୂଚନାଯୋଗ୍ୟ ଯେ ସେକ୍ଟର-୨ ଖରିଆବାହାଲ ବସ୍ତିରେ ୫ ଦିନ ହେଲା



ବିଦ୍ୟୁତ ନାହିଁ କି ପାଣି ଟୋପେ ମିଳୁନାହିଁ। ସୋମବାର ଆସିଥିବା ପ୍ରଳୟଙ୍କରୀ ଝଡ଼ ଯୋଗୁଁ ଶତାଧିକ ଗଛ ଏବଂ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିଛି। ସେକ୍ଟର ୨ରେ ଥିବା ଜି-ବ୍ଲକ ବସ୍ତି ଓ ଖରିଆବାହାଲ ବସ୍ତିର ଜନଜୀବନ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି । ୩ ଦିନ ହେବ ନା' ପାଣିଆସୁଛି ନା' ବିଜୁଳି। କିଛି ଜାଗାରେ ବିଜୁଳି ଆସିଛି ସତ କିନ୍ତୁ ବାରମ୍ବାର କଟୁଛି । ସେକ୍ଟର - ୨ ସ୍ଥିତ ଖରିଆବାହାଲ ବସ୍ତିରେ ପ୍ରାୟ ୩୦୦୦ ଘର ଏବଂ ୧୫,୦୦୦ ରୁ ଅଧିକଲୋକ ଏବେ ଅନ୍ଧାରରେ ବସବାସ କରୁଛନ୍ତି। କାଳବୈଶାଖୀର ତାଣ୍ଡବ ଯୋଗୁଁ ବସ୍ତିବାସୀନ୍ଦା ୫ ଦିନ ହେବ ଅନ୍ଧକାରରେ ରହି କଲବଲ ଜୀବନଯାପନ କରୁଥିଲେ ହେଁ ତାଙ୍କ ପାଖରେ ପ୍ରଶାସନ ପକ୍ଷରୁ କେହି ପହଞ୍ଚି ନାହାଁନ୍ତି। ଯାହାର ପ୍ରତିବାଦରେ ଆଜି ଶତାଧିକ ବସ୍ତିବାସୀନ୍ଦା ଗଛ ଡାଳ ରାସ୍ତାଉପରେ ପକାଇ ସେକ୍ଟର-୨ ଏନ୍ଆଇଟି ରୋଡକୁ ଅବରୋଧ କରିଥିଲେ।

● ଆଇପିଏଲ ସଟ୍ଟା ବେଟିଂ ରାକେଟର ପର୍ଦ୍ଦାଫାସ୍

# ୪ ଲକ୍ଷ ଟଙ୍କା, କାର୍ ଓ ୩ ମୋବାଇଲ ଜବତ ; ଜଣେ ଗିରଫ

ରାଉରକେଲା, ୨୮।୫(ସମିସ): ଆଇପିଏଲ୍ ପାଇଁ ସଟ୍ଟା ବଜାର ଗରମ ରହିଥିବା ବେଳେ ବୁଧବାର ହାତୀବାରୀ ପୁଲିସ ଏକ ବଡ଼ ଧରଣର ସଟ୍ଟା ରାକେଟର ପର୍ଦ୍ଦାଫାସ କରିଛି। ସୁନ୍ଦରଗଡ଼ ଜିଲ୍ଲାର ହାତୀବାରି ଥାନା ଅଧୀନ ନୂଆଗାଁର ଜକେଟା ଅସନବେଡାରେ ଚାଲିଥିବା ଏକ ବଡଧରଣର ଆଇପିଏଲ ବେଟିଂ ଉପରେ ପୁଲିସ ଚଢ଼ଉ କରି ଜଣକୁ ଗିରଫ କରିବା ସହ ତାଙ୍କ ନିକଟରୁ ମୋଟ ୩ ଲକ୍ଷ ୯୫ ହଜାର ୫୯୦ ଟଙ୍କା ଜବତ କରାଯାଇଛି।



ତେବେ ପୁଲିସର ଏହି ଚଢ଼ଉବେଳେ ଅନେକ ଯୁବକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ସୂଚନା ମିଳିଛି। ଏହି ଘଟଣାରେ ଜଣେ ଯୁବକଙ୍କୁ ଗିରଫ କରାଯାଇଥିଲା ବେଳେ ବାସନ୍ତୀ ସାହୁଙ୍କୁ ନୋଟିସ ଦିଆଯାଇ ଛାଡି ଦିଆଯାଇଥିବା ସୂଚନା ମିଳିଛି। ଗିରଫ ଯୁବକ ହେଉଛନ୍ତି ଜକେଟା ଅସନବେଡା ଗାଁର ଗଜେନ୍ଦ୍ର କୁମାର ସାହୁ। ଏହି ଘଟଣାରେ ପୁଲିସ ଏକ କାର ସହ ୩ଟି ମୋବାଇଲ ଫୋନ, ପାସ୍ ବୁକ, ଚେକବୁକ୍, ଆଧାରକାର୍ଡ, ସିମକାର୍ଡ, ମେମୋରିଆଲ କାର୍ଡ ଆଦି ଜବତ କରିଛି। ସୂଚନାଯୋଗ୍ୟ ଯେ ଗତ ମାର୍ଚ୍ଚ ୨୮ ତାରିଖରୁ ଆଇପିଏଲ କ୍ରିକେଟ ମ୍ୟାଚ ଆରମ୍ଭ ହୋଇଛି। ତେବେ ବର୍ଷ ବର୍ଷ ଧରି ଆଇପିଏଲ ବେଟିଂ କରି ଆସୁଥିବା କିଛି ପେଶାଦାର ଜୁଆଡି ଦୈନିକ ଲକ୍ଷ ଲକ୍ଷ ଟଙ୍କାର ଆଇପିଏଲ ବେଟିଂ କରି ଆସୁଥିଲେ। ନୂଆଗାଁ ଅଞ୍ଚଳରେ ଆଇପିଏଲ୍ ସଟ୍ଟା ଚାଲୁଥିବାବେଳେ ରାତାରାତି କୋଟିପତି ହେବାର ସ୍ୱପ୍ନଦେଖି ବହୁ ସାଧାରଣଲୋକ, ବ୍ୟବସାୟୀ, କର୍ମଚାରୀ ସଟ୍ଟା(ଜୁଆ)ରେ ଲଗାଇ ସର୍ବସ୍ୱାନ୍ତ ହେଉଥିବା ଏକବିଶ୍ୱସ୍ତ ସୂତ୍ରରୁ ଖବରପାଇ ସୁନ୍ଦରଗଡ଼ ଏସ୍‌ପି ଅମ୍ରିତପାଲ କୌର ଚଢ଼ଉ ପାଇଁ ହାତୀବାରୀ ଥାନାକୁ ନିର୍ଦ୍ଦେଶ ଦେଇଥିଲେ। ଏହି କ୍ରମେ ଗତ କାଲି ହାତୀବାରୀ ଥାନା ଅଧିକାରୀ ଗୀତାଞ୍ଜଳି ମିର୍ଦ୍ଧା ଏହି ଆଇପିଏଲ ସଟ୍ଟାର ପର୍ଦ୍ଦାଫାସ କରିଥିଲେ।

## ବୁଥ୍‌ସ୍ତରୀୟ ଅଧିକାରୀଙ୍କ ପ୍ରଶିକ୍ଷଣ ଶିବିର

ରାଉରକେଲା,୨୮।୫(ସମିସ): ରାଜ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସଆଇଆର୍ ନିମନ୍ତେ ବିଭିନ୍ନ ପ୍ରକ୍ରିୟା ଆରମ୍ଭ ହୋଇଥିବା ପରିପ୍ରେକ୍ଷୀରେ ସୁନ୍ଦରଗଡ଼ ଜିଲ୍ଲାରେ ବୁଥ୍‌ସ୍ତରୀୟ ଅଧିକାରୀ ବା ବିଏଲଓ ମାନଙ୍କର ପ୍ରଶିକ୍ଷଣ ଶିବିର ମଧ୍ୟ ଅନୁଷ୍ଠିତ ହୋଇଛି। ଶିବିରରେ ସମସ୍ତ ଅତିରିକ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ବା ଏଇଆରଓ, ବୁଥସ୍ତରୀୟ ଅଧିକାର. ସୁପରଭାଇଜର ଏବଂ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ। ଏସ୍ଆଇଆର ଅଧୀନ ବିଭିନ୍ନ ସମୟ ସୀମା ମଧ୍ୟରେ ଥିବା ସମସ୍ତ ପ୍ରକ୍ରିୟା,



ବିଏଲଓମାନଙ୍କ ଦ୍ୱାରା ଘରକୁ ଘର ବୁଲି ଫର୍ମବିତରଣ ଓ ଫର୍ମ ସଂଗ୍ରହ, ଫର୍ମପୂରଣ ପଦ୍ଧତି ଆଦି ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏଥି ସହିତ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବିଏଲଓମାନେ କ୍ଷେତ୍ରରେ କାର୍ଯ୍ୟ ସମ୍ପାଦନ କରିବାକୁ ପରାମର୍ଶ ପ୍ରଦାନ କରାଯାଇଥିଲା। ଚଳିତ ମାସ ୩୦ ତାରିଖରୁ ଜୁନ୍ ୨୮ ପର୍ଯ୍ୟନ୍ତ ଏହି ବୁଥ୍‌ସ୍ତରୀୟ ଅଧିକାରୀ ଘରକୁ ଘର ବୁଲି ପରିଗଣନା ଫର୍ମବଣ୍ଟନ କରିବେ। ଏହି ପ୍ରକ୍ରିୟାରେ ସମସ୍ତ ଜିଲ୍ଲାବାସୀ ସାମିଲ ହେବାସହିତ ବିଏଲଓମାନେ ଘରକୁ ଆସିଲେ ସେମାନଙ୍କୁ ପୂର୍ଣ୍ଣ ସହଯୋଗ କରିବାକୁ ତଥା ଯୋଗ୍ୟ ଭୋଟରମାନେ ଯେଭଳି ତାଲିକାରୁ ବାଦ୍ ନପଡ଼ିବେ ତାହା ସୁନିଶ୍ଚିତ କରିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

## ପଞ୍ଚାୟତିରାଜ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ

ରାଉରକେଲା,୨୮।୫(ସମିସ): ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଆଜି ଏକଦିବସୀୟ ଗସ୍ତରେ ସୁନ୍ଦରଗଡ଼ ଆସି ଜିଲ୍ଲାରେ ଚାଲିଥିବା ବିଭିନ୍ନ ବିଭାଗୀୟ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପାନପୋଷ ସ୍ଥିତ ପ୍ରଦକ୍ଷଣ ଗୃହରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ଶ୍ରୀ ନାଏକ ଅଧକ୍ଷତା କରି ବିଭିନ୍ନ ବିଭାଗୀୟ କାର୍ଯ୍ୟର ଅଗ୍ରଗତି ଓ ସଫଳ ରୂପାୟନ ସମ୍ବନ୍ଧରେ ସମୀକ୍ଷା କରିଥିଲେ। ସେ କହିଥିଲେ ଯେ ବିକଶିତ ଗାଁ, ବିକଶିତ ଓଡ଼ିଶା ସଂକଳ୍ପକୁ ସାକାର କରିବା ସହ ପ୍ରତିଟି ଗ୍ରାମାଞ୍ଚଳରେ ସ୍ୱଚ୍ଛ ପାନୀୟଜଳର ସୁବିଧା ପହଞ୍ଚାଇବା ଆମ ସରକାରଙ୍କ ପ୍ରାଥମିକତା। ସମସ୍ତ ଜନକଲ୍ୟାଣକାରୀ ପ୍ରକଳ୍ପ ଯେପରି ସଠିକ୍ ସମୟରେ ଶେଷ ହୋଇ ଜନସାଧାରଣଙ୍କ ସେବାରେ ଉପଯୋଗୀ



ହୋଇପାରିବ, ସେଥିପ୍ରତି ଯତ୍ନବାନ ହେବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜିଲ୍ଲାର ସମସ୍ତ ବ୍ଲକ୍‌ରେ ଗ୍ରାମୀଣ ଜଳ ଯୋଗାଣ, ଗ୍ରାମୀଣ ଗୃହ ନିର୍ମାଣ,ସଡ଼କ ନିର୍ମାଣ କେତେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ଓ ଅସମ୍ପୂର୍ଣ୍ଣ କାର୍ଯ୍ୟ କେତେଦୂର ଅଗ୍ରଗତି ହୋଇଛି ତାହାର ଆଲୋଚନା କରାଯାଇଥିଲା। କେତେକ ସ୍ଥାନରେ ବିଦ୍ୟୁତ ସମସ୍ୟା ଯୋଗୁଁ ଜଳ ଯୋଗାଣ ବାଧାପ୍ରାପ୍ତ ହେଉଥିବାବେଳେ କିପରି ପାନୀୟ ଜଳ ସମସ୍ୟାର ଶୀଘ୍ର ସମାଧାନ ପାଇଁ ପଦକ୍ଷେପ ନେବାକୁ ହେବ ବିଷୟରେ ଆଲୋଚନା କରାଯାଇଥିବା। ବୈଠକରେ ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ, ଜିଲ୍ଲାପାଳ ଶୁଭଙ୍କର ମହାପାତ୍ର , ମୁଖ୍ୟ ଉନ୍ନୟନ ଅଧିକାରୀ ସୁରଞ୍ଜନ କୁମାର ସାହୁ, ଉପ ଜିଲ୍ଲାପାଳ ଚନ୍ଦ୍ରକାନ୍ତ ମଲ୍ଲିକଙ୍କ ସମସ୍ତ ବିଡିଓ , ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## 'ମ୍ୟାଙ୍ଗୋ ଅନ୍ ହ୍ୱିଲ୍ସ' ଶୁଭାରମ୍ଭ

ରାଉରକେଲା,୨୮।୫(ସମିସ): ଓରମାସ୍ ସୁନ୍ଦରଗଡ଼ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ '୧୦କେ ଏଫ୍‌ପିଓ' କାର୍ଯ୍ୟକ୍ରମ ଅଧୀନରେ କୃଷକଙ୍କ ଜୀବିକା ସୁଦୃଢ଼ କରିବା ଏବଂ କୃଷିଜାତ ଉତ୍ପାଦର ବଜାର ସଂଯୋଗ ସୁନିଶ୍ଚିତ କରିବାକୁ ଏକ ବିଶେଷ ପଦକ୍ଷେପ ଗ୍ରହଣ କରାଯାଇଛି। ଆଜି ପଞ୍ଚାୟତିରାଜମନ୍ତ୍ରୀ ରବି ନାରାୟଣ ନାଏକ 'ମ୍ୟାଙ୍ଗୋ ଅନ୍ ହ୍ୱିଲ୍ସ' ରଥକୁ ସବୁଜ ପତାକା ଦେଖାଇବା ସହ ମଦର ଡେରୀ, ଦିଲ୍ଲୀକୁ ଆମ୍ବ



ରପ୍ତାନୀର ଶୁଭାରମ୍ଭ କରିଥିଲେ। ସ୍ଥାନୀୟ ସର୍କିଟ ହାଉସରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶୁଭଙ୍କର ମହାପାତ୍ର , ମୁଖ୍ୟ ଉନ୍ନୟନ ଅଧିକାରୀ ସୁରଜ କୁମାର ସାହୁ, ପୂର୍ବତନ ବିଧାୟକ ଶଙ୍କର ଓରାମ, ଓରମାସ୍ ଡେପୁଟି ସିଇଓ କେଶବ ଝା ଓ ଜିଲ୍ଲାର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି ୧୦କେ ଏଫ୍‌ପିଓ ପଦକ୍ଷେପ ଅନୁସାରେ ଲେଫ୍ରିପଡା, ବଣାଇଁ, ନୂଆଗାଁ, ସବଡେଗା ଓ ଲହୁଣୀପଡାର କୃଷକ ଉତ୍ପାଦକ ସଂଗଠନ (ଏଫପିଓ) ମାନେ ପ୍ରାକୃତିକ ଭାବେ ପାଚିଥିବା ଆମ୍ବ, ଲିଚୁ ଓ ତରଭୁଜ ସଂଗ୍ରହ କରି 'ଗାଁ ଆମ୍ବ ପସରା' ଏବଂ ସୁନ୍ଦରଗଡ ସ୍ଥିତ ଓରମାସ୍ ଆଉଟଲେଟ୍ ମାଧ୍ୟମରେ ବିକ୍ରୟ କରୁଛନ୍ତି। ଏଫପିଓ କୃଷକମାନଙ୍କୁ ସିଧାସଳଖ ପ୍ରତିଷ୍ଠାନଗତ କ୍ରେତାଙ୍କ ସହ ଯୋଡ଼ାଯାଇ ପାରୁଛି ଏବଂ ମଧ୍ୟସ୍ଥିଙ୍କ ଭୂମିକା ହ୍ରାସ କରାଯାଉଛି। ଫଳସ୍ୱରୂପ କୃଷକମାନେ ପ୍ରାକୃତିକ ଭାବେ ପାଚିଥିବା ଫଳ ପାଇଁ ଉଚିତ ମୂଲ୍ୟ ପାଇବାର ସୁଯୋଗ ଲାଭ କରିଛନ୍ତି।

## ଗୁଜରାଟ ଯୁବ ସଙ୍ଗମ ପ୍ରତିନିଧିଙ୍କ ଆର୍‌ଏସ୍‌ପି ପରିଦର୍ଶନ

ରାଉରକେଲା,୨୮।୫(ସମିସ): ଭାରତ ସରକାରଙ୍କ ଦ୍ୱାରା ଆୟୋଜିତ ଯୁବସଙ୍ଗମ ପର୍ଯ୍ୟାୟ ୬ କାର୍ଯ୍ୟକ୍ରମ ଅଧୀନରେ ଭାରତୀୟ ପରିଚାଳନା ସଂସ୍ଥାନ ଅହମ୍ମଦାବାଦର ପାଞ୍ଚ ଜଣ ସମନ୍ୱୟ ଅଧିକାରୀଙ୍କ ସହିତ ଗୁଜରାଟର ୫୧ ଯୁବ ଅଂଶଗ୍ରହଣକାରୀଙ୍କ ଏକ ପ୍ରତିନିଧିମଣ୍ଡଳୀ ରାଉରକେଲା ଇସ୍ପାତ କାରଖାନାର ବିଭିନ୍ନ ବିଭାଗ ପରିଦର୍ଶନ କରିଛନ୍ତି। ପ୍ରତିନିଧିମାନଙ୍କୁ ଇସ୍ପାତ କାରଖାନାରେ ସିଜିଏମ୍ (ଏଚ୍ ଆର-ଏଲ ଆଣ୍ଡ ଡି) ପିକେ ସାହୁ ସ୍ୱାଗତ କରି ରାଷ୍ଟ୍ର ନିର୍ମାଣ, ଭିତ୍ତିଭୂମି ବିକାଶ ଏବଂ ଇସ୍ପାତ କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟା ପ୍ରଗତିରେ ରାଉରକେଲା ଇସ୍ପାତ କାରଖାନାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ଗସ୍ତ ସମୟରେ ଅଂଶଗ୍ରହଣକାରୀମାନେ ପ୍ଲାଣ୍ଟର ପ୍ରମୁଖ ଉତ୍ପାଦନ ଏବଂ ପ୍ରଯୁକ୍ତିବିଦ୍ୟା ସୁବିଧା ପରିଦର୍ଶନ କରିଥିଲେ ଏବଂ ବୃହତ ଇସ୍ପାତ ନିର୍ମାଣ କାର୍ଯ୍ୟ, ଆଧୁନିକୀକରଣ ପଦକ୍ଷେପ ଏବଂ ସ୍ଥାୟୀ ଶିଳ୍ପ ଅଭ୍ୟାସ ବିଷୟରେ



ଜାଣିଥିଲେ। ସେମାନେ ପ୍ଲାଣ୍ଟ ଅଧିକାରୀଙ୍କ ସହିତ ମଧ୍ୟ ଆଲୋଚନା କରିଥିଲେ। ଅଧିକାଂଶ ଅଂଶଗ୍ରହଣକାରୀଙ୍କ ପାଇଁ ଏହା ଇସ୍ପାତ କାରଖାନାକୁ ପ୍ରଥମ ଗସ୍ତ ଥିଲା। ଇସ୍ପାତ ନିର୍ମାଣ ପ୍ରକ୍ରିୟା ବିଷୟରେ ଜାଣିବା ପାଇଁ ଏପରି ଏକ ଅନନ୍ୟ, ବ୍ୟବହାରିକ ସୁଯୋଗ ପ୍ରଦାନ କରିବା ପାଇଁ ସେମାନେ ରାଉରକେଲା ଇସ୍ପାତ କାରଖାନାକୁ ଧନ୍ୟବାଦ ଜଣାଇଥିଲେ। ଏଠାରେ ଉଲ୍ଲେଖନୀୟ ଯେ, ଯୁବସଙ୍ଗମ କାର୍ଯ୍ୟକ୍ରମର ଲକ୍ଷ୍ୟ ଶିକ୍ଷାଗତ, ସାଂସ୍କୃତିକ ଏବଂ ଶିଳ୍ପଅଭିଜ୍ଞତା ପରିଦର୍ଶନ ମାଧ୍ୟମରେ ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ଯୁବକମାନଙ୍କ ମଧ୍ୟରେ ସାଂସ୍କୃତିକ ବୁଝାମଣା, ଭାବପ୍ରବଣ ବନ୍ଧନ ଏବଂ ଲୋକ-ଲୋକଙ୍କ ମଧ୍ୟରେ ସଂଯୋଗକୁ ସୁଦୃଢ଼ କରିବା।

## ସ୍ମାର୍ଟ ଡିଜିଟାଲ୍ କ୍ଲାସରୁମ୍ ପ୍ରତିଷ୍ଠା ପାଇଁ ଇଡିସିଆଇଏଲ ସହ ଚୁକ୍ତି

ରାଉରକେଲା,୨୮।୫(ସମିସ): ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ) ଏବଂ ଶିକ୍ଷା ମନ୍ତ୍ରଣାଳୟ ଅଧୀନରେ ଥିବା ଏକ ସାର୍ବଜନୀନ କ୍ଷେତ୍ର ପ୍ରତିଷ୍ଠାନ 'ଇଡିସିଆଇଏଲ(ଇଣ୍ଡିଆ) ଲିମିଟେଡ୍' ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି। ସେଲ୍‌ର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସଆର) ଅଧୀନରେ ସମାବେଶୀ ଶିକ୍ଷାର ପ୍ରସାର ପାଇଁ ଏହି ଚୁକ୍ତିକରାଯାଇଛି। ଏହି ବୁଝାମଣା ପତ୍ର ଅନୁଯାୟୀ, ସେଲ୍‌ର କାର୍ଯ୍ୟକ୍ଷମ ଅଞ୍ଚଳ ଆଖପାଖରେ ଥିବା ବିଦ୍ୟାଳୟଗୁଡ଼ିକରେ 'ସ୍ମାର୍ଟ ଡିଜିଟାଲ୍ କ୍ଲାସରୁମ୍' ସ୍ଥାପନ କରାଯିବ। ଏହି ଚୁକ୍ତିର ଉଦ୍ଦେଶ୍ୟ ହେଉଛି ସମାବେଶୀ ଶିକ୍ଷାକୁ ପ୍ରୋତ୍ସାହିତ କରିବା ଏବଂ ଶିକ୍ଷଣର ଫଳାଫଳକୁ ଅଧିକ ଉନ୍ନତ କରିବା। ଏହି ପ୍ରକଳ୍ପ ସିଧାସଳଖ



ଭାବେ ଜାତୀୟଶିକ୍ଷା ନୀତି (ଏନଇପି) ୨୦୨୦ ଏବଂ ମିଳିତ ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ-୪ (ଏସଡିଜି-୪)ର ଉଦ୍ଦେଶ୍ୟ ସହିତ ସମାନ, ଯାହାର ମୁଖ୍ୟ ଲକ୍ଷ୍ୟ ହେଉଛି ଅନ୍ୟାନ୍ୟ ବିଷୟ ସହିତ ସମସ୍ତଙ୍କ ପାଇଁ ସମାବେଶୀ, ସମାନ, ଗୁଣାତ୍ମକ ଶିକ୍ଷା ଏବଂ ଶିଖିବାର ସୁଯୋଗ ସୁନିଶ୍ଚିତ କରିବା। ସେଲ୍ ନିର୍ଦ୍ଦେଶକ (କାର୍ମିକ) କେ.କେ. ସିଂଙ୍କ ଉପସ୍ଥିତିରେ ସେଲ୍ ଏବଂ ଇଡିସିଆଇଏଲ ମଧ୍ୟରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି।

## ବ୍ରାହ୍ମଣୀ ନଦୀରୁ ଯୁବତୀ ଉଦ୍ଧାର

ରାଉରକେଲା,୨୮।୫(ସମିସ): ପାନପୋଷ ବ୍ରିଜ୍ ଉପରୁ ଆଜି ବାସନ୍ତୀ କଲୋନୀ ଅଞ୍ଚଳର ଜଣେ ଯୁବତୀ ବ୍ରାହ୍ମଣୀ ନଦୀକୁ ଡେଇଁ ପଡ଼ି ବୁଡ଼ି ଯାଉଥିବା ବେଳେ ହିମାଂଶୁ ରାଉତ ନାମକ ଜଣେ ଯୁବକ ଉଦ୍ଧାର କରିଥିଲେ। ପ୍ରତ୍ୟକ୍ଷ ଦର୍ଶୀଙ୍କ କହିବା ଅନୁଯାୟୀ ଯୁବତୀ ଜଣକ ପାନପୋଷ ପୁରୁଣା ବ୍ରିଜ୍ ଉପରେ ମୋବାଇଲ୍ ଫୋନ ରଖି ନଦୀକୁ ଡ଼େଇଁ ପଡ଼ିଥିଲେ। ପରିବାର ଲୋକେ ମହିଳାଙ୍କୁ ହସ୍ପିଟାଲ୍ ନେଇଥିବା ଜଣାପଡ଼ିଛି। ତାଙ୍କ ଘର ରାଉରକେଲା ବାସନ୍ତୀ କଲୋନୀ ଅଞ୍ଚଳର ବୋଲି ସୂଚନା ମିଳୁଛି।

## କାଳବୈଶାଖୀ ପ୍ରଭାବିତଙ୍କୁ ପଲିଥିନ ବଣ୍ଟନ

ରାଉରକେଲା,୨୮।୫(ସମିସ): କାଳବୈଶାଖୀ ଯୋଗୁଁ ପ୍ରଭାବିତ ଅଞ୍ଚଳର ବାସିନ୍ଦାଙ୍କୁ ପ୍ରଶାସନ ପକ୍ଷରୁ ପଲିଥିନ ବଣ୍ଟନ କରାଯାଇଛି। ରାଉରକେଲା ତହସିଲଦାର ଦେଇଥିବା ସୂଚନା ଅନୁଯାୟୀ ଏପର୍ଯ୍ୟନ୍ତ କରାଯାଇଥିବା ସର୍ଭେ ଅନୁଯାୟୀ ମୋଟ ୧୩୮ ଟି ଘର ସମ୍ପୂର୍ଣ୍ଣ ଓ ଆଂଶିକ ଭାବେ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ପ୍ରଭାବିତ ଅଞ୍ଚଳଗୁଡ଼ିକ ମଧ୍ୟରେ ଖରିଆବାହାଲ ବସ୍ତି, ଗଞ୍ଜୁ ବସ୍ତି, କଲ୍ୟାଣ ବସ୍ତି, ବଲାଙ୍ଗିର ବସ୍ତି ଓ ଜି-ବ୍ଲକ୍ ବସ୍ତି ଅନ୍ତର୍ଭୁକ୍ତ ଅଛି। ପ୍ରଶାସନ ପକ୍ଷରୁ ତୁରନ୍ତ ରିଲିଫ ବ୍ୟବସ୍ଥା ଗ୍ରହଣ କରାଯାଇ ୯୮ ଟି ପ୍ରଭାବିତ ପରିବାରଙ୍କୁ ପଲିଥିନ ବଣ୍ଟନ କରାଯାଇଛି। ବାକି ପରିବାରମାନଙ୍କ ପାଇଁ ସହାୟତା ଓ ଅଧିକ ସର୍ଭେକାର୍ଯ୍ୟ ଜାରି ରହିଛି।

## ଏନ୍‌ଆଇଟି ଦ୍ୱାରା ଏଆଇ-ସକ୍ଷମ ମାଇକ୍ରୋସ୍କୋପି ପେଟେଣ୍ଟ ପ୍ରସ୍ତୁତ

ରାଉରକେଲା,୨୮।୫(ସମିସ)

ଏନ୍‌ଆଇଟି ରାଉରକେଲାର ବାୟୋଟେକ୍ନୋଲୋଜି ଏବଂ ମେଡିକାଲ











ଇଞ୍ଜିନିୟରିଂ ବିଭାଗର ଗବେଷକମାନେ ଏକ ଏଆଇ-ସକ୍ଷମ ଅଟୋଫୋକସିଂ ପ୍ରଯୁକ୍ତିବିଦ୍ୟା ବିକଶିତ କରିଛନ୍ତି, ଯାହା ବାୟୋମେଡିକାଲ୍ ଡାଇଗ୍ନୋଷ୍ଟିକ୍ ପ୍ରୟୋଗ ପାଇଁ ମାଇକ୍ରୋସ୍କୋପିକ୍ ଇମେଜିଂକୁ ଉନ୍ନତ କରିପାରିବ। ଏହି ପ୍ରଯୁକ୍ତିବିଦ୍ୟା ସର୍ବନିମ୍ନମାନବ ହସ୍ତକ୍ଷେପ ସହିତ ଦ୍ରୁତ, ସଠିକ୍ ଏବଂ ପୁନରାବୃତ୍ତିଯୋଗ୍ୟ ଫଳାଫଳ ଉତ୍ପାଦନ କରିବାରେ ସକ୍ଷମ ହେବି। ଏନ୍‌ଆଇଟି ରାଉରକେଲାର ଇନ୍‌କ୍ୟୁବେଟର ସେଣ୍ଟର (ଏଫ୍‌ଟିବିଆଇ) ରେ ଇନକ୍ୟୁବେଟେଡ୍ ଏକ ଷ୍ଟାର୍ଟଅପ୍, ଗ୍ଲୋଭିଷ୍ଟା ଇନ୍‌ଷ୍ଟ୍ରୁମେଣ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍ ସହିତ ସହଯୋଗରେ ବିକଶିତ ଗବେଷଣା ଦଳ ପ୍ରଯୁକ୍ତିବିଦ୍ୟା ପାଇଁ 'ଅପ୍ଟୋଫ୍ଲୁଇଡିକ୍ ମାଇକ୍ରୋସିଷ୍ଟମ୍ ଏବଂ ପ୍ରକ୍ରିୟାଗୁଡ଼ିକରେ ଅଟୋଫୋକସିଂ ପାଇଁ ଏକ ପଦ୍ଧତି' ଶୀର୍ଷକ ଏକ ପେଟେଣ୍ଟ ହାସଲ କରିଥିବା ଜଣାପଡ଼ିଛି। ସ୍ୱାସ୍ଥ୍ୟସେବା ଶିଳ୍ପରେ ଡାକ୍ତର ଏବଂ ଗବେଷକମାନେ ମାଇକ୍ରୋସ୍କୋପି ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି କୋଷ, ଟିସୁ, ଅଣୁଜୀବ ଏବଂ ଜୈବିକ ଗଠନ ନିର୍ଣ୍ଣୟ କରନ୍ତି ଯାହା ଖାଲି ଆଖିରେ ଦେଖାଯାଇପାରେ ନାହିଁ। କର୍କଟ ରୋଗ, ପାଥୋଲୋଜି-ସମ୍ବନ୍ଧୀୟ ଅବସ୍ଥା ଏବଂ ମ୍ୟାଲେରିଆ ଏବଂ ଯକ୍ଷ୍ମା ପରି ସଂକ୍ରମଣ ଚିହ୍ନଟକରଣ ଏହି ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି କରାଯାଏ। ଗବେଷଣା କ୍ଷେତ୍ରରେ, ଏହାକୁ ବିସ୍ତୃତ ଦୃଶ୍ୟ ସୂଚନା ପ୍ରଦାନ କରି ଔଷଧ ବିକାଶ ଏବଂ ଯତ୍ନ ନିର୍ଣ୍ଣୟ ପାଇଁ ବ୍ୟବହାର କରାଯାଏ। ଏନ୍‌ଆଇଟି ରାଉରକେଲା ଗବେଷଣା ଦଳ ବିକଶିତ କରିଥିବା ଏହି ଅପ୍ଟୋଫ୍ଲୁଇଡିକ୍ ଡିଜିଟାଲ୍ ମାଇକ୍ରୋସ୍କୋପି ପ୍ଲାଟଫର୍ମ ଏକ ଅପ୍ଟିକାଲ୍ ଇମେଜିଂ ସିଷ୍ଟମ୍ ଏବଂ ସ୍ୱୟଞ୍ଚାଳିତ ଗତି ନିୟନ୍ତ୍ରଣ ସହିତ ସମନ୍ୱିତ ଗଭୀର ଶିକ୍ଷା ପ୍ରଯୁକ୍ତିବିଦ୍ୟାବ୍ୟବହାରକରେ, ଯାହା ଏହାକୁ ବାସ୍ତବ ସମୟରେ ନିରନ୍ତର ମାଇକ୍ରୋସ୍କୋପି ପ୍ରତିଛବି ବିଶ୍ଳେଷଣ କରିବାକୁ ଏବଂ ଏକ ବୁଦ୍ଧିମାନ ପ୍ରତିକ୍ରିୟା ପ୍ରଣାଳୀ ମାଧ୍ୟମରେ ସ୍ୱୟଂଚାଳିତ ଭାବରେ ଫୋକସ୍ ଆଡଜଷ୍ଟ କରିବାକୁ ଅନୁମତି ଦିଏ। ଗବେଷଣା ଦଳରେ ଏନ୍‌ଆଇଟି ରାଉରକେଲାର ବାୟୋଟେକ୍ନୋଲୋଜି ଏବଂ ମେଡିକାଲ ଇଞ୍ଜିନିୟରିଂ ବିଭାଗର ସହକାରୀ ପ୍ରଫେସର ଏବଂ ଗ୍ଲୋଭିଷ୍ଟା ଇନଷ୍ଟ୍ରୁମେଣ୍ଟସ୍ ପ୍ରାଇଭେଟ୍ ଲିମିଟେଡର ପ୍ରତିଷ୍ଠାତା ଏବଂ ନିର୍ଦ୍ଦେଶକ ପ୍ରଫେସର ଇରୁ ବାନୋଥ, ଏନ୍‌ଆଇଟି ରାଉରକେଲାର ଗବେଷଣା ସ୍ନାତକ ଡ. ଶୈକ ଅହମଦସାଇଦୁଲ୍ଲା, ଏନ୍‌ଆଇଟି ରାଉରକେଲା ଇନକ୍ୟୁବେଟି, ଡିଜାଇନ୍ ଇଞ୍ଜିନିୟର ଅମୋଲ ଲାଲଚାନ୍ଦ ସାଲଭେ ଏବଂ ଗ୍ଲୋଭିଷ୍ଟା ଇନ୍‌ଷ୍ଟ୍ରୁମେଣ୍ଟସ୍ ପ୍ରାଇଭେଟ୍ ଲିମିଟେଡର ଉତ୍ପାଦ ପରିଚାଳକ ପଦ୍ମନାବନ ସେଲଭା କୁମାର ସାମିଲ ଅଛନ୍ତି। ୧ ଲକ୍ଷ ୨୦ ହଜାର ଟଙ୍କା ବ୍ୟୟରେ ବିକଶିତ ଏହି ସିଷ୍ଟମ ରକ୍ତକୋଷ ବର୍ଗୀକରଣ ମାଧ୍ୟମରେ ଆକ୍ୟୁଟ୍ ଲିମ୍ଫୋବ୍ଲାଷ୍ଟିକ୍ ଲ୍ୟୁକେମିଆ (ରକ୍ତକର୍କଟ), ମ୍ୟାଲେରିଆ ଏବଂ ସମ୍ପୂର୍ଣ୍ଣ ରକ୍ତ କୋଷ ଗଣନା ଚିହ୍ନଟ କରିବାରେ ସଠିକ୍ ଫଳାଫଳ ଦେଖାଇଛି। ବିକଶିତ ପ୍ରଯୁକ୍ତିବିଦ୍ୟା ବିଷୟରେ ଡ. ଇରୁ ବାନୋଥ କହିଛନ୍ତି, ଆମର ଲକ୍ଷ୍ୟ ହେଉଛି ଏକ ସରଳ ହ୍ୟାଣ୍ଡହେଲ୍ଡ ସିଷ୍ଟମ ବିକଶିତ କରିବା ଯାହା ସଠିକ ସୂଚନା ସହିତ ଆମଦାନୀ ହୋଇଥିବା ସ୍ୱୟଞ୍ଚାଳିତ ମାଇକ୍ରୋସ୍କୋପି ପ୍ରଯୁକ୍ତିବିଦ୍ୟା ପରି ପ୍ରଭାବଶାଳୀ ଭାବରେ କାମ କରିବ। ଏହାସହିତ ଫ୍ଲୋ ସାଇଟୋମିଟର ଏବଂ ଇମେଜିଂ ଫ୍ଲୋ ସାଇଟୋମିଟର ପରି ବିଭିନ୍ନ ପ୍ରୟୋଗ ପାଇଁ ଏହି ସିଷ୍ଟମକୁ ବିସ୍ତାର କରାଯିବା ଉଚିତ। ପ୍ରଫେସର ବାନୋଥ କହିଛନ୍ତି, ଆମେ ସମ୍ପୂର୍ଣ୍ଣ ଭୂମିଗତ ତଥ୍ୟ ବିକାଶ କରିବା ସହିତ କ୍ଷେତ୍ର ପରୀକ୍ଷା ପାଇଁ ବିଭିନ୍ନ ସ୍ଥାନରେ ନିୟୋଜିତ କରିବା ଏବଂ ଡାଇଗ୍ନୋଷ୍ଟିକ୍ ସେଣ୍ଟର ଏବଂ ଗବେଷଣା ପରୀକ୍ଷାଗାରରୁ ମତାମତ ପାଇବା ପାଇଁ କାର୍ଯ୍ୟକୁ ବୃଦ୍ଧି କରିବା ପାଇଁ ଆମର କାର୍ଯ୍ୟକୁ ବିସ୍ତାର କରୁଛୁ। ଭାରତ ସରକାରଙ୍କ ମେକଇନ୍ ଇଣ୍ଡିଆ ପଦକ୍ଷେପ ସହିତ ସମନ୍ୱୟ ରଖି, ବିକଶିତ ନବସୃଜନ ସମାଜ ପାଇଁ ସୁଗମ, ପରବର୍ତ୍ତୀ ପିଢ଼ିର ସ୍ୱାସ୍ଥ୍ୟସେବା ସମାଧାନକୁ ସମର୍ଥନ କରି ସ୍ୱଦେଶୀ ଗବେଷଣା-ଚାଳିତ ନବସୃଜନକୁ ଆଗକୁ ବଢ଼ାଇବା ପାଇଁ ଏନ୍‌ଆଇଟି ରାଉରକେଲାର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ।

## ଯୁବ ମୋର୍ଚ୍ଚାର ସାଂଗଠନିକ ବୈଠକ

ତରଭା,୨୮ ।୫(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବିଜେପି ତରଭା ମଣ୍ଡଳସ୍ତରୀୟ ଯୁବ ମୋର୍ଚ୍ଚା ସାଙ୍ଗଠନିକ ପ୍ରବାସ ଯୋଜନା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ତରଭା ବ୍ଲକ ସାଂସଦ ପ୍ରତିନିଧି ବିମଳ ମିଶ୍ର, ତରଭା ନଗର ସାଂସଦ ପ୍ରତିନିଧି ମାନସ ସାହୁ, ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ସନ୍ତୋଷ ପ୍ରଧାନ, ମେଣ୍ଡା ମଣ୍ଡଳ ସଭାପତି ଭୁବନାନନ୍ଦ ବାଦୀ, କମସରା ମଣ୍ଡଳ ସଭାପତି ଅଶ୍ୱିନୀ ମହାକୁର, ତରଭା ନଗର ପ୍ରଭାରୀ ସନାତନ କର୍ମୀଙ୍କ ନେତୃତ୍ୱରେ ସମସ୍ତ ମଣ୍ଡଳର ବିଭିନ୍ନ ସ୍ଥାନରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ତରଭା ବିଜେପି କାର୍ଯ୍ୟାଳୟଠାରେ ଅନୁଷ୍ଠିତ ବୈଠକରେ ତରଭା ନଗରର ନୂତନ ଯୁବ ମୋର୍ଚ୍ଚା ସଭାପତି ଭାବେ ପ୍ରଦୀପ ମେହେରଙ୍କୁ ଦାୟିତ୍ୱ ଦିଆଯାଇଥିଲା । ଏଥିରେ ଉପ ସଭାପତି ଧର୍ମରାଜ ନାଏକ, ଶକ୍ତି କେନ୍ଦ୍ର ପ୍ରମୁଖ ସନ୍ଦିପନୀ ଠାକୁର, ବୁଥ ସଭାପତି ଅନ୍ତର୍ଯ୍ୟାମୀ ନାଏକ, ନରେଶ ଷାଣ୍ଡ, ନଗର ସଭାପତି ମାନସ ସାହୁଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତାଙ୍କୁ ନେଇ ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ସନ୍ତୋଷ ପ୍ରଧାନଙ୍କୁ ସ୍ୱାଗତ କରାଯାଇଥିଲା ।

## ରଜାମରା ମଦଭାଟି କର୍ମଚାରୀଙ୍କ ଦାଦାଗିରି

କଣ୍ଟାବାଞ୍ଜି,୨୮ ।୫(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ଥାନା ରଜାମରା ଗାଁରେ ଥିବା ମଦଭାଟିରେ ଜଣେ ବ୍ୟକ୍ତିଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି । ଏହି ମଦ ଭାଟିକୁ ଲାଗି ପ୍ରସନ୍ନ ରଣା ନାମକ ଜଣେ ବ୍ୟକ୍ତିଙ୍କ ଜମି ରହିଛି । ଏହି ଜମିରେ ସବୁ ବେଳେ ମଦଭାଟିର ଅଳିଆ ପଡୁଛି । ଏଣୁ ପ୍ରସନ୍ନ ପ୍ରତିବାଦ କରି ଆସୁଛନ୍ତି । ଏହାକୁ ନେଇ ମଦଭାଟିରେ କାମ କରୁଥିବା ଗାଁର ବିଜେ ରଣା ପ୍ରସନ୍ନଙ୍କୁ ଆକ୍ରମଣ କରିଥିଲା । ଏହି ସମୟରେ ପ୍ରସନ୍ନଙ୍କ ସ୍ତ୍ରୀ ଯାଇ ଛଡାଇବା ବେଳେ ତାଙ୍କୁ ବି ଅଭିଯୁକ୍ତ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ଗୁରୁତର ଅବସ୍ଥାରେ ପ୍ରସନ୍ନଙ୍କୁ ପରିବାର ଲୋକେ କଣ୍ଟାବାଞ୍ଜି ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆଣିଥିଲେ । ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବଲାଙ୍ଗୀର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ପୁଲିସ ଏହାର ତଦନ୍ତ ଆରମ୍ଭ କରିଛି ।

## ଅନ୍ଧାରରେ ଦର୍ଲିପଡ଼ାବାସୀ

କଣ୍ଟାବାଞ୍ଜି,୨୮ ।୫(ସମିସ): ବଲାଙ୍ଗୀର ତୁରେକେଲା ବ୍ଲକ୍ ଚଟୁଅନକା ପଞ୍ଚାୟତ ବେହେରେନସିଲେଟ ଗାଁର ଦର୍ଲିପଡାବାସୀ ୨୪ ଘଣ୍ଟାରୁ ଅଧିକ ସମୟ ହେଲା ଅନ୍ଧାରରେ ଜୀବନ ବିତାଉଛନ୍ତି । ବୁଧବାର ସନ୍ଧ୍ୟାରେ ପ୍ରବଳ ବର୍ଷା ସହ ପବନ ବୋହିବା ଫଳରେ ବିଦ୍ୟୁତ୍ କାଟ୍ ହୋଇଥିଲା; କିନ୍ତୁ ବର୍ଷା ସରିବା ପରେ ମଧ୍ୟ ଆଉ ବିଦ୍ୟୁତ୍ ଆସିଲା ନାହିଁ । ଏ ନେଇ ପଡ଼ାବାସୀ ସ୍ଥାନୀୟ ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କୁ ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ ।

## ପ୍ରବଚକ ବିନୟ ଦଣ୍ଡସେନାଙ୍କ ପରଲୋକ

ଡୁଙ୍ଗୁରିପାଲି,୨୮ ।୫(ସମିସ): ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ଚିଙ୍ଗେରକଟା ଗ୍ରାମର ପ୍ରବଚକ ବିନୟ ଦଣ୍ଡସେନାଙ୍କ (୫୪) ଙ୍କ ପରଲୋକ ହୋଇଯାଇଛି । ସେ କିଛି ଦିନ ହେବ ତାଙ୍କ ସ୍ୱାସ୍ଥ୍ୟଜନିତ ସମସ୍ୟା ଯୋଗୁଁ ବିଶାଖାପାଟଣା ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଛି । ଆଜି ତାଙ୍କ ମର ଶରୀରକ ଆସିବା ପରେ ଅଞ୍ଚଳର ଶତାଧିକ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ । ସେ ବିଜେପିର ଜଣେ ଶୃଙ୍ଖଳିତ କାର୍ଯ୍ୟକର୍ତ୍ତା ଭାବେ ବହୁ ବର୍ଷ କାର୍ଯ୍ୟ କରିଥିଲେ । ଏହାସହ ଏକାଧାରରେ ଜଣେ କବି, ଲେଖକ, ସମାଜସେବୀ, ଡୁଙ୍ଗୁରିପାଲି ସାମ୍ବାଦିକ ସଂଘର ସଦସ୍ୟ, ପ୍ରବଚକ ଭାବେ ଅଞ୍ଚଳରେ ଜଣାଶୁଣା ଥିଲେ ।



ସ୍ୱାସ୍ଥ୍ୟ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ ସମୀକ୍ଷା

# ମାତୃ ଓ ଶିଶୁ ମୃତ୍ୟୁ ହାର ଶୂନ୍ୟ କରିବାକୁ ନିର୍ଦ୍ଦେଶ

ବୌଦ୍ଧ,୨୮ ।୫(ସମିସ)

କଲେକ୍ଟରେଟ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ସ୍ୱାସ୍ଥ୍ୟ ଏବଂ ମହିଳା ଓ ଶିଶୁ ବିଭାଗର ଜିଲ୍ଲାସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ଏଥିରେ ଅଧକ୍ଷତା କରିଥିଲେ । ଜିଲ୍ଲାରେ ଘଟୁଥିବା ମାତୃ ଓ ଶିଶୁମୃତ୍ୟୁ ସମ୍ପର୍କରେ ଜିଲ୍ଲାପାଳ ସବିଶେଷ ସମୀକ୍ଷା କରିଥିଲେ । ସେ ମୃତକଙ୍କ ପରିବାର ସଦସ୍ୟଙ୍କ ସହ




ଆଲୋଚନା କରିଥିଲେ । ସେବା ପ୍ରଦାନରେ ଥିବା ତ୍ରୁଟି ଦୂର କରି ଭବିଷ୍ୟତରେ ଏପରି ଘଟଣା ରୋକିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହାସହ ଯକ୍ଷ୍ମାରୋଗ, ମ୍ୟାଲେରିଆ, କୁଷ୍ଠରୋଗ, ଅନ୍ଧତ୍ୱ ନିୟନ୍ତ୍ରଣ କାର୍ଯ୍ୟକ୍ରମ ସହ ବିଭିନ୍ନ ସ୍ୱାସ୍ଥ୍ୟ ଯୋଜନାର ଅଗ୍ରଗତି ସମୀକ୍ଷା କରିଥିଲେ । ଜନସାଧାରଣଙ୍କୁ ମୌଳିକ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ବୈଠକରେ ସିଡିଏମଓ ଡ. ମହେନ୍ଦ୍ର ସାହୁ, ଗିରିଜା ପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ବାସହରା କରିଦେଲା କାଳବୈଶାଖୀ

ଶଗଡ଼ା,୨୮ ।୫(ସମିସ): କଣ୍ଟାମାଳ ବ୍ଲକ୍ ଲମ୍ବସରୀ ପଞ୍ଚାୟତ ବଡଝାରମୁଣ୍ଡା ଗ୍ରାମରେ ବୁଧବାର ହୋଇଥିବା କାଳବୈଶାଖୀ ଲୋକଙ୍କୁ ବାସହରା କରି ଦେଇଛି । ଘୁଲି ସରଭଙ୍ଗ, ଖଗେଶ୍ୱର ବଣ୍ଡକି, ସୁଲୋଚନା ବିଭାର, ମିଶ୍ର ବିଭାର, ବିଶ୍ୱାମିତ୍ର ବିଭାର, ଗୋବର୍ଦ୍ଧନ ବଣ୍ଡକି, ଅଭି ବଣ୍ଡକି, ଯୋଗୀନ୍ଦ୍ର ବଣ୍ଡକି, ନବୀନା ବଣ୍ଡକି, ଶଙ୍କର ସୁନା, ସନ୍ତୋଷ ଦିଗାଲ, ରମେଶ ବଣ୍ଡକିଙ୍କର ଚାଳ ଛପର ଘର ଭାଙ୍ଗି ଯାଇଛି । ଏମାନଙ୍କ ଘରର ଛପର ଉଡାଇ ନେଇଛି । ଏଣୁ ଏମାନେ ବେସାହାରା ହୋଇ ପଡିଛନ୍ତି । ଘର ଉଜୁଡି ଯାଇଥିବାରୁ ଏମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଘର ଭାଙ୍ଗି ଯାଇଥିବାରୁ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସହିବା ଏମାନଙ୍କ ପକ୍ଷରେ ଅସହ୍ୟ ହୋଇପଡୁଛି ।



## ହାତୀସରାରେ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଦେଓଗାଁ,୨୮ ।୫(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ହାତୀସରା ପଞ୍ଚାୟତ ମୁଖ୍ୟାଳୟସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଗ୍ରାମବାସୀଙ୍କ ଆୟୋଜନ କ୍ରମେ ଗୁରୁବାର ସନ୍ଧ୍ୟାରେ ଶିକ୍ଷା ଓ କ୍ରୀଡା କ୍ଷେତ୍ରରେ ଗାଁର କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । କୁନା ପୁଟେଲଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଚଳିତବର୍ଷ ଦ୍ୱାଦଶ ଶ୍ରେଣୀ ବିଜ୍ଞାନରେ ୯୫ ପ୍ରତିଶତ ମାର୍କ ରଖିଥିବା ଛାତ୍ରୀ ମୌସୁମୀ ସାହୁ, ବାଣିଜ୍ୟରେ ୯୫.୩୩ ପ୍ରତିଶତ ରଖିଥିବା ଛାତ୍ର ସ୍ୱସ୍ତିକ ପୁରୋହିତ, ଦଶମ ଶ୍ରେଣୀରେ ୯୫ ପ୍ରତିଶତ ରଖିଥିବା ବିଶ୍ୱପ୍ରକାଶ ପୁଟେଲ, ୯୧ ପ୍ରତିଶତ ରଖିଥିବା ତୁଳସୀ ମେହେର, ୯୦ ପ୍ରତିଶତ ରଖିଥିବା ଲିପସାରାଣୀ ଗଡତିଆଙ୍କ ସମେତ ଅନ୍ତର୍ଜାତୀୟସ୍ତର ବିଜ୍ଞାନ ମେଳାରେ କୃତିତ୍ୱ ହାସଲ କରିଥିବା ଛାତ୍ର ବୈକୁଣ୍ଠ ନାଥ ବକୁଳ, ରାଜ୍ୟସ୍ତରୀୟ ଅସିଚାଳନାରେ ୩ଥର ରୌପ୍ୟ ପଦକ ହାସଲ ଓ ଜାତୀୟସ୍ତରରେ ଭାଗ ନେଇଥିବା ଛାତ୍ରୀ ରୁକ୍ମଣୀ ସୁନା, ଜାତୀୟସ୍ତର କବାଡି ପ୍ରତିଯୋଗିତାରେ ଭାଗନେଇଥିବା ଛାତ୍ରୀ ସୀତା ଜାନୀ ଓ ଅସି ଚାଳନାରେ କୃତୀ ଛାତ୍ର କାହ୍ନା ଗଡତ୍ୟାଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ସ୍ଥାନୀୟ ସମିତିସଭ୍ୟ ବିଶ୍ୱଜିତ ପାତ୍ର, ମାର୍କଣ୍ଡ ମେହେର, ଜୟକୃଷ୍ଣ ଗଡତ୍ୟାଙ୍କ ସହ ଗ୍ରାମବାସୀ ଉପସ୍ଥିତ ଥିଲେ ।



## ବିନାୟକ ଦାମୋଦର ସବରକରଙ୍କ ଜୟନ୍ତୀ

ତରଭା,୨୮ ।୫(ସମିସ): ତରଭା ବ୍ଲକ ଶିବତୁଲା ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ଭାରତ ସରକାର କ୍ରୀଡ଼ା ଓ ଯୁବ ବ୍ୟାପାର ମେରା ଯୁବା ଭାରତ ସୁବର୍ଣ୍ଣପୁର ଓ ପ୍ରୟାସର ମିଳିତ ଆନୁକୂଲ୍ୟରେ ବିନାୟକ ଦାମୋଦର ସବରକରଙ୍କ ଜୟନ୍ତୀ ଗୁରୁବାର ପାଳିତ ହୋଇଛି । ଭବାନୀ ଶଙ୍କର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଏସଏସଓ ପ୍ରଭାସ କର୍ଣ୍ଣ ମୁଖ୍ୟଅତିଥି, ବରିଷ୍ଠ ବିଜେପି ନେତା ଆନନ୍ଦ ବାରିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ମାଙ୍ଗେଲାଲ ଅଗ୍ରୱାଲ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବୀର ସାବରକରଙ୍କ ଜୀବନ ଦର୍ଶନ ଉପରେ ଆଲୋକ ପାତ କରିଥିଲେ । ଏଥିରେ ଜିଲ୍ଲା ସଂଯୋଜକ ପୋଷଣ ସଞ୍ଜୀବ ମିଶ୍ର, କୃପାସିନ୍ଧୁ ସା, ଶିବତୁଲା ସରପଞ୍ଚ ପ୍ରତିନିଧି ସଞ୍ଜୀବ ନାଗ, ବେଣୁଧର ନାଗ, ଶଶିଭୂଷଣ ବଗର୍ତ୍ତୀ, ବିଭୀଷଣ ସାହୁ, ମହାଦେବ ପାଣ୍ଡେ, ସୁବାସ ସାହ ପ୍ରମୁଖ ଉପସ୍ଥିତ ଥିଲେ । ବିନାୟକ ଦାମୋଦରଙ୍କ ଜୀବନୀ ଉପରେ ପ୍ରକାଶ ସାହୁ ଏବଂ ସୁଜାତା ନାଏକ ବୀବରଣୀ ପ୍ରଦାନ କରିଥିବାରୁ ସେମାନଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା । ଏହା ସହ ଓଏଏସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ସୁବର୍ଣ୍ଣପୁର ଜିଲ୍ଲାର ନୀତିଶ ବାରିକ ରାଜ୍ୟରେ ଅଷ୍ଟମ ସ୍ଥାନ ଅଧିକାର କରିଥିବାରୁ ଏହି ଅବସରରେ ତାଙ୍କୁ ସମ୍ମାନୀତ କରାଯାଇଥିଲା । କୃପାସିନ୍ଧୁ ସା ଧନ୍ୟବାଦ ଦେଇଥିଲେ ।



## ଜର୍ଣ୍ଣାଲିଷ୍ଟ ଆସୋସିଏସନ ହରଭଙ୍ଗା ବ୍ଲକ୍‌ର ସାଧାରଣ ପରିଷଦ ଅଧିବେଶନ

ହରଭଙ୍ଗା,୨୮ ।୫(ସମିସ): ପୁରୁଣାକଟକ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ଜର୍ଣ୍ଣାଲିଷ୍ଟ ଆସୋସିଏସନ ହରଭଙ୍ଗା ବ୍ଲକର ସାଧାରଣ ପରିଷଦ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି ଆସୋସିଏସନର ସଭାପତି ଶାଶ୍ୱତ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବାର୍ଷିକ କାର୍ଯ୍ୟପନ୍ଥା ନେଇ ଆଲୋଚନା ହୋଇଥିଲା । ମୁଖ୍ୟ ଉପଦେଷ୍ଟା ସୁକାନ୍ତ ପଟ୍ଟନାୟକ ଓ ବନମାଳୀ ପ୍ରଧାନ ସଂଘର ପଞ୍ଜିକରଣ ନେଇ ପ୍ରସ୍ତାବ ଦେଇଥିଲେ ।୧୦ ଦିନ ମଧ୍ୟରେ ଏହାକୁ ସମ୍ପୂର୍ଣ୍ଣ କରିବାକୁ ଆଲୋଚନା ହୋଇଥିଲା । ସେହିପରି ଡିସେମ୍ବର ଶେଷ ସୁଦ୍ଧା ସଂଘର ପ୍ରତିଷ୍ଠା ଦିବସ ପାଳନ ପାଇଁ ନିଷ୍ପତ୍ତି ହୋଇଛି । ବିଭୁଦତ୍ତ ସାହୁ ଓ ବୃନ୍ଦାବନ ପାତ୍ରଙ୍କୁ ସଂଘରେ ସାମିଲ କରି ଉପଦେଷ୍ଟା କୁନା ବେହେରା ଶପଥ କରାଇଥିଲେ । ସମ୍ପାଦକ ସୁଶାନ୍ତ ବେହେରା, କୋଷାଧକ୍ଷ ବାସୁଦେବ ସାହୁ, ଉପସଭାପତି ସଦାନନ୍ଦ ନାଏକ, ସହସମ୍ପାଦକ କୁମୁଦ ଚନ୍ଦ୍ର ସାହୁ, କାର୍ଯ୍ୟକାରୀ ସଦସ୍ୟ ସିମୁନ ନାଏକ, ବିଜୟ ନାଏକ, ପ୍ରଭାତ ନାଏକ, ବୃନ୍ଦାବନ ପାତ୍ର, ବିବେକାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।



## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଭୋଟର ହେଲ୍ପଡେସ୍କ

ବୌଦ୍ଧ, ୨୮ ।୫ (ସମିସ): ବୌଦ୍ଧ ଜିଲ୍ଲାରେ ଚାଲୁଥିବା ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ ଅଭିଯାନ (Special Intensive Revision - SIR) ପରିପ୍ରେକ୍ଷୀରେ ବୌଦ୍ଧ ଜିଲ୍ଲା ପ୍ରଶାସନ ପକ୍ଷରୁ କଲେକ୍ଟରେଟ ପରିସରରେ ଏକ ଭୋଟର ହେଲ୍ପଡେସ୍କ ସ୍ଥାପନ କରାଯାଇଛି । ଜିଲ୍ଲାର ସମସ୍ତ ଯୋଗ୍ୟ ଭୋଟରଙ୍କୁ ନିଜ ଭୋଟର ତଥ୍ୟ ଯାଞ୍ଚ ଓ ସଂଶୋଧନ କାର୍ଯ୍ୟରେ ସକ୍ରିୟ ଭାଗ ନେବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆହ୍ୱାନ ଦିଆଯାଇଛି ।

ସୁସ୍ଥ ଗଣତନ୍ତ୍ରର ମୂଳ ଆଧାର ହେଉଛି ଠିକ୍, ସମ୍ପୂର୍ଣ୍ଣ ଓ ତ୍ରୁଟିମୁକ୍ତ ଭୋଟର ତାଲିକା । ତେଣୁ ନୂତନ ଭୋଟର ଭାବେ ନାମ ଅନ୍ତର୍ଭୁକ୍ତ କରିବା ପାଇଁ ଫର୍ମ-୬, ଭୋଟର ତଥ୍ୟ ସଂଶୋଧନ ପାଇଁ ଫର୍ମ-୮ କିମ୍ବା ମୃତ ଓ ସ୍ଥାନାନ୍ତରିତ ବ୍ୟକ୍ତିଙ୍କ ନାମ କାଟିବା ପାଇଁ ନାଗରିକମାନେ ଏହି ସୁଯୋଗର ସଦବ୍ୟବହାର କରିବାକୁ ଅନୁରୋଧ କରାଯାଇଛି । ନାଗରିକମାନେ ନିଜର ଭୋଟର ସ୍ଥିତି ଯାଞ୍ଚ କରିବା ପାଇଁ ଟୋଲ୍ ଫ୍ରି ହେଲ୍ପଲାଇନ ନମ୍ବର ୧୯୫୦କୁ ଯୋଗାଯୋଗ କରିପାରିବେ । ଏହାସହ voters.eci.gov.in ପୋର୍ଟାଲ ଓ Voter Helpline App ମାଧ୍ୟମରେ ମଧ୍ୟ ଭୋଟର ସମ୍ବନ୍ଧୀୟ ସମସ୍ତ ସେବା ଗ୍ରହଣ କରାଯାଇପାରିବ । ଆସନ୍ତା ନିର୍ବାଚନରେ ପ୍ରତ୍ୟେକ ଯୋଗ୍ୟ ନାଗରିକଙ୍କ ମତାଧିକାର ସୁନିଶ୍ଚିତ କରିବା ଦିଗରେ ଏହି ସ୍ୱତନ୍ତ୍ର ସଂଶୋଧନ ଅଭିଯାନ ଗୁରୁତ୍ୱପୂର୍ଣ୍ଣ । ତେଣୁ ସମସ୍ତ ନାଗରିକଙ୍କୁ ଦାୟିତ୍ୱବାନ ଭୋଟର ଭାବେ ନିଜର ନାମ ଓ ତଥ୍ୟ ଠିକ୍ ରଖିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି ।




## ସୁବର୍ଣ୍ଣପୁରରେ ସ୍ୱତନ୍ତ୍ର ସଘନ ସଂଶୋଧନ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ

ତରଭା,୨୮ ।୫(ସମିସ): ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ ଏକ କ୍ଷୁଦ୍ର ଭିଡିଓ ମାଧ୍ୟମରେ ଜିଲ୍ଲାରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ବିଷୟରେ ଗୁରୁବାର ସୂଚନା ଦେଇଛନ୍ତି । ଜିଲ୍ଲାର ନିର୍ବାଚନ ପଞ୍ଜିକରଣ ଅଧିକାରୀ (ଇଆରଓ), ସହାୟକ ନିର୍ବାଚନ ପଞ୍ଜିକରଣ ଅଧିକାରୀ (ଏଇ ଆରଓ) ଏବଂ ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲଓ) ମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିବା ସେ କହିଛନ୍ତି । ଭାରତ ନିର୍ବାଚନ ଆୟୋଗର ସମସ୍ତ ନିର୍ଦ୍ଦେଶାବଳୀକୁ ପାଳନ କରାଯାଇଥିବା କଥା ମଧ୍ୟ ସେ ଉଲ୍ଲେଖ କରିଛନ୍ତି । ୩୦ରୁ ଜିଲ୍ଲାରେ ବୁଥସ୍ତରୀୟ ଅଧିକାରୀମାନେ ଘରେ ଘରେ ଯାଇ ତଥ୍ୟ ସଂଗ୍ରହ କରିବେ । ଏଥିପାଇଁ ସମସ୍ତ ଔପଚାରିକତା ସରିଛି । ଏହି କାର୍ଯ୍ୟକ୍ରମ କିପରି ସ୍ୱଚ୍ଛ, ନିରପେକ୍ଷ ଏବଂ ଠିକ୍ ସମୟରେ ସମ୍ପାଦନ କରାଯାଇପାରିବ ସେ ବିଷୟରେ ଜିଲ୍ଲାପାଳ ଉଲ୍ଲେଖ କରିଛନ୍ତି । ସୁବର୍ଣ୍ଣପୁର ଜିଲ୍ଲାର ନିର୍ବାଚନମଣ୍ଡଳୀ ୬୩ ଓ ୬୪ରେ ୫୮୦ରୁ ଅଧିକ ବୁଥସ୍ତରୀୟ ଅଧିକାରୀ ଏହି ସଂଶୋଧନ କାର୍ଯ୍ୟକ୍ରମ ପାଇଁ ପ୍ରଶିକ୍ଷଣ ନେଇଛନ୍ତି । ମେ ୩୦ରୁ ଜୁନ୍ ୨୮ ପର୍ଯ୍ୟନ୍ତ ସେମାନେ ବିଭିନ୍ନ ରାଜନୈତିକ ସଂଗଠନ ଦ୍ୱାରା ପ୍ରଦତ୍ତ ବୁଥସ୍ତରୀୟ ଏଜେଣ୍ଟଙ୍କ ଉପସ୍ଥିତିରେ ଘରେ ଘରେ ବୁଲି ଭୋଟର ତଥ୍ୟ ସଂଗ୍ରହ କରିବେ । ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମର



ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଭୋଟର ତାଲିକାର ସଂଶୋଧନ କରିବା । ନୂତନ ଭୋଟରମାନଙ୍କୁ ତାଲିକାରେ ଅନ୍ତର୍ଭୁକ୍ତ କରିବା । ମୃତ ଓ ଅନୁପସ୍ଥିତ ଭୋଟରମାନଙ୍କୁ ତାଲିକାରୁ

**୩୦ରୁ ଘରେ ଘରେ ତଥ୍ୟ ସଂଗ୍ରହ**

ବହିର୍ଭୁକ୍ତ କରିବା । ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ତଥ୍ୟ ସଂଗ୍ରହ ପ୍ରକ୍ରିୟାକୁ ଦିନ ୧୧ଟା ପୂର୍ବରୁ ସାରିବା ଏବଂ ସନ୍ଧ୍ୟା ସମୟରେ ନିଜ ସୁବିଧା ଅନୁଯାୟୀ କାର୍ଯ୍ୟ କରିବା ପାଇଁ ବିଏଲଓମାନଙ୍କୁ ରାଜ୍ୟ ନିର୍ବାଚନ ଆୟୋଗ ଦ୍ୱାରା ନିର୍ଦ୍ଦେଶ ଦିଆଯାଇଛି । ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) କାର୍ଯ୍ୟସୂଚୀ ଅନୁଯାୟୀ ମେ ୩୦ରୁ ଜୁନ୍ ୨୮ ପର୍ଯ୍ୟନ୍ତ ବିଏଲଓମାନଙ୍କ ଦ୍ୱାରା ଘରକୁ ଘର ପରିଦର୍ଶନ କରାଯିବ । ଜୁଲାଇ ୫ରୁ ଚିଠା ନିର୍ବାଚନ ତାଲିକା ପ୍ରକାଶ ପାଇବ । ଜୁଲାଇ ୫ରୁ ଅଗଷ୍ଟ ୪ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ କରାଯାଇପାରିବ । ସେହିପରି ଜୁଲାଇ ୫ରୁ ସେପ୍ଟେମ୍ବର ୨ ପର୍ଯ୍ୟନ୍ତ ଦାବି ଓ ଆପତ୍ତିର ସମାଧାନ କରାଯିବ । ସେପ୍ଟେମ୍ବର ୬ରେ ଚୂଡ଼ାନ୍ତ ନିର୍ବାଚନ ତାଲିକା ପ୍ରକାଶ ପାଇବ ।

# କୋଇଲା ଭର୍ତ୍ତି ଟ୍ରକ୍‌ରୁ ୧୩.୮୫ କ୍ୱିଣ୍ଟାଲ ଗଞ୍ଜେଇ ଜବତ



**ଚାଳକ, ହେଲ୍‌ପର ଗିରଫ**



ମନମୁଣ୍ଡା,୨୮ ।୫(ସମିସ): ଅଭିନବ ଢଙ୍ଗରେ ଗଞ୍ଜେଇ ଚୋରା ଚାଲାଣ ହେଉଥିଲା । ଲୋକଙ୍କ ନଜର ହଟାଇବା ପାଇଁ ଏକ କୋଇଲା ବୋଝେଇ ଟ୍ରକରେ ଭିତରେ ଗଞ୍ଜେଇ ଯାଉଥିଲା; କିନ୍ତୁ କଣ୍ଟାମାଳ ପୁଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଧରିଛି । ପୁଲିସ ଏଥିପାଇଁ ଅନେକ ଟିମ୍ ଗଠନ କରିଥିଲା । ବିଭିନ୍ନ ସ୍ଥାନରେ ଛକି ରହିଥିଲା । ମହାରାଷ୍ଟ୍ର ନମ୍ବର ଥିବା ଏକ ୧୬ ଚକିଆ ଟ୍ରକ୍ କଣ୍ଟାମାଳ-ଘଣ୍ଟାପଡା ରାସ୍ତାର ଉଦେପୁର ଛକ ଦେଇ ଯାଉଥିଲା ବେଳେ ପୁଲିସ ସନ୍ଦେହରେ ଅଟକାଇ ଥିଲା । ସେଥିରେ କୋଇଲା ଯାଉଥିବା କୁହାଯାଇଥିଲା । ତେବେ ଏହି ରାସ୍ତାରେ କୋଇଲା ବୋଝାଇ ଟ୍ରକ ପ୍ରାୟତଃ ଚଳାଚଳ କରେ ନାହିଁ । ଏଣୁ ପୁଲିସର ସନ୍ଦେହ ବଢ଼ିଥିଲା । ଟ୍ରକ୍ ଜବତ କରାଯାଇ ଥାନାକୁ ଅଣାଯାଇଥିଲା । ତନଖି କରିବା ପରେ କୋଇଲା ଭିତରେ ପ୍ରଚୁର ପରିମାଣର ଗଞ୍ଜେଇ ପ୍ୟାକେଟ ଥିବା ପୁଲିସ ଦେଖିବାକୁ ପାଇଥିଲା । ମାଜିଷ୍ଟ୍ରେଟଙ୍କ ଉପସ୍ଥିତରେ ଗଞ୍ଜେଇ ଓଜନ କରିବାରୁ ୧୩ କ୍ୱିଣ୍ଟାଲ ୮୫ କେଜି ହୋଇଥିବା ଆଇଆଇସି ବାସୁଦେବ ଭୋଇ କହିଛନ୍ତି । ସଂପୃକ୍ତ ଗାଡ଼ିର ଡ୍ରାଇଭର ଓ ହେଲ୍ପର ଗିରଫ ହୋଇଛନ୍ତି ।

## ଋତୁସ୍ରାବ ସ୍ୱଚ୍ଛତା ଉପରେ ସଚେତନତା



ବୀରମହାରାଜପୁର,୨୮ ।୫(ସମିସ): ସୁବଳୟା ଗ୍ରାମର ଗଡଭିତରପଡ଼ା ଏବଂ ବୌଦିଆପଡ଼ାର କିଶୋରୀ ବାଳିକାମାନଙ୍କୁ ନେଇ ଋତୁସ୍ରାବ ସ୍ୱଚ୍ଛତା ଉପରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ମୀରା ବାରିକ୍, ଏମବିକେ ବବିତା ରାଣୀ ମହାପାତ୍ର, ଗୀତାଞ୍ଜଳି ବେହେରା, ଡାଳିମ୍ବ ନାଏକ, ସିଆର୍‌ପି ରେଖା ନାଏକ ଓ ସୁମତି ମେହେର ପ୍ରମୁଖ ଏହି ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ୨୫ ଜଣ କିଶୋରୀ ବାଳିକାଙ୍କୁ ନେଇ ଅନୁଷ୍ଠିତ ଏହି ସଚେତନତା ବୈଠକରେ ଋତୁସ୍ରାବ ଜନିତ ମାସିକ ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ବିଷୟରେ ସଚେତନତା ସୃଷ୍ଟି କରାଯାଇଥିଲା । ଏହାସହ ସାମାଜିକ ଅନ୍ଧ ବିଶ୍ୱାସକୁ ଭାଙ୍ଗିବା ପାଇଁ ଆଲୋଚନା କରିଥିଲେ ।

# ନିମ୍ନମାନର ଗାର୍ଡୱାଲ ନିର୍ମାଣକୁ ନେଇ ଜନ ଅସନ୍ତୋଷ

ଚନ୍ଦନେଶ୍ୱର, ୨୮।୫ (ସମିସ)



ଭୋଗରାଇ ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମ ପଞ୍ଚାୟତର କରଞ୍ଜାଶୋଳ ବିନ୍ଧା ଗ୍ରାମରେ ନିର୍ମାଣାଧୀନ ଗାର୍ଡୱାଲ କାମକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସୁରେନ୍ଦ୍ର ସାହୁଙ୍କ ପୋଖରୀ ଆଡ଼ିରେ ଚାଲୁଥିବା ଏହି ଗାର୍ଡୱାଲ ନିର୍ମାଣ କାମ ନିମ୍ନମାନର ହୋଇଥିବା ଅଭିଯୋଗ ହେଉଥିବାବେଳେ କାମ ସମ୍ପୂର୍ଣ୍ଣ ହେବା ପୂର୍ବରୁ ମଧ୍ୟ ଗାର୍ଡୱାଲର ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ପୋଖରୀ ପାର୍ଶ୍ୱରେ ରାସ୍ତା ସୁରକ୍ଷା ଦୃଷ୍ଟିରୁ ଗାର୍ଡୱାଲ ନିର୍ମାଣ ପାଇଁ ବହୁଦିନ ଧରି ଦାବି ହୋଇଆସୁଥିଲା। ଏହା ପରେ ଭୋଗରାଇ ପଞ୍ଚାୟତ ସମିତି ପକ୍ଷରୁ ୧୫ତମ ସିଏଫସି ଯୋଜନାରେ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ପ୍ରାୟ ୩ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଚଳିତ ମାସରେ ବିଭାଗୀୟ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଠିକାଦାର ଦ୍ୱାରା କାମ ଆରମ୍ଭ ହୋଇଥିଲା। ଅଭିଯୋଗ ଅନୁଯାୟୀ, କାମ ଆରମ୍ଭରୁ ହିଁ ନିର୍ମାଣ ନିୟମକୁ ଅବହେଳା କରାଯାଇଥିଲା। କୌଣସି ସୂଚନା ଫଳକ ଲଗାଯାଇନଥିବାବେଳେ, ଆବଶ୍ୟକତାଠାରୁ କମ ଗଭୀରତାରେ ଗାତ ଖୋଳାଯାଇଥିଲା। ସେହିପରି ବାଲି, ସିମେଣ୍ଟ ଓ ପଥରର ନିର୍ଦ୍ଧାରିତ ଅନୁପାତ ରକ୍ଷା ନକରି କାମ କରାଯାଇଥିବାରୁ ନିର୍ମାଣାଧୀନ ଗାର୍ଡୱାଲର ମଝି ଅଂଶରେ ଫାଟ ଦେଖାଦେଇଛି। ଗ୍ରାମବାସୀଙ୍କ ଅଭିଯୋଗ ଯେ, ବିଭାଗୀୟ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀଙ୍କ ସଠିକ ତଦାରଖର ଅଭାବରୁ ଠିକାଦାର ମନମୁଖୀ ଭାବେ କାମ କରୁଛନ୍ତି। ଏହା ସହ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧ୍ୟରେ ଅସାଧୁ ମେଳମିଶା ଯୋଗୁଁ ସରକାରୀ ଅର୍ଥର ଅପବ୍ୟବହାର ହୋଇଥିବା ମଧ୍ୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଭୋଗରାଇ ବ୍ଲକରେ ଦୀର୍ଘଦିନ ଧରି ଏଭଳି ନିମ୍ନମାନର କାମ ହୋଇଆସୁଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ତଦନ୍ତ କିମ୍ବା କାର୍ଯ୍ୟାନୁଷ୍ଠାନ ହୋଇନଥିବା ନେଇ ସ୍ଥାନୀୟ ମହଲରେ ଅସନ୍ତୋଷ ବୃଦ୍ଧି ପାଇଛି। ଏହି ଘଟଣାର ନିରପେକ୍ଷ ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀ ଅଧିକାରୀ ଓ ସମ୍ପୃକ୍ତ ଠିକାଦାରଙ୍କ

**ନିରପେକ୍ଷ ତଦନ୍ତ ଦାବି କଲେ ଅଞ୍ଚଳବାସୀ**

ବିରୋଧରେ କଡ଼ା ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀ ଗୋପାଳ ଚନ୍ଦ୍ର ସାହୁ, ଦୀନକୃଷ୍ଣ ଦାସ, ରୂପାଲି ସାହୁ, କବିତା ସାହୁ, ବାସନ୍ତୀ ସାହୁ, ଅନୁରାଧା ଦାସ ପ୍ରମୁଖ ଦାବି କରିଛନ୍ତି। ଏ ନେଇ ଭୋଗରାଇ ବିଡିଓ ଓ ସମ୍ପୃକ୍ତ ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେମାନଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

## ଖବରକାଗଜ ବିତରକଙ୍କୁ ଅଂଶୁଘାତ

ନୀଳଗିରି, ୨୮।୫ (ସମିସ): ନୀଳଗିରି ଘାଟଘରସାହି ଗ୍ରାମର ଖବର କାଗଜ ବିତରକ ଝୁନା ଓରଫ ଲୋକନାଥ ପାତ୍ର(୫୩)ଙ୍କୁ ଅଂଶୁଘାତ ହୋଇ ନୀଳଗିରି ମେଡିକାଲ ରେ ଭର୍ତ୍ତି ହୋଇଥିବା ଜଣା ପଡ଼ିଛି। ଶ୍ରୀ ପାତ୍ର ଦୈନନ୍ଦିନ ନୀଳଗିରିରୁ ଶେରଗଡ଼, ବରୁଣସିଂ, ଖାନନଗର, ବିରୁଆଁ, ଭୂଇଁପଡ଼ା ପ୍ରମୁଖ ଗ୍ରାମରେ ଖବର କାଗଜ ବିତରଣ କରିଥାନ୍ତି। ସବୁଦିନ ଭଳି ସେ ଗତ ୨୭ ତାରିଖ ବୁଧବାର ଖବରକାଗଜ ବିତରଣ କରୁଥିବା ବେଳେ ପୂର୍ବାହ୍ନ ୧୦ ଘଟିକା ସମୟରେ ଖାନନଗର ଛକଠାରେ ଟଳି ପଡ଼ିଥିଲେ। ତୁରନ୍ତ ତାଙ୍କୁ ନୀଳଗିରି ମେଡିକାଲକୁ ଅଣାଯାଇ ଅଂଶୁଘାତ କକ୍ଷରେ ଭର୍ତ୍ତି କରାଯାଇଥିଲା। ତାଙ୍କର ସ୍ୱାସ୍ଥ୍ୟବସ୍ଥା ଧୀରେ ଧୀରେ ସୁଧୁରୁଥିବା ଚିକିତ୍ସା କରୁଥିବା ଡାକ୍ତର ସୂଚନା ଦେଇଛନ୍ତି। ତାଙ୍କର ଅନୁପସ୍ଥିତ ପାଇଁ ଖବର କାଗଜ ବିତରଣ ବାଧାପ୍ରାପ୍ତ ହୋଇଛି।



## ଟ୍ରେନ୍ ଉପରେ ଖସି ପଡ଼ିଲା କ୍ରେନ୍




ନୀଳଗିରି, ୨୮।୫ (ସମିସ) : ବାଲେଶ୍ୱର ଜିଲ୍ଲା ନୀଳଗିରି ଗୋପୀନାଥପୁର ରେଲୱେ ଷ୍ଟେସନରେ ବଡ଼ ଅଘଟଣ। ଗୋପୀନାଥପୁର ରେଲୱେ ଷ୍ଟେସନରେ ଗୁରୁବାର ମଧ୍ୟାହ୍ନ ସମୟରେ ଷ୍ଟେସନ ସଂଲଗ୍ନ ସ୍ଲିପର ଫ୍ୟାକ୍ଟ୍ରିର ରେଲୱେ ତାକତାରେ ବ୍ୟବହାର ସ୍ଲିପର ମାଲବାହୀ ଟ୍ରେନ୍‌ରେ ଲୋଡିଂ ହେଉଥିବା ସମୟରେ ୨ଟି ମାଲବାହୀ ଟ୍ରେନ୍ ଉପରେ ଖସି ପଡ଼ିଲା କ୍ରେନ୍। ଏହା ସହ କ୍ରେନ୍ ପଡ଼ିବାରୁ ଛିଣ୍ଡି ଯାଇଥିଲା ଷ୍ଟେସନର ବିଦ୍ୟୁତ ତାର ଫଳରେ କିଛି ଘଣ୍ଟା ପାଇଁ ପ୍ୟାସେଞ୍ଜର ଟ୍ରେନ୍ ବାତିଲ୍ ହୋଇଥିଲା। ଏହି ଘଟଣା ସମୟରେ ରେଲୱେ ସ୍ଲିପର ଲୋଡିଂ କାମରେ ନିୟୋଜିତ ଜଣେ କର୍ମଚାରୀ ଖସି ପଡ଼ି ଅଳ୍ପକେ ବର୍ତ୍ତି ଯାଇଥିଲେ। ଖବର ଲେଖିବା ବେଳକୁ ରେଲୱେ ବିଭାଗ ପକ୍ଷରୁ ଜାରି ରହିଛି ମରାମତି କାର୍ଯ୍ୟ।

## ଡିଜେଲ, ପେଟ୍ରୋଲ ଓ ରନ୍ଧନ ଗ୍ୟାସ ଦରବୃଦ୍ଧି ପ୍ରତିବାଦରେ ରାସ୍ତାରୋକ

ନୀଳଗିରି, ୨୮।୫ (ସମିସ): କେନ୍ଦ୍ରରେ ବିଜେପି ସରକାର ଆସିବା ପରେ ସାଧାରଣ ଲୋକଙ୍କ ଉପରେ ଅକଥନୀୟ ଶୋଷଣ ଚାଲିଛି। ସରକାର ନିର୍ବାଚନୀ ପ୍ରତିଶ୍ରୁତି ପାଳନ କରିବା ତ ଦୂରର କଥା ପରନ୍ତୁ ସାଧାରଣ ଲୋକଙ୍କ ଉପରେ ଅର୍ଥନୈତିକ ଆକ୍ରମଣ ଚଳାଇ ଛନ୍ତି। ଦେଶର ବେକାରୀ ସମସ୍ୟା ବଢୁଛି, ଦାଦନ ଶ୍ରମିକ ବଢୁଛନ୍ତି, ସରକାରୀ ଅନୁଷ୍ଠାନ କୁ ବନ୍ଦ କରି ଘରୋଇ ସଂସ୍ଥା କୁ ଅଗ୍ରାଧିକାର ଦିଆଯାଉଛି। ଫଳରେ ସାଧାରଣ ଜନତା ପୂର୍ବ ପରି ପରାଧୀନ ହେବାକୁ ଯାଉ ଛନ୍ତି। ବର୍ତ୍ତମାନ ସମସ୍ତ ତୈଲ ସଂସ୍ଥାକୁ ଆଦାନୀ ହାତକୁ ଟେକି ଦେବା ପାଇଁ ସରକାର ଯୋଜନା କରୁଛନ୍ତି। ସେଥିପାଇଁ ତୈଳ ଓ ରନ୍ଧନ ଗ୍ୟାସର ଦର ବୃଦ୍ଧି କରୁଛନ୍ତି। ଯାହାକି ଜନସାଧାରଣ ଲୋକଙ୍କ ପାଇଁ ବଡ କ୍ଷତି ହେବ। ତୈଳ ଦର ବୃଦ୍ଧି ହେଲେ ସମସ୍ତ ଜିନିଷ ଦର ବୃଦ୍ଧି ହେବ। ଏହାକୁ ପ୍ରତିବାଦ କରି ଭିଟାମାଟି ଜୀବନ ଜୀବିକା ସୁରକ୍ଷା ମଞ୍ଚର ଆବାହକ ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ଗୁରୁବାର ସକାଳ ୮ ଘଟିକା ରୁ ୯ ଘଟିକା ପର୍ଯ୍ୟନ୍ତ ଏକ ଘଣ୍ଟା ରାସ୍ତାରୋକ ଗରଡିହି ଛକଠାରେ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଭିଟାମାଟି ଜୀବନ ଜୀବିକା ସୁରକ୍ଷା ମଞ୍ଚର ସଦସ୍ୟ ଲକ୍ଷ୍ମଣ ସ, ଲକ୍ଷ୍ମୀଧର ସାହୁ, ରାମଚନ୍ଦ୍ର ସିଂ, ପୁରୁଷୋତ୍ତମ ଖଣ୍ଡେଇ, ଗଜେନ୍ଦ୍ର ସିଂ, ଉମାକାନ୍ତ ଷଡଙ୍ଗୀ, ହେମେନ୍ଦ୍ର ସେଠି, ମୃତ୍ୟୁଞ୍ଜୟ ନାୟକ, ଅମରେନ୍ଦ୍ର ନାୟକ, ହାଡ଼ିବନ୍ଧୁ ସିଂ, ଗଜେନ୍ଦ୍ର ସିଂ, ମହେଶ୍ୱର ଖିଲାରଙ୍କ ସମେତ ବହୁ ସାଥୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ବରହମପୁର ଥାନା ଅଧିକାରୀଣି ପ୍ରେମଦା ନାୟକ ରାସ୍ତାରୋକ ପ୍ରତ୍ୟାହାର ପାଇଁ ଅନୁରୋଧ କରିଥିଲେ। ତାପରେ ରାସ୍ତାରୋକ କାର୍ଯ୍ୟକ୍ରମ ପ୍ରତ୍ୟାହୃତ ହୋଇଥିଲା।




**ଗାଁରେ ପାଣି ସମସ୍ୟା, ତତ୍ପର ହେଲା ପ୍ରଶାସନ**

## ଟ୍ୟାଙ୍କର ଯୋଗେ ଲୋକଙ୍କୁ ମିଳିଲା ସ୍ୱଚ୍ଛ ପିଇବା ପାଣି

ଜଳେଶ୍ୱର ବ୍ଲକ, ୨୮।୫ (ସମିସ): ଜଳେଶ୍ୱର ବ୍ଲକରେ ଏକ ଉପାନ୍ତ ଘଞ୍ଚ ଜଙ୍ଗଲ ଭରା ଆଦିବାସୀ ଗାଁ ଟିଏ। ବରଡ଼ିହା ଗ୍ରାମ ପଞ୍ଚାୟତର ୧୫ ନମ୍ବର ୱାର୍ଡ ଉପରବାଗବୁଡ଼ା ଗ୍ରାମରେ ପାନୀୟ ଜଳ ସଙ୍କଟ ଗ୍ରାମର ୬୦ ପରିବାର ବସବାସ କରୁଥିବା ବେଳେ ୫୦୦ରୁ ଅଧିକ ଲୋକ ମାତ୍ର ୫ଗୋଟି ନଳକୂପ ଏବଂ ସୋଲାର ପ୍ରକଳ୍ପ ଥିଲେ ମଧ୍ୟ ଏହା ଅକାମି ଅବସ୍ଥାରେ ପଡ଼ିରହିଛି। ଯାହା ଫଳରେ ଗାଁ ବାସୀ ପାଣି ପାଇଁ ଏହି ଗ୍ରୀଷ୍ମ ପ୍ରଭାବରେ ଟୋପାଏ ପାଣି ପାଇଁ ତହଳ ବିକଳ ହେଉଛନ୍ତି। ବାଧ୍ୟତାମୂଳକ ଭାବେ ସେହି ଅପରିଷ୍କାର ଗୋଳିଆ ପାଣି ପିଇ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି ଏବଂ ପାଣି ଟୋପାଏ ପାଇଁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି ଯାହାକୁ ନେଇ ଗତ ୨୫ ତାରିଖରେ 'ସକାଳ'ରେ ଖବର ପ୍ରକାଶିତ ପରେ ବ୍ଲକ ପ୍ରଶାସନ ତତ୍ପର ହେବା ସହିତ ଗ୍ରାମର ଦୀର୍ଘ ଦିନ ଧରି ଖରାପ ହୋଇ ପଡ଼ିଥିବା ନଳକୂପ ମରାମତି କରିବା ସହ ଗ୍ରାମରେ ଟ୍ୟାଙ୍କର ଯୋଗେ ପିଇବା ପାଣି ଯୋଗାଇବାର ବ୍ୟବସ୍ଥା କରିଛନ୍ତି। ଏହାର ତଦାରଖ କରିବାର ଦାୟିତ୍ୱ ପାନୀୟ ଜଳ ଯୋଗାଣ ବିଭାଗର କନିଷ୍ଠ ଯନ୍ତ୍ରୀ ନିତ୍ୟାନନ୍ଦ ପାତ୍ର ଓ ତାଙ୍କ ସହଯୋଗୀ ସୁବ୍ରତ କୁମାର ଚାନ୍ଦ ଗାଁରେ ପହଞ୍ଚି କରିଥିଲେ। ପାଣି ସମସ୍ୟା ସମ୍ପର୍କରେ ଅଭିଯୋଗ ପାଇଁ ଜଳେଶ୍ୱର ବିଡ଼ିଓ ଗୌରାଙ୍ଗ ଚରଣ ଘୋଷ ଉପରବାଗବୁଡ଼ା ଗାଁ କୁ ଆସି ଅନୁଧ୍ୟାନ କରି ପିଇବା ପାଣିର ସ୍ଥାୟୀ ସମାଧାନ ସାଙ୍ଗକୁ ଗାଁ କୁ ସ୍ଥାୟୀ ରାସ୍ତା ନିର୍ମାଣର ପ୍ରତିଶ୍ରୁତିକୁ ୧ବର୍ଷ ବିତିଯାଇଥିଲେ ସୁଦ୍ଧା କୌଣସି ସୁଧାର ଆସିଲା ନାହିଁ। ଗାଁ ରେ କାହାର ଦେହ ଅସୁସ୍ଥ ହେଲେ ଖଟିଆରେ ବୁହା ହୁଅନ୍ତି ରୋଗୀ ଆମ୍ବୁଲାନ୍ସ ଅଟକି ଯାଏ ଅଧା ରାସ୍ତାରେ ଏହାର ସ୍ଥାୟୀ ପ୍ରତିକାର ପାଇଁ ବରଡ଼ିହା ଗ୍ରାମ ପଞ୍ଚାୟତ ଯୁବ ନେତା ରାଜୀବ ଲୋଚନ ଗିରି ସ୍ଥାନୀୟ ବିଧାୟକଙ୍କ ଠାରୁ ଆରମ୍ଭ କରି ସାଂସଦ ଓ ବିଡିଓଙ୍କଠାରେ ଅବଗତି କରିବା ସହିତ ସ୍ଥାନୀୟ ୱାର୍ଡ ମେମ୍ବର ରାଜୀବ କୁମାର ଗିରି, ଗୁରୁଭା ଟୁଡୁ, ଚତନ୍ୟ ସରେନ, ବାସୁଦେବ ସରେନ, ବୀରେନ୍ଦ୍ର ମୁର୍ମୁ, ବାପି କିସ୍କୁ, ବିକ୍ରମ ମୁର୍ମୁ, ରାମ କିସ୍କୁ, ଚତନ୍ୟମୁର୍ମୁ, ଗୋବିନ୍ଦ ମୁର୍ମୁ, ଅଭିଜିତ ଜେନା ପ୍ରମୁଖ ଦାବି କରିଛନ୍ତି।



## ମାତୃଭାଷା ଶିକ୍ଷାକୁ ସୁଦୃଢ଼ କରିବାକୁ ମୁଣ୍ଡାରୀ ଶିକ୍ଷକ ପ୍ରଶିକ୍ଷଣ ଶିବିର

ବାରିପଦା, ୨୮।୫(ସମିସ): ମୁଣ୍ଡାରୀ ଭାଷା ସମନ୍ୱୟ ସମିତିର ଶିକ୍ଷା ବିଭାଗ 'ମୁଣ୍ଡାରୀ ଏଜ୍ୟୁକେସନ ବୋର୍ଡ' ଦ୍ୱାରା ପରିଚାଳିତ ମୁଣ୍ଡାରୀ ବିଦ୍ୟାଳୟମାନଙ୍କର ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆଜି ବାରିପଦାସ୍ଥ କଲ୍ୟାଣୀ ମହିଳା ସମିତିର ସମ୍ମିଳନୀ କକ୍ଷରେ ସଫଳତାର ସହିତ ସମାପ୍ତ ହୋଇଛି। ବର୍ତ୍ତମାନ ମୁଣ୍ଡାରୀ ଏଜ୍ୟୁକେସନ ବୋର୍ଡ ଅଧୀନରେ ୩୨ଟି ମୁଣ୍ଡାରୀ ବିଦ୍ୟାଳୟ ପରିଚାଳିତ ହେଉଛି। ଏହି ବିଦ୍ୟାଳୟର ମୁଖ୍ୟ ଉଦ୍ଦେଶ୍ୟ ହେଲା ମୁଣ୍ଡାରୀ ଭାଷା, ମୁଣ୍ଡାରୀ ବାଣୀ, ସଂସ୍କୃତି, ପରମ୍ପରା ଓ ସାମାଜିକ ମୂଲ୍ୟବୋଧକୁ ନୂତନ ପିଢ଼ି ପର୍ଯ୍ୟନ୍ତ ପହଞ୍ଚାଇବା। ଏ ଅବସରରେ ତୃତୀୟ ଶ୍ରେଣୀ ପାଇଁ ପ୍ରସ୍ତୁତ ନୂତନ ପାଠ୍ୟପୁସ୍ତକ 'ହୋନ କୋଆଃ ସେଣା ସୁଙ୍ଗୁତି'ର ଉନ୍ମୋଚନ କରାଯାଇଥିଲା। ଏହି ପୁସ୍ତକରେ ସାହିତ୍ୟ, ସାମାଜିକ ବିଜ୍ଞାନ ଓ ଗଣିତ ବିଷୟ ସମ୍ମିଳିତ ରହିଛି। ମାତୃଭାଷା ମାଧ୍ୟମରେ ଶିକ୍ଷାକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଏହି ପୁସ୍ତକ ପ୍ରସ୍ତୁତ କରାଯାଇଛି। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମୁଣ୍ଡାରୀ ଶିକ୍ଷା ବୋର୍ଡର ଅଧ୍ୟକ୍ଷ ତଥା ମୁଣ୍ଡାରୀ ଭାଷା ସମନ୍ୱୟ ସମିତିର ଅଧ୍ୟକ୍ଷ ବୀରବଲ ସିଂ ଓ ଏମଏଲସିସିର ଶିକ୍ଷା ସଚିବ ବୁଧିଆ ସିଂ ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସେମାନେ ଶିକ୍ଷାଦାନ ପ୍ରଣାଳୀ, ଛାତ୍ରଛାତ୍ରୀଙ୍କ ମନୋବଳ ବୃଦ୍ଧି, ନୈତିକ ଶିକ୍ଷା ଓ ମାତୃଭାଷା ଭିତ୍ତିକ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଶିକ୍ଷକମାନଙ୍କୁ କେବଳ ଭାଷା ଶିକ୍ଷା ନୁହେଁ, ବରଂ ସମାଜ ଓ ସଂସ୍କୃତି ପ୍ରତି ସଚେତନ ନୂତନ ପିଢ଼ି ଗଢ଼ି ତୋଳିବା ପାଇଁ ଆହ୍ୱାନ ଜଣାଇଥିଲେ। ମୁଣ୍ଡାରୀ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ମୁଣ୍ଡାରୀ ଭାଷା ଓ ଲିପି ସହିତ ସଂସ୍କୃତି, ପରମ୍ପରା, ସାମାଜିକ ବିଜ୍ଞାନ, ବିଜ୍ଞାନ ଓ ଗଣିତ ଶିକ୍ଷା ମଧ୍ୟ ପ୍ରଦାନ କରାଯାଉଛି। ଏହାଦ୍ୱାରା ଛାତ୍ରଛାତ୍ରୀ ନିଜ ମୂଳ ପରିଚୟ ସହିତ ଜଡ଼ିତ ରହିବା ସହ ସାଧାରଣ ଶିକ୍ଷାରେ ମଧ୍ୟ ଆଗକୁ ବଢ଼ିପାରୁଛନ୍ତି। ଏ ଅବସରରେ ଚଳିତ ବର୍ଷ ମୁଣ୍ଡାରୀ ଏଜ୍ୟୁକେସନ ବୋର୍ଡ ଅଧୀନରେ ସମସ୍ତ ଶ୍ରେଣୀର ବାର୍ଷିକ ପରୀକ୍ଷା ଆସନ୍ତା ୧୩ ଜୁନ ତାରିଖରେ ଅନୁଷ୍ଠିତ ହେବ ବୋଲି ଘୋଷଣା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏମଏଲସିସିର ସାଧାରଣ ସଚିବ ସୁନାରାମ ସିଂ, ମୁଣ୍ଡାରୀ ବିଦ୍ୟାଳୟମାନଙ୍କର ପରୀକ୍ଷା ନିୟନ୍ତ୍ରକ ଭଗବାନ ସିଂହ, ବିଦ୍ୟାଳୟ ପର୍ଯ୍ୟବେକ୍ଷକ ବୈଦ୍ୟନାଥ ସିଂ ବଡ଼ସାହି ବ୍ଲକ ଏମଏଲସିସି ସଂଯୋଜକ ଅଜିତ କୁମାର ସିଂ ଉପସ୍ଥିତ ଥିଲେ। ଏଥିସହ ବିଭିନ୍ନ ମୁଣ୍ଡାରୀ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷା ସେବକ ଯୋଗଦେଇଥିଲେ।

## ଦୁର୍ଘଟଣାରେ ବାଇକ୍ ଆରୋହୀ ଗୁରୁତର

ନୀଳଗିରି, ୨୮।୫(ସମିସ): ବାଇକ ବାଇକ ମଧ୍ୟରେ ଧକ୍କା ହେବାରୁ ଜଣେ ଗୁରୁତର ହୋଇଥିବା ଜଣା ପଡ଼ିଛି। ଆଜି ଅପରାହ୍ନ ପ୍ରାୟ ୪ ଘଟିକା ସମୟରେ ନୀଳଗିରି ବ୍ଲକ ଛତ୍ରପୁର ପଞ୍ଚାୟତ ତାଳବଣି ଗ୍ରାମର ସ୍ୱର୍ଗତ ଦିବାକର ବାଗଙ୍କ ପୁତ୍ର ଜୟନ୍ତ କୁମାର ବାଗ (୫୨) ଏକ ବାଇକ ଯୋଗେ ନୀଳଗିରି ଅଭିମୁଖେ ଆସୁଥିବା ବେଳେ ନୀଳଗିରି-ଝରଣା ଘାଟି ୧୯ ନମ୍ବର ରାଜ୍ୟ ରାଜପଥ କଳାକାଦ ଶନି ମନ୍ଦିର ରାସ୍ତା ନିକଟରେ ଏକ ଅଟୋକୁ ଓଭରଟେକ କରୁଥିବା ବେଳେ ନୀଳଗିରିରୁ ବରହମପୁର ଅଭିମୁଖେ ଯାଉଥିବା ଅନ୍ୟ ଜଣେ ବାଇକ ସାମ୍ନାରୁ ଜୟନ୍ତଙ୍କୁ ଧକ୍କା ଦେଇ ଘଟଣା ସ୍ଥଳରୁ ଫେରାର ହୋଇ ଯାଇଥିଲା। ଏଥିରେ ଜୟନ୍ତଙ୍କ ଡାହାଣ ଗୋଡ଼ ଆଣ୍ଠୁ ଚକି ବାହାରକୁ ବାହାରି ପଡ଼ିଥିଲା। ଭୀଷଣ ରକ୍ତସ୍ରାବ ହେବାରୁ ସେ ସଜ୍ଞାହୀନ ହୋଇ ପଡ଼ିଥିଲେ। ସ୍ଥାନୀୟ ଲୋକଙ୍କ ସହଯୋଗରେ ୧୦୮ ଯୋଗେ ନୀଳଗିରି ମେଡିକାଲ ରେ ଆସୁ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ଥିବାରୁ କୁରୁଡ଼ା ସ୍ଥିତ ଜ୍ୟୋତି ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟ ଦିଗରେ ଖବର ଲେଖା ହେବା ବେଳକୁ ବରହମପୁର ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ସୂଚନା ମିଳିଛି।

# ବୁଢ଼ାବଳଙ୍ଗ କୂଳରେ ମାଟି ମାଫିଆଙ୍କ ଦୌରାତ୍ମ୍ୟ

ବାଲେଶ୍ୱର, ୨୮।୫ (ରୁଚିକ ରଞ୍ଜନ ମହାପାତ୍ର)



ଗୋଟିଏ ପଟେ ସରକାର ବନ୍ୟା ନିୟନ୍ତ୍ରଣ, ନଦୀବନ୍ଧ ସୁଦୃଢ଼ୀକରଣ ଓ ଉପକୂଳ ଅଞ୍ଚଳକୁ ସୁରକ୍ଷା ଦେବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଅନ୍ୟପଟେ ସେହି ନଦୀବନ୍ଧକୁ ହିଁ ତାଡି ମାଟି ମାଫିଆମାନେ ଖୋଲାଖୋଲି ଲୁଟ କରୁଛନ୍ତି। ଯାହାର ସ୍ପଷ୍ଟ ଚିତ୍ର ବାଲେଶ୍ୱର ଜିଲ୍ଲା ଫୁଲାଡ଼ି ଅଞ୍ଚଳସ୍ଥିତ ବୁଢ଼ାବଳଙ୍ଗ ନଦୀପଠାରରେ ଦେଖିବାକୁ ମିଳିଛି। ଯେଉଁଠାରେ ଦିନ ଦ୍ୱିପ୍ରହରରେ ଅର୍ଥାତ ସ୍ୱଷ୍ଟ ଦିବାଲୋକରେ ଟ୍ରାକ୍ଟର ଲଗାଇ ନଦୀକୂଳ ତାଡି ବେଆଇନ ଭାବରେ ମାଟି ଉଠାଯାଉଥିବା ଦୃଶ୍ୟ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଦୀର୍ଘ ଦିନ ଧରି ଏଠାରେ ସଂଗଠିତ ଭାବରେ ମାଟି ଲୁଟ ଚାଲିଛି। ପ୍ରତିଦିନ ନଦୀ କୂଳକୁ ଗଭୀର ଭାବରେ ଖୋଳି ଶତାଧିକ ଘନଫୁଟ ମାଟି ଟ୍ରାକ୍ଟରରେ ଲୋଡ଼ କରାଯାଇ ବେଆଇନ ଇଟାଭାଟି ସାଙ୍ଗକୁ ବିଭିନ୍ନ ସ୍ଥାନକୁ ଚୋରାଚାଲାଣ ହେଉଛି। ନଦୀକୂଳରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଥିବା ବେଳେ ନଦୀବନ୍ଧ ଦିନକୁ ଦିନ ଦୁର୍ବଳ ହେଉଛି। ଆଗାମୀ ବର୍ଷା ଋତୁରେ ବୁଢ଼ାବଳଙ୍ଗ ନଦୀ ଫୁଲିଲେ ଏହି ଦୁର୍ବଳ ବନ୍ଧ ଭାଙ୍ଗି ଉପକୂଳ ଅଞ୍ଚଳରେ ଭୟଙ୍କର ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କାରେ ଥିବାର ସ୍ଥାନୀୟ ଲୋକଙ୍କ ଅଭିଯୋଗ ଆଣିଛନ୍ତି। ଏତେ ବଡ଼ ଧରଣର ବେଆଇନ ମାଟି ଖନନ ଚାଲିଥିବା ସତ୍ତ୍ୱେ ଜିଲ୍ଲା ପ୍ରଶାସନ, ତହସିଲ ପ୍ରଶାସନ ଓ ଖଣି ବିଭାଗ କେଉଁଠି, ଦିନଦହାଡ଼େ ଟ୍ରାକ୍ଟର ଲଗାଇ ନଦୀପଠା ଖୋଳାଯାଉଥିଲେ ମଧ୍ୟ କୌଣସି ଚଢ଼ାଉ ନାହିଁ, କୌଣସି ଜବତ ନାହିଁ, କୌଣସି କାର୍ଯ୍ୟାନୁଷ୍ଠାନ ନାହିଁ। ଏହାକୁ ନେଇ ସାଧାରଣରେ ଚର୍ଚ୍ଚା ହେଉଛି ଯେ, ମାଟି ମାଫିଆଙ୍କ ସହ କାହାର ଅଦୃଶ୍ୟ ସମ୍ପର୍କ ରହିଛି କି, କାହାର ଛତାଛାୟାରେ ଏହି ବେଆଇନ କାରବାର ଚାଲିଛି କି ବୋଲି ସବୁଠୁ ବଡ଼ ପ୍ରଶ୍ନ ଉଠିଛି। ରାତି ହେଲେ ମାଟି ମାଫିଆଙ୍କ ଦୌରା।ୟ ଆହୁରି ବଢ଼ିଯାଉଛି। ଟ୍ରାକ୍ଟର ପରେ ଟ୍ରାକ୍ଟର ନଦୀକୂଳରୁ ମାଟି ଉଠାଇ ନେଉଛି। ବର୍ଷ ବର୍ଷ ଧରି ପ୍ରାକୃତିକ ଭାବେ ତିଆରି ହୋଇଥିବା ନଦୀ କୂଳ ଏବେ ମାଫିଆଙ୍କ ଲୋଭରେ ଧ୍ୱଂସ ହେବାକୁ ବସିଛି। ଯେଉଁ ବନ୍ଧ ହଜାର ହଜାର ଲୋକଙ୍କୁ ବନ୍ୟାରୁ ସୁରକ୍ଷା ଦେଉଛି, ସେହି ବନ୍ଧକୁ ହିଁ ମାଟି ମାଫିଆମାନେ ଖୋଳି ଦୁର୍ବଳ କରୁଛନ୍ତି ବୋଲି ସ୍ଥାନୀୟ ଲୋକମାନେ କ୍ଷୋଭର ସହ ପ୍ରକାଶ କରିଛନ୍ତି। ସେପଟେ ଏଭଳି ଅନିୟନ୍ତ୍ରିତ ଖନନ ଚାଲିଲେ କେବଳ ନଦୀବନ୍ଧ ନୁହେଁ, ନଦୀର ପ୍ରାକୃତିକ ଗତିପଥ ମଧ୍ୟ ପରିବର୍ତ୍ତନ ହୋଇପାରେ। ଚାଷ ଜମି ନଦୀଗର୍ଭରେ ଲୀନ ହେବା ସହ ଅନେକ ଦେଉଛନ୍ତି। ପ୍ରଶାସନର ନୀରବତା ଏବେ ସନ୍ଦେହକୁ ଆହୁରି ଗଭୀର କରିଛି। ଲୋକମାନେ ପ୍ରଶ୍ନ କରୁଛନ୍ତି ଗରିବ ଲୋକେ ଘର ପାଇଁ ଚାଷଜମିରୁ ଦୁଇ ଟ୍ରାକ୍ଟର ମାଟି ଆଣିଲେ ମାମଲା ହେଉଛି, କିନ୍ତୁ ମାଫିଆମାନେ ନଦୀବନ୍ଧ ତାଡି ଶତାଧିକ ଟ୍ରାକ୍ଟର ମାଟି ନେଉଥିଲେ ବି କାହିଁକି କାର୍ଯ୍ୟାନୁଷ୍ଠାନ ହେଉନାହିଁ? ତୁରନ୍ତ

**● ବିପଦ ମୁହାଁରେ ଗାଁ ଓ ଚାଷଜମି**
**● ଚୁପ୍ ଜିଲ୍ଲା ପ୍ରଶାସନ, ନିରବ ଖଣି ବିଭାଗ**

ଗ୍ରାମ ବିପଦ ମୁହଁରେ ପଡ଼ିପାରେ। ଏହା କେବଳ ବେଆଇନ ମାଟି ଖନନ ନୁହେଁ, ବରଂ ସମଗ୍ର ଉପକୂଳ ଅଞ୍ଚଳର ସୁରକ୍ଷା ସହ ଉପକୂଳବାସୀଙ୍କ ଜୀବନ ଜୀବିକା ସହ ଖେଳ ବୋଲି ପରିବେଶପ୍ରେମୀ ଓ ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି। ଚର୍ଚ୍ଚା ହେଉଛି, ସରକାର ଗୋଟେ ପଟେ ନଦୀବନ୍ଧ ମରାମତି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ଅନ୍ୟପଟେ ମାଟି ମାଫିଆମାନେ ସେହି ବନ୍ଧକୁ ତାଡି ସରକାରୀ ଅର୍ଥକୁ ପାଣିରେ ମିଶାଇ ବୁଢ଼ାବଳଙ୍ଗ ନଦୀପଠାରେ ଚାଲିଥିବା ବେଆଇନ ମାଟି ଖନନ ଉପରେ ରୋକ ଲଗାଯାଉ, ମାଟି ମାଫିଆଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ହେଉ ଏବଂ ଏହି କାରବାର ପଛରେ କାହାର ହାତ ରହିଛି ତାହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଉ ବୋଲି ଦାବି ଉଠିଛି। ନଚେତ ଆଗାମୀ ଦିନରେ ବୁଢ଼ାବଳଙ୍ଗ ନଦୀବନ୍ଧ ଭାଙ୍ଗି ବଡ଼ ଧରଣର ବିପର୍ଯ୍ୟୟ ଘଟିଲେ ତାହା ପାଇଁ କିଏ ଦାୟୀ ରହିବ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି।

## ନଳକୂପ ନଥିବାରୁ ଚୁଆ ପାଣି ଭରସା

# ଦୂଷିତ ପାଣି ପିଇ ରୋଗାକ୍ରାନ୍ତ ଡେରାଗୁମ୍ମା ଗ୍ରାମବାସୀ

ଅମ୍ବାଦଳା,୨୮।୫(ସମିସ): ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ ଅସହ୍ୟ ଗୁଳୁଗୁଳି ମଧ୍ୟରେ ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ ଇଚ୍ଛାପୁର ପଞ୍ଚାୟତ ଅନ୍ତର୍ଗତ ଡେରାଗୁମ୍ମା ଗ୍ରାମରେ ଦେଖାଦେଇଛି ଉତ୍କଟ ଜଳକଷ୍ଟ। ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ ଇଚ୍ଛାପୁର ପଞ୍ଚାୟତ ଅନ୍ତର୍ଗତ ଡେରାଗୁମ୍ମା ଗ୍ରାମରେ ପାନୀୟ ଜଳ ସମସ୍ୟା ଏବେ ଉତ୍କଟ ରୂପ ଧାରଣ କରିଛି। ପ୍ରବଳ ଖରା, ଅସହ୍ୟ ଗରମ ଓ ଗୁଳୁଗୁଳି ମଧ୍ୟରେ ଗ୍ରାମବାସୀ ପାଣି ଟୋପାଏ ପାଇଁ ଦୀର୍ଘଦିନ ଧରି ସଂଘର୍ଷ କରୁଛନ୍ତି। ଗ୍ରାମରେ ନଳକୂପ ନଥିବାରୁ ଲୋକମାନେ ଚୁଆ ଓ ଶୁଖିଯାଉଥିବା କୂଅ ପାଣି ଉପରେ ନିର୍ଭରଶୀଳ ହୋଇପଡ଼ିଛନ୍ତି। ଏହାଫଳରେ ଗ୍ରାମରେ ଝାଡା, ବାନ୍ତି ଭଳି ଜଳଜନିତ ରୋଗ ବଢୁଥିବା ଅଭିଯୋଗ ହୋଇଛି। ଡେରାଗୁମ୍ମା ଗ୍ରାମରେ ଉପର ଡେରାଗୁମ୍ମା ଓ ତଳ ଡେରାଗୁମ୍ମା ନାମରେ ଦୁଇଟି ସାହି ରହିଛି। ଉପର ସାହିରେ ୭ ପରିବାରର ପ୍ରାୟ ୩୦ ଜଣ ଏବଂ ତଳ ସାହିରେ ୯ ପରିବାରର ପ୍ରାୟ ୪୦ ଜଣ ଲୋକ ବସବାସ କରୁଛନ୍ତି। ମୋଟ ପ୍ରାୟ ୭୦ ଜଣ ଲୋକ ବସବାସ କରୁଥିଲେ ମଧ୍ୟ ଗ୍ରାମରେ ଗୋଟିଏ ମଧ୍ୟ



ନଳକୂପ ନଥିବାରୁ ଲୋକମାନେ ଚରମ ଅସୁବିଧାରେ ଜୀବନ ବିତାଉଛନ୍ତି। ପ୍ରଶାସନ ପକ୍ଷରୁ କୌଣସି ସହଯୋଗ ନମିଳିବାରୁ ଉପର ସାହିର ବାସିନ୍ଦାମାନେ ନିଜ ଖର୍ଚ୍ଚରେ ଏକ କୂଅ ଖନନ କରିଥିଲେ। ଦୀର୍ଘଦିନ ଧରି ସେହି କୂଅ ପାଣି ନିତ୍ୟ ବ୍ୟବହାର କରୁଥିଲେ ମଧ୍ୟ ଖରାଦିନ ଯୋଗୁଁ ଏବେ କୂଅର ପାଣି ଶୁଖିଯାଇଛି। ଫଳରେ ଗ୍ରାମବାସୀ ପାଣି ପାଇଁ ନାହିଁନଥିବା ହଇରାଣ ହେଉଥିବା ଅଭିଯୋଗ କରିଛନ୍ତି। ସେହିପରି ତଳ ଡେରାଗୁମ୍ମା ସାହିର ଅବସ୍ଥା ମଧ୍ୟ ସମାନ ରହିଛି। ନଳକୂପ ନଥିବାରୁ ସାହିବାସୀ ପ୍ରାୟ ଅଧ କିଲୋମିଟର ଚାଲି ଏକ ନାଳ ନିକଟରେ ଥିବା ଚୁଆରୁ ପାଣି ଆଣି ବ୍ୟବହାର କରୁଛନ୍ତି। ଦୂଷିତ ପାଣି ବ୍ୟବହାର କରିବା ଫଳରେ ଦୁଇ ସାହିର ଲୋକମାନେ ବିଭିନ୍ନ ସମୟରେ ଝାଡା, ବାନ୍ତି ଭଳି ରୋଗରେ ଆକ୍ରାନ୍ତ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ପଞ୍ଚାୟତ ସରପଞ୍ଚଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ବାରମ୍ବାର ଗୁହାରି କରାଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ସ୍ଥାୟୀ ସମାଧାନ ହୋଇନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ଗ୍ରାମରେ ନଳକୂପ ସ୍ଥାପନ ସହ ଶୁଦ୍ଧ ପାନୀୟ ଜଳର ସ୍ଥାୟୀ ବ୍ୟବସ୍ଥା କରିବାକୁ ଗ୍ରାମବାସୀ ସୁମନ୍ତ ମାଝୀ, ନୀଳ ମାଝୀ, ମାଙ୍ଗଦେଇ ମାଝୀ, ମିଡି ମାଝୀ, ରେଗେଡି ମାଝୀ, ସବିତା ମାଝୀ, ସୀତା ମାଝୀ, ଶ୍ରୀମତୀ ମାଝୀ, ରିଙ୍ଗ ମାଝୀ ଓ ରତେ ମାଝୀ ପ୍ରମୁଖ ଦାବି କରିଛନ୍ତି।

## ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ମାଲକାନଗିରି, ୨୮।୫(ସମିସ): ମାଲକାନଗିରିର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଆୟୋଜିତ ଜିଲ୍ଲାସ୍ତରୀୟ ଦୁଇ ଦିନିଆ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଦଳକୁ ତୃଣମୂଳ ସ୍ତରରେ ଅଧିକ ସକ୍ରିୟ ଓ ସୁଦୃଢ଼ କରିବା ଲକ୍ଷ୍ୟରେ ଏହି ଶିବିର ଆୟୋଜନ କରାଯାଇଥିଲା। ଶିବିରକୁ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉଦ୍‌ଘାଟନ କରିଥିବା ବେଳେ ଜିଲ୍ଲା ସଭାପତି ଅଶୋକ ପରିଡା, ସାଂସଦ ବଳଭଦ୍ର ମାଝୀ, ବିଧାୟକ ନରସିଂହ ମାଡକାମି, ଗଙ୍ଗାଧର ସୋଡି, ପୂର୍ଣ୍ଣିମା ନାୟକ, ରମେଶ ଚନ୍ଦ୍ର ସାହୁ, ପରଶୁରାମ ମାଝୀ, ଅଭିଳାଷ ପଣ୍ଡା ଓ ଡମ୍ବୁରୁ ଶୀଶା ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ଭାଜପାର ଇତିହାସ ଓ ବିଚାରଧାରା, ବୁଥ୍ ପରିଚାଳନା, ସଂଗଠନ ସୁଦୃଢ଼ୀକରଣ, ସୋସିଆଲ ମିଡିଆର ସଠିକ୍ ବ୍ୟବହାର ଏବଂ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନକଲ୍ୟାଣମୂଳକ ଯୋଜନା ବିଷୟରେ କର୍ମୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ରାଜ୍ୟରୁ ଆସିଥିବା ଅଭିଜ୍ଞ ପ୍ରଶିକ୍ଷକମାନେ ବିଭିନ୍ନ ସୂତ୍ରରେ ମାର୍ଗଦର୍ଶନ କରିଥିଲେ। ଶିବିରରେ ୧୫୦ରୁ ଅଧିକ ସକ୍ରିୟ ବିଜେପି କର୍ମୀ ଅଂଶଗ୍ରହଣ କରିଥିଲେ। ଲୋକଙ୍କ ସମସ୍ୟା ଚିହ୍ନଟ କରି ସମାଧାନ କରିବା ସହ ସରକାରୀ ଯୋଜନାକୁ ଘରେ ଘରେ ପହଞ୍ଚାଇବାକୁ ନେତୃବୃନ୍ଦ କର୍ମୀମାନଙ୍କୁ ଆହ୍ୱାନ କରିଥିଲେ। ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ମଧ୍ୟ ରଣନୀତି ଉପରେ ଆଲୋଚନା ହୋଇଥିଲା।

# ମାଲକାନଗିରିରେ ପ୍ରବଳ ଧୂଳିଝଡ଼, ଜନଜୀବନ ଅସ୍ତବ୍ୟସ୍ତ



ମାଲକାନଗିରି,୨୮।୫(ସମିସ): ମାଲକାନଗିରି ଜିଲ୍ଲାରେ ଆଜି ସନ୍ଧ୍ୟାରେ ପ୍ରବଳ ବେଗରେ ଧୂଳିଝଡ଼ ମାଡ଼ି ଆସି ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ସନ୍ଧ୍ୟା ପ୍ରାୟ ୫ଟା ସମୟରେ ହଠାତ୍ ଜୋରଦାର ପବନ ସହ ଧୂଳିଝଡ଼ ଆରମ୍ଭ ହୋଇ ସମଗ୍ର ଜିଲ୍ଲା ସଦର ଓ ଆଖପାଖ ଅଞ୍ଚଳକୁ ଧୂଳିମୟ କରିଦେଇଥିଲା। ପ୍ରବଳ ପବନରେ ଅନେକ ସ୍ଥାନରେ ବଡ଼ ବଡ଼ ଗଛ ଭାଙ୍ଗି ଘର ଉପରେ ପଡ଼ିଥିବାରୁ କ୍ଷୟକ୍ଷତି ଘଟିଛି। କିଛି ରାସ୍ତା ଉପରେ ମଧ୍ୟ ଗଛ ଉପଡ଼ି ପଡ଼ିଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଫଳରେ ଲୋକମାନେ ଯାତାୟାତରେ ବହୁ ସମସ୍ୟାର ସମ୍ମୁଖୀନ ହୋଇଥିଲେ। କିଛି ସ୍ଥାନରେ ଘରର ଟିଣ ଉଡି ଯାଇଥିବା ବେଳେ ଲୋକେ ଜୀବନ ବଞ୍ଚାଇ ଦଉଡି ଥିବା ଦେଖିବାକୁ ମିଳିଛି। ଏହି ଝଡ଼ରେ କେତେକ ସ୍ଥାନରେ ବିଦ୍ୟୁତ ଖୁଣ୍ଟ ଭାଙ୍ଗିଯାଇଥିବାରୁ ବିଦ୍ୟୁତ ସରବରାହ ମଧ୍ୟ ବନ୍ଦ ରହିଛି। ବିଦ୍ୟୁତ ବିଭାଗ ଓ ଅଗ୍ନିଶମ ବିଭାଗ ପକ୍ଷରୁ ଭାଙ୍ଗିପଡ଼ିଥିବା ଗଛ ହଟାଇବା ଏବଂ ବିଦ୍ୟୁତ ସେବା ସ୍ୱାଭାବିକ କରିବା ପାଇଁ କାମ ଆରମ୍ଭ ହୋଇଥିବା ସୂଚନା ମିଳିଛି। ତେବେ ପ୍ରବଳ ପବନ ପରେ ସ୍ୱଳ୍ପ ବର୍ଷା ଜିଲ୍ଲାବାସୀଙ୍କୁ ତାତିରୁ ସାମାନ୍ୟ ଆଶ୍ୱସ୍ତ କରିଛି।

# ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ଉଦ୍‌ଘାଟନ କଲେ ବିଧାୟକ

ସେମିଳିଗୁଡ଼ା,୨୮।୫(ସମିସ): ପଟାଙ୍ଗି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସେମିଳିଗୁଡା ବ୍ଲକ୍‌ର ଉନ୍ନତି ପ୍ରତି ଦୃଷ୍ଟି ଦେବେ ବୋଲି ପଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ ପ୍ରତିଶୃତି ଦେଇଥିଲେ। ବିଧାୟକ କାଡାମ ସୋମବାର ଦିନ ସେମିଳିଗୁଡା ବ୍ଲକ୍‌ରେ ବିଭିନ୍ନ ପଞ୍ଚାୟତରେ ମାରାଥନ୍ ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ବିଧାୟକ ରାମଚନ୍ଦ୍ର କାଡାମ ବ୍ଲକ ଅନ୍ତର୍ଗତ ରାଜପଲମା ଗ୍ରାମପଞ୍ଚାୟତର ବୁଡାପୁଟ ଠାରେ ନୂତନ ଭାବେ ନିର୍ମିତ ଗୋଷ୍ଠୀ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ଆୟୋଜିତ କାର୍ଯକ୍ରମରେ ଏହି ଗୋଷ୍ଠୀ କେନ୍ଦ୍ର ସ୍ଥାନୀୟ ଲୋକଙ୍କ ସାମାଜିକ, ସାଂସ୍କୃତିକ ଓ ସାମୁଦାୟିକ କାର୍ଯ୍ୟକ୍ରମ ପାଇଁ ଏକ ମିଳନସ୍ଥଳୀ ଭାବେ କାର୍ଯ୍ୟ କରିବ ବୋଲି ଆଶା ପ୍ରକାଶ କରିଥଲେ। ପରେ ରାଜପଲମା ଗ୍ରାମପଞ୍ଚାୟତର ବିଭିନ୍ନ ଗ୍ରାମରେ ପରିଦର୍ଶନ କରି ଲୋକ ସହ ଆଲୋଚନା କରିଥିଲେ। ଲୋକ ସମସ୍ୟା ସମାଧାନ କରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି ବୋଲି ପ୍ରତିଶୃତି ଦେଇଥିଲେ। ସ୍ଥାନୀୟ ଲୋକମାନଙ୍କ ସହ ଆଲୋଚନା କରି ସେମାନଙ୍କ ଦୈନନ୍ଦିନ ସମସ୍ୟା ଓ ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଆଗାମୀ ଦିନରେ ଏହି ସମସ୍ୟାଗୁଡିକର ସମାଧାନ ପାଇଁ ପ୍ରଶାସନ ସ୍ତରରେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହା ପରେ ରାଜପୁଟ ଗ୍ରାମପଞ୍ଚାୟତର ରାଜପୁଟ ଠାରେ ନବନିର୍ମିତ ସାଂସ୍କୃତିକ ଗୋଷ୍ଠୀ କେନ୍ଦ୍ର, ରାଜପୁଟ ଗ୍ରାମପଞ୍ଚାୟତର କାଙ୍ଗ୍ରା ଗ୍ରାମରେ ନବନିର୍ମିତ ସାଂସ୍କୃତିକ ଓ ଗୋଷ୍ଠୀ କେନ୍ଦ୍ରର ଉଦ୍‌ଘାଟନ କରିଥିଲେ। ସୁବାଇ ଗ୍ରାମପଞ୍ଚାୟତର ଗୁଲେଲ ଗ୍ରାମରେ ନବନିର୍ମିତ ସାଂସ୍କୃତିକ ଓ ଗୋଷ୍ଠୀ କେନ୍ଦ୍ର, ପରଜାମୁଠାଇ ଗ୍ରାମପଞ୍ଚାୟତର ଫୁଲମାରିଗୁଡ଼ା ଗ୍ରାମରେ ନବନିର୍ମିତ ସାଂସ୍କୃତିକ ଏବଂ ଗୋଷ୍ଠୀ କେନ୍ଦ୍ର , ହାଟଗୁଡ଼ା ଗ୍ରାମପଞ୍ଚାୟତଠାରେ ନବନିର୍ମିତ ସାମୁଦାୟିକ ସୁବିଧା କେନ୍ଦ୍ର ଗୁଡ଼ିକ ବିଧାୟକ କାଡାମଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ବିଧାୟକ ରାମଚନ୍ଦ୍ର ଉଦ୍‌ଘାଟନ କାର୍ଯକ୍ରମ ପରେ ଆୟୋଜିତ ସଭାରେ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପର୍କରେ ଲୋକଙ୍କୁ ଅବଗତ କରିଥିଲେ। ସେ ଲୋକମାନଙ୍କୁ ସରକାରୀ ଯୋଜନାର ସୁଯୋଗ ନେବାକୁ ଅନୁରୋଧ କରିଥିଲେ। ବିଭିନ୍ନ ଗ୍ରାମରେ ଲୋକ ବିଧାୟକ କାଡାମଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି। ବିଧାୟକଙ୍କ ସହ ସେମିଳିଗୁଡା ବ୍ଲକ୍ ଅଧ୍ୟକ୍ଷା ଲିଲି ଅର୍ଣ୍ଣା ବିରିଆ, ଉପାଧ୍ୟକ୍ଷ ଶିବା ବାଙ୍ଗାରି, ସହକାରୀ ଅଧିକ୍ଷଣ ଯନ୍ତ୍ରୀ ତୋଫାନ କୁମାର ନାୟକ, ସାଂସଦ ପ୍ରତିନିଧି ଜଗତ ରାୟ କିନବୁଢ଼ୀ, ବିଧାୟକ ପ୍ରତିନିଧି ମହେଶ୍ୱର ଖିଲ, ରାଜପୁଟ ସରପଞ୍ଚ ପୀତାମ୍ବର କିର୍ଷନୀ, ବ୍ଲକ୍ କଂଗେସ ସଭାପତି ସୋନିଆ ମାଝୀ, ଜନପ୍ରତିନିଧି, କଂଗ୍ରେସ ନେତା କର୍ମୀ ପ୍ରମୁଖ ଉପସ୍ଥି ଥିଲେ।

# ଇଦ୍-ଉଲ୍-ଜୁହା ପାଳିତ

ଜୟପୁର, ୨୮।୫(ସମିସ): ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ସମର୍ପଣର ପର୍ବ ଇଦ୍-ଉଲ୍-ଜୁହା ଗୁରୁବାର ପାଳିତ ହୋଇଯାଇଛି। ଜୟପୁର ସହରର ସୁନ୍ନି ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ପୂର୍ବାହ୍ନରେ ଖ୍ରୀଷ୍ଟିଆନ ସାହି ଛକ ଇଦ୍‌ଗା ମଇଦାନ ଠାରେ ମିଳିତ ଭାବେ ପ୍ରାର୍ଥନା କରାଯାଇଥିଲା। ଭୋରରୁ ସ୍ଥାନୀୟ ଡେରା ସାହି ସ୍ଥିତ ଜାମା ମସଜିଦ୍ ଏବଂ ନାଗାର୍ଚ୍ଚି ସାହି ମଦିନା ମସ୍‌ଜିଦରେ ପୂର୍ବାହ୍ନରେ ନମାଜ ପାଠ କରିଥିଲେ। ଏହିପରି ସମ୍ପ୍ରଦାୟର କବରସ୍ଥାନରେ ଲୋକମାନେ ପହଞ୍ଚି ନିଜ ନିଜ ମୃତ ପରିବାର ବର୍ଗଙ୍କ କବର ସମ୍ମୁଖରେ ଧୂପକାଠି ଓ ଫୁଲ ପ୍ରଦାନ କରି ପ୍ରାର୍ଥନା କରିଥିଲେ। ପରମ୍ପରାକୁ ବଜାୟ ରଖିବାପାଇଁ ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ଇଦ-ଉଲ-ଜୁହା ଅବସରରେ ବିଭିନ୍ନ ପଶୁଙ୍କୁ ବଳି ଦେବା ସହିତ ଗରିବ ଲୋକଙ୍କୁ ଖାଦ୍ୟ, ଟଙ୍କା ଏବଂ ଅନ୍ୟାନ୍ୟ ସାମଗ୍ରୀ ବଣ୍ଟନର ପରମ୍ପରା ରହିଛି ବୋଲି ସ୍ଥାନୀୟ ସୁନ୍ନି ମୁସଲିମ ଅଞ୍ଜୁମନ କମିଟି ପକ୍ଷରୁ ପ୍ରକାଶ କରାଯାଇଛି।



## ପେଟ୍ରୋଲ ଓ ଡିଜେଲ ଦରବୃଦ୍ଧିକୁ ବିରୋଧ

# ମାଲକାନଗିରିରେ ବିଜେଡିର ବିକ୍ଷୋଭ

ମାଲକାନଗିରି,୨୮।୫(ସମିସ): ପେଟ୍ରୋଲ, ଡିଜେଲ ସହ ଅତ୍ୟାବଶ୍ୟକ ସାମଗ୍ରୀର ଲାଗାତାର ଦରବୃଦ୍ଧିକୁ ନେଇ ମାଲକାନଗିରି ଜିଲ୍ଲାରେ ବିଜୁ ଜନତା ଦଳ ପକ୍ଷରୁ ତୀବ୍ର ପ୍ରତିବାଦ କରାଯାଇଛି। ଜିଲ୍ଲାର ବିଭିନ୍ନ ପେଟ୍ରୋଲ ପମ୍ପ ସମ୍ମୁଖରେ ବିଜେଡି କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରି ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ବିଜୁ ଯୁବ ଜନତା ଦଳ, ଛାତ୍ର ଜନତା ଦଳ ଓ ମହିଳା ଜନତା ଦଳର ବହୁ କର୍ମୀ ଓ ସଦସ୍ୟ ଯୋଗଦେଇଥିଲେ। ଦଳୀୟ ନେତାମାନେ କହିଥିଲେ ଯେ, ଦିନକୁ ଦିନ ପେଟ୍ରୋଲ, ଡିଜେଲ ଓ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ଦର ବଢ଼ିବାରୁ ସାଧାରଣ ଲୋକଙ୍କ ଉପରେ ଆର୍ଥିକ ଚାପ ବଢ଼ିଚାଲିଛି। ରାଜ୍ୟ ବିଜେଡି ସମ୍ପାଦକ ତଥା ବରିଷ୍ଠ ନେତା ଦୁର୍ଗା ପ୍ରସାଦ ତ୍ରିପାଠୀ କହିଥିଲେ ଯେ, ମଧ୍ୟପ୍ରାଚ୍ୟର ଯୁଦ୍ଧ ପରିସ୍ଥିତିକୁ ଆଳ କରି କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି କରି ସାଧାରଣ ଖାଉଟିଙ୍କୁ ଶୋଷଣ କରୁଛନ୍ତି। ଏହାର ପ୍ରଭାବରେ ଦୈନନ୍ଦିନ ଜୀବନ ଅସହ୍ୟ ହୋଇପଡ଼ିଛି। ଅନ୍ୟତମ ନେତା ପ୍ରଫୁଲ୍ଲ ପଣ୍ଡା କହିଥିଲେ ଯେ, ଅଶୋଧିତ ତୈଳର ଦର କମ୍ ଥିବା ସମୟରେ ମଧ୍ୟ ତୈଳ କମ୍ପାନୀମାନେ ବିପୁଳ ଲାଭ କରୁଥିଲେ। ବର୍ତ୍ତମାନ ଯୁଦ୍ଧ ପରିସ୍ଥିତିକୁ ଦେଖାଇ ଗତ ୧୫ ଦିନ ମଧ୍ୟରେ ଚାରିଥର ତୈଳ ଦର ବଢ଼ାଯାଇଥିବାରୁ ସାଧାରଣ ଲୋକଙ୍କ ଉପରେ ଅଧିକ ଭାର ପଡ଼ିଛି। ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡକାମୀ ମୁଖ୍ୟ ଭାବେ ଯୋଗଦେଇଥିଲେ। ସେଥିସହ ଲକ୍ଷ୍ମୀ ପ୍ରିୟା ନାୟକ, ଉଦୟନାଥ ମାଦ୍ରୀ, ଲମ୍ବଧର ଡୁରୁକ, ବିକାଶ ମଣ୍ଡଳ, କେ. ରାହୁଲ, କଣ୍ଟେଶ ପୋଟଲା, ନିରୋଦ ରାୟ, ଶ୍ରୀନିବାସ ମୁଦୁଲି, ରବି ରାଜେଶ, ସୁବ୍ରତ କୁମାର ଦାସ, କବିତା ମହନ୍ତ ଓ ଅନ୍ୟାନ୍ୟ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।




## ● ଓଏସ୍‌ଆର୍‌ଟିସି ଅତିରିକ୍ତ ସଚିବଙ୍କ ନବରଙ୍ଗପୁର ଗସ୍ତ

# ଅଟଳ ବସ୍‌ଷ୍ଟାଣ୍ଡ, ମୁଖ୍ୟମନ୍ତ୍ରୀ ବସ୍‌ସେବା ନେଇ ସମୀକ୍ଷା



ନବରଙ୍ଗପୁର,୨୮।୫(ସମିସ) ଓଡ଼ିଶା ରାଜ୍ୟ ପରିବହନ ବିଭାଗ ଅତିରିକ୍ତ ସଚିବ ଓ ପରିବହନ ବିଭାଗ ଅତିରିକ୍ତ ମହାପ୍ରବନ୍ଧକ ସଞ୍ଜୟ କୁମାର ବିଶ୍ୱାଳ ମଙ୍ଗଳବାର ନବରଙ୍ଗପୁର ଜିଲ୍ଲା ଗସ୍ତରେ ଆସି ବିଭିନ୍ନ କ୍ଷେତ୍ର ପରିଦର୍ଶନ କରିଛନ୍ତି। ଏହି ଅବସରରେ ଅଟଳ ବସ୍‌ଷ୍ଟାଣ୍ଡ ଓ ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଜନା ଅଧୀନରେ ଚାଲିଥିବା କାର୍ଯ୍ୟକ୍ରମର ସମୀକ୍ଷା ଏବଂ ଓଏସ୍‌ଆର୍‌ଟିସି ସେବାର କାର୍ଯ୍ୟକ୍ଷମ ମୂଲ୍ୟାଙ୍କନ ସମ୍ପର୍କରେ ସମୀକ୍ଷା କରିଥିଲେ। ଏହି ଅବସରରେ ଅତିରିକ୍ତ ସଚିବ ବିଶ୍ୱାଳ ନବରଙ୍ଗପୁରସ୍ଥିତ ସ୍ୱୟଂଚାଳିତ ପରୀକ୍ଷଣ କେନ୍ଦ୍ର, କୋଡ଼ିଙ୍ଗା ଅଟଳ ବସ୍‌ଷ୍ଟାଣ୍ଡ, ପାପଡ଼ାହାଣ୍ଡି, ନବରଙ୍ଗପୁର ସଦର, ନନ୍ଦାହାଣ୍ଡି ବ୍ଲକ୍‌ର ଅଟଳ ବସ୍‌ଷ୍ଟାଣ୍ଡ ନିର୍ମାଣ ସ୍ଥଳ ଓ ନବରଙ୍ଗପୁର ଓଏସ୍‌ଆର୍‌ଟିସି ଡିପୋ ପରିଦର୍ଶନ କରିଥିଲେ। ଜିଲ୍ଲାସ୍ତରୀୟ ନୋଡାଲ କମିଟି (ଅଟଳ ବସ୍‌ଷ୍ଟାଣ୍ଡ ଏବଂ ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଜନା)ର ଅଧ୍ୟକ୍ଷ ତଥା ଜିଲାପାଳ ମହେଶ୍ୱର ସ୍ୱାଇଁଙ୍କ ସହ ଏକ ସମୀକ୍ଷା ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା। ସେଥିରେ ଏବିଏସ୍ ଏବଂ ଏମ୍‌ବିଏସ୍ ଯୋଜନାର କାର୍ଯ୍ୟାନ୍ୱୟନ ଏବଂ ପ୍ରଗତି ସମ୍ବନ୍ଧୀୟ ବିଭିନ୍ନ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଭିତ୍ତିଭୂମି କାର୍ଯ୍ୟର ସମୟସୀମା ସମାପ୍ତ, କାର୍ଯ୍ୟକ୍ଷମ ଉନ୍ନତି ଏବଂ ସମ୍ପୃକ୍ତ ଅଂଶୀଦାରମାନଙ୍କ ମଧ୍ୟରେ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଅତିରିକ୍ତ ସଚିବ ଶ୍ରୀ ବିଶ୍ୱାଳ ନବରଙ୍ଗପୁର ପରିଦର୍ଶନ ସମୟରେ ବିଭିନ୍ନ ଯାତ୍ରୀବାହୀ ବସ୍ ଯାଞ୍ଚ କରିଥିଲେ। କାର୍ଯ୍ୟକ୍ଷମ ଶୃଙ୍ଖଳା, ଯାତ୍ରୀସେବା ପରିଚାଳନା, ପରିବହନ ସମ୍ବନ୍ଧୀୟ ମାନଦଣ୍ଡର ଅନୁପାଳନ ନେଇ ସମୀକ୍ଷା କରିଥିଲେ। ନବରଙ୍ଗପୁର ଜିଲ୍ଲା ଗସ୍ତ ସମୟରେ ଆଞ୍ଚଳିକ ପରିବହନ ଅଧିକାରୀ ଜିତେନ୍ଦ୍ର ଭୋଇ, ରାଜ୍ୟ ସଡ଼କ ପରିବହନ ନିଗମ ନବରଙ୍ଗପୁର ଜିଲା ପରିଚାଳକ ସନ୍ତୋଷ କୁମାର ନାୟକ, ପ୍ରକଳ୍ପ ପରିଚାଳକ ଓଡ଼ିଶା ପୋଲିସ ହାଉସିଂ କର୍ପୋରେଶନର ଗୌରାଙ୍ଗ ଜେନା, ଓଏସ୍‌ଆର୍‌ଟିସି ସହ ପରିଚାଳକ ଶୁଭମ କର ଓ ରାଜ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ● ମୁଖ୍ୟମନ୍ତ୍ରୀ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

# ଜିଲ୍ଲା ବାଳିକା ଦଳ ଘୋଷିତ



ନବରଙ୍ଗପୁର,୨୮।୫ (ସମିସ): ଓଡ଼ିଶା ଫୁଟବଲ୍ ସଂଘ ଆନୁକୂଲ୍ୟରେ ବ୍ରହ୍ମପୁର ଠାରେ ଅନୁଷ୍ଠିତ ହୋଉଥିବା ଜୋନାଲସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ପାଇଁ ଏକ ବାଇଶି ଜଣିଆ ନବରଙ୍ଗପୁର ଜିଲ୍ଲା ଦଳ ଘୋଷଣା ହୋଇଛି। ସେମାନେ ହେଲେ ମନିଜୁଲା ଗଣ୍ଡ, ଖୁସି ପୋଦ୍ଦାର, ଚାନ୍ଦିନୀ ଗଣ୍ଡ, ପୂର୍ଣ୍ଣିମା ଗଣ୍ଡ, ପୁଷ୍ପା ଗଣ୍ଡ, ଅନିତା ଗଣ୍ଡ, ନମିତା ଗଣ୍ଡ, ପୂତାନା ମାଝୀ, ପିଙ୍କି ଗଣ୍ଡ, ପର୍ମେଶ୍ୱାରି ଗଣ୍ଡ, ଉମେଶ୍ରୀ ଗଣ୍ଡ, ନାଇକା ବର୍ଷା, କାମିନୀ ଗଣ୍ଡ, ଟିଂକିଲି ସରକାର, ଖିଲେଶ୍ୱରି ଗଣ୍ଡ, ରଜନୀ ଗଣ୍ଡ , ସରିତା ମାଝୀ, ରଶ୍ମିତା ଗଣ୍ଡ, ଭାରତୀ ଗଣ୍ଡ, ଅନ୍ୱିଲତା ଖରା ପ୍ରମୁଖ ସୁଯୋଗ ପାଇଛନ୍ତି। ଉକ୍ତ ଦଳ ଚୟନ ନିମନ୍ତେ ଜିଲ୍ଲା କ୍ରୀଡା ସଂଘ ପକ୍ଷରୁ ପ୍ରାକ୍ତନ ସନ୍ତୋଷ ଟ୍ରଫି ଖେଳାଳି ତଥା ବରିଷ୍ଠ କ୍ରୀଡ଼ାବିତ୍ ପ୍ରଶାନ୍ତ ବେହେରା। ଦୂର୍ଯ୍ୟ ହରିଜନ, ଫିରୋଜ ହିଆଲ ଏବଂ ଲାଲୁ ହରିଜନ ଙ୍କୁ ଦାଇତ୍ୱ ଦିଆ ଯାଇଥିଲା। ସୂଚନା ଯୋଗ୍ୟ ଯେ ଉକ୍ତ ଚୟନ ନିମନ୍ତେ ଆଠ ଦିନିଆ ଚୟନ କାର୍ଯ୍ୟକ୍ରମ ରଖାଯାଇଥିଲା ଏବଂ ଏଥି ପୂର୍ବରୁ ଜିଲ୍ଲା ସ୍ତରୀୟ ମୁଖ୍ୟମନ୍ତ୍ରୀ କପ୍ ଫୁଟବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ସେଥି ମଧ୍ୟରୁ ଜିଲ୍ଲାରୁ ମୋଟ ୪୦ ଜଣ ଖେଳାଳି ଚୟନ ହୋଇଥିଲେ। ସେମାନେ ସମସ୍ତଙ୍କୁ ନେଇ ୪ଟି ଦଳରେ ଭାଗ କରି ଖେଳା ଯାଇଥିଲା ଏବଂ ତନ୍ମଧ୍ୟରୁ ଅନ୍ତିମ ୨୨ ଜଣ ଖେଳାଳି ଚୟନ କରାଯାଇଛି। କ୍ରୀଡ଼ାବିତ୍ ସପନ ବୈରାଗୀ ଏବଂ ଶଶାଙ୍କ ଶେଖର ବେହେରା ଉକ୍ତ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ। ଦଳର ସଫଳତା ନିମନ୍ତେ ସମ୍ପାଦକ ପ୍ରହଲ୍ଲାଦ ତ୍ରିପାଠୀ, ଉପ ସଭାପତି ଏମ୍.ବାଲା କୃଷ୍ଣ ରାଓ , ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, କ୍ରୀଡା ସମ୍ପାଦକ ଜିତେନ୍ଦ୍ର ଚୌଧରୀ, ଇଣ୍ଡୋର ସମ୍ପାଦକ କୃଷ୍ଣ ପଟ୍ଟନାୟକ, ହକି ସମ୍ପାଦକ ଦୁର୍ଗା ମଲିକ୍, ମହିଳା ସମ୍ପାଦିକା ଇଁ. ଚନ୍ଦନା ମଲ୍ଲିକ, କ୍ରିକେଟ୍ ସମ୍ପାଦକ ଅଶୋକ ନାୟକ ସମେତ କ୍ରୀଡା ସଂଘର ଅନ୍ୟ ସମସ୍ତ ସଦସ୍ୟ ଶୁଭେଚ୍ଛା ଜଣାଇଛନ୍ତି।

## ଅନ୍‌ଲାଇନ୍ ବ୍ୟବସ୍ଥାରେ ଫସିଲେ ଗରିବ, ବୟସ୍କ

# ଆଧାର କାର୍ଡ ନଥିବାରୁ ମିଳୁନି ଭତ୍ତା, ଆବାସ ଓ ସରକାରୀ ସୁବିଧା

ମୁନିଗୁଡା,୨୮।୫(ସମିସ): ଡିଜିଟାଲ ଭାରତ ଓ ଅନ୍‌ଲାଇନ୍ ବ୍ୟବସ୍ଥାର ଢୋଲ ପିଟୁଥିବା ସରକାରୀ ପ୍ରଣାଳୀ ଏବେ ଗରିବ, ବୟସ୍କ ଓ ଭିନ୍ନକ୍ଷମ ଲୋକଙ୍କ ପାଇଁ ଯନ୍ତ୍ରଣାର କାରଣ ପାଲଟିଛି। ଆଖି ସ୍କାନ ଓ ବାୟୋମେଟ୍ରିକ୍ ବିଫଳତା ଯୋଗୁ ଅନେକ ଯୋଗ୍ୟ ହିତାଧିକାରୀ ସରକାରୀ ସୁବିଧାରୁ ବଞ୍ଚିତ ହେଉଥିବା ବେଳେ ମୁନିଗୁଡ଼ା ବ୍ଲକ ରଘୁବାରି ପଞ୍ଚାୟତ ପାଟଣା ଗ୍ରାମର ୮୦ ବର୍ଷୀୟ ଭିନ୍ନକ୍ଷମ ବୃଦ୍ଧ ଋଷି କୁଲେଶିକାଙ୍କ ଘଟଣା ଏହି ବ୍ୟବସ୍ଥାର ନିଷ୍ଠୁର ଚିତ୍ରକୁ ପୁଣିଥରେ ସାମ୍ନାକୁ ଆଣିଛି। ପରିଣତ ବୟସରେ ଋଷି କୁଲେଶିକା ଶାରୀରିକ ଭାବେ ଅକ୍ଷମ ହୋଇପଡ଼ିଛନ୍ତି। ତାଙ୍କ ଆଖିକୁ ଭଲଭାବେ ଦେଖାଯାଉନଥିବା ବେଳେ କାନକୁ ମଧ୍ୟ ଠିକ୍ ରୂପେ ଶୁଣାଯାଉନାହିଁ। ବାୟୋମେଟ୍ରିକ୍ ଓ ଆଖି ସ୍କାନ ନ ହେବାରୁ ସେ ଏପର୍ଯ୍ୟନ୍ତ ଆଧାର କାର୍ଡ ପାଇପାରିନାହାନ୍ତି। ଫଳରେ ବୃଦ୍ଧାଭତ୍ତା ସହ ବିଭିନ୍ନ ସରକାରୀ ଯୋଜନାରୁ ସେ ବଞ୍ଚିତ ହୋଇ ଦୁର୍ଦ୍ଦଶା ମଧ୍ୟରେ ଜୀବନ ବିତାଉଛନ୍ତି। ରହିବା ପାଇଁ ପକ୍କା ଘର ଖଣ୍ଡେ ନଥିବାରୁ ଏକ ଭଙ୍ଗା ଦଦରା କୁଡିଆ ଘରେ ଅନ୍ଧାର ମଧ୍ୟରେ ଦିନ କାଟୁଛନ୍ତି ବୃଦ୍ଧ ଋଷି। ସରକାରୀ ସହାୟତା କହିଲେ ମାତ୍ର ୫ କିଲୋ ଚାଉଳ ପାଉଥିବା ବେଳେ ଖବର ପ୍ରକାଶନ ପରେ ପ୍ରଶାସନ ପକ୍ଷରୁ ଅନ୍ତ୍ୟୋଦୟ ଯୋଜନାରେ ୩୫ କିଲୋ ଚାଉଳ ଯୋଗାଇ ଦିଆଯାଇଥିଲା।



ତେବେ ଏହାପରେ ମଧ୍ୟ ସ୍ଥାୟୀ ସହାୟତା ପାଇଁ କୌଣସି ତତ୍ପରତା ଦେଖାଯାଇନଥିବା ଅଭିଯୋଗ ହେଉଛି। ସବୁଠାରୁ ଦୁଃଖଦ ବିଷୟ ହେଲା, ସରକାରଙ୍କ ବର୍ଦ୍ଧିତ ଭତ୍ତା ଯୋଜନାରେ ଋଷି କୁଲେଶିକା ୩ ହଜାର ୫୦୦ ଟଙ୍କା ଭତ୍ତା ପାଇବାକୁ ଯୋଗ୍ୟ ହୋଇଥିଲେ ସୁଦ୍ଧା ଆଧାର କାର୍ଡ ନଥିବାରୁ ଟଙ୍କାଟିଏ ବି ପାଉନାହାନ୍ତି। ଏହି ଘଟଣା ଗଣମାଧ୍ୟମରେ ପ୍ରସାରଣ ହେବା ପରେ ମଧ୍ୟ ସମ୍ପୃକ୍ତ ବିଭାଗ କିମ୍ବା ସ୍ଥାନୀୟ ପ୍ରଶାସନ ପକ୍ଷରୁ

### ବାୟୋମେଟ୍ରିକ୍ ପାଇଁ ୮୦ ବର୍ଷର ବୃଦ୍ଧ ଋଷି କୁଲେଶିକା ହନ୍ତସନ୍ତ

କୌଣସି ତତ୍ପରତା ଦେଖାଯାଇନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଭିନ୍ନକ୍ଷମତା ଯୋଗୁ ସେ ନିଜେ କୌଣସି କାର୍ଯ୍ୟାଳୟକୁ ଯାଇପାରୁନଥିବା ବେଳେ ସ୍ଥାନୀୟ ଲୋକପ୍ରତିନିଧି ଓ ପ୍ରଶାସନିକ ଅଧିକାରୀଙ୍କ ନିଷ୍କ୍ରିୟତା ଉପରେ ପ୍ରଶ୍ନ ଉଠିଛି। କେବଳ ଋଷି କୁଲେଶିକା ନୁହେଁ, ମୁନିଗୁଡ଼ା ବ୍ଲକର ବିଭିନ୍ନ ଅଞ୍ଚଳରେ ଅନେକ ବୟସ୍କ ଓ ଭିନ୍ନକ୍ଷମ ବ୍ୟକ୍ତି ଆଖି ସ୍କାନ ଓ ବାୟୋମେଟ୍ରିକ୍ ସମସ୍ୟା ଯୋଗୁ ସରକାରୀ ସୁବିଧା ପାଇବାରେ ବିଫଳ ହେଉଥିବା ଅଭିଯୋଗ ଆସୁଛି। ଡିଜିଟାଲ ବ୍ୟବସ୍ଥା ଲୋକଙ୍କ ସୁବିଧା ପାଇଁ ହେଉଥିବା ବେଳେ ଏହା ଏବେ ଅନେକ ଅସହାୟ ଲୋକଙ୍କ ପାଇଁ ଅଭିଶାପ ପାଲଟିଥିବା ଚର୍ଚ୍ଚା ହେଉଛି। ସରକାର ଓ ପ୍ରଶାସନ ଏଭଳି ବୟସ୍କ ଓ ଭିନ୍ନକ୍ଷମ ଲୋକଙ୍କ ପାଇଁ ବିକଳ୍ପ ବ୍ୟବସ୍ଥା କରିବା ସହ ଘରେ ପହଞ୍ଚି ଆଧାର ପଞ୍ଜିକରଣ, ଭତ୍ତା ଓ ଆବାସ ଯୋଜନାର ସୁବିଧା ଯୋଗାଇ ଦେବାକୁ ସାଧାରଣରେ ଦାବି ଜୋର ଧରିଛି।

# ନବଙ୍କୁ ମିଳୁନି ଆବାସ ▶ ଭଙ୍ଗା କୁଡ଼ିଆରେ ବିତୁଛି ଦମ୍ପତିଙ୍କ ଜୀବନ



**କୁଆମରା, ୨୮ ।୫(ସମିସ)**

ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଥିବା ଲୋକଙ୍କ ପାଇଁ ସରକାର ଆବସ ଯୋଜନା ଯୋଗାଇ ଦେଉଥିବାବେଳେ ଏହାର ପ୍ରକୃତ ହିତାଧିକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି । ମାତ୍ର ଫାଇଦା ଉଠାଉଛନ୍ତି ରାଜନେତା ଓ ଥିଲା ବାଲା । ଗରିବ ଲୋକ ପୂର୍ବଭଳି ଭଙ୍ଗା କୁଡିଆରେ ଦିନ ବିତାଉଥିଲେ ମଧ ପ୍ରଶାସନ କିମ୍ବା ରାଜନେତାଙ୍କ ଦୃଷ୍ଟି ନ ପଡ଼ିବା ପରିତାପର ବିଷୟ । ଏହା ବାଲିଗଡ଼ିଆ ଗ୍ରାମର ନବ ସିଂଙ୍କ ପରିବାର କ୍ଷେତ୍ରରେ ଦେଖିବାକୁ ମିଳିଛି ।

ଗୋପବନ୍ଧୁନଗର ବ୍ଲକ କୁଆମରା ପଞ୍ଚାୟତ ବାଲିଗଡ଼ିଆ ଗ୍ରାମର ନବ ସିଂ ଜଣେ ଦିନମଜୁରିଆ । ଖଟିଲେ ଚୁଲି ଜଳେ । ଝିଅକୁ ବାହା ଦେବା ପରେ ଘରେ କେବଳ ଦୁହେଁ ସ୍ୱାମୀ ଓ ସ୍ତ୍ରୀ । ତିନି ବର୍ଷ ହେଲା ଭଙ୍ଗା କୁଡିଆରେ ଦିନ ବିତୁଛି । ଅର୍ଥ ଅଭାବରୁ ଘର ଛପର କରିବାକୁ ପାଖରେ ସମ୍ବଳ ନାହିଁ । ଅସଜଡା ଛପରକୁ ମରାମତି ନ କରିପାରିବାରୁ ଛିଣ୍ଡି ପଡ଼ିଲାଣି । ଦୁଇ ବର୍ଷ ହେଲା ଛପର ଉପରେ ପଲିଥିନ ପକାଇ ମୁଣ୍ଡ ଗୁଞ୍ଜିଛନ୍ତି ଦମ୍ପତି । ନବଙ୍କ କହିବା ଅନୁଯାୟୀ ଘର ଖଣ୍ଡିଏ ପାଇଁ ଦୁଇଥର ଆବେଦନ କରିଥିଲେ । ଗତବର୍ଷ ସରକାରୀ ବାବୁମାନେ ଆସି ଦେଖି ଯାଇଥିଲେ ଓ ଖୁବ୍‌ଶୀଘ୍ର ଘର ଯୋଗାଇ ଦିଆଯିବ ବୋଲି କହିଥିଲେ । ମାତ୍ର ବର୍ଷେ ବିତିଯାଇଥିଲେ ମଧ ଏଥିପ୍ରତି ଦୃଷ୍ଟି ନାହିଁ ବୋଲି ଅଭିଯୋଗ କରିଛନ୍ତି । ସତେ ଯେପରି ରାଜନେତାଙ୍କଠାରୁ ଅଫିସର ପର୍ଯ୍ୟନ୍ତ କାହାର ଆନ୍ତରିକତା ନାହିଁ ବୋଲି ସ୍ପଷ୍ଟ ବୁଝାପଡୁଛି । ପରିତାପର ବିଷୟ ନବଙ୍କ ପାଇଁ ଆଉଏକ ବିଡ଼ମ୍ବନା । ସେ ଆଜି ପର୍ଯ୍ୟନ୍ତ ବାର୍ଦ୍ଧକ୍ୟ ଭତ୍ତା ପାଇନାହାଁନ୍ତି । ନବଙ୍କ ବୟସ ୭୧ ହୋଇଥିବାବେଳେ ସ୍ତ୍ରୀ ବେଲମଣିଙ୍କ ବୟସ ୬୪ ବର୍ଷ । ବାସଗୃହ ଓ ଭତ୍ତା ପାଇଁ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି । ଶେଷରେ ଭାଗ୍ୟକୁ ଆଦରି ଭଙ୍ଗା ଘରେ ପଡ଼ି ରହିଛନ୍ତି ଦମ୍ପତି । ଏ ନେଇ ନାଏବ ସରପଞ୍ଚ ଚନ୍ଦନ ସିଂଙ୍କୁ ପଚାରିବାରୁ ଏଥିପ୍ରତି ଦୃଷ୍ଟି ଦେବେ ବୋଲି କହିଛନ୍ତି ।

# ମାତୃଭାଷା ଶିକ୍ଷାକୁ ସୁଦୃଢ଼ କରିବାକୁ ମୁଣ୍ଡାରୀ ଶିକ୍ଷକ ପ୍ରଶିକ୍ଷଣ ଶିବିର

**ବାରିପଦା, ୨୮ ।୫(ସମିସ):** ମୁଣ୍ଡାରୀ ଭାଷା ସମନ୍ୱୟ ସମିତିର ଶିକ୍ଷା ବିଭାଗ 'ମୁଣ୍ଡାରୀ ଏଜ୍ୟୁକେସନ ବୋର୍ଡ' ଦ୍ୱାରା ପରିଚାଳିତ ମୁଣ୍ଡାରୀ ବିଦ୍ୟାଳୟମାନଙ୍କର ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆଜି ବାରିପଦାସ୍ଥ କଲ୍ୟାଣୀ ମହିଳା ସମିତିର ସମ୍ମିଳନୀ କକ୍ଷରେ ସଫଳତାର ସହିତ ସମାପ୍ତ ହୋଇଛି । ବର୍ତ୍ତମାନ ମୁଣ୍ଡାରୀ ଏଜ୍ୟୁକେସନ ବୋର୍ଡ ଅଧୀନରେ ୩୨ଟି ମୁଣ୍ଡାରୀ ବିଦ୍ୟାଳୟ ପରିଚାଳିତ ହେଉଛି । ଏହି ବିଦ୍ୟାଳୟର ମୁଖ୍ୟ ଉଦ୍ଦେଶ୍ୟ ହେଲା ମୁଣ୍ଡାରୀ ଭାଷା, ମୁଣ୍ଡାରୀ ବାଣୀ, ସଂସ୍କୃତି, ପରମ୍ପରା ଓ ସାମାଜିକ ମୂଲ୍ୟବୋଧକୁ ନୂତନ ପିଢ଼ି ପର୍ଯ୍ୟନ୍ତ ପହଞ୍ଚାଇବା । ଏ ଅବସରରେ ତୃତୀୟ ଶ୍ରେଣୀ ପାଇଁ ପ୍ରସ୍ତୁତ ନୂତନ ପାଠ୍ୟପୁସ୍ତକ 'ହୋନ କୋଆଃ ସେଣା ସୁଙ୍ଗୁତି'ର ଉନ୍ମୋଚନ କରାଯାଇଥିଲା । ଏହି ପୁସ୍ତକରେ ସାହିତ୍ୟ, ସାମାଜିକ ବିଜ୍ଞାନ ଓ ଗଣିତ ବିଷୟ ସମ୍ମିଳିତ ରହିଛି । ମାତୃଭାଷା ମାଧ୍ୟମରେ ଶିକ୍ଷାକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଏହି ପୁସ୍ତକ ପ୍ରସ୍ତୁତ କରାଯାଇଛି । ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମୁଣ୍ଡାରୀ ଶିକ୍ଷା ବୋର୍ଡର ଅଧ୍ୟକ୍ଷ ତଥା ମୁଣ୍ଡାରୀ



ଭାଷା ସମନ୍ୱୟ ସମିତିର ଅଧ୍ୟକ୍ଷ ବୀରବଲ ସିଂ ଓ ଏମଏଲସିସିର ଶିକ୍ଷା ସଚିବ ବୁଧିଆ ସିଂ ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ସେମାନେ ଶିକ୍ଷାଦାନ ପ୍ରଣାଳୀ, ଛାତ୍ରଛାତ୍ରୀଙ୍କ ମନୋବଳ ବୃଦ୍ଧି, ନୈତିକ ଶିକ୍ଷା ଓ ମାତୃଭାଷା ଭିତ୍ତିକ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଶିକ୍ଷକମାନଙ୍କୁ କେବଳ ଭାଷା ଶିକ୍ଷା ନୁହେଁ, ବରଂ ସମାଜ ଓ ସଂସ୍କୃତି ପ୍ରତି ସଚେତନ ନୂତନ ପିଢ଼ି ଗଢ଼ି ତୋଳିବା ପାଇଁ ଆହ୍ୱାନ ଜଣାଇଥିଲେ । ମୁଣ୍ଡାରୀ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ମୁଣ୍ଡାରୀ ଭାଷା ଓ ଲିପି ସହିତ ସଂସ୍କୃତି, ପରମ୍ପରା, ସାମାଜିକ ବିଜ୍ଞାନ, ବିଜ୍ଞାନ ଓ ଗଣିତ ଶିକ୍ଷା ମଧ ପ୍ରଦାନ କରାଯାଉଛି । ଏହାଦ୍ୱାରା ଛାତ୍ରଛାତ୍ରୀ ନିଜ ମୂଳ ପରିଚୟ ସହିତ ଜଡ଼ିତ ରହିବା ସହ ସାଧାରଣ ଶିକ୍ଷାରେ ମଧ ଆଗକୁ ବଢ଼ିପାରୁଛନ୍ତି । ଏ ଅବସରରେ ଚଳିତ ବର୍ଷ ମୁଣ୍ଡାରୀ ଏଜ୍ୟୁକେସନ ବୋର୍ଡ ଅଧୀନରେ ସମସ୍ତ ଶ୍ରେଣୀର ବାର୍ଷିକ ପରୀକ୍ଷା ଆସନ୍ତା ୧୩ ଜୁନ ତାରିଖରେ ଅନୁଷ୍ଠିତ ହେବ ବୋଲି ଘୋଷଣା କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଏମଏଲସିସିର ସାଧାରଣ ସଚିବ ସୁନାରାମ ସିଂ, ମୁଣ୍ଡାରୀ ବିଦ୍ୟାଳୟମାନଙ୍କର ପରୀକ୍ଷା ନିୟନ୍ତ୍ରକ ଭଗବାନ ସିଂହ, ବିଦ୍ୟାଳୟ ପର୍ଯ୍ୟବେକ୍ଷକ ବୈଦ୍ୟନାଥ ସିଂ ବଡ଼ସାହି ବ୍ଲକ ଏମଏଲସିସି ସଂଯୋଜକ ଅଜିତ କୁମାର ସିଂ ଉପସ୍ଥିତ ଥିଲେ । ଏଥିସହ ବିଭିନ୍ନ ମୁଣ୍ଡାରୀ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷା ସେବକ ଯୋଗଦେଇଥିଲେ ।

# ରୁଚି ଛତୁ ଫାର୍ମରେ ୩୫ଦିନିଆ ଶିବିର




**ବାରିପଦା, ୨୮ ।୫(ସମିସ):** ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ କପ୍ତିପଦା ଡିଗ୍ରୀ କଲେଜର ଉଦ୍ଭିଦ ବିଜ୍ଞାନ ବିଭାଗର ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀଙ୍କ ପାଇଁ ୩୫ଦିନିଆ ଇଣ୍ଟର୍ଣ୍ଣସିପ୍ ଶିବିର ଆରମ୍ଭ ହୋଇଛି । ବାରିପଦା ତକତପୁରସ୍ଥ ଜାତୀୟ ସମ୍ମାନପ୍ରାପ୍ତ ରୁଚି ମଶ୍ରୁମ୍ (ଛତୁ) ଫାର୍ମରେ ଏହି ଶିବିର ଚାଲିଥିବାବେଳେ ଛାତ୍ରଛାତ୍ରୀଙ୍କୁ ଛତୁଚାଷ ସମ୍ବନ୍ଧୀୟ ବିଭିନ୍ନ ପ୍ରାୟୋଗିକ ଓ ବୈଜ୍ଞାନିକ ତାଲିମ ପ୍ରଦାନ କରାଯାଉଛି । ଯୁବପିଢ଼ିଙ୍କୁ ସ୍ୱାବଲମ୍ବୀ କରିବା ଓ କୃଷିଭିତ୍ତିକ ସ୍ୱରୋଜଗାର ପ୍ରତି ଆକୃଷ୍ଟ କରିବା ଲକ୍ଷ୍ୟରେ ଆୟୋଜିତ ଏହି ଶିବିରରେ ଛତୁଚାଷ, ଛତୁ ମଞ୍ଜି ଉତ୍ପାଦନ, ସଂରକ୍ଷଣ ଓ ଛତୁର ମୂଲ୍ୟଯୁକ୍ତ ଉତ୍ପାଦ ପ୍ରସ୍ତୁତି ବିଷୟରେ ପ୍ରଶିକ୍ଷଣ ଦିଆଯାଉଛି । ଉକ୍ତ କାର୍ଯ୍ୟକ୍ରମକୁ ରୁଚି ମଶ୍ରୁମ୍ ଫାର୍ମର ନିର୍ଦ୍ଦେଶିକା ଗୀତାଞ୍ଜଳି ମହାନ୍ତି ଓ କପ୍ତିପଦା ଡିଗ୍ରୀ କଲେଜର ଉଦ୍ଭିଦ ବିଜ୍ଞାନ ବିଭାଗ ଅଧ୍ୟାପିକା ସସ୍ମିତାରାଣୀ ବସନ୍ତିଆ ଉଦ୍‌ଘାଟନ କରିଥିଲେ । ଶ୍ରୀମତୀ ମହାନ୍ତି କହିଥିଲେ ଯେ, ବର୍ତ୍ତମାନ ସମୟରେ ଛତୁଚାଷ ଯୁବପିଢ଼ିଙ୍କ ପାଇଁ ଏକ ଲାଭଜନକ ଓ ରୋଜଗାରକ୍ଷମ ଜୀବିକାର ମାଧ୍ୟମ ହୋଇଉଠିଛି । ଫାର୍ମର ପରିଚାଳକ ଓ ଉପନିର୍ଦ୍ଦେଶକ ସୁନୀଲ କୁମାର ପଟ୍ଟନାୟକ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରି କହିଥିଲେ, କୃଷି ଓ ଛତୁଚାଷ ମାଧ୍ୟମରେ ଯୁବପିଢ଼ି ନିଜ ଭବିଷ୍ୟତକୁ ସୁନିଶ୍ଚିତ କରିପାରିବେ । ଏହି ଇଣ୍ଟର୍ନସିପ୍ ମାଧ୍ୟମରେ ଛାତ୍ରଛାତ୍ରୀ ଥିଓରୀ ସହ ପ୍ରାକ୍ଟିକାଲ ଓ ଲାବ୍‌ଭିତ୍ତିକ ଶିକ୍ଷା ଗ୍ରହଣ କରିବେ ।

# ଶୁକ୍ଳିରେ ଚବିଶ ପ୍ରହର ନାମଯଜ୍ଞ

**ଖୁଣ୍ଟ, ୨୮ ।୫(ସମିସ):** ଶୁକ୍ଳି ବ୍ଲକ ଅନ୍ତର୍ଗତ ଶୁକ୍ଳି ଗ୍ରାମସ୍ଥ ଯଜ୍ଞ ମଣ୍ଡପରେ ଅଖଣ୍ଡ ଚବିଶ ପ୍ରହର ନାମଯଜ୍ଞ ଓ ହରିନାମ ସଂକୀର୍ତ୍ତନ ଚାଲିଛି । ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ପୁଟିକିଶୋଳ (ବାରିପଦା), ଗୌଡରମା (କୁଳିଅଣା, ବାରିପଦା), ଝିନେଇଁ ନୂଆଗାଁ (ବାରିପଦା), ମହୁଲିଆ (ବାରିପଦା), କମାରଡିହା (ବାରିପଦା), ଶୁକ୍ଳି ଓ ଦୀଘାରିଅଣ୍ଡିଆ (ମୟୂରଭଞ୍ଜ) ପ୍ରମୁଖ ସଂକୀର୍ତ୍ତନ



ମଣ୍ଡଳୀ ଭାଗ ନେଇଛନ୍ତି । ଯଥାବିଧି ପୂଜାର୍ଚ୍ଚନା ଓ ଯଜ୍ଞାଦି ପରିଚାଳନା ନିମନ୍ତେ ସ୍ଥାନୀୟ ବରିଷ୍ଠ ପୂଜକ ରାଜେନ୍ଦ୍ର ନାରାୟଣ ମିଶ୍ରଙ୍କ ସମେତ ଚିତ୍ତରଞ୍ଜନ ମିଶ୍ର, ସତ୍ୟନାରାୟଣ ମିଶ୍ର ଓ ଗଗନ ବିହାରୀ ମିଶ୍ର ନିୟୋଜିତ ହୋଇଛନ୍ତି । ଆସନ୍ତା ୩୦ ତାରିଖରେ ପୂର୍ଣ୍ଣାହୁତି, ନଗର କୀର୍ତ୍ତନ ଓ ପ୍ରସାଦ ସେବନ ସହ ଏହି ଭବ୍ୟ କାର୍ଯ୍ୟକ୍ରମ ଉଦଯାପିତ ହେବ । ଅସହ୍ୟ ଗ୍ରୀଷ୍ମ ପ୍ରବାହ ଓ ଗୁଳୁଗୁଳି ସତ୍ତ୍ୱେ ଭଗବତପ୍ରେମୀ ଗ୍ରାମବାସୀଙ୍କ ଦ୍ୱାରା ଆୟୋଜିତ ଏହି ବିଶ୍ୱଶାନ୍ତି ଧାର୍ମିକ କାର୍ଯ୍ୟକ୍ରମରେ 'ହରେକୃଷ୍ଣ ହରେରାମ' ମହାମନ୍ତ୍ର ଶ୍ରବଣ ନିମନ୍ତେ ବିଭିନ୍ନ ପ୍ରାନ୍ତରୁ ଶହ ଶହ ଶ୍ରଦ୍ଧାଳୁ ଭକ୍ତଙ୍କ ସମାବେଶ ଦେଖିବାକୁ ମିଳିଛି ।

# ଜମିବାଡ଼ିକୁ ନେଇ ବିବାଦ; ଥାନାରେ ପୃଥକ ମାମଲା

**କୁଆମରା, ୨୮ ।୫(ସମିସ):** ଖୁଣ୍ଟା ଥାନା ତଥା ଗୋପବନ୍ଧୁନଗର ବ୍ଲକ ହୁଡିଆସାହି ଗ୍ରାମରେ ଜମିବାଡ଼ିକୁ କେନ୍ଦ୍ର କରି ରାମଚନ୍ଦ୍ର ବାରିକ ଓ ଭାସ୍କର ଚନ୍ଦ୍ର ବାରିକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଛି । ଚାଷ ଜମି ହିଡ଼ ବସାଇବାକୁ ନେଇ ଦୁଇ ପରିବାର ମଧ୍ୟରେ ଦୀର୍ଘଦିନ ଧରି ଝଗଡ଼ା ହୋଇଆସୁଥିବାବେଳେ ଗତବର୍ଷ ଏ ନେଇ କୁଆମରା ଫାଣ୍ଡିରେ ଏହାର ସମାଧାନ ହୋଇଥିଲା । ପୁଣି ଚଳିତବର୍ଷ ଚାଷ କାମ ପୂର୍ବରୁ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ସୃଷ୍ଟି ହୋଇଥିବାବେଳେ ଏ ନେଇ ଦୁଇପକ୍ଷଙ୍କ ଅଭିଯୋଗକ୍ରମେ କୁଆମରା ଫାଣ୍ଡିରେ ପୃଥକ ମାମଲା ରୁଜୁ ହୋଇଛି । କୁଆମରା ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତି ତଦନ୍ତ ଚଳାଇଛନ୍ତି ।

# ଏସ୍‌ଆଇଆର୍ ନିମନ୍ତେ ବିଏଲ୍‌ଓ ଓ ସୁପରଭାଇଜରଙ୍କ ପ୍ରଶିକ୍ଷଣ ଶିବିର

**ବେତନଟୀ, ୨୮ ।୫(ସମିସ):** ଜାତୀୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାନୁସାରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)-୨୦୨୬ କାର୍ଯ୍ୟକ୍ରମକୁ ସଫଳ ଓ ସୁଚାରୁରୂପେ କାର୍ଯ୍ୟକରୀ କରିବା ଉଦ୍ଦେଶ୍ୟରେ ବଡ଼ସାହି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବେତନଟୀ ବ୍ଲକରେ ବୁଥ୍‌ସ୍ତରୀୟ ଅଫିସର୍ (ବିଏଲ୍‌ଓ) ଓ ବିଏଲ୍‌ଓ ସୁପରଭାଇଜରଙ୍କ ପାଇଁ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ମତଦାତା ତାଲିକାକୁ ନିର୍ଭୁଲ, ସ୍ୱଚ୍ଛ ଓ ଅପଡେଟ ରଖିବା ସହିତ ଯୋଗ୍ୟ ମତଦାତାଙ୍କ ନାମ ସଠିକ୍ ଭାବେ ଅନ୍ତର୍ଭୁକ୍ତ କରିବା ପାଇଁ ଏହି ପ୍ରଶିକ୍ଷଣ ଶିବିରର ଆୟୋଜନ କରାଯାଇଥିଲା । ପ୍ରଶିକ୍ଷଣ ଶିବିରରେ ବିଏଲ୍‌ଓ ଓ ବିଏଲ୍‌ଓ ସୁପରଭାଇଜରଙ୍କୁ ଘରେ ଘରେ ସର୍ବେକ୍ଷଣ ପ୍ରକ୍ରିୟା, ନୂତନ ମତଦାତାଙ୍କ ନାମ ସଂଯୋଜନ, ମୃତ ଓ ସ୍ଥାନାନ୍ତରିତ ମତଦାତାଙ୍କ ନାମ କାଟ୍, ତଥ୍ୟ ସଂଶୋଧନ, ଫର୍ମ ପୂରଣ ଓ ଅନଲାଇନ୍ ଓ ଅଫଲାଇନ୍ ଆବେଦନ ପ୍ରକ୍ରିୟା ସମ୍ପର୍କରେ ସୁବିସ୍ତାର ଭାବେ ଅବଗତ କରାଯାଇଥିଲା ।



ଅତିରିକ୍ତ ଜିଲ୍ଲାପାଳ ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଦୁଃଖବନ୍ଧୁ ନାୟକ ଉପସ୍ଥିତ ରହି ବିଏଲ୍‌ଓ ଓ ବିଏଲ୍‌ଓ ସୁପରଭାଇଜରଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ସେ ନିର୍ବାଚନୀ ପ୍ରକ୍ରିୟାରେ ସ୍ୱଚ୍ଛତା, ନିର୍ଭୁଲତା ଓ ଦାୟିତ୍ୱବୋଧ ବଜାୟ ରଖିବା ପାଇଁ କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ଏଥିସହ ସମସ୍ତ କାର୍ଯ୍ୟକୁ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ସମୟସୀମା ମଧ୍ୟରେ ସଠିକ ଭାବେ ସମ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ । ଏ ଅବସରରେ ଅତିରିକ୍ତ ଜିଲ୍ଲାପାଳ (ନିର୍ବାଚନ) ଈଶ୍ୱର ଚନ୍ଦ୍ର ନାଏକ ଉପସ୍ଥିତ ଥିଲେ । ସେ ମତଦାତା ତାଲିକା ପ୍ରସ୍ତୁତି ସମୟରେ ତଥ୍ୟର ସଠିକତା ଉପରେ ବିଶେଷ ଗୁରୁତ୍ୱ ଦେବା ସହିତ ଯୋଗ୍ୟ ମତଦାତାଙ୍କୁ ତାଲିକାଭୁକ୍ତ କରିବା ଓ ଅଯୋଗ୍ୟ ନାମ ବିଲୋପ କରିବା ପ୍ରକ୍ରିୟାକୁ ଗୁରୁତର ସହ କାର୍ଯ୍ୟକରୀ କରିବାକୁ ପରାମର୍ଶ ଦେଇଥିଲେ । ସେହିପରି ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଚନ୍ଦ୍ରଜିତ୍ ବେହେରା ଓ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ମୁନା ସେଠୀ ପ୍ରମୁଖ ଉପସ୍ଥିତ ରହି ପ୍ରଶିକ୍ଷଣ କାର୍ଯ୍ୟରେ ସହଯୋଗ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସମ୍ପୃକ୍ତ ନିର୍ବାଚନ ଅଧିକାରୀ, ବ୍ଲକସ୍ତରୀୟ କର୍ମଚାରୀ ଓ ଅନ୍ୟାନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ ।

# ମଦ ଦୋକାନ ବନ୍ଦ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର



**ବୈଶିଙ୍ଗା, ୨୮ ।୫(ସମିସ):** ବୈଶିଙ୍ଗା ଥାନା ଅନ୍ତର୍ଗତ ଗଡ଼ଦେଉଳିଆଠାରେ ଦୀର୍ଘଦିନ ଧରି ଚାଲିଥିବା ସରକାରୀ ଲାଇସେନ୍ସପ୍ରାପ୍ତ ବିଦେଶୀ ମଦ ଦୋକାନ ସ୍ଥାୟୀ ଭାବେ ବନ୍ଦ କରିବା ନେଇ ସରପଞ୍ଚ ଶ୍ରୀମତୀ ବବିତା ସିଂ, ୩୬ ନମ୍ବର ଜିଲ୍ଲା ପରିଷଦ ଜୋନର ସଦସ୍ୟା ଶ୍ରୀମତୀ ସବିତା ଦାସ ଓ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟା ଶ୍ରୀମତୀ ମାଧବୀ ସେନାପତି ଓ ଶତାଧିକ ଗ୍ରାମବାସୀ ଓ ମହିଳା ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟାଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ମୟୂରଭଞ୍ଜ ଜିଲ୍ଲାପାଳ, ଜିଲ୍ଲା ପୁଲିସ ସୁପରିଟେଣ୍ଡେଣ୍ଟ ଓ ଅବକାରୀ ଅଧୀକ୍ଷକଙ୍କୁ ପ୍ରଦାନ କରାଯାଇଛି । ମଦ ଦୋକାନ ଯୋଗୁଁ ଏ ଅଞ୍ଚଳରେ କ୍ରମାଗତ ଭାବେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି । ପୂର୍ବରୁ ଗତ ମାର୍ଚ୍ଚ ୧୧ ଓ ସେପ୍ଟେମ୍ବର୨୨ ତାରିଖରେ ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଓ ଉପରୋକ୍ତ ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ ଅଦ୍ୟାବଧି ମଦ କାଉଣ୍ଟର ବନ୍ଦ କରାଯିବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ଏ ଅଞ୍ଚଳରେ ପ୍ରବଳ ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ତେଣୁ ଚଳିତ ମାସ ୩୧ ତାରିଖ ସୁଦ୍ଧା ଗଡ଼ଦେଉଳିଆଠାରେ ବିଦେଶୀ ମଦ ଦୋକାନକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ ନ କରାଗଲେ, ଜିଲ୍ଲାପାଳଙ୍କ ଅଫିସ ଆଗରେ ଦାବି ପୂରଣ ହେବା ପର୍ଯ୍ୟନ୍ତ ଆମରଣ ଅନଶନରେ ବସିବା ପାଇଁ ଆଞ୍ଚଳିକ ଜନପ୍ରତିନିଧି ଓ ଗ୍ରାମବାସୀ ପ୍ରକାଶ କରିଛନ୍ତି ।

# ବାରିପଦାରେ ଇଦ୍ ଉଜ୍ ଜୁହା ପାଳିତ



**ବାରିପଦା, ୨୮ ।୫(ସମିସ):** ମୁସଲମାନ ସମ୍ପ୍ରଦାୟର ପବିତ୍ର ଇଦ୍ ଉଜ୍ ଜୁହା ପର୍ବ ବାରିପଦା ସହରରେ ପାଳିତ ହୋଇଯାଇଛି । ସହରର ବିଭିନ୍ନ ମସଜିଦରେ ମୁସଲମାନ ସମ୍ପ୍ରଦାୟର ଲୋକ ସମୂହ ନମାଜ୍ ପାଠ କରିଥିଲେ । ପରେ ପରସ୍ପରକୁ ପର୍ବର ଶୁଭେଚ୍ଛା ଜଣାଇଥିଲେ । ମୁସଲିମ ଧର୍ମାଲମ୍ବୀଙ୍କ ପାଇଁ ସ୍ୱତନ୍ତ୍ର ବଳିଦାନର ଦିବସ ଉକ୍ତ ପର୍ବ ଅଟେ । ତ୍ୟାଗ ଓ ସମର୍ପଣର ପର୍ବ ପବିତ୍ର ଇଦ ଉଜ୍ ଜୁହା ଉପଲକ୍ଷେ ଶାନ୍ତିମୟ, ସମୃଦ୍ଧ ସମାଜ ପାଇଁ ସମସ୍ତେ ଆଗେଇ ଆସିବାକୁ ନିଜ ମଧ୍ୟରେ ଆହ୍ୱାନ ଦେଇଥିଲେ । ଟ୍ରାଫିକ ମାର୍କେଟ, ରଘୁନାଥପୁର, ଶୁନଗଡ଼ିଆ, ପ୍ୟାରେଡ଼ ପଡ଼ିଆ, ଲାଲ ବଜାର ଆଦି ମସଜିଦରେ ଶ୍ରଦ୍ଧାଳୁମାନେ ନୂଆ ବସ୍ତ୍ର ପରିଧାନ କରି ମହାଆଡମ୍ବରରେ ପର୍ବ ପାଳନ କରିଛନ୍ତି । ପର୍ବକୁ ନେଇ ବାରିପଦା ସହରରେ ଭାଇଚାରା ଦେଖିବାକୁ ମିଳିଥିଲା । ହିନ୍ଦୁ ଓ ମୁସଲିମ ସମ୍ପ୍ରଦାୟର ଲୋକ ଇଦ ଉଜ୍ ଜୁହା ପର୍ବରେ ସାମିଲ ହୋଇ ପରସ୍ପରକୁ ଶୁଭେଚ୍ଛା ଜଣାଇଛନ୍ତି । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବିଭିନ୍ନ ସ୍ଥାନରେ ପୁଲିସ ମୁତୟନ ହୋଇଥିଲେ ।

# ବାମନଘାଟି ଉପଖଣ୍ଡର ବିଭିନ୍ନ ମସଜିଦ୍‌ରେ ସମୂହ ନମାଜ ପାଠ



**ରାଇରଙ୍ଗପୁର, ୨୮ ।୫(ସମିସ):** ମୁସଲମାନ ସମ୍ପ୍ରଦାୟର ଇଦ ଉଜ୍ ଜୁହା ପର୍ବ ହର୍ଷଉଲ୍ଲାସ ମଧ୍ୟରେ ବାମନଘାଟି ଉପଖଣ୍ଡରେ ପାଳିତ ହୋଇଛି । ଏ ଅବସରରେ ବିଭିନ୍ନ ମସଜିତ ସମେତ ରାଇରଙ୍ଗପୁରର ନାଗଭଣ ମସଜିଦ୍‌ରେ ସମୂହ ନମାଜ ପାଠ ଅନୁଷ୍ଠିତ ହୋଇଛି । ଇସଲାମ ଧର୍ମାବଲମ୍ବୀଙ୍କ ନିମନ୍ତେ ଇଦ୍ ଉଜ୍ ଜୁହା ଏକ ମହତ୍ୱପୂର୍ଣ୍ଣ ପର୍ବ ଅଟେ । ଯାହାକୁ ନେଇ ମୁସଲିମ ସମ୍ପ୍ରଦାୟର ଲୋକଙ୍କ ଘରେ ଉତ୍ସବର ମହୋଲ ପରିଲକ୍ଷିତ ହୋଇଛି । ପ୍ରତିବର୍ଷ ହଜ୍ ଯାତ୍ରା ପରେ ଉକ୍ତ ପର୍ବ ପାଳନ କରାଯାଇଥାଏ । ଯାହାକୁ ନେଇ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ଶାନ୍ତିଶୃଙ୍ଖଳା ମଧ୍ୟରେ ଆନନ୍ଦର ସହ ପାଳିତ ହୋଇଛି । ଉକ୍ତ ପର୍ବ ତ୍ୟାଗ ଓ ବଳିଦାନରେ ପର୍ବ । ମୁସଲମାନ ଭାଇଭଉଣୀ ସମୂହ ନମାଜ ପାଠ କରିବା ପରେ ପରସ୍ପରକୁ ଶୁଭେଚ୍ଛା ଜଣାଇଥିଲେ । ମସଜିଦରେ ବିଶ୍ୱଶାନ୍ତି ଓ ଭାଇଚାରା ପାଇଁ ପ୍ରାର୍ଥନା କରାଯାଇଥିଲା । ବିଭିନ୍ନ ଧର୍ମାବଲମ୍ବୀ ଲୋକଙ୍କ ସହ ମିଶି ପର୍ବ ପାଳନ କରିଥିଲେ ।

# ପ୍ରଧାନଶିକ୍ଷୟିତ୍ରୀଙ୍କ ଆକସ୍ମିକ ମୃତ୍ୟୁ

**କୁଆମରା, ୨୮ ।୫(ସମିସ):** ଗୋପବନ୍ଧୁନଗର ବ୍ଲକ ସାଇଁକୁଳା ପଞ୍ଚାୟତ ଶିରାଥଳୀ ଗ୍ରାମର କାର୍ଯ୍ୟରତ ଶିକ୍ଷୟିତ୍ରୀ ପ୍ରତୀମା ଷଡ଼ଙ୍ଗୀ (୫୯)ଙ୍କ ବୁଧବାର ବିଳମ୍ବିତ ରାତିରେ ଆକସ୍ମିକ ମୃତ୍ୟୁ ଘଟିଛି । ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ବାରିପଦା ଡାକ୍ତରଖାନା ନିଆଯାଉଥିବାବେଳେ ବାଟରେ ମୃତ୍ୟୁ ଘଟିଥିଲା । ପ୍ରତୀମା ବଗବସା ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଥିଲେ । ତାଙ୍କର ଦୁଇଝିଅ ଓ ସ୍ୱାମୀ ଅଛନ୍ତି । ଆଜି ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି । ଏ ନେଇ ଶିକ୍ଷକ ମହଲରେ ଶୋକର ଛାୟା ଖେଳିଯାଇଛି ।

## ଉଦଳା କଂଗ୍ରେସର ସାମ୍ବାଦିକ ସମ୍ମିଳନୀ

# ରାସ୍ତା ପ୍ରଶସ୍ତୀକରଣ ନାମରେ ଦୋକାନ ଉଚ୍ଛେଦକୁ ବିରୋଧ

**ଉଦଳା, ୨୮ ।୫(ସମିସ):** ଉଦଳା କଂଗ୍ରେସ ପକ୍ଷରୁ ଆଜି ସ୍ଥାନୀୟ ସିପ୍ରନ ଇନ୍ ବୈଠକ ଗୃହରେ ଜିଲ୍ଲା ସଭାପତିଙ୍କ ସଭାପତିତ୍ୱରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଜିଲ୍ଲାର କଂଗ୍ରେସ ଉପସଭାପତି ନାରାୟଣ ପଟ୍ଟନାୟକ ସମ୍ବାଦିକ ସମ୍ମିଳନୀର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିବାବେଳେ ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ବିଷଦ ବିବରଣୀ ରଖିଥିଲେ । ସରସ୍ୱତୀ ମେଳା ପୂର୍ବରୁ ପ୍ରଶାସନ ରାସ୍ତା ପ୍ରଶସ୍ତୀକରଣ ନାମରେ ଦୋକାନୀଙ୍କୁ ଉଚ୍ଛେଦ କରିଛି । ତେବେ ଆଜି ପର୍ଯ୍ୟନ୍ତ ଥଇଥାନ ନ କରି ଭେଣ୍ଡିଂ ଜୋନ ମାଧ୍ୟମରେ ଉଦଳା ହାଇସ୍କୁଲର ଜାଗା ନେଇ ଥଇଥାନ କରିବାକୁ ଚିନ୍ତା କରୁଥିବାକୁ ନେଇ ବିରୋଧ କରିଛନ୍ତି । ଉଦଳା ଥାନା ଛକ ବସ୍‌ଷ୍ଟାଣ୍ଡରେ ଥିବା ଭେଣ୍ଡିଂ ଜୋନ ପୂର୍ତ୍ତ ବିଭାଗ ସ୍ଥାନରେ କରି ପୁଣି ଥାନା ବା ଗୃହ ବିଭାଗ ସ୍ଥାନରେ କରାଯାଉଛି । ତେବେ ତାହା କେତେ ଦିନ



ବୋଲି ପ୍ରଶ୍ନ କରିଛନ୍ତି । ଯଦି ଉଦଳା ଉନ୍ନତି କଥା ଶାସକ ଦଳ ବିଧାୟକ ଓ ଏନଏସି ଅଧ୍ୟକ୍ଷା ଚିନ୍ତା କରୁଛନ୍ତି, ତେବେ ଦୋକାନୀଙ୍କ ଦୀର୍ଘସ୍ଥାୟୀ କଥା ଚିନ୍ତା ନ କରି ଦୋକାନୀଙ୍କୁ ବାରମ୍ବାର ସ୍ଥାନ ପରିବର୍ତ୍ତନ କରାଇଲେ ସେମାନଙ୍କ ମେରୁଦଣ୍ଡ ଭାଙ୍ଗିଯିବ । ଉଦଳାର ଉନ୍ନତି ଓ ଦୋକାନୀଙ୍କୁ ଥଇଥାନ ନେଇ କୌଣସି ବିରୋଧ କରାଯାଉନାହିଁ । କିନ୍ତୁ ସେମାନଙ୍କୁ ଯେଉଁଭଳି ଭାବେ ଅସ୍ଥାୟୀ ଭାବେ ଥଇଥାନ କରାଯାଉଛି, ତାହା ବିରୋଧ କରାଯାଉଛି । ଦରକାର ପଡ଼ିଲେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ଜିଲ୍ଲା ସଭାପତି ଶ୍ରୀ ବିଶ୍ୱାଳ ପ୍ରକାଶ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଉଦଳା ଟାଉନ କଂଗ୍ରେସ ସଭାପତି ସୌଖ୍ୟନାରାୟଣ ଦାସ ଓ ଉଦଳା ବ୍ଲକ କଂଗ୍ରେସ ସଭାପତି ସେକ କାଲୁମୁଦ୍ଦିନ ଯୋଗ ଦେଇଥିଲେ । ଜିଲ୍ଲା ଆଦିବାସୀ କଂଗ୍ରେସ ସଭାପତି ପୁଖିଶ୍ୟାମ ମୁର୍ମୁ, ବରିଷ୍ଠ ସଦସ୍ୟ ଉତ୍ତମ କୁମାର ବେହେରା ସହଯୋଗ କରିଥିଲେ ।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଭାଙ୍ଗିପଡ଼ିଛି ଗ୍ରୀଷ୍ମ ଆଶ୍ରୟସ୍ଥଳୀ

# ହେଉନି ମରାମତି, ଖରାରେ ଆଉଟୁପାଉଟୁ ହେଉଛନ୍ତି ଲୋକ

**ବାରିପଦା, ୨୮ ।୫(ସମିସ)**

ମୟୂରଭଞ୍ଜ ଜିଲ୍ଲାର ମୁଖଶାଳା କୁହାଯାଉଥିବା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଏବେ ଅସୁନ୍ଦର ପରିବେଶ ପାଇଁ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି । ପ୍ରଶାସନିକ ସ୍ତରରେ ଜିଲ୍ଲାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କୁହାଯାଉଥିବା ଏହି ପରିସର ମଧ୍ୟରେ ଦୀର୍ଘଦିନ ହେବ ଏକ ଭଙ୍ଗା ଅସ୍ଥାୟୀ ଶିବିର ଝୁଲି ରହିଥିଲେ ହେଁ ଏହାକୁ ହଟାଇବା କିମ୍ବା ମରାମତି କରିବା ଦିଗରେ କାହାର ନଜର ପଡୁନାହିଁ । ଖରା ଦାଉରୁ ଲୋକଙ୍କୁ ସୁରକ୍ଷା ଦେବାକୁ ନିର୍ମାଣ ହୋଇଥିବା ଗ୍ରୀଷ୍ମ ଆଶ୍ରୟସ୍ଥଳୀ ଭାଙ୍ଗିପଡ଼ିଥିବାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସୁଥିବା ଲୋକେ ଖରାରେ ଆଉଟୁପାଉଟୁ ହେଉଛନ୍ତି । ଏଥିପ୍ରତି ଦୃଷ୍ଟି ଦିଆଯିବାକୁ ଦାବି ହେଉଛି ।



ସୂଚନା ମୁତାବକ, ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ଓ ବିଭିନ୍ନ କାମରେ ଦୂରଦୂରାନ୍ତର ଆସୁଥିବା ଲୋକଙ୍କୁ ପ୍ରଖର ଖରା ଦାଉରୁ ସୁରକ୍ଷା ଦେବା ପାଇଁ ପ୍ରାୟ ଏକ ମାସରୁ ଉର୍ଦ୍ଧ୍ୱ ସମୟ ହେବ ବାରିପଦା ପୌରପରିଷଦ ପକ୍ଷରୁ ଗ୍ରୀଷ୍ମ ଆଶ୍ରୟ ସ୍ଥଳୀ ନିର୍ମାଣ କରାଯାଇଥିଲା । ହେଲେ କାଳବୈଶାଖୀ ପ୍ରଭାବରେ ଏହି ଅସ୍ଥାୟୀ ଶିବିରଟି ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି । ବିଗତ ୩ ସପ୍ତାହରୁ ଅଧିକ ସମୟ ହେଲା ଏହା ନଷ୍ଟ ହେବା ସହିତ ଲାଗିଥିବା କପଡ଼ା ଚିରି ଝୁଲି ରହିଛି । ଯାହା ସମଗ୍ର କାର୍ଯ୍ୟାଳୟର ସୌନ୍ଦର୍ଯ୍ୟକୁ ନଷ୍ଟ କରୁଥିବାବେଳେ ଲୋକଙ୍କୁ ଖରା ଦାଉରୁ ସୁରକ୍ଷା ଦେଇପାରୁନି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳଙ୍କ ସମେତ ୩ ଜଣ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ରହିଛି । ପ୍ରତିଦିନ ଜିଲ୍ଲାର ବହୁ ଗୁରୁତ୍ୱପୂର୍ଣ୍ଣ ବୈଠକ ମଧ ଏଠାରେ ଅନୁଷ୍ଠିତ ହେଉଛି । ଜିଲ୍ଲାର ନେତା, ମନ୍ତ୍ରୀ ଓ ଜନପ୍ରତିନିଧିଙ୍କ ସହ ବରିଷ୍ଠ ଅଧିକାରୀଙ୍କଠାରୁ ଆରମ୍ଭ କରି ହଜାର ହଜାର ଜନସାଧାରଣ ପ୍ରତିଦିନ ଏହି କାର୍ଯ୍ୟାଳୟକୁ ଆସୁଛନ୍ତି । ତେବେ ପ୍ରଶାସନର ନାକ ତଳେ ଥିବା ଏହି ଅପରିଷ୍କାର ପରିବେଶକୁ ନେଇ ନା କେହି ମୁହଁ ଖୋଲୁଛନ୍ତି, ନା ଏହାର ମରାମତି କରାଯାଉଛି । ତେବେ ଜିଲ୍ଲାର ମୁଖ୍ୟ ପ୍ରଶାସନିକ ଭବନର ସମ୍ମାନ ଓ ସୌନ୍ଦର୍ଯ୍ୟ ରକ୍ଷା କରିବା ପାଇଁ ଏହି ଭଙ୍ଗା ଶିବିରକୁ ଯଥାଶୀଘ୍ର ସଜାଡ଼ିବା କିମ୍ବା ହଟାଇବା ପାଇଁ ସାଧାରଣରେ ଦାବି ହେଉଛି ।



# ସହରରେ କାୟା ମେଲାଉଛି ଆଫଗାନୀ 'ଧଳାଜହର'

କଟକ,୨୮ ।୫(ସମିସ):

**ଅବକାରୀ ବିଭାଗର ମାରାଥନ ଚଢ଼ଉ**

**ଆଫଗାନିସ୍ତାନରୁ ବାଂଲାଦେଶ ଦେଇ ଓଡ଼ିଶା ଆସୁଛି ମାରାତ୍ମକ ନିଶା**

**ଜଳେଶ୍ୱର ଓ ଭଦ୍ରକରୁ କଟକକୁ ଚାଲାଣ**

**ତୁଳସୀପୁର ଓ ମର୍କତନଗର, ମାଛୁଆବଜାର ଓ ନରାଜ ପାଲଟିଛି ପେଣ୍ଠସ୍ଥଳ**



ସଂସ୍କୃତି ସମ୍ପନ୍ନ କଟକ ସହରରେ ଦିନକୁ ଦିନ ମାରାତ୍ମକ ଧଳା ଜହର ବା ବ୍ରାଉନସୁଗରର ବେଆଇନ କାରବାର ବ୍ୟାପକ ଭାବେ ବୃଦ୍ଧି ପାଇବାରେ ଲାଗିଛି, ଯାହା ସ୍ଥାନୀୟ ପ୍ରଶାସନ ଓ ଅଭିଭାବକ ମହଲ ପାଇଁ ଚିନ୍ତାର କାରଣ ସଜାଇଛି। କମିଶନରେଟ୍ ପୁଲିସର ସ୍ପେଶାଲ୍ ସ୍କ୍ୱାଡ୍ ପକ୍ଷରୁ ମିଳିଥିବା ଚାଞ୍ଚଲ୍ୟକର ସୂଚନା ଅନୁଯାୟୀ, ଏହି ଆନ୍ତର୍ଜାତୀୟ ନିଶା କାରବାରର ଚେର ସୁଦୂର ଆଫଗାନିସ୍ତାନ ପର୍ଯ୍ୟନ୍ତ ଲମ୍ବିଛି। ଆଫଗାନିସ୍ତାନରୁ ଆସୁଥିବା ଏହି ଉଚ୍ଚ ମାନର ବ୍ରାଉନସୁଗର ପ୍ରଥମେ ବାଂଲାଦେଶର ସୁନ୍ଦରବନ ଅଞ୍ଚଳରେ ପହଞ୍ଚୁଛି ଏବଂ ସେଠାରୁ ଆନ୍ତଃରାଜ୍ୟ ନିଶା ମାଫିଆମାନଙ୍କ ଜରିଆରେ ଓଡ଼ିଶାର ଜଳେଶ୍ୱର, ଭଦ୍ରକ ଓ ଗଞ୍ଜାମର ନିଶା ବେପାରୀଙ୍କ ନିକଟକୁ ଚାଲାଣ କରାଯାଉଛି। ଏହି ସ୍ଥାନଗୁଡ଼ିକରୁ ସିଧାସଳଖ ଭାବେ ବ୍ରାଉନସୁଗର କଟକ ସହର ମଧ୍ୟକୁ ପ୍ରବେଶ କରୁଛି। ରୌପ୍ୟ ସହରରେ ଏହାର ବଡ଼ ଧରଣର ଖୁଚୁରା ବ୍ୟବସାୟ ହେବା ସହିତ ଏଠାରୁ ଉପକୂଳବର୍ତ୍ତୀ ଜିଲ୍ଲା ଯଥା ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର ଓ ପୁରୀ ଭଳି ଆଖପାଖ ଅଞ୍ଚଳକୁ ବ୍ୟାପକ ଭାବେ ସପ୍ଲାଏ କରାଯାଉଛି। ବର୍ତ୍ତମାନ ସହରର ଗଳିକନ୍ଦିରେ ଏହି ମାରାତ୍ମକ ନିଶା ସହଜରେ ଉପଲବ୍ଧ ହେଉଥିବା ବେଳେ ଏହାର କବଳରେ ପଡ଼ି ଯୁବବର୍ଗ ପଥଭ୍ରଷ୍ଟ ହେଉଛନ୍ତି ଏବଂ ବିଭିନ୍ନ ସଙ୍ଗୀନ ଅପରାଧ ଘଟାଇବାକୁ ପଛାଉନାହାନ୍ତି।

ପୁଲିସର ତଥ୍ୟ ମୁତାବକ, ସହରର ମାଛୁଆବଜାର, କିଲାପଡ଼ିଆ, ନରାଜ ଓ ଜଗତପୁର ଅଞ୍ଚଳ ବର୍ତ୍ତମାନ ବ୍ରାଉନସୁଗର କାରବାରର ମୁଖ୍ୟ ପେଣ୍ଠସ୍ଥଳୀ ପାଲଟିଛି। ଏପରିକି ଚତୁର ଖୁଚୁରା ବ୍ୟବସାୟୀମାନେ ବ୍ରାଉନସୁଗରକୁ ସିଗାରେଟ୍ ଭିତରେ ଭର୍ତ୍ତି କରି ଅତି ସହଜରେ ସ୍ଥାନୀୟ ପାନ ଦୋକାନଗୁଡ଼ିକ ମାଧ୍ୟମରେ କଲେଜ ପଢୁଆ ଛାତ୍ର ଓ ଯୁବଗୋଷ୍ଠୀଙ୍କୁ ବିକ୍ରୟ କରୁଛନ୍ତି। ହାତ ପାଆନ୍ତାରେ ଏଭଳି ମାରାତ୍ମକ ନିଶା ସାମଗ୍ରୀ ମିଳୁଥିବାରୁ ସହରର ଆଇନଶୃଙ୍ଖଳା ପ୍ରତି ମଧ୍ୟ ବିପଦ ସୃଷ୍ଟି ହେଉଛି। ଏହି ସାଙ୍ଘାତିକ ସ୍ଥିତିକୁ ଦୃଷ୍ଟିରେ ରଖି ଅବକାରୀ ବିଭାଗ ପକ୍ଷରୁ ଗତକାଲି ସହରର ବିଭିନ୍ନ ସ୍ଥାନରେ ଏକ ବଡ଼ ଧରଣର ମାରାଥନ ଚଢ଼ଉ କରାଯାଇ ୩ ଜଣ ଦୁର୍ଦ୍ଦାନ୍ତ ନିଶା ବେପାରୀଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ମର୍କତନଗର ସେକ୍ଟର-୬ ଅଞ୍ଚଳର ପୂର୍ଣ୍ଣଚନ୍ଦ୍ର ଦାସ, କେଶରପୁରର ସୌଭାଗ୍ୟରଞ୍ଜନ ପରିଡ଼ା ଏବଂ ତୁଳସୀପୁର ଅଞ୍ଚଳର ମଣ୍ଟୋଷ ନାୟକ। ଏମାନଙ୍କ ନିକଟରୁ ସର୍ବମୋଟ ୪୬୪ ଗ୍ରାମ ଓଜନର ବ୍ରାଉନସୁଗର ଜବତ କରାଯାଇଛି, ଯାହାର ଅନ୍ତର୍ଜାତୀୟ ବଜାର ମୂଲ୍ୟ ପ୍ରାୟ ୪୫ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଏହି ସଫଳ ଚଢ଼ଉର ସମ୍ପୂର୍ଣ୍ଣ ବିବରଣୀ ଦେଇ ଅବକାରୀ ବିଭାଗ ସୂଚନା ଦେଇଛି ଯେ, ସହରରେ ନିଶା ମାଫିଆ ପୁଣି ସକ୍ରିୟ ହୋଇଥିବା ନେଇ ଗୁଇନ୍ଦା ସୂଚନା ମିଳିବା ପରେ ଅବକାରୀ ବିଭାଗର ଏକାଧିକ ବିଶେଷ ଟିମ୍ ଏମାନଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଥିଲେ। ପଚରାଉଚରା ସମୟରେ ଜଣାପଡ଼ିଛି ଯେ ଏହି ଅଭିଯୁକ୍ତମାନେ ଦୀର୍ଘ ଦିନ ଧରି ଜଳେଶ୍ୱରରୁ ନିଶାଦ୍ରବ୍ୟ ଆଣି କଟକ ସହରରେ ସାମ୍ରାଜ୍ୟ ବିସ୍ତାର କରିଥିଲେ ଏବଂ ପୂର୍ବରୁ ମଧ୍ୟ ଏମାନଙ୍କ ନାମରେ ବିଭିନ୍ନ ଥାନାରେ ଅନେକ ନିଶା କାରବାର ମାମଲା ରହିଛି। ଗିରଫ ପରେ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଛି। ସହରର ଭୁଆସୁଣି ପଠା ଏବଂ ଆଗାମୀ ବାଲିଯାତ୍ରା ତଳପଡ଼ିଆକୁ ନିଶାମୁକ୍ତ ରଖିବା ପାଇଁ ପୁଲିସ ଓ ଅବକାରୀ ବିଭାଗ ଆଗକୁ ମଧ୍ୟ ଏଭଳି କଠୋର ଆଭିଯାନ ଜାରି ରଖିବ ବୋଲି ସୂଚନା ଦେଇଛି।

**■ ତାଳଦଣ୍ଡା କେନାଲ ରାସ୍ତାରେ ପଙ୍କ କାଦୁଅ**

## ଧାର୍ଯ୍ୟ ସମୟ ପୂର୍ବରୁ ପଙ୍କୋଦ୍ଧାର ସରିବା ନେଇ ଅନିଶ୍ଚିତତା



କଟକ,୨୮ ।୫(ସମିସ): କଟକ ସହରର ଡ୍ରେନ ଗୁଡିକରୁ କେବଳ ମିନି ଏସ୍କାଭେଟର ମାଧ୍ୟମରେ ପଙ୍କୋଦ୍ଧାର କରାଯାଉଥିଲା ବେଳେ ଏ ପର୍ଯ୍ୟନ୍ତ ଗଳିକନ୍ଦିରେ ରହିଥିବା ଛୋଟ ମୋଟ କଚ୍ଚା ଡ୍ରେନ , ସରଫେସ ଡ୍ରେନ ଗୁଡିକରୁ ପଙ୍କ ଉଦ୍ଧାର ସମ୍ଭବ ହୋଇପାରି ନାହିଁ। ନିକଟରେ ଅଦିନିଆ ବର୍ଷାରେ କଟକ ସହରର ବିଭିନ୍ନ ଅଞ୍ଚଳରୁ ବର୍ଷା ପାଣି ନିଷ୍କାସନ ବିଳମ୍ବ ହୋଇଥିବାର ପରିଲକ୍ଷିତ ହୋଇଥିଲା। ସାଧାରଣତଃ ମେ ଶେଷ ସୁଦ୍ଧା ସବୁ ନାଳନର୍ଦ୍ଦମାରୁ ପଙ୍କୋଦ୍ଧାର ସରିବା କଥା ହେଲେ ଏଥର ଏହା ଶେଷ ହୋଇପାରି ନାହିଁ। ତାଳଦଣ୍ଡା କେନାଲ ପାର୍ଶ୍ୱ ମୁଖ୍ୟ ନର୍ଦ୍ଦମା ମଧ୍ୟ ଅଦ୍ୟାବଧି ସଫେଇ କରାଯାଇପାରି ନାହିଁ। ଏବେ ଏଠାରୁ ପଙ୍କ ଉଦ୍ଧାର କରାଯାଇ ତାଳଦଣ୍ଡା କେନାଲ ରାସ୍ତାରେ ପକାଯାଉଥିଲା ବେଳେ ୨୪ ଘଣ୍ଟା ଭିତରେ ଅପସାରଣ କରାଯାଉନାହିଁ। ଫଳରେ ପଡିଥିବା ପଙ୍କ କାଦୁଅ ଅଦିନିଆ ବର୍ଷା ପାଇଁ ରାସ୍ତାଘାଟରେ ଭାସୁଛି। ମେ ମାସ ୩୧ ସୁଦ୍ଧା ପଙ୍କ ଉଦ୍ଧାର ସାରିବା ପାଇଁ ଲକ୍ଷ୍ୟ ରହିଥିବାର ଜଣାପଡିଛି। ଏହି ସମୟ ସୀମାରେ ସରିବା ନେଇ ଅନିଶ୍ଚିତତା ଦେଖାଦେଇଛି।

## ତାଳଚୁଆ ସାମୁଦ୍ରିକ ଥାନାରେ ମାଆ ଓ ପୁଅଙ୍କୁ ନିର୍ମମ ମାଡ଼ ଘଟଣାରେ କାର୍ଯ୍ୟାନୁଷ୍ଠାନ ଦାବି

କଟକ,୨୮ ।୫(ସମିସ): ତାଳଚୁଆ ସାମୁଦ୍ରିକ ଥାନାରେ ପୁଲିସର ବର୍ବରକାଣ୍ଡକୁ ସିପିଡିଆରଏସ ପକ୍ଷରୁ ଦୃଢ ନିନ୍ଦା କରଯାଇଛି। ପୁଲିସ କର୍ମଚାରୀମାନେ ଥାନା ଭିତରେ ମା ଓ ପୁଅକୁ ପ୍ରବଳ ଶାରୀରିକ ନିର୍ଯାତନା ଦେଇଛନ୍ତି ଯାହା ଫଳରେ ଉଭୟ ଗୁରୁତର ଭାବେ ଆହତ ହୋଇଥିଲେ। ପୁଲିସର ଏହି ଧରଣର ଆଚରଣ ଆଇନ, ମାନବାଧିକାର ଏବଂ ସାଧାରଣ ମାନବିକତାର ନଗ୍ନ ଉଲ୍ଲଙ୍ଘନ ହୋଇଥିବାରୁ ଏହି ଘଟଣାରେ ଦୋଷୀଙ୍କୁ ଉପଯୁକ୍ତ ଦଣ୍ଡ ଦେବା ପାଇଁ ସରକାର ଏବଂ ଉଚ୍ଚ ପୁଲିସ କର୍ତ୍ତୃପକ୍ଷଙ୍କ ନିକଟରେ ଦୃଢ ଦାବି କରାଯାଇଛି। ସାମିଲ ଥିବା ସମସ୍ତ ପୁଲିସ କର୍ମଚାରୀ ମାନଙ୍କୁ ତୁରନ୍ତ ଚାକିରିରୁ ନିଲମ୍ବନ ସହ ସେମାନଙ୍କ ବିରୋଧରେ ଅପରାଧିକ ମାମଲା ରୁଜୁ କରି ଗିରଫ ଦାବି କରାଯାଇଛି। ଆହତ ମାଆ ଓ ପୁଅଙ୍କୁ ରାଜ୍ୟ ସରକାର ଉପଯୁକ୍ତ ଆର୍ଥିକ କ୍ଷତିପୂରଣ ପ୍ରଦାନ ପାଇଁ ସଂଗଠନ ପକ୍ଷରୁ ଦାବି କରାଯାଇଛି।

## ୯ ଲକ୍ଷର ବ୍ରାଉନସୁଗର ଜବତ: ଜଣେ ଗିରଫ

କଟକ,୨୮ ।୫(ସମିସ): କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ ଜଣେ ପେସାଦାର ନିଶା ବେପାରୀକୁ ଆଜି ଗିରଫ କରିଛି। ଅଭିଯୁକ୍ତ ହେଉଛି ତିଗିରିଆ ଥାନା ଅନ୍ତର୍ଗତ ପଞ୍ଚଗାଁର ରାଜୁ ନାୟକ(୩୩)। ରାଜୁ ନିଶାଦ୍ରବ୍ୟ ଧରି ମଧୁସୂଦନ ସେତୁ ଛକ ନିକଟରେ ଛିଡା ହୋଇଥିବା ବେଳେ ଅବକାରୀ ଟିମ ସେଠାରେ ଚଢଉ କରି ରାଜୁକୁ ଗିରଫ କରିଥିଲା। ତଲାସି ପରେ ତା' ପାଖରୁ ୯୮ ଗ୍ରାମ ଓଜନର ବ୍ରାଉନସୁଗର ଜବତ କରାଯାଇଥିଲା। ଯାହାର ମୂଲ୍ୟ ପ୍ରାୟ ୯ ଲକ୍ଷ ୮୦ ହଜାର ଟଙ୍କା ହେବ। କୋର୍ଟ ଚାଲାଣ ପରେ ତାକୁ ଜେଲ ପଠାଇ ଦିଆଯାଇଛି।

## ମହାନଗର ସେବକ ସମାଜ ପକ୍ଷରୁ ଜଳଛତ୍ର ଉଦ୍‌ଘାଟିତ



କଟକ,୨୮ ।୫(ସମିସ): ସହରରେ ଜାରି ରହିଥିବା ପ୍ରଚଣ୍ଡ ରୌଦ୍ରତାପ ଓ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି କଟକ ମହାନଗର ନିଗମ ୨୩ ନମ୍ବର ୱାର୍ଡ ଅନ୍ତର୍ଗତ ପୁରୀଘାଟ ଫାଣ୍ଡି ନିକଟସ୍ଥ କୁମ୍ଭାରସାହି ମେନ୍ ରୋଡ୍‌ରେ "ମହାନଗର ସେବକ ସମାଜ" ପକ୍ଷରୁ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଜନସାଧାରଣ ଓ ପଥିକମାନଙ୍କ ପାଇଁ ଏକ ଜଳଛତ୍ର ଖୋଲାଯାଇଛି। ଏଠାରେ ଲୋକମାନଙ୍କୁ ଥଣ୍ଡା ପାନୀୟ ଜଳ ଓ ମୃଦୁପାନୀୟ ବଣ୍ଟନ କରାଯାଉଛି। ଲବ୍ଧପ୍ରତିଷ୍ଠିତ ଡାକ୍ତର ତଥା ରୋଟାରିଆନ୍ ପ୍ରଭାତ ମିଶ୍ର ଏହି ଜଳଛତ୍ରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିବା ବେଳେ କଂଗ୍ରେସ ମୁଖପାତ୍ର ମାନସ ପରିଡ଼ା, ପୂର୍ବତନ କର୍ପୋରେଟର ପ୍ରଶାନ୍ତ ଭୋଇ ଓ ନିର୍ମଳ ସ୍ୱାଇଁ ଅତିଥି ଭାବେ ଏଭଳି ଜନହିତକର କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରିଛନ୍ତି। ଅନୁଷ୍ଠାନର ସମ୍ପାଦକ ତଥା ପୂର୍ବତନ କର୍ପୋରେଟର ହିମାଂଶୁ ରାଉତଙ୍କ ସୂଚନା ଅନୁଯାୟୀ, ଗ୍ରୀଷ୍ମପ୍ରବାହ ଶେଷ ହେବା ପର୍ଯ୍ୟନ୍ତ ଏହି ଜଳଛତ୍ର କାର୍ଯ୍ୟକ୍ରମ ନିରନ୍ତର ଚାଲୁ ରହିବ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଅନୁଷ୍ଠାନର ଉପଦେଷ୍ଟା ରାଜ ବଲ୍ଲଭ ମହାନ୍ତି, ସଭାପତି ବିଭୂତି ଭୂଷଣ ରାଉତ, ବରିଷ୍ଠ ସଭ୍ୟ ପ୍ରିୟଙ୍କା ବାନାର୍ଜୀ, ବ୍ଲକ୍ କଂଗ୍ରେସ ସଭାପତି ଦିବ୍ୟ ରଞ୍ଜନ ପ୍ରଧାନଙ୍କ ସମେତ ମହମ୍ମଦ କମରୁଦ୍ଦିନ, ରହେମାନ ଖାନ, ଜାକବ ମହାରଣା ଓ ମନୋଜ ସାହୁଙ୍କ ଭଳି ଅନେକ ସଦସ୍ୟ ସକ୍ରିୟ ସହଯୋଗ କରିଥିଲେ।

## କଟକ ସଦରରେ କଂଗ୍ରେସର କୋର୍ଡିନେସନ କମିଟି ଗଠନ

କଟକ,୨୮ ।୫(ସମିସ): କଟକ ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଟକ ନଗର ସଂଗଠନର ୬ଟି ୱାର୍ଡକୁ ନେଇ ନଗର କଂଗ୍ରେସ ପକ୍ଷରୁ ଏକ ସମନ୍ୱୟ ବା କୋର୍ଡିନେସନ କମିଟି ଗଠନ କରାଯାଇଛି। ନଗର କଂଗ୍ରେସ ସଭାପତି ଶାନ୍ତାୟନ ମିଶ୍ରଙ୍କ ଦ୍ୱାରା ଗଠିତ ଏହି କମିଟିରେ ବରିଷ୍ଠତା ଓ ଦକ୍ଷତା ଆଧାରରେ ୪ ଜଣ ମୁଖ୍ୟ ସଂଯୋଜକ ଏବଂ ୧୫ ଜଣ ସଦସ୍ୟଙ୍କୁ ସାମିଲ କରାଯାଇଛି। ନିର୍ମଳ ସ୍ୱାଇଁ, ରାଜେଶ୍ ସ୍ୱାଇଁ, ପ୍ରୀୟଜିତ ରାୟ ଓ ସୌମେନ୍ଦ୍ର ପରିଡ଼ାଙ୍କୁ ମୁଖ୍ୟ ସଂଯୋଜକ ଦାୟିତ୍ୱ ଦିଆଯାଇଥିବା ବେଳେ ରଜନୀକାନ୍ତ ବସ୍ତିଆ, ରାଜଶିଖନ୍ ସ୍ୱାଇଁ, ଶରତ ଜେନା ଓ ତନ୍ମୟ ପରିଜାଙ୍କ ସମେତ ଅନ୍ୟମାନେ ଏହାର ସଦସ୍ୟ ରହିଛନ୍ତି। ଏହି ସ୍ୱତନ୍ତ୍ର କମିଟି ସମ୍ପୃକ୍ତ ୬ଟି ୱାର୍ଡ ଗସ୍ତ କରି କଂଗ୍ରେସ କର୍ମୀମାନଙ୍କୁ ଏକଜୁଟ କରିବା ସହ ୱାର୍ଡସ୍ତରୀୟ ବୈଠକମାନ ଆୟୋଜନ କରିବେ। ଏଥିସହିତ ନୂତନ ୱାର୍ଡ ଓ ବ୍ଲକ୍ କମିଟି ଗଠନ ନେଇ ଏହି କମିଟି ସୁପାରିସ କରିବ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର କଂଗ୍ରେସ ଲୋକପ୍ରତିନିଧି ଏବଂ ପିସିସି କର୍ମକର୍ତ୍ତାମାନେ ମଧ୍ୟ ସଦସ୍ୟ ଭାବେ ସହଯୋଗ କରିବେ ବୋଲି ନଗର କଂଗ୍ରେସ ପକ୍ଷରୁ ପ୍ରକାଶିତ ଏକ ବିବୃତିରେ ସୂଚନା ଦିଆଯାଇଛି।

## କଟକ ବାରବାଟୀ ବରିଷ୍ଠ ନାଗରିକ ସଂଘର ସଭା



କଟକ,୨୮ ।୫(ସମିସ): କଟକ ବାରବାଟୀ ବରିଷ୍ଠ ନାଗରିକ ସଂଘର ଏକ ସଭା ସଭାପତି ତୁଷାରକାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ପ୍ରଫେସର ନିରଞ୍ଜନ ତ୍ରିପାଠୀ ମୁଖ୍ୟ ଅତିଥି, କଟକ ମହାନଗର ନାଗରିକ ମହାସଭାର ସଭାପତି ଡାକ୍ତର ରବି ରଞ୍ଜନ ସାହୁ ସମ୍ମାନିତ ଅତିଥି ଏବଂ ପୁରୀଘାଟ ଥାନାର କାର୍ଯ୍ୟକାରୀ ଭାରପ୍ରାପ୍ତ ଅଧିକାରୀ ସୌମ୍ୟାଶ୍ରୀ ନାୟକ ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସଭାରେ ଅତିଥି ଓ ବକ୍ତାମାନେ ଏକ ଶହ ବର୍ଷ ବଞ୍ଚିବାର ରହସ୍ୟ ସହିତ ବରିଷ୍ଠ ନାଗରିକଙ୍କ କର୍ତ୍ତବ୍ୟ, ଶୃଙ୍ଖଳା ଓ ଅଧିକାର ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ଆଲୋକପାତ କରିଥିଲେ। ସଂଘଟି ଏହା ମଧ୍ୟରେ ସରକାରୀ ଭାବେ ରେଜିଷ୍ଟ୍ରିଭୁକ୍ତ ହୋଇଥିବାରୁ ସଭାରେ ଆନନ୍ଦ ପ୍ରକାଶ ପାଇଥିଲା। ଏହି ଅବସରରେ ବିଜୟ କୁମାର ପଢ଼ିହାରୀଙ୍କ ଦ୍ୱାରା ଲିଖିତ "ମୁଁ କିଏ" ପତ୍ରିକା ପ୍ରକାଶନ କରିବା ପାଇଁ ଗୃହରେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା। ଏହି ଆଲୋଚନା ଚକ୍ରରେ ବରିଷ୍ଠ ଫଟୋ ସାମ୍ବାଦିକ ପଦ୍ମଲୋଚନ ମିଶ୍ର, ବିଜୟ ମହାପାତ୍ର, ହରେକୃଷ୍ଣ ସାହୁ, ଅଜୟ ପାତ୍ର, ଲୋକନାଥ ରାଉତ, ଅଶୋକ ସେନାପତି ଏବଂ ବିଷ୍ଣୁମୋହନ ଦାସ ସାମନ୍ତଙ୍କ ସମେତ ସଂଘର ବହୁ ସଦସ୍ୟ ସକ୍ରିୟ ଭାବେ ଅଂଶଗ୍ରହଣ କରି ନିଜ ନିଜର ମତାମତ ରଖିଥିଲେ। ଫଗୁମଣି ରାଉତ ଉପସ୍ଥିତ ସମସ୍ତ ଅତିଥି ଓ ସଦସ୍ୟମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ୧୦ ଦିନରେ ୪ ଥର ବଢ଼ିଲାଣି ପେଟ୍ରୋଲ, ଡିଜେଲ ଦର

କଟକ,୨୮ ।୫(ସମିସ): ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲର ଦର କମି ଚାଲିଥିଲା ବେଳେ କେନ୍ଦ୍ର ବିଜେପି ସରକାର ଗତ ୧୦ ଦିନ ମଧ୍ୟରେ ୪ ଥର ପେଟ୍ରୋଲ, ଡିଜେଲ ଓ ସିଏନଜିର ଦର ବୃଦ୍ଧି କରିଛନ୍ତି। ଋଷ ଓ ଇରାନ ଭାରତୀୟ ଟଙ୍କା ବିନିମୟରେ

**ପ୍ରତିବାଦରେ ଏସ୍‌ୟୁସିଆଇ ପକ୍ଷରୁ ବିକ୍ଷୋଭ**




କମ୍ ଦରରେ ଆବଶ୍ୟକ ପରିମାଣର ଅଶୋଧିତ ତେଲ ଭାରତକୁ ଯୋଗାଇବ ବୋଲି ଘୋଷଣା କରିବା ସତ୍ତ୍ୱେ କେନ୍ଦ୍ର ବିଜେପି ସରକାର ଚଢ଼ା ଦରରେ ଆମେରିକା ଠାରୁ ଅଶୋଧିତ ତେଲ କିଣୁଛନ୍ତି। ରାଜ୍ୟ ସରକାର ମଧ୍ୟ ଭାଟ ହ୍ରାସକରି ସାଧାରଣ ଗ୍ରାହକଙ୍କୁ ମୂଲ୍ୟ ବୃଦ୍ଧିରୁ ରିହାତି ଦେଉନାହାନ୍ତି। ପେଟ୍ରୋଲ ଓ ଡିଜେଲ ଦର ବଢ଼ିବା ଫଳରେ ଖାଦ୍ୟ ସାମଗ୍ରୀ ସମେତ ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦରବୃଦ୍ଧି ଘଟିଛି ବୋଲି ଏସୟୁସିଆଇ ପକ୍ଷରୁ ଅଭିଯୋଗ କରାଯାଇଛି। ଆଜି ଏହାର ପ୍ରତିବାଦରେ ଏସୟୁସିଆଇ (କମ୍ୟୁନିଷ୍ଟ) ଜିଲ୍ଲା କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲ୍ଲା ସମ୍ପାଦକ ବିଶ୍ୱାବସୁ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭରେ ଖଗେଶ୍ୱର ସେଠୀ, ରାଜକିଶୋର ମଲ୍ଲିକ, ବବି ବଳବନ୍ତରାୟ, ବସନ୍ତ ନାୟକ, ଦୀପକ ଦାସ, ସୌଭାଗ୍ୟ ସାମଲ, ଇଶା ଧର, ଶିବାନୀ ସାହୁ, ପାଭେଲ ପ୍ରିୟଦର୍ଶନ, ଭାଗ୍ୟଶ୍ରୀ ପ୍ରଧାନ, ଜ୍ୟୋସ୍ନା ଦାସ, ସ୍ୱାଧିନୀ ବେହେରା, ଅକ୍ଷୟ ରାଉଳ, ପ୍ରତାପ ମିଶ୍ର, ଝରଣା ଦାସ, ପ୍ରମୁଖ ନେତୃତ୍ୱ ନେଇଥିଲେ।



# ଭାଇଚାରାର ସହରରେ ପବିତ୍ର 'ଇଦ୍-ଉଲ୍-ଜୁହା'

କଟକ,୨୮ ।୫(ସମିସ):





ସଂସ୍କୃତି ଓ ଭାଇଚାରାର ସହର କଟକରେ ଆଜି ଇସଲାମ ଧର୍ମାବଲମ୍ବୀଙ୍କ ପବିତ୍ର ତ୍ୟାଗ, ଉତ୍ସର୍ଗ ତଥା ବଳିଦାନର ପର୍ବ "ଇଦ୍-ଉଲ୍-ଜୁହା' ବା ବକ୍ରି ଇଦ୍ ବେଶ୍ ଆନନ୍ଦ ଉଲ୍ଲାସ ଓ ଶାନ୍ତିଶୃଙ୍ଖଳାର ସହ ପାଳିତ ହୋଇଯାଇଛି। ଆଲ୍ଲାଙ୍କ ନବି ହଜରତ୍ ଇବ୍ରାହିମ୍ ଏବଂ ତାଙ୍କର ଏକମାତ୍ର ପୁତ୍ର ହଜରତ୍ ଇସମାଇଲଙ୍କ ଆଲ୍ଲାଙ୍କ ମାର୍ଗରେ ଅସୀମ ତ୍ୟାଗକୁ ମନେ ପକାଇ ଏହି ପର୍ବ ପାଳନ କରାଯାଇଥାଏ।

**ସାମୂହିକ ନମାଜ ପାଠ, ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି**

ଏହି ଅବସରରେ କଟକ ସହରର ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ମସଜିଦ୍ ଓ ଇଦ୍‌ଗା ପଡ଼ିଆରେ ମୁସଲିମ୍ ଶ୍ରଦ୍ଧାଳୁମାନେ ସାମୂହିକ ନମାଜ ପାଠ କରି ସମସ୍ତଙ୍କ ମଙ୍ଗଳ କାମନା କରିବା ସହ ପରସ୍ପରକୁ ଆଲିଙ୍ଗନ କରି ଇଦ୍‌ର ଶୁଭେଚ୍ଛା ଜଣାଇଥିଲେ। ସକାଳ ୬ଟା ୩୦ ମିନିଟ୍‌ରେ ପ୍ରଥମେ ଦରଘା ବଜାର ଛୋଟି ମସଜିଦ୍‌ରେ ସମୂହ ନମାଜ ପାଠ ଆରମ୍ଭ ହୋଇଥିବା ବେଳେ ଐତିହାସିକ ପୀଠ କଦମ୍-ଏ-ରସୁଲ, ସାହି ଜାମା ମସଜିଦ୍, ତାତର ଖାନ ସାହି ମସଜିଦ୍ ଏବଂ ଶେଷରେ ପୂର୍ବାହ୍ନ ୧୦ଟାରେ ଇଦ୍‌ଗା ପଡ଼ିଆ ଠାରେ ମୁଖ୍ୟ ନମାଜ ପାଠ ସମ୍ପନ୍ନ ହୋଇଥିଲା। ନମାଜ ପାଠ ପରେ ଶ୍ରଦ୍ଧାଳୁମାନେ କବରସ୍ଥାନ ଯାଇ ନିଜ ପୂର୍ବପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏଥିସହ ନିଜ ସାଧ୍ୟମତେ ଗରିବ ଗୁରୁବାଙ୍କୁ ଦାନ ଦକ୍ଷିଣା ଦେବା ଏବଂ ଧନାଢ଼୍ୟ ବ୍ୟକ୍ତିମାନଙ୍କ ପକ୍ଷରୁ କୁର୍ବାନୀ ସମ୍ପନ୍ନ କରାଯାଇଥିଲା। କଟକର ପାରମ୍ପରିକ ହିନ୍ଦୁ-ମୁସଲିମ୍ ଏକତାକୁ ବଜାୟ ରଖି ଚଳିତ ବର୍ଷ ମଧ୍ୟ ଐତିହାସିକ ଜାମା ମସଜିଦ ସମ୍ମୁଖରେ ନମାଜ ପାଠ ସାରି ଫେରୁଥିବା ମୁସଲମାନ ଭାଇମାନଙ୍କୁ ହିନ୍ଦୁ ଭାଇମାନେ ସର୍ବତ ପରିବେଷଣ କରି ସାମ୍ପ୍ରଦାୟିକ ସଦ୍ଭାବନାର ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଥିଲେ। ପର୍ବ ଅବସରରେ କଦମ୍-ଏ-ରସୁଲ ଠାରେ ବାରବାଟୀ-କଟକର ପୂର୍ବତନ ବିଧାୟକ ଙ୍ଗ ମହମ୍ମଦ ମୋକିମ୍, ରାଜ୍ୟ ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ମହମ୍ମଦ ସକିଲ, ଓଡ଼ିଶା ୱାକଫ୍ ବୋର୍ଡର ପୂର୍ବତନ ଚେୟାରମ୍ୟାନ ସୈୟଦ୍ ଏକ୍ରାମ ହୁସେନ, ଅଞ୍ଜୁମନ ଇସଲାମୀଆ ଅହେଲ୍ଲେ ସୁନ୍ନତ୍ ଓ ଜମାତ ଓଡ଼ିଶାର ସଭାପତି ହାଜି ଅବ୍ଦୁଲ୍ ଆହାଦ୍‌ଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ପରସ୍ପରକୁ "ଇଦ୍ ମୁବାରକ' ଜଣାଇଥିଲେ। ସେହିପରି ଇଦ୍‌ଗା ପଡ଼ିଆଠାରେ କଦମ୍-ଏ-ରସୁଲ ପରିଚାଳନା କମିଟି ସଭାପତି ରମଜାନ ଖାନ, ଇଦ୍‌ଗା ପରିଚାଳନା କମିଟି ସଭାପତି ମୋକିମ୍ ଖାନ୍ ଓ ସେଖ ରିୟାଜ ଉଲ୍ଲା ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଳୁମାନଙ୍କୁ ସ୍ୱାଗତ କରିଥିଲେ। କଦମ-ଏ-ରସୁଲର ଇମାମ ସୈୟଦ ସଦ୍ରୁଦ୍ଦିନ ଧାର୍ମିକ ରୀତିନୀତି ଅନୁଯାୟୀ ନମାଜ ପାଠକୁ ସମ୍ପନ୍ନ କରିଥିଲେ। ବାହାର ରାଜ୍ୟରୁ ଆସି କଟକରେ ପାଠ ପଢୁଥିବା ଓ ଚାକିରି କରୁଥିବା ଯୁବକମାନେ ମଧ୍ୟ ପ୍ରଥମ ଥର ପାଇଁ କଟକରେ ନମାଜ ପାଠ କରି ସହରର ଏହି ଭାଇଚାରାର ପରିବେଶକୁ ଭୂୟସୀ ପ୍ରଶଂସା କରିଥିଲେ। ଘରେ ଘରେ ସୁସ୍ୱାଦୁ ମିଷ୍ଟାନ୍ନ, ଲଚ୍ଛା ଓ ବିରିୟାନୀ ପ୍ରସ୍ତୁତ କରାଯାଇ ପରିବାର ଓ ବନ୍ଧୁଜନଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା। ପବିତ୍ର ଇଦ୍ ପର୍ବକୁ ଦୃଷ୍ଟିରେ ରଖି କଟକ କମିଶନରେଟ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। କଟକ ଡିସିପି ଋଷିକେଶ ଦ୍ୟାନଦେଓ ଖିଲାରିଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ପୁଲିସ ଅଧିକାରୀମାନେ ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳ ଗସ୍ତ କରି ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଥିଲେ ଏବଂ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ମୋବାଇଲ୍ ପିସିଆର୍ ଗାଡ଼ି ସାହି ବସ୍ତିରେ ପାଟ୍ରୋଲିଂ କରୁଥିବା ଦେଖିବାକୁ ମିଳିଥିଲା।

# ପୂଜା ପ୍ରିୟଦର୍ଶିନୀ ଶିକ୍ଷା ବିଭାଗରେ ଟପର



ଆନନ୍ଦପୁର, ୨୮।୫ (ସମିସ): ଧରଣୀଧର ବିଶ୍ୱବିଦ୍ୟାଳୟସ୍ନାତକୋତ୍ତର ଶିକ୍ଷା ବିଭାଗରେ ସର୍ବାଧିକ ନମ୍ବର (୯୦ ପ୍ରତିଶତ) ରଖି ପୂଜା ପ୍ରିୟଦର୍ଶିନୀ ବିହାରୀ ଟପର ହୋଇଛନ୍ତି। ପୂଜା ପଢ଼ାଶୁଣାରେ ଅତ୍ୟନ୍ତ ମେଧାବୀ ଓ ପରିଶ୍ରମୀ। ନିଜର ଅଦମ୍ୟ ଇଚ୍ଛାଶକ୍ତି, ନିୟମିତ ଅଧ୍ୟୟନ ଓ ଶିକ୍ଷା ପ୍ରତି ଗଭୀର ଆଗ୍ରହ ଦ୍ୱାରା ସେ ଏହି ସଫଳତା ପାଇଛନ୍ତି। କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ ଦରଡ଼ିପାଳ ପଞ୍ଚାୟତ ମଙ୍ଗଳପୁର ଗାଁର ବଟକୃଷ୍ଣ ବିହାରୀ ଓ ଅଞ୍ଜଳି ବିହାରୀଙ୍କ ଝିଅ ହେଉଛନ୍ତି ପୂଜା। ଭବିଷ୍ୟତରେ ଅଧ୍ୟାପନା ବିଭାଗରେ ଚାକିରି କରିବାକୁ ଲକ୍ଷ୍ୟ ରଖିଥିବା ପୂଜା କହିଛନ୍ତି। ଝିଅର ଏହି ସଫଳତାର ବାପା ଓ ମାଆ ବେଶ୍ ଖୁସିଥିବା କହିଛନ୍ତି। ଶିକ୍ଷକ, ବାପା, ମାଆ, ଭାଇ ଓ ପରିବାର ଲୋକଙ୍କୁ ପୂଜା ସଫଳତାର ଶ୍ରେୟ ଦେଇଛନ୍ତି। କଠିନ ପରିଶ୍ରମ କଲେ ସଫଳତା ନିଶ୍ଚୟ ମିଳିବ ବୋଲି ସେ କହିଛନ୍ତି। ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଯାଇଛି।

▶▶ ବୁଧବାର ବିପର୍ଯ୍ୟୟ

# ବଜ୍ରାଘାତ ଓ ସାପ କାମୁଡ଼ାରେ ଦୁଇ ମହିଳା ମୃତ

ବାଲିବନ୍ଧ, ୨୮।୫ (ସମିସ): ବୁଧବାର ଅପରାହ୍ନ ସମୟରେ କାଳବୈଶାଖୀ ଯୋଗୁଁ ଅନେକ କ୍ଷୟକ୍ଷତି ହୋଇଥିବା ବେଳେ ବଜ୍ରାଘାତରେ ଜଣେ ମହିଳାଙ୍କ ଏବଂ ସାପ କାମୁଡ଼ାରେ ଆଉ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ପ୍ରବଳ ପବନ, ବର୍ଷା ସାଙ୍ଗକୁ ବଜ୍ରପାତ ହୋଇଥିଲା। ଝୁମ୍ପୁରା ବ୍ଲକ ଖୁଣ୍ଟାପଡା ପଞ୍ଚାୟତର ମହାଦେବପୁର ଗ୍ରାମର ରାଜୁ ବେହେରାଙ୍କ ସ୍ତ୍ରୀ ପାର୍ବତୀ ବେହେରା (୪୧)ଙ୍କ ପିଠିରେ ଉପରେ ବଜ୍ରାଘାତ ହେବାରୁ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି। ଏନେଇ ଝୁମ୍ପୁରା ଥାନାରେ ଲିଖିତ ଅଭିଯୋଗ ହୋଇଛି। ପାର୍ବତୀ ଘର ନିକଟସ୍ଥ ଗଛ ତଳୁ ଆମ୍ବ ଗୋଟାଉଥିବା ବେଳେ ବଜ୍ରପାତ ହୋଇଥିଲା। ତାଙ୍କୁ ପରିବାର ଲୋକେ ଝୁମ୍ପୁରା ଡାକ୍ତରଖାନାକୁ ଆଣିଥିଲେ। ଅନ୍ୟ ଏକ ଘଟଣାରେ ଖୁଣ୍ଟପଡା ପଞ୍ଚାୟତର ବାରଖଣ୍ଡିଆ ନୂଆସାହିରେ ବୁଧବାର ବିଳମ୍ବିତ ରାତିରେ ଏକ ବିଷଧର ସାପ ଦଂଶନରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ହେଲେ ସେହି ଗ୍ରାମର ଲକ୍ଷ୍ମଣ ବେଣ୍ଟକାର ଙ୍କ ସ୍ତ୍ରୀ ବିନତୀ (୫୦)। ଏନେଇ ଝୁମ୍ପୁରା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଘର ଭିତରେ ବିନତୀ ବେଣ୍ଟକାର ଶୋଇଥିଲେ। ପାଖାପାଖି ରାତି ୧୦ଟା ୩୦ ସମୟରେ ବିନତୀଙ୍କ ଡାହାଣ ହାତରେ ସାପ କାମୁଡିବାରୁ ନିଦ ଖୋଲିଯାଇଥିଲା। ଘର ଅନ୍ଧାର ଥିବାରୁ ପାର୍ବତୀଙ୍କୁ ସାପ କାମୁଡି ଚାଲିଯାଇଥିଲା। କିଛି ସମୟ ପରେ ପାର୍ବତୀଙ୍କୁ ନିଦ ନିଦ ଲାଗିବା ସହ ଅଣନିଶ୍ୱାସୀ ଲାଗିଲା। ସ୍ୱାସ୍ଥ୍ୟବସ୍ଥା ଅଧିକ ଜଟିଳ ହେବାରୁ ଝୁମ୍ପୁରା ଡାକ୍ତରଖାନାକୁ ପାର୍ବତୀଙ୍କୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ ପାର୍ବତୀ। ତେବେ ଝୁମ୍ପୁରା ପୁଲିସ ପକ୍ଷରୁ ପୃଥକ ପୃଥକ ଭାବେ ଦୁଇଟି ଅପମୃତ୍ୟୁ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ ନିମନ୍ତେ ଚମ୍ପୁଆ ଡାକ୍ତରଖାନାକୁ ପଠାଇଥିବା ସୂଚନା ରହିଛି।

# ଦର ବୃଦ୍ଧି ବିରୋଧରେ ବିଜେଡିର ବିକ୍ଷୋଭ




ତେଲକୋଇ, ୨୮।୫(ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ବିଜେଡ଼ି ପକ୍ଷରୁ ପେଟ୍ରୋଲ, ଡିଜେଲ ଓ ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ଦର ବୃଦ୍ଧି ପ୍ରତିବାଦରେ ଆଜି ଇଣ୍ଡିଆନ ପେଟ୍ରୋଲ ପମ୍ପ ସମ୍ମୁଖରେ ବିକ୍ଷୋଭ ଓ ପ୍ରତିବାଦ କରାଯାଇଛି। ଏହି କାର୍ଯ୍ୟକ୍ରମ ପୂର୍ବତନ ବିଧାୟକ ତଥା ରାଜ୍ୟ ବିଜେଡ଼ି ସାଧାରଣ ସମ୍ପାଦକ ଧନୁର୍ଜୟ ସିଦ୍ଧୁଙ୍କ ନେତୃତ୍ୱରେ ତେଲକୋଇ ଜଗମୋହନପୁର ରାସ୍ତା ଇଣ୍ଡିଆନ ପେଟ୍ରୋଲ ପମ୍ପ ସମ୍ମୁଖରେ ଅନୁଷ୍ଠିତ ହୋଇଥିଲା। ବିଜୁ ଯୁବ, ଛାତ୍ର ଓ ମହିଳା ଜନତା ଦଳର କର୍ମୀ ଏକତ୍ରିତ ହୋଇ ଡବଲ ଇଞ୍ଜିନ ସରକାରକୁ ତୀବ୍ର ଭର୍ତ୍ସନା କରିଥିଲେ। ଦର ବୃଦ୍ଧି ଜନତାଙ୍କୁ ଅସହ୍ୟ ହେଉଥିବା ବେଳେ ଆଗାମୀ ପଞ୍ଚାୟତ ନିର୍ବାଚନରେ ଡବଲ ଇଞ୍ଜିନ ସରକାର ବିରୋଧରେ ଜନସାଧାରଣ ଜବାବ ଦେବେ ବୋଲି ଧନୁର୍ଜୟ ସିଦ୍ଧୁ କହିଥିଲେ। କାର୍ଯ୍ୟକ୍ରମରେ ବ୍ଲକ୍ ଅଧ୍ୟକ୍ଷ ବିକ୍ରମ ନାୟକ, ୨୦ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟ କେଦାରଚନ୍ଦ୍ର ପ୍ରଧାନ, ବ୍ଲକ୍ ବିଜେଡ଼ି ସଭାପତି ନାରଣ ନାୟକ, ଯୁବ ନେତା କୌନଜ ବିଶ୍ୱାଳ(ମେଣି), ପୂର୍ବତନ ପର୍ଯ୍ୟବେକ୍ଷକ ଗଣେଶ ମହାକୁଡ଼, ମହିଳା ସଭାନେତ୍ରୀ ପୁଷ୍ପାଞ୍ଜଳି ଆପଟ, ବରିଷ୍ଠ ବିଜେଡି ନେତା ଭଦ୍ରିସେନ ପ୍ରଧାନ, ଲକ୍ଷ୍ମୀଧର ପଟ୍ଟନାୟକ, ଅକ୍ଷୟ କୁମାର ସାହୁ ସମେତ ବହୁ ସଂଖ୍ୟାରେ ଦଳୀୟ କର୍ମୀ ସାମିଲ ହୋଇଥିଲେ।

## ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନା

# ଖତ ଖାଉଛି ଡିଏମ୍ଏଫ୍ ଆମ୍ବୁଲାନ୍ସ

ଆନନ୍ଦପୁର, ୨୮।୫(ସମିସ)

ଜିଲ୍ଲା ଖଣିଜ ପାଣ୍ଠି(ଡିଏମ୍ଏଫ୍) ପକ୍ଷରୁ ଆନନ୍ଦପୁର ଉପଖଣ୍ଡକୁ ଯୋଗାଇ ଦିଆଯାଇଥିବା ଆମ୍ବୁଲାନ୍ସ ଖତ ଖାଉଛି। ନିଯୁକ୍ତି ପାଇଥିବା ଡ୍ରାଇଭର ଉପଖଣ୍ଡ ଡାକ୍ତରଖାନାରେ ଆଟେଣ୍ଡାଣ୍ଟ ଭାବେ କାର୍ଯ୍ୟ କରୁଛନ୍ତି। ଶବ ବୋହିବା ପାଇଁ ଦିଆଯାଇଥିବା ଆମ୍ବୁଲାନ୍ସ ସୁବିଧା ନପାଇ ସାଧାରଣ ଲୋକେ ଦହଗଞ୍ଜ ହେଉଥିବା ପରିଲକ୍ଷିତ ହୋଇଛି। ଗତ ଏକବର୍ଷ ହେଲା ଏହି ଆମ୍ବୁଲାନ୍ସ ପଡ଼ି ନଷ୍ଟ ହୋଇଯାଉଥିବା ଚିନ୍ତାର କାରଣ ହୋଇଛି।

ସୂଚନାଯୋଗ୍ୟ, ଡିଏମ୍ଏଫ୍ ପକ୍ଷରୁ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାକୁ ଶବ ନେବା ପାଇଁ ଏକ ଆମ୍ବୁଲାନ୍ସ ପ୍ରଦାନ କରାଯାଇଥିଲା। କେନ୍ଦୁଝର ଜିଲ୍ଲା ମଧ୍ୟରେ ଏହି ଆମ୍ବୁଲାନ୍ସରେ ସମ୍ପୂର୍ଣ୍ଣ ମାଗଣାରେ ଶବ ନେବାର ବ୍ୟବସ୍ଥା ରହିଛି। ତେବେ ଡ୍ରାଇଭର ସମସ୍ୟା ଯୋଗୁଁ ଗାଡ଼ିଟି ଗତ ଏକ ବର୍ଷ ହେଲା ଗୋଟିଏ ସ୍ଥାନରେ ପଡ଼ିରହି ଖତ ଖାଉଥିବା ପରିଲକ୍ଷିତ ହୋଇଛି। ଏପଟେ ଡାକ୍ତରଖାନାରେ କେହି ମୃତ୍ୟୁବରଣ କଲେ ନେବାପାଇଁ ପରିବାର ଲୋକ ହଇରାଣ ହରକତ୍ ହେଉଛନ୍ତି। ଆମ୍ବୁଲାନ୍ସ ଚଳାଇବା ପାଇଁ ପୂର୍ବରୁ ଡ୍ରାଇଭର ଭାବେ କାହ୍ନୁଚରଣ ଜେନା ନିୟୋଜିତ ଥିଲେ। ତେବେ ବର୍ଷକ ତଳେ ସେ ଏକ ମାମଲାରେ ଛନ୍ଦିହୋଇ ଗିରଫ

■ ଡ୍ରାଇଭର ଆଟେଣ୍ଡାଣ୍ଟ ଡ୍ୟୁଟିରେ
■ ଶବ ନେବାକୁ ଲୋକେ ଦହଗଞ୍ଜ

ହେବାପରେ ଚାକିରିରୁ ନିଲମ୍ବିତ ହୋଇଥିଲେ। ଏହାପରେ କେନ୍ଦୁଝର ଜିଲ୍ଲା ମୁଖ୍ୟାଳୟରୁ ଅଞ୍ଜନ କୁମାର ସିଂହଙ୍କୁ ଡ୍ରାଇଭର ଭାବେ ନିଯୁକ୍ତ କରାଯାଇଛି। ତେବେ ସେ ନିଜର ଆଖି ଖରାପ ଦର୍ଶାଇ ଗାଡ଼ି ଚଳାଇବାକୁ ମନା କରି ଦେଇଛନ୍ତି। ତାଙ୍କୁ ଆନନ୍ଦପୁର ରକ୍ତଭଣ୍ଡାରରେ ଆଟେଣ୍ଡାଣ୍ଟ ଭାବେ ନିଯୁକ୍ତି ଦିଆଯାଇଛି। ଜଣେ ଆଖି ଖରାପ ଥିବା ବ୍ୟକ୍ତି କିଭଳି ଆଟେଣ୍ଡାଣ୍ଟ ଡିଉଟି ତୁଲାଉଛନ୍ତି



ଏହାକୁ ନେଇ ମଧ୍ୟ ସନ୍ଦେହ ପ୍ରକାଶ ପାଇଛି। ପୂର୍ବ ଡ୍ରାଇଭର କାହ୍ନୁଚରଣ ପୁନଃ ନିଯୁକ୍ତି ପାଇବା ପରେ ତାଙ୍କୁ ହରିଚନ୍ଦନପୁର ଡାକ୍ତରଖାନାକୁ ପଠାଯାଇଛି। ତେବେ ସେଠାରେ ପୂର୍ବରୁ ଜଣେ ଡ୍ରାଇଭର ରହିଥିବା ଜଣାପଡିଛି। ଉପଖଣ୍ଡ ଚିକିତ୍ସାଳୟରେ ଦୁଇ ଜଣ ଡ୍ରାଇଭରର ଆବଶ୍ୟକତା ରହିଥିବାବେଳେ ଏଠାରେ ଜଣେ ହେଲେ ଡ୍ରାଇଭର ନଥିବାବେଳେ ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୁଇଜଣ ଡ୍ରାଇଭର କିଭଳି ନିଯୁକ୍ତି ଦିଆଯାଇଛି ଏହାକୁ ନେଇ ପ୍ରଶ୍ନ ଉଠିଛି। ଡ୍ରାଇଭର ନଥିବାରୁ ଶବ ବୋହିବା ପାଇଁ ଜରୁରୀ ପରିସ୍ଥିତିରେ ବାହାର ଭଡ଼ା ଗାଡିକୁ ଡାକ୍ତରଖାନାକୁ କର୍ତ୍ତୃପକ୍ଷ ବ୍ୟବହାର କରୁଥିବା ଜଣାପଡିଛି। ଏନେଇ ଉପଖଣ୍ଡ ଡାକ୍ତରଖାନାର ଅଧିକ୍ଷକ ଡାକ୍ତର କୃଷ୍ଣଚନ୍ଦ୍ର ଦାଶ କହିଛନ୍ତି, ଡ୍ରାଇଭର ନିଯୁକ୍ତି ପାଇଁ ଅନେକ ଥର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଅବଗତ କରାଯାଇଛି। ତେବେ ଜଣକୁ ନିଯୁକ୍ତି ଦିଆଯାଉଥିବାରୁ ଆଉ କେହି ଶୁଣୁନାହାଁନ୍ତି। ସ୍ୱାସ୍ଥ୍ୟବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ଶଙ୍କରପୁରରେ କାଳବୈଶାଖୀର ତାଣ୍ଡବ

# ଇଟା କାନ୍ଥ ପଡ଼ି ଭାଙ୍ଗିଲା ବାଳିକାଙ୍କ ଗୋଡ଼



ଚମ୍ପୁଆ, ୨୮।୫(ସମିସ): ଚମ୍ପୁଆ ନିକଟବର୍ତ୍ତୀ ମୟୂରଭଂଜ ଜିଲ୍ଲାର ଶଙ୍କରପୁରରେ ଗତ ୨୭ ତାରିଖ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଥିଲା। ଘରର ଛପର ଉଡ଼ିଯିବାରୁ ଗୃହକର୍ତ୍ତା ଓ ପତ୍ନୀଙ୍କ ସମେତ ୧୯ ବର୍ଷର ଝିଅ ଘରୁ ସୁରକ୍ଷା ଜାଗାକୁ ଯାଉଥିବା ବେଳେ ଝିଅର ଗୋଡ଼ ଉପରେ ଇଟା କାନ୍ଥ ପଡ଼ିଯିବାରୁ ଝିଅର ଗୋଡ଼ ଭାଙ୍ଗି ଯାଇଥିଲା ଏବଂ ଗୃହକର୍ତ୍ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଅପରାହ୍ଣ ୩ଟା ସମୟରେ ଘାଗରବେଡା ଥାନା ଶଙ୍କରପୁର ଅଞ୍ଚଳରେ କାଳବୈଶାଖୀର ତାଣ୍ଡବ ଆରମ୍ଭ ହୋଇଥିଲା। ଏହି ତାଣ୍ଡବ ସମୟରେ ହେମନ୍ତ କୁମାର ମହାନ୍ତ ସପରିବାର ଗୃହ ମଧ୍ୟରେ ରହିଥିବା ବେଳେ ହଠାତ୍ ତାଙ୍କ ଟିଣ ଛପର କାଳବୈଶାଖୀରେ ଉଡିଯାଇଥିଲା। ଫଳରେ ସୁରକ୍ଷା ନିମନ୍ତେ ସପରିବାର ଘରଠାରୁ ଅନତି ଦୁରରେ ଥିବା ସୁରକ୍ଷା ସ୍ଥାନକୁ ଯାଉଥିବା ବେଳେ ୧୯ ବର୍ଷର ଝିଅ ପୁଷ୍ପଲତା ମହାନ୍ତଙ୍କ ଉପରେ ଇଟା କାନ୍ଥ ପଡିଯିବାରୁ ତାଙ୍କ ଗୋଡ ଭାଙ୍ଗି ଯାଇଥିବା ବେଳେ ପରିବାର ମୁଖ୍ୟ ହେମନ୍ତ କୁମାର ମହାନ୍ତଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ତୁରନ୍ତ ସ୍ଥାନୀୟ ଲୋକ ତାଙ୍କୁ ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଖବର ପାଇ ବିଡିଓ ପ୍ରେମାନନ୍ଦ ବେହେରା, ତହସିଲଦାର ଭକ୍ତବନ୍ଧୁ ପ୍ରଧାନ ଚମ୍ପୁଆ ଡାକ୍ତରଖାନା ପହଞ୍ଚି ଆହାତଙ୍କ ସହ ଆଲୋଚନା କରିବା ସହିତ ରେଡକ୍ରସରୁ ୨୦ ହଜାର ଟଙ୍କାର ସହାୟତା ପ୍ରଦାନ କରିଛନ୍ତି। ଏଥିସହିତ ଉପଖଣ୍ଡ ଭାରପ୍ରାପ୍ତ ଚିକିତ୍ସାଧିକାରୀ ବିଜୟ କେତନ ଦାସ ଓ ଡାକ୍ତର ଯୋଗେନ୍ଦ୍ର ନାଥ ଆଧାଙ୍କ ସହ ଅଧଘଣ୍ଟାଏ ଘରି ଆଲୋଚନା କରିଥିଲେ। ଏହି ଆଲୋଚନା ସମୟରେ ଚେୟାରମ୍ୟାନ ଅଜିତ କୁମାର ତିରିୟା ଉପସ୍ଥିତ ଥିଲେ। ପରେ ପୁଷ୍ପଲତା ମହାନ୍ତଙ୍କୁ ଉନ୍ନତ ଚିକିତ୍ସା ପାଇଁ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ବେଳେ ହେମନ୍ତ ମହାନ୍ତଙ୍କୁ ଚମ୍ପୁଆ ଡାକ୍ତରଖାନାରେ ରଖାଯାଇ ଚିକିତ୍ସା କରାଯାଉଛି। ଅନ୍ୟପକ୍ଷରେ ଖବର ପାଇ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ଖୁଣ୍ଟିଆଙ୍କ ନିର୍ଦ୍ଦେଶକ୍ରମେ ବିଜେପି ନେତା ରୋହିତ କୁମାର ବୈଦ୍ୟ, ମଣ୍ଡଳ ସଭାପତି ଭରତ ମହାନ୍ତ ଓ ବହୁ ସ୍ଥାନୀୟ ଲୋକ ଡାକ୍ତରଖାନା ପହଞ୍ଚି ପରିବାରକୁ ୫ ହଜାର ଟଙ୍କାର ସହାୟତା ପ୍ରଦାନ କରିଛନ୍ତି।

**ସହାୟତାର ହାତ ବଢ଼ାଇଲା ପ୍ରଶାସନ**

# ତେଲକୋଇ ଠିକାଦାର ସଂଘର ବୈଠକ



ତେଲକୋଇ, ୨୮।୫(ସମିସ): ତେଲକୋଇ ବ୍ଲକ ଖୁଣ୍ଟା ପଡ଼ା ପଞ୍ଚାୟତ ବେଣା ହାଟ ପଡ଼ିଆଠାରେ ଆଜି ତେଲକୋଇ ବ୍ଲକ ଠିକାଦାର ସଂଘ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଜରିଆରେ ବିଭିନ୍ନ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏନେଇ ଏକ ସାମ୍ବାଦିକ ସମ୍ମିଳନୀରେ ବ୍ଲକ ଠିକାଦାର ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ସମ୍ପାଦକ ଦୟାନିଧି ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ଠିକାଦାର ସଂଘର ସଭାପତି ପ୍ରଶାନ୍ତ କୁମାର ସାହୁ, ଜିଲ୍ଲା ସମ୍ପାଦକ ଅନୁପ କୁମାର ମହାନ୍ତି, ତେଲକୋଇ ଠିକାଦାର ସଂଘ ସଭାପତି କେଶରୀଚନ୍ଦ୍ର ରାଉତ ଯୋଗ ଦେଇଥିଲେ। ସରକାର ଠିକାଦାରଙ୍କୁ ଶୋଷଣ କରୁଥିବା ପ୍ରତିବାଦରେ ସଂଘ ପକ୍ଷରୁ କେତେକ ଦାବି ଉପସ୍ଥାପନା କରାଯାଇ ଗତ ୨୦ ତାରିଖରୁ ଠିକାଦାରମାନେ କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ବାହାର ଜିଲ୍ଲାର ଠିକାଦାରଙ୍କୁ କେନ୍ଦୁଝର ଜିଲ୍ଲା ଅଞ୍ଚଳକୁ ମନା ବୋଲି ମତପ୍ରକାଶ ପାଇଥିଲା। ଏହା ସହିତ ସମସ୍ତ ବିଭାଗର ଡିଭିଜନ ସ୍ତରରେ ହେଉଥିବା ଟେଣ୍ଡର କାର୍ଯ୍ୟରେ ସ୍ଥାନୀୟ ଅଞ୍ଚଳର ଠିକାଦାରମାନେ ଟେଣ୍ଡର ପ୍ରକ୍ରିୟାରେ ଭାଗ ନେବେ ବୋଲି ମତ ପ୍ରକାଶ ପାଇଥିଲା। ଜିଲ୍ଲା ଭିତରେ ଥିବା ଅନ୍ୟ ଅଞ୍ଚଳର ଠିକାଦାରଙ୍କୁ ତେଲକୋଇ ବ୍ଲକ ଅଞ୍ଚଳକୁ ମନା ଏବଂ ତେଲକୋଇ ବ୍ଲକ ଅଞ୍ଚଳର ଠିକାଦାର ଜିଲ୍ଲାର ଅନ୍ୟ ଡିଭିଜନରେ ଯାଇ ଟେଣ୍ଡର ପ୍ରକ୍ରିୟାରେ ଭାଗ ନେଇ ପାରିବେନି ବୋଲି ମତପ୍ରକାଶ ପାଇଥିଲା। ଏକ କୋଟିରୁ କମ ମୂଲ୍ୟର ତଳକୁ ଥିବା କାର୍ଯ୍ୟଗୁଡିକରେ ଏହି ନିୟମ ଲାଗୁ ବୋଲି କୁହାଯାଇଥିଲା। ଠିକାଦାରଙ୍କ ମଧ୍ୟରେ ସମନ୍ୱୟ ରହିଲେ ଏହା ସମ୍ଭବ ବୋଲି ଅତିଥିମାନେ ପରାମର୍ଶ ଦେଇଥିଲେ। ଏହାସହିତ ପ୍ରତ୍ୟେକ ନିର୍ମାଣ କାର୍ଯ୍ୟର ମାନ ସଠିକ୍ ଭାବରେ କରିବାକୁ କୁହାଯାଇଥିଲା। ସଂଘର ସଭାପତି କେଶରୀଚନ୍ଦ୍ର ରାଉତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବରିଷ୍ଠ ଠିକାଦାର ଡିଲେଶ୍ୱର ପ୍ରଧାନ, ମାଗୁଣି ସାହୁ, ଦ୍ୱିତିକୃଷ୍ଣ ସାହୁ, ସଚ୍ଚିଦାନନ୍ଦ ଖିଲାର, ସୁମିତ୍ ନନ୍ଦନ ମହାନ୍ତି, ସ୍ମୃତିରଞ୍ଜନ ମିଶ୍ର, ଲଲାଟେନ୍ଦୁ ସାହୁ, ସୌମ୍ୟରଞ୍ଜନ ପ୍ରଧାନ, ବିନୟ କୁମାର ସାହୁ, ଦିଲ୍ଲୀପ କୁମାର ବେହେରା, ବେଣୁଧର ସାମଲ, ଟଙ୍କଧର ପାତ୍ର, ହିମାଂଶୁ ଶେଖର ପ୍ରଧାନ, ନିରଞ୍ଜନ ପ୍ରଧାନ, ଆଶିଷ କୁମାର ଥମ୍ବଙ୍କ ସମେତ ସଂଘର ସମସ୍ତ ସଦସ୍ୟ ଯୋଗ ଦେଇଥିଲେ।

# ଦୁଇ ବର୍ଷ ହେଲା ଛାତ୍ରଛାତ୍ରୀଙ୍କୁ ମିଳୁନି ଡିଏମ୍ଏଫ୍ ସହାୟତା



ଆନନ୍ଦପୁର,୨୮।୫(ସମିସ): ମାଟ୍ରିକ୍ ପରୀକ୍ଷାରେ ସଫଳତା ଅର୍ଜନ କରିଥିବା କେନ୍ଦୁଝର ଜିଲ୍ଲାର ସମସ୍ତ ଛାତ୍ରଛାତ୍ରୀଙ୍କୁ ଡିଏମଏଫ୍ ତରଫରୁ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଥିଲା। ତେବେ ଗତ ଦୁଇବର୍ଷ ହେଲା ଏହି ରାଶି ବନ୍ଦ ହୋଇଯାଇଛି। ଏହାକୁ ନେଇ ଛାତ୍ରଛାତ୍ରୀ ଓ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ ଯେ ତତାକାଳୀନ ସରକାର ସମୟରେ ୨୦୨୦ରୁ ଜିଲ୍ଲାପାଳଙ୍କ ନିଷ୍ପତ୍ତିକ୍ରମେ କେନ୍ଦୁଝର ଜିଲ୍ଲାର ମାଟ୍ରିକ୍ ପରୀକ୍ଷାରେ ସଫଳତା ଅର୍ଜନ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ତରଫରୁ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଥିଲା। ପରୀକ୍ଷାରେ ୬୦ରୁ ୭୦ପ୍ରତିଶତ ଛାତ୍ରଛାତ୍ରୀଙ୍କୁ ୧୦ହଜାର ଟଙ୍କା, ୭୦ରୁ ୮୦ ପ୍ରତିଶତଙ୍କୁ ୧୫ହଜାର, ୮୦ରୁ ୯୦ ପ୍ରତିଶତଙ୍କୁ ୨୫ହଜାର, ୯୦ପ୍ରତିଶତରୁ ଅଧିକ ରଖିଥିବା ଛାତ୍ରଛାତ୍ରୀଙ୍କୁ ୪୦ହଜାର ପ୍ରଦାନ କରାଯାଉଥିଲା। ପରୀକ୍ଷାଫଳ ପ୍ରକାଶ ପାଇବାର ମାତ୍ର କିଛିଦିନ ମଧ୍ୟରେ ସଫଳ ଛାତ୍ରଛାତ୍ରୀଙ୍କ ଆକାଉଣ୍ଟକୁ ସିଧାସଳଖ ପ୍ରଦାନ କରାଯାଉଥିଲା। ଏହି ରାଶି ଦ୍ୱାରା ଉଚ୍ଚଶିକ୍ଷା କ୍ଷେତ୍ରରେ ପିଲାମାନେ ଉପକୃତ ହେଉଥିଲେ। ତେବେ ଗତ ୨୦୨୪/୨୫ ଓ ୨୦୨୫/୨୬ରେ ଦୁଇବର୍ଷ ହେଲା ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇନାହିଁ। ରାଜ୍ୟରେ ସରକାର ବଦଳିବା ପରେ ଏହି ରାଶି ପ୍ରଦାନ କରାଯାଉ ନଥିବା ଜଣାପଡିଛି। ଏନେଇ ମଧ୍ୟ ବିଧିବଦ୍ଧ ଭାବେ ବିଦ୍ୟାଳୟକମାନଙ୍କୁ କୌଣସି ସୂଚନା ପ୍ରଦାନ କରାଯାଇନାହିଁ। ସେହିପରି ମାଟ୍ରିକ୍ ଚାମ୍ପିଅନ୍‌ଙ୍କୁ ମଧ୍ୟ କୌଣସି ସମ୍ବର୍ଦ୍ଧନା ମଧ୍ୟ ପ୍ରଦାନ କରାଯାଉନାହିଁ। କେନ୍ଦୁଝର ଜିଲ୍ଲା ଖଣିଜ ପାଣ୍ଠି ଅର୍ଥକୁ ବିଭିନ୍ନ ଜିଲ୍ଲାରେ ତଥା ରାଜ୍ୟ ବାହାରେ ମଧ୍ୟ ଖର୍ଚ୍ଚ ହେଉଛି। ତେବେ ଶିକ୍ଷାକ୍ଷେତ୍ରରେ ଏଭଳି ଯୋଜନାକୁ ବନ୍ଦ କରାଯିବା ଦୁର୍ଭାଗ୍ୟଜନକ ବୋଲି ଅନେକ ଶିକ୍ଷାବିତ୍ ମତ ଦେଇଛନ୍ତି।

# ପୋଡୁ ଚାଷ ପାଇଁ ଶାଳ ଗଛ କାଟି ଜଣେ ଗିରଫ



କେନ୍ଦୁଝର, ୨୮।୫(ସମିସ): ଭୂୟାଁ ଜୁଆଙ୍ଗ ପୀଢ ରେଞ୍ଜ କାଞ୍ଜିପାଣି ସେକ୍ସନ ଟାଙ୍ଗରପଡା ଗାଁ ନିକଟ କାଞ୍ଜିପାଣି ସଂରକ୍ଷିତ ଜଙ୍ଗଲରେ ପୋଡୁ ଚାଷ ପାଇଁ ଶାଳ ଗଛ କାଟି ନିଆଁ ଲଗାଇବା ଘଟଣାରେ ବନ ବିଭାଗ ଦୁଃଖୁ ସନଙ୍ଗୀ(୨୮)ଙ୍କୁ ଗିରଫ କରିଛି। ବନ ବିଭାଗ ଓଆର ୧୦ ଅଫ୍ ବିଜେ ୨୦୨୬-୨୭ରେ ମାମଲା ରୁଜୁ କରି ଗିରଫ କରି ତାଙ୍କୁ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ପୋଡୁ ଚାଷ ପାଇଁ କାଞ୍ଜିପାଣି ସଂରକ୍ଷିତ ଜଙ୍ଗଲରେ ଦୁଃଖୁ ସନଙ୍ଗୀ ବହୁ ସଂଖ୍ୟାରେ ଶାଳ ଗଛ କାଟି ନିଆଁ ଲଗାଇ ଦେଇଥିଲେ। ଭୂୟାଁ ଜୁଆଙ୍ଗ ପୀଢ ବନାଞ୍ଚଳ ଅଧିକାରୀ ନୟନକାନ୍ତ ସାହୁ, କାଞ୍ଜିପାଣି ବନପାଳ ସାବିତ୍ରୀ ସାହୁ, କାଞ୍ଜିପଣି ବିଟ୍ ବନରକ୍ଷୀ ଯୋଗେନ୍ଦ୍ର ନାୟକ, ସ୍କ୍ୱାଡ କର୍ମଚାରୀ ଶରତ ଦେହୁରୀ ଗତକାଲି ପାଟ୍ରୋଲିଂ ବେଳେ ଟାଙ୍ଗରପଡା ଗ୍ରାମର ଦୁଃଖୁ ସନଙ୍ଗୀ ୭ ଦିନ ପୂର୍ବରୁ ବହୁ ସଂଖ୍ୟାରେ ଗଛ କାଟି ଉକ୍ତ ସ୍ଥାନରେ ନିଆଁ ଲଗାଇ ପୋଡୁ ଚାଷ ପାଇଁ ପ୍ରସ୍ତୁତ କରୁଥିବା ଦେଖିଥିଲେ। ବନ ବିଭାଗ ତାଙ୍କଠାରୁ କଟା ଶାଳ ଗଛ, ଟାଙ୍ଗିଆ, ଦିଆସିଲି ବକ୍ସ ଜବତ କରିଛି।

## ବାଲି ବୋଝେଇ ହାଇୱାରେ ପାଲ ଢାଙ୍କିବା ବେଳେ ବିଦ୍ୟୁତ୍ ଆଘାତ ଘଟଣା

# ଏନ୍ଏଚ୍ଆର୍‌ସିରେ ଅଭିଯୋଗ ପରେ ଯୋଗେନ୍ଦ୍ରଙ୍କ ଅଡୁଆ ବଢ଼ିଲା

ହାଟଡ଼ିହୀ,୨୮।୫(ସମିସ)

କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ନନ୍ଦିପଦା ଥାନାଞ୍ଚଳରେ ଜଣେ ୧୪ ବର୍ଷର ନାବାଳକ ଏକ ବାଲି ବୋଝେଇ ହାଇୱାରେ ପାଲ ଢାଙ୍କୁଥିବା ବେଳେ ୧୧ କେ.ଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଗୋଟିଏ ହାତ ହରାଇଛନ୍ତି। ଏହି ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଉଚ୍ଚନ୍ୟାୟାଳୟର ଆଇନଜୀବୀ ତଥା ମାନବାଧିକାର କର୍ମୀ ପ୍ରିୟବ୍ରତ ବିଶ୍ୱାଳ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ଏକ ମାମଲା (ନଂ-୧୨୦୩୭/ଆଇଏନ/୨୦୨୬) ରୁଜୁ କରିଛନ୍ତି। ଶ୍ରୀ ବିଶ୍ୱାଳ ନାବାଳକଙ୍କୁ ୩୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବା ସହ ମାଗଣା ଚିକିତ୍ସା, ପୁନର୍ବାସ, କୃତ୍ରିମ ଅଙ୍ଗ ସହାୟତା ଓ ଶିକ୍ଷା ସହାୟତା ଯୋଗାଇବାକୁ ନିର୍ଦ୍ଦେଶ ଦେବାକୁ କମିଶନଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ସୂଚନା ଅନୁଯାୟୀ, ନନ୍ଦିପଦା ଥାନା ଶାଳଣିଆଁ ପଞ୍ଚାୟତ ଅନ୍ତର୍ଗତ ଏଲକଣିଆଁ ଗ୍ରାମର ସଦାନନ୍ଦ ସାହୁଙ୍କ ପୁଅ ସୌମ୍ୟଜିତ (୧୪) ଗତ ମାର୍ଚ୍ଚ ୧୧ ତାରିଖରେ ହାବଳେଶ୍ୱର ହାଇସ୍କୁଲ୍ ନିକଟରେ ଏକ ବାଲି ବୋଝେଇ ହାଇୱା ଟ୍ରକରେ (ଓଡି-୦୯ପି-୭୭୪୪) ପାଲ ଢାଙ୍କୁଥିବା ବେଳେ ୧୧କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ପରିବାର ଲୋକ ଭୁବନେଶ୍ୱର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା କରାଇଥିଲେ। ନାବାଳକଙ୍କ ଡାହାଣ ହାତଟି ସମ୍ପୂର୍ଣ୍ଣ ଜଳି ଯାଇଥିବାରୁ ହାତଟିକୁ କାଟିବା ସହ ଡାକ୍ତରଖାନାରେ ଦୀର୍ଘ ୪୦ ଦିନ ପରେ ଘରକୁ ଫେରିଛନ୍ତି। ନାବାଳକଙ୍କୁ ରାତିରେ ଏଭଳି କାର୍ଯ୍ୟରେ ନିୟୋଜିତ କରିଥିବା ଶାଳଣିଆଁ ପଞ୍ଚାୟତ ଅନ୍ତର୍ଗତ ଏଲକଣିଆଁ ଗ୍ରାମର ଯୋଗେନ୍ଦ୍ର ବେହେରା ଓ ତାଙ୍କ ପୁଅ ଶୁଭାଶିଷ ବେହେରାଙ୍କ ବିରୁଦ୍ଧରେ ନାବାଳକର ମା' ସୌଦାମିନୀ ସାହୁ ଗତ ୧୩.୦୫.୨୦୨୬ରେ ନନ୍ଦିପଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

**୩୦ ଲକ୍ଷ କ୍ଷତିପୂରଣ ସହ କ୍ରାଇମବ୍ରାଞ୍ଚ ତଦନ୍ତ ଦାବି**

ସୌଦାମିନୀଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ଅଜାଣତରେ ଯୋଗେନ୍ଦ୍ରଙ୍କ ସାନପୁଅ ଶୁଭାଶିଷ ଘଟଣା ଦିନ ନିଜ ମୋବାଇଲ (ନଂ-୭୮୪୮୮୯୩୨୯୯)ରୁ ସୌମ୍ୟଜିତକୁ ଫୋନ କରିବା ସହ ଟଙ୍କାର ପ୍ରଲୋଭନ ଦେଖାଇ ଗାଡ଼ିର ହେଲପର ହିସାବରେ ଡ଼ାକିନେଇଥିଲେ। ନାବାଳକର ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର



ହୋଇଥିବା ବେଳେ ସ୍ୱାମୀ ଏକ ଗାଡି ଗ୍ୟାରେଜ କରି ପରିବାର ପ୍ରତିପୋଷଣ କରନ୍ତି। ଡାକ୍ତରଖାନାରେ ପୁଅର ଚିକିତ୍ସା ନିମନ୍ତେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଥିଲେ ମଧ୍ୟ ଯୋଗେନ୍ଦ୍ର ଏବଂ ତାଙ୍କ ପୁଅ ଶୁଭାଶିଷ ଆଉ ସହଯୋଗ କରୁନଥିବା ସୌଦାମିନୀ ଅଭିଯୋଗ କରିଛନ୍ତି। ପୁଅର ଚିକିତ୍ସା ପାଇଁ ଟଙ୍କା ମାଗିବାରୁ ଯୋଗେନ୍ଦ୍ର ତାଙ୍କୁ ବିଭିନ୍ନ ପ୍ରକାର ଧମକ ଦେଉଥିବା ନିଜ ଅଭିଯୋଗରେ ଦର୍ଶାଇଛନ୍ତି। ସୌଦାମିନୀଙ୍କ ଲିଖିତ ଅଭିଯୋଗ ଆଧାରରେ ନନ୍ଦିପଦା ଥାନା ପୁଲିସ ଅଭିଯୁକ୍ତ ଯୋଗେନ୍ଦ୍ର ଓ ତାଙ୍କ ପୁଅ ଶୁଭାଶିଷଙ୍କ ବିରୁଦ୍ଧରେ ଏକ ମାମଲା (ନଂ - ୨୦୬/୨୦୨୬) ରୁଜୁ କରିଛି। ସୌଦାମିନୀଙ୍କ ଅଭିଯୋଗକୁ ଭିତ୍ତି କରି ମାନବାଧିକାର କର୍ମୀ ଶ୍ରୀ ବିଶ୍ୱାଳ କେନ୍ଦୁଝର ଜିଲ୍ଲାପାଳ ଓ ଏସପିଙ୍କଠାରୁ ଦୋଷୀଙ୍କ ବିରୁଦ୍ଧରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ରିପୋର୍ଟ ତଲବ କରିବାକୁ ଆୟୋଗଙ୍କ ନିକଟରେ ଦାବି କରିଛନ୍ତି। ଘଟଣାର ଗୁରୁତ୍ୱକୁ ଅନୁଭବ କରି ଏହି ମାମଲାର କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ଗୃହ ବିଭାଗର ପ୍ରମୁଖ ସଚିବଙ୍କୁ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ଉଲ୍ଲେଖ କରିଛନ୍ତି। ଏହାସହ ଶିଶୁ ଶ୍ରମ ନିୟୋଜନ, ଗୁରୁତର ଆହତ, ଅପରାଧିକ ଅବହେଳା ଓ ନାବାଳକଙ୍କ ଜୀବନକୁ ବିପଦରେ ପକାଇବା ଭଳି ଅଭିଯୋଗରେ ସଂପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ପୁଲିସ ତଦନ୍ତରେ କୌଣସି ଅବହେଳା କିମ୍ବା ଉଦ୍ଦେଶ୍ୟମୂଳକ ନିଷ୍କ୍ରିୟତା ପ୍ରମାଣିତ ହେଲେ ସମ୍ପୃକ୍ତ ପୁଲିସ ଅଧିକାରୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନେବାକୁ ମଧ୍ୟ ଅନୁରୋଧ କରାଯାଇଛି।

# ଆନନ୍ଦପୁରରେ ବୁଲା କୁକୁର ଆତଙ୍କ

## ଆକ୍ରମଣରେ ୨୦ ଆହତ



ଆନନ୍ଦପୁର, ୨୮।୫ (ସମିସ): ଆନନ୍ଦପୁର ପୌରାଞ୍ଚଳର ଘସିପୁରା ଭିଆଇପି ରୋଡରେ ବୁଲା କୁକୁରଙ୍କ ସଂଖ୍ୟା ବଢ଼ିଚାଲିଛି। ଆଜି ଏକ କୁକୁର ପାଗଳପ୍ରାୟ ହୋଇ ଗୋଡ଼ାଇ ଗୋଡ଼ାଇ ପ୍ରାୟ ୨୦ ଜଣଙ୍କୁ ଆକ୍ରମଣ କରି ଆହତ କରିଛି। ଏନେଇ ଭୟର ବାତାବରଣ ଖେଳିଯାଇଛି। ଅନ୍ୟପକ୍ଷରେ, ସୁପ୍ରିମକୋର୍ଟ ପକ୍ଷରୁ ଜନଗହଳି ସ୍ଥାନରୁ ବୁଲା କୁକୁର ସ୍ଥାନାନ୍ତର ନେଇ ଏକ ନିର୍ଦ୍ଦେଶକୁ ନେଇ ଏଯାଏ ପୌର କର୍ତ୍ତୃପକ୍ଷଙ୍କ କୌଣସି କାର୍ଯ୍ୟାନୁଷ୍ଠାନ କିମ୍ବା ଯୋଜନା ଦୃଷ୍ଟିଗୋଚର ହେଉ ନଥିବା ବେଳେ ପୌରାଞ୍ଚଳର ସମସ୍ତ ୱାର୍ଡରେ ମାଳମାଳ ବୁଲା କୁକୁର ବୁଲୁଛନ୍ତି। ସେମାନେ ଅଣାୟତ୍ତ ହୋଇ ଏଣେତେଣେ ସ୍ୱାଭାବିକ ଜୀବନଯାତ୍ରାକୁ ପ୍ରଭାବିତ କରୁଛନ୍ତି। ସକାଳୁ ପ୍ରାତଃଭ୍ରମଣରେ ଗଲେ ଅନେକ ସ୍ଥାନରେ ବୁଲାକୁକୁର ଲୋକମାନଙ୍କୁ ଗୋଡ଼ାଉଛନ୍ତି। ଘସିପୁରା ଝାଡ଼େଶ୍ୱର ରୋଡ୍, ଡାକ୍ତରଖାନା ରୋଡ୍, ଆନନ୍ଦପୁର ବଡ଼ଦାଣ୍ଡ, ଫକୀରପୁର ବଜାର, ପଦ୍ମପୁର, ଶାଳପଡ଼ା, ଶୈଳଙ୍ଗ, ଘସିପୁରା ବସଷ୍ଟାଣ୍ଡ ଅଞ୍ଚଳରେ ମାଳମାଳ ବୁଲାକୁକୁରଙ୍କ ଉପଦ୍ରବ ସାଧାରଣ ଲୋକମାନଙ୍କୁ ଅତିଷ୍ଠ କରୁଛି। ଏହାକୁ କିପରି ରୋକାଯାଇପାରିବ ସେନେଇ ପୌର ପ୍ରଶାସନ ପାଖରେ ଠୋସ୍ ଯୋଜନା ନାହିଁ। ନଗର ଉନ୍ନୟନ ବିଭାଗ ପକ୍ଷରୁ ଏହା ସପକ୍ଷରେ ନୀତ ଅବଲମ୍ବନ କରାଯାଉଥିବା କୁହାଯାଇଥିଲେ ହେଁ ଆନନ୍ଦପୁର ପୌରାଞ୍ଚଳରେ କୌଣସି ପଦକ୍ଷେପ ନିଆଯାଇନାହିଁ।

## ଭଙ୍ଗାଘରେ ଚାଲିଛି ଅଙ୍ଗନବାଡ଼ି କେନ୍ଦ୍ର

ଡେରାବିଶ, ୨୮।୫(ସମିସ): ଡେରାବିଶ ବ୍ଲକ ଇନ୍ଦାଲୋ ପଞ୍ଚାୟତ ଅନ୍ତର୍ଗତ ଛକନା ଗ୍ରାମର ଅଙ୍ଗନବାଡ଼ି କେନ୍ଦ୍ର ଏବେ ପରିତ୍ୟକ୍ତ ଓ ବିପଦସଙ୍କୁଳ କୋଠା ନିକଟରେ ଏକ ଭଙ୍ଗାଗୃହରେ ଚାଲିଛି। ଦେଶର ଭବିଷ୍ୟତ ଶିଶୁମାନଙ୍କ ସ୍ୱାସ୍ଥ୍ୟ ଓ ପ୍ରାଥମିକ ଶିକ୍ଷା ଆରମ୍ଭ ହେଉଥିବା ଅଙ୍ଗନବାଡ଼ି କେନ୍ଦ୍ର ଏବେ ଗ୍ରାମର ପ୍ରାଥମିକ ବିଦ୍ୟାଳୟ ପରିସରରେ ହେବାର ସରକାରଙ୍କ ନିୟମ ରହିଛି। ଛକନା ପ୍ରାଥମିକ ବିଦ୍ୟାଳୟ ପାଞ୍ଚବର୍ଷ ହେଲା ନିକଟସ୍ଥ ଉଚ୍ଚବିଦ୍ୟାଳୟ ସାରଦା ଏକାଡେମୀ ପରିସରକୁ ଉଠିଯିବା ପରେ ସେଠାରେ ଅଙ୍ଗନବାଡ଼ି ଗୃହ ନିର୍ମାଣ ହେବା କଥା। ତେବେ ପୂର୍ବରୁ ସରକାରୀ ଭାବେ ବିପଦସଙ୍କୁଳ



ଘୋଷଣା ହୋଇଥିବା ଟାଟା ଷ୍ଟିଲ ପକ୍ଷରୁ ନିର୍ମିତ ଦୁଇମହଲା ଘର ନିକଟରେ ପୂର୍ବରୁ ଥିବା ଛକନା ପ୍ରାଥମିକ ବିଦ୍ୟାଳୟର ଏକ କୋଠରୀରେ ଅଙ୍ଗନବାଡ଼ି କେନ୍ଦ୍ର ଚାଲିଛି। ଏହି ପରିସରରେ ଥିବା ବିପଦସଙ୍କୁଳ ଗୃହ ଅର୍ଦ୍ଧନିର୍ମିତ ଗୃହରେ ସରୀସୃପଙ୍କ ଗହଣରେ କୁନିକୁନି ପିଲାଙ୍କ ଜୀବନ ପ୍ରତି ବିପଦ ଥିବା କାରଣରୁ ଛକନାସ୍ଥ ସାରଦା ଏକାଡେମୀକୁ ଏହି କେନ୍ଦ୍ର ଉଠାଇ ନେବା ସହ ଏଠାରେ ଥିବା ପରିତ୍ୟକ୍ତ ବିପଦସଙ୍କୁଳ ଗୃହକୁ ଭାଙ୍ଗିଦେବାକୁ ଅଙ୍ଗନବାଡ଼ି କେନ୍ଦ୍ରର ସଭାପତି କେଦାର ମହାନ୍ତି ସରକାରଙ୍କ ନିକଟରେ ଦାବି କରିଛନ୍ତି। ସାରଦା ଏକାଡେମୀ ପରିସରରେ ତୁରନ୍ତ ଅଙ୍ଗନବାଡ଼ି ଗୃହ ନିର୍ମାଣ କରିବାକୁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି।

## ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାରେ ଅତସୀ ଅପରାଜିତାଙ୍କୁ ୧୨ତମ ର୍ୟାଙ୍କ



ମାର୍ଶାଘାଇ, ୨୮।୫(ସମିସ): ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାରେ କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ ପଳାସପୁରର ବିଭାସ ଗେରୁ ଓ ସଂଯୁକ୍ତା ଗେରୁଙ୍କ କନ୍ୟା ଅତସୀ ଅପରାଜିତା ୧୨ତମ ର୍ୟାଙ୍କ ପାଇଛନ୍ତି। ଭୁବନେଶ୍ୱର ମଦର୍ସ ପବ୍ଲିକ ସ୍କୁଲରୁ ପ୍ରାଥମିକ ଓ +୨ ଶିକ୍ଷା ସହ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରୁ ଅର୍ଥନୀତିରେ ସ୍ନାତକ ଡ଼ିଗ୍ରୀ ହାସଲ କରିବା ପରେ ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷା ପାଇଁ ପ୍ରସ୍ତୁତ ହୋଇଥିଲେ। ପିଲାଦିନୁ ପ୍ରଶାସନିକ ଅଧିକାରୀ ହେବାକୁ ସ୍ୱପ୍ନ ଦେଖିଥିବା ଅତସୀ କହିଛନ୍ତି। ଏହି ସଫଳତା ପାଇଁ ବଡ଼ବାପା ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜର ବିବେକାନନ୍ଦ ଗେରୁଙ୍କ ପ୍ରେରଣା ଓ ବାପାମାଙ୍କ ଆଶୀର୍ବାଦ ଯୋଗୁଁ ସଫଳହୋଇଥିବା କହିଛନ୍ତି। ମାର୍ଶାଘାଇରୁ ଅତସୀଙ୍କ ସମେତ ସୁଚିସ୍ମିତା, ଶଶୀକାନ୍ତ ଓ ଅଭିପ୍ସା ଦାସ କୃତକାର୍ଯ୍ୟ ହୋଇ ମାର୍ଶାଘାଇ ପାଇଁ ଗୌରବ ଆଣିଛନ୍ତି।

## ରାହାସ ବିହାରୀଙ୍କୁ ଶିକ୍ଷକ ପ୍ରତିଭା ସମ୍ମାନ

ଗୋବିନ୍ଦପୁର, ୨୮।୫(ସମିସ): ଆଳି ବ୍ଲକର ଅନ୍ତର୍ଗତ ଗିରିବନ୍ଧ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଓ ପାଠାଗାର ପରିସରରେ ସାରସ୍ୱତ ସମାରୋହ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ହାବଳଗଣ୍ଡପାଟଣାର ବିକେବି ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ଆଦର୍ଶ ପ୍ରଧାନଶିକ୍ଷକ ରାହାସ ବିହାରୀ ମହାନ୍ତିଙ୍କୁ ଶିକ୍ଷକ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶ୍ରୀଧର ପାତ୍ର ସ୍ମୃତି ସଂସଦ ପକ୍ଷରୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପଣ୍ଡିତ ମହେଶ୍ୱର ନନ୍ଦ, ପ୍ରାକ୍ତନ ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଧରଣୀଧର ପାତ୍ର ଶ୍ରୀ ମହାନ୍ତିଙ୍କୁ ସମ୍ମାନିତ କରିଥିଲେ। ପ୍ରଧାନଶିକ୍ଷକ ସଞ୍ଜୟ ସାମଲ, ସାମ୍ବାଦିକ ଅନିରୁଦ୍ଧ ବେଉରିଆ, ପଣ୍ଡିତ ବଟକୃଷ୍ଣ ପଣ୍ଡା, ବିକେବି ଉଚ୍ଚବିଦ୍ୟାଳୟ ଶିକ୍ଷକ ଅଭିନନ୍ଦନ ଜଣାଇଛନ୍ତି।



## ଅଗ୍ନିବିପନ୍ନ ପରିବାରକୁ ସହାୟତା



ମହାକାଳପଡ଼ା, ୨୮।୫(ସମିସ): ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବଉଳକଣି ପଞ୍ଚାୟତର ଓଳପଦା ଗ୍ରାମର ସପନ ଗିରିଙ୍କ ଘରେ ଅଗ୍ନିକାଣ୍ଡ ଘଟି ଧାନ, ଚାଉଳ, ଆବଶ୍ୟକ ଘରୋଇ ସାମଗ୍ରୀ ପୋଡ଼ିଯାଇଥିଲା। ଏହି ଦୁଃଖଦ ଘଟଣା ସମ୍ପର୍କରେ ଖବର ପାଇ ବାରଡାଙ୍ଗ ପଞ୍ଚାୟତର ଭିତରସୁବଳା ଗ୍ରାମର ସଦାଶିବ ହେଲ୍‌ପ ଫାଉଣ୍ଡେସନ ପକ୍ଷରୁ ବିପନ୍ନ ପରିବାରଙ୍କୁ ସହାୟତାର ହାତ ବଢ଼ାଯାଇଛି। ଫାଉଣ୍ଡେସନର ସଦସ୍ୟ ମନୋଜ ସାମଲ, ସୁଶାନ୍ତ ଚୌଧୁରୀ, ତପନ ରାଉଳ, ପ୍ରିୟରଞ୍ଜନ ଦାସ, ମୋହନ, ରଞ୍ଜି ରାଉତ, ପ୍ରଶାନ୍ତ ସ୍ୱାଇଁ, ଶଙ୍କର ରାଉତ, ଶଙ୍କର ଦାସ, ଅଞ୍ଜନ ବସନ୍ତିଆ, ସରୋଜ ବାରିକ, ବିକ୍ରମ ପାତ୍ର, ସଞ୍ଜୟ ରାଉତ, ଶୁଭମ ସାମଲ, ରୁଦ୍ର ଦାସ, ରାଜୁ ବସନ୍ତିଆ, ବିଶ୍ୱରଞ୍ଜନ ବାରିକ ଓ ଗୌତମ ସାମଲଙ୍କ ସହ ସମସ୍ତ ଗ୍ରୁପ ସଦସ୍ୟଙ୍କ ସହଯୋଗରେ ରାସନ ସାମଗ୍ରୀ, ବସ୍ତ୍ର ଓ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଇଥିବା ଜଣାପଡ଼ିଛି।

### ରାଜକନିକାରେ ଦିନକୁ ଦିନ ଉତ୍କଟ ହେଉଛି ଜଳକଷ୍ଟ

# ମେଗା ପାନୀୟଜଳ ପ୍ରକଳ୍ପ, ନଳକୂପରେ ଆସୁନି ପାଣି

ରାଜକନିକା, ୨୮।୫(ସମିସ)

ନଦୀନାଳ ଘେରା ରାଜକନିକା ବ୍ଲକରେ ଏବେ ଉତ୍କଟ ହେଉଛି ପାନୀୟଜଳ ସମସ୍ୟା। ଖରସ୍ରୋତା ନଦୀର ପାଣି ବଳକା ଥିବା ଓ ପ୍ରତି ମୁହୂର୍ତ୍ତରେ ପାଣି ସମୁଦ୍ରରେ ମିଶି ଯାଉଥିବା ଯୁକ୍ତି କରି ଭଦ୍ରକ ଜିଲ୍ଲାକୁ ପାଣି ବିକି ଦେବା ପରେ ଏବେ ନଦୀକୂଳିଆ ଅଞ୍ଚଳ ଶୋଷରେ ଆଉଟୁ ପାଉଟୁ ହେଲାଣି। ପାଇପ ଯୋଗେ ପାଣି ଯୋଗାଇ ଦେବାକୁ ରାଜକନିକା ବ୍ଲକରେ ଦୁଇଟି ପାନୀୟଜଳ ପ୍ରକଳ୍ପ ଆରମ୍ଭ ହୋଇ ୨୦୨୫ ମାର୍ଚ୍ଚ ସୁଦ୍ଧା ପାଣି ପହଞ୍ଚିବାର ମିଥ୍ୟା ପ୍ରତିଶ୍ରୁତି ଲୋକଙ୍କୁ ଜଳକା କରିଛି। ପାଇପ ପାଣି ଆସିବାର ପୂର୍ଣ୍ଣ ଭରସା ଦେଇ ଆଉ କୌଣସି ଗୋଟିଏ ବି ନୂଆ ନଳକୂପ ଖୋଳା ନ ଯିବାରୁ ରାଜକନିକା ବ୍ଲକର ୨୯ ପଞ୍ଚାୟତର ସବୁ ଗାଁରେ ଏବେ ଉତ୍କଟ ପାନୀୟଜଳ ସ୍ଥିତି ଜନଜୀବନକୁ ଅଥୟ କରିଦେଲାଣି। କ୍ରମାଗତ ଭାବେ ଭୂତଳ ଜଳସ୍ତର କମି ଯାଉଥିବାବେଳେ ପ୍ରତି ଗାଁରେ ଦୀର୍ଘ ୩୦ ବର୍ଷ ଧରି ବସିଥିବା ଗାଁ ନଳକୂପରୁ ପାଣି ବାହାରୁନାହିଁ। ସ୍ୱଜଳ ଧାରା ଯୋଜନାରେ ପ୍ରତି ପଞ୍ଚାୟତରେ ହୋଇଥିବା ଓଭରହେଡ୍ ପାଣି ଟାଙ୍କି ମଧ୍ୟ ପାଣି ଯୋଗାଇବାରେ ଅକ୍ଷମ। ଯେଉଁ ନିର୍ଦ୍ଦିଷ୍ଟ ସମୟରେ ପଞ୍ଚାୟତମାନଙ୍କର ଏହି ସ୍ୱଜଳ ଧାରା ଯୋଜନାର ପାଣି ଦିଆଯାଉଛି, ସେ ପାଣି ମଧ୍ୟ ସମୁଦ୍ରକୁ ଶଙ୍ଖେ। ଦିନକୁ ଘଣ୍ଟାଏ ବା ଅଧଘଣ୍ଟା ପାଣି ଦିଆଯାଉଛି। ତାହା ସବୁ ପରିବାର ନିକଟରେ ପହଞ୍ଚିପାରିନାହିଁ। ପାଇପ ପାଣିର ଏହି ସମସ୍ୟା ବେଳେ ଗାଡ଼ିଆ, ପୋଖରୀ, ଜୋର ଶୁଖିଯିବା ସହ ଦଳ ଭର୍ତ୍ତି ହୋଇ ଜଙ୍ଗଲ ପାଲଟିଗଲାଣି। ସ୍ଥିତି ଏମିତି ହୋଇଛି ଯେ ପିଇବା ପାଣି ପାଇଁ ଲୋକେ ବାଧ ହୋଇ ବଜାରର କିଣା ପାଣି ବ୍ୟବହାର କରିବାକୁ ବାଧ ହେଉଛନ୍ତି।




ରାଜକନିକା ବଜାରରେ ମିଳୁଥିବା ପିଇବା ପାଣି ମଧ୍ୟ ସଠିକ ଗୁଣବତ୍ତା ନ ଥାଇ ନକଲି ବ୍ରାଣ୍ଡର ବୋଲି ଅନୁସନ୍ଧାନରୁ ଜଣାପଡ଼ିଛି। ନଦୀକୂଳିଆ ଜୟକୁଣ୍ଡା, ଗଙ୍ଗାଧରପ୍ରସାଦଡିଆ, ସିକୋ, ଡାଳିକାଏନ୍ଦା, ବରୁଣାଡିହା, ବରୁଣା, ଦେଉଳତରା, କଣ୍ଡିଆ, ଗୁଆଳିଗାଁ, ବରାଡିଆ, ଉପୁଳାଇ ଆଦି ଗାଁରେ ପାନୀୟ ଜଳ ନ ମିଳିବା, ପିଇବା ପାଣି ପାଇଁ ହାହାକାର ହେବା ରାଜକନିକା ବ୍ଲକର ପାନୀୟଜଳ ସମସ୍ୟାର ବିକଳ ଚିତ୍ରକୁ ପଦାରେ ପକାଇଛି। ଜୟନଗର, ଭାରିଗଦା, ନମତରା, ବରୁଣାଡିହା ଆଦି ପଞ୍ଚାୟତ ଲୋକେ ପିଇବା ପାଣି ପାଇଁ ହଇରାଣ ହୋଇ ପୋଖରୀପାଣି ବ୍ୟବହାର କରିବାକୁ ବାଧ ହୋଇଛନ୍ତି। ଖରାଦିନର ଏମିତି ଜଳକଷ୍ଟ ପାଇଁ ଆଗୁଆ ପଦକ୍ଷେପ ନ ନେଇ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ସ୍ଥିତି ବିଗିଡି ଯିବା ପରେ ବି କୌଣସି ବିକଳ୍ପ ବ୍ୟବସ୍ଥା ଗ୍ରହଣ ନ କରିବା ଗ୍ରୀଷ୍ମପ୍ରବାହର ଜ୍ୱାଳାକୁ ଅଧିକ ସଙ୍ଗୀନ କରିଛି। ଆଳି କନିକାର ନଦୀ ଅବବାହିକା ଅଞ୍ଚଳରେ ଖରାଦିନ ଆରମ୍ଭରୁ ଦେଖା ଦେଉଥିବା ଜଳକଷ୍ଟ ପାଇଁ ପ୍ରଶାସନ ତୁନି ହୋଇ ବସିଥିବାବେଳେ ଲୋକେ ବିକଳ୍ପ ଭାବେ ପୋଖରୀ ଗଡ଼ିଆ ପାଣି ବ୍ୟବହାର କରି ରୋଗରେ ଶିକାର ହେଉଛନ୍ତି। ଲୋକଙ୍କୁ ପାଇପ ଯୋଗେ ପାଣି ଯୋଗାଇବାକୁ ମହାମାରୀ କରୋନା ସମୟରେ ବଜେଟରେ ବ୍ୟୟବରାଦ ହେଲା। କାମ ବି ଆରମ୍ଭ ହେଲା। ମାତ୍ର ୬ ବର୍ଷ ପରେ ବି ଲୋକଙ୍କ ନିକଟରେ ପାଣି ପହଞ୍ଚିପାରିନାହିଁ। ନିକଟ ଭବିଷ୍ୟତରେ ମଧ୍ୟ ଏହି ପ୍ରକଳ୍ପ ପାଣି ଦେବାର ସମ୍ଭାବନା ଆଦୌ ନାହିଁ। ନାଁ ସରୁଚି ପ୍ରକଳ୍ପର କାମ, ନାଁ ମିଳୁଛି ପାଣି। ଏମିତି ପିଇବା ପାଣି ପାଇଁ ଶୋଷରେ ଆଉଟି ହେଉଛନ୍ତି ରାଜକନିକା ବ୍ଲକବାସୀ। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

- ପାଇପ ପାଣି ସମୁଦ୍ରକୁ ଶଙ୍ଖେ
- ନଳକୂପ ପାଇଁ ଦୈନିକ ବିଡିଓଙ୍କୁ ମିଳୁଛି ଦାବିପତ୍ର

## ବଳଦେବଜୀଉଙ୍କ ରଥଯାତ୍ରା ସମୀକ୍ଷା ବୈଠକ

କେନ୍ଦ୍ରାପଡ଼ା, ୨୮।୫(ସମିସ): କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀବଳଦେବଜୀଉଙ୍କ ରଥଯାତ୍ରା ପାଇଁ ଚାଲିଛି ଜୋରଦାର ପ୍ରସ୍ତୁତି। ଇଛାପୁରସ୍ଥ ଦେବୋତ୍ତର ଟ୍ରଷ୍ଟ କାର୍ଯ୍ୟାଳୟରେ ଗୁରୁବାର ଦେବୋତ୍ତର ଟ୍ରଷ୍ଟ ବୋର୍ଡ ଓ ରଥ ନିର୍ମାଣ କମିଟିର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ରଥ ନିର୍ମାଣ କାର୍ଯ୍ୟର ଅଗ୍ରଗତିକୁ ନେଇ ଆଲୋଚନା ହୋଇଥିଲା। ଜିଲ୍ଲାପାଳ ରଘୁରାମ ଆର. ଆୟର ଯୋଗଦେଇ ରଥ ନିର୍ମାଣ କାର୍ଯ୍ୟର ତ୍ୱରାନ୍ୱିତ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱ ଦେଇଥିଲେ।



ଅତିରିକ୍ତ ଜିଲ୍ଲାପାଳ ତଥା ଟ୍ରଷ୍ଟର ଅଧ୍ୟକ୍ଷ ନବକୃଷ୍ଣ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ରଥ ପାଇଁ ୪ଟି ନୂଆ ଅଖ ଓ ୧୦ଟି ନୂଆ ଚକ ନିର୍ମାଣ ସମ୍ପୂର୍ଣ୍ଣ ହୋଇଥିବା ସୂଚନା ଦିଆଯାଇଥିଲା। ସେହିପରି ନୂଆ ଘୋଡ଼ା, ସାରଥୀ, ପାର୍ଶ୍ୱଦେବଦେବୀ, ସିଂହ, ନର୍ତ୍ତକୀ ଓ ଓଲଟ ଶୁଆ ଭଳି ବିଭିନ୍ନ ଅଳଙ୍କାରିକ ମୂର୍ତ୍ତି ନିର୍ମାଣ କାମ ଦକ୍ଷ କାରିଗରଙ୍କ ଦ୍ୱାରା ଚାଲିଥିବା କଥା ଟ୍ରଷ୍ଟର ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ସୂଚନା ଦେଇଥିଲେ। ଆସନ୍ତା ଜ୍ୟେଷ୍ଠ ପୂର୍ଣ୍ଣିମା ସୁଦ୍ଧା ନୂଆ ଚକ ଓ ଅଖର ସଂଯୋଗ କାର୍ଯ୍ୟ ସମାପ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏପରିକି କାମାକ୍ଷାନଗର ଓ ସୁକିନ୍ଦା ରେଞ୍ଜରୁ ଆସିଥିବା କାଠକୁ କରତକଳରେ ଚିରା କାମ ଚାଲିଥିବାବେଳେ ଆବଶ୍ୟକ ହେଲେ ଅଧିକ କାଠ ସଂଗ୍ରହ କରାଯିବ ବୋଲି ଟ୍ରଷ୍ଟ ଅଧ୍ୟକ୍ଷ ଶ୍ରୀ ଜେନା କହିଛନ୍ତି। ରଥଚକଡା ପରିସରରେ ଥିବା ଡ୍ରେନ ସମସ୍ୟାକୁ ନେଇ ମଧ୍ୟ ବୈଠକରେ ଚର୍ଚ୍ଚା ହୋଇଥିଲା। ରଥ ଚଳାଚଳରେ ବାଧା ସୃଷ୍ଟି କରୁଥିବା ଏହି ଡ୍ରେନକୁ ପଛକୁ ହଟାଇ ସ୍ଥାନକୁ ସମତଳ କରିବା ପାଇଁ ପୂର୍ତ୍ତ ବିଭାଗକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଚନ୍ଦନ ପୋଖରୀରୁ ପଙ୍କ ଉଦ୍ଧାର କାର୍ଯ୍ୟ ଚାଲୁଥିବା ନେଇ ମଧ୍ୟ ସୂଚନା ଦିଆଯାଇଥିଲା। ଉକ୍ତ ବୈଠକରେ ମନ୍ଦିର ପରିସରର ପାନୀୟଜଳ ସମସ୍ୟାକୁ ଗୁରୁତ୍ୱ ସହ ଆଲୋଚନା କରାଯାଇଥିଲା। ୩୦ ହଜାର ଲିଟର କ୍ଷମତାର ଟାଙ୍କି ପାଇଁ ମାତ୍ର ୧ ଏଚପି ମୋଟର ବ୍ୟବହାର ହେଉଥିବାରୁ ପର୍ଯ୍ୟାପ୍ତ ପାଣି ଯୋଗାଣ ହେଉ ନ ଥିବା କଥା ଉଠିଥିଲା। ଏହାର ସମାଧାନ ପାଇଁ ବଡ ବୋରିଂ ସହ ୮ ଇଞ୍ଚିଆ ପାଇପ ଓ ଅନ୍ୟୁନ ୧୦ ଏଚପି ମୋଟର ସ୍ଥାପନ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଏହି ପ୍ରକଳ୍ପ ପାଇଁ ଆବଶ୍ୟକ ଅର୍ଥ ଯୋଗାଇ ଦେବାକୁ କେନ୍ଦ୍ରାପଡ଼ା ସାଂସଦଙ୍କୁ ନିବେଦନ କରାଯାଇଛି। ରଥଯାତ୍ରାକୁ ସୁଚାରୁ ଓ ଭବ୍ୟ କରିବା ପାଇଁ ପ୍ରଶାସନ, ଟ୍ରଷ୍ଟ ବୋର୍ଡ ଓ ସେବାୟତଙ୍କ ସମନ୍ୱୟରେ ଚାଲିଥିବା ପ୍ରସ୍ତୁତି ଏବେ ଭକ୍ତଙ୍କ ମନରେ ଉତ୍ସାହ ବଢ଼ାଇଛି।

## ‘ସାବରକର ଥିଲେ ଜାତୀୟ ଚେତନାର ଅଗ୍ରଦୂତ’



କେନ୍ଦ୍ରାପଡ଼ା, ୨୮।୫(ସମିସ): ରାଷ୍ଟ୍ରବାଦୀ ସାମାଜିକ ସଂଗଠନ ଜୟ ରାଷ୍ଟ୍ର ପକ୍ଷରୁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବିନାୟକ ଦାମୋଦର ସାବରକରଙ୍କ ୧୪୩ତମ ଜୟନ୍ତୀ ପାଳିତ ହୋଇଯାଇଛି। ବଳଦେବଜୀଉଙ୍କ ଯାତ୍ରା ନିବାସ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ଉତ୍ସବରେ ବିଭିନ୍ନ କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସାବରକରଙ୍କ ଦେଶପ୍ରେମ, ତ୍ୟାଗ ଓ ସଂଘର୍ଷମୟ ଜୀବନକୁ ସ୍ମରଣ କରିଥିଲେ। ମୁଖ୍ୟଅତିଥି ଭାବେ ଯୋଗଦେଇ ବିଶିଷ୍ଟ ଆଇନଜୀବୀ ବୈଦ୍ୟନାଥ ଚାଟାର୍ଜୀ କହିଥିଲେ, ବୀର ସାବରକର କେବଳ ଜଣେ ସ୍ୱାଧୀନତା ସଂଗ୍ରାମୀ ନ ଥିଲେ, ସେ ଥିଲେ ଜାତୀୟ ଚେତନାର ଏକ ସ୍ୱର। ସାବରକରଙ୍କ ତ୍ୟାଗ ଓ ବଳିଦାନ ଭାରତର ସ୍ୱାଧୀନତା ଆନ୍ଦୋଳନରେ ଏକ ଅଦ୍ୱିତୀୟ ଅଧ୍ୟାୟ ସୃଷ୍ଟି କରିଛି। ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ଶିକ୍ଷକ ସରୋଜକାନ୍ତ ବିଶ୍ୱାଳ କହିଥିଲେ, ସାବରକରଙ୍କ କାରାଜୀବନ ଓ କାରାସାହିତ୍ୟ ଦେଶପ୍ରେମର ଏକ ଅମର ଦଲିଲ। ସେ ଯୁବପିଢ଼ିଙ୍କୁ ସାବରକରଙ୍କ ଆଦର୍ଶରୁ ପ୍ରେରଣା ନେବାକୁ ଆହ୍ୱାନ କରିଥିଲେ। ସମାଜସେବୀ ବୀରେନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସାମ୍ବାଦିକ ସୁଶାନ୍ତ ନାୟକ ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ପଙ୍କଜ ସିହ୍ନା, ଧର୍ମଦର୍ଶୀ କର, ସରୋଜ ରାଉତ, ମଳୟ ସାହୁ, ଜ୍ଞାନରଞ୍ଜନ ଦାସ, ରାଜେନ୍ଦ୍ର ମହାପାତ୍ର, ସରୋଜ ପରିଡ଼ା, ଦୁର୍ଗାପ୍ରସାଦ ପତି, ରଞ୍ଜନ ସାହୁ, ବିଶ୍ୱପ୍ରକାଶ ସାହୁ ଓ ବିକାଶ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସାବରକରଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

## ଓମ୍‌ପ୍ରକାଶଙ୍କୁ ରାଜୀବ ଗାନ୍ଧୀ ପ୍ରତିଭା ସମ୍ମାନ

ଡେରାବିଶ, ୨୮।୫(ସମିସ): ଡେରାବିଶ ବ୍ଲକ ଅନ୍ତର୍ଗତ ଚାନ୍ଦୋଳ କଲେଜ ଛାତ୍ର ଓମ୍‌ପ୍ରକାଶ ରଥ ଚଳିତ ବର୍ଷର ରାଜ୍ୟସ୍ତରୀୟ ଭାରତ ରତ୍ନ ରାଜୀବ ଗାନ୍ଧୀ ପ୍ରତିଭା ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଭୁବନେଶ୍ୱରସ୍ଥ ଜୟଦେବ ଭବନରେ ରାଜୀବ ଗାନ୍ଧୀଙ୍କ ୩୫ତମ ପୁଣ୍ୟତିଥି ଅବସରରେ ଆୟୋଜିତ ପ୍ରତିଭା ସମ୍ମାନ ପ୍ରଦାନ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଚାରପତି ଡି.ପି. ଚୌଧୁରୀ ଯୋଗଦେଇ ଓମ୍‌ପ୍ରକାଶଙ୍କୁ ଏହି ସମ୍ମାନରେ ସମ୍ମାନିତ କରିଛନ୍ତି। ଓମ୍‌ପ୍ରକାଶ ନାରୀ ସଶକ୍ତୀକରଣ ସମ୍ପର୍କରେ ଏକ ସନ୍ଦର୍ଭ ଲେଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ପ୍ରଶଂସିତ ହୋଇଥିଲେ।




## ପଞ୍ଚୁପାଣ୍ଡବରେ ଇଦ୍ ପାଳିତ

ପଞ୍ଚୁପାଣ୍ଡବ, ୨୮।୫(ସମିସ): ଡେରାବିଶ ବ୍ଲକ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ସଦାନନ୍ଦପୁର ଗ୍ରାମର ମୁସଲିମ ବସ୍ତିରେ ଇଦ୍ ଉଜ୍ ଜୁହା ପର୍ବ ପାଳନ ହୋଇଛି। ଗୁରୁବାର ମୁସଲିମ ବସ୍ତିର ଲୋକ ମସ୍‌ଜିଦ୍ ଓ ଇଦଘାରେ ନମାଜ ପାଠ କରିଥିଲେ। ସକାଳୁ ଉଠି ପରସ୍ପରକୁ ମିଠା ଖୁଆଇବା, ନୂଆ ବସ୍ତ୍ର ପିନ୍ଧିବା ଓ ପରସ୍ପରକୁ ଇଦ୍ ମୋବରକ୍ ଜଣାଇବା ପରେ ସକାଳ ପ୍ରାୟ ୮ଟା ସମୟରେ ଇଦ୍ ପର୍ବ ପାଇଁ ପ୍ରାର୍ଥନା କରାଯାଇଥିଲା। ଗରିବ ଲୋକଙ୍କୁ ଦାନ କରାଯାଇଥିଲା। ସଦାନନ୍ଦପୁର ଗ୍ରାମର ଆଲା ହଜରତ ସୁନି ମସଜିଦରେ ଇମାମ ସାହେବ ହାଫିଜ୍ ନଜିରୁଲ ହୋସେନ୍ ନମାଜ ପାଠ କରାଇଥିଲେ। ପ୍ରାର୍ଥନାରେ ଭାଇଚାରା ବଜାୟ ରଖିବା ନିମନ୍ତେ ମୌଲାନା ଦୁଆ ପ୍ରାର୍ଥନା କରିଥିଲେ। ସେହିପରି କୁରୁଜଙ୍ଗା ପଞ୍ଚାୟତର ମନ୍ତ୍ରିପଡ଼ା, ଲକ୍ଷ୍ମୀନାରାୟଣପୁର ପଞ୍ଚାୟତର ଛଚିଣା, ଗୋଲାରହାଟର ଡେରାବିଶ ଓ ବିଭିନ୍ନ ମୁସଲିମ ବସ୍ତିରେ ନମାଜ ପାଠ କରାଯାଇଥିଲା। ବିଭିନ୍ନ ମସଜିଦରେ ନିକିରାଇ ଓ ଡେରାବିଶ ଥାନା ପୁଲିସ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।



## ସାମ୍ବାଦିକ ଅବନୀ ମୋହନ ଦାସଙ୍କ ପରଲୋକ

ପଟ୍ଟାମୁଣ୍ଡାଇ, ୨୮।୫(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ତଥା ପଟ୍ଟାମୁଣ୍ଡାଇ ଅଞ୍ଚଳର ବରିଷ୍ଠ ସାମ୍ବାଦିକ ତଥା ହୋମିଓପ୍ୟାଥିକ ଚିକିତ୍ସକ ଡା. ଅବନୀ ମୋହନ ଦାସଙ୍କ ୮୧ ବର୍ଷ ବୟସରେ ପରଲୋକ ହୋଇଯାଇଛି। ତାଙ୍କୁ ଗତ ୪ ଦିନ ତଳେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ଆଜି ମଧ୍ୟାହ୍ନରେ ଡା ଶ୍ରୀ ଦାସ ଚିକିତ୍ସାଧୀନ ଅବସ୍ଥାରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ଜଣେ ନିର୍ଭୀକ ସାମ୍ବାଦିକ ତଥା ସଫଳ ହୋମିଓପ୍ୟାଥିକ ଚିକିତ୍ସକ ଭାବେ ତାଙ୍କର ସୁନାମ ରହିଛି। ବହୁ ଗରିବ ଲୋକଙ୍କୁ ମାଗଣାରେ ଚିକିତ୍ସା କରୁଥିଲେ ଓ ବାର୍ଦ୍ଧକ୍ୟଜନିତ ରୋଗରେ ସେ ଦୀର୍ଘଦିନ ଧରି ଚିକିତ୍ସାଧୀନ ଥିଲେ। ସ୍ୱର୍ଗତ ଡା ଦାସ ରାଜ୍ୟ ସରକାରଙ୍କ ସ୍ୱୀକୃତିପ୍ରାପ୍ତ ସାମ୍ବାଦିକ ଥିବାବେଳେ ପଟ୍ଟାମୁଣ୍ଡାଇ ପ୍ରେସ କ୍ଲବ୍‌ର ସଭାପତି, କେନ୍ଦ୍ରାପଡ଼ା ଜିଲ୍ଲା ସାମ୍ବାଦିକ ସଂଘ ଓ ରାଜ୍ୟ ସାମ୍ବାଦିକ ସଙ୍ଘର ବରିଷ୍ଠ କର୍ମକର୍ତ୍ତା ଥିଲେ। ସାମ୍ବାଦିକଙ୍କ ସ୍ୱାର୍ଥ ଓ ସୁରକ୍ଷା ପାଇଁ ସ୍ୱର୍ଗତ ଡା ଦାସ ସର୍ବଦା କାର୍ଯ୍ୟରତ ଥିଲେ। ତାଙ୍କ ପରଲୋକ ଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ। ତାଙ୍କ ମରଶରୀରକୁ କଟକ ବଡ଼ ଡାକ୍ତରଖାନାରୁ ନିଜ ଗ୍ରାମ ପୋଖରିଆପଡ଼ାକୁ ଅଣାଯିବା ପରେ ରାତିରେ ପୁରୀ ସ୍ୱର୍ଗଦ୍ୱାରକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କ ବିୟୋଗରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନ ବିଧାୟକ କିଶୋର ତରାଇ, ଅଂଶୁମାନ ମହାନ୍ତି, ଅଲେଖ ଜେନା, ବିଜେପି ନେତ୍ରୀ ଗୀତା ସେଠୀ, ବିଜେପି ନେତା ଲଳିତ ବେହେରା, ବିଜୟ କେତନ ସ୍ୱାଇଁ, ପୌରାଧ୍ୟକ୍ଷ ହେମନ୍ତ ସାହୁ, ଓକିଲ ସଂଘ ସଭାପତି ସୂର୍ଯ୍ୟରଞ୍ଜନ ରାଉଳ, ମିଟୁ ମନୋଜ ନାୟକ, ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ରାଜ୍ୟସ୍ତରୀୟ ସାମ୍ବାଦିକ ବିଜୟ ପଣ୍ଡା, ମୁରଲୀଧର ମିଶ୍ର, ବରିଷ୍ଠ ସାମ୍ବାଦିକ ପତିତପାବନ ଭଦ୍ର, ଅକ୍ଷୟ ସାହୁ, ଅନୀଲ ଚୌଧୁରୀ, ଜଗନ୍ନାଥ ଆଚାର୍ଯ୍ୟ, ଉପେନ୍ଦ୍ର ନାୟକ, ସତ୍ୟରଞ୍ଜନ ବେହେରା, ରାଜନଗର ପ୍ରେସ କ୍ଲବ୍ ସଭାପତି ଭାସ୍କର ରାଉତରାୟ, ବରିଷ୍ଠ ସାମ୍ବାଦିକ ପ୍ରବୀର ନାୟକ ପ୍ରମୁଖ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ତାଙ୍କ ବିୟୋଗରେ ସମଗ୍ର କେନ୍ଦ୍ରାପଡ଼ା ଜିଲ୍ଲାରେ ଶୋକର ଛାୟା ଖେଳିଯାଇଛି।



### ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ପାଇଁ ତାଲିମ ଶିବିର

## ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତ କରିବାକୁ ପରାମର୍ଶ

କେନ୍ଦ୍ରାପଡ଼ା, ୨୮।୫(ସମିସ)

ଗଣତନ୍ତ୍ରର ମୂଳ ଆଧାର ହେଉଛି ନିର୍ଭୁଲ ଭୋଟର ତାଲିକା। ଏହି ଲକ୍ଷ୍ୟକୁ ସାମ୍ନାରେ ରଖି କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ନିର୍ବାଚନମଣ୍ଡଳୀରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର) ସମ୍ପର୍କିତ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବୁଥସ୍ତରୀୟ ଅଧିକାରୀ (ବିଏଲଓ) ଓ ସୁପରଭାଇଜରଙ୍କୁ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାର ବିଭିନ୍ନ ପ୍ରାସଙ୍ଗିକ ଦିଗ ଉପରେ ପ୍ରଶିକ୍ଷଣ ଦିଆଯାଇଥିବାବେଳେ ନିର୍ଭୁଲ ଭୋଟ ତାଲିକା ପ୍ରସ୍ତୁତ କରିବାକୁ ପରାମର୍ଶ ଦିଆଯାଇଛି।



ଜିଲ୍ଲାର ରାଜନଗର ଓ ପଟ୍ଟାମୁଣ୍ଡାଇରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ, ଆଳି ଓ ରାଜକନିକାରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକ୍ରିଷ୍ଣ ଜେନା, ଗରଦପୁରରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, କେନ୍ଦ୍ରାପଡ଼ାରେ ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ଓ ମାର୍ଶାଘାଇରେ ବିଡିଓ ଅମୀୟ କୁମାର ସ୍ୱାଇଁଙ୍କ ସହ ଅତିରିକ୍ତ ଉପଜିଲ୍ଲାପାଳ ସନ୍ଧ୍ୟାଞ୍ଜଳି ମାଝୀ ପ୍ରମୁଖ ଉପସ୍ଥିତ ରହି ତାଲିମ ପ୍ରଦାନ କରିଥିଲେ। ତାଲିମ ସମୟରେ ଅଧିକାରୀ ଭୋଟର ତାଲିକା ସଂଶୋଧନ କାର୍ଯ୍ୟରେ ସ୍ୱଚ୍ଛତା, ନିଷ୍ଠା ଓ ଦାୟିତ୍ୱବୋଧ ସହ କାମ କରିବାକୁ ବିଏଲଓ ଓ ସୁପରଭାଇଜଙ୍କୁ ପରାମର୍ଶ ଦେଇଥିଲେ। ସଠିକ୍ ଓ ତ୍ରୁଟିମୁକ୍ତ ଭୋଟର ତାଲିକା ପ୍ରସ୍ତୁତି ଦ୍ୱାରା ମତଦାତାଙ୍କ ବିଶ୍ୱାସ ଅର୍ଜନ ସମ୍ଭବ ବୋଲି ସେମାନେ କହିଥିଲେ। ତାଲିମ ଶିବିରରେ ଘରୋଇ ସଂଶୋଧନ, ନୂତନ ମତଦାତାଙ୍କ ନାମ ସଂଯୋଗ, ଅଯୋଗ୍ୟ ମତଦାତାଙ୍କ ନାମ ଅପସାରଣ, ଫର୍ମ ପୂରଣ ପ୍ରକ୍ରିୟା, ଯାଞ୍ଚ ଓ ସମୟସୀମା ପାଳନ ଭଳି ବିଭିନ୍ନ ବିଷୟ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏଥିସହ ବର୍ତ୍ତମାନ ରାଜ୍ୟରେ ଚାଲିଥିବା ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସକାଳ ୬ଟାରୁ ୧୧ଟା ଓ ଅପରାହ୍ନ ୪ଟାରୁ ସନ୍ଧ୍ୟା ୭ଟା ମଧ୍ୟରେ ଘରକୁ ଘର ଯାଇ ଏସଆଇଆର କାର୍ଯ୍ୟ ସମ୍ପାଦନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ନିର୍ବାଚନ ପ୍ରକ୍ରିୟାକୁ ଅଧିକ ସୁସଂଗଠିତ, ସ୍ୱଚ୍ଛ ଓ ପ୍ରଭାବଶାଳୀ କରିବା ଦିଗରେ ଏହି ତାଲିମ କାର୍ଯ୍ୟକ୍ରମ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ ବୋଲି ଅଧିକାରୀ ଆଶା ପ୍ରକାଶ କରିଛନ୍ତି।

## ଗରଦପୁର ବ୍ଲକ୍ ଓ ତହସିଲ କାର୍ଯ୍ୟାଳୟରେ ଅବ୍ୟବସ୍ଥା ଅଭିଯୋଗ

ଗରଦପୁର, ୨୮।୫(ସମିସ): ପାଟକୁରା ନିର୍ବାଚନମଣ୍ଡଳୀର ପ୍ରଶାସନିକ ମେରୁଦଣ୍ଡ ଭାବେ ପରିଚିତ ଗରଦପୁର ବ୍ଲକ ଓ ତହସିଲ କାର୍ଯ୍ୟାଳୟର ଅବସ୍ଥା ଏବେ ଲୋକଙ୍କ ପାଇଁ ଚିନ୍ତା ଓ କ୍ଷୋଭର କାରଣ ପାଲଟିଛି। ସରକାରୀ କାର୍ଯ୍ୟାଳୟ ଥିଲେ ମଧ୍ୟ ଏଠାରେ ସାଧାରଣ ଲୋକଙ୍କ କାମ ହେବା ଏବେ ଭାଗ୍ୟର କଥା ହୋଇପଡ଼ିଛି। ଲୋକଙ୍କ ମଧ୍ୟରେ ଏବେ ଚର୍ଚ୍ଚା ଗରଦପୁର ବ୍ଲକ ଓ ତହସିଲ ଚାଲୁଛି ନା କୋମାରେ ପଡ଼ିଛି? ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ବ୍ଲକ ଓ ତହସିଲ କାର୍ଯ୍ୟାଳୟ ଆଗରେ ଲୋକଙ୍କ ଭିଡ଼ ଲାଗୁଥିଲେ ମଧ୍ୟ କାମରେ ଗତି ଦେଖିବାକୁ ମିଳୁନାହିଁ। ଜମି ପଟ୍ଟା, ମ୍ୟୁଟେସନ, ଆୟ, ଜାତି ଓ ବାସିନ୍ଦା ପ୍ରମାଣପତ୍ର ପାଇଁ ଲୋକେ ଦୌଡ଼ି ଦୌଡ଼ି ନୟାନ୍ତ ହେଉଛନ୍ତି, ଫାଇଲ ଆଗକୁ ବଢୁନାହିଁ। ଅନେକ ଲୋକ ମାସ ମାସ ଧରି କାର୍ଯ୍ୟାଳୟ ଚକ୍କର କାଟୁଥିବାବେଳେ କେହି ଶୁଣିବାକୁ ନାହାଁନ୍ତି।

ବିଶେଷକରି ଗରଦପୁର ବ୍ଲକର ଅବସ୍ଥା ନେଇ ସାଧାରଣ ଲୋକଙ୍କ ଅସନ୍ତୋଷ ଚରମସୀମାରେ ପହଞ୍ଚିଛି। ବିଭିନ୍ନ ଉନ୍ନୟନମୂଳକ ଯୋଜନା କାଗଜକଲମରେ ସୀମିତ ରହିଯାଇଥିବା ଅଭିଯୋଗ ହେଉଛି। ମନରେଗା କାମରେ ଅନିୟମିତତା, ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀ ବଞ୍ଚିତ, ପେନସନ ଆବେଦନ ଅଟକି ରହିବା, ପାନୀୟଜଳ ସମସ୍ୟାର ସମାଧାନ ନ ହେବା ଓ ରାସ୍ତା ମରାମତିରେ ଅବହେଳାକୁ ନେଇ ଲୋକେ ଖୋଲାଖୋଲି କ୍ଷୋଭ ପ୍ରକାଶ କରୁଛନ୍ତି। ଅନେକ ଗ୍ରାମରେ ଡ୍ରେନେଜ ବ୍ୟବସ୍ଥା ଭାଙ୍ଗିପଡ଼ିଥିଲେ ମଧ୍ୟ ବ୍ଲକ ପ୍ରଶାସନର ନିଦ ଭାଙ୍ଗୁନାହିଁ। କେନାଲ କାମ ନିମ୍ନମାନର ହୋଇଥିବା ନେଇ ପୂର୍ବରୁ ଅଭିଯୋଗ ଉଠିଥିଲେ ମଧ୍ୟ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଶୂନ। ଗ୍ରାମାଞ୍ଚଳର ଅନେକ ରାସ୍ତା ବର୍ଷା ପୂର୍ବରୁ ଖରାପ ଅବସ୍ଥାରେ ପହଞ୍ଚିଥିବାବେଳେ ସାଧାରଣ ଲୋକ ଯାତାୟାତରେ ହନ୍ତସନ୍ତ ହେଉଛନ୍ତି।

ଲୋକଙ୍କ ଅଭିଯୋଗ ଅନୁଯାୟୀ, ବ୍ଲକ କାର୍ଯ୍ୟାଳୟରେ ଦାୟିତ୍ୱବୋଧର ଅଭାବ ଦେଖାଦେଇଛି। କେତେକ କର୍ମଚାରୀ ସଠିକ୍ ସମୟରେ କାର୍ଯ୍ୟାଳୟକୁ ନ ଆସିବା, ଲୋକଙ୍କ ସହ ଅସହଯୋଗୀ ବ୍ୟବହାର କରିବା ଓ ଫାଇଲକୁ ମାସ ମାସ ଧରି ପକାଇ ରଖିବା ଏବେ ସାଧାରଣ ଘଟଣା ପାଲଟିଛି। ଫଳରେ ଲୋକମାନେ ଦଲାଲଙ୍କ ଶରଣ ପଶୁଥିବା ଅଭିଯୋଗ ହେଉଛି। ତହସିଲ କାର୍ଯ୍ୟାଳୟରେ ମଧ୍ୟ ଜମିଜମା ମାମଲାର ଶୁଣାଣି ଓ ରେକର୍ଡ ସଂଶୋଧନ କାମ ଧୀର ଗତିରେ ଚାଲିଥିବାରୁ ସାଧାରଣ ଲୋକ ଅସୁବିଧାରେ ପଡୁଛନ୍ତି। ଅନେକ ଲୋକ କହୁଛନ୍ତି, ସରକାର ଯୋଜନା କରୁଛନ୍ତି, କିନ୍ତୁ ଗରଦପୁରରେ ସେହି ଯୋଜନା ଅଫିସ ଫାଇଲ ଭିତରେ ହିଁ ଅଟକି ରହିଯାଉଛି। ପାଟକୁରା ଅଞ୍ଚଳର ବିକାଶର କଥା ବାରମ୍ବାର ଉଠୁଥିବାବେଳେ ଗରଦପୁର ଭଳି ଗୁରୁତ୍ୱପୂର୍ଣ୍ଣ ବ୍ଲକର ଏଭଳି ପ୍ରଶାସନିକ ଅବସ୍ଥା ଏବେ ବଡ଼ ପ୍ରଶ୍ନ ସୃଷ୍ଟି କରିଛି। ଜିଲ୍ଲା ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରିବାକୁ ସାଧାରଣରେ ଦାବି ହେଉଛି।

## ଯୁବକଙ୍କ ଆତ୍ମହତ୍ୟା

**ଧର୍ମଶାଳା, ୨୮।୫(ସମିସ):** ଧର୍ମଶାଳା ଥାନା ଭୁବନ କୂଳସାହି ଗ୍ରାମର ରାଜମିସ୍ତ୍ରି ଭାବେ କାର୍ଯ୍ୟ କରୁଥିବା ସନ୍ତୋଷ ରାଉଳ(୪୨) ଗତ କାଲି ବିଳମ୍ବିତ ରାତିରେ ବେକରେ ଦୌଡ଼ି ଦେଇ ଏକ ଗଛରେ ଝୁଲିପଡ଼ିଥିବା ଦେଖିବାକୁ ମିଳିଛି। ସୂଚନା ମୁତାବକ ଭୁବନ କୂଳସାହିର କୋପନ ରାଉତଙ୍କ ପୁଅ ସନ୍ତୋଷ ଗତକାଲି ରାତିରେ ଏକ ଭୋଜିରେ ଯୋଗଦେଇ ଘରକୁ ଆସି ଶୋଇଥିଲେ। ହେଲେ ବିଳମ୍ବିତ ରାତିରେ ସେ ଘରୁ ବ୍ରାହ୍ମଣୀ ନଦୀ ପଠାକୁ ଯାଇ ବେକରେ ରଶି ଲଗାଇ ସେଠାରେ ଥିବା ଏକ ଗଛ ଡାଳରେ ଓହଳି ପଡ଼ିଥିଲେ। ସକାଳୁ ସ୍ଥାନୀୟ ଲୋକମାନେ ଦେଖି ପରିବାର ଲୋକମାନଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ଆସି ମୃତଦେହକୁ ଚିହ୍ନଟ କରିବା ସହ ପୁଲିସକୁ ଖବର ଦେଇଥିଲେ। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ରୋଗ ପୋକ ନେଇ ଚାଷୀ ମୁଣ୍ଡରେ ଚଡ଼କ

# କୃଷି ଅଧିକାରୀଙ୍କ ଦେଖା ମିଳୁନି



**କବାଟବନ୍ଧ, ୨୮।୫(ସମିସ)**

ପ୍ରବଳ ଗ୍ରୀଷ୍ମପ୍ରବାହରେ ରୋଗ ପୋକ ପାଇଁ ଚାଷ ଉଜୁଡ଼ିବାକୁ ବସିଥିବାବେଳେ ବିଭାଗୀୟ ଅଧିକାରୀଙ୍କ ଦେଖା ମିଳୁନି। ଅଫିସରେ ଏସି କୋଠରିରେ ବସି ନିଜର କାମ ସାରିଦେଉଥିବାବେଳେ ଚାଷୀଙ୍କ ସମସ୍ୟା ସମ୍ପର୍କରେ ଆଖି ବୁଜି ଦେଉଛନ୍ତି। ଚାଷୀ ଖରାଦିନିଆ ଫସଲ ଲଗାଇ ଭଲ ଦି' ପଇସା ରୋଜଗାର କରିବା ପାଇଁ ଲକ୍ଷ୍ୟ ରଖିଥିବାବେଳେ ଏବେ ରୋଗ ପୋକ ଦାଉରେ ହତାଶ ହେଲେଣି। ଧର୍ମଶାଳା ବ୍ଲକର ଶେଷ ଅଞ୍ଚଳ ତଥା ଢେଙ୍କାନାଳ ଜିଲ୍ଲାର ସୀମାକୁ ଲାଗିଥିବା ବିଭିନ୍ନ ପଞ୍ଚାୟତର ଚାଷୀମାନେ ବହୁ ମାତ୍ରାରେ ପ୍ରଭାବିତ ହେଉଛନ୍ତି। ବ୍ଲକର ଏଣ୍ଡଳବା, ରେଖିଦେଇପୁର, ତାଳଜଙ୍ଗ, ମର୍ଜିତାପୁର, ମଧୁସୂଦନ ସମେତ ବିଭିନ୍ନ ପଞ୍ଚାୟତରେ ଖରା ଦିନିଆ ଚାଷ କରିଥିବା ଚାଷୀମାନେ ଲଗାଇଥିବା ବିଭିନ୍ନ ଫସଲକୁ ରୋଗ ପୋକ ଦାଉରୁ ରକ୍ଷା କରିବା ପାଇଁ ନାକେଦମ ହେଲେଣି। କିନ୍ତୁ ଏହି ସମୟରେ ବିଭାଗୀୟ ଅଧିକାରୀଙ୍କ ଦେଖା ମିଳୁ ନାହିଁ। ଏହି ଅଞ୍ଚଳରେ ଚାଷୀମାନେ ଖରାଦିନିଆ ଫସଲ ଭାବେ ବାଇଗଣ, ପୋଟଳ, କାକୁଡ଼ି ଆଦି ବିଭିନ୍ନ ପ୍ରକାର ପରିବା ଚାଷ କରିଛନ୍ତି। ପ୍ରବଳ ଗରମ କାରଣରୁ ଫସଲରେ ରୋଗ ପୋକ ଲାଗି ଗଛ ନଷ୍ଟ କରୁଛନ୍ତି। ପ୍ରବଳ ଗରମ କାରଣରୁ ରୋଗ ପୋକ ପ୍ରଭାବ ସାଧାରଣ ଭାବେ ଯଥେଷ୍ଟ ଅଧିକ ରହିଥାଏ। ହଜାର ହଜାର ଟଙ୍କା ଖର୍ଚ୍ଚ କରି ବହୁ କଷ୍ଟରେ ଲଗାଇ ଥିବା ଫସଲ ବୁଡ଼ିବାକୁ ବସିଲାଣି। ମାତ୍ର କୃଷି ଅଧିକାରୀ କିମ୍ବା ଉଦ୍ୟାନ କୃଷି ବିଭାଗର କୌଣସି ଅଧିକାରୀଙ୍କ ଦେଖା ମିଳୁନାହିଁ। କ୍ଷେତ୍ର ପରିଦର୍ଶନ ଦୂରର କଥା ଚାଷୀ ମାନଙ୍କୁ ପରାମର୍ଶ ଦେବାକୁ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ଦେଖା ମିଳୁନାହିଁ। ଏପରି ପରିସ୍ଥିତିରେ ଚାଷୀଟିଏ କେବଳ ମୁଣ୍ଡ କାନ ଆଉଁସି ରହିବା ଛଡ଼ା ଅନ୍ୟ କିଛି ରାସ୍ତା ନାହିଁ। ଜିଲ୍ଲା ପ୍ରଶାସନ ତଥା ଜିଲ୍ଲାପାଳ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ସହିତ କୃଷି ବିଭାଗ ଏବଂ ଉଦ୍ୟାନ କୃଷି ବିଭାଗ ଅଧିକାରୀ ଚାଷୀମାନଙ୍କୁ ଆବଶ୍ୟକ ସହାୟତା ଯୋଗାଇଦେବାକୁ ନିର୍ଦ୍ଦେଶ ଦେଲେ ଚାଷୀ କିଛିଟା ଆଶ୍ୱସ୍ତ ହୁଅନ୍ତା ବୋଲି ମତପ୍ରକାଶ ପାଇଛି।

## ସ୍ଥାପନ ହେଲା ଏଟିଏମ୍; ଦୂରହେଲା ଦୁଇ ପଞ୍ଚାୟତର ସମସ୍ୟା



**ଜେନାପୁର, ୨୮।୫(ସମିସ):** ଧର୍ମଶାଳା ବ୍ଲକର ମାହିଶରା ଓ ସମ୍ଭାରୁର ପଞ୍ଚାୟତରେ ଲୋକେ ଏଟିଏମ୍ ସୁବିଧାରୁ ବଞ୍ଚିତ ଥିବାବେଳେ ଏଟିଏମ୍ ସ୍ଥାପନ ପାଇଁ ବାରମ୍ବାର ଦାବି କରିଆସୁଥିଲେ। ଏହି ଦାବିକୁ ଦୃଷ୍ଟିରେ ରଖି ବାଟିଯୋଡ଼ା ବଜାରରେ ଏକ ଏଟିଏମ୍ ଉଦ୍‌ଘାଟିତ ହୋଇଛି। ଫଳରେ ଟଙ୍କା ଉଠାଣ ପାଇଁ ଦଶ କିମି ଯାଇ ହଇରାଣ ହେଉଥିବା ଦୁଇଟି ପଞ୍ଚାୟତର ଲୋକେ ଏବେ ଆଶ୍ୱସ୍ତି ହୋଇଛନ୍ତି। ଏପରିକି ୧୦ କିମି ଗଲେ ବି ବେଳେବେଳେ ଏଟିଏମ୍‌ରେ ଟଙ୍କା ନଥିଲେ ଫେରିବାକୁ ପଡୁଥିଲା। ବାଟିଯୋଡ଼ା ବଜାରରେ ଏହି ସୁବିଧା ଏବେ ଏହି ଦୁଇ ପଞ୍ଚାୟତ ସହ ପାର୍ଶ୍ୱବର୍ତ୍ତୀ ଜିଲ୍ଲା ଢେଙ୍କାନାଳର ଦଶ ଖଣ୍ଡ ଗ୍ରାମର ଲୋକମାନେ ମଧ୍ୟ ଉପକୃତ ହେବେ। ବଜାର କମିଟି ସଭାପତି ଅଲେଖ ପ୍ରସାଦ ନାୟକ ଏହାକୁ ଉଦ୍‌ଘାଟନ କରି କହିଛନ୍ତି ଦୀର୍ଘଦିନର ଅସୁବିଧା ଏବେ ଦୂର ହୋଇଛି। ଟଙ୍କା ଉଠାଣର ଆବଶ୍ୟକତା ପଡ଼ିଲେ ଚଣ୍ଡିଖୋଲ କିମ୍ବା ଜାରକା ଯିବାକୁ ପଡୁଥିଲା। ବୟସ୍କ ଓ ମହିଳାମାନେ ଅଧିକ ହଇରାଣ ହେଉଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯାଜପୁର ଏସ୍‌ସି/ଏସ୍‌ଟି ସଭାପତି ଆର୍ତ୍ତତ୍ରାଣ ମଳିକ, ସତ୍ୟବ୍ରତ ନାୟକ ଓ ହିଟାଚି କମ୍ପାନୀ ଏଟିଏମ୍ ମାଲିକ ହିମାଂଶୁ ଶେଖର ବାଗ ପ୍ରମୁଖ ଉପସ୍ଥିତ ଥିଲେ।

## ସେସା ଫୁଟବଲ୍ ଏକାଡେମୀରୁ ସ୍କଲାରସିପ୍ ପାଇଲେ ଲକ୍ଷ୍ମୀ ମୁର୍ମୁ

**ଦାନଗଦି, ୨୮।୫(ସମିସ) :** ଯାଜପୁର ଜିଲ୍ଲା ଦାନଗଦୀ ବ୍ଲକ ଶାଳିଜଙ୍ଗା ପଞ୍ଚାୟତର ଭାଲୁବସା ଗ୍ରାମର ଅଷ୍ଟମ ଶ୍ରେଣୀର ଛାତ୍ରୀ ତଥା ଫୁଟବଲ ଖେଳାଳି ଲକ୍ଷ୍ମୀ ମୁର୍ମୁ ଗୋଆର ପଞ୍ଜିମସ୍ଥିତ ପ୍ରତିଷ୍ଠିତ 'ସେସା ଫୁଟବଲ୍ ଏକାଡେମୀ' (ଏସ୍‌ଏଫ୍‌ଏ) ରେ ଚାରି ବର୍ଷିଆ ଆବାସିକ ସ୍କଲାରସିପ୍ ପାଇଛନ୍ତି। ଭାରତର ଶ୍ରେଷ୍ଠ ଯୁବ ଫୁଟବଲ ପ୍ରତିଭାମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ମୁଖ୍ୟ ଧାରାର ଖେଳାଳି ଭାବେ ଗଢ଼ିତୋଳିବାରେ ଏହି ଏକାଡେମୀ ଏକ ପ୍ରମୁଖ ଅନୁଷ୍ଠାନ ଭାବେ ବେଶ୍ ପ୍ରତିଷ୍ଠିତ। ସେ ତୃତୀୟ ଶ୍ରେଣୀରେ ପଢ଼ିବାବେଳୁ ହିଁ ଲକ୍ଷ୍ମୀ ଖେଳକୁଦ ପ୍ରତି ଆଗ୍ରହୀ ଥିଲେ। ପରେ ତାଙ୍କ ଘରଠାରୁ ପ୍ରାୟ ୫ କିଲୋମିଟର ଦୂରରେ ଥିବା ଟାଟା ଷ୍ଟିଲ୍ ଫାଉଣ୍ଡେସନର 'ବାଘୁଆପାଳ ଗ୍ରାସରୁଟ୍ ଫୁଟବଲ୍ ଟ୍ରେନିଂ ସେଣ୍ଟର' ବିଷୟରେ ଜାଣିବା ପରେ ତାଙ୍କର ଫୁଟବଲ ପ୍ରତି ଆଗ୍ରହ ଓ ଭଲପାଇବା ଆହୁରି ବଢ଼ିଯାଇଥିଲା। ସେଠାରେ ଅନ୍ୟ ଝିଅମାନଙ୍କୁ ତାଲିମ ନେଉଥିବାର ଦେଖି ସେ ଅନୁପ୍ରାଣିତ ହୋଇଥିଲେ। ଏହାପରେ ସେ ନିଜ ପାଠପଢ଼ା ଏବଂ ଖେଳ ଉଭୟକୁ ଗୁରୁତ୍ୱ ଦେଇ ପ୍ରତିଦିନ କଠିନ ଅଭ୍ୟାସ କରୁଥିଲେ। ଏପରିକି ପରିବାରର ଇଚ୍ଛା ବିରୁଦ୍ଧରେ ଯାଇ ଲକ୍ଷ୍ମୀଙ୍କୁ ଲୁଚି ଲୁଚି ଖେଳିବାକୁ ପଡୁଥିଲା। ନିଜର ପୋଷାକ (ଜର୍ସି) ଓ ଖେଳ ପାଇଁ ସେ ସ୍ଥାନୀୟ ଲୋକଙ୍କ ଆକ୍ଷେପର ଶିକାର ହେଉଥିଲେ। କିନ୍ତୁ ତାଙ୍କର ଦୃଢ଼ ସଂକଳ୍ପ ଦ୍ୱାରା ଶେଷରେ ସେ ତାଙ୍କ ପିତା ରାମ ମୁର୍ମୁଙ୍କ ହୃଦୟ ଜିତିପାରିଥିଲେ। ସମାଜର ଅଙ୍ଗୁଳି ନିର୍ଦ୍ଦେଶ ସତ୍ତ୍ୱେ ସେ ଝିଅର ସବୁଠାରୁ ବଡ଼ ସାହସ ପାଲଟିଗଲେ। ଲକ୍ଷ୍ମୀଙ୍କ ଭାଗ୍ୟ ସେତେବେଳେ ବଦଳିଲା, ଯେତେବେଳେ 'ସେସା ଫୁଟବଲ୍ ଏକାଡେମୀ'ର ଜାତୀୟ ସ୍କାଉଟ୍ (ପ୍ରତିଭା ଚୟନକାରୀ)ମାନେ ତାଙ୍କ ଭିତରେ ଥିବା ପ୍ରତିଭାକୁ ଚିହ୍ନିପାରିଲେ। ଲକ୍ଷ୍ମୀ ଆସନ୍ତା ଜୁନ୍ ପହିଲାରେ ଏହି ଏକାଡେମୀରେ ଯୋଗଦେବେ। ସେଠାରେ ତାଙ୍କୁ ଶିକ୍ଷା, ବୃତ୍ତିଗତ ପ୍ରଶିକ୍ଷଣ, ରହିବା-ଖାଇବା, ଖେଳ ସରଞ୍ଜାମ, ମେଡିକାଲ୍ ଇନସ୍ୟୁରାନ୍ସ ଏବଂ ବାର୍ଷିକ ଘରକୁ ଯିବା ଆସିବା ପାଇଁ ଯାତ୍ରା ଖର୍ଚ୍ଚ ସହ ସମସ୍ତ ସୁବିଧା ଯୋଗାଇ ଦିଆଯିବ। ତାଙ୍କର ଏହି ସଫଳତା ଟାଟା ଷ୍ଟିଲ୍ ଫାଉଣ୍ଡେସନର ଗ୍ରାସରୁଟ୍ କ୍ରୀଡ଼ା କାର୍ଯ୍ୟକ୍ରମ ଦ୍ୱାରା ସମ୍ଭବ ହୋଇପାରିଛି।



## ଗଚ୍ଛିତ ବାଲି ଉପରେ ପ୍ରଶାସନର ଚଢ଼ଉ



**ପାଣିକୋଇଲି, ୨୮।୫ (ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ମୂଳାପାଳ ପଞ୍ଚାୟତ ମୂଳାପାଳ ବୈତରଣୀ ନଦୀ ପଠାରେ ଶହ ଶହ ଟ୍ରିପ ବାଲି ଗଚ୍ଛିତ ରଖାଯାଇ ବିକ୍ରି କରାଯାଉଥିଲା। ଏ ନେଇ ଖଣି ବିଭାଗ ନିକଟରେ କିଛି ଗ୍ରାମବାସୀ ଅଭିଯୋଗ କରିଥିଲେ। ଏପ୍ରିଲ ୨୦ ତାରିଖ ପାଣିକୋଇଲି ପୁଲିସ ସହାୟତାରେ ଖଣି ବିଭାଗ ଗଚ୍ଛିତ ବାଲି ସ୍ଥାନରେ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ଗଚ୍ଛିତ ବାଲି ଦେଖି ଏହା ଉପରେ ନାଲିପତାକା ଲଗାଇଥିଲେ। ବାଲି ଗଚ୍ଛିତ କରିବା ଓ ବିକ୍ରି କରିବା ଉପରେ ରୋକ ଲଗାଯାଇଥିଲା। ଖଣି ବିଭାଗ ସମସ୍ତ ବାଲିକୁ ସିଜ କରିବା ଘୋଷଣା କରିଥିଲା। ଏହି ବାଲିକୁ ନିଲାମ କରାଯିବ ବୋଲି କୁହାଯାଇଥିଲା। କିନ୍ତୁ ପରବର୍ତ୍ତୀ ଅବସ୍ଥାରେ କାର୍ଯ୍ୟାନୁଷ୍ଠାନ ଶୂନ ହୋଇଥିଲା। ଫଳରେ ପୁଣି ବାଲି ବିକ୍ରୟ ହୋଇଥିଲା। ଆଜି ଯାଜପୁର ଏସ୍‌ପି ଯଶ ପ୍ରତାପ ଶ୍ରୀମଲଙ୍କ ନିର୍ଦ୍ଦେଶ କ୍ରମେ ପ୍ରଶାସନ ପକ୍ଷରୁ ଚଢ଼ଉ କରାଯାଇଥିଲା। ଖଣି, ରାଜସ୍ୱ ଓ ପୁଲିସର ମିଳିତ ଚଢ଼ାଉ କରାଯାଇଥିଲା। ସେଠାରେ ଆନୁମାନିକ ୬ଶହ ଟ୍ରିପରୁ ଉର୍ଦ୍ଧ୍ୱ ବାଲି ଗଚ୍ଛିତ ଥିବା ଅନୁମାନ କରାଯାଉଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ୩୨ ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ଆକଳନ ଖଣି ବିଭାଗ କରିଛି। ଚଢ଼ଉରେ ଖଣି ଅଧିକାରୀ ମହେଶ ନାଥ, ବିଶାଳ ଠାକୁର, ଜୁନିଅର ଖଣି ଅଧିକାରୀ ଅଶୋକ କୁମାର ମହାନ୍ତି, ଶେଖର କୁମାର ମଲ୍ଲିକ, ବ୍ୟାସନଗର ଅତିରିକ୍ତ ତହସିଲଦାର ସନ୍ତୋଷ କୁମାର ପୁହାଣ, ପାଣିକୋଇଲି ଥାନାଧିକାରୀ ରଞ୍ଜିତ ମହାନ୍ତି, ସବଇନ୍‌ସପେକ୍ଟର ପ୍ରଶାନ୍ତ ଦାଶ ପ୍ରମୁଖ ସାମିଲ ହୋଇଥିଲେ।

## ଏସ୍‌ଜି କଲେଜ +୨ ବିଜ୍ଞାନ ଟପ୍ପରଙ୍କୁ ପ୍ରଣବ ପ୍ରକାଶଙ୍କ ସମ୍ବର୍ଦ୍ଧନା



**ମଙ୍ଗଳପୁର, ୨୮।୫(ସମିସ):** ଦଶରଥପୁର ବ୍ଲକ ମଙ୍ଗଳପୁର ପଞ୍ଚାୟତ ଅଧୀନ ମଙ୍ଗଳପୁର - ବଜରାପାଟ ଗ୍ରାମର ନିରଞ୍ଜନ ନାଥ ଏବଂ ବିଜୟଲକ୍ଷ୍ମୀ ନାଥଙ୍କ ଝିଅ ମନୀଷା ଚଳିତବର୍ଷ ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ୫୭୧ ନମ୍ବର ତଥା ୯୫ ପ୍ରତିଶତ ମାର୍କ ରଖି ସଫଳତା ହାସଲ କରିଛନ୍ତି। ମନୀଷା କନିକାପଡ଼ା ପଞ୍ଚାୟତ କନିକାପଡ଼ାସ୍ଥିତ ସାଧୁଗୌରେଶ୍ୱର ମହାବିଦ୍ୟାଳୟ (ଏସ୍‌ଜି କଲେଜରେ) ପାଠ ପଢୁଥିବାବେଳେ ଏହି କଲେଜ ଇତିହାସରେ କେବେ କେହି ବିଜ୍ଞାନ ବିଭାଗରେ ଏତେ ପ୍ରତିଶତ ମାର୍କ ରଖି ରେକର୍ଡ ସୃଷ୍ଟି କରି ନଥିଲେ। ମନୀଷା ଏଭଳି ସର୍ବୋଚ୍ଚ ନମ୍ବର ରଖି ରେକର୍ଡ ସୃଷ୍ଟି କରିବା ସହ ଏସ୍‌ଜି କଲେଜ ତଥା ମଙ୍ଗଳପୁର ପଞ୍ଚାୟତ ପାଇଁ ଗୌରବ ଆଣିଛନ୍ତି। ମନୀଷାଙ୍କର ଏଭଳି ସଫଳତା ପାଇଁ ଆଜି ଅପରାହ୍ଣରେ ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ ମନୀଷାଙ୍କ ଘରେ ପହଞ୍ଚି ତାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ନଗଦ ଅର୍ଥ ରାଶି ପ୍ରଦାନ କରିଥିଲେ। ସେହିପରି ଭବିଷ୍ୟତରେ ମନୀଷାଙ୍କର ପାଠପଢ଼ା ଦାୟିତ୍ୱ ନେବେ ବୋଲି କହିବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଯାଜପୁରର ପୂର୍ବତନ ପୌରାଧ୍ୟକ୍ଷ ଭବପ୍ରସାଦ ଦାସ, ମଙ୍ଗଳପୁରର ପୂର୍ବତନ ସରପଞ୍ଚ ଶିଶିର ଧଳ, ସମାଜସେବୀ ପ୍ରଦୀପ ମହାପାତ୍ର, ପରୀକ୍ଷିତ ରାୟ, ପ୍ରାକ୍ତନ ସରପଞ୍ଚ ଶୈଳେନ୍ଦ୍ର ନାୟକ, ଯୁବନେତା ପୂର୍ଣ୍ଣଚନ୍ଦ୍ର ରାଉତ, ବରିଷ୍ଠ ମୁରବୀ ଇନ୍ଦ୍ରମଣି ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ଶିଶୁ ସୁରକ୍ଷା ସମ୍ପର୍କିତ ବୈଠକ

**ଯାଜପୁର, ୨୮।୫(ସମିସ):** ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଶିଶୁ ସୁରକ୍ଷା ସମ୍ପର୍କିତ ଆନ୍ତଃ ବିଭାଗୀୟ ସମନ୍ୱୟ ତଥା ମିଶନ ବାତ୍ସଲ୍ୟ ଯୋଜନା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରେ ଶିଶୁ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା, ଅସହାୟ ଏବଂ ଅବହେଳିତ ଶିଶୁମାନଙ୍କ ପୁନର୍ବାସନ, ଶିଶୁ ଅଧିକାର ସୁନିଶ୍ଚିତ କରଣ, ଶିଶୁ ନିର୍ଯାତନା ଓ ଶିଶୁ ଶ୍ରମ ନିରାକରଣ ଉପରେ ବିଶେଷ ଭାବରେ ଆଲୋଚନା ହୋଇଥିଲା। ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଦିବ୍ୟଭୂଷଣ ମହାନ୍ତି ଏବଂ ସଦସ୍ୟ ଗୀତାଞ୍ଜଳି ଧଳ, ଲକ୍ଷ୍ମୀନାରାୟଣ ସାହୁ ଓ ସୂର୍ଯ୍ୟ ନାରାୟଣ ମିଶ୍ର ପ୍ରମୁଖ ଯୋଗଦେଇ ବେସରକାରୀ ହଷ୍ଟେଲଗୁଡ଼ିକୁ ଏନ୍‌ସିପିସିଆର୍ ନିର୍ଦ୍ଦେଶନାମା ବଳରେ ପଞ୍ଜିକୃତ କରିବା, ଶ୍ରମ କାର୍ଯ୍ୟରେ ନିୟୋଜିତ ପିଲାଙ୍କ ଉଦ୍ଧାର ପରେ ସମ୍ପୃକ୍ତ ପ୍ରତିଷ୍ଠାନ ବିରୋଧରେ ମାମଲା ଦାୟର କରିବାକୁ ସୁନିଶ୍ଚିତ କରିବା ନିମନ୍ତେ ଶ୍ରମ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଶିଶୁ ଅନୁଷ୍ଠାନରେ ପିଲାଙ୍କ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ କାର୍ଡ ଯୋଗାଇଦେବା ପାଇଁ ଶିଶୁ କଲ୍ୟାଣ ସମିତିର ଅଧ୍ୟକ୍ଷ ଶ୍ରୀ ମହାନ୍ତି ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ବ୍ଲକ, ପଞ୍ଚାୟତ ଓ ରାଜସ୍ୱ ଗ୍ରାମସ୍ତରରେ ଶିଶୁ ମଙ୍ଗଳ ଓ ସୁରକ୍ଷା କମିଟିର ନିୟମିତ ବୈଠକ ଆୟୋଜନ କରିବା ପାଇଁ ବ୍ଲକ ଅଧିକାରୀଙ୍କୁ ଜିଲ୍ଲାପାଳ ଆଦେଶ ଦେଇଛନ୍ତି। ବୈଠକରେ ମିଶନ ବାତ୍ସଲ୍ୟ ଯୋଜନାର ଅଗ୍ରଗତି ସମୀକ୍ଷା କରାଯାଇଥିବା ବେଳେ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଶିଶୁମାନଙ୍କ ସୁରକ୍ଷା ଓ ସର୍ବାଙ୍ଗୀନ ବିକାଶ ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳ ଶ୍ରୀ କର ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ଆୟୋଜିତ ଏହି ବୈଠକରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ, ଜିଲ୍ଲା ପଞ୍ଚାୟତ ଅଧିକାରୀଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସମାଜକଲ୍ୟାଣ ଅଧିକାରୀ, ଆଇଜେଏମ ଇଣ୍ଡିଆ, ଟାଟା ଷ୍ଟିଲ, ଉତ୍କଳ ସେବକ ସମାଜ, ଏକକ ରହଣି କେନ୍ଦ୍ର, ରୁଚିକା ସମାଜ ସେବା ସଂଗଠନର କର୍ମକର୍ତ୍ତା ଯୋଗଦେଇଥିଲେ। ଶେଷରେ ଶିଶୁ ସୁରକ୍ଷା ୟୁନିଟ୍‌ର ତପନ କୁମାର ପାତ୍ର ଧନ୍ୟବାଦ ଦେଇଥିଲେ।



## ବ୍ରହ୍ମବରଦାରେ ଇଦ୍-ଉଜ୍-ଜୁହା



**ବ୍ରହ୍ମବରଦା, ୨୮।୫(ସମିସ):** ତ୍ୟାଗ ଓ ବଳିଦାନର ପ୍ରତୀକ ଇଦ୍-ଉଜ୍-ଜୁହା ପର୍ବ ରସୁଲପୁର ବ୍ଲକ ଅବିଭକ୍ତ ବ୍ରହ୍ମବରଦା ପଞ୍ଚାୟତରେ ପାଳିତ ହୋଇଯାଇଛି। ଆଜି ସକାଳୁ ଛୋଟରୁ ବଡ ସମସ୍ତ ମୁସଲମାନ ଭାଇମାନେ ନୂଆ ପୋଷାକ ପରିଧାନ କରି ଗ୍ରାମର ମୁଖ୍ୟ ପେଣ୍ଠସ୍ଥଳ ବ୍ୟାଙ୍କ ଛକସ୍ଥିତ ଇଦ୍‌ଗା ପଡ଼ିଆ ନିକଟରେ ଏକତ୍ରିତ ହୋଇଥିଲେ। ସେଠାରେ ସମୂହ ନମାଜ ପାଠ କରିବା ସହ ଜଗତର ମଙ୍ଗଳ କାମନା ନିମନ୍ତେ ଆଲ୍ଲାଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ନମାଜ ପାଠ ପରେ ମୁସଲମାନ ଭାଇମାନେ ପରସ୍ପରକୁ ଆଲିଙ୍ଗନ କରି ଇଦ୍-ଉଜ୍-ଜୁହାର ଅଭିନନ୍ଦନ ଓ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଥିଲେ। ଏହିକ୍ରମରେ ଆଜାଦନଗରସ୍ଥିତ ଜାମା ମସଜିଦ୍, ବଜାର ଘାଟସ୍ଥିତ ଜାମା ମସଜିଦ୍, ଇସତମା ପଡ଼ିଆସ୍ଥିତ ଜାମା ମସଜିଦ ସମେତ ଅନ୍ୟ ମସଜିଦ ମାନଙ୍କରେ ସମୂହ ନମାଜ ପାଠ କରାଯାଇ ଇଦ୍-ଉଜ୍-ଜୁହା ପାଳନ କରାଯାଇଥିଲା। ଏହି ଅବସରରେ ୩୬ ନମ୍ବର ଜିଲ୍ଲାପରିଷଦ ସଭ୍ୟା ଭାରତୀ ବିଶ୍ୱାଳ, ଯୁବ ସମାଜ ସେବୀ ଦେବବ୍ରତ ବିଶ୍ୱାଳ, ସଂଗ୍ରାମ କେଶରୀ ମହାନ୍ତି, ଯୁବନେତା ଉଦୟ ଭାନୁ ଦେଓଙ୍କ ସମେତ ବହୁ ହିନ୍ଦୁ ଯୁବ ନେତା ଓ ନେତ୍ରୀ ଉପସ୍ଥିତ ରହି ମୁସଲମାନ ଭାଇମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ଓସିଏସ୍ ପରୀକ୍ଷାରେ ସଫଳ ସ୍ୱାଗତିକାଙ୍କୁ ସମ୍ବର୍ଦ୍ଧନା

**ସିଂହପୁର/ମଇଁଦା, ୨୮।୫(ସମିସ):** ବିଂଝାରପୁର ବ୍ଲକ ଗୁହାଳି ପଞ୍ଚାୟତ ଗୁହାଳି ଗ୍ରାମର ଦେବବ୍ରତ ଧଳ ଓ ସୁକାନ୍ତି ଧଳଙ୍କ ସୁପୁତ୍ରୀ ସ୍ୱାଗତିକା ଧଳ ଚଳିତ ବର୍ଷର ଓସିଏସ୍ ପରୀକ୍ଷାରେ ୨୦ ତମ ସ୍ଥାନ ହାସଲ କରି ସଫଳତା ଅର୍ଜନ କରିଛନ୍ତି। ସେ ବିଂଝାରପୁର ବ୍ଲକର ଗୌରବ ବୃଦ୍ଧି କରିଛନ୍ତି। ସ୍ୱାଗତିକା ଯୁକ୍ତ ଦୁଇ ବିଜ୍ଞାନରେ ଭୁବନେଶ୍ୱର ୟୁନିଟ ୮ ଡିଏଭି ପବ୍ଲିକ ସ୍କୁଲ, ଯୁକ୍ତ ତିନି ରିଜିଓନାଲ ଇନଷ୍ଟିଚ୍ୟୁଟ, ଭିଏସ୍‌ଇ, ବିଡିଓ ଦିଲ୍ଲୀ ୟୁନିଭରସିଟି ମିରାଣ୍ଡା କଲେଜରୁ ରସାୟନ ବିଜ୍ଞାନରେ ଏମ୍‌ଏସ୍‌ସି ପାସ୍ କରିଛନ୍ତି। ସ୍ୱାଗତିକାଙ୍କ ବାପା ଭୁବନେଶ୍ୱର ୟୁନିଟ ୮ ଡିଏଭି ପବ୍ଲିକ ସ୍କୁଲ୍‌ରେ ପଦାର୍ଥ ବିଜ୍ଞାନରେ ଶିକ୍ଷକ, ବଡ଼ ବାପା ଦେବୀ ପ୍ରସନ୍ନ ଧଳ ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅବସରପ୍ରାପ୍ତ ସେକ୍ସନ ଅଫିସର, ଗୁହାଳି ଗ୍ରାମର ପୂର୍ବତନ ପୋଷ୍ଟ ମାଷ୍ଟର ସ୍ୱର୍ଗତ ବିବେକାନନ୍ଦ ଧଳଙ୍କ ନାତୁଣୀ। ତାଙ୍କର ଏହି ସଫଳତା ପରେ ବିଂଝାରପୁର ବ୍ଲକର ବହୁ ବ୍ୟକ୍ତି ଶୁଭେଚ୍ଛା ଜଣାଇଛନ୍ତି।



### କମାରଡିହି ପ୍ୟାକ୍ସ ପରିଚାଳନା ବୋର୍ଡ ଭଙ୍ଗ ଘଟଣା

# ବୋର୍ଡ ପୁନଃପ୍ରତିଷ୍ଠା ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**ଦଶରଥପୁର, ୨୮।୫(ସମିସ):** ନିୟମ ବହିର୍ଭୁତ ଆଳରେ ଚଳିତବର୍ଷ ଫେବୃଆରୀ ମାସ ୨୬ତାରିଖରେ ଦଶରଥପୁର ବ୍ଲକ କମାରଡିହି ପ୍ରାଥମିକ କୃଷି ସମବାୟ ସମିତିର ପରିଚାଳନା ବୋର୍ଡକୁ ଭାଙ୍ଗି ଦିଆଯାଇଥିଲା ବୋଲି ଆଜି ହାଇକୋର୍ଟ ମତ ରଖିବା ସହିତ ପରିଚାଳନା ବୋର୍ଡକୁ ପୁନଃସ୍ଥାପିତ କରିବାକୁ ରାଜ୍ୟ ଓ ଜିଲ୍ଲା ସମବାୟ କର୍ତ୍ତୃପକ୍ଷଙ୍କ ସମେତ ଯାଜପୁର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ନିର୍ଦ୍ଦେଶନାମା ଜାରି କରିଥିବା ଜଣାଯାଇଛି। ଦଶରଥପୁର ବ୍ଲକ ଅଧୀନ କମାରଡିହି, କଁୟା, ଖାନନଗର ପଞ୍ଚାୟତ ସମେତ ଥାଲୁକୁଡ଼ି ଓ ନିଜାମପୁର ପଞ୍ଚାୟତର ଆଂଶିକ ଅଞ୍ଚଳକୁ ନେଇ ଗଠିତ କମାରଡିହି ପ୍ୟାକ୍ସରେ ୨୦୨୨ ଅଗଷ୍ଟ ମାସରେ ଅନୁଷ୍ଠିତ ନିର୍ବାଚନ ପ୍ରକ୍ରିୟାରେ ୧୫ଜଣିଆ ପରିଚାଳନା ସମିତି ଗଠନ ହୋଇଥିଲା। ବରିଷ୍ଠ ସମବାୟବିତ ଭାଗୀରଥି ସାହୁ ସମିତିର ସଭାପତି ଭାବେ ଦାୟିତ୍ୱଭାର ଗ୍ରହଣ କରିଥିଲେ। ଗତ ରବି ଋତୁରେ ପ୍ୟାକ୍ସ ପରିଚାଳିତ ଧାନମଣ୍ଡିରେ ବ୍ୟାପକ ଅବ୍ୟବସ୍ଥା ଓ ପରିଚାଳନାଗତ ତ୍ରୁଟି ରହିଥିବା ଅଭିଯୋଗ ଆଧାରରେ ରାଜ୍ୟ ସମବାୟ କର୍ତ୍ତୃପକ୍ଷ ଚଳିତ ବର୍ଷ ଫେବୃଆରୀ ମାସ ୨୬ତାରିଖରେ କମାରଡିହି ପ୍ୟାକ୍ସର ପରିଚାଳନା ସମିତିକୁ ଭାଙ୍ଗି ଦେବା ସହ ସମିତିର ପ୍ରଶାସନିକ ଓ ପରିଚାଳନା ଦାୟିତ୍ୱ ସମ୍ପାଦକ ନିର୍ବାହ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ସମବାୟ କର୍ତ୍ତୃପକ୍ଷଙ୍କ ଏହି ନିର୍ଦ୍ଦେଶନାମା ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ ଓ ବେଆଇନ ବୋଲି ଅଭିଯୋଗ କରି ସମିତିର ସଭାପତି ଭାଗୀରଥି ସାହୁଙ୍କ ସମେତ ଅବଶିଷ୍ଟ ୧୪ଜଣ ସଭ୍ୟ/ସଭ୍ୟା ରାଜ୍ୟ ଉଚ୍ଚ ନ୍ୟାୟାଳୟରେ ଅପିଲ କରିଥିଲେ। ଆଜି ଉଚ୍ଚ ନ୍ୟାୟାଳୟ ପକ୍ଷରୁ କମାରଡିହି ପ୍ୟାକ୍ସ ପରିଚାଳନା ସମିତିକୁ ଭାଙ୍ଗିବା ବେଆଇନ ଓ ଅବିଳମ୍ବେ ପରିଚାଳନା ସମିତିକୁ ପୁନଃବାହାଲ କରିବାକୁ ସମ୍ପୃକ୍ତ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶନାମା ଜାରି ହୋଇଛି। ଯାହାକୁ ନେଇ ପ୍ୟାକ୍ସ ଅଧୀନ ଚାଷୀଙ୍କ ମଧ୍ୟରେ ଖୁସିର ମାହୋଲ ସୃଷ୍ଟି ହୋଇଛି। ଚଳିତ ରବି ଋତୁରେ ପାକ୍ସ ପରିଚାଳିତ ଧାନମଣ୍ଡିରେ ଧାନ ବିକ୍ରୟ କରିବାକୁ ନାମ ପଞ୍ଜୀକରଣ କରିଥିବା ୧୨ଶହରୁ ଅଧିକ ଚାଷୀ ମଣ୍ଡି ଆରମ୍ଭକୁ ନେଇ ଦ୍ୱନ୍ଦରେ ରହିଥିବା ବେଳେ ଉଚ୍ଚ ନ୍ୟାୟାଳୟର ଆଦେଶ ଚାଷୀମାନଙ୍କୁ ଆଶ୍ୱସ୍ତି ଦେଇଥିବା କୁହାଯାଉଛି।

## ମହିଳା ସଂରକ୍ଷଣ ବିଲ୍ ଦାବିରେ କଂଗ୍ରେସର ମଶାଲ ଯାତ୍ରା

**ପ୍ରୀତିପୁର, ୨୮।୫(ସମିସ)**




କେନ୍ଦ୍ର ସରକାର ଦ୍ୱାରା ୩୩ ପ୍ରତିଶତ ମହିଳା ସଂରକ୍ଷଣ ବିଲ୍‌କୁ ଶୀଘ୍ର ଲାଗୁ କରିବା ଦାବୀରେ ଜାତୀୟ କଂଗ୍ରେସ ପକ୍ଷରୁ ବିଞ୍ଝାରପୁରରେ ଏକ ବିଶାଳ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଞ୍ଝାରପୁର କଂଗ୍ରେସ ନେତ୍ରୀ କନକଲତା ମଲିକ୍ ଓ ବ୍ଲକ କଂଗ୍ରେସ ସଭାପତି ପ୍ରତାପ ଦାସଙ୍କ ନେତୃତ୍ୱରେ ସନ୍ଧ୍ୟାରେ ବ୍ଲକ କଂଗ୍ରେସ କାର୍ଯ୍ୟାଳୟ ଠାରୁ ଆରମ୍ଭ ହୋଇ ବିଞ୍ଝାରପୁର ବଜାର ଦେଇ ଗୟାସୁଧିନ ଛକ ପର୍ଯ୍ୟନ୍ତ ଏହି ମଶାଲ ଶୋଭାଯାତ୍ରା କରାଯାଇଥିଲା। ଶୋଭାଯାତ୍ରାରେ ଯୋଗଦେଇଥିବା କଂଗ୍ରେସ କର୍ମୀ ଓ ନେତାମାନେ 'ମହିଳାଙ୍କୁ ଅଧିକାର ଦିଅ', 'ବିଲ୍ ଲାଗୁ କର' ଭଳି ନାରା ଦେଇ କେନ୍ଦ୍ର ସରକାରଙ୍କ ଉଦାସୀନତା ବିରୋଧରେ ଜୋରଦାର ପ୍ରତିବାଦ ପ୍ରଦର୍ଶନ କରିଥିଲେ। ନେତୃତ୍ୱ ଦେଉଥିବା ନେତାନେତ୍ରୀମାନେ କହିଥିଲେ ଯେ, ମହିଳାମାନଙ୍କୁ ରାଜନୈତିକ କ୍ଷେତ୍ରରେ ଅଗ୍ରାଧିକାର ଦେବା ପାଇଁ ୩୩ ପ୍ରତିଶତ ସଂରକ୍ଷଣ ବିଲ୍ ଅତ୍ୟାବଶ୍ୟକ। ବିଲ୍ ଲାଗୁ ନହେଉପର୍ଯ୍ୟନ୍ତ କଂଗ୍ରେସ ପକ୍ଷରୁ ଆନ୍ଦୋଳନ ଜାରି ରହିବ ବୋଲି ସେମାନେ ସଚେତନ କରାଇଥିଲେ। ଏହି ମଶାଲ ଯାତ୍ରାରେ ପୂର୍ବତନ ବ୍ଲକ ସଭାପତି ପ୍ରବୋଧ ଦାସ, ଯୁବ କଂଗ୍ରେସ ସଭାପତି ହିମାଂଶୁ ଶେଖର ମହଲ, ସୁଲୋଚନା ଦାସ୍, ଙ୍କ ସମେତ ବହୁ ସଂଖ୍ୟକ କଂଗ୍ରେସ କର୍ମୀ, ମହିଳା ସଂଗଠନର ସଦସ୍ୟା ଓ ସ୍ଥାନୀୟ ନେତୃମଣ୍ଡଳୀ ଯୋଗଦେଇଥିଲେ।

# ସେତୁ ପ୍ରକଳ୍ପ ପାଇଁ ୨୦ କୋଟି ଟଙ୍କା ମାଗିଲେ ଅଧିକାରୀ

ମାଲକାନଗିରି, ୨୮।୫(ସମିସ): ମାଲକାନଗିରି ଜିଲ୍ଲାରେ ଚାଲିଥିବା ସେତୁ ତଥା ସୋସିଆଲ ଏକୋନୋମିକ ଟ୍ରାନ୍ସଫର୍ମେସନ୍ ଆଣ୍ଡ ଅପଲିଫ୍ଟମେଣ୍ଟ ଯୋଜନାର ବିଭିନ୍ନ ସଡ଼କ ଓ ସେତୁ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାରଙ୍କୁ ୨୦ କୋଟି ଟଙ୍କା ମଞ୍ଜୁର କରିବାକୁ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗର ଇଞ୍ଜିନିୟର-ଇନ୍-ଚିଫ ଅନୁରୋଧ କରିଛନ୍ତି। ଏନେଇ ଗ୍ରାମ୍ୟ ଉନ୍ନୟନ ବିଭାଗର ବିଶେଷ ସଚିବଙ୍କୁ ଚିଠି ଲେଖାଯାଇଛି। ସୂଚନାନୁସାରେ, ୨୦୨୪-୨୫ ଓ ୨୦୨୫-୨୬ ଆର୍ଥିକ ବର୍ଷରେ ମାଲକାନଗିରି ଜିଲ୍ଲା ପାଇଁ ମୋଟ ୧୯ଟି ସେତୁ ପ୍ରକଳ୍ପ ଅନୁମୋଦନ ହୋଇଥିଲା। ସେଥିରୁ ୨ଟି ପ୍ରକଳ୍ପ ଅନ୍ୟ ଯୋଜନାରେ ସାମିଲ ହେବାରୁ ବାଦ ପଡ଼ିଥିବା ବେଳେ ଅବଶିଷ୍ଟ ୧୭ଟି ପ୍ରକଳ୍ପ ପାଇଁ ପ୍ରଶାସନିକ ଅନୁମୋଦନ ମିଳିଛି। ଏହି ପ୍ରକଳ୍ପଗୁଡ଼ିକର ମୋଟ ବ୍ୟୟ ପ୍ରାୟ ୬୨.୧୭ କୋଟି ଟଙ୍କା ହେବ ବୋଲି କୁହାଯାଇଛି। ବର୍ତ୍ତମାନ ୧୭ଟି ପ୍ରକଳ୍ପ ମଧ୍ୟରୁ ୮ଟିର କାମ ଚାଲିଥିବା ବେଳେ ପ୍ରାୟ ୮.୮୦ କୋଟି ଟଙ୍କାର ବିଲ୍ ବକେୟା ରହିଛି। ଅନ୍ୟପଟେ ୯ଟି ପ୍ରକଳ୍ପ ପାଇଁ ଟୋକନ୍ ଆଲଟମେଣ୍ଟ ନମିଳିବାରୁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇପାରିନାହିଁ। ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ସଡ଼କ, ବକ୍ସ ସେଲ୍ କଲଭର୍ଟ, ସ୍ଲାବ କଲଭର୍ଟ ଓ ସେତୁ ନିର୍ମାଣ କାମ ଅନ୍ତର୍ଭୁକ୍ତ ଅଛି। କେତେକ ପ୍ରକଳ୍ପରେ ସ୍ଲାବ କାଷ୍ଟିଂ ଓ ଆପ୍ରୋଚ ରୋଡ୍ କାମ ଚାଲିଥିବା ବେଳେ ଅର୍ଥାଭାବ ଯୋଗୁଁ କିଛି ପ୍ରକଳ୍ପରେ ପୁଣିଥରେ ଟେଣ୍ଡର ଆହ୍ୱାନ କରିବାକୁ ପଡ଼ିପାରେ ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି। ଏହି ପରିସ୍ଥିତିରେ ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ପର୍ଯ୍ୟାୟରେ ୨୦ କୋଟି ଟଙ୍କା ମଞ୍ଜୁର କରାଗଲେ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ହେବା ସହ ଟେଣ୍ଡର ପ୍ରକ୍ରିୟା ଶୀଘ୍ର ସମ୍ପନ୍ନ ହୋଇପାରିବ ବୋଲି ଇଞ୍ଜିନିୟର-ଇନ୍-ଚିଫ ସରକାରଙ୍କୁ ଅନୁରୋଧ କରିଛନ୍ତି।

# ଇଦ୍ ଉଲ୍ ଜୁହା ପାଳିତ



ସୁନାବେଡା,୨୮।୫ (ସମିସ): ସୁନାବେଡାରେ ତ୍ୟାଗ ଓ ବଳିଦାନର ପର୍ବ ଇଦ୍ ଉଲ୍ ଜୁହା ପାଳିତ ହୋଇଯାଇଛି। ସୁନାବେଡା ଏରୋନୋଟିକ୍ସ ମୁସଲିମ କଲଚରାଲ ଏସୋସିଏସନ ପକ୍ଷରୁ 'ଟ' ଜୋନ ସ୍ଥିତ ଆରଧନା ସ୍ଥଳୀରେ 'ଇଦ୍'ର ବିଶେଷ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ସ୍ଥାନୀୟ ଅଞ୍ଚଳର ମୁସଲମାନ ଭାଇ ମାନେ ପାରମ୍ପରିକ ବସ୍ତ୍ର ପରିଧାନ କରି ଆରଧନା ସ୍ଥଳୀରେ ପହଞ୍ଚି ଥିଲେ। ଏହି ଅବସରରେ ସମବେତ ଜନତାଙ୍କୁ ହାଫିଜ୍ ଅଶଗର ଅଲ୍ଲୀ ଉକ୍ତ ପର୍ବ ପାଳନର ଉଦ୍ଦେଶ୍ୟ ତଥା ମହାପୁରୁଷ ଇବ୍ରାହିମଙ୍କ ଆଲ୍ଲାଙ୍କ ପ୍ରତି ଥିବା ନିଷ୍ଠା ଓ ବିଶ୍ୱାସ ସମ୍ବନ୍ଧରେ ଆଲୋକପାତ କରିବା ସହ 'ଇଦ୍'ର ସ୍ୱତନ୍ତ୍ର ନମାଜର ନେତୃତ୍ୱ ନେଇଥିଲେ। ପରବର୍ତ୍ତୀ ସମୟରେ ବିଶ୍ୱ ଶାନ୍ତି ଏବଂ ସମସ୍ତଙ୍କ ମଙ୍ଗଳ ପାଇଁ ସମୂହ ପ୍ରାର୍ଥନା କରାଯାଇଥିଲା। ପରସ୍ପରକୁ ଇଦ୍ର ଶୁଭେଚ୍ଛା ଜଣାଇଥିଲେ। ମୁସଲିମ ଏସୋସିଏସନର ସମ୍ପାଦକ ଶେଖ ମନତାଜଙ୍କ ସମେତ ତୋଷିଫଆଲମ, ସୟଦ ସରୱାର ଅଲ୍ଲି ଏବଂ ଅନ୍ୟ ସଦସ୍ୟ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଜିଲ୍ଲା କଂଗ୍ରେସର କର୍ମୀ ସମ୍ମିଳନୀ

# ରାଜ୍ୟରେ କଂଗ୍ରେସର ଅସ୍ତିତ୍ୱ ବଜାୟ ରଖିଛି ରାୟଗଡ଼ ଜିଲ୍ଲା : ଭକ୍ତ ଦାସ

ରାୟଗଡ଼,୨୮।୫(ସମିସ) : ରାୟଗଡ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଆଜି ରାୟଗଡ ସହର ସ୍ଥିତ ଅଶୋକ କଲ୍ୟାଣ ମଣ୍ଡପ ପରିସରରେ କର୍ମୀ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ସମ୍ମିଳନୀରେ ଦଳୀୟ ସଂଗଠନକୁ ମଜବୁତ କରିବା ସହ ଆଗାମୀ ନିର୍ବାଚନ ପାଇଁ କର୍ମୀମାନଙ୍କୁ ପ୍ରସ୍ତୁତ ହେବାକୁ ଆହ୍ୱାନ କରାଯାଇଛି। ଜିଲ୍ଲା କଂଗ୍ରେସ କମିଟି ସଭାପତି ତଥା ରାୟଗଡ ବିଧାୟକ କାଡ୍ରକା ଆପଲାସ୍ୱାମୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସ ଯୋଗ ଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ କୋରାପୁଟ ଲୋକସଭା ସାଂସଦ ସପ୍ତଗିରି ଉଲାକା, ପିସିସି ସାଧାରଣ ସଂପାଦକ ତଥା ଜିଲ୍ଲା ଡିସିସି ପୂର୍ବତନ ସଭାପତି ଦୁର୍ଗା ପ୍ରସାଦ ପଣ୍ଡା, ପୂର୍ବତନ ମନ୍ତ୍ରୀ ବଳଭଦ୍ର ମାଝି, ବିଷମକଟକ ବିଧାୟକ ନୀଳମାଧବ ହିକକା, ଗୁଣପୁର ବିଧାୟକ ସତ୍ୟଜିତ୍ ଗମାଙ୍ଗ, କୋରାପୁଟ ଜିଲ୍ଲା ଡିସିସି ସଭାପତି ରୂପକ ତୁରକ, କଳାହାଣ୍ଡି ଜିଲ୍ଲା ଡିସିସି ସଭାପତି. ପିସିସି ସଂପାଦକ ସୀମାଂଚଳ ଉଲାକା,ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତି




ନନ୍ଦିଗୌରୀ, ଜିଲ୍ଲା ଡିସିସି ଉପସଭାପତି ଶଙ୍କର୍ଷଣ ମଙ୍ଗରାଜ, ଅଜିତ ଦାସ, ଜିଲ୍ଲା ଏସସି ସେଲ୍ ସଭାପତି ହୁତାସେନ ନାୟକ, ଜିଲ୍ଲା ପରିଷଦ ସଭ୍ୟା ଶ୍ରୀମତି ପଦ୍ମାବତୀ ମାଣ୍ଡାଙ୍ଗି, ଅମ୍ବିକା ମାଝୀ, ଜିଲ୍ଲା ସଂପାଦକ ଭୂଷଣ ବିଡିକା, ବିଧାୟକ ପ୍ରତିନିଧି ସତ୍ୟବାନ ମାଣ୍ଡାଙ୍ଗି ଓ ଅନ୍ୟମାନେ ମଞ୍ଚାସୀନ ହୋଇଥିଲେ। ରାଜ୍ୟରେ ରାୟଗଡ ତଥା ଅବିଭକ୍ତ କୋରାପୁଟ ଜିଲ୍ଲା କଂଗ୍ରେସର ଅସ୍ତିତ୍ୱ ବଜାୟ ରଖିଛି ବୋଲି ମୁଖ୍ୟ ଅତିଥି ପିସିସି ସଭାପତି ଭକ୍ତ ଦାସ ପ୍ରକାଶ କରିଥିଲେ। ସେ ଡବଲ ଇଞ୍ଜିନ ସରକାର ଏବେ ରାୟଗଡ ଜିଲ୍ଲାର ଖଣି ଖାଦାନ ଉପରେ ଲୋଲୁପ ଦୃଷ୍ଟି ପକାଇ ଆଦାନୀ, ଆମ୍ବାନୀ ଭଳି ରାଷ୍ଟ୍ରାୟତ କମ୍ପାନୀ ହାତରେ ଖଣିଜ ପଦାର୍ଥକୁ ଟେକି ଦେବାକୁ ବସିଛନ୍ତି। କଳକାରଖାନାକୁ ଆମେ ସ୍ୱାଗତ କରୁଛୁ କିନ୍ତୁ ପ୍ରଭାବିତ ଅଞ୍ଚଳବାସୀଙ୍କ ବିକାଶକୁ ପ୍ରଥମେ ଗୁରୁତ୍ୱ ଦିଆଯାଇ ସେମାନଙ୍କ ମୌଳିକ ଅଧିକାରକୁ ପୂରଣ କରିବାକୁ ପଡିବ ବୋଲି ଶ୍ରୀ ଦାସ ପ୍ରକାଶ କରିଛନ୍ତି। ରାଜ୍ୟର ଅନେକ ଅଞ୍ଚଳରେ ଆମର ଭୁଲ ପାଇଁ ଆମେ କଂଗ୍ରେସକୁ କମଜୋର କରି ଆସିଛୁ । କିନ୍ତୁ ରାୟଗଡ ଜିଲ୍ଲାରେ କଂଗ୍ରେସ କର୍ମୀମାନେ ଜିଲ୍ଲାକୁ କଂଗ୍ରେସ ଗଡ ଭାବେ ପରିଚିତ କରି କଂଗ୍ରେସ ସଂଗଠନକୁ ସୁଦୃଢ କରି ରଖିଛନ୍ତି ବୋଲି ଶ୍ରୀ ଦାସ ଭାଷଣରେ କହିଛନ୍ତି। ସେହିପରି କୋରାପୁଟ ଲୋକସଭା କ୍ଷେତ୍ରରେ ରାୟଗଡ ଓ କୋରାପୁଟ ଜିଲ୍ଲାର ଗମନାଗମନ,ରେଳ ବିକାଶ,ଟେଲି କମ୍ୟୁନିକେସନ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ କଂଗ୍ରେସର ଗୁରୁତ୍ୱପୂର୍ଣ୍ଣ ଦାବି ଯୋଗୁଁ ଡବଲ ଇଂଜନ ସରକାର ତାହା କରିବାକୁ ପୂରଣ କରିବାକୁ ବାଧ୍ୟ ହୋଇଥିଲା। ଆଜି ଲୋକେ ଏହାର ସଫଳତା ହୃଦୟଙ୍ଗମ କରିପାରୁଛନ୍ତି ବୋଲି ସାଂସଦ ଶ୍ରୀ ଉଲାକା ପ୍ରକାଶ କରିଥିଲେ। ସମସ୍ତ କଂଗ୍ରେସ କର୍ମୀ ଭୟ କରିବାର ନାହିଁ। ଅଧିକାର ପାଇବା ପାଇଁ କୌଣସି ବିଡିଓ, ଯନ୍ତ୍ରୀଙ୍କୁ ଡରିବାର ନାହିଁ କି ଅନ୍ୟାୟ ସହିବାର ନାହିଁ ବୋଲି କହି ସାଂସଦ ଶ୍ରୀ ଉଲାକା କଂଗ୍ରେସ କର୍ମୀଙ୍କ ଭିତରେ ଜୋସ୍ ଭରିଥିଲେ। ମଞ୍ଚରୁ ସେ ଜିଲ୍ଲାପାଳ, ବିଡିଓମାନଙ୍କୁ ଜନ ପ୍ରତିନିଧିମାନଙ୍କ କଥାକୁ ଶୁଣିବା ପାଇଁ ଚେତାବନୀ ଦେଇଥିଲେ ଏବଂ ବିଜେପି ସରକାରଙ୍କ ଶାସନକୁ କଡା ସମାଲୋଚନା କରିଥିଲେ। ସେହିପରି ରାୟଗଡ ବିଧାୟକ ତଥା ଡିସିସି ସଭାପତି ଶ୍ରୀ କାଡ୍ରକା କର୍ମୀମାନଙ୍କୁ ଏକଜୁଟ ହୋଇ ମିଳିମିଶି ଲୋକଙ୍କ ଅଧିକାର ପାଇଁ କାମ କରିବାକୁ ପଡିବ ବୋଲି କହିଥିବା ବେଳେ ସମ୍ମିଳନୀରେ ଦଳୀୟ ଐକ୍ୟ, ସଂଗଠନ ବିସ୍ତାର ଓ ଯୁବ କର୍ମୀଙ୍କ ସକ୍ରିୟ ଭୂମିକା ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ବ୍ଲକରୁ କଂଗ୍ରେସ ନେତା ଓ କର୍ମୀ ମାନେ ଯୋଗ ଦେଇଥିବା ବେଳେ ଜିଲ୍ଲା ସାଧାରଣ ସମ୍ପାଦକ ହରିଶ ପଟ୍ଟନାୟକ,ବାପି ପଟ୍ଟନାୟକ,ଆସଲାମ ଖାନ,ଜିଲ୍ଲା କିଷାନ କଂଗ୍ରେସ ଅଧ୍ୟକ୍ଷ ଗଙ୍ଗାଧର ଆଚାରୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

# କେନାଲ ପାଣିରେ ବୁଡି ଯୁବକଙ୍କ ମୃତ୍ୟୁ

ଜୟପୁର, ୨୮।୫(ସମିସ): ଜୟପୁର ଥାନାର ହାତୀଶାଳ ନିକଟସ୍ଥ କୋଲାବ ଜଳସେଚନ ବିଭାଗର ମୁଖ୍ୟକେନାଲ ଠାରେ ଗତକାଲି ଅପରାହ୍ନରେ ସ୍ଥାନୀୟ ଭୁପତି ସାହିର ଯୁବକ କେ.ଚିନ୍ନୁ(୨୯) ନିଜର ସାଙ୍ଗସାଥିଙ୍କ ସହିତ ଗାଧୋଉଥିବା ବେଳେ ହଠାତ ଗୋଡ଼ ଖସିଯାଇ ପାଣିରେ ବୁଡି ଯାଇଥିଲେ। ତାଙ୍କ ସାଙ୍ଗସାଥି ପାଣି ଭିତରେ ପହଁରି ପହଁରି ତାଙ୍କୁ ପାଣି ଭିତରୁ ଉଦ୍ଧାର କରିଥିଲେ। କେନାଲ ପାଣିରୁ ବାହାର କରାଯାଇଥିଲେ ସୁଦ୍ଧା ତାଙ୍କର ମୃତ୍ୟୁ ହୋଇଯାଥିଲା। ଏଥିନେଇ ପ୍ରଥମେ ସଦର ଥାନାକୁ ଏତଲାକୁ ଦେବାକୁ ପରିବାର ଲୋକ ଯାଇଥିଲେ, କିନ୍ତୁ ଉକ୍ତ ଅଞ୍ଚଳ ଟାଉନଥାନା ଅଞ୍ଚଳର ବୋଲି ସୂଚନା ଦେବା ପରେ ଟାଉନଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିଲା । ଆଜି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ପ୍ରଦାନ କରାଯାଇଛି ବୋଲି ତଦନ୍ତକାରୀ ଅଧିକାରୀ ଏଏସଆଇ ଜ୍ୟୋତ୍ସ୍ନା ମିଶ୍ର ବୋଲି ସୂଚନା ଦେଇଛନ୍ତି।

# କାଳବୈଶାଖୀରେ ଉଡ଼ିଲା ଘର; ବ୍ୟାପକ କ୍ଷୟକ୍ଷତି

ପଡିଆ,୨୮।୫(ସମିସ): ଗୁରୁବାର ସନ୍ଧ୍ୟାରେ ହୋଇଥିବା କାଳ ବୈଶାଖୀରେ ମାଲକାନଗିରି ଜିଲ୍ଲା ସୀମାବର୍ତ୍ତୀ ପଡିଆ ବ୍ଲକର ବିଭିନ୍ନ ସ୍ଥାନରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଦେଖିବାକୁ ମିଳିଛି। ମୁଖ୍ୟତଃ ଏମଭି ୫୮ ଗ୍ରାମର କାର୍ତିକ ଚନ୍ଦ୍ର ସରଦାର, ଭବତୋଷ ମଣ୍ଡଲ, ବିଶ୍ୱନାଥ ମଣ୍ଡଲଙ୍କ ଘର ଛପର ଉଡ଼ି ଯାଇଥିବା ଦେଖିବାକୁ ମିଳିଛି। ଏଥିସହ ଗଠନପଲ୍ଲୀ-ଏମଭି ୫୮ ମୁଖ୍ୟ ରାସ୍ତା ଓ ପର୍ସନପଲ୍ଲୀରେ ଗଛ ଭାଙ୍ଗି ପଡିବାରୁ ଯାତାୟତ ଠପ୍ ହୋଇପଡିଛି। ମାଟେରୁ ଓ ପଡିଆ ୟୁନିଅନ ବ୍ୟାଙ୍କ ପଛପଟେ କିଛି ବ୍ୟକ୍ତିଙ୍କ ଘର ଉପରେ ଗଛ ପଡି ଘର ଭାଙ୍ଗି ଯାଇଥିବା ଜଣାପଡ଼ିଛି। ସେହିପରି ଗଠନପଲ୍ଲୀ, ଭେଞ୍ଜନପଲ୍ଲୀ ଓ ଆଖପାଖ ଅଞ୍ଚଳରେ ଏକାଧିକ ସ୍ଥାନରେ ଗଛ ଡାଳ ଭାଙ୍ଗି ଘର ଛପର ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଛି। ପରଶନପଲ୍ଲୀ, ଉଣ୍ଡୁରୁକୋଣ୍ଡା, ପଡିଆ, କାଲଦାପଲ୍ଲୀ ଅଞ୍ଚଳରେ ଗଛ ଭାଙ୍ଗି ରାସ୍ତା ଅବରୋଧ ହୋଇଥିବା ଦେଖିବାକୁ ମିଳିଛି। ପଡିଆ ଅଗ୍ନିଶମ ଅଧିକାରୀ ବିରେନ୍ଦ୍ର ସିଂଙ୍କ ନେତୃତ୍ୱରେ ଏକ ଟିମ୍ ପରଶନପଲ୍ଲୀ ଓ ମାଟେରୁ ଅଞ୍ଚଳ ବୁଲି ଉଦ୍ଧାର କାର୍ଯ୍ୟ ସହ ଗଛ



କାଟି ରାସ୍ତା ସଫା କରୁଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ଅଚାନକ ଆସିଥିବା ଏଭଳି କାଳ ବୈଶାଖୀରେ ପ୍ରଭାବିତ ଅଞ୍ଚଳର କ୍ଷୟକ୍ଷତି ଆକଳନ କରି ତୁରନ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ସାଧାରଣରେ କୁହାଯାଇଛି।

# ଦେଶୀ ମଦ ଜବତ, ଜଣେ ଗିରଫ




ରାୟଗଡ଼,୨୮।୫(ସମିସ) : ବେଆଇନ ମଦ କାରବାରକୁ ରୋକିବା ଓ ଏଥିରେ ସମ୍ପୃକ୍ତ ଥିବା ଅଭିଯୁକ୍ତମାନଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ରାୟଗଡ ଜିଲ୍ଲା ଅବକାରୀ ଅଧୀକ୍ଷକ ସନ୍ତୋଷ କୁମାର ଧଳସାମନ୍ତଙ୍କ ନିର୍ଦ୍ଦେଶ କ୍ରମେ ରାୟଗଡ ସହରର ବିଭିନ୍ନ ସ୍ଥାନମାନଙ୍କରେ ଅବକାରୀ ପୁଲିସ ପକ୍ଷରୁ ଗାଡି ଯାଞ୍ଚ କରାଯାଇଥିଲା। ଏହି ସମୟରେ ରାୟଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପାଖର୍ ରାସ୍ତାରେ ଏକ ବାଇକ୍ ଓଡି ୧୮ ବି-୧୬୬୯ ଯୋଗେ ମଟର ଟିଉବ୍ ସାହାର୍ଯ୍ୟରେ ଦେଶୀ ରନ୍ଧାମଦ ନେଇ ସହରକୁ ଆସୁଥିବା ଏସ.ଜଗନ୍ନାଥକୁ ଅବକାରୀ ପୁଲିସ ଧରି ଯାଞ୍ଚ କରିଥିଲେ। ସେଥିରୁ ୪୦ଲିଟର ମଦ ଜବତ କରାଯାଇ ଆସାମୀ ଜଗନ୍ନାଥକୁ କୋର୍ଟ ଚାଲାଣ କରାଯାଇଥିଲା। ଏହି ଯାଞ୍ଚ ବେଳେ ଭ୍ରାମ୍ୟମାଣ ଅବକାରୀ ୟୁନିଟ୍ ଇନ୍ସପେକ୍ଟର କମ୍ପପାଣି ସିନ୍ଧୁର, ଏସଆଇ ସୁରେଶ ଚନ୍ଦ୍ର ମିଶ୍ର, କରୁଣାକର ପାତ୍ର, ସନ୍ୟାସୀ ହିଆଲ, ପି.କିଶୋର ଓ ରୀନା ବାରିକ ପ୍ରମୁଖ ସାମିଲ ଥିଲେ। ରାୟଗଡ ସହରରେ ବେଆଇନ ମଦ କାରବାରକୁ ରୋକିବା ପାଇଁ ଜିଲ୍ଲା ଅବକାରୀ ଅଧୀକ୍ଷକ ଶ୍ରୀ ଧଳସାମନ୍ତଙ୍କ କଡା ନିର୍ଦ୍ଦେଶ ରହିଥିବା ବେଳେ ଅବକାରୀ ପୁଲିସ ଦ୍ୱାରା ଜୋରଦାର ଧରପଗଡ ଜାରି ରହିଥିବା ଜଣାପଡିଛି।

# ଜବରଦଖଲ ବିରୋଧରେ କାର୍ଯ୍ୟାନୁଷ୍ଠାନ



କୋରୁକୋଣ୍ଡା,୨୮।୫(ସମିସ): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ସାପ୍ତାହିକ ହାଟରେ ଜବରଦଖଲ ବିରୋଧରେ ପ୍ରଶାସନ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ହାଟ ଅଞ୍ଚଳରେ ଅବୈଧ ଭାବେ ନିର୍ମାଣ ହୋଇଥିବା ତିନୋଟି ଦୋକାନକୁ ଆଜି ଉଚ୍ଛେଦ କରାଯାଇଛି। ଚିତ୍ରକୋଣ୍ଡା ତହସିଲଦାର ନଟବର ଗରଡାଙ୍କ ନେତୃତ୍ୱରେ ରେଭେନ୍ୟୁ ବିଭାଗ ଓ ପୁଲିସ ପ୍ରଶାସନର ଉପସ୍ଥିତିରେ ଏହି ଉଚ୍ଛେଦ କାର୍ଯ୍ୟ କରାଯାଇଥିଲା। ସୂଚନା ଅନୁଯାୟୀ, ସାପ୍ତାହିକ ହାଟରେ ପରିବା ବ୍ୟବସାୟୀମାନଙ୍କ ପାଇଁ ନିର୍ଦ୍ଧାରିତ ଜାଗାକୁ କେତେକ ଲୋକ ଜବରଦଖଲ କରି ଦୋକାନ ନିର୍ମାଣ କରିଥିଲେ। ଏହାକୁ ନେଇ ଦୀର୍ଘଦିନ ଧରି ଲାମ୍ବାସିଙ୍ଗ ଗ୍ରାମବାସୀମାନେ ପ୍ରଶାସନ ନିକଟରେ ଅଭିଯୋଗ କରୁଥିଲେ। ଗ୍ରାମବାସୀଙ୍କ ଅଭିଯୋଗକୁ ଆଧାର କରି ପ୍ରଶାସନ ପକ୍ଷରୁ ଆଜି ମାପଚୁପ ପରେ ଉଚ୍ଛେଦ କାର୍ଯ୍ୟାନୁଷ୍ଠାନ ହୋଇଥିଲା। ଏହି ପଦକ୍ଷେପକୁ ସ୍ଥାନୀୟ ବ୍ୟବସାୟୀ ଓ ଗ୍ରାମବାସୀମାନେ ସ୍ୱାଗତ କରିଥିବା ଦେଖାଯାଇଛି। ଲୋକଙ୍କ ଅଭିଯୋଗ ଥିବାରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ଆଗକୁ ଦୁଇ ତିନୋଟି ଦୋକାନ ହାଟରୁ ଉଚ୍ଛେଦ କରାଯିବ ବୋଲି ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ କହିଛନ୍ତି।

# କାଳବୈଶାଖୀରେ ଅନାଥ ଭାଇଭଉଣୀଙ୍କ ଘର ଛାତ ଉଡ଼ିଗଲା



- ଜରି ଦେଇ ଚୁପ୍ ରହିଲା ପ୍ରଶାସନ
- ସାହାଯ୍ୟର ହାତ ବଢ଼ାଇଲେ ଅନାମ

ବୈପାରୀଗୁଡ଼ା,୨୮।୫(ସମିସ): ଅଦିନିଆ କାଳବୈଶାଖୀ ପ୍ରଭାବରେ ଅସହାୟ ଭାଇ ଭଉଣୀଙ୍କ ଘର ଛାତ ନଷ୍ଟ ହୋଇଥିବା ବେଳେ ଉକ୍ତ ପରିବାରକୁ ସାହାଯ୍ୟର ହାତ ବଢ଼ାଇଲେ ଅନାମ ଦିଆନ। ବୈପାରୀଗୁଡା ବ୍ଲକ ଦଣ୍ଡାବାଡ଼ି ପଞ୍ଚାୟତର ବାଙ୍କୁଲିଯଡି ଗାଁର ବାପା ମାଆ ଛେଉଣ୍ଡ ଝିଅ ଲକ୍ଷ୍ମୀ ଖିଲ ଏବଂ ପୁଅ ରାଜେଶ ଖିଲଙ୍କୁ ସହଯୋଗ କରିଛନ୍ତି କୋଟପାଡ଼ର କଂଗ୍ରେସ ବିଧାୟକ ପାର୍ଥ ଅନାମ ଦିଆନ। ସୂଚନା ଥାଉକି, ମଙ୍ଗଳବାର ଦିନ ବୈପାରୀଗୁଡା ଅଞ୍ଚଳ କାଳ ବୈଶାଖୀର ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ବିଶେଷ କରି ବ୍ଲକର ଦଣ୍ଡାବାଡ଼ି ପଞ୍ଚାୟତର ବାଙ୍କୁଲିଯୋଡି ଗାଁର ଅସହାୟ ଅନାଥ ଭାଇ ଭଉଣୀଙ୍କ ଘର ଆଜବେଷ୍ଟ ଛପର ପବନରେ ସମ୍ପୂର୍ଣ୍ଣ ଉଡିଯାଇ ନଷ୍ଟ ହୋଇଛି । ରାଜସ୍ୱ ନିରୀକ୍ଷକଙ୍କୁ କେବଳ ଜରି ପାଲ ଦିଆଯାଇଛି। ସ୍ଥାୟୀ ପଦକ୍ଷେପ ନେବା ପରିବର୍ତ୍ତେ ଅସ୍ଥାୟୀ ସହାୟତା କେବଳ ଜାରି ପାଲ ଦେଇ ପ୍ରଶାସନିକ ଅବହେଳା ଦେଖାଇଛି। ଘର ନଷ୍ଟ ପରେ ବେସାହାରା ହୋଇ ପଡିରହିଛନ୍ତି ଦୁଇ ଭାଇ ଭଉଣୀ। ଆଶ୍ରୟ ନେବାକୁ ଘର ଖଣ୍ଡେ ନାହିଁ। କିଛି ବର୍ଷ ପୂର୍ବେ ଲକ୍ଷ୍ମୀ ଓ ରାଜେଶଙ୍କ ବାପା ମାଆ ଉଭୟ ଆର ପାରିକି ଚାଲିଯାଇଛନ୍ତି । କିନ୍ତୁ ସେମାନେ ଅନାଥ ହେଲେ ବି କଷ୍ଟେ ମଷ୍ଟେ ତାଙ୍କ ଜେଜେ ବାପା ପାଖରେ ରହୁଥିଲେ। କିଛି ମାସ ପୂର୍ବେ ଜେଜେଙ୍କ ମଧ୍ୟ ଦେହାନ୍ତ ହୋଇଛି । ଏବେ ସମସ୍ୟା ବଢ଼ାଇଦେଇଛି କାଳ ବୈଶାଖୀ । ଚିନ୍ତାରେ ଉଭୟ ଅନାଥ ଭାଇ ଭଉଣୀ। ଖବର ପାଇଁ କୋଟପାଡ଼ କଂଗ୍ରେସ ବିଧାୟକ ପାର୍ଥୀ ଅନାମ ଦିଆନ ପହଞ୍ଚି ଅସହାୟ ଭାଇ ଭଉଣୀଙ୍କୁ ଭେଟି ସମସ୍ୟା ବୁଝିଛନ୍ତି। ତୁରନ୍ତ ତତ୍ପରତା ଦେଖାଇ ଉକ୍ତ ପରିବାରଙ୍କୁ ସହାୟତା କରିଛନ୍ତି । ଆଜବେଷ୍ଟ ଏବଂ ସିମେଣ୍ଟ ପ୍ରଦାନ କରିଛନ୍ତି। ଆସନ୍ତା କାଲି ଘର ଛପର ବ୍ୟବସ୍ଥା କରାଯିବ। ଏନେଇ ଜିଲ୍ଲା ଶିଶୁ ଅଧିକାରୀଙ୍କ ସହ ଆଲୋଚନା କରି ସେମାନଙ୍କ ଥଇଥାନ ବ୍ୟବସ୍ଥା କରିବେ ବୋଲି ପ୍ରତିଶୃତି ଦେଇଛନ୍ତି । ଆଜି ଅନାମ ଦିଆନଙ୍କ ସମେତ ସ୍ଥାନୀୟ ସରପଞ୍ଚ ଛେଣ୍ଡିଆ ଖିଲ, କଂଗ୍ରେସର ବରିଷ୍ଠ କର୍ମୀ ମନହର ବିଶୋଇ, ସତ୍ୟ ମହାନ୍ତି, ଅଭି ଗୌଡ଼, ଆନନ୍ଦ ନାୟକ, ଶେଖର ଖିଲ, ୱାର୍ଡ ସଭ୍ୟ ପଟି ସନ୍ତା, କୁମୁଟି ସକ୍ଷନ୍ତା ଓ ଜୟ ସାନ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱତନ୍ତ୍ର ସଘନ ସଂଶୋଧନ ପାଇଁ ତାଲିମ



କୋରାପୁଟ,୨୮।୫( ସମିସ): କୋରାପୁଟ ଜିଲ୍ଲାର ସମସ୍ତ ବ୍ଲକରେ ବୁଥ୍ ସ୍ତରୀୟ ଅଧିକାରୀ ଏବଂ ବୁଥ୍ ସ୍ତରୀୟ ଅଧିକାରୀ ପର୍ଯ୍ୟବେକ୍ଷକଙ୍କ ପାଇଁ ସ୍ୱତନ୍ତ୍ର ସଘନ ସଂଶୋଧନ ବିଷୟେ ତାଲିମ କାର୍ଯ୍ୟକ୍ରମ ପର୍ଯ୍ୟାୟକ୍ରମେ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା କୋରାପୁଟ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ନରେଶ ଚନ୍ଦ୍ର ଶବରଙ୍କ ତତ୍ତ୍ୱାବଧାନରେ ଜିଲ୍ଲାର ୧୪ଟି ବ୍ଲକରେ ଏହି ତାଲିମ ସମ୍ପନ୍ନ ହୋଇଛି। ବୈପାରୀଗୁଡ଼ା ବ୍ଲକ ଠାରେ ଆୟୋଜିତ ତାଲିମ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଶବର ଉପସ୍ଥିତ ରହି ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ତାଲିମରେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାର ଲକ୍ଷ୍ୟ, ଘରକୁ ଘର ଯାଇ ସଂଶୋଧନ, ନାମାଙ୍କନ ପତ୍ର-୬/୭/୮ ପୂରଣ, ଅଯୋଗ୍ୟ ମତଦାତାଙ୍କ ନାମ ବାଦ ଦେବା, ନୂତନ ମତଦାତାଙ୍କ ନାମ ଯୋଡିବା ବିଷୟରେ ଆଲୋଚନା କରାଯାଇଥିଲା। ବୁଥ୍ ସ୍ତରୀୟ ଅଧିକାରୀ ଏବଂ ପର୍ଯ୍ୟବେକ୍ଷକ ମଧ୍ୟ ପ୍ରଶିକ୍ଷଣ ପରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ମାଧ୍ୟମରେ ତାଲିମର ସ୍ପଷ୍ଟତା ପ୍ରାପ୍ତ କରିଥିଲେ। ବୈପାରୀଗୁଡ଼ା ତାଲିମରେ ଅତିରିକ୍ତ ଜିଲ୍ଲାପାଳ ଶବର ଦର୍ଶାଇଥିଲେ ଯେ ସ୍ୱତନ୍ତ୍ର ସଘନ ସଂଶୋଧନ ଯୋଜନା ଅନ୍ତର୍ଗତ ମତଦାତା ତାଲିକା ଉପରେ ଆଧାରିତ ଭାବରେ ଘରକୁ ଘର ଯାଇ ସଂଶୋଧନ ସମୟରେ ସମସ୍ତ ବୁଥ୍ ସ୍ତରୀୟ ଅଧିକାରୀ ନିଷ୍ଠାପୂର୍ବକ କାର୍ଯ୍ୟ କରି ମତଦାତାଙ୍କ ମଧ୍ୟରେ ଆସ୍ଥା ଓ ସ୍ୱଚ୍ଛତା ସୃଷ୍ଟି କରିବା ଆବଶ୍ୟକ। ଏହା ମାଧ୍ୟମରେ ମତଦାନ ପ୍ରକ୍ରିୟାକୁ ଆହୁରି ନିର୍ଭୁଲ ଏବଂ ସଫଳ କରିବାରେ ସହାୟକ ହେବ। ପ୍ରଖର ଖରାକୁ ଦୃଷ୍ଟିରେ ରଖି ଉପଯୁକ୍ତ ପରିମାଣର ପିଇବା ପାଣି ଏବଂ ସାଙ୍ଗରେ ଛତା ରଖିବା ସହ, ସକାଳ ୬ଟା ରୁ ଦିନ ୧୧ଟା ଏବଂ ଅପରାହ୍ନ ୪ଟା ରୁ ସନ୍ଧ୍ୟା ୭ଟା ମଧ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ ଉଦ୍ଦିଷ୍ଟ କାର୍ଯ୍ୟ ଗୁଡିକୁ ସମ୍ପାଦନ କରିବା ପାଇଁ ମଧ୍ୟ ପରାମର୍ଶ ଦିଆଯାଇଛି। ଏଥି ସହ ବୁଥକୁ ଆସୁଥିବା ସମସ୍ତ ମତଦାତାଙ୍କର ସ୍ୱାସ୍ଥ୍ୟ ପ୍ରତି ସଜାଗ ରହିବା ଅତ୍ୟନ୍ତ ଜରୁରୀ ବୋଲି ସେ ଉପଦେଶ ଦେଇଛନ୍ତି। ସମସ୍ତ ବ୍ଲକରେ ଅନୁଷ୍ଠିତ ତାଲିମ କାର୍ଯ୍ୟକ୍ରମରେ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ତହସିଲଦାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ।

# ସେତୁ ପ୍ରକଳ୍ପ ପାଇଁ ୨୦ କୋଟି ଟଙ୍କା ମାଗିଲେ ଅଧିକାରୀ

ମାଲକାନଗିରି, ୨୮।୫(ସମିସ): ମାଲକାନଗିରି ଜିଲ୍ଲାରେ ଚାଲିଥିବା ସେତୁ ତଥା ସୋସିଆଲ ଏକୋନୋମିକ ଟ୍ରାନ୍ସଫର୍ମେସନ୍ ଆଣ୍ଡ ଅପଲିଫ୍ଟମେଣ୍ଟ ଯୋଜନାର ବିଭିନ୍ନ ସଡ଼କ ଓ ସେତୁ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାରଙ୍କୁ ୨୦ କୋଟି ଟଙ୍କା ମଞ୍ଜୁର କରିବାକୁ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗର ଇଞ୍ଜିନିୟର-ଇନ୍-ଚିଫ ଅନୁରୋଧ କରିଛନ୍ତି। ଏନେଇ ଗ୍ରାମ୍ୟ ଉନ୍ନୟନ ବିଭାଗର ବିଶେଷ ସଚିବଙ୍କୁ ଚିଠି ଲେଖାଯାଇଛି। ସୂଚନାନୁସାରେ, ୨୦୨୪-୨୫ ଓ ୨୦୨୫-୨୬ ଆର୍ଥିକ ବର୍ଷରେ ମାଲକାନଗିରି ଜିଲ୍ଲା ପାଇଁ ମୋଟ ୧୯ଟି ସେତୁ ପ୍ରକଳ୍ପ ଅନୁମୋଦନ ହୋଇଥିଲା। ସେଥିରୁ ୨ଟି ପ୍ରକଳ୍ପ ଅନ୍ୟ ଯୋଜନାରେ ସାମିଲ ହେବାରୁ ବାଦ ପଡ଼ିଥିବା ବେଳେ ଅବଶିଷ୍ଟ ୧୭ଟି ପ୍ରକଳ୍ପ ପାଇଁ ପ୍ରଶାସନିକ ଅନୁମୋଦନ ମିଳିଛି। ଏହି ପ୍ରକଳ୍ପଗୁଡ଼ିକର ମୋଟ ବ୍ୟୟ ପ୍ରାୟ ୬୨.୧୭ କୋଟି ଟଙ୍କା ହେବ ବୋଲି କୁହାଯାଇଛି। ବର୍ତ୍ତମାନ ୧୭ଟି ପ୍ରକଳ୍ପ ମଧ୍ୟରୁ ୮ଟିର କାମ ଚାଲିଥିବା ବେଳେ ପ୍ରାୟ ୮.୮୦ କୋଟି ଟଙ୍କାର ବିଲ୍ ବକେୟା ରହିଛି। ଅନ୍ୟପଟେ ୯ଟି ପ୍ରକଳ୍ପ ପାଇଁ ଟୋକନ୍ ଆଲଟମେଣ୍ଟ ନମିଳିବାରୁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇପାରିନାହିଁ। ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ସଡ଼କ, ବକ୍ସ ସେଲ୍ କଲଭର୍ଟ, ସ୍ଲାବ କଲଭର୍ଟ ଓ ସେତୁ ନିର୍ମାଣ କାମ ଅନ୍ତର୍ଭୁକ୍ତ ଅଛି। କେତେକ ପ୍ରକଳ୍ପରେ ସ୍ଲାବ କାଷ୍ଟିଂ ଓ ଆପ୍ରୋଚ ରୋଡ୍ କାମ ଚାଲିଥିବା ବେଳେ ଅର୍ଥାଭାବ ଯୋଗୁଁ କିଛି ପ୍ରକଳ୍ପରେ ପୁଣିଥରେ ଟେଣ୍ଡର ଆହ୍ୱାନ କରିବାକୁ ପଡ଼ିପାରେ ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି। ଏହି ପରିସ୍ଥିତିରେ ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ପର୍ଯ୍ୟାୟରେ ୨୦ କୋଟି ଟଙ୍କା ମଞ୍ଜୁର କରାଗଲେ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ହେବା ସହ ଟେଣ୍ଡର ପ୍ରକ୍ରିୟା ଶୀଘ୍ର ସମ୍ପନ୍ନ ହୋଇପାରିବ ବୋଲି ଇଞ୍ଜିନିୟର-ଇନ୍-ଚିଫ ସରକାରଙ୍କୁ ଅନୁରୋଧ କରିଛନ୍ତି।

# ଇଦ୍ ଉଲ୍ ଜୁହା ପାଳିତ



ସୁନାବେଡା,୨୮।୫ (ସମିସ): ସୁନାବେଡାରେ ତ୍ୟାଗ ଓ ବଳିଦାନର ପର୍ବ ଇଦ୍ ଉଲ୍ ଜୁହା ପାଳିତ ହୋଇଯାଇଛି। ସୁନାବେଡା ଏରୋନୋଟିକ୍ସ ମୁସଲିମ କଲଚରାଲ ଏସୋସିଏସନ ପକ୍ଷରୁ 'ଟ' ଜୋନ ସ୍ଥିତ ଆରଧନା ସ୍ଥଳୀରେ 'ଇଦ୍'ର ବିଶେଷ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ସ୍ଥାନୀୟ ଅଞ୍ଚଳର ମୁସଲମାନ ଭାଇ ମାନେ ପାରମ୍ପରିକ ବସ୍ତ୍ର ପରିଧାନ କରି ଆରଧନା ସ୍ଥଳୀରେ ପହଞ୍ଚିଥିଲେ। ଏହି ଅବସରରେ ସମବେତ ଜନତାଙ୍କୁ ହାଫିଜ୍ ଅଶଗର ଅଲ୍ଲୀ ଉକ୍ତ ପର୍ବ ପାଳନର ଉଦ୍ଦେଶ୍ୟ ତଥା ମହାପୁରୁଷ ଇବ୍ରାହିମଙ୍କ ଆଲ୍ଲାଙ୍କ ପ୍ରତି ଥିବା ନିଷ୍ଠା ଓ ବିଶ୍ୱାସ ସମ୍ବନ୍ଧରେ ଆଲୋକପାତ କରିବା ସହ 'ଇଦ୍'ର ସ୍ୱତନ୍ତ୍ର ନମାଜର ନେତୃତ୍ୱ ନେଇଥିଲେ। ପରବର୍ତ୍ତୀ ସମୟରେ ବିଶ୍ୱ ଶାନ୍ତି ଏବଂ ସମସ୍ତଙ୍କ ମଙ୍ଗଳ ପାଇଁ ସମୂହ ପ୍ରାର୍ଥନା କରାଯାଇଥିଲା। ପରସ୍ପରକୁ ଇଦ୍‌ର ଶୁଭେଚ୍ଛା ଜଣାଇଥିଲେ। ମୁସଲିମ ଏସୋସିଏସନର ସମ୍ପାଦକ ଶେଖ ମନତାଜଙ୍କ ସମେତ ତୋଷିଫଆଲମ, ସୟଦ ସରୱାର ଅଲ୍ଲି ଏବଂ ଅନ୍ୟ ସଦସ୍ୟ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଜିଲ୍ଲା କଂଗ୍ରେସର କର୍ମୀ ସମ୍ମିଳନୀ

# ରାଜ୍ୟରେ କଂଗ୍ରେସର ଅସ୍ତିତ୍ୱ ବଜାୟ ରଖିଛି ରାୟଗଡ଼ ଜିଲ୍ଲା : ଭକ୍ତ ଦାସ




ରାୟଗଡ଼,୨୮।୫(ସମିସ) : ରାୟଗଡ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଆଜି ରାୟଗଡ ସହର ସ୍ଥିତ ଅଶୋକ କଲ୍ୟାଣ ମଣ୍ଡପ ପରିସରରେ କର୍ମୀ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ସମ୍ମିଳନୀରେ ଦଳୀୟ ସଂଗଠନକୁ ମଜବୁତ କରିବା ସହ ଆଗାମୀ ନିର୍ବାଚନ ପାଇଁ କର୍ମୀମାନଙ୍କୁ ପ୍ରସ୍ତୁତ ହେବାକୁ ଆହ୍ୱାନ କରାଯାଇଛି। ଜିଲ୍ଲା କଂଗ୍ରେସ କମିଟି ସଭାପତି ତଥା ରାୟଗଡ ବିଧାୟକ କାଡ୍ରକା ଆପଲାସ୍ୱାମୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସ ଯୋଗ ଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ କୋରାପୁଟ ଲୋକସଭା ସାଂସଦ ସପ୍ତଗିରି ଉଲାକା, ପିସିସି ସାଧାରଣ ସଂପାଦକ ତଥା ଜିଲ୍ଲା ଡିସିସି ପୂର୍ବତନ ସଭାପତି ଦୁର୍ଗା ପ୍ରସାଦ ପଣ୍ଡା, ପୂର୍ବତନ ମନ୍ତ୍ରୀ ବଳଭଦ୍ର ମାଝି, ବିଷମକଟକ ବିଧାୟକ ନୀଳମାଧବ ହିକକା, ଗୁଣପୁର ବିଧାୟକ ସତ୍ୟଜିତ୍ ଗମାଙ୍ଗ, କୋରାପୁଟ ଜିଲ୍ଲା ଡିସିସି ସଭାପତି ରୂପକ ତୁରକ, କଳହାଣ୍ଡି ଜିଲ୍ଲା ଡିସିସି ସଭାପତି. ପିସିସି ସଂପାଦକ ସୀମାଂଚଳ ଉଲାକା, ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତି ନନ୍ଦିଗୌରୀ, ଜିଲ୍ଲା ଡିସିସି ଉପସଭାପତି ଶଙ୍କର୍ଷଣ ମଙ୍ଗରାଜ, ଅଜିତ ଦାସ, ଜିଲ୍ଲା ଏସସି ସେଲ୍ ସଭାପତି ହୁତାସେନ ନାୟକ, ଜିଲ୍ଲା ପରିଷଦ ସଭ୍ୟା ଶ୍ରୀମତି ପଦ୍ମାବତୀ ମାଣ୍ଡାଙ୍ଗି, ଅମ୍ବିକା ମାଝୀ, ଜିଲ୍ଲା ସଂପାଦକ ଭୂଷଣ ବିଡିକା, ବିଧାୟକ ପ୍ରତିନିଧି ସତ୍ୟବାନ ମାଣ୍ଡାଙ୍ଗି ଓ ଅନ୍ୟମାନେ ମଞ୍ଚାସୀନ ହୋଇଥିଲେ। ରାଜ୍ୟରେ ରାୟଗଡ ତଥା ଅବିଭକ୍ତ କୋରାପୁଟ ଜିଲ୍ଲା କଂଗ୍ରେସର ଅସ୍ତିତ୍ୱ ବଜାୟ ରଖିଛି ବୋଲି ମୁଖ୍ୟ ଅତିଥି ପିସିସି ସଭାପତି ଭକ୍ତ ଦାସ ପ୍ରକାଶ କରିଥିଲେ। ସେ ଡବଲ ଇଞ୍ଜିନ ସରକାର ଏବେ ରାୟଗଡ ଜିଲ୍ଲାର ଖଣି ଖାଦାନ ଉପରେ ଲୋଲୁପ ଦୃଷ୍ଟି ପକାଇ ଆଦାନୀ, ଆମ୍ବାନୀ ଭଳି ରାଷ୍ଟ୍ରାୟାତ କମ୍ପାନୀ ହାତରେ ଖଣିଜ ପଦାର୍ଥକୁ ଟେକି ଦେବାକୁ ବସିଛନ୍ତି। କଳକାରଖାନାକୁ ଆମେ ସ୍ୱାଗତ କରୁଛୁ କିନ୍ତୁ ପ୍ରଭାବିତ ଅଞ୍ଚଳବାସୀଙ୍କ ବିକାଶକୁ ପ୍ରଥମେ ଗୁରୁତ୍ୱ ଦିଆଯାଇ ସେମାନଙ୍କ ମୌଳିକ ଅଧିକାରକୁ ପୂରଣ କରିବାକୁ ପଡିବ ବୋଲି ଶ୍ରୀ ଦାସ ପ୍ରକାଶ କରିଛନ୍ତି। ରାଜ୍ୟର ଅନେକ ଅଞ୍ଚଳରେ ଆମର ଭୁଲ ପାଇଁ ଆମେ କଂଗ୍ରେସକୁ କମଜୋର କରି ଆସିଛୁ । କିନ୍ତୁ ରାୟଗଡ ଜିଲ୍ଲାରେ କଂଗ୍ରେସ କର୍ମୀମାନେ ଜିଲ୍ଲାକୁ କଂଗ୍ରେସ ଗଡ ଭାବେ ପରିଚିତ କରି କଂଗ୍ରେସ ସଂଗଠନକୁ ସୁଦୃଢ କରି ରଖିଛନ୍ତି ବୋଲି ଶ୍ରୀ ଦାସ ଭାଷଣରେ କହିଛନ୍ତି। ସେହିପରି କୋରାପୁଟ ଲୋକସଭା କ୍ଷେତ୍ରରେ ରାୟଗଡ ଓ କୋରାପୁଟ ଜିଲ୍ଲାର ଗମନାଗମନ, ରେଳ ବିକାଶ, ଟେଲି କମ୍ୟୁନିକେସନ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ କଂଗ୍ରେସର ଗୁରୁତ୍ୱପୂର୍ଣ୍ଣ ଦାବି ଯୋଗୁଁ ଡବଲ ଇଂଜନ ସରକାର ତାହା କରିବାକୁ ପୂରଣ କରିବାକୁ ବାଧ ହୋଇଥିଲା। ଆଜି ଲୋକେ ଏହାର ସଫଳତା ହୃଦୟଙ୍ଗମ କରିପାରୁଛନ୍ତି ବୋଲି ସାଂସଦ ଶ୍ରୀ ଉଲାକା ପ୍ରକାଶ କରିଥିଲେ। ସମସ୍ତ କଂଗ୍ରେସ କର୍ମୀ ଭୟ କରିବାର ନାହିଁ। ଅଧିକାର ପାଇବା ପାଇଁ କୌଣସି ବିଡିଓ, ଯନ୍ତ୍ରୀଙ୍କୁ ଡରିବାର ନାହିଁ କି ଅନ୍ୟାୟ ସହିବାର ନାହିଁ ବୋଲି କହି ସାଂସଦ ଶ୍ରୀ ଉଲାକା କଂଗ୍ରେସ କର୍ମୀଙ୍କ ଭିତରେ ଜୋସ୍ ଭରିଥିଲେ। ମଞ୍ଚରୁ ସେ ଜିଲ୍ଲାପାଳ, ବିଡିଓମାନଙ୍କୁ ଜନ ପ୍ରତିନିଧିମାନଙ୍କ କଥାକୁ ଶୁଣିବା ପାଇଁ ଚେତାବନୀ ଦେଇଥିଲେ ଏବଂ ବିଜେପି ସରକାରଙ୍କ ଶାସନକୁ କଡା ସମାଲୋଚନା କରିଥିଲେ। ସେହିପରି ରାୟଗଡ ବିଧାୟକ ତଥା ଡିସିସି ସଭାପତି ଶ୍ରୀ କାଡ୍ରକା କର୍ମୀମାନଙ୍କୁ ଏକଜୁଟ ହୋଇ ମିଳିମିଶି ଲୋକଙ୍କ ଅଧିକାର ପାଇଁ କାମ କରିବାକୁ ପଡିବ ବୋଲି କହିଥିବା ବେଳେ ସମ୍ମିଳନୀରେ ଦଳୀୟ ଐକ୍ୟ, ସଂଗଠନ ବିସ୍ତାର ଓ ଯୁବ କର୍ମୀଙ୍କ ସକ୍ରିୟ ଭୂମିକା ଉପରେ ମଧ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ବ୍ଲକରୁ କଂଗ୍ରେସ ନେତା ଓ କର୍ମୀ ମାନେ ଯୋଗ ଦେଇଥିବା ବେଳେ ଜିଲ୍ଲା ସାଧାରଣ ସମ୍ପାଦକ ହରିଶ ପଟ୍ଟନାୟକ, ବାପି ପଟ୍ଟନାୟକ, ଆସଲାମ ଖାନ, ଜିଲ୍ଲା କିଷାନ କଂଗ୍ରେସ ଅଧକ୍ଷ ଗଙ୍ଗାଧର ଆଚାରୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

# କେନାଲ ପାଣିରେ ବୁଡି ଯୁବକଙ୍କ ମୃତ୍ୟୁ

ଜୟପୁର, ୨୮।୫(ସମିସ): ଜୟପୁର ଥାନାର ହାତୀଶାଳ ନିକଟସ୍ଥ କୋଲାବ ଜଳସେଚନ ବିଭାଗର ମୁଖ୍ୟକେନାଲ ଠାରେ ଗତକାଲି ଅପରାହ୍ନରେ ସ୍ଥାନୀୟ ଭୁପତି ସାହିର ଯୁବକ କେ.ଚିନ୍ନୁ(୨୯) ନିଜର ସାଙ୍ଗସାଥିଙ୍କ ସହିତ ଗାଧୋଉଥିବା ବେଳେ ହଠାତ ଗୋଡ଼ ଖସିଯାଇ ପାଣିରେ ବୁଡି ଯାଇଥିଲେ। ତାଙ୍କ ସାଙ୍ଗସାଥି ପାଣି ଭିତରେ ପହଁରି ପହଁରି ତାଙ୍କୁ ପାଣି ଭିତରୁ ଉଦ୍ଧାର କରିଥିଲେ। କେନାଲ ପାଣିରୁ ବାହାର କରାଯାଇଥିଲେ ସୁଦ୍ଧା ତାଙ୍କର ମୃତ୍ୟୁ ହୋଇଯାଥିଲା। ଏଥିନେଇ ପ୍ରଥମେ ସଦର ଥାନାକୁ ଏତଲାକୁ ଦେବାକୁ ପରିବାର ଲୋକ ଯାଇଥିଲେ, କିନ୍ତୁ ଉକ୍ତ ଅଞ୍ଚଳ ଟାଉନଥାନା ଅଞ୍ଚଳର ବୋଲି ସୂଚନା ଦେବା ପରେ ଟାଉନଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିଲା । ଆଜି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ପ୍ରଦାନ କରାଯାଇଛି ବୋଲି ତଦନ୍ତକାରୀ ଅଧିକାରୀ ଏଏସଆଇ ଜ୍ୟୋତ୍ସ୍ନା ମିଶ୍ର ବୋଲି ସୂଚନା ଦେଇଛନ୍ତି।

# କାଳବୈଶାଖୀରେ ଉଡ଼ିଲା ଘର; ବ୍ୟାପକ କ୍ଷୟକ୍ଷତି



ପଡିଆ,୨୮।୫(ସମିସ): ଗୁରୁବାର ସନ୍ଧ୍ୟାରେ ହୋଇଥିବା କାଳ ବୈଶାଖୀରେ ମାଲକାନଗିରି ଜିଲ୍ଲା ସୀମାବର୍ତ୍ତୀ ପଡିଆ ବ୍ଲକର ବିଭିନ୍ନ ସ୍ଥାନରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଦେଖିବାକୁ ମିଳିଛି। ମୁଖ୍ୟତଃ ଏମଭି ୫୮ ଗ୍ରାମର କାର୍ତ୍ତିକ ଚନ୍ଦ୍ର ସରଦାର, ଭବତୋଷ ମଣ୍ଡଲ, ବିଶ୍ୱନାଥ ମଣ୍ଡଲଙ୍କ ଘର ଛପର ଉଡ଼ି ଯାଇଥିବା ଦେଖିବାକୁ ମିଳିଛି। ଏଥିସହ ଗଠନପଲ୍ଲୀ-ଏମଭି ୫୮ ମୁଖ୍ୟ ରାସ୍ତା ଓ ପର୍ସନପଲ୍ଲୀରେ ଗଛ ଭାଙ୍ଗି ପଡିବାରୁ ଯାତାୟତ ଠପ୍ ହୋଇପଡିଛି। ମାଟେରୁ ଓ ପଡିଆ ୟୁନିଅନ ବ୍ୟାଙ୍କ ପଛପଟେ କିଛି ବ୍ୟକ୍ତିଙ୍କ ଘର ଉପରେ ଗଛ ପଡି ଘର ଭାଙ୍ଗି ଯାଇଥିବା ଜଣାପଡ଼ିଛି। ସେହିପରି ଗଠନପଲ୍ଲୀ, ଭେଞ୍ଜନପଲ୍ଲୀ ଓ ଆଖପାଖ ଅଞ୍ଚଳରେ ଏକାଧିକ ସ୍ଥାନରେ ଗଛ ଡାଳ ଭାଙ୍ଗି ଘର ଛପର ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଛି। ପରଶନପଲ୍ଲୀ, ଉଣ୍ଡୁରୁକୋଣ୍ଡା, ପଡିଆ, କାଳଦାପଲ୍ଲୀ ଅଞ୍ଚଳରେ ଗଛ ଭାଙ୍ଗି ରାସ୍ତା ଅବରୋଧ ହୋଇଥିବା ଦେଖିବାକୁ ମିଳିଛି। ପଡିଆ ଅଗ୍ନିଶମ ଅଧିକାରୀ ବିରେନ୍ଦ୍ର ସିଂଙ୍କ ନେତୃତ୍ୱରେ ଏକ ଟିମ୍ ପରଶନପଲ୍ଲୀ ଓ ମାଟେରୁ ଅଞ୍ଚଳ ବୁଲି ଉଦ୍ଧାର କାର୍ଯ୍ୟ ସହ ଗଛ କାଟି ରାସ୍ତା ସଫା କରୁଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ଅଚାନକ ଆସିଥିବା ଏଭଳି କାଳ ବୈଶାଖୀରେ ପ୍ରଭାବିତ ଅଞ୍ଚଳର କ୍ଷୟକ୍ଷତି ଆକଳନ କରି ତୁରନ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ସାଧାରଣରେ କୁହାଯାଇଛି।

# ଦେଶୀ ମଦ ଜବତ, ଜଣେ ଗିରଫ




ରାୟଗଡ଼,୨୮।୫(ସମିସ) : ବେଆଇନ ମଦ କାରବାରକୁ ରୋକିବା ଓ ଏଥିରେ ସମ୍ପୃକ୍ତ ଥିବା ଅଭିଯୁକ୍ତମାନଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ରାୟଗଡ ଜିଲ୍ଲା ଅବକାରୀ ଅଧୀକ୍ଷକ ସନ୍ତୋଷ କୁମାର ଧଳସାମନ୍ତଙ୍କ ନିର୍ଦ୍ଦେଶ କ୍ରମେ ରାୟଗଡ ସହରର ବିଭିନ୍ନ ସ୍ଥାନମାନଙ୍କରେ ଅବକାରୀ ପୁଲିସ ପକ୍ଷରୁ ଗାଡି ଯାଞ୍ଚ କରାଯାଇଥିଲା। ଏହି ସମୟରେ ରାୟଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପାଶ୍ୱର୍ ରାସ୍ତାରେ ଏକ ବାଇକ୍ ଓଡି ୧୮ ବି-୧୬୬୯ ଯୋଗେ ମଟର ଟିଉବ୍ ସାହାର୍ଯ୍ୟରେ ଦେଶୀ ରନ୍ଧାମଦ ନେଇ ସହରକୁ ଆସୁଥିବା ଏସ.ଜଗନ୍ନାଥକୁ ଅବକାରୀ ପୁଲିସ ଧରି ଯାଞ୍ଚ କରିଥିଲେ। ସେଥିରୁ ୪୦ଲିଟର ମଦ ଜବତ କରାଯାଇ ଆସାମୀ ଜଗନ୍ନାଥକୁ କୋର୍ଟ ଚାଲାଣ କରାଯାଇଥିଲା। ଏହି ଯାଞ୍ଚ ବେଳେ ଭ୍ରାମ୍ୟମାଣ ଅବକାରୀ ୟୁନିଟ୍ ଇନ୍ସପେକ୍ଟର କମ୍ବୁପାଣି ସିନ୍ଧୁର, ଏସଆଇ ସୁରେଶ ଚନ୍ଦ୍ର ମିଶ୍ର, କରୁଣାକର ପାତ୍ର, ସନ୍ୟାସୀ ହିଆଲ, ପି.କିଶୋର ଓ ରୀନା ବାରିକ ପ୍ରମୁଖ ସାମିଲ ଥିଲେ। ରାୟଗଡ ସହରରେ ବେଆଇନ ମଦ କାରବାରକୁ ରୋକିବା ପାଇଁ ଜିଲ୍ଲା ଅବକାରୀ ଅଧୀକ୍ଷକ ଶ୍ରୀ ଧଳସାମନ୍ତଙ୍କ କଡା ନିର୍ଦ୍ଦେଶ ରହିଥିବା ବେଳେ ଅବକାରୀ ପୁଲିସ ଦ୍ୱାରା ଜୋରଦାର ଧରପଗଡ ଜାରି ରହିଥିବା ଜଣାପଡିଛି।

# ଜବରଦଖଲ ବିରୋଧରେ କାର୍ଯ୍ୟାନୁଷ୍ଠାନ



କୋରୁକୋଣ୍ଡା,୨୮।୫(ସମିସ): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ସାପ୍ତାହିକ ହାଟରେ ଜବରଦଖଲ ବିରୋଧରେ ପ୍ରଶାସନ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ହାଟ ଅଞ୍ଚଳରେ ଅବୈଧ ଭାବେ ନିର୍ମାଣ ହୋଇଥିବା ତିନୋଟି ଦୋକାନକୁ ଆଜି ଉଚ୍ଛେଦ କରାଯାଇଛି। ଚିତ୍ରକୋଣ୍ଡା ତହସିଲଦାର ନଟବର ଗରଡାଙ୍କ ନେତୃତ୍ୱରେ ରେଭେନ୍ୟୁ ବିଭାଗ ଓ ପୁଲିସ ପ୍ରଶାସନର ଉପସ୍ଥିତିରେ ଏହି ଉଚ୍ଛେଦ କାର୍ଯ୍ୟ କରାଯାଇଥିଲା।

ସୂଚନା ଅନୁଯାୟୀ, ସାପ୍ତାହିକ ହାଟରେ ପରିବା ବ୍ୟବସାୟୀମାନଙ୍କ ପାଇଁ ନିର୍ଦ୍ଧାରିତ ଜାଗାକୁ କେତେକ ଲୋକ ଜବରଦଖଲ କରି ଦୋକାନ ନିର୍ମାଣ କରିଥିଲେ। ଏହାକୁ ନେଇ ଦୀର୍ଘଦିନ ଧରି ଲାମ୍ବାସିଙ୍ଗ ଗ୍ରାମବାସୀମାନେ ପ୍ରଶାସନ ନିକଟରେ ଅଭିଯୋଗ କରୁଥିଲେ। ଗ୍ରାମବାସୀଙ୍କ ଅଭିଯୋଗକୁ ଆଧାର କରି ପ୍ରଶାସନ ପକ୍ଷରୁ ଆଜି ମାପଚୁପ ପରେ ଉଚ୍ଛେଦ କାର୍ଯ୍ୟାନୁଷ୍ଠାନ ହୋଇଥିଲା। ଏହି ପଦକ୍ଷେପକୁ ସ୍ଥାନୀୟ ବ୍ୟବସାୟୀ ଓ ଗ୍ରାମବାସୀମାନେ ସ୍ୱାଗତ କରିଥିବା ଦେଖାଯାଇଛି। ଲୋକଙ୍କ ଅଭିଯୋଗ ଥିବାରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ଆଗକୁ ଦୁଇ ତିନୋଟି ଦୋକାନ ହାଟରୁ ଉଚ୍ଛେଦ କରାଯିବ ବୋଲି ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ କହିଛନ୍ତି।

# କାଳବୈଶାଖୀରେ ଅନାଥ ଭାଇଭଉଣୀଙ୍କ ଘର ଛାତ ଉଡ଼ିଗଲା



- ଜରି ଦେଇ ଚୁପ୍ ରହିଲା ପ୍ରଶାସନ
- ସାହାଯ୍ୟର ହାତ ବଢ଼ାଇଲେ ଅନାମ

ବୈପାରୀଗୁଡ଼ା,୨୮।୫(ସମିସ): ଅଦିନିଆ କାଳବୈଶାଖୀ ପ୍ରଭାବରେ ଅସହାୟ ଭାଇ ଭଉଣୀଙ୍କ ଘର ଛାତ ନଷ୍ଟ ହୋଇଥିବା ବେଳେ ଉକ୍ତ ପରିବାରକୁ ସାହାଯ୍ୟର ହାତ ବଢ଼ାଇଲେ ଅନାମ ଦିଆନ। ବୈପାରୀଗୁଡା ବ୍ଲକ ଦଣ୍ଡାବାଡ଼ି ପଞ୍ଚାୟତର ବାଙ୍କୁଲିଯଡି ଗାଁର ବାପା ମାଆ ଛେଉଣ୍ଡ ଝିଅ ଲକ୍ଷ୍ମୀ ଖିଲ ଏବଂ ପୁଅ ରାଜେଶ ଖିଲଙ୍କୁ ସହଯୋଗ କରିଛନ୍ତି କୋଟପାଡ଼ର କଂଗ୍ରେସ ବିଧାୟକ ପାର୍ଥ ଅନାମ ଦିଆନ। ସୂଚନା ଥାଉକି, ମଙ୍ଗଳବାର ଦିନ ବୈପାରୀଗୁଡା ଅଞ୍ଚଳ କାଳ ବୈଶାଖୀର ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ବିଶେଷ କରି ବ୍ଲକର ଦଣ୍ଡାବାଡ଼ି ପଞ୍ଚାୟତର ବାଙ୍କୁଲିଯୋଡି ଗାଁର ଅସହାୟ ଅନାଥ ଭାଇ ଭଉଣୀଙ୍କ ଘର ଆଜବେଷ୍ଟ ଛପର ପବନରେ ସମ୍ପୂର୍ଣ୍ଣ ଉଡିଯାଇ ନଷ୍ଟ ହୋଇଛି । ରାଜସ୍ୱ ନିରୀକ୍ଷକଙ୍କୁ କେବଳ ଜରି ପାଲ ଦିଆଯାଇଛି। ସ୍ଥାୟୀ ପଦକ୍ଷେପ ନେବା ପରିବର୍ତ୍ତେ ଅସ୍ଥାୟୀ ସହାୟତା କେବଳ ଜାରି ପାଲ ଦେଇ ପ୍ରଶାସନିକ ଅବହେଳା ଦେଖାଇଛି। ଘର ନଷ୍ଟ ପରେ ବେସାହାରା ହୋଇ ପଡିରହିଛନ୍ତି ଦୁଇ ଭାଇ ଭଉଣୀ। ଆଶ୍ରୟ ନେବାକୁ ଘର ଖଣ୍ଡେ ନାହିଁ। କିଛି ବର୍ଷ ପୂର୍ବେ ଲକ୍ଷ୍ମୀ ଓ ରାଜେଶଙ୍କ ବାପା ମାଆ ଉଭୟ ଆର ପାରିକି ଚାଲିଯାଇଛନ୍ତି । କିନ୍ତୁ ସେମାନେ ଅନାଥ ହେଲେ ବି କଷ୍ଟେ ମଷ୍ଟେ ତାଙ୍କ ଜେଜେ ବାପା ପାଖରେ ରହୁଥିଲେ। କିଛି ମାସ ପୂର୍ବେ ଜେଜେଙ୍କ ମଧ ଦେହାନ୍ତ ହୋଇଛି । ଏବେ ସମସ୍ୟା ବଢ଼ାଇଦେଇଛି କାଳ ବୈଶାଖୀ । ଚିନ୍ତାରେ ଉଭୟ ଅନାଥ ଭାଇ ଭଉଣୀ। ଖବର ପାଇଁ କୋଟପାଡ଼ କଂଗ୍ରେସ ବିଧାୟକ ପାର୍ଥୀ ଅନାମ ଦିଆନ ପହଞ୍ଚି ଅସହାୟ ଭାଇ ଭଉଣୀଙ୍କୁ ଭେଟି ସମସ୍ୟା ବୁଝିଛନ୍ତି। ତୁରନ୍ତ ତତ୍ପରତା ଦେଖାଇ ଉକ୍ତ ପରିବାରଙ୍କୁ ସହାୟତା କରିଛନ୍ତି । ଆଜବେଷ୍ଟ ଏବଂ ସିମେଣ୍ଟ ପ୍ରଦାନ କରିଛନ୍ତି। ଆସନ୍ତା କାଲି ଘର ଛପର ବ୍ୟବସ୍ଥା କରାଯିବ। ଏନେଇ ଜିଲ୍ଲା ଶିଶୁ ଅଧିକାରୀଙ୍କ ସହ ଆଲୋଚନା କରି ସେମାନଙ୍କ ଥଇଥାନ ବ୍ୟବସ୍ଥା କରିବେ ବୋଲି ପ୍ରତିଶୃତି ଦେଇଛନ୍ତି । ଆଜି ଅନାମ ଦିଆନଙ୍କ ସମେତ ସ୍ଥାନୀୟ ସରପଞ୍ଚ ଛେଣ୍ଡିଆ ଖିଲ, କଂଗ୍ରେସର ବରିଷ୍ଠ କର୍ମୀ ମନହର ବିଶୋଇ, ସତ୍ୟ ମହାନ୍ତି, ଅଭି ଗୌଡ଼, ଆନନ୍ଦ ନାୟକ, ଶେଖର ଖିଲ, ୱାର୍ଡ ସଭ୍ୟ ପଟି ସନ୍ତା, କୁମୁଟି ସକ୍ଷନ୍ତା ଓ ଜୟ ସାନ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱତନ୍ତ୍ର ସଘନ ସଂଶୋଧନ ପାଇଁ ତାଲିମ



କୋରାପୁଟ,୨୮।୫( ସମିସ): କୋରାପୁଟ ଜିଲ୍ଲାର ସମସ୍ତ ବ୍ଲକରେ ବୁଥ୍ ସ୍ତରୀୟ ଅଧିକାରୀ ଏବଂ ବୁଥ୍ ସ୍ତରୀୟ ଅଧିକାରୀ ପର୍ଯ୍ୟବେକ୍ଷକଙ୍କ ପାଇଁ ସ୍ୱତନ୍ତ୍ର ସଘନ ସଂଶୋଧନ ବିଷୟେ ତାଲିମ କାର୍ଯ୍ୟକ୍ରମ ପର୍ଯ୍ୟାୟକ୍ରମେ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା କୋରାପୁଟ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ନରେଶ ଚନ୍ଦ୍ର ଶବରଙ୍କ ତତ୍ତ୍ୱାବଧାନରେ ଜିଲ୍ଲାର ୧୪ଟି ବ୍ଲକରେ ଏହି ତାଲିମ ସମ୍ପନ୍ନ ହୋଇଛି। ବୈପାରୀଗୁଡ଼ା ବ୍ଲକ ଠାରେ ଆୟୋଜିତ ତାଲିମ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଶବର ଉପସ୍ଥିତ ରହି ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ତାଲିମରେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାର ଲକ୍ଷ୍ୟ, ଘରକୁ ଘର ଯାଇ ସଂଶୋଧନ, ନାମାଙ୍କନ ପତ୍ର-୬/୭/୮ ପୂରଣ, ଅଯୋଗ୍ୟ ମତଦାତାଙ୍କ ନାମ ବାଦ ଦେବା, ନୂତନ ମତଦାତାଙ୍କ ନାମ ଯୋଡିବା ବିଷୟରେ ଆଲୋଚନା କରାଯାଇଥିଲା। ବୁଥ୍ ସ୍ତରୀୟ ଅଧିକାରୀ ଏବଂ ପର୍ଯ୍ୟବେକ୍ଷକ ମଧ ପ୍ରଶିକ୍ଷଣ ପରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ମାଧ୍ୟମରେ ତାଲିମର ସ୍ପଷ୍ଟତା ପ୍ରାପ୍ତ କରିଥିଲେ। ବୈପାରୀଗୁଡ଼ା ତାଲିମରେ ଅତିରିକ୍ତ ଜିଲ୍ଲାପାଳ ଶବର ଦର୍ଶାଇଥିଲେ ଯେ ସ୍ୱତନ୍ତ୍ର ସଘନ ସଂଶୋଧନ ଯୋଜନା ଅନ୍ତର୍ଗତ ମତଦାତା ତାଲିକା ଉପରେ ଆଧାରିତ ଭାବରେ ଘରକୁ ଘର ଯାଇ ସଂଶୋଧନ ସମୟରେ ସମସ୍ତ ବୁଥ୍ ସ୍ତରୀୟ ଅଧିକାରୀ ନିଷ୍ଠାପୂର୍ବକ କାର୍ଯ୍ୟ କରି ମତଦାତାଙ୍କ ମଧ୍ୟରେ ଆସ୍ଥା ଓ ସ୍ୱଚ୍ଛତା ସୃଷ୍ଟି କରିବା ଆବଶ୍ୟକ। ଏହା ମାଧ୍ୟମରେ ମତଦାନ ପ୍ରକ୍ରିୟାକୁ ଆହୁରି ନିର୍ଭୁଲ ଏବଂ ସଫଳ କରିବାରେ ସହାୟକ ହେବ। ପ୍ରଖର ଖରାକୁ ଦୃଷ୍ଟିରେ ରଖି ଉପଯୁକ୍ତ ପରିମାଣର ପିଇବା ପାଣି ଏବଂ ସାଙ୍ଗରେ ଛତା ରଖିବା ସହ, ସକାଳ ୬ଟା ରୁ ଦିନ ୧୧ଟା ଏବଂ ଅପରାହ୍ନ ୪ଟା ରୁ ସନ୍ଧ୍ୟା ୭ଟା ମଧ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ ଉଦ୍ଦିଷ୍ଟ କାର୍ଯ୍ୟ ଗୁଡିକୁ ସମ୍ପାଦନ କରିବା ପାଇଁ ମଧ ପରାମର୍ଶ ଦିଆଯାଇଛି। ଏଥି ସହ ବୁଥକୁ ଆସୁଥିବା ସମସ୍ତ ମତଦାତାଙ୍କର ସ୍ୱାସ୍ଥ୍ୟ ପ୍ରତି ସଜାଗ ରହିବା ଅତ୍ୟନ୍ତ ଜରୁରୀ ବୋଲି ସେ ଉପଦେଶ ଦେଇଛନ୍ତି। ସମସ୍ତ ବ୍ଲକରେ ଅନୁଷ୍ଠିତ ତାଲିମ କାର୍ଯ୍ୟକ୍ରମରେ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ତହସିଲଦାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ।

## ୩୪ ସିଲିଣ୍ଡର ଓ ଡିଜେଲ ଜବତ, ଜଣେ ଗିରଫ

ତିର୍ତ୍ତୋଲ,୨୮।୫(ସମିସ): ତିର୍ତ୍ତୋଲ ଥାନା ଅନ୍ତର୍ଗତ କନକପୁର କୁଟିଳ ଗ୍ରାମ ଦୟାଲପୁର ଗ୍ରାମରେ ପୁଲିସ ଚଢ଼ଉ କରି ରନ୍ଧନ ଗ୍ୟାସ ସିଲିଣ୍ଡର ଓ ଡିଜେଲ କଳା ବଜାର କରୁଥିବା ଅଭିଯୋଗରେ ଗ୍ରାମର ଅନୀଲ କୁମାର ମହାନ୍ତିଙ୍କୁ ଆଜି ଗିରଫ କରିଛି। ଏଥିସହିତ ଅଭିଯୁକ୍ତ ଅନୀଲଙ୍କ ଘରୁ ୩୪ଟି ଗ୍ୟାସ ସିଲିଣ୍ଡର ଓ ୩୦୦ ଲିଟର ଡିଜେଲ ଜବତ କରିଛି। ପୁଲିସ ଅଭିଯୁକ୍ତ ବିରୋଧରେ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତକୁ ଅଦାଲତ ଚାଲାଣ କରାଯାଇଥିବା ନେଇ ତିର୍ତ୍ତୋଲ ଥାନା ଅଧିକାରୀ ବଂଶୀଧର ପ୍ରଧାନ ସୂଚନା ଦେଇଛନ୍ତି।

## ଭୂତକୋଠି ପାଲଟିଛି ରାହାଣ ପଶୁ ଚିକିତ୍ସାଳୟ



ବାଲିକୁଦା,୨୮।୫(ସମିସ): ବାଲିକୁଦା ବ୍ଲକ୍ ରାହାଣ ପଞ୍ଚାୟତ ରାହାଣ ଗ୍ରାମରେ ଥିବା ପଶୁ ଚିକିତ୍ସାଳୟ ଏବେ ରକ୍ଷଣାବେକ୍ଷଣ ଅଭାବରୁ ଭୂତକୋଠି ପାଲଟିଛି। ଏହି ପଶୁ ଡାକ୍ତରଖାନା ଉପରେ ବିଗତ ଦିନରେ ଦୁଇଟି ପଞ୍ଚାୟତର ରାହାଣ, ମୁରୁଣିଆ, ପ୍ରସନ୍ନପୁର, ବଳଭଦ୍ରପୁର, ପାଇକରାପୁର, ମନ୍ଦାରକଣ, ଓରଣ୍ଡ, ସାମନ୍ତରାପୁର, ଚତରାମୁଣ୍ଡେଇର ଅନେକ ଗୋପାଳକ ଚାଷୀ ଭାଇମାନେ ନିର୍ଭର କରୁଥିଲେ। ସେମାନଙ୍କ ଗାଈ, ମଇଁଷି, ଛେଳି, ମେଣ୍ଢା ଅସୁସ୍ଥ ହେଲେ ଏଠାରେ ପରୀକ୍ଷା କରି ଔଷଧ ନେଉଥିଲେ। ଏବେ ତାହା ବନ୍ଦ ହୋଇଯିବାରୁ ୧୦ କିଲୋମିଟର ଦୂର ମାଛଗାଁ, ନହେଲେ ୧୪କିଲୋମିଟର ବାଲିକୁଦା ଯିବାକୁ ପଡୁଛି। ବିଭାଗ ପକ୍ଷରୁ ଜଣେ ଏଲ୍ଆଇଙ୍କୁ ନିଯୁକ୍ତି ମିଳିଥିବାବେଳେ ଘର ନଥିବାରୁ ଉକ୍ତ ଏଲ୍ଆଇ କାର୍ଯ୍ୟ କରି ପାରୁ ନାହାନ୍ତି। ପଶୁ ଚିକିତ୍ସାଳୟକୁ ପୁନଃଉଦ୍ଧାର କରିବା ପାଇଁ ଜିଲ୍ଲା ପ୍ରଶାସନ, ପଶୁ ସମ୍ପଦ ବିଭାଗ ଓ ରାଜ୍ୟ ସରକାରଙ୍କୁ ଏ ବିଷୟରେ ଯୁବ ସମାଜସେବୀ ରଶ୍ମୀରଞ୍ଜନ ପାତ୍ର ଅଭିଯୋଗ କରିଛନ୍ତି। ଯଦି ଏହା କାର୍ଯ୍ୟକ୍ଷମ ନ ହୁଏ ତାହେଲେ ଆଗାମୀ ଦିନରେ ଜିଲ୍ଲାପାଳଙ୍କ ଅଫିସ ଆଗରେ ଅନଶନରେ ବସିବେ ବୋଲି ଚେତାବନୀ ଦେଇଛନ୍ତି ରଶ୍ମୀ।

## ଯାଦବ ନେତାଙ୍କ ପରଲୋକରେ ମହାସଭାର ଶ୍ରଦ୍ଧାଞ୍ଜଳି



ଜଗତସିଂହପୁର,୨୮।୫(ସମିସ): ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ଯଶୋବନ୍ତପୁର ଗ୍ରାମର ଯାଦବ ନେତା ଧୂଳେଶ୍ୱର ମାଣିଆଙ୍କ ୭୯ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ଭୁବନେଶ୍ୱର ସ୍ଥିତ ନୁଆପଲ୍ଲୀ ବାସଭବନରେ ଦୀର୍ଘ ଦିନ ହେବ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ମୃତ୍ୟୁଶଯ୍ୟା ନିକଟରେ ଧର୍ମପତ୍ନୀ, ପୁତ୍ର, ପୁତ୍ରବଧୂ ଓ ଝିଅ ମାନେ ଉପସ୍ଥିତ ରହିଥିଲେ। ସେ ଜଗତସିଂହପୁର ସ୍ୱାମୀ ବିବେକାନନ୍ଦ ସ୍ମାରକୀ ମହାବିଦ୍ୟାଳୟର ପୂର୍ବତନ ସଭାପତି ରହିଥିଲେ। ସେ ଛାତ୍ର ସଂଗଠନର ଜଣେ ଦକ୍ଷ ନେତା ହିସାବରେ ପରିଗଣିତ ଥିଲେ। ଭୁବନ୍ଧକ ବ୍ୟାଙ୍କରେ କାର୍ଯ୍ୟ ଆରମ୍ଭ କରି ଓସ୍କାର୍ଡ ବ୍ୟାଙ୍କର ଜେନେରାଲ ମ୍ୟାନେଜର ପଦରେ ଅବସର ଗ୍ରହଣ କରିଥିଲେ। ସେ ଜଣେ ଦକ୍ଷ ମୁଖ୍ୟ ପ୍ରବନ୍ଧକ, ସୁଭାସି, ପରୋପକାରୀ ଓ ସମାଜସେବୀ ଥିଲେ। ତାଙ୍କ ପରଲୋକରେ ଜଗତସିଂହପୁର ଜିଲାରେ ଶୋକର ଛାୟା ଖେଳିଯାଇଛି।ତାଙ୍କର ବିୟୋଗରେ ଜଗତସିଂହପୁର ଜିଲ୍ଲା ଯାଦବ ମହାସଭା ତରଫରୁ ଗଭୀର ଶୋକବ୍ୟକ୍ତ ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି।

## ଗାୟତ୍ରୀ ପରିବାର ପକ୍ଷରୁ ପ୍ରଶିକ୍ଷଣ ଶିବିର



ଜଗତସିଂହପୁର,୨୮।୫(ସମିସ): ଜଗତସିଂହପୁର ଜିଲ୍ଲା ଗାୟତ୍ରୀ ପରିବାର ତରଫରୁ ଶାନ୍ତିକୁଞ୍ଜ ହରିଦ୍ୱାର ପ୍ରତିନିଧି ଜଗନ୍ନାଥ ଦାସ ଓ ସହଯୋଗୀଙ୍କ ଦ୍ୱାରା ଏକ ପ୍ରଶିକ୍ଷଣ ଶିବିର ସଦର ମହକୁମା ଓହଳସ୍ଥିତ ପ୍ରଜ୍ଞା ପୀଠରେ ଅନୁଷ୍ଠିତ ହୋଇଥିଲା। ଏହା ପାଞ୍ଚଦିନ ବ୍ୟାପି ମହା ସମାରୋହରେ ପାଳିତ ହୋଇଥିଲା। ଏଥିରେ ଓହଳ ପ୍ରଜ୍ଞା ପୀଠର ସଭ୍ୟ ରଶ୍ମୀରଞ୍ଜନ ସାହୁ, ପୀତାମ୍ବର ପଣ୍ଡା, ବିଜୟକେତନ ଖଟୁଆ, ବିଜୟ ସାହୁ, ଶଶାଙ୍କ ଶେଖର ସାହୁ ଓ ନରେନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ସ୍ଥାନ ରୁ ୨୦୦ ରୁ ଉର୍ଦ୍ଧ୍ୱ ଶିକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ।

## ଶୀଳତଭଣ୍ଡାରରେ ଆନିକଟ ଯୋଜନା

# ତିଖିରୀ ଘାଟରେ ବିପଦସଂକୁଳ ନୌଯାତ୍ରା

କୁଜଙ୍ଗ,୨୮।୫(ସମିସ)




ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାର ଏକାଧିକ ବ୍ଲକବାସୀ ବହୁ ସମୟରେ ନିଜର ଯାତାୟାତ ପାଇଁ ପାଇକା ନଦୀର ତିଖିରୀ ଘାଟ ବ୍ୟବହାର କରିଥାଆନ୍ତି। ପୂର୍ବରୁ ଏହି ଘାଟ ପାଇଁ ଦୁଇଟି ନଦୀ ପାର ହେବାକୁ ପଡୁଥିବା ବେଳେ ଗତ ୮ ବର୍ଷ ହେବ ମହାନଦୀ ଉପରେ ପୋଲ ହୋଇଯାଇଥିବା ଯୋଗୁ ନୌକା ଯାତ୍ରୀ ସଂଖ୍ୟା ବହୁ ଗୁଣାରେ ବଢିଯାଇଛି। ଯଦିଓ ଦୁଇଟି ଜିଲ୍ଲା ପ୍ରଶାସନର ଏହି ଘାଟ ଅଞ୍ଚଳ ଅବସ୍ଥିତ; ସେଠାରେ ଉଭୟ କୁଜଙ୍ଗ ବ୍ଲକ ଓ ମହାକାଳାପଡା ବ୍ଲକ ବାସୀ ନିଜ ନିଜର ଅଞ୍ଚଳ ବୋଲି ଦାବି କରିଆସିଛନ୍ତି। ଏହି ନେଇ ଗତ କିଛି ବର୍ଷ ତଳେ ଡଙ୍ଗା ଚାଳନାକୁ ନେଇ ବିବାଦ ଉଗ୍ର ରୂପେ ନେଇଥିବା ବେଳେ ଏବେ ଏହି ଘାଟରେ ଦୁଇଟି ଡଙ୍ଗା ଯାତ୍ରୀ ବହନ କରୁଥିବା ଦେଖିବାକୁ ମିଳିଛି। ଏହି ଦୁଇ ଡଙ୍ଗାର ଅବସ୍ଥାକୁ ଦେଖି ଅଗତ୍ୟା ଯାତ୍ରୀମାନେ ଯାତାୟତ କରିବାକୁ ଡରୁଥିବା ବେଳେ ସେଥିରେ ଲାଇଫ୍ ଜ୍ୟାକେଟ୍ ନଥିବା ଅଭିଯୋଗ ହୋଇଛି। ଏହି ଗଭୀର ତଥା ପ୍ରସସ୍ତ ନଦୀପଥରେ ଯାତ୍ରୀମାନେ ଅତି ବିପଦ ଶଙ୍କୁଳ ଅବସ୍ଥାରେ ରାତିରେ ମଧ୍ୟ ପାର ହେଉଥିବା ଦେଖିବାକୁ ମିଳିଛି। ଏହି ଘାଟକୁ ଯାଇଥିବା ରାସ୍ତା କଚ୍ଚା ରାସ୍ତା ହୋଇଥିବା ବେଳେ ପ୍ରତ୍ୟେହ ଶହ ଶହ ବାଇକ୍ ଆରୋହୀ ଏହି ରାସ୍ତାରେ ଦୂରତ ଓ ସମୟକୁ ବଞ୍ଚାଇବାକୁ ଯାଇ ନିଜ ଜୀବନକୁ ବିପନ୍ନ କରି ନୌକା ଯାତାୟତ କରୁଥିବା ଦେଖିବାକୁ ମିଳିଛି। ଗତ କିଛି ବର୍ଷ ତଳେ ଦୁଇ ବ୍ଲକରୁ ବହୁ ମୁରବୀ ଓ ବୁଦ୍ଧିଜୀବ ମାନେ ତିଖିରୀ ଘାଟରେ ପାଇକା ନଦୀରେ ସେତୁ ନିର୍ମାଣ ପାଇଁ ଦାବି କରିବା ଆନ୍ଦୋଳନ କରିଥିଲେ। ଫଳରେ ଏହି ନଦୀରେ ପୋଲ ନିର୍ମାଣ ପାଇଁ ସର୍ଭେ ମଧ୍ୟ ହୋଇଥିଲା। ପରବର୍ତ୍ତୀ ଅବସ୍ଥାରେ ଏଠାରେ ନଦୀପାଣି ସରକ୍ଷଣ ପାଇଁ ଆନିକଟ କରାଯିବ ବୋଲି ଘୋଷଣା ପରେ ମଧ୍ୟ ଏହି ଅଞ୍ଚଳରେ ସେପରି କିଛି ପଦକ୍ଷପ ଗ୍ରହଣ କରାଯାଇ ନାହିଁ। ପରବର୍ତ୍ତୀ ସମୟରେ ରାଜନୈତିକ ଇଚ୍ଛା ଶକ୍ତି ଓ ବିଭାଗୀୟ ଉଦାସିନତା ଯୋଗୁ ତିଖିରୀ ଘାଟରେ ପୋଲ ନିର୍ମାଣରେ ବିଳମ୍ବ ହେଉଥିବା ବେଳେ ପୋଲ ନିର୍ମାଣ ପର୍ଯ୍ୟନ୍ତ ଅନୁମତି ପ୍ରାପ୍ତ ଯନ୍ତ୍ର ଚାଳିତ ଡଙ୍ଗା, ନିୟମିତ ବ୍ୟବଧାନରେ ଡଙ୍ଗା ଯାଞ୍ଚ, ଯାତ୍ରୀ ପରିବହନ କ୍ଷମତା ଅନୁଶରେ କରିବା, ଘାଟ ପାଇଁ ରାସ୍ତାକୁ ବ୍ୟବସ୍ଥିତ କରାଇବା, ଡଙ୍ଗାରେ ଲାଇଫ୍ ଜାକେଟ ସହ ଏହି ନଦୀବନ୍ଧରେ ସୋଲାର ଆଲୋକ ବ୍ୟବସ୍ଥା କରାଇାଇବାକୁ ସାଧାରଣରେ ଦାବି ହୋଇଛି।

## ପ୍ରତିଭାକୁ ରୋକିପାରିନି ଦାରିଦ୍ର୍ୟ

# ଚିତ୍ରକଳାରେ ନିପୁଣା ପ୍ରିୟଦର୍ଶନୀ





କୁଜଙ୍ଗ,୨୮।୫(ସମିସ): ଏମିତି କିଛି ଇଶ୍ୱର ଦତ୍ତ ପ୍ରତିଭାକୁ ଦାରିଦ୍ର୍ୟ ରୋକିପାରେନି। ଏହିପରି ଜଣେ ପ୍ରଚଣ୍ଡ ପ୍ରତିଭାଧାରୀ ଭିନ୍ନକ୍ଷମ ଛାତ୍ରୀ ହେଉଛନ୍ତି ପ୍ରିୟଦର୍ଶନୀ ସାହୁ। ପିତା ଅକ୍ଷୟ ସାହୁ ଓ ମା' ସୁଜାତା ସାହୁଙ୍କ ତିନି କନ୍ୟା ମଧ୍ୟରୁ ମଧ୍ୟମା କନ୍ୟା ପ୍ରିୟଦର୍ଶନୀ। ଜନ୍ମରୁ କଥା କହିପାରୁନଥିବା ଓ ଶୁଣିପାରୁନଥିବା ଏହି ଭିନ୍ନକ୍ଷମ ବାଳିକା ଚିତ୍ରାଙ୍କନରେ ଯେପରି ସେହିପରି ଭାବେ ପାଠରେ ମଧ୍ୟ ନିଜର ଉତ୍କର୍ଷ ଦେଖାଇଛନ୍ତି। ପିତା ଜଣେ ସାଧାରଣ ବ୍ୟବସାୟୀ। ତିନି ଝିଅଙ୍କ ପାଠ ପଢା ପାଇଁ ବହୁ କଷ୍ଟ କରୁଥିବା ବେଳେ ଏହି ଭିନ୍ନକ୍ଷମ ଝିଅ ସାଧାରଣ ବିଦ୍ୟାଳୟରେ ପାଠ ପଢି ମଧ୍ୟ ପାଠ ପଢାରେ ନିଜର ନିଷ୍ଠା ଦେଖାଇଥିବା ବେଳେ ଅବସର ସମୟରେ ଘରେ ବସି ଚିତ୍ରାଙ୍କନ କରୁଥିବା ପିତା ଅକ୍ଷୟ ଦେଖନ୍ତି। ଝିଅର ଆଗ୍ରହ ଦେଖି ପିତା ମାତା ତାଙ୍କୁ ଉତ୍ସାହ ଦେଉଥିବା ବେଳେ ଅର୍ଥାଭାବ ଯୋଗୁ ଚିତ୍ରାଙ୍କନ ଶିକ୍ଷକ କିମ୍ବା ପ୍ରଶିକ୍ଷଣ ଦେଇ ପାରିନାହାଁନ୍ତି। ଏହା ସତ୍ତ୍ୱେ ନିଜର ଦୃଢ ଇଚ୍ଛାଶକ୍ତି ଓ ନିରନ୍ତର ଅଭ୍ୟାସ ଯୋଗୁ ସେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ପୁରସ୍କୃତ ହେବା ସହ ଜିଲ୍ଲାସ୍ତରରେ ମଧ୍ୟ ବହୁ ପ୍ରତିଯୋଗିତାରେ ପ୍ରଥମ ହୋଇପାରିଛନ୍ତି। ଗତ ଦୀପାବଳିରେ ଆୟୋଜିତ ରଙ୍ଗୋଲି କାର୍ଯ୍ୟକ୍ରମରେ ତାଙ୍କ ମୁରୁଜ ଚିତ୍ର ବହୁ ମୁରବୀଙ୍କୁ ବିସ୍ମିତ ହୋଇଯାଇଥିଲେ। ଗ୍ରାମାଞ୍ଚଳରେ ଏହି ଗରିବ ପ୍ରତିଭାବାନ ଛାତ୍ରୀ ଏବେ ପଙ୍କପାଳ ମହିଳା ମହାବିଦ୍ୟାଳୟରେ ସାଧାରଣ ପିଲାଙ୍କ ସହିତ ଯୁକ୍ତ ଦୁଇ ଅଧ୍ୟୟନ କରୁଥିବା ବେଳେ ସିଟି ପାଠ୍ୟ ମଧ୍ୟ ସଫଳତାର ସହ ଉତିର୍ଣ୍ଣା ହୋଇଛନ୍ତି। ଯଦି ତାଙ୍କୁ ଚିତ୍ରକଳାରେ ସ୍ୱତନ୍ତ୍ର ପ୍ରଶିକ୍ଷଣ ପ୍ରଦାନ କରାଯାଆନ୍ତା ତେବେ ସେ ଏହି କାଳାରେ ପାରଦର୍ଶୀତା ହାସଲ ସହ ନିଜର ଅର୍ନ୍ତନିହିତ ପ୍ରତିଭାର ଉନ୍ମେଷ କରିପାରନ୍ତେ ବୋଲି ପଙ୍କପାଳ ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି କ୍ୟାପେଟନ୍ ଅଜୟ କୁମାର ଖୁଣ୍ଟିଆ ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ଶିକ୍ଷକତା ସହ କଳାରେ ସମସ୍ତଙ୍କୁ ଚମକାଇବେ ଏହି ଅନନ୍ୟ ପ୍ରତିଭା ବୋଲି ତାଙ୍କ ଶିକ୍ଷକ ବିଭୂତି ଦାସ ମତ ଦେଇଥିବା ବେଳେ ପୁଅ ହେଉକି ଝିଅ ଉପଯୁକ୍ତ ଯତ୍ନ ଓ ପ୍ରୋତ୍ସାହନରେ ସଭିଏଁ ପରିବାର ପାଇଁ ଆଶାର ବାଡି ହେବା ସହ ଅନ୍ୟ ମାନଙ୍କ ପାଇଁ ପ୍ରେରଣା ସାଜିବେ ନିଶ୍ଚୟ।

## ଶଶୁର ଘରକୁ ଡାକି ଜ୍ୱାଇଁଙ୍କୁ ଆକ୍ରମଣ ଅଭିଯୋଗ

କୁଜଙ୍ଗ,୨୮।୫(ସମିସ): କୁଜଙ୍ଗ ଥାନାରେ ଶଶୁର ଘରକୁ ଡକାଇ ଜୋଇଁଙ୍କୁ ଆକ୍ରମଣ କରାଯାଇଥିବା ନେଇ ଏକ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ କୁଜଙ୍ଗ ଥାନାରେ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ଅଭିଯୋଗରୁ ପ୍ରକାଶ ଯେ, ଅଭୟଚାନ୍ଦପୁର ଥାନା ଅନ୍ତର୍ଗତ ବଗଦିଆ ଗ୍ରାମର ବାସୁଦେବ ସାହୁଙ୍କ ପୁତ୍ର ବାପିନା ସାହୁ କୁଜଙ୍ଗ ଥାନା ଅନ୍ତର୍ଗତ ମଙ୍ଗରାଜପୁର ଗ୍ରାମର ଅଲେଖ ଜେନାଙ୍କ ଝିଅ ଦିବ୍ୟଜ୍ୟୋତିଙ୍କୁ ୨୦୧୭ରେ ପ୍ରେମ ବିବିହ କରିଥିଲେ। ମାତ୍ର ଦିବ୍ୟଜ୍ୟୋତି ଅନ୍ୟଜଣେ ପୁଅ ସହିତ ସମ୍ପର୍କ ରଖିଥିଲେ ବୋଲି ଶଶୁର ବାସୁଦେବ ଅଭିଯୋଗ କରିଛନ୍ତି। ମାତ୍ର ତାଙ୍କ ପୁଅ ଏହାକୁ ବିରୋଧ କରିବାକୁ ତାଙ୍କ ନାମରେ ଯୌତୁକ ନିର୍ଯାତନା ମାମଲା କରିଥିଲେ। ଯାହା ପରେ ଆପୋସ ସମାଧାନ ହୋଇଥିଲା। ତେବେ ଗତ ୨୦ ତାରିଖ ରାତି ଗୋଟାଏ ସମୟରେ ବୋହୂ ଦିବ୍ୟଜ୍ୟୋତିର ଭାଇ ବବୁନା ଜେନା ଆସି ଘରେ ଭଲ ଖାଇବା ହୋଇଥିବା କହି ଭଉଣୀ ଓ ଭିଣୋଇ ଉଭୟଙ୍କୁ ଘରକୁ ଡାକିଥିଲେ। ମାତ୍ର ସେହି ରାତିରେ ତାଙ୍କୁ ଏକ ଘରେ ପୂରାଇ ଦୁଇଜଣ ଯୁବକଙ୍କ ସହିତ ତାଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହିତ ଘରେ ବନ୍ଦ କରିଦେଇଥିଲେ। ବାପିନା କୌଶଳକ୍ରମେ ସେ ଘର ପଛପଟୁ ବନ୍ଦକରି ୧୧୨ କୁ ଫୋନ କରିଥିଲେ। ପୁଲିସ ଆସି ତାଙ୍କୁ ଉଦ୍ଧାର କରିଥିବା ଅଭିଯୋଗ ହୋଇଛି। ପୁଲିସ ଏହି ଅଭିଯୋଗ ଆଧାରରେ ୧୩୯/୨୬ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଜଣାପଡ଼ିଛି।

## କୁଜଙ୍ଗ ଶୁଖୁଆ ହାଟ ଜବରଦଖଲ ଉଦ୍ୟମ

# ବୃତ୍ତି ହରାଇବେ ଶତାଧିକ କୈବର୍ତ୍ତ ପରିବାର



କୁଜଙ୍ଗ,୨୮।୫(ସମିସ): ଧାନ ପାନ ମୀନ ଉତ୍ପାଦନ ପାଇଁ କୁଜଙ୍ଗ ଦେଶ ବିଦେଶରେ ପରିଚିତ। ଏହାର ବ୍ୟବସାୟିକ ପେଣ୍ଠସ୍ଥଳ ହେଉଛି କୁଜଙ୍ଗ ହାଟ। ପାନ ଓ ପନିପରିବା ପରି କୁଜଙ୍ଗ ଶୁଖୁଆର ଚାହିଦା ଆଜି ବି ବ୍ୟବସାୟ ଦୃଷ୍ଟିରୁ ଶୀର୍ଷରେ ଅଛି। କୁଜଙ୍ଗ ରାଜାଙ୍କ ସମୟରୁ କୁଜଙ୍ଗ ବଜାର ଉପରେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଶହଶହ କୈବର୍ତ୍ତ ପରିବାର ସେମାନଙ୍କ କୌଳିକବୃତ୍ତି ବିଶେଷ ମାଛ ଶୁଖୁଆକୁ ଜୀବିକା ଭାବରେ ଗ୍ରହଣ କରି ବର୍ଷ ବର୍ଷଧରି ବ୍ୟବସାୟ କରି ଆସୁଥିବାବେଳେ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ପାଖାପାଖି କୋଡିଏରୁ ଅଧିକ ପିଣ୍ଡି ଯୋଗାଇଥିବାରୁ ସେମାନେ ଖରାବର୍ଷା ଦାଉରୁ ସୁରକ୍ଷା ପାଇ ଆସୁଥିବାବେଳେ ସେ ପିଣ୍ଡି ଉପରେ କେତେକ ଉଚ୍ଛେଦ ବ୍ୟବସାୟୀ ଆଖି ପକାଇଥିବା ଅଭିଯୋଗ ହେଉଛି। ଏହା ପଛରେ ରାଜନୈତିକ ଷଡଯନ୍ତ୍ର ସହ ମୋଟା ଅଙ୍କର ମୂଳଚାଲ ଚାଲିଥିବାର ଅସମର୍ଥିତ ସୂତ୍ରରୁ ପ୍ରକାଶ। କଟକ ପାରାଦ୍ୱୀପ ରାଜ୍ୟ ରାଜପଥର କୁଜଙ୍ଗର ଦୁଇପାଖ ଦୀର୍ଘଦିନ ଧରି କେତେକ ବ୍ୟବସାୟୀ ଜବରଦଖଲରେ ଥିବାବେଳେ ଏହାର କୁପ୍ରଭାବକୁ ଆଖି ଆଗରେ ରଖି ସ୍ଥାନୀୟ ତହସିଲଦାର ଗତ ସପ୍ତାହରେ ସେମାନଙ୍କୁ ଉଚ୍ଛେଦ କରିଛନ୍ତି। ଉଚ୍ଛେଦ ହୋଇଥିବା କେତେକ ବ୍ୟବସାୟୀ ଦୀର୍ଘଦିନଧରି ଶୁଖୁଆ ହାଟ ପିଣ୍ଡି ଜବରଦଖଲ କରିନେବାକୁ ଉଦ୍ୟମ ଆରମ୍ଭ କରି ଦେଇଛନ୍ତି। ଏ ସଂପର୍କରେ ଅଭିଯୋଗ ହେବାରୁ ନିୟନ୍ତ୍ରିତ ବଜାର କମିଟି ସଂପାଦକ ବିଶ୍ୱନାଥ ମହାନ୍ତି କେତେ ଜଣକୁ ନୋଟିସ୍ କରିଥିବା ସୂଚନା ମିଳିଛି। ଶୁଖୁଆ ହାଟର କୈବର୍ତ୍ତ ମାନଙ୍କ ପାଇଁ ଉଦ୍ଦିଷ୍ଟ ପିଣ୍ଡି ଯେପରି ଅନ୍ୟମାନଙ୍କ ଦଖଲକୁ ନଯାଏ ନିୟନ୍ତ୍ରିତ ବଜାର କମିଟି ଅଧ୍ୟକ୍ଷ ତଥା ପାରାଦ୍ୱୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରାଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି କୈବର୍ତ୍ତ ନେତା ପୀତାମ୍ବର ତରାଇ। ସେ କହିଛନ୍ତି, କେଉଁ ଆବାହମାନ କାଳରୁ କୁଜଙ୍ଗ ଶୁଖୁଆ ହାଟ ଏ ଅଂଚଳର ଶହଶହ କୈବର୍ତ୍ତମାନଙ୍କ କୌଳିକ ବୃତ୍ତିକୁ ବଞ୍ଚାଇ ରଖିଛି। ପିଣ୍ଡି ଅନ୍ୟ ହାତକୁ ଚାଲିଗଲେ କୈବର୍ତ୍ତ ମାନଙ୍କ ଜୀବନ ଜୀବିକାର ମାର୍ଗ ବିପନ୍ନ ହୋଇପଡ଼ିବ ବୋଲି ସେ କହିଛନ୍ତି। ବହୁଦିନରୁ କେନାଲ ପାଖରେ ପ୍ରାୟ ଶେଷ ହୋଇ ଥିବା ଦୋକାନ ଗୃହ ପ୍ରଦାନ କରି ଉଚ୍ଛେଦ ବ୍ୟବସାୟୀ ମାନଙ୍କୁ ଥଇଥାନ କରାଯାଇ ପାରିଲେ କୈବର୍ତ୍ତଙ୍କ ପାଇଁ ଉଦ୍ଦିଷ୍ଟ ପିଣ୍ଡି ପ୍ରତି ଅନ୍ୟମାନଙ୍କ ଦୃଷ୍ଟି ପଡନ୍ତା ନାହିଁ ବୋଲି ଶ୍ରୀ ତରାଇ କହିଛନ୍ତି। ନଚେତ୍ କୈବର୍ତ୍ତମାନେ ସେମାନଙ୍କ ଅଧିକାର ସାବ୍ୟସ୍ତ ପାଇଁ ରାଜରାସ୍ତାକୁ ଆସିବାକୁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି।

## ବରିଷ୍ଠ ବ୍ୟବସାୟୀଙ୍କ ପରଲୋକ

କୁଜଙ୍ଗ,୨୮।୫(ସମିସ): କୁଜଙ୍ଗ ବଜାରର ବରିଷ୍ଠ ବ୍ୟବସାୟୀ ବୈକୁଣ୍ଠ ନାଥ ପରିଡ଼ା(ଜଗୁ) ଙ୍କ ୬୭ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ଗତ କିଛି ବର୍ଷ ଧରି ମଧୁମେହ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହୋଇ ଆସୁଥିଲେ। ଗତକାଲି ସେ ଅଧିକ ଅସୁସ୍ଥ ହୋଇ ପଡ଼ିବାରୁ ତାଙ୍କୁ କଟକ ବଡ଼ ମେଡିକାଲ ନିଆଯାଇ ଥିଲା। ଆଜି ସକାଳୁ ତାଙ୍କର କଟକ ବଡ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ଆଜି ତାଙ୍କ ମର ଶରୀରକୁ କୁଜଙ୍ଗ ଜଗନ୍ନାଥପୁର ବାସ ଭବନକୁ ଅଣାଯାଇ ଥିଲା। ମୃତ୍ୟୁ ଶଯ୍ୟା ନିକଟରେ ପତ୍ନୀ ପ୍ରମିଳା, ବଡ଼ ପୁଅ ପଙ୍କଜ ପରିଡ଼ା, ସରୋଜ ନିରୋଜଙ୍କ ସହ ଝିଅ ବବିଙ୍କ ସହ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ସେ ବ୍ୟବସାୟ ସହ ଗୋପାଳ ସଂସ୍କୃତି ଉନ୍ନତି ତଥା ଗୋପାଳ ଲଉଡ଼ି ଓ ଓ ଓଗାଳ ଗାଇବାରେ ସିଦ୍ଧହସ୍ତ ଥିଲେ। ଏହି ସରଳ ଓ ଶାନ୍ତ ସ୍ୱଭାବର ନିଷ୍ଠାପର ବ୍ୟବସାୟୀଙ୍କ ପରଲୋକରେ କୁଜଙ୍ଗ ବଣିକ ସଂଘର ସଭାପତି ଡ଼ଃ ରଘୁ ସାହୁ, ସମ୍ପାଦକ କୈଳାସ ଷଡ଼ଙ୍ଗୀ, ବ୍ଲକ ବିଜେଡି ସଭାପତି ମନିନ୍ଦ୍ର ଗୁରୁ, ସମାଜସେବୀ ସଞ୍ଜୀବ କୁମାର ପଟ୍ଟନାୟକ, ନୃସିଂହ ଚରଣ ଦାସ, ଆରଏସଏସର ଜିଲ୍ଲା ମାର୍ଗ ପ୍ରମୁଖ ରମାକାନ୍ତ ସାହୁ ପ୍ରମୁଖ ଶେଷ ଦର୍ଶନ କରିବା ସହ ଶୋକ ପ୍ରକାଶ କରିଛନ୍ତି। ଗ୍ରାମ ଶ୍ମଶାନରେ ଶେଷ କୃତ୍ୟ ସଂପନ୍ନ କରାଯାଇଛି ଓ ବଡ଼ ପୁଅ ପଙ୍କଜ ମୁଖାଗ୍ନି ଦେଇଛନ୍ତି। ତାଙ୍କ ପରଲୋକରେ କୁଜଙ୍ଗରେ ଗଭୀର ଶୋକ ପ୍ରକାଶ ପାଇଛି।

# ଜଗତସିଂହପୁର ଜିଲ୍ଲା କଂଗ୍ରେସର ସମୀକ୍ଷା ବୈଠକ

ଜଗତସିଂହପୁର,୨୮।୫(ସମିସ)




ଜଗତସିଂହପୁର ଜିଲ୍ଲା କଂଗ୍ରେସ କମିଟିର ଏକ ସମୀକ୍ଷା ବୈଠକ ଜିଲ୍ଲା ସଭାପତି ଦେବ ପ୍ରସାଦ ନାୟକଙ୍କ ଅଧ୍ୟକ୍ଷତାରେ ଜଗତସିଂହପୁର ସହରସ୍ଥିତ ଶାରଦା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ନିଖିଳ ଭାରତୀୟ କଂଗ୍ରେସ କମିଟିର ସମ୍ପାଦକ ତଥା ଓଡ଼ିଶାର ସହ ପ୍ରଭାରୀ ମୟୂର ଜୟକୁମାର ଯୋଗଦେଇ ଜିଲ୍ଲା କଂଗ୍ରେସ ବିଭିନ୍ନ ସାଂଗଠନିକ କାର୍ଯ୍ୟ ଯେପରିକି ବିଏଲ -୧, ବିଏଲ -୨, ବ୍ଲକ କଂଗ୍ରେସ କମିଟି ଗଠନ, ଜିଲ୍ଲା କଂଗ୍ରେସ କମିଟି ଗଠନ, ନୂତନ ଭାବେ ହୋଇଥିବା ଜିଲ୍ଲା କଂଗ୍ରେସର କ'ଣ କାର୍ଯ୍ୟକ୍ରମ ହୋଇଛି ସେ ସବୁର ସମୀକ୍ଷା ଏବଂ ତଦାରଖ କରିଥିଲେ। ସେହିପରି ଅସମ୍ପୂର୍ଣ୍ଣ ଥିବା ବ୍ଲକ କମିଟି, ବିଏଲ -୨କୁ ତୁରନ୍ତ ସମ୍ପୂର୍ଣ୍ଣ କରିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସ କମିଟିର ଉପ ସଭାପତି ତଥା ପୂର୍ବତନ ବିଧାୟକ ଡ. ଦେବାଶିଷ ପଟ୍ଟନାୟକ, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକ, ବାଲିକୁଦା-ଏରସମା ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ନଳିନୀ ସ୍ୱାଇଁ, ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ନିରଞ୍ଜନ ନାୟକ, ଜଗତସିଂହପୁର ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ପ୍ରତିମା ମଲ୍ଲିକ, ଦେବ ମହାପାତ୍ର ଏବଂ ଜିଲ୍ଲା ଯୁବ କଂଗ୍ରେସ ସଭାପତି ପ୍ରୀତମ୍ ପରିଜା ପ୍ରମୁଖ ଯୋଗଦେଇ ତୃଣମୂଳସ୍ତରରେ କଂଗ୍ରେସ ସଙ୍ଗଠନକୁ ଅଧିକ ସକ୍ରିୟ ଏବଂ ମଜବୁତ କରିବା ଦିଗରେ କାର୍ଯ୍ୟ କରିବାକୁ ଦଳୀୟ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କଂଗ୍ରେସ କମିଟି ଉପ ସଭାପତି ଦ୍ୱିଜରାଜ ଦାସ, ପ୍ରଶାନ୍ତ ଦାସ, ଅମ୍ବିକା ପ୍ରସାଦ ଦାସ, ଅଶ୍ୱିନୀ କୁମାର ସ୍ୱାଇଁ, ସାଧାରଣ ସମ୍ପାଦକ ଶୁଭ ନାରାୟଣ ନାୟକ, ବିଦ୍ୟାଧର ବାରିକ, ଆର୍ତ୍ତବନ୍ଧୁ ବିଶ୍ୱାଳ, ଅବନୀକାନ୍ତ ମହାରଣା, ସମ୍ପାଦକ ସୌଭାଗ୍ୟ ରଞ୍ଜନ ବିଶ୍ୱାଳ, ପ୍ରହ୍ଲାଦ ବିଶ୍ୱାଳ, ଦିଲ୍ଲୀପ କୁମାର ମାହାର, ବୃନ୍ଦାବନ ପ୍ରଧାନ, ରୂପଶ୍ରୀ ରାଗିଣୀ ଦାସ, ବସନ୍ତ ନାୟକ, ଜିତୁ ନାରାୟଣ ସାହୁ, ପବିତ୍ର ମନ୍ତ୍ରୀ, ଅଞ୍ଜନ କୁମାର ଜେନା, ମୁଖପାତ୍ର, ସର୍ବେଶ୍ୱର ପଣ୍ଡା, ଅଭିଜିତ ସାହୁ, ଜିଲ୍ଲା କଂଗ୍ରେସ କୋଷାଧ୍ୟକ୍ଷ ବିଶ୍ୱଜିତ ପୋଥାଳ, ଜଗତସିଂହପୁର ନଗର କଂଗ୍ରେସ ସଭାପିତ ପ୍ରଶାନ୍ତ ମହାପାତ୍ର, ପାରାଦ୍ୱୀପ ନଗର କଂଗ୍ରେସ ସଭାପତି କେଦାରନାଥ ବିଶ୍ୱାଳ, ରଘୁନାଥପୁର ବ୍ଲକ କଂଗ୍ରେସ ସଭାପତି ଆର୍ତ୍ତତ୍ରାଣ ପଣ୍ଡା, ବିରିଡି ବ୍ଲକ କଂଗ୍ରେସ ସଭାପତି ପ୍ରିୟବ୍ରତ ମିଶ୍ର, ନାଉଗାଁ ବ୍ଲକ୍ କଂଗ୍ରେସ ସଭାପତି ବିଚିତ୍ରାନନ୍ଦ ଲେଙ୍କା, ଜଗତସିଂହପୁର ବ୍ଲକ କଂଗ୍ରେସ ସଭାପତି ଜ୍ଞାନରଞ୍ଜନ ପୃଷ୍ଟି ପ୍ରମୁଖ ଯୋଗ ଦେଇଥିଲେ।

# ବଳରାମପୁର ମସ୍‌ଜିଦରେ ଇଦ୍ ପାଳିତ



କୁଜଙ୍ଗ,୨୮।୫(ସମିସ): କୁଜଙ୍ଗ ବ୍ଲକ୍ କୁଜଙ୍ଗ ବଳରାମପୁର ହବିବ୍ ମସଜିଦ ସନସୁଲ ନଗର ଠାରେ ଧୁମଧାମରେ ଇଦ୍ ଉଲ୍ ଯୁହା ପର୍ବ ପାଳିତ ହୋଇଛି। ସମସ୍ତ ସାହି ଅଞ୍ଚଳରେ ତୋରଣ ନିର୍ମାଣ ସହିତ ଆକର୍ଷଣୀୟ ସାଜସଜ୍ଜା କରାଯାଇଛି। ସୋମବାର ସକାଳେ ମୁସଲିମ ସମ୍ପ୍ରଦାୟର ଭାଇମାନେ ନବବସ୍ତ୍ର ପରିଧାନ କରି ମସଜିଦରେ ସମୂହ ନମାଜ ପାଠ କରିଥିଲେ। ନମାଜ ପାଠପରେ ସମୂହ ପିତୃ ପୁରୁଷଙ୍କ ସମାଧି ସ୍ଥଳରେ ପହଞ୍ଚି ପ୍ରାର୍ଥନା କରିଥିଲେ। ମସଜିଦ ନିକଟକୁ ଫେରି ମିଠାଖାଇ ପରସ୍ପରକୁ ଆଲିଙ୍ଗନ କରି ଇଦ୍ ମୁବାରକ ଜଣାଇଥିଲେ। ସମସ୍ତ ଗାଡି ଚାଳକ, ପଥଚାରୀଙ୍କୁ ପାନୀୟ ଜଳ ବଣ୍ଟନ କରାଯାଇଥିଲା। କୁଜଙ୍ଗ ମୁସଲମାନ ବସ୍ତିର ସର୍ଦ୍ଦାର ଏସ୍ କେ ମକସୁଦ୍ ଅଲ୍ଲୀ, ବରିଷ୍ଠ ଆଇନଜୀବୀ ମାନତା ଶାହାଜୀ, ସେକ୍ ଅବଦୁଲ୍ ରଜାକ୍, ତିପୁ ସୁଲତାନ୍, ସେଖ୍ କଲିମ୍ ଉଦ୍ଦିନ, ସେଖ୍ ସାଜନ୍, ସେଖ୍ ଟିକିନା, ସେଖ୍ ସମସେର୍, ସେଖ୍ ଅବଦୁଲ୍ ଗଫାର ପ୍ରମୁଖ ଗରିବ ଲୋକମାନଙ୍କୁ ଫଳ, ବିସ୍କୁଟ ଓ ନୂଆବସ୍ତ୍ର ବଣ୍ଟନ କରିଥିଲେ।

# ଗୁପ୍ତେଶ୍ୱର ପୀଠରେ ଦୂର ହେଲା ପାଣି ସମସ୍ୟା

ବୈପାରିଗୁଡ଼ା,୨୮।୫(ସମିସ):



'ସକାଳ' ପ୍ରଭାବ

ଦକ୍ଷିଣ ଓଡ଼ିଶାର ପ୍ରସିଦ୍ଧ ଶୈବ କ୍ଷେତ୍ର ଗୁପ୍ତେଶ୍ୱର ପୀଠରେ ଶ୍ରଦ୍ଧାଳୁଙ୍କ ପାଇଁ ପାନୀୟଜଳର ଉତ୍କଟ ଅଭାବ ନେଇ "ସକାଳ'ରେ ପ୍ରକାଶିତ ହେବା ପରେ ପ୍ରଶାସନ ତତ୍ପରତା ଦେଖାଇଛି। ଆରଡବ୍ଲ୍ୟୁଏସ୍ଏସ୍ ବିଭାଗ ଯନ୍ତ୍ରୀ ଗୁପ୍ତେଶ୍ୱର ପୀଠରେ ପହଞ୍ଚି ପ୍ଲାଷ୍ଟିକ୍ ପାଣି ଟାଙ୍କିରେ ପାଇପ୍ ସଂଯୋଗ କରିବା ସହ ଷ୍ଟାଣ୍ଡ ପୋଷ୍ଟ ଗୁଡିକରେ ଟ୍ୟାବ୍ ଲଗାଇବା ବ୍ୟବସ୍ଥା କରିଛି। ଗ୍ରୀଷ୍ମ ଋତୁ ତଥା ବର୍ତମାନର ପରିସ୍ଥିତିରେ ପାନୀୟ ଜଳର ଅଭାବ ଯନ୍ତ୍ରଣାକୁ ଦ୍ୱିଗୁଣିତ କରିଦେଉଛି। ଏଭଳି ପରିସ୍ଥିତିରେ ଗୁପ୍ତେଶ୍ୱରରେ ପାନୀୟ ଜଳର ଉତ୍କଟ ସମସ୍ୟା ଦେଖିବାକୁ ମିଳିଥିଲା। ଗୁପ୍ତେଶ୍ୱର ପୀଠରେ ଶ୍ରଦ୍ଧାଳୁଙ୍କୁ ପିଇବା ପାଇଁ ପାଣି ମୁନ୍ଦାଏ ମିଳୁନଥିଲା। ପ୍ରସିଦ୍ଧ ଶୈବପୀଠ ଗୁପ୍ତେଶ୍ୱରର ଉନ୍ନତି ଏବଂ ସୌନ୍ଦର୍ଯ୍ୟକରଣ ପାଇଁ କୋଟି କୋଟି ଟଙ୍କା ମଞ୍ଜୁର କରାଯାଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇପାରୁନାହିଁ। ମନ୍ଦିର ପରିସରରେ ପାଣି ସମସ୍ୟା ଦୂର କରିବା ପାଇଁ ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ ବିଭାଗ ତରଫରୁ ବିଭିନ୍ନ ଯୋଜନା ପ୍ରଣୟନ କରାଯାଇଛି। ବିଶୁଦ୍ଧ ପାଣି ଯୋଗାଇବା ପାଇଁ ପୀଠରେ ୮ଟି ପ୍ଲାଷ୍ଟିକ୍ ପାଣି ଟାଙ୍କି ପାଇଁ ଅର୍ଥ ବରାଦ କରାଯାଇଛି। ପୀଠରେ ସବୁଆଡେ ପାଣି ପାଇପ୍ ବିଛା ଯାଇଛି । ବିଭିନ୍ନ ସ୍ଥାନରେ ଷ୍ଟାଣ୍ଡ ପୋଷ୍ଟ ନିର୍ମାଣ ହୋଇଛି କିନ୍ତୁ ଟେପ୍ ଲାଗିଥିଲା। ସେହିପରି ମନ୍ଦିର ପାହାଚରେ ଧାଡି ଦର୍ଶନ ବେଳେ ଶ୍ରଦ୍ଧାଳୁଙ୍କ ପାଇଁ ପାଣି ଟ୍ୟାବ୍ ସହିତ ଗ୍ଲାସ ବ୍ୟବସ୍ଥା କରାଯାଇଛି । କିନ୍ତୁ ସେଥିରୁ ପାଣି ବାହାରୁ ନଥିଲା। ମନ୍ଦିର ପାଦ ଦେଶରେ କେବଳ ଗୋଟିଏ ଷ୍ଟାଣ୍ଡ ପୋଷ୍ଟରୁ ପାଣି ଆସୁଛି । ଅଳ୍ପ ସମୟ ପରେ ସେ ମଧ୍ୟ ବନ୍ଦ ହୋଇଯାଉଛି ବୋଲି ଅଭିଯୋଗ କରାଯାଇଥିଲା। ଶୁଦ୍ଧ ପାନୀୟ ଜଳ ଯୋଗାଣ ନିମନ୍ତେ ବିଭିନ୍ନ ଯୋଜନାରେ ପ୍ରସ୍ତୁତ କରି କାର୍ଯ୍ୟକାରୀ କରୁଥିବା ବେଳେ ଦକ୍ଷିଣ ଓଡ଼ିଶାର ପ୍ରସିଦ୍ଧ ଗୁପ୍ତେଶ୍ୱର ପୀଠରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ସୂଚନା ଥାଉକି, ଗୁପ୍ତେଶ୍ୱର ପୀଠର ଉନ୍ନତି କରଣ ପାଇଁ ସରକାର ତରଫରୁ କୋଡ଼ିଏ କୋଟି ଟଙ୍କା ମଞ୍ଜୁର କରାଯାଇଛି । ଏପର୍ଯ୍ୟନ୍ତ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଶେଷ ହୋଇପାରୁନି କି ବଦଳୁନି ଗୁପ୍ତେଶ୍ୱର ପୀଠ। ଯାହାକୁ ନେଇ ବଢୁଛି ଅସନ୍ତୋଷ । ଏଠାରେ ଠିକାଦାର ଏବଂ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ ପୀଠରେ ପାଣି ମୁନ୍ଦାଏ ବି ମିଳୁନି ବୋଲି ଶ୍ରଦ୍ଧାଳୁଙ୍କ ସହ ପର୍ଯ୍ୟଟକମାନେ ଅଭିଯୋଗ କରିଛନ୍ତି। ଗୁପ୍ତେଶ୍ୱର ପୀଠର ମୁଖ୍ୟ ପୂଜକ ବାବା ଗୁପ୍ତେଶ୍ୱର ଶିବଲିଙ୍ଗ ପର୍ଯ୍ୟନ୍ତ ପାଣି ପହଞ୍ଚି ପାରୁନଥିବା ଅଭିଯୋଗ କରିଛନ୍ତି। ଏନେଇ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ଗତକାଲି ଆରଡବ୍ଲ୍ୟୁଏସ୍ଏସ୍ ବିଭାଗ ଯନ୍ତ୍ରୀ ଗୁପ୍ତେଶ୍ୱର ପୀଠରେ ପହଞ୍ଚି ପାଣି ଟାଙ୍କିରେ ପାଇପ୍ ସଂଯୋଗ କରିବା ସହ ଷ୍ଟାଣ୍ଡ ପୋଷ୍ଟ ଗୁଡିକରେ ଟ୍ୟାପ୍ ଲଗାଇବା ବ୍ୟବସ୍ଥା କରିଥିବା କହିଛନ୍ତି।

# ଜିଲ୍ଲା ବିଜେପି ପ୍ରଶିକ୍ଷଣ ମହାସଭା ଉଦ୍ଯାପିତ




ରାୟଗଡ,୨୮।୫(ସମିସ): ରାୟଗଡା ଜିଲ୍ଲା ବିଜେପି ଦଳର ଦୁଇ ଦିନିଆ ପଣ୍ଡିତ ଦିନ ଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାସଭାର ଦ୍ୱିତୀୟ ଦିନର ଶିବିର ପରେ କାର୍ଯ୍ୟକ୍ରମ ସମାପନ ହୋଇଛି। ରାୟଗଡ଼ା ସହରର ବିଜୁ ପଟ୍ଟନାୟକ ଅଡିଟୋରିଅମ ଠାରେ ଆୟୋଜିତ ଦ୍ୱିତୀୟ ଦିନ ଶିବିରରେ ଜିଲ୍ଲା ସଭାପତି ଗୋପୀ ଆନନ୍ଦ ସଭାପତିତ୍ୱ କରିବା ସହ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ନବରଙ୍ଗପୁର ଲୋକସଭା ସାଂସଦ ବଳଭଦ୍ର ମାଝୀ, ରାଜ୍ୟ ବିଜେପି ସାଧାରଣ ସମ୍ପାଦକ ସରୋଜ ସାହୁ ଓ ପୂର୍ଣ୍ଣିମା ନାୟକ, ବିଜେପି ସାଂସଦ ପ୍ରାର୍ଥୀ କାଳୀରାମ ମାଝୀ, ବିଧାୟକ ପ୍ରାର୍ଥୀ ବସନ୍ତ ଉଲାକା, ଜିଲ୍ଲା ସମ୍ପାଦକ ଦେବାଶିଷ ପଣ୍ଡା, ସାଧାରଣ ସମ୍ପାଦକ ଭିକାରି ନାହାକ, ପୃଥିବୀ ରାଜ ଧନପତି ପ୍ରମୁଖ ଉପସ୍ଥିତଥିଲେ। ରାୟଗଡ ଜିଲ୍ଲାରେ ବିଜେପିର ସାଙ୍ଗଠନିକ ଶକ୍ତିର ଅଭିବୃଦ୍ଧି ନେଇ ଏହି ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାର ସମସ୍ତ ବ୍ଲକ୍ ଓ ପଞ୍ଚାୟତ ସ୍ତରୀୟ କାର୍ଯ୍ୟକର୍ତ୍ତା ଏହି ପ୍ରଶିକ୍ଷଣରେ ଯୋଗଦାନ କରିଥିଲେ। ବିଜେପି ଦଳର ରାଷ୍ଟ୍ରବାଦୀ ଚିନ୍ତାଧାରା, ଆଦେଶକୁ ତୃଣମୂଳସ୍ତରର ନେତା ମାନଙ୍କ ନିକଟରେ ପହଞ୍ଚାଇବା ଏହାର ମୂଳ ଉଦ୍ଦେଶ୍ୟ ବୋଲି ସଭାପତି ଗୋପୀ ଆନନ୍ଦ ପ୍ରକାଶ କରିଥିଲେ।

● ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପିଇବା ପାଣି ଅଭାବ

# ୱାଟର ଫିଲ୍ଟର ଅକାମୀ, ରୋଗୀ ହନ୍ତସନ୍ତ




ବନ୍ଧୁଗାଁ, ୨୮।୫(ସମିସ): ବନ୍ଧୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପିଇବା ପାଣି ଅଭାବ ଯୋଗୁଁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସୁଥିବା ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପାଣି ଟ୍ୟାଙ୍କି ଥିବା ବେଳେ ଷ୍ଟାଫ ମାନେ ଯଥେଷ୍ଟ ପାଣି ନିଜ ଘରକୁ ନେଇ ବ୍ୟବହାର କରୁଛନ୍ତି। ପ୍ରାୟ ୩ ମାସ ହେଲା ସ୍ୱାସ୍ଥ୍ୟ କେନ୍ଦ୍ରର ମରାମତି ପାଇଁ ଠିକାଦାର ଥଣ୍ଡା ପାନୀୟ ଜଳ ମେସିନ୍‌ର ସଂଯୋଗ ଛିନ୍ନ କରି ଛାଡ଼ି ଚାଲିଯାଇଛି। ଏଥିପାଇଁ ସ୍ୱାସ୍ଥ୍ୟ କେନ୍ଦ୍ରରେ ଥିବା ଥଣ୍ଡା ପାନୀୟ ଜଳ ଯୋଗାଇବା ଯନ୍ତ୍ର ଗୁଡିକ ଅଚଳ ହୋଇ ପଡିରହିଛି। ପ୍ରବଳ ଗରମ ହେଉଥିବା ବେଳେ ଲୋକେ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସିଲେ ପିଇବା ପାଇଁ ଥଣ୍ଡା ପାନୀୟ ଜଳ ପାଇ ପାରୁନାହାନ୍ତି। ପୁଣି ରୋଗୀଙ୍କ ସମ୍ପର୍କୀୟ ସକାଳେ ଉଠିଲେ ମୁହଁ ଧୋଇବା ପାଇଁ ପଞ୍ଚାୟତର ସପ୍ଲାଏ ପାଣିକୁ ଅପେକ୍ଷା କରୁଛନ୍ତି। ପ୍ରବଳ ଗ୍ରୀଷ୍ମ ପ୍ରବାହରେ ତାପମାତ୍ରା ୪୨ ଡିଗ୍ରୀ ରହୁଥିବା ବେଳେ ସ୍ୱାସ୍ଥ୍ୟକେନ୍ଦ୍ରରେ ଥଣ୍ଡା ପାନୀୟ ଜଳ ଯନ୍ତ୍ରାଂଶ କାର୍ଯ୍ୟକ୍ଷମ ନ ରଖିବାକୁ ନେଇ ବ୍ଲକ ନିବାସୀ ପ୍ରଶ୍ନ କରିଛନ୍ତି। ଅତି ଶୀଘ୍ର ତାହାକୁ କାର୍ଯ୍ୟକ୍ଷମ କରି ଲୋକଙ୍କୁ ଥଣ୍ଡା ପାନୀୟ ଜଳ ଯୋଗାଇଦେବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

# ୧୦ ମାସରେ ବଦଳିଲେ ଦକ୍ଷିଣ ପଶ୍ଚିମାଞ୍ଚଳ ରେଞ୍ଜ ଡିଆଇଜି

କୋରାପୁଟ,୨୮।୫(ସମିସ): ରାଜ୍ୟ ସରକାର ଗୁରୁବାର ଦକ୍ଷିଣ ପଶ୍ଚିମାଞ୍ଚଳ ରେଞ୍ଜ ଡିଆଇଜି ଡାକ୍ତର କନୱାର ବିଶାଳ ସିଂଙ୍କୁ ବଦଳି କରିଛନ୍ତି। ଡାକ୍ତର ସିଂଙ୍କୁ ଭୁବନେଶ୍ୱର ଏସଟିଏଫ୍ ଡିଆଇଜି ଭାବେ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ଏସଆଇଡବ୍ଲ୍ୟୁ ଡିଆଇଜି ଅଖିଳେଶ୍ୱର୍ ସିଂଙ୍କୁ ଦକ୍ଷିଣ ପଶ୍ଚିମାଞ୍ଚଳ ରେଞ୍ଜ ଡିଆଇଜି ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସୂଚନା ଥାଉକି ଡାକ୍ତର କେ ଭି ସିଂ ଗତବର୍ଷ ଜୁଲାଇ ୧୪ରେ କୋରାପୁଟ ଠାରେ ଡିଆଇଜି ଭାବେ ଯୋଗ ଦେଇଥିଲେ। ମାତ୍ର ୧୦ ମାସରେ ତାଙ୍କ ବଦଳି ହୋଇଥିବା ଘଟଣାକୁ ନେଇ ବିଭିନ୍ନ ଚର୍ଚ୍ଚା ଶୁଣିବାକୁ ମିଳୁଛି।

ସୁନାବେଡ଼ାରେ ଡୁଡ଼ା ପ୍ରକଳ୍ପ ନିର୍ଦ୍ଦେଶକ

# ଆହାର କେନ୍ଦ୍ର, ଆବର୍ଜନା ପୁନଃପ୍ରକ୍ରିୟାକରଣ କେନ୍ଦ୍ରକୁ ସକ୍ରିୟ କରିବାକୁ ନିର୍ଦ୍ଦେଶ



ସୁନାବେଡ଼ା, ୨୮।୫ (ସମିସ): କୋରାପୁଟ ଡୁଡାର ପ୍ରକଳ୍ପ ନିର୍ଦ୍ଦେଶକ ତଥା ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ ଆଜି ସୁନାବେଡ଼ା ଆହାର କେନ୍ଦ୍ର ଓ ଆବର୍ଜନା ପୁନଃପ୍ରକ୍ରିୟାକରଣ କେନ୍ଦ୍ର ପରିଦର୍ଶନ କରି ସମୀକ୍ଷା କରିଛନ୍ତି। ସେ ଆହାର କେନ୍ଦ୍ରର ଖାଦ୍ୟ ଗୁଣବତ୍ତା ନେଇ ସନ୍ତୋଷ ପ୍ରକାଶ କରିବା ସହ ଆବର୍ଜନା ପୁନଃପ୍ରକ୍ରିୟାକରଣ କେନ୍ଦ୍ରରେ ୧୦୦ ପ୍ରତିଶତ ଡୋର-ଟୁ-ଡୋର ସଂଗ୍ରହ ଓ କମ୍ପୋଷ୍ଟ ବ୍ରାଣ୍ଡିଂ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେ ଆହାର କେନ୍ଦ୍ରରେ ପହଞ୍ଚି ମଧ୍ୟାହ୍ନ ଭୋଜନ ଚାଖିଥିଲେ। ଦୈନିକ ୪୫୦ରୁ ଅଧିକ ହିତାଧିକାରୀ ମାତ୍ର ୫ ଟଙ୍କାରେ ଭୋଜନ କରୁଛନ୍ତି ଓ ସେ ପାନୀୟ ଜଳ ଓ ପରିମଳ ବ୍ୟବସ୍ଥାକୁ ଆହୁରି ଉନ୍ନତ କରିବାକୁ କହିଥିଲେ। ଏହାପରେ ଆବର୍ଜନା ପୁନଃ ପ୍ରକ୍ରିୟାକରଣ କେନ୍ଦ୍ର ପରିଦର୍ଶନ କରି ସେ ଓଦା-ଶୁଖିଲା ବର୍ଜ୍ୟବସ୍ତୁ ପୃଥକୀକରଣ, କମ୍ପୋଷ୍ଟିଂ ୟୁନିଟ୍ ଓ ପ୍ଲାଷ୍ଟିକ ବେଲିଂ ପ୍ରକ୍ରିୟା ଯାଞ୍ଚ କରିଥିଲେ। ମହିଳା ଏସ୍ଏଚ୍‌ଜି ସଦସ୍ୟାମାନେ ଆବର୍ଜନା ସଂଗ୍ରହ ଓ କମ୍ପୋଷ୍ଟ ବିକ୍ରିରୁ କିପରି ରୋଜଗାର କରୁଛନ୍ତି, ସେ ସମ୍ପର୍କରେ ପଚାରି ବୁଝିଥିଲେ। ସେ ସ୍ୱଚ୍ଛ ସାଥୀ ଓ ଏସଏଚଜି ମହିଳାଙ୍କୁ ପ୍ରଶଂସା କରିବା ସହ ପ୍ରତି ୱାର୍ଡରେ ୧୦୦ ପ୍ରତିଶତ ଡୋର-ଟୁ-ଡୋର ବର୍ଜ୍ୟବସ୍ତୁ ସଂଗ୍ରହ କରିବାକୁ କହିଥିଲେ। ଏହି ଗସ୍ତ ସମୟରେ ସୁନାବେଡ଼ା ପୌର ପରିଷଦର ନିର୍ବାହୀ ଅଧିକାରୀ ସୁଜିତ କୁମାର ଚୌଧୁରୀଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

# ଶୈବପୀଠ ଜିର୍ଣ୍ଣୋଦ୍ଧାର ମହୋତ୍ସବ ଉଦ୍ଯାପିତ

ଦିଗପହଣ୍ଡି,୨୮।୫(ସମିସ): ଦିଗପହଣ୍ଡି ସହର ଉପକଣ୍ଠ କୁଶପଡ଼ା ଗ୍ରାମ ନିକଟ କମାପଡିଆ ସ୍ଥିତ ଶ୍ରୀନୀଳକଣ୍ଠେଶ୍ୱର ଶୈବପୀଠ ଜିର୍ଣ୍ଣୋଦ୍ଧାର ମହୋତ୍ସବ ଗୁରୁବାର ଉଦଯାପିତ ହୋଇଯାଇଛି। ୫ ଦିନ ବ୍ୟାପୀ ଚାଲିଥିବା ଶତରୁଦ୍ର ମହାଯଜ୍ଞ ଓ ନାମଯଜ୍ଞ ସନ୍ଧ୍ୟାରେ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ପୂର୍ଣ୍ଣାହୁତି ହୋଇଥିଲା। ପଣ୍ଡିତ ଭବାନୀ ଶଙ୍କର ତ୍ରିପାଠୀଙ୍କ ପୌରିହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ



ବହୁ ସଂଖ୍ୟକ ପଣ୍ଡିତ, ପୁରୋହିତ, ଯାଜ୍ଞିକଙ୍କ ପରିଚାଳନାରେ ଯଜ୍ଞକୁଣ୍ଡ ସ୍ଥଳରେ ମୁଖ୍ୟକର୍ତ୍ତା ରୂପେ ଗୌରାଙ୍ଗ ସାହୁ ଓ ତାଙ୍କ ସହଧର୍ମିଣୀ କୁମୁଦିନୀ ସାହୁଙ୍କ ସମେତ ଦିଗପହଣ୍ଡି ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମିଶ୍ର ଓ ତାଙ୍କ ସହଧର୍ମିଣୀ ସଙ୍ଗୀତା ତ୍ରିପାଠୀ, ଶିକ୍ଷକ ସୁବ୍ରତ କୁମାର ପାଢୀ ଓ ସଂଯୁକ୍ତା ପାଳ, ପ୍ରଦୀପ ପଣ୍ଡା ଓ ମନୀକା ପଣ୍ଡା, ରମା ବଲ୍ଲଭ ପଣ୍ଡା ଓ ସୁକାନ୍ତି ପଣ୍ଡା ପ୍ରମୁଖ ଉପବେସନ କରି ଯଜ୍ଞ କୁଣ୍ଡରେ ଘୃତ ଦହନ କରିଥିଲେ। ଦିଗପହଣ୍ଡି ସହର ସମେତ ବିଭିନ୍ନ ଗ୍ରାମରୁ ଆସିଥିବା ସହସ୍ରାଧିକ ଶ୍ରଦ୍ଧାଳୁ ସଂକୀର୍ତ୍ତନ କରି ମନ୍ଦିର ବେଢ଼ା ପରିକ୍ରମା କରିଥିଲେ। ଯଜ୍ଞ ପରିଚାଳନା କମିଟି ସଭାପତି ତଥା ଦିଗପହଣ୍ଡି ଏନଏସି ଅଧକ୍ଷ ପ୍ରଫୁଲ୍ଲ ପଣ୍ଡା, ଉପ ସଭାପତି ବସନ୍ତ ପଟ୍ଟନାୟକ, କେ. ତାରକେଶ୍ୱର ଦୋରା, ଏସ୍ .ଗାନ୍ଧୀ, ସୁଶାନ୍ତ ପ୍ରଧାନ, ସମ୍ପାଦକ ସୁରେନ୍ଦ୍ର ବିଷୋୟୀ, ସହ-ସମ୍ପାଦକ ବିପ୍ରଚରଣ ସେଠୀ, ନିରାକାର ପ୍ରଧାନ, ହର୍ଷ ପ୍ରଧାନ ଏବଂ କୋଷାଧକ୍ଷ କୋରେଶୁ ସେଠୀ, ଉଦ୍ୟୋକ୍ତା ଅମ୍ବିକା ପ୍ରସାଦ ସେଠୀ, କାର୍ଯ୍ୟକର୍ତ୍ତା ଅର୍ଜୁ. ଗୋବିନ୍ଦ, ଭଗବାନ ଦୋରା, ଶଙ୍କର ପାଢ଼ୀ, କ୍ଷେତ୍ରବାସୀ ପ୍ରଧାନ, ପଞ୍ଚାନନ ସ୍ୱାଇଁ, ଉପଦେଷ୍ଟା ପୂର୍ବତନ ଏନଏସି ଅଧକ୍ଷ ଭି.ରବି ନାରାୟଣ ରାଜୁ, ପ୍ରମୋଦ ପାଣିଗ୍ରାହୀ, ଭି.ଧର୍ମ ରାଜୁ, ରାମନାଥ ବିଷୋୟୀ, କାଉନସିଲର ଦୀପକ ମିଶ୍ର, ନୀଳମାଧବ ଗୌଡ଼, ବିଚିତ୍ରାନନ୍ଦ ପଟ୍ଟନାୟକ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବୁଧବାର ରାତିରେ କାଳବୈଶାଖୀ ପ୍ରଭାବରେ ମହାଯଜ୍ଞର ସ୍ୱାଗତ ତୋରଣ ଭାଙ୍ଗି ପଡ଼ିବା ସହ ମୀନାବଜାର, ରାମଦୋଳି ସମେତ ବିଭିନ୍ନ ଉଠା ଦୋକାନୀଙ୍କ ସାମଗ୍ରୀ ପସରା କ୍ଷୟକ୍ଷତି ହୋଇଥିଲା।

# ଯୁବ ବିଜେଡି ପକ୍ଷରୁ ପାଣି ବୋତଲ ବଣ୍ଟନ



ବ୍ରହ୍ମପୁର/ଗଞ୍ଜାମ,୨୮।୫(ସମିସ): ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଗୋପାଳପୁର ଜଙ୍କସନ୍‌ରେ ବିଜୁ ଯୁବ ଜନତା ଦଳ ରାଜ୍ୟ ଉପସଭାପତି ନିହାର ଶତପଥୀଙ୍କ ନେତୃତ୍ୱରେ ସାଧାରଣ ଲୋକ, ଯାତ୍ରୀ, ଶ୍ରମିକ ଓ ଚାଳକମାନଙ୍କୁ ପାଣି ବୋତଲ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରୁ ଶତାଧିକ ଯାତ୍ରୀ ଓ ସାଧାରଣ ଲୋକ ଉପକୃତ ହୋଇଥିଲେ ଏବଂ ଯୁବ ଟିମ୍‌ର ଏପରି ପ୍ରୟାସକୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମ ରାଜ୍ୟ ଯୁବ ନେତା ଜ୍ୟୋତିରଞ୍ଜନ ସାହୁ, ଆଦିତ୍ୟ ଆଚାର୍ଯ୍ୟ, ଆଭ୍ରାସ ଭାନା, ସୌମ୍ୟ ପାଣିଗ୍ରାହୀ, ଆଶିଷ ପାତ୍ର, ଦୀପକ ଦାଶ, ସୁମନ (ପାଣ୍ଡୟା) ଓ ସନ୍ଦୀପଙ୍କ ସକ୍ରିୟ ସହଯୋଗରେ ସଫଳତାର ସହିତ ସମ୍ପନ୍ନ କରାଯାଇଥିଲା। ଏହି ଅବସରରେ ଆୟୋଜକମାନେ ଶ୍ରୀ ନବୀନ ପଟ୍ଟନାୟକ ମାର୍ଗଦର୍ଶନ ଓ ପ୍ରେରଣା ପାଇଁ କୃତଜ୍ଞତା ଜଣାଇଥିଲେ। ସେମାନଙ୍କର ଜନମୁଖୀ ଚିନ୍ତାଧାରା ଯୁବ ସମାଜକୁ ସମାଜସେବା ଓ ଲୋକସମ୍ପର୍କ ଦିଗରେ ନିରନ୍ତର ପ୍ରେରିତ କରୁଛି। ଏହି ଅବସରରେ ଶ୍ରୀ ଶତପଥୀ କହିଥିଲେ ଯେ, ଏଭଳି ସମୟରେ ଲୋକଙ୍କ ପାଖରେ ଠିଆ ହେବା ହିଁ ପ୍ରକୃତ ରାଜନୀତି। ଛୋଟ ପ୍ରୟାସ ମଧ୍ୟ ଲୋକଙ୍କୁ ଏହି ବଡ଼ ଖରାରେ ଆଶ୍ୱସ୍ତି ଦେଇଛି ଓ ଆଗକୁ ଏପରି କାର୍ଯ୍ୟକ୍ରମ ଜାରି ରହିବ।

# ଦୁଇ ବ୍ଲକ୍ ଟପ୍ପରଙ୍କୁ ସମ୍ବର୍ଦ୍ଧନା

ପୋଲସରା,୨୮।୫(ସମିସ): ପୋଲସରା ବ୍ଲକ ଅନ୍ତର୍ଗତ ଶଶିକଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଗୁରୁବାର ଦୁଇ ଜଣ ବ୍ଲକ ଟପରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଯୁକ୍ତ ୨ ପରୀକ୍ଷାରେ ଶଶିକଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବିଜ୍ଞାନ ବିଭାଗର ଛାତ୍ରୀ ଅନ୍ୱେଷା ମିଶ୍ର ୬୦୦ ମାର୍କରୁ ୫୫୧ ମାର୍କ ରଖି ଶତକଡ଼ା ୯୧.୯୯%ରେ ପୋଲସରା ବ୍ଲକ ଟପ୍ପର ହୋଇଛନ୍ତି। ସେହିପରି ଏହି ଅନୁଷ୍ଠାନର ବିଜ୍ଞାନ ବିଭାଗର ଅନ୍ୟ ଜଣେ ଛାତ୍ର ରିତେଶ ପ୍ରଧାନ ମଧ୍ୟ ୬୦୦ ମାର୍କରୁ ୫୪୨ ମାର୍କ ଓ ଶତକଡ଼ା ୯୦.୩ ଧ ପ୍ରତିଶତ ରଖି ବ୍ଲକର ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ। ଯାହାକୁ ନେଇ ବିଦ୍ୟାଳୟ ପକ୍ଷରୁ ଅଧକ୍ଷ ଇନ୍ଦ୍ରଜିତ ବିଷୋୟୀ ଅଧକ୍ଷତାରେ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ଏଥିରେ ବିଦ୍ୟାଳୟ ସମ୍ପାଦକ ସୂର୍ଯ୍ୟନାରାୟଣ ପାଢ଼ୀ, ସଭାପତି ସତ୍ୟନାରାୟଣ ସାହୁ ଓ ଅଧ୍ୟାପକ ଓ ଅଧ୍ୟାପିକାଙ୍କ ଉପସ୍ଥିତିରେ ଦୁଇ ବ୍ଲକ ଟପ୍ପରଙ୍କୁ ସମ୍ବର୍ଦ୍ଧନା ଦେବା ସହ ଅନ୍ୟ ସମସ୍ତ ଛାତ୍ରଛାତ୍ରୀଙ୍କୁ ଉପହାର ପ୍ରଦାନ କରିଥିଲେ। ଅନ୍ୱେଷା ଭବିଷ୍ୟତରେ ଭଲ ଶିକ୍ଷକଟିଏ ହେବାପାଇଁ ଇଛା ପ୍ରକାଶ କରିଥିବା ବେଳେ ରିତେଶ ବିଟେକ୍ କରିବା ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି।



## ୫ଦିନ ହେଲା ଆସୁନି ପାଣି

# ପିଏଚ୍‌ଡି କାର୍ଯ୍ୟାଳୟ ଘେରିଲେ ମହିଳା

ଛତ୍ରପୁର,୨୮।୫(ସମିସ):



ପାଣି ଟୋପେ ପାଇଁ ତହଳ ବିକଳ ହେଉଛନ୍ତି ଲୋକେ, ପ୍ରଶାସନ କିନ୍ତୁ ନିଦାବିଷ୍ଟ। ଅସନ୍ତୋଷ ପ୍ରକାଶ କରି ଗୁରୁବାର ଛତ୍ରପୁର ପୌର ପରିଷଦର ୬ନଂ. ୱାର୍ଡରେ ଭାସ୍କର ରାଓ ପେଟା ସାହି ବାସିନ୍ଦା ସ୍ଥାନୀୟ ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟ ଘେରଉ କରିଥିଲେ। ବିଶେଷ କରି ମହିଳାମାନେ ଏହି ଘେରାଉରେ ସାମିଲ ହୋଇଥିଲେ। ସେମାନଙ୍କ କହିବା କଥା ସାହିକୁ ଆଜିକୁ ୫ ଦିନ ହେଲା ପାଣି ଆସୁନାହିଁ। ଫଳରେ ପାଣି ଟୋପେ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଅଞ୍ଚଳବାସୀ। ଶେଷରେ ଗୁରୁବାର ମହିଳା ମାନେ ବାଧ୍ୟ ହୋଇ ଆନ୍ଦୋଳନ ପନ୍ଥା ଗ୍ରହଣ କରିଥିଲେ। ବିଭାଗୀୟ ଅଧିକାରୀଙ୍କ ବିରୋଧରେ ତୀବ୍ର ନାରାବାଜି କରିବା ସହ ଅଫିସର ମୁଖ୍ୟ ଫାଟକ ସମ୍ମୁଖରେ ହୋହାଲ୍ଲା କରିଥିଲେ। ଖବର ପାଇ ବିଭାଗୀୟ ଅଧିକାରୀ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଇବା ସହ ପାଣି ମିଳିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ବନ୍ଦ ହୋଇଥିଲା। ତେବେ ପ୍ରତିଶ୍ରୁତି ରକ୍ଷା ନହେଲେ ଆନ୍ଦୋଳନ ଆହୁରି ଉଗ୍ରରୂପ ଧାରଣ କରିବ ବୋଲି ସାହି ବାସିନ୍ଦା ଚେତାବନୀ ଦେଇଛନ୍ତି।

ସକାଳ THE SAKALA



www.sakalaepaper.com

## ପୁନଃ ଅନୁଧ୍ୟାନ ପାଇଁ ନୟାଗଡ଼ରେ ଆଇପିଏଲ୍ ଟିମ୍

# ପାଣିପୋଇଲାରେ ହେବ ନୂଆ ଚିନିକଳ!

ନୟାଗଡ଼, ୨୮ ।୫(ସମିସ)



ନୟାଗଡ଼ରେ ନୂତନ ଚିନିକଳ ସ୍ଥାପନ ପାଇଁ ଆଶା ଉଜ୍ଜୀବିତ ହୋଇଛି। ମାର୍ଚ୍ଚ ୨୧ରେ ଆସିଥିବା ଟିମ୍ ଚିନିକଳ ସ୍ଥାପନ ପାଇଁ ପାଣିପୋଇଲା ଚିନିକଳ ନିକଟରେ ଥିବା ଜମିକୁ ପ୍ରାଧାନ୍ୟ ଦେଇଛନ୍ତି। ଆଜି ପୁର୍ନବାର ଟିମ୍ ନୟାଗଡ଼ ଆସି ଜିଲ୍ଲା ପ୍ରଶାସନ ସହ ବୈଠକ କରିବା ସହିତ ଅନୁଧ୍ୟାନ କରିଛି। ପାଣି ସୁବିଧା, ଚାଷୀଙ୍କ ସହ ଆଲୋଚନା କରାଯାଇଥିବା ବେଳେ ଖୁବଶୀଘ୍ର ପ୍ରକ୍ରିୟା ଆରମ୍ଭ ହେବ ବୋଲି ସୂଚନା ମିଳିଛି।

ନୟାଗଡ଼ ଚିନିକଳ ୨୦୧୫ରୁ ବନ୍ଦ ହୋଇ ଛାରଖାର ହୋଇସାରିଛି। ଏହି ଚିନକଳକୁ ନେଇ ଅନେକ ମାମଲା କୋର୍ଟରେ ବିଚାରାଧୀନ ରହିଛି। ଯାହାକୁ ନେଇ ଚିନିକଳ ଚାଲିବା ସମ୍ଭବନା ନାହିଁ। ନିର୍ବାଚନ ସମୟରେ ନେତାମାନେ ଚିନିକଳ ପ୍ରତିଷ୍ଠା କରିବାକୁ ବିଭିନ୍ନ ସମୟରେ ପ୍ରତିଶ୍ରୁତି ଦେଇ ନିର୍ବାଚନ ଜିତିଛନ୍ତି। ୨୦୨୪ ନିର୍ବାଚନ ସମୟରେ ଚିନିକଳ ପ୍ରତିଷ୍ଠା କରିବାକୁ ବିଜେପି ପ୍ରତିଶ୍ରୁତି ଦେଇଥିଲା। ୨୦୨୪ ଡିସେମ୍ବର ମାସରେ ଆୟୋଜିତ ମହୋତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଚିନିକଳ ପ୍ରତିଷ୍ଠା କରାଯିବ ବୋଲି ମଧ୍ୟ କହିଥିଲେ। କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ ଶାହ ତାଙ୍କ ଓଡ଼ିଶା ଗସ୍ତ ସମୟରେ ନୟାଗଡ଼ରେ ଚିନିକଳ ପ୍ରତିଷ୍ଠା କରାଯିବ ବୋଲି ମଧ୍ୟ ଘୋଷଣା କରିଥିଲେ। ଗତ ମାର୍ଚ୍ଚ ୨୧ରେ ଇଣ୍ଡିଆନ୍ ପଟାସ୍ ଲିମିଟେଡ୍ (ଆଇପିଏଲ୍) ଟେକ୍ନିସିଆନ୍ ମନୀଷ ତ୍ୟାଗୀ, ଡେପୁଟି ଜେନେରାଲ୍ ମ୍ୟାନେଜର୍ ସଞ୍ଜୀବ ସିହ୍ନା, ଢେଙ୍କାନାଳ ଚିନିକଳର ମ୍ୟାନେଜିଂ ଡାଇରେକ୍ଟର ବିକାଶ କୁମାର ଚୌଧୁରୀ, ରାଜ୍ୟ ସମବାୟ ବିଭାଗ ଅଧିକାରୀ ଏବଂ ସାଂସଦ ସମ୍ବିତ ପାତ୍ର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏ ନେଇ ସମୀକ୍ଷା ବୈଠକ କରି ଆଲୋଚନା କରିଥିଲେ। ଚିନିକଳ ସ୍ଥାପନ ପାଇଁ ୭୦ ଏକର ଜାଗା ଆବଶ୍ୟକ ଥିବାରୁ ଜିଲ୍ଲାପାଳ ମଧୁମିତା ରଥ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମ୍ପାଦାର, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାଶ, ତହସିଲଦାର ରାଜେଶ କେଶରୀ ସ୍ୱାଇଁ, ସମବାୟ ସମିତି ସମୂହ ଉପନିବନ୍ଧକ ପ୍ରାର୍ଥନା ପ୍ରିୟଦର୍ଶିନୀ ପ୍ରମୁଖଙ୍କ ସହ ଉଭୟ ଟିମ୍ ବିଭିନ୍ନ ଜାଗା ବୁଲି ଦେଖିଥିଲେ। ପାଣିପୋଇଲା ନିକଟ ଡ୍ୟାମ ପାଖରେ ଥିବା ସ୍ଥାନ ସହ ନୟାଗଡ଼ ବ୍ଲକ ଗମେଇ ନିକଟରେ ଥିବା ଅନ୍ୟ ଏକ ସ୍ଥାନ ଦେଖିଥିଲେ। ପାଣିପୋଇଲା ନିକଟ ସ୍ଥାନ ଚୂଡ଼ାନ୍ତ ହୋଇଥିବା ସୂଚନା ମିଳିଛି। ଗୁରୁବାର ପୁନର୍ବାର ଏକ ଟିମ୍ ନୟାଗଡ଼ ଗସ୍ତରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବୈଠକ କରିଛନ୍ତି। ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାରଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ଆଇପିଏଲ୍ ପକ୍ଷରୁ ମହାରାଷ୍ଟ୍ରରେ ନିର୍ମାଣ କରାଯାଇଥିବା ଚିନିକଳ ଭଳି ନୟାଗଡ଼ରେ ଚିନିକଳ ନିର୍ମାଣ ପାଇଁ ଉକ୍ତ ଟିମ୍ ଡକ୍ୟୁମେଣ୍ଟାରୀ ମାଧ୍ୟମରେ ଜିଲ୍ଲା ପ୍ରଶାସନକୁ ଦେଖାଇଥିଲା। ପରେ ଉକ୍ତ ଟିମ୍ ଚିହ୍ନଟ ହୋଇଥିବା ସ୍ଥାନକୁ ଯାଇ ପୁନର୍ବାର ତଦାରଖ କରିଥିଲା। ସନ୍ଧ୍ୟାରେ ପୁନର୍ବାର ଏକ ବୈଠକ କରାଯାଇଛି। ଖୁବଶୀଘ୍ର କାଗଜପତ୍ର ପ୍ରସ୍ତୁତ କରାଯାଇ ସରକାରଙ୍କୁ ଅବଗତ କରାଯିବ ବୋଲି ଢେଙ୍କାନାଳ ଚିନିକଳ ମ୍ୟାନେଜର ବିକାଶ ଚୌଧୁରୀ ଗଣମାଧ୍ୟମକୁ କହିଛନ୍ତି।

## କାମରେ ଆସୁନି ବର୍ଜ୍ୟବସ୍ତୁ ସଂଗ୍ରହ ଘର

**ନୂଆଗାଁ, ୨୮ ।୫(ସମିସ):** ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକର ବିଭିନ୍ନ ସ୍ଥାନରେ ନିର୍ମାଣ ହେଉଥିବା କଠିନ ବର୍ଜ୍ୟବସ୍ତୁ ସଂଗ୍ରହ ଘର ଅବ୍ୟବହୃତ ଅବସ୍ଥାରେ ରହିଛି। କେଉଁଠି ଟିଣ ଛପର ଉଠିଗଲାଣି ତ କେଉଁଠି କାନ୍ଥ ଭୁଶୁଡ଼ି ପଡ଼ିଛି। ସରକାରଙ୍କ ଉଦ୍ଦେଶ୍ୟ ପୂରଣ ହେଉନି କିନ୍ତୁ ନିର୍ମାଣ ଚାଲିଛି। ଠିକାଦାର ପୋଷଣ ନୀତି ଓ ସରକାରୀ ଅର୍ଥ ଆତ୍ମସାତ ଉଦ୍ଦେଶ୍ୟରେ ଏହାର ନିର୍ମାଣ ହେଉଥିବା ଆଲୋଚନା ହେଉଛି। ନିକଟରେ ହରିପୁର ପଞ୍ଚାୟତ ଖବର ପ୍ରକାଶ ପାଇଥିଲା। ଏବେ ନୂଆଗାଁ ବ୍ଲକ ଅନ୍ତର୍ଗତ ବାହାଡ଼ାଖୋଲା ପଞ୍ଚାୟତ ପାଟଣାସାହି ପଚ୍ଛପଟ କଲେଜ ରାସ୍ତା କଡ଼ରେ ନିର୍ମାଣ ହୋଇଥିବା କଠିନ ବର୍ଜ୍ୟବସ୍ତୁ ସଂଗ୍ରହ ଘର ଅବ୍ୟବହୃତ ଅବସ୍ଥାରେ ରହିଛି। ଟିଣ ଛପର ଉପୁଡ଼ି ପଡ଼ିଛି। ତଳ ଚଟାଣ ଫାଟିଗଲାଣି, କାନ୍ଥ ଫାଟିଗଲାଣି। ଜିଲ୍ଲା ପ୍ରଶାସନ କିମ୍ବା ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।



## ଗାଦିମଡ଼ା କର୍ମଚାରୀଙ୍କ ବଦଳି କେବେ?

**ରଣପୁର, ୨୮ ।୫(ସମିସ):** ଦେଶରେ ଶାସନ ବ୍ୟବସ୍ଥାରେ ବିଭିନ୍ନ ବିଭାଗରେ ହଜାର ହଜାର ସରକାରୀ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ସାଧାରଣ ଲୋକଙ୍କ ବିଭିନ୍ନ କାମ ସହ ବିକାଶମୂଳକ କାର୍ଯ୍ୟରେ ଏହି କର୍ମଚାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେବେ ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା ନିମନ୍ତେ କର୍ମଚାରୀଙ୍କ ବଦଳି ପ୍ରକ୍ରିୟା ଆଇନ ମଧ୍ୟ ରହିଛି। ଗୋଟିଏ ଜାଗାରେ ୩ ବର୍ଷ ଓ ଗୋଟିଏ ଜିଲ୍ଲାରେ ୬ ବର୍ଷ କୌଣସି ସରକାରୀ ଚାକିରିଆ ରହିବେ ନାହିଁ ବୋଲି ସହକାରୀ ବ୍ୟବସ୍ଥା ରହିଛି। ତେବେ ରଣପୁର ବ୍ଲକରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ବିଶେଷକରି ରଣପୁର ବ୍ଲକ ଯନ୍ତ୍ରୀ, ପୂର୍ତ୍ତ ବିଭାଗ ଯନ୍ତ୍ରୀ, ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ସମେତ ସମସ୍ତ ବିଭାଗର ଯନ୍ତ୍ରୀମାନେ ବହୁ ବର୍ଷଧରି ରହି ଆସିଥିବାରୁ ଠିକାଦାରଙ୍କ ସହ ସମ୍ପର୍କ କରି କାର୍ଯ୍ୟଗୁଡ଼ିକରେ ଅବହେଳା କରୁଥିବା ଅଭିଯୋଗ ହେଉଛି। ନିମ୍ନମାନର କାର୍ଯ୍ୟ କରାଯାଉଛି। ଅଭିଯୋଗ କଲେ ନାଲିଆଖି ଦେଖିବାକୁ ମିଳୁଛି।

ରାଜ୍ୟ ଓ କେନ୍ଦ୍ର ସରକାର ଚଳିତ ବର୍ଷ ହାତଗଣତି କର୍ମଚାରିଙ୍କ ବଦଳି କରିଥିବା ବେଳେ ଆଉ କେତେକ କର୍ମଚାରୀ ଉଚ୍ଚ ପଦସ୍ତ ଅଧିକାରୀଙ୍କୁ ହାତକରି ଗାଦି ମାଡ଼ି ବସିଛନ୍ତି। ଗୋଟିଏ ଜାଗାରେ ବହୁ ଦୀର୍ଘ ବର୍ଷ ରହିବା ଫଳରେ ଠିକାଦାର ଓ ଦଲାଲମାନଙ୍କୁ ହାତ କରି କୋଟି କୋଟି ଟଙ୍କା କମାଇବାରେ ବ୍ୟସ୍ତ ରହିଛନ୍ତି। ଏପରିକି ଏହି ଅଧିକାରୀମାନେ ରାଜନୀତି କରିବାରେ ମଧ୍ୟ ପଛାଉ ନାହାନ୍ତି। ଜନସାଧାରଣଙ୍କ କାର୍ଯ୍ୟ ଦଲାଲମାନଙ୍କ ଦ୍ୱାରା ହେବା ସହ ରଣପୁର ବ୍ଲକରେ ମନରେଗା ଭଳି ଯୋଜନା ରାସ୍ତା ହୁଡୁଛି। ରାସ୍ତାଘାଟ ଓ ଡ୍ରେନ ଆଦି ବହୁ କାମରେ ଦୁର୍ନୀତି ହେଉଥିବା ଅଭିଯୋଗ ହୋଇଆସୁଛି। ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ ଓ କ୍ଷୁଦ୍ର ଜଳସେଚନ ବିଭାଗର ଖାମଖିଆଲ ନୀତି ପାଇଁ ସରକାର ନିନ୍ଦା ମୁଣ୍ଡାଉଛନ୍ତି। ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ତୁରନ୍ତ ବଦଳି କରିବାକୁ ସାଧାରଣରେ ଦାବି ହେଉଛି।

## କଡ଼ ଲେଉଟାଇଲା ଭାଟସାହି ରାଜନୀତି

# ଅଧ୍ୟକ୍ଷ ବିଜେପିରେ, କର୍ମୀ କଂଗ୍ରେସରେ




**ନୟାଗଡ଼, ୨୮ ।୫(ସମିସ):** ନୟାଗଡ଼ ବ୍ଲକ ରାଜନୀତିରେ ଏବେ ଘଡ଼ିକେ ଘୋଡ଼ା ଛୁଟୁଛି। ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ ବିଜେଡି ଛାଡ଼ି ବିଜେପିରେ ମିଶିଥିବା ବେଳେ ତାଙ୍କ କର୍ମୀମାନେ କଂଗ୍ରେସମୁହାଁ ହୋଇଛନ୍ତି। କିଶୋର ଭାଟସାହି ପଞ୍ଚାୟତରୁ ପ୍ରଥମେ ସରପଞ୍ଚ ହୋଇଥିଲେ। ଭାଟସାହି ପଞ୍ଚାୟତରେ ଏବେ ତାଙ୍କ ପତ୍ନୀ ସାରଦା କୁମାରୀ ସାହୁ ସରପଞ୍ଚ ଅଛନ୍ତି। ସେ ବିଜେପିରେ ମିଶିବାକୁ କିଛି କର୍ମୀ ସହଜରେ ଗ୍ରହଣ କରିପାରି ନ ଥିବା ଅନୁମାନ କରାଯାଉଛି। ବୁଧବାର ଭାଟସାହି ଶୁଳିଆ ଠାକୁରାଣୀ ପୀଠରେ କଂଗ୍ରେସ ପକ୍ଷରୁ ଏକ ମିଶ୍ରଣ ପର୍ବ ଆୟୋଜନ କରାଯାଇଥିଲା। ନୟାଗଡ଼ ବ୍ଲକ କଂଗ୍ରେସ ସଭାପତି ହାସିମ୍ ଖାଁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ନୟାଗଡ଼ ଜିଲ୍ଲା ସଭାପତି ରଣଜିତ ଦାଶ, ଉପସଭାପତି ଲକ୍ଷ୍ମୀଧର ତ୍ରିପାଠୀ, କଂଗ୍ରେସ ନେତା କମଳ ଚରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଉଭୟ ବିଜେଡି ଓ କଂଗ୍ରେସରୁ ୫୦ରୁ ଊର୍ଦ୍ଧ୍ୱ କର୍ମୀ କଂଗ୍ରେସରେ ମିଶିଥିବା ସୂଚନା ମିଳିଛି। କିଶୋର ଏବେ ଚଣ୍ଡିବସ୍ତ ପଞ୍ଚାୟତରୁ ସମିତିସଭ୍ୟ ଭାବେ ନିର୍ବାଚିତ ହୋଇ ବ୍ଲକ ଅଧ୍ୟକ୍ଷ ଅଛନ୍ତି। ତାଙ୍କ ବିରୋଧରେ ସରପଞ୍ଚ ଓ ସମିତିସଭ୍ୟମାନେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିବା ବେଳେ ତାଙ୍କ ନିଜସ୍ୱ ଗ୍ରାମ ତଥା ରାଜନୀତି ମଇଦାନରୁ କର୍ମୀ ଖସିବାକୁ ନେଇ ଅନେକ ଚର୍ଚ୍ଚା ହେଉଛି।

## ଦୁର୍ଦ୍ଦିନରେ କୁମ୍ଭକାର ପରିବାର, ଜୀବିକାରେ ପୂରୁନି ପେଟ

**ଗଣିଆ, ୨୮ ।୫(ସମିସ):** ପରିବର୍ତ୍ତନଶୀଳ ଦୁନିଆରେ ପରମ୍ପରାକୁ ବଞ୍ଚାଇ ରଖିବାକୁ ମଣିଷ ଏବେ ବି ଚେଷ୍ଟିତ। ବିଶେଷକରି ପୂଜାପାର୍ବଣ, ବିବାହ, ବ୍ରତ ଓ ଶୁଦ୍ଧିକ୍ରିୟାରେ ମଣିଷ ପାରମ୍ପରିକ ପଦ୍ଧତିକୁ ଅନୁସରଣ କରିଥାଏ। ଏସବୁ କାର୍ଯ୍ୟରେ ସୁନାରୁପା, କଂସା, ପିତ୍ତଳ ସାମଗ୍ରୀ ସହ ମାଟି ସାମଗ୍ରୀ ଖୋଜା ପଡ଼ିଥାଏ। ଏଥିପାଇଁ କୁମ୍ଭକାରର ଆବଶ୍ୟକତା ପଡ଼ିଥାଏ। ପୂର୍ବେ ସାମଗ୍ରିକ ଆବଶ୍ୟକତା ଓ ଏବେ ପାରମ୍ପରିକ ଆବଶ୍ୟକତା ପାଇଁ ବଞ୍ଚିରହିଛି କୁମ୍ଭକାରର କୌଳିକ ବୃତ୍ତି। ବିଡ଼ମ୍ବନାର ବିଷୟ ହେଲା, ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହିଯାଉଛି ଏମାନଙ୍କ ଜୀବିକା। ଦିନକୁ ଦିନ ଉଜୁଡ଼ି ଯାଉଛି ଏମାନଙ୍କ ବଞ୍ଚିବାର ରାହା। ପ୍ରୋତ୍ସାହନ ଅଭାବରୁ ବୁଡ଼ିବାକୁ ବସିଲାଣି ଏହି ବୃତ୍ତି। ପାରମ୍ପରିକ ଭାବେ ଏହି ବୃତ୍ତିକୁ ଆପଣେଇ ନେଇଥିବା ଅନେକ ପରିବାର ଏବେ ଜୀବିକା ହରାଇଲେଣି। କୁମ୍ଭକାରଙ୍କ ଦ୍ୱାରା ନିର୍ମିତ ମାଟି ଦୀପ, କଳସ, ହାଣ୍ଡି, ମାଠିଆ, ଫୁଲକୁଣ୍ଡ, ସୁରେଇ ଆଦିର ବଜାର ଚାହିଦା ଆଉ ବିଶେଷ ନାହିଁ। ଏସବୁ ଜିନିଷ ପ୍ରତି ଲୋକେ ଧୀରେ ଧୀରେ ମୁହଁ ଫେରେଇଲେଣି। କଂସା, ପିତ୍ତଳ, ଇସ୍ପାତ ସାମଗ୍ରୀର ସ୍ଥାୟିତ୍ୱ ହେତୁ ଏଗୁଡ଼ିକ ଲୋକଙ୍କ ପସନ୍ଦ ପାଲଟିଛି। ଗଣିଆ ବ୍ଲକର କରଡ଼ାପଡ଼ା, କୁମ୍ଭୀର ଖଣି, ହଟିଆପଲ୍ଲୀ ଗ୍ରାମରେ ବାସ କରୁଥିବା କୁମ୍ଭକାର ପରିବାର ସଦସ୍ୟ ଜୀବିକା ନିର୍ବାହ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କାମଧନ୍ଦା ଅନ୍ୱେଷଣରେ ଦାଦନ ଖଟିବାକୁ ବାହାରକୁ ଯାଉଛନ୍ତି। କରଡାପଡ଼ା ଗ୍ରାମର ମୁଦୁଲି ପରିବାର ଦୀର୍ଘ ୨୦ ବର୍ଷ ହେବ ଏହି କାର୍ଯ୍ୟ କରିଆସୁଛନ୍ତି। କିନ୍ତୁ ଏବେ ସୁବିଧାରେ ମାଟି ଆଉ ଜାଳେଣି ମିଳୁନାହିଁ। ଏସବୁ ଭିତରେ ଅନ୍ୟାନ୍ୟ ଜିନିଷ ଏତେ ମହଙ୍ଗା ଯେ ପରିବାର ପ୍ରତିପୋଷଣ କରିବା କଷ୍ଟକର। ଜୀବିକାକୁ ଆଦରିଲେ ପେଟ ପୂରୁନି ତଥାପି ଉପାୟଶୂନ୍ୟ ହୋଇ ଜୀବିକାକୁ ଭରସା କରି ବଞ୍ଚି ରହିଛନ୍ତି ଏହି କୁମ୍ଭକାର ପରିବାର। ସରକାରୀ ସ୍ତରରେ ସେମାନଙ୍କୁ କ୍ଷୁଦ୍ର କୁଟୀରଶିଳ୍ପ ଅଥବା ହସ୍ତଶିଳ୍ପ କାରିଗର ମାନ୍ୟତା ଦେଇ ରିଆତିରେ ଋଣ ପ୍ରଦାନ କଲେ ବିଭିନ୍ନ ପ୍ରକାରର ଯୁଗ ଉପଯୋଗୀ ଗୃହ ଉପକରଣ ତିଆରି କରି ଗ୍ରାହକଙ୍କୁ ଆକୃଷ୍ଟ କରିପାରନ୍ତେ ବୋଲି କହିଛନ୍ତି କୁମ୍ଭକାର ପରିବାର।



## ବିଜୟନଗରରେ ଗଦା ହୋଇଛି କୁଢ଼ କୁଢ଼ ଅଳିଆ

**ଗଣିଆ, ୨୮ ।୫(ସମିସ):** ସରକାର ସ୍ୱଚ୍ଛ ଭାରତ ଅଭିଯାନ ନାରା ଦେଉଥିବା ବେଳେ ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକର ଅନେକ ସ୍ଥାନ ଏବେ ଅସ୍ୱଚ୍ଛ ପାଲଟିଛି। ବ୍ଲକର ବେଲପଡ଼ାପାଟଣା ପଞ୍ଚାୟତ ବିଜୟନଗରରେ ଥିବା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଗଳି ରାସ୍ତାରେ ଗଦା ହୋଇଛି କୁଢ଼ କୁଢ଼ ଆବର୍ଜନା। ସେହି ବାଟ ଦେଇ ବିଜୟନଗର, ବେଲପଡ଼ାପାଟଣା ଗ୍ରାମବାସୀ ତଥା ଛାତ୍ରଛାତ୍ରୀ ଯାତାୟାତ କରୁଥିବା ବେଳେ ଦୁର୍ଗନ୍ଧରେ ଲୋକଙ୍କ ନାକ ଫାଟି ପଡୁଛି। ଉକ୍ତ ସ୍ଥାନକୁ ବାରମ୍ବାର ସଫାକଲେ ମଧ୍ୟ ଆବର୍ଜନା ଜମା କରୁଛନ୍ତି ଲୋକେ। ଏ ନେଇ ସରପଞ୍ଚଙ୍କୁ ଲିଖିତ ଅଭିଯୋଗ କଲାପରେ ବି କୌଣସି ସୁଫଳ ମିଳୁନାହିଁ। ଝଡ଼ବର୍ଷାରେ ଆବର୍ଜନା ରାସ୍ତା ଉପରକୁ ଉଡ଼ି ପଡ଼ିରହୁଛି। ଆବର୍ଜନାରେ ମଶାମାଛିଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ମଶାବଂଶ ବିସ୍ତାର ଫଳରେ ଡେଙ୍ଗୁ ବ୍ୟାପିବା ସମ୍ଭାବନା ସୃଷ୍ଟି ହୋଇଛି। ତୁରନ୍ତ ସେଠାରୁ ଆବର୍ଜନା ସଫା କରିବାକୁ ସାଧାରଣରେ ଦାବି ହେଉଛି।



## ବୃଦ୍ଧଙ୍କ ୯ ହଜାର ଗଛ ଲଗାଇବା ଅଭିଯାନକୁ ଝଟ୍‌କା

# ଆମ୍ବଗଛ ଉପାଡ଼ିବା ଘଟଣାରେ ନ୍ୟାୟ ଦାବି



**ଓଡ଼ଗାଁ, ୨୮ ।୫(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ପାଇକ ବାଙ୍କଚରା ଗ୍ରାମର ୮୨ ବର୍ଷୀୟ ବୃଦ୍ଧ ନିତ୍ୟାନନ୍ଦ ସାହୁଙ୍କ ଦୀର୍ଘ ୨୦ ବର୍ଷର ପରିବେଶ ସୁରକ୍ଷା ଅଭିଯାନକୁ ଏବେ ବଡ଼ ଝଟକା ଲାଗିଛି। ତାଙ୍କ ଦ୍ୱାରା ଲଗାଯାଇଥିବା ୮ଟି ଆମ୍ବ ଗଛକୁ ଦୁର୍ବୃତ୍ତମାନେ ଉପାଡ଼ି ଦେଇଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ସେ ଜିଲ୍ଲା ପ୍ରଶାସନ, ପୁଲିସ, ବନ ବିଭାଗ ଏବଂ ରାଜ୍ୟ ସରକାରଙ୍କ ନିକଟରେ ନ୍ୟାୟ ପାଇଁ ଗୁହାରି କରିଛନ୍ତି।

ନିତ୍ୟାନନ୍ଦ କହିଛନ୍ତି ଯେ ସେ ଗତ ପ୍ରାୟ ୨୦ ବର୍ଷ ଧରି ନିଜ ଖର୍ଚ୍ଚରେ ଗଛ ଲଗାଇ ଆସୁଛନ୍ତି। ତାଙ୍କ ଲକ୍ଷ୍ୟ ହେଉଛି ୧୦ ହଜାର ଗଛ ଲଗାଇବା। ବର୍ତ୍ତମାନ ସୁଦ୍ଧା ତାଙ୍କ ହାତରେ ଲଗାଯାଇଥିବା ପ୍ରାୟ ୯ ହଜାର ଗଛ ବଞ୍ଚି ରହିଛି। ଉଦ୍ୟାନ କୃଷି ବିଭାଗରୁ ୨୦୦ ଆମ୍ବ ଚାରା ଆଣି ଲଗାଇଥିଲେ। ଭୟଙ୍କର ଖରାରେ ମଧ୍ୟ ସେ ଗଛଗୁଡ଼ିକର ଯତ୍ନ ନେଉଥିଲେ। କିନ୍ତୁ ଗତ ୧୨ ତାରିଖ ପୋଖରୀ କୂଳ ରାସ୍ତା ପାର୍ଶ୍ୱରେ ଲଗାଯାଇଥିବା ୮ଟି ଆମ୍ବ ଗଛକୁ କେହି ଦୁର୍ବୃତ୍ତ ଉପାଡ଼ି ଦେଇଥିବା ସେ ଅଭିଯୋଗ କରିଛନ୍ତି। ନ୍ୟାୟ ନ ମିଳିଲେ ଆସନ୍ତା ୧ ତାରିଖ ନିଜ ଗ୍ରାମରୁ ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ କିମ୍ବା ବାସଭବନ ପର୍ଯ୍ୟନ୍ତ ପଦଯାତ୍ରା କରି ନ୍ୟାୟ ଦାବି କରିବେ ବୋଲି କହିଛନ୍ତି।

## ପାନୀୟ ଜଳରୁ ବଞ୍ଚିତ ବାରବାଟୀ ଗ୍ରାମବାସୀ

**ଭାପୁର, ୨୮ ।୫(ସମିସ):** ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଶାଳପଡ଼ା ପଞ୍ଚାୟତ ବାରବାଟୀ ଗ୍ରାମ ଦିନିଦିନ ହେଲା ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଛି। କିଛି ଅସାଧୁ ବ୍ୟକ୍ତି ମୋଟର ଲଗାଇ ପାଣି ଟାଣି ନେଉଥିବାରୁ ଗୋଟିଏ ସାହି ମାସ ମାସ ଧରି ପାନୀୟଜଳ ପାଇବାରୁ ବଞ୍ଚିତ ହୋଇ ପମ୍ପ ହାଉସରେ ତାଲା ପକାଇ ଦେଇଛନ୍ତି। ଫଳରେ ସମ୍ପୂର୍ଣ୍ଣ ଗ୍ରାମବାସୀ ପାଣି ପାଇଁ ଡହଳବିକଳ ହେଉଛନ୍ତି। ବାରବାଟୀ ଗ୍ରାମରେ ପ୍ରାୟ ୧୮ ଶହ ଲୋକ ବାସ କରନ୍ତି। ଏହି ଗ୍ରାମକୁ ପାନୀୟ ଜଳ ଯୋଗାଣ ପାଇଁ ପ୍ରାଥମିକ ବିଦ୍ୟାଳୟ ନିକଟରେ ବୋରିଂ କରାଯାଇଛି। ହେଲେ ତଳ ସାହିର କେତେକ ଅସାଧୁ ବ୍ୟକ୍ତି ମୋଟର ଲଗାଇ ପାଣି ଶୋଷି ନେଇ ବାଡ଼ିରେ ଶାଗ ଓ ପନିପରିବାରେ ପାଣି ମଡ଼ାଉଥିବା ବେଳେ ଉପର ସାହିକୁ ଆଦୌ ପାଣି ଯାଉନାହିଁ। ଏ ନେଇ ଉପର ସାହିର ଲୋକମାନେ ବ୍ଲକ ପ୍ରଶାସନ ଓ ଗ୍ରାମ୍ୟ ଜଳଯୋଗାଣ ଯନ୍ତ୍ରୀଙ୍କୁ ମାସ ମାସ ଧରି ଗୁହାରି କରି ଆସୁଥିଲେ ହେଁ କୌଣସି ସୁଫଳ ନ ମିଳିବାରୁ ଶେଷରେ ଆଇନକୁ ହାତକୁ ନେଇ ପମ୍ପ ହାଉସରେ ତାଲା ପକାଇଛନ୍ତି। ଫଳରେ ସମ୍ପୂର୍ଣ୍ଣ ଗ୍ରାମ ବର୍ତ୍ତମାନ ପାନୀୟ ଜଳ ପାଇବାରୁ ବଞ୍ଚିତ ରହିଛି। ଏ ନେଇ ଭାପୁରଠାରେ ଥିବା ବିଭାଗୀୟ ଯନ୍ତ୍ରୀ ନୃସିଂହ ଚରଣ ଦାସ କୁହନ୍ତି, ଅଭିଯୋଗ ଆସିଛି। କିଛି ଅସାଧୁ ବ୍ୟକ୍ତିଙ୍କ ପାଇଁ ସମସ୍ୟା ସୃଷ୍ଟି ହୋଇଛି। ଖୁବଶୀଘ୍ର ସମାଧାନ ହୋଇଯିବ ବୋଲି ସେ କହିଛନ୍ତି।




## ଦୁଇମାସ ହେଲା ଭତ୍ତା ମିଳୁନି

**ଓଡ଼ଗାଁ, ୨୮ ।୫(ସମିସ):** ଓଡ଼ଗାଁ ବ୍ଲକ ଅନ୍ତର୍ଗତ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଅଧୀନରେ ଭତ୍ତା ପାଉଥିବା ହିତାଧିକାରୀମାନେ ଗତ ଦୁଇ ମାସ ଧରି ଭତ୍ତା ନ ପାଇ ନାନା ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ବାର୍ଦ୍ଧକ୍ୟ, ବିଧବା, ସ୍ୱାମୀ ପରିତ୍ୟକ୍ତା ଓ ଭିନ୍ନକ୍ଷମ ଭତ୍ତା ଉପରେ ନିର୍ଭର କରୁଥିବା ଲୋକମାନେ ଏହି ଟଙ୍କାରେ ନିଜ ଦୈନନ୍ଦିନ ଖର୍ଚ୍ଚ, ଔଷଧ କ୍ରୟ ଓ ପରିବାର ପାଳନ କରୁଥିବାରୁ ଭତ୍ତା ବନ୍ଦ ହେବା ତାଙ୍କ ପାଇଁ ବଡ଼ ଚିନ୍ତାର କାରଣ ହୋଇଛି। ହିତାଧିକାରୀଙ୍କ କହିବା ଅନୁସାରେ, ଗତ ଏପ୍ରିଲ ଓ ଚଳିତ ମେ ମାସର ଭତ୍ତା ଏପର୍ଯ୍ୟନ୍ତ ମିଳିନାହିଁ। ଫଳରେ ଅନେକ ବୃଦ୍ଧ ଓ ଅସହାୟ ଲୋକ ଆର୍ଥିକ ସଂକଟ ଦେଇ ଗତି କରୁଛନ୍ତି। ସମସ୍ୟା କେବଳ ଓଡ଼ଗାଁ କିମ୍ବା ନୟାଗଡ଼ ଜିଲ୍ଲାରେ ସୀମିତ ନୁହେଁ, ବରଂ ସମଗ୍ର ରାଜ୍ୟରେ ଏଭଳି ଅଭିଯୋଗ ଆସୁଥିବା ଦେଖାଯାଉଛି। ସରକାର ଏଥିପ୍ରତି ଶୀଘ୍ର ଦୃଷ୍ଟି ଦେଇ ଭତ୍ତା ବ୍ୟବସ୍ଥାକୁ ସରଳ ଓ ସୁବିଧାଜନକ କରିବାକୁ ସାଧାରଣରେ ଦାବି ଜୋର ଧରିଛି।

## ଭାପୁର ପାଇଁ ଗୌରବ ଆଣିଲେ ପ୍ରତୀକ୍ଷା

**ଭାପୁର, ୨୮ ।୫(ସମିସ):** ଓଡ଼ିଶା ଲୋକସେବା ଆୟୋଗଙ୍କ ଦ୍ୱାରା ପରିଚାଳିତ ଓସିଏସ୍ ପରୀକ୍ଷାରେ ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଗୋଲାପୋଖରୀ ଗ୍ରାମର ପ୍ରତୀକ୍ଷା ପ୍ରିୟଦର୍ଶିନୀ କୃତକାର୍ଯ୍ୟ ହୋଇ ବ୍ଲକ ପାଇଁ ଗୌରବ ଆଣିଛନ୍ତି। ସେ ଏହି ପରୀକ୍ଷାରେ ୧୪୫ ରାଙ୍କ ରଖିଛନ୍ତି। ଗୋଲାପୋଖରୀ ଗ୍ରାମର ଅବସରପ୍ରାପ୍ତ ପୁଲିସ ଅଧିକାରୀ କ୍ଷେତ୍ରବାସୀ ମଲ୍ଲିକ ଓ ମାଆ ସୌଦାମିନୀ ମଲ୍ଲିକଙ୍କ ୪ ଝିଅଙ୍କ ମଧ୍ୟରୁ ପ୍ରତୀକ୍ଷା ହେଉଛନ୍ତି ଦ୍ୱିତୀୟ। ଗାଁ ସ୍କୁଲରେ ପ୍ରାଥମିକ ଶିକ୍ଷା ପରେ ଓଡ଼ଗାଁ ରାଧାକାନ୍ତ ବାଳିକା ଉଚ୍ଚ ବିଦ୍ୟାଳୟରୁ ମାଟ୍ରିକ ପାସ ପରେ ନୟାଗଡ଼ ସ୍ୱୟଂଶାସିତ କଲେଜରୁ ସେ ବିଜ୍ଞାନରେ ଡିଗ୍ରୀ ହାସଲ କରିଥିଲେ। ରେଭେନ୍ସା ବିଶ୍ୱବିଦ୍ୟାଳୟରେ ବଟନୀରେ ପିଜି କରିଥିଲେ। ପରେ ଆଇଏଏସ ଅଫିସର ହେବା ପାଇଁ ନୂଆଦିଲ୍ଲୀରେ କୋଚିଂ ନେଉଥିଲେ। ସେ ଏହି ସଫଳତା ପାଇଁ ନିଜ ବାପା ମା'ଙ୍କ ସହ ପରିବାର ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଶ୍ରେୟ ଦେଇଛନ୍ତି।



## ଯୁବକ ସଂଘ ଦ୍ୱାରା ଦହିପଣା ବଣ୍ଟନ

**ନୂଆଗାଁ, ୨୮ ।୫(ସମିସ):** ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ବାହାଡ଼ାଖୋଲା ପଞ୍ଚାୟତ ମାଣିକପାଟଣା ବଡ଼ସାହି ମୁଣ୍ଡରେ ଥିବା ହନୁମାନ ମନ୍ଦିର ନିକଟରେ ମହାବୀର ଯୁବକ ସଂଘ ଦ୍ୱାରା ଦହିପଣା ବଣ୍ଟନ କରାଯାଇଛି। ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ଗୁରୁବାର ହାଟ ପାଳିରେ ହଜାର ହଜାର ବାଟୋଇ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇ ହାଟକୁ ଆସିଥିଲେ। ପଞ୍ଚାୟତ ସ୍ତରରେ ଜଳଛତ୍ର ଖୋଲୁଥିଲେ ମଧ୍ୟ ଏ ବର୍ଷ ସେଭଳି ଜଳଛତ୍ର ଦେଖିବାକୁ ମିଳୁନାହିଁ। ମହାବୀର ଯୁବକ ସଂଘ ଦ୍ୱାରା ଦହିପଣା ବଣ୍ଟନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ହଜାରେରୁ ଊର୍ଦ୍ଧ୍ୱ ଲୋକଙ୍କ ପାଇଁ ଦହିପଣା ବଣ୍ଟନ କରାଯାଇଥିଲା।

## ନିଷ୍ଠା ଓ ତ୍ୟାଗର ପର୍ବ ଇଦ୍-ଉଜ୍-ଜୁହା ପାଳିତ

**ନୟାଗଡ଼, ୨୮ ।୫(ସମିସ):** ମହାପୁରୁଷ ଇବ୍ରାହିମଙ୍କ ତ୍ୟାଗ ଓ ଈଶ୍ୱରଙ୍କ ନିକଟରେ ସମର୍ପଣ ଭାବକୁ ମନେ ପକାଇବା ପାଇଁ ଇସଲାମ ଧର୍ମର ଅନ୍ୟତମ ବଳିଦାନର ପର୍ବ ଇଦୁଜ୍ ଜୁହା ସିନ୍ଦୁରିଆ ଇଦଗାହଠାରେ ପାଳନ ହୋଇଯାଇଛି। ଆଜିର ଏହି ଜିଲ୍ଲା ସ୍ତରୀୟ ଇଦ ପର୍ବରେ ସିନ୍ଦୁରିଆ ତଥା ଆଖପାଖ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଇଦଗାହଠାରେ ଉପସ୍ଥିତ ହୋଇ ?ିଶିଷ୍ଟ ଧର୍ମଗୁରୁ ଜଲାଲୁଦ୍ଦିନ୍ ମିଫତାହିଙ୍କ ଇମାମତରେ ନମାଜ୍ ପାଠ କରିବା ସହିତ ମହାପୁରୁଷ ଇବ୍ରାହିମଙ୍କ ଈଶ୍ୱର ଭକ୍ତି ଉପରେ ଦୀକ୍ଷାନ୍ତ ଭାଷଣ ଶୁଣିଥିଲେ। ଗ୍ରାମ ସଭାପତି ଶେଖ୍ ୟୁସୁଫ୍, ସମ୍ପାଦକ ହନାନ୍ ଖାଁ, ଶେଖ୍ ଅବଦୁଲ୍ ଖାଲିକ, ମୌଲାନା ଅବଦୁଲ ରହିମ, ଶେଖ୍ ନଇମ୍, ଶେଖ୍ ବେଲାଲ୍, କୋହିଦ ମଲ୍ଲିକଙ୍କ ସମେତ ବହୁ ମୁସଲିମ୍ ବ୍ୟକ୍ତିତ୍ୱ ଏକାଠି ହୋଇ କାର୍ଯ୍ୟକ୍ରମ ସମାପନ କରିଥିଲେ। ସମସ୍ତେ ଇଦ୍ ନମାଜ ପରେ କବର ସ୍ଥାନ ଯାଇ ପୂର୍ବ ପୁରୁଷଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନା କରିଥିଲେ।



## ଦୌଡ଼ି ଦୌଡ଼ି ନିରାଶ

# ବଡ଼ ଆଖୁଚାଷୀଙ୍କୁ ମିଳୁନି ସାର

ନୟାଗଡ଼, ୨୮ ।୫(ସମିସ)





ନୟାଗଡ଼ ଜିଲ୍ଲାରେ ଆଖୁଚାଷ ଦିନକୁ ଦିନ ଲୋପ ପାଇବାକୁ ବସିଥିବା ବେଳେ ନୟାଗଡ଼ ବ୍ଲକ ଯଦୁପୁର ଗାଁର ବାବୁଲି ନାୟକ ୨୫ ଏକର ଜମିରେ ଆଖୁଚାଷ କରିଛନ୍ତି। ନିଜସ୍ୱ ଓ ଭାଗସୂତ୍ରରେ ଆଣି ଜମିରେ ଆଖୁ ଲଗାଇଛନ୍ତି। ପ୍ରାୟ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ସେ ଆଖୁଚାଷ କରି ନିଜେ ରୋଜଗାରକ୍ଷମ ହେବା ସହ ସ୍ଥାନୀୟ ଶ୍ରମିକଙ୍କୁ କାମ ଯୋଗାଇ ଦେଇଛନ୍ତି। ଆଖୁଚାଷ ବୁଡ଼ିବାକୁ ବସିଥିବା ବେଳେ ସେ ଭିନ୍ନ ଉପାୟରେ ଚାଷ କରିବା ସହ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ଗଞ୍ଜାମ ଜିଲ୍ଲା ଆସ୍କା ଓ ଢେଙ୍କାନାଳ ଚିନିକଳକୁ ଉତ୍ପାଦିତ ଆଖୁ ଯୋଗାଇ ଦେଉଛନ୍ତି। ଏହା ବାଦ୍ ନିଜସ୍ୱ ଆଖୁପଣା ଦୋକାନ ଖୋଲି ମଧ୍ୟ ବ୍ୟବସାୟ କରୁଛନ୍ତି। ତେବେ ଚଳିତ ବର୍ଷ ଆଖୁ ଚାଷ ପାଇଁ ସାର ସଙ୍କଟ ପରିସ୍ଥିତିରେ ନୟାନ୍ତ ହେଲେଣି ବାବୁଲି। ବୁଡ଼ି ଯାଉଥିବା ଚାଷକୁ ବଞ୍ଚାଇବା ପାଇଁ ବାବୁଲି ଚେଷ୍ଟାରତ ଥିବାବେଳେ ଜିଲ୍ଲା କୃଷି ବିଭାଗ ପକ୍ଷରୁ ତାଙ୍କୁ ସାମାନ୍ୟତମ ସହଯୋଗ ମିଳୁନାହିଁ। ଆଖୁଚାଷରେ ଏବେ ପାଣି ଓ ସାର ଦେବା ସମୟ। ସାର ପାଇଁ ବାବୁଲି ନୟାନ୍ତ ହୋଇ ଆଜି ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। କୃଷି ବିଭାଗ ଓ ଜିଲ୍ଲା କୃଷି ଅଧିକାରୀଙ୍କୁ ବାରମ୍ବାର ସାର ପାଇଁ ଅନୁରୋଧ କରିବା ପରେ ତାଙ୍କୁ ଆଶିଷ ଅଗ୍ରୱାଲଙ୍କ ଏଜେନ୍ସିରୁ ସାର ମିଳିବ ବୋଲି କୁହାଯାଇଥିଲା। ସେ ଏଜେନ୍ସି ସହ ଯୋଗାଯୋଗ କରିବା ପରେ ତାଙ୍କୁ ୪ରୁ ୫ ଜଣଙ୍କ ଆଧାରକାର୍ଡ କପି ଧରିବା ଆସିବାକୁ କୁହାଯାଇଥିଲା। କପି ପ୍ରଦାନ କରିବା ପରେ ଏଜେନ୍ସି ତାଙ୍କୁ ଧରାଛୁଆଁ ଦେଉ ନ ଥିବା ଅଭିଯୋଗ କରିଛନ୍ତି। ଏପରିକି ଆଶିଷ ଅଗ୍ରୱାଲ୍ ତାଙ୍କ ଫୋନ୍ ଉଠାଉ ନ ଥିବା କହିଛନ୍ତି। ଯାହାକୁ ନେଇ ଆଜି ସେ ଜିଲ୍ଲାପାଳଙ୍କୁ ଭେଟିବାକୁ କାର୍ଯ୍ୟାଳୟକୁ ଆସିଥିଲେ। ଜିଲ୍ଲାପାଳ ଅନୁପସ୍ଥିତ ଥିବାରୁ ସେ ଅନ୍ୟ ପ୍ରଶାସନିକ ଅଧିକାରୀଙ୍କୁ ଏ ସମ୍ପର୍କରେ ଅଭିଯୋଗ କରିଛନ୍ତି। ଯଦି କୃଷି ବିଭାଗ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ସହଯୋଗ ନ ମିଳିବ ତେବେ ଆଗକୁ ଆଖୁଚାଷ କରିବେ ନାହିଁ ବୋଲି କ୍ଷୋଭର ସହ କହିଛନ୍ତି। ଏହା ଜଣେ ଚାଷୀର ଦୁଃଖ କିମ୍ବା କ୍ଷୋଭ ନୁହେଁ, ଜିଲ୍ଲାର ପ୍ରମୁଖ ଅର୍ଥକାରୀ ଫସଲର ଭବିଷ୍ୟତକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜିଲ୍ଲାରେ ନୂତନ ଚିନିକଳ ସ୍ଥାପନ ପାଇଁ ଯୋଜନା ଚାଲିଥିବା ବେଳେ ଆଖୁଚାଷକୁ ବଞ୍ଚାଇବା ମଧ୍ୟ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ବୋଲି ମତ ପ୍ରକାଶ ପାଇଛି।

## କୃଷ୍ଣେଶ୍ୱର ପ୍ରିମିୟର ଲିଗ୍ ଉଦ୍‌ଯାପିତ

**କଣ୍ଟିଲୋ, ୨୮ ।୫(ସମିସ):** କଣ୍ଟିଲୋ ଚଣ୍ଡି ମନ୍ଦିର ପଡ଼ିଆରେ ଚାଲିଥିବା କୃଷ୍ଣେଶ୍ୱର ପ୍ରିମିୟର ଲିଗ ଉଦଯାପିତ ହୋଇଛି। ଫାଇନାଲ ମ୍ୟାଚରେ ସୁବ୍ରତ ଚ୍ୟାଲେଞ୍ଜରକୁ ୩୮ ରନରେ ହରାଇ ଚାଣ୍ଟି ଚାମ୍ପିଅନ ଦଳ ଚାମ୍ପିଅନ ହୋଇଛି। ଚାଣ୍ଟି ଚାମ୍ପିଆନ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୫ ଉଇକେଟ ହରାଇ ୧୫୦ ରନ କରିଥିଲା। ସୁବ୍ରତ ଚ୍ୟାଲେଞ୍ଜର ୮ ଉଇକେଟ ହରାଇ ୧୧୨ ରନ କରିବାକୁ ସକ୍ଷମ ହୋଇଥିଲା। ଉଦଯାପନୀ ଉତ୍ସବରେ ନୟାଗଡ଼ ବିଜେପି ଯୁବ ସଭାପତି ସତ୍ୟେନ୍ଦୁ ମିଶ୍ର ମୁଖ୍ୟଅତିଥି, ସମାଜସେବୀ ଝିଲ୍ଲିକ ପ୍ରଧାନ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ଅମ୍ପାୟର ଓମପ୍ରକାଶ ସାହୁ ଓ ଶୁଭମ ଦାସ ଖେଳ ପରିଚାଳନା କରିଥିଲେ। ଗୁଡୁ ସ୍କୋର୍ ସିଟ୍ ପରିଚାଳନା କରିଥିବା ବେଳେ ବାବୁ ଧାରାବିବରଣୀ ପ୍ରଦାନ କରିଥିଲେ।

## ଡଙ୍ଗରପଡ଼ା ଆଞ୍ଚଳିକ ପଲ୍ଲୀ ମହୋତ୍ସବ ଉଦ୍‌ଘାଟିତ



ବେଗୁନିଆ,୨୮।୫ (ସମିସ): ବେଗୁନିଆ ବ୍ଲକ ଦେଉଳି ପଞ୍ଚାୟତ ଅନ୍ତର୍ଗତ ଡଙ୍ଗରପଡ଼ା ଗ୍ରାମସ୍ଥିତ ଲିଙ୍ଗରାଜ ଉଚ୍ଚ ବିଦ୍ୟାଳୟ ପରିସରରେ ଆଞ୍ଚଳିକ ପଲ୍ଲୀ ମହୋତ୍ସବ ଉଦ୍‌ଘାଟିତ ହୋଇଛି। ଏଥିରେ ଅନୁଷ୍ଠାନର ସଭାପତି ବିଜୟ କୁମାର ରାଉତରାୟଙ୍କ ଅଧ୍ୟକ୍ଷତାରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ମୁଖ୍ୟବକ୍ତା, ଶିକ୍ଷାବିତ୍ ପବିତ୍ର ମୋହନ ଖାଡଙ୍ଗା, ସମାଜସେବୀ ଭିକାରୀ ଚରଣ ସାହୁ, ସ୍ଥାନୀୟ ଷ୍ଟେଟ ବ୍ୟାଙ୍କ ପରିଚାଳକ ଅଭିଷେକ ବେହେରା, ସରପଞ୍ଚ ଅକ୍ଷୟ କୁମାର ରାଉତରାୟ, ସମିତି ସଭ୍ୟା ନମିତା ବେହେରା, ସେବା ସମବାୟ ସମିତିର ସଭାପତି ପ୍ରଶାନ୍ତ ପାଇକରାୟ, ମହୋତ୍ସବ କମିଟିର ଉପସଭାପତି ଗଣେଶ୍ୱର ମହାରଣା, ସମ୍ପାଦକ ଦିବ୍ୟ ଲୋଚନ ବିଶ୍ୱାଳ ଓ କୋଷାଧ୍ୟକ୍ଷ ଜୟକୃଷ୍ଣ ପାଇକରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମହୋତ୍ସବ ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିବା ପାଇଁ ସକ୍ଷମ ହୋଇଥାଏ ବୋଲି ମତ ପ୍ରକାଶ କରିଥିଲେ। ପରେ ଓଡ଼ିଶା କଳା ସଂସ୍କୃତି ବିଭାଗ ଓ ସ୍ଥାନୀୟ କଳାକାର ମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା।

## ଚୋରା ବୈଦ୍ୟୁତିକ ଉପକରଣ ଉଦ୍ଧାର, ଅଭିଯୁକ୍ତ କୋର୍ଟ ଚାଲାଣ

ବେଗୁନିଆ,୨୮।୫(ସମିସ): ବାଘମାରୀ ଥାନା ଅନ୍ତର୍ଗତ କୁରାଡିଲୋ ଗ୍ରାମର ସୁକାନ୍ତ କୁମାର ମହାରଣାଙ୍କ ଘରୁ ବୈଦ୍ୟୁତିକ ଉପକରଣ ଏଲ୍‌ଇଡି ଟିଭି, ଏସି ଷ୍ଟାବ ଲାଇଜର ଓ ସାଉଣ୍ଡ ବକ୍ସ ଚୋରୀ କରି ନେଇ ଯାଇଥିବାର ପୁଲିସ ନିକଟରେ ଅଭିଯୋଗ ହୋଇଥିଲା। ଏଥିରେ ପ୍ରାଥମିକ ତଦନ୍ତ କରି ପୋଡ଼ାଡିହ ଗ୍ରାମର ସଞ୍ଜୟ ପୃଷ୍ଟି ଓ ପବିତ୍ର କୁମାର ମହାପାତ୍ରଙ୍କ ଠାରୁ ବୈଦ୍ୟୁତିକ ଉପକରଣ ଉଦ୍ଧାର କରି କୋର୍ଟ ଚାଲାଣ କରାଯାଇଛି।

# କାନ ଫଟାଉଛି କର୍କଶ ଶବ୍ଦଯୁକ୍ତ ହର୍ଣ୍ଣ ଓ ସାଇଲେନ୍ସର

### ହେଉନି କାର୍ଯ୍ୟାନୁଷ୍ଠାନ, ବଢ଼ୁଛି ରୋଡ ରୋମିଓଙ୍କ ଉତ୍ପାତ

ଖୋର୍ଦ୍ଧା,୨୮।୫(ସମିସ):

ଦିନକୁ ଦିନ ବେପରୁଆ ଗାଡି ଚାଳନା ବଢୁଥିବାରୁ ଏହା ଜନସାଧାରଣଙ୍କ ପାଇଁ ଏକରକମ ଅସହ୍ୟ ହୋଇପଡିଲାଣି। ବିଶେଷକରି ଦୁଇଚକିଆ ଯାନ ଚାଳନା କ୍ଷେତ୍ରରେ ନାବାଳକମାନଙ୍କ ନିମନ୍ତେ କଟକଣା ଥିଲେ ସୁଦ୍ଧା ସ୍ଥାନୀୟ ଅଞ୍ଚଳରେ ଏହାକୁ କେହି ବି ଖାତିର କରୁନାହାନ୍ତି। ନାବାଳକମାନେ ଅତି ବେପରୁଆଭାବେ ଗାଡି ଚଳାଇବା ସହ ସେମାନଙ୍କ ଗାଡିର କର୍କଶ ଶବ୍ଦ ଯୁକ୍ତ ସାଇଲେନ୍ସର ଜନସାଧାରଣଙ୍କ ପାଇଁ ଦୁର୍ବିସହ ହେଉଛି। ନାବାଳକମାନେ କୌଣସି ପ୍ରକାର ଟ୍ରାଫିକ କଟକଣାକୁ ଖାତିର କରୁନାହାନ୍ତି। ଆବଶ୍ୟକତା ଠାରୁ ଅଧିକ ବେଗରେ ଗାଡି ଚଳାଉଥିବାରୁ ଏହା ଅଧିକାଂଶ ସମୟରେ ଦୁର୍ଘଟଣା ର କାରଣ ହେଉଛି। ଏହାଦ୍ୱାରା ନାବାଳକମାନେ ନିଜେ ଆହତ ହେବା ସହ ଅନ୍ୟ ନିରୀହ ଲୋକଙ୍କୁ ମଧ୍ୟ ଆହତ କରୁଛନ୍ତି।ନିକଟରେ ଭୁବନେଶ୍ୱର ଓ କଟକ କମିଶନରେଟ ପୁଲିସ ଅଞ୍ଚଳରେ ଏନେଇ ଚଢଉ କରାଯାଇଥିଲେ ମଧ୍ୟ ଖୋର୍ଦ୍ଧା ଜିଲ୍ଲା ପୁଲିସ କି ପରିବହନ ବିଭାଗର ଏନେଇ ତତ୍ପରତା ଦେଖାଯାଉନି।

ପ୍ରକାଶଥାଉକି, ବିନା ଡ୍ରାଇଭିଂ ଲାଇସେନସରେ ଗାଡି ଚଳାଇଲେ ଦୋଷାବହ। ନାବାଳକ ଓ ନାବାଳିକାମାନେ ବାଇକ କିମ୍ବା ସ୍କୁଟର ଚଲାଇ ସ୍କୁଲ, କଲେଜ ଗଲେ ତଥା ଧରାପଡିଲେ ଜରିମାନା ଦଣ୍ଡ ଗଣିବେ ସେମାନଙ୍କର ଅଭିଭାବକ। ଦ୍ରୁତ ଗତିରେ ଗାଡି ଚଲାଇ ଲୋକଙ୍କୁ ଆତଙ୍କିତ କଲେ ତଥା ଧନ ଜୀବନ ହାନି କଲେ ଜେଲ ଓ ଜରିମାନା ଦେବାକୁ ପଡିବ। ଏଥିସହିତ କୌଣସି ନାବାଳକ ଗାଡ଼ି ଚାଳନା କରିବା ପରିପ୍ରେକ୍ଷୀରେ ଟ୍ରାଫିକ୍ ପୁଲିସ୍ ପକ୍ଷରୁ ବେଶ୍ ମୋଟା ଅଙ୍କର ଜୋରିମାନା ଆଦାୟ କରିବାର ନିୟମ ଥିଲେ ହେଁ ଏଠାରେ ସେସବୁ ଦେଖିବାକୁ ମିଳୁନାହିଁ। ଏପରିକି କୌଣସି ସଚେତନ ବ୍ୟକ୍ତିବିଶେଷ ଉକ୍ତ ନାବାଳକମାନଙ୍କୁ ଗାଡ଼ି ନ ଚଲାଇବା ସକାଶେ ପରାମର୍ଶ ଦେବାକୁ ଉଦ୍ୟମ କଲେ, ତାଙ୍କୁ ଅପମାନିତ ହେବାକୁ ପଡୁଛି। କାରଣ ଆଜିର ଯୁବପିଢ଼ି ଏତେ ମାତ୍ରାରେ ବିଶୃଙ୍ଖଳିତ ହୋଇପଡ଼ିଛି ଯେ ସେମାନେ ବୟୋଜ୍ୟେଷ୍ଠ ବା ଗୁରୁଜନ ଶ୍ରେଣୀୟ ଲୋକଙ୍କୁ ସମ୍ମାନ ଦେବାକୁ ଉଚିତ ବୋଲି ମଣୁନାହାନ୍ତି। ଏବେ ମଧ୍ୟ ପ୍ରାୟ ୫୦ ପ୍ରତିଶତ ସ୍କୁଲ କଲେଜ ପିଲାଙ୍କର ଡ୍ରାଇଭିଂ ଲାଇସେନସ ନ ଥିବାବେଳେ ପ୍ରାୟ ୭୦ପ୍ରତିଶତ ଛାତ୍ରଛାତ୍ରୀ



ତ୍ରୁଟିର ଭାଙ୍ଗ ଖରାପ ହୋଇଯିବ ଭାବି ହେଲମେଟ ପିନ୍ଧନ୍ତି ନାହିଁ। ଏହା ଛଡା କିଛି ଛାତ୍ର ତଥା ଅସାମାଜିକ ଯୁବକ ଗାଡିର ନମ୍ବର ପ୍ଲେଟ ଲେଖିବା ଜରୁରୀ ମନେ କରୁନାହାନ୍ତି। ମଦ ପିଇ ଗାଡି ଚଳାଇବା ତ ଏକ ସାଧାରଣ ଘଟଣାରେ ପରିଣତ ହୋଇଛି।

ସେହିପରି ଦ୍ରୁତ ଗତିରେ ବିକଟାଳ ଶବ୍ଦ ସୃଷ୍ଟି କରୁଥିବା ହର୍ଣ୍ଣ, ସାଇଲେନସର ପାଇପ ଲଗାଇ ରାସ୍ତାରେ ଗଲାବେଳେ ସାଧାରଣ ପଥଚାରୀ ଭୟରେ ତଟସ୍ଥ ହୁଅନ୍ତି।କର୍କଶ ଶବ୍ଦଯୁକ୍ତ ସାଇଲେନ୍ସର ଉପରେ ମଧ୍ୟ କଟକଣା ରହିଛି। କିନ୍ତୁ ଏହି କଟକଣାକୁ ନାବାଳକ ଗାଡ଼ି ଚାଳକମାନେ ମାନୁନଥିଲେ ମଧ୍ୟ ସେମାନଙ୍କୁ ପୁଲିସ୍ ରୋକିବାକୁ ଉଚିତ ମଣୁନାହିଁ। ଫଳରେ ରାସ୍ତାଘାଟରେ ଯାଉଥିବା ସାଧାରଣ ଲୋକଙ୍କୁ ଏହାର କୁଫଳ ଭୋଗିବାକୁ ପଡୁଛି। ନାବାଳକ ନାବାଳିକାମାନେ ଗାଡି ନ ଚଲାଇବା, ହେଲମେଟ ପିନ୍ଧିବା, ଡ୍ରାଇଭିଂ ଲାଇସେନସ କରିବା, ବୀମାଭୁକ୍ତ କରିବା ଉପରେ ବହୁସ୍ୱେଚ୍ଛାସେବୀ ସଂଗଠନ ଠାରୁ ଆରମ୍ଭ କରି ଜିଲା ପୁଲିସ ପ୍ରଶାସନ ପର୍ଯ୍ୟନ୍ତ ବିଭିନ୍ନ ଛକ, ରାସ୍ତାରେ ସଚେତନତା କରାଇଥିଲେ। ହେଲେ ସଚେତନତା କରି କାର୍ଯ୍ୟାନୁଷ୍ଠାନ ପାଇଁ ପୁଲିସ ଭୁଲିଗଲା। ଆଉ ପିଲା ବି ଏ ସବୁ ମନେ ରଖିବାର ଆବଶ୍ୟକ କଣ। ଯାହାର ଫଳ ଯଥା ପୂର୍ବଂ ତଥା ପରଂ। ଅନେକ ସମୟରେ ଅଚାନକ ତୀବ୍ର ଶବ୍ଦଯୁକ୍ତ ହର୍ଣ୍ଣ ଅନେକଙ୍କ ପାଇଁ ସ୍ୱାସ୍ଥ୍ୟଗତ ସମସ୍ୟାର କାରଣ ହେଉଛି। ନାବାଳକ ଗାଡ଼ିଚାଳକଙ୍କ ଦାୟିତ୍ୱହୀନତା ଯୋଗୁଁ ବେଳକୁବେଳ ଦୁର୍ଘଟଣା ଘଟୁଥିବାବେଳେ ଏଥିରେ ବହୁ ଲୋକଙ୍କ ଜୀବନ ଯାଉଛି।

ସେହିପରି ଭାରତୀୟ ପରିବହନ ବିଭାଗ ପକ୍ଷରୁ ଜାରି ତଥ୍ୟ ଅନୁସାରେ, ଦୈନିକ ହାରାହାରି ୧୫୦୦ ଦୁର୍ଘଟଣା ଘଟୁଥିବାବେଳେ ଏଥିରେ ୫୦୦ରୁ ଊର୍ଦ୍ଧ୍ୱ ଲୋକ ଅକାଳରେ ପ୍ରାଣ ହରାଉଛନ୍ତି। ଏପରି ସ୍ଥିତିରେ ନାବାଳକଙ୍କ ଗାଡ଼ି ଚାଳନା ଉଦ୍‌ବେଗଜନକ ପରିସ୍ଥିତି ସୃଷ୍ଟି କରିଛି। ଏହାକୁ ରୋକିବା ସକାଶେ ବିଭାଗ ପକ୍ଷରୁ ବିଭିନ୍ନ ନିୟମ କାର୍ଯ୍ୟକାରୀ ହୋଇଥିଲେ ମଧ୍ୟ ଜିଲ୍ଲା ପୁଲିସ୍ କି ଟ୍ରାଫିକ୍ ବିଭାଗ ପଦକ୍ଷେପ ନେବା ଉପରେ ଆଦୌ ଗୁରୁତ୍ୱ ଦେଉନାହିଁ। ତେଣୁ ସାଧାରଣ ଲୋକଙ୍କ ପାଇଁ ଏହା ଏକ ଚିନ୍ତାର ପ୍ରମୁଖ କାରଣ ହୋଇଛି। ସ୍ଥାନୀୟ ଅଂଚଳରେ ନାବାଳକମାନଙ୍କ ଗାଡ଼ି ଚାଳନା ଉପରେ ରୋକ ଲଗାଇବା ସକାଶେ ଉଭୟ ପୁଲିସ ଓ ପରିବହନ ବିଭାଗ ଠୋସ୍ ପଦକ୍ଷେପ ନେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

## ମନରେଗା ଯୋଜନାରେ ମଣିଷ ବଦଳରେ କାମ କରୁଛି ମେସିନ

ବାଲୁଗାଁ,୨୮।୫ (ସମିସ): ବିକଶିତ ଭାରତ ଗ୍ରାମୀଣ କର୍ମନିଯୁକ୍ତି ଯୋଜନାରେ ଜଣେ ଲୋକକୁ ଜବ୍‌କାଡର୍ ମାଧ୍ୟମରେ ବର୍ଷକୁ ୧୦୦ ଦିନର କାର୍ଯ୍ୟ ଯୋଗାଇ ଦେବା ପାଇଁ ସରକାରୀ ନିୟମ ରହିଛି। ହେଲେ ଏହି ନିୟମକୁ ଖୋଲାଖୋଲି ଭାବେ ଖୋର୍ଦ୍ଧା ଜିଲ୍ଲାର ଚିଲିକା ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମପଞ୍ଚାୟତରେ ଉଲ୍ଲଂଘନ କରାଯାଇ ମଣିଷ ବଦଳରେ ମେସିନ କାମ କରୁଥିବା ଦେଖିବାକୁ ମିଳୁଛି। ଚିଲିକା ବ୍ଲକ ପ୍ରଶାସନ ଠାରୁ ଆରମ୍ଭ କରି ପଞ୍ଚାୟତ ଜନପ୍ରତିନିଧି ପର୍ଯ୍ୟନ୍ତ ଏହି ବେନିୟମ କାର୍ଯ୍ୟରେ ସାମିଲ ଥିବା ଜଣାଯାଇଛି। ଅଞ୍ଚଳରେ ଶାସକ ଦଳର ନେତୃତ୍ୱ ନେଉଥିବା କୁଜିନେତା ନିର୍ଦ୍ଦେଶରେ ଏହିପରି ବେନିୟମ କାର୍ଯ୍ୟ କରି ହରିଲୁଟ୍ ଚାଲିଥିବା ଜଣା ପଡିଛି। ଚିଲିକା ବ୍ଲକ ଅଧିନ ଅଠରବାଟିଆ ପଞ୍ଚାୟତ ଚନ୍ଦରାପୁଟ ଗ୍ରାମ ପୋଖରୀର ପୁନରୁଦ୍ଧାର କାର୍ଯ୍ୟ ମନରେଗା ଯୋଜନା ମାଧ୍ୟମରେ ଚାଲିଥିବା ବେଳେ ସେଠାରେ ଶ୍ରମିକ ବଦଳରେ ଜେସିବି ମେସିନ୍ ଓ ଟ୍ରାକ୍ଟର ସାହାଯ୍ୟରେ କାର୍ଯ୍ୟ ହେଉଥିବା ଦେଖିବାକୁ ମିଳିଛି। ଗୋଟିଏ ପକ୍ଷେ ଜେସିବି ମେସିନ କାର୍ଯ୍ୟ କରୁଥିବା ବେଳେ ଅନ୍ୟପକ୍ଷେ ବ୍ଲକ ପ୍ରଶାସନ ମିଥ୍ୟା ମଷ୍ଟର ରୋଲରେ ଶ୍ରମିକମାନଙ୍କ ନାମ ଚଢ଼ାଇ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ୍ କରିଚାଲି ଥିବା ଅଭିଯୋଗ ହେଉଛି। ଯଦି ଜେସିବି ମେସିନ ସାହାଯ୍ୟରେ ପୋଖରୀ ପୁନରୁଦ୍ଧାର କାର୍ଯ୍ୟ ଚାଲିଛି ତେବେ ମଷ୍ଟର ରୋଲରେ ଶ୍ରମିକମାନଙ୍କ ନାମ କେଉଁଠି ଆସିଲା ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥି ସହିତ ଏହି ବ୍ଲକ ଅଧିନସ୍ଥ ଅନ୍ୟ କେତେକ ପଞ୍ଚାୟତରେ ମଧ୍ୟ ପୋଖରୀ ପୁନରୁଦ୍ଧାର ଓ ନୂତନ ପୋଖରୀ ଖୋଳାରେ ଜେସିବି ମେସିନ ଦ୍ୱାରା କାର୍ଯ୍ୟ କରାଯାଉଥିବା ଦେଖିବାକୁ



ମିଳୁଛି। କେତେକ ପୁରୁଣା ପୋଖରୀରେ ମେସିନ ଦ୍ୱାରା ଅଳ୍ପ କିଛି କାର୍ଯ୍ୟ କରି ପୁନରୁଦ୍ଧାର ନାମରେ ଅର୍ଥ ହରିଲୁଟ୍ ଚାଲିଥିବା ବେଳେ ଉକ୍ତ ପୋଖରୀ ଖୋଳା କାର୍ଯ୍ୟରେ ସରପଞ୍ଚ ଓ ପିଇଓ ସଂପୃକ୍ତ ରହୁଥିବା ନେଇ ଅଭିଯୋଗ ହେଉଛି। ଏହାକୁ ଗୁରୁତ୍ୱର ସହ ନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଏହାର ତଦନ୍ତ କରି ସଂପୃକ୍ତ ରାଜନେତାଙ୍କଠାରୁ ଆରମ୍ଭ କରି ବ୍ଲକକର୍ମଚାରୀ ଓ ଠିକାଦାରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜନସାଧାରଣରେ ଦୃଢ଼ ଦାବି ହେଉଛି।

## ସ୍ୱର୍ଗୀୟ ପିତାଙ୍କ ସ୍ୱପ୍ନ ପୂରଣ କଲେ ପ୍ରଜ୍ଞାରାଣୀ

ଖୋର୍ଦ୍ଧା,୨୮।୫ (ସମିସ): ଓଡ଼ିଶାର ୩୦୦ ଜଣ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତିତ୍ୱ ହାସଲ କରିଛନ୍ତି। ସେମାନଙ୍କ ମଧ୍ୟରେ ଖୋର୍ଦ୍ଧା ମଙ୍ଗଳାନଗର ନିବାସୀ ପ୍ରମୋଦ କୁମାର୍ ସାହୁଙ୍କ ସାନ ଝିଅ ପ୍ରଜ୍ଞାରାଣୀ ସାହୁ ସ୍ଥାନ ୬୦ରେ ରହିଛି। ପରିବାରର ସବା ସାନ ଝିଅ। ସମସ୍ତଙ୍କ ଗେହ୍ଲା। ବାପାଙ୍କ ସ୍ୱପ୍ନ ପୂରଣ କରିବା ପାଇଁ ସାଧନା ଜାରି ରଖିଥିଲେ। ସଫଳ ମଧ୍ୟ ହେଲେ। ହେଲେ ଏହି ସଫଳତା ର ଖୁସି ରେ ସାମିଲ ହେବା ପାଇଁ ବାପା ନାହାନ୍ତି। ବାପାଙ୍କ ମୃତ୍ୟୁର ୨୧ ଦିନ ପରେ ଝିଅ ପାଇଲେ ଓଏଏସ୍। ଓସିଏସ୍ ପରୀକ୍ଷାରେ ସଫଳ ହୋଇଛନ୍ତି ଖବର ପ୍ରଜ୍ଞା ତାଙ୍କ ସାଙ୍ଗ ମାନଙ୍କ ଠାରୁ ପ୍ରଥମେ ଜାଣିବାକୁ ପାଇଥିଲେ। ଏହି ଖବର ପାଇବା ମାତ୍ରେ। ଖୁସି ହେବା ପରିବର୍ତ୍ତେ ବାପାଙ୍କ ଫଟୋ ଧରି କାନ୍ଦି ପକାଇଲେ। ଫଟୋରେ ଫୁଲ ଚନ୍ଦନ ଲଗାଇ ନିଜ ହାତ ରେ ପୋଛି କେବଳ ବାପାଙ୍କ ଫଟୋ



ଧରି ରହିଥିଲେ। ମନେ ପକାଇଲେ ବାପା ଙ୍କ ପ୍ରତି ଟି କଥା କୁ। ଯିଏ ଦିନେ ହାତ ଧରି ସ୍କୁଲ କୁ ନେଇଥିଲେ। ପ୍ରଜ୍ଞା ତାଙ୍କର ପ୍ରାଥମିକ ଶିକ୍ଷା ଖୋର୍ଦ୍ଧା ର ଅଗ୍ରଣୀ ଶିକ୍ଷାନୁଷ୍ଠାନ ସିଗମା ପବ୍ଲିକ ସ୍କୁଲ ରୁ ଆରମ୍ଭ କରିଥିଲେ। ପ୍ରଜ୍ଞାର ସଫଳତା ପାଇ ପରିବାର, ବନ୍ଧୁ ପରିଜନ ସମସ୍ତେ ଖୁସି ମନାଉଥିବା ବେଳେ ପ୍ରଜ୍ଞା କିନ୍ତୁ ବାପାଙ୍କୁ ମନେ ପକାଇ ଝୁରି ହେଉଛନ୍ତି। ବିଧାୟକ ପ୍ରଦୀପ କୁମାର ସାହୁ, କାଉନସିଲର ପ୍ରବୀଣା ଜଗଦେବ ଙ୍କ ସହିତ ଅନେକ ବନ୍ଧୁ ପରିଜନ ତାଙ୍କ ଘରକୁ ଆସି ପ୍ରଜ୍ଞାଙ୍କୁ ସଫଳତା ପାଇଁ ଅଭିନନ୍ଦନ ଜଣାଇବା ସହ ସ୍ୱର୍ଗୀୟ ବାପାଙ୍କ ଆର୍ଶୀବାଦ ଯୋଗୁ ଝିଅ ସଫଳତା ପାଇଛି ବୋଲି ମତ ବ୍ୟକ୍ତ କରିଥିଲେ। ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ପ୍ରଜ୍ଞାଙ୍କୁ ସମସ୍ତ ବରିଷ୍ଠ ନାଗରିକ ଅଭିନନ୍ଦନ, ସମ୍ବର୍ଦ୍ଧନା ଜଣାଇବା ସହ ଉତ୍ତରୋତ୍ତର ଉନ୍ନତି କାମନା କରି ଆର୍ଶୀବାଦ ପ୍ରଦାନ କରିଥିଲେ। ରାଜ୍ୟ ସରକାର ନି ସ୍ୱାସ୍ଥ୍ୟ, ମହିଳା, ଶିଶୁ କଲ୍ୟାଣ ବିଭାଗ ରେ କାର୍ଯ୍ୟ କରିବାକୁ ପ୍ରଜ୍ଞା ଙ୍କ ର ଇଚ୍ଛା ବୋଲି ଆମ ସକାଳ ପ୍ରତିନିଧି ଙ୍କ ସାକ୍ଷାତ କାର ସମୟ ରେ କହିଥିଲେ। ପ୍ରଜ୍ଞାଙ୍କ ମା ପ୍ରଭାସିନୀ ସାହୁ ଝିଅ ର ଏହି ସଫଳତା ପାଇ ଖୁସି ହୋଇ କହିଲେ ଯେ ଝିଅ ଜନ୍ମ ବେଳେ ମନ ଦୁଃଖ ଥିଲା। ଜନ୍ମ ସମୟ ରେ ଜଣେ ବୃଦ୍ଧା କହିଥିଲେ, ଦେଖିବୁ ଏହି ଝିଅ ପରିବାର ଟେକ ରଖିବ। ଆଜି ସିଏ ତାର ବାପାଙ୍କୁ ହରାଇବାର ୨୧,ଦିନ ହୋଇଛି। ବାପାଙ୍କ ସ୍ୱପ୍ନ କୁ ପୂରଣ କରିଛି, କିନ୍ତୁ ଖୁସି ଦେଖିବାକୁ ବାପା ନାହାନ୍ତି।ସ୍ୱର୍ଗ ରେ ଥାଇ ତାକୁ ଆର୍ଶୀବାଦ ଦେଉଛନ୍ତି। ପ୍ରଜ୍ଞା ମଧ୍ୟ ଭାରତୀୟ ପ୍ରଶାସନିକ ସେବା ପରୀକ୍ଷାରେ କୃତିତ୍ୱ ହାସଲ କରିବାର ଲକ୍ଷ୍ୟ ରଖିଛନ୍ତି। ସକାଳ ପରିବାର ପକ୍ଷରୁ ପିତୃହରା ପ୍ରଜ୍ଞା ଙ୍କୁ ତାଙ୍କର ସଫଳତା ପାଇଁ ଅଭିନନ୍ଦନ ଜଣାଇବା ସହ ଆଗାମୀ ଦିନରେ ତାଙ୍କର ସଫଳତା ପାଇଁ କାମନା କରୁଛୁ।

## ୩୧ରୁ ୧୬ବର୍ଷରୁ କମ୍ ଜଟଣୀ କ୍ରିକେଟ କପ୍

ଖୋର୍ଦ୍ଧା,୨୮।୫(ସମିସ): ମଇ୩୧ରୁ ଜୁନ ୭ ତାରିଖ ପର୍ଯ୍ୟନ୍ତ ଜଟଣୀ ମହାବିଦ୍ୟାଳୟ ଖେଳପଡିଆ ଠାରେ ଜଟଣୀ କ୍ରିକେଟ ଏକାଡେମୀ ଆନୁକୁଲ୍ୟରେ ୧୬ବର୍ଷ ରୁ କମ ବୟସ ର କ୍ରିକେଟ ଖେଳାଳୀ ମାନଙ୍କୁ ନେଇ ଜଟଣୀ କ୍ରିକେଟ କପ୍ ୨୦୨୬ ଅନୁଷ୍ଠିତ ହେବ। ଏଥିରେ ୮ଟି ଦଳ ଭାଗ ନେବେ। ଦଳ ଗୁଡିକ ୨ଟି ଗ୍ରୁପ ରେ ୪ଟି ହୋଇ ଜଣକେ ୩ଟି ଲେଖାଏଁ ଲିଗ୍ ମ୍ୟାଚ୍ ଖେଳିବେ। ‘ଏ’ ଗ୍ରୁପ ରେ ଜଟଣୀ କ୍ରିକେଟ ଏକାଡେମୀ, ଓସ୍କାର ଭୁବନେଶ୍ୱର, ସୋଲାର କଟକ, ସନ ସାଇନ ପିପିଲି ଦଳ ଥିବାବେଳେ ‘ବି’ ଗ୍ରୁପରେ ରାଇଜିଙ୍ଗ ଷ୍ଟାର କଟକ,




ଖୋର୍ଦ୍ଧା, ଆର ଆର କେ, ଜେସିଏ ଦଳ ଅଛନ୍ତି ବୋଲି ଆୟୋଜକ କମିଟି ଜଟଣୀ କ୍ରିକେଟ ଏକାଡେମୀ ର ସଚିବ ମନୋହର ମେଣ୍ଡାଲି, ସଭାପତି ବେଣୁଧର ଦାସ, ଦୁଇ କୋଷାଧ୍ୟକ୍ଷ ସନ୍ତୋଷ ପଟ୍ଟନାୟକ ଓ ସନ୍ଦୀପ ପାଇକରାୟ ଏକ ସାମ୍ବାଦିକ ସମ୍ମିଳନୀ ରେ ଜଣାଇଛନ୍ତି। ଏ ବର୍ଷ ଏହି କପ୍ ର ଦ୍ୱିତୀୟ ସଂସ୍କରଣର ଫାଇନାଲ ଆସନ୍ତା ଜୁନ ୭ତାରିଖରେ ହେବ।

## ଦାମୋଦର ନାୟକଙ୍କ ଶ୍ରଦ୍ଧାଞ୍ଜଳି ସଭା

ବାଲୁଗାଁ,୨୮।୫(ସମିସ): ବାଲୁଗାଁ ଅଞ୍ଚଳର ଜଣାଶୁଣା ବ୍ୟକ୍ତି ତଥା ବାଲୁଗାଁ ଆନନ୍ଦ ବଜାର ପୂର୍ବତନ ସଭାପତି ବିଶିଷ୍ଟ ବ୍ୟବସାୟୀ ଦାମୋଦର ନାୟକଙ୍କର ଦ୍ୱାଦଶାହ ଶ୍ରଦ୍ଧାଞ୍ଜଳି ସ୍ମୃତି ଚାରଣ ସଭା ଜନ୍ମମାଟି ପାଟଣାସାହିସ୍ଥିତ ମା’ ଜାଗୁଳାଇ କଲ୍ୟାଣ ମଣ୍ଡପରେ ଗୁରୁବାର ମଧ୍ୟାହ୍ନରେ ଶିକ୍ଷାବିତ୍ ପ୍ରସନ୍ନ କୁମାର ନାୟକଙ୍କ



ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ବଣିକସଂଘ ସଭାପତି ରବିନାରାୟଣ ନାୟକ, ଆଇନଜୀବୀ ମୁରଲୀଧର ସାମନ୍ତସିଂହାର, ରବିନ୍ଦ୍ର ମାନସିଂହ ଓ ନିଖିଳ ଉତ୍କଳ ଖରୁଡ଼ା ସଂଘର ସଭାପତି ଗିରିଷିଚନ୍ଦ୍ର ନାୟକ, ସହ ସଂପାଦକ ଚନ୍ଦ୍ରଶେଖର ନାୟକ, ନବକୃଷ୍ଣ ନାୟକ, ପ୍ରଶାନ୍ତ କୁମାର ନାୟକ, ଶିକ୍ଷକ ଭାଗିରଥି ସ୍ୱାଇଁ, ସାମ୍ବାଦିକ ଆର୍ତ୍ତତ୍ରାଣ ଜାଲି ପ୍ରମୁଖ ଯୋଗଦେଇ ସ୍ୱର୍ଗତ ନାୟକଙ୍କ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସ୍ମୃତି ଚାରଣ କରିଥିଲେ। ସ୍ୱର୍ଗତ ନାୟକଙ୍କ କନିଷ୍ଠ ପୁତ୍ର ଦିଲ୍ଲୀପ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଣପୁର ବ୍ଲକରେ ତାଲୁକ ଆଇନ ସଚେତନତା ଶିବିର

ବାଣପୁର,୨୮।୫(ସମିସ) : ବାଣପୁର ତାଲୁକ ଆଇନ ସେବା ସମିତି ପକ୍ଷରୁ ବ୍ଲକ ଅଧିନ ଅଙ୍ଗନବାଡି କର୍ମୀମାନଙ୍କୁ ନେଇ ବାଣପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତାଲୁକ ଆଇନ ସେବା ସମିତିର ଅଧ୍ୟକ୍ଷ ତଥା ବାଣପୁର କୋର୍ଟର ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ବାଣପୁର କୋର୍ଟର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଇପ୍ସିତା ପ୍ରିୟା ଏକ୍କା, ବାଣପୁର ବ୍ଲକ ଏବିଡ଼ିଓ ଯୋଗେନ୍ଦ୍ର କୁମାର ମହାକୁଡ଼, ସିଡ଼ିପିଓ ଏ.ବାସନ୍ତୀ ଏବଂ ବ୍ଲକ ଅନ୍ତର୍ଗତ ଅଞ୍ଚଳର ସମସ୍ତ ଅଙ୍ଗନବାଡି କର୍ମୀମାନେ ସାମିଲ ହୋଇଥିଲେ। ଏଥିରେ ବିଚାରପତି ଶ୍ରୀ ମହାପାତ୍ର ସ୍ଥାୟୀ ଲୋକ ଅଦାଲତ ତଥା ଜନ ଉପଯୋଗୀ ସେବା ଓ ଏହି ଆଇନ ସହାୟତାର ସୁଫଳ ଏବଂ ଉକ୍ତ ଆଇନ ସେବା ଦ୍ୱାରା ନାଗରିକମାନେ ଅଯଥା କୋର୍ଟ କଚେରୀର ଦ୍ୱାରସ୍ଥ ନ ହୋଇ ଓ ଖର୍ଚ୍ଚାନ୍ତ ନହୋଇ ନିଃଶୁଳ୍କରେ କିପରି ନିଜର ଆଇନଗତ ସମସ୍ୟାର ସମାଧାନର ବାଟ ପାଇ ପାରିବେ ସେ



ସମ୍ପର୍କରେ ଉପସ୍ଥିତ ଅଙ୍ଗନବାଡି କର୍ମୀଙ୍କୁ ଅବଗତ କରାଇବା ସହିତ ଡ଼ିକେ ବାସୁ ବନାମ ପଶ୍ଚିମବଙ୍ଗ ରାଜ୍ୟ ମାମଲାରେ ପ୍ରକାଶିତ ରାୟ ଅନୁଯାୟୀ ବନ୍ଦୀଙ୍କ ଅଧିକାର ଓ ଗିରଫଦାରୀ ସମୟରେ ପୁଲିସର କର୍ତ୍ତବ୍ୟ ଆଦି ସମ୍ପର୍କରେ ସଚେତନତା କରାଇଥିଲେ ବିଚାରପତି। ଉକ୍ତ ସେବା ଦ୍ୱାରା ଜନସାଧାରଣଙ୍କ ଦୀର୍ଘ ଦିନର ବିବାଦ ଗୁଡିକ ମଧ୍ୟ ଆଇନ ଅନୁଯାୟୀ ସମାଧାନ ହୋଇପାରିବ ବୋଲି ସାମିଲ ଅନ୍ୟ ଅତିଥିଗଣ ମତବ୍ୟକ୍ତ କରିଥିଲେ।

# ବିଭିନ୍ନ ସ୍ଥାନରେ ପବିତ୍ର ଇଦ୍ ଉଲ୍ ଜୁହା ପାଳିତ







ଖୋର୍ଦ୍ଧା,୨୮।୫(ସମିସ): ଆଜି ଜିଲ୍ଲାର ବିଭିନ୍ନ ମସଜିଦ୍ ଏବଂ ଇଦ୍‌ଘାହ ପଡ଼ିଆରେ ମୁସଲମାନ ସମ୍ପ୍ରଦାୟର ଭାଇ ଭଉଣୀମାନେ ବଳିଦାନ ତଥା ଉତ୍ସର୍ଗର ପର୍ବ ପବିତ୍ର ଇଦ୍ ଉଲ ଜୁହାକୁ ଧୂମଧାମରେ ପାଳନ କରିଛନ୍ତି। ଫଳରେ ଜିଲ୍ଲାର କୋଣ ଅନୁକୋଣ ମୁସଲମାନ ସମ୍ପ୍ରଦାୟ ଲୋକଙ୍କ ମଧ୍ୟରେ ଦେଖାଯାଇଛି ଚଳଚଞ୍ଚଳ। ଏହି ପର୍ବ ଅବସରରେ ମୁସଲିମ ସମ୍ପ୍ରଦାୟର ଲୋକମାନେ ପରସ୍ପରକୁ ଇଦ୍ ମୋବାରକ୍ ଜଣାଇ ପରିବାର ଏବଂ ବନ୍ଧୁବାନ୍ଧବ ଶୁଭକାମନା କରିଛନ୍ତି।

ଏହି ଅବସରରେ ମୁସଲମାନ ସମ୍ପ୍ରଦାୟର ଲୋକମାନେ ପୂର୍ବାହ୍ନ ସାଢେ ୮ଟା ସମୟରେ ସମୂହ ନମାଜ ପାଠ କରିଥିଲେ। ଧର୍ମଗୁରୁ ମୌଲବୀମାନଙ୍କ ଦ୍ୱାରା ନମାଜ ପାଠ କରାଯିବା ପରେ ଧର୍ମାବଲମ୍ବୀମାନଙ୍କୁ ବଳିଦାନର ଉତ୍ସର୍ଗ ସମ୍ବନ୍ଧରେ ତକରିର ମାଧ୍ୟମରେ ବୁଝାଇଥିଲେ। କୋରାନ୍ ରେ ଉଲ୍ଲେଖ ଥିବା ହଜରତ ଇବ୍ରାହିମ ଓ ତାଙ୍କ ସୁପୁତ୍ର ହଜରତ ଇସମାଇଲ ଅଲେଇହୋ ସଲମଙ୍କ ଉପରେ ଆଧାରିତ ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ଖୋର୍ଦ୍ଧା ସହରର ମୁକୁନ୍ଦପ୍ରସାଦ ଇଦ୍‌ଘା ପଡ଼ିଆ ଏବଂ ବିଭିନ୍ନ ମସ୍‌ଜିଦ୍‌ରେ ସମୂହ ନମାଜ ପାଠ କରିଥିବା ଦେଖାଯାଇଛି। ଖୋର୍ଦ୍ଧା ଉପକଣ୍ଠ ଶରଧାପୁର, ତରୁତୁଆ, କେରଙ୍ଗ, ବେଣାପଞ୍ଜରୀ, ତିରିମଲ, ନିରାକାରପୁର, ମାଣିକାଗଡ଼ା, ଗୟାବନ୍ଧ ସମେତ ବିଭିନ୍ନ ଗ୍ରାମରେ ଇଦ୍ ଉଲଜୁହା ପର୍ବ ଧୂମଧାମରେ ପାଳିତ ହୋଇଛି।

**ଜଟଣୀ :** ଜଟଣୀ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ସମସ୍ତ ସ୍ଥାନରେ ଆଜି ଧୂମଧାମରେ ପାଳିତ ହୋଇଛି ବଳିଦାନର ପର୍ବ ଇଦ-ଉଲ-ଜୁହା। ଇସଲାମଧର୍ମାମ୍ବଲମ୍ବୀ ମୁସଲମାନଭାଇମାନଙ୍କର ଇଦ-ଉଲ- ଫିତର ପରେ ଏହା ଦ୍ୱିତୀୟ ବଡ ପର୍ବ ଅଟେ। ଏହି ପର୍ବରେ ବଳିଦେବାର ପ୍ରଥା ରହିଥିବା ବେଳେ ବଳିଦାନର କିମ୍ବଦନ୍ତୀ ଉପରେ ମୌଲବୀମାନଙ୍କ ଦ୍ୱାରା ତକରୀର(ପ୍ରବଚନ) ମାଧ୍ୟମରେ ଆଲୋଚନା କରାଯାଇଥିଲା। ଏହାକୁ ଧୂମଧାମରେ ପାଳନ କରାଯାଇଥିବା ଦେଖିବାକୁ ମିଳିଛି। ଗୁରୁବାର ପୂର୍ବାହ୍ନ ୮ ଟା ଠାରୁ ସାଢେ ଆଠଟା ସମୟରେ ସମସ୍ତ ମସଜିଦଗୁଡିକରେ ଏହି ଇଦ-ଉଲ-ଜୁହା ନମାଜପାଠ କରାଯାଇଥିବା ବେଳେ ଜଟଣୀ ରଥିପୁର, ବେଣାପଞ୍ଜରୀ, ଗଡ଼ ତରାବୋଇ ଗ୍ରାମରେ ଥିବା ଇଦଗାହ ପଡିଆରେ ନମାଜପାଠ କରାଯାଇଥିଲା। ଏହି କ୍ରମରେ ଜଟଣୀ ସହରରେଥିବା ୬ଟି ମସଜିଦ ସହିତ ଜଟଣୀ ଅଂଚଳ ଗଡରଥୀପୁରରେ ଥିବା ୨ଟି, ବେଣାପଜଂରୀରେ ଥିବା ୨ଟି ଓ ଗଡତରାବୋଇରେଥିବା ୨ଟି ମସଜିଦ ଓ ଇଦଗାହା ରେ ସମୁହ ନମାଜପାଠ କରାଯାଇଥିଲା। ଅନ୍ୟପଟେ ଏହି ପର୍ବ ଅବସରରେ ସମସ୍ତ ମୁସଲମାନ ସମ୍ପ୍ରଦାୟଙ୍କ ଘରେ ସୁସ୍ୱାଦୁ ଖାଦ୍ୟ ପସ୍ତୁତ କରାଯାଇଥିବା ବେଳେ ନୂତନବସ୍ତ୍ର ପରିଧାନ କରିଥିବା ଦେଖିବାକୁ ମିଳିଥିଲା।

**ବାଲୁଗାଁ :** ବାଲୁଗାଁ-ବାଣପୁର ମୁସଲିମ୍ ସମ୍ପ୍ରଦାୟର ଲୋକେ ଗୁରୁବାର ଇଦ୍-ଉଜ୍-ଜୁହା ପାଳନ କରିଛନ୍ତି। ବାଲୁଗାଁ ଏନଏସି ଅଧିନ ମୁସଲିମ ସାହିରେ ଇଦ୍-ଉଜ୍-ଜୁହା ପାଳିତ ହୋଇଯାଇଛି। ମୁସଲିମ୍ ଭାଇ ଭଉଣୀ ମାନେ ସକାଳୁ ନୂତନ ବସ୍ତ୍ର ପରିଧାନ କରି ପରସ୍ପରକୁ ଇଦ୍ ମୁବାରକ୍ ଜଣାଇଥିଲେ। ଏହି ଇଦ୍-ଉଜ୍ - ଜୁହା ‘ବକରୀଦ୍’ ନାମରେ ମଧ୍ୟ ବେଶ୍ ଜଣାଶୁଣା। ବାର୍ ଇଦ୍ ଆରବୀୟ ଦେଶ ‘ବକର୍’ ରୁ ଉତ୍ପତ୍ତି, ‘ବକର୍’ ର ଅର୍ଥ ବଡ଼ ବା ବିରାଟ। ଇସଲାମୀୟ ବିଶ୍ୱାସ ଅନୁଯାୟୀ ଏହି ଇଦ୍-ଉଜ୍-ଜୁହା ଏକ ପବିତ୍ର ପର୍ବ ଭାବେ ବିବେଚନା କରାଯାଏ। ବକରୀଦ୍ ପର୍ବର ମୁଳଦୁଆ ହିଁ ‘କୁର୍ବାନ’ ଶବ୍ଦ ଉପରେ ପର୍ଯ୍ୟବେସିତ। ଏହାର ନୈତିକ ଅର୍ଥ ହେଉଛି ଯେ, ଜଣେ ବ୍ୟକ୍ତି ନିଜ ଭିତରେ ଥିବା ପଶୁ ପ୍ରବୃତିକୁ ଅର୍ଥାତ ମନ୍ଦ ପ୍ରବୃତିକୁ ବଳିଦାନ ଦେବା। ଏହି ପରିପ୍ରେକ୍ଷୀରେ ଗୁରୁବାର ଏହି ପବିତ୍ର ତ୍ୟାଗର ପର୍ବକୁ ବାଲୁଗାଁ ସହ ବାଣପୁର ବଜାର ମୁସଲିମ୍ ସାହି, ବଡ଼ହନ୍ତୁଆଡ଼, ନୌପୋତାଲିମ୍ କେନ୍ଦ୍ର ଚିଲିକା ଛକ, ସଲପଡ଼ିହ ଓ ଦିକ୍ଷିତପଡ଼ା ମୁସଲିମ୍ ବସ୍ତିରେ ରହିଥିବା ମସ୍‌ଜିଦ୍‌ରେ ଇଦ୍-ଉଜ୍-ଜୁହା ପବିତ୍ର ପର୍ବର ପାଳନ ଅବସରରେ ମୁସଲମାନ ଭାଇ ଭଉଣୀ ମାନେ ସମୂହ ନମାଜ ପାଠ କରିଥିଲେ।

## କାଳବୈଶାଖୀରେ ଭାଙ୍ଗିଯାଇଥିଲା କାନୋପି ସେଡ୍

# ସପ୍ତାହେ ବିତିଲା, ମରାମତି ନୋହିଲା

ବାଲେଶ୍ୱର, ୨୮।୫(ସମିସ)



କାଳବୈଶାଖୀ ଝଡ଼ରେ ଭାଙ୍ଗିଯାଇଥିବା ରାସ୍ତା କଡ଼ର କାନୋପି ସେଡ୍ ସପ୍ତାହେରୁ ଅଧିକ ସମୟ ବିତିଯାଇଥିଲେ ବି ମରାମତି ହୋଇନାହିଁ। ଭାଙ୍ଗିବାର ୨୪ ଘଣ୍ଟା ଭିତରେ ନିର୍ମାଣ କରିବା ନିୟମ ଥିଲେ ମଧ୍ୟ ଏଯାଏଁ କାମ ସେମିତି ପଡ଼ିରହିଛି। ଚଳିତ ମାସ ୧୮ ତାରିଖରେ କାଳବୈଶାଖୀ ଯୋଗୁଁ ସହରର ଆଇଟିଆଇ ଛକସ୍ଥିତ ଗ୍ରୀନ୍ ସେଡ୍ ଭାଙ୍ଗିପଡ଼ିଥିଲା। ଯାହା ଏବେବି ଛକର ଦୁଇ ପାଖରେ କାମ ଅଧନିର୍ମିତ ହୋଇପଡ଼ିଛି। ଗତ ସପ୍ତାହରେ ହୋଇଥିବା କାଳବୈଶାଖୀରେ ଆଇଟିଆଇ ଛକର ଥିବା କାନୋପି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିଲା। ଏବେ କେବଳ ବାଉଁଶ ଖୁଣ୍ଟ ଛିଡ଼ା ହୋଇଛି, ଉପରେ କିଛି ନାହିଁ। ନିୟମ ଅନୁଯାୟୀ ଏଭଳି ସାର୍ବଜନୀନ ସେଡ୍ ଭାଙ୍ଗିଲେ ଦିନକ ଭିତରେ ପୁଣି ନିର୍ମାଣ ହେବା କଥା। ହେଲେ ସପ୍ତାହେରୁ ଅଧିକ ସମୟ ବିତିଗଲାଣି, ପ୍ରଶାସନ କିମ୍ବା ସମ୍ପୃକ୍ତ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ଖରା ଓ ବର୍ଷାରୁ ରକ୍ଷା ପାଇବା ପାଇଁ ପଥଚାରୀ ଓ ଛୋଟ ଦୋକାନୀମାନେ ଏହି ସେଡ୍ ଉପରେ ନିର୍ଭର କରୁଥିଲେ। ଏବେ ସେଡ୍ ନଥିବାରୁ ସମସ୍ତେ ହଇରାଣ ହେଉଛନ୍ତି। ବିଭାଗୀୟ ଅବହେଳାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଲକ୍ଷାଧିକ ଟଙ୍କା ଖର୍ଚ୍ଚ ନିର୍ମାଣରେ ଟେଣ୍ଡର କରାଯାଇ ନିର୍ମାଣ ହେବା ପରି ବି ଏହା ପ୍ରତି ଅବହେଳା ଦେଖିବାକୁ ମିଳିଛି। ତୁରନ୍ତ ଏହାର କାମ ସମ୍ପୂର୍ଣ୍ଣ କରିବାକୁ ଦାବି ହେଉଛି। ସୂଚନାଯୋଗ୍ୟ, ବାଲେଶ୍ୱର ପୌରପାଳିକା ଅଧୀନରେ ରାସ୍ତା ବ୍ୟବହାରକାରୀଙ୍କ ପାଇଁ ଟ୍ରାଫିକ୍ ଜଙ୍କସନ ତଥା ପୋଷ୍ଟରେ କାନୋପି ବା ଗ୍ରୀନ୍ ସେଡ୍ ସ୍ଥାପନ ପାଇଁ କାର୍ଯ୍ୟାଦେଶ ଦିଆଯାଇଥିଲା। ବାଲେଶ୍ୱର ପୌରପାଳିକା ଅଧୀନରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଟ୍ରାଫିକ୍ ଜଙ୍କସନରେ ଘନ କପଡ଼ା ଆବରଣ (୨୦ ଫୁଟ ଉଚ୍ଚତା) ସହିତ ଦୃଢ଼ ବାଉଁଶ ଗଠନରେ ନିର୍ମିତ ଅସ୍ଥାୟୀ ଚାନ୍ଦୁଆ ସ୍ଥାପନ କାର୍ଯ୍ୟ କରିବାକୁ ବାଲେଶ୍ୱର ପୌରପାଳିକା ପକ୍ଷରୁ ଏପ୍ରିଲ ମାସ ୧୫ ତାରିଖ ଦିନ ମାଣିଖମ୍ବ ଅଞ୍ଚଳର ସନ୍ତୋଷ କୁମାର ଦେଙ୍କୁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦିଆଯାଇଥିଲା। ଆଇଟିଆଇ ଛକର ଉତ୍ତର, ଦକ୍ଷିଣ, ପୂର୍ବ ଓ ପଶ୍ଚିମ ପାର୍ଶ୍ୱ, ଷ୍ଟେସନ୍ ଛକର ଉତ୍ତର, ଦକ୍ଷିଣ, ପୂର୍ବ ଓ ପଶ୍ଚିମ ପାର୍ଶ୍ୱ, ପୁଲିସ୍ ଲାଇନ ଛକ ଉତ୍ତର, ଦକ୍ଷିଣ, ପୂର୍ବ ଏବଂ ପଶ୍ଚିମ ପାର୍ଶ୍ୱ ଏବଂ ଜିଲ୍ଲା ମୁଖ୍ୟ ହସ୍ପିଟାଲର ସମ୍ମୁଖରେ ଏହି ସେଡ୍ ନିର୍ମାଣ ହେବ। ଏହି ସେଡ୍ ଗୁଡିକ ଯେପରି ଯାତାୟାତରେ କୌଣସି ବାଧା ସୃଷ୍ଟି କରିବ ନାହିଁ ଏବଂ ପ୍ରତିକୂଳ ପାଗ ପରିସ୍ଥିତିକୁ ସହ୍ୟ କରିବା ପାଇଁ ଗଠନ ଯଥେଷ୍ଟ ମଜବୁତ ହେବା ଉଚିତ ବୋଲି ଚିଠିରେ ଉଲ୍ଲେଖ ରହିଥିଲା। ତେବେ ଏହି କାର୍ଯ୍ୟଟି ତୁରନ୍ତ ଗ୍ରହଣ କରାଯିବ ଏବଂ ଏହି ନିର୍ଦ୍ଦେଶ ଜାରି ହେବାର ତାରିଖରୁ ତିନି ଦିନ ମଧ୍ୟରେ ପୌର ଯନ୍ତ୍ରୀ/ସହକାରୀ ଯନ୍ତ୍ରୀଙ୍କ ତତ୍ତ୍ୱାବଧାନରେ ସମାପ୍ତ କରାଯିବ। ହେଲେ ନିର୍ଦ୍ଦେଶ ଦେବା ପରେ ଏହି କାର୍ଯ୍ୟ ଯଥେଷ୍ଟ ବିଳମ୍ବରେ ଆରମ୍ଭ ହୋଇଥିଲା। ଏହି ସେଡ୍ ନିର୍ମାଣ ପାଇଁ ପ୍ରାୟ ୯ ଲକ୍ଷ ଟଙ୍କା ପୌରପାଳିକା ଫଣ୍ଡରୁ ଖର୍ଚ୍ଚ ହୋଇଛି। ତେବେ ଏହି ସେଡ୍ ଦେଢ ମାସ ଯାଏଁ ରହିବ। ଯଦି ଏହି ଦେଢ ମାସ ଭିତରେ କିଛି ସେଡ୍ ଭାଙ୍ଗେ ତାହେଲେ ଗୋଟିଏ ଦିନ ମଧ୍ୟରେ ଟେଣ୍ଡର ନେଇଥିବା ଲୋକ କାମ କରିବ। ଏନେଇ ଏଗ୍ରିମେଣ୍ଟ ମଧ୍ୟ ହୋଇଛି। ହେଲେ ଭାଙ୍ଗିଥିବା ସେଡ୍ ସପ୍ତାହେ ଉପରେ ବିତିଥିଲେ ମଧ୍ୟ ନିର୍ମାଣ ଶେଷ ହୋଇନାହିଁ।

## ବାଲେଶ୍ୱରର ବିଭିନ୍ନ ସ୍ଥାନରେ ଇଦ୍-ଉଲ୍-ଜୁହା ପାଳିତ



ବାଲେଶ୍ୱର, ୨୮।୫(ସମିସ): ସହର ସମେତ ସମଗ୍ର ବାଲେଶ୍ୱର ଜିଲ୍ଲାରେ ଆଜି ତ୍ୟାଗ ଓ ବଳିଦାନର ପର୍ବ ଇଦ୍-ଉଲ୍-ଜୁହା ତଥା ବକରିଦ ପାଳିତ ହୋଇ ଯାଇଛି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ସହରର ଇସଲାମ ଧର୍ମାବଲମ୍ବୀ ମାନେ ସକାଳେ ଦରଘା ମଇଦାନ ସମେତ ସହର ଏବଂ ଆଖପାଖ ଅଞ୍ଚଳର ୧୯ ଟି ମସଜିଦ ରେ ପହଞ୍ଚି ସାମୂହିକ ନମାଜ ପାଠ କରିଥିଲେ। ଦରଘା ମୈଦାନରେ ଅନୁଷ୍ଠିତ ସାମୁହିକ ନମାଜ ପାଠକୁ ସେଖ୍ ଆସିକୁର ରହେମାନ୍ କାଦ୍ରି ପରିଚାଳନା କରିଥିଲେ। ପରେ ସେମାନେ ପୂର୍ବ ପୁରୁଷଙ୍କ କବରସ୍ଥାନ ସ୍ଥଳରେ ମଧ୍ୟ ଫାତେହା ଦୁଆ କରିଥିଲେ। ନିଜ ଭିତରେ ଥିବା ଭେଦଭାବକୁ ଭୁଲି ପରସ୍ପରକୁ ଆଲିଙ୍ଗନ କରି ଇଦ୍-ଉଲ୍-ଜୁହାର ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସ ଦରଘା ମଇଦାନରେ ଉପସ୍ଥିତ ରହି ସମସ୍ତଙ୍କୁ ଇଦ୍-ଉଲ-ଜୁହା ର ଅଭିନନ୍ଦନ ଜଣାଇଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବାଲେଶ୍ୱର ପୁଲିସ ପକ୍ଷରୁ ସହରରେ ୫ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳରେ ପୁଲିସ ପକ୍ଷରୁ ବ୍ୟାପକ ପାଟ୍ରୋଲିଂ କରାଯାଉଥିବା ଲକ୍ଷ୍ୟ କରାଯାଇଛି। ଦରଘା ମଇଦାନ ରେ ଅନୁଷ୍ଠିତ ନମାଜ ପାଠ କାର୍ଯ୍ୟକ୍ରମରେ ହାଜି ମହମ୍ମଦ ଗୋଲାମ ଖାନ୍, ଆଇନଜୀବୀ ସେଖ୍ ଅବଦୁଲ ରଫିକ୍, ହାଜି ସେଖ୍ ଉସ୍ମାନ, ସେଖ୍ ସାକିଲ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

## ବାଲେଶ୍ୱର ଜିଲ୍ଲାରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ ପାଇଁ ସର୍ବଦଳୀୟ ବୈଠକ

ବାଲେଶ୍ୱର, ୨୮।୫ (ସମିସ): ବାଲେଶ୍ୱର ଜିଲ୍ଲାର ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ ପ୍ରକ୍ରିୟାକୁ ସ୍ୱଚ୍ଛ, ଶାନ୍ତିପୂର୍ଣ୍ଣ ଓ ସଫଳତାର ସହ ଶେଷ କରିବା ପାଇଁ ପ୍ରଶାସନିକ ସ୍ତରରେ ତତ୍ପରତା ପ୍ରକାଶ ପାଇଛି। ଏହି କ୍ରମରେ ଜିଲ୍ଲାର ଭୋଗରାଇ ଏବଂ ରେମୁଣା ନିର୍ବାଚନ ମଣ୍ଡଳୀ ସମେତ ବିଭିନ୍ନ ସ୍ଥାନରେ ପ୍ରଶାସନିକ ଅଧିକାରୀ ଓ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ନେଇ ଗୁରୁତ୍ୱପୂର୍ଣ୍ଣ ସର୍ବଦଳୀୟ ବୈଠକମାନ ଅନୁଷ୍ଠିତ ହୋଇଯାଇଛି। ୩୬-ଭୋଗରାଇ ନିର୍ବାଚନ ମଣ୍ଡଳୀ ପାଇଁ ବ୍ଲକ ସମ୍ମିଳନୀ କକ୍ଷଠାରେ ଏକ ସମୀକ୍ଷା ଓ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଭୋଗରାଇ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଫକୀର ମୋହନ ମେଡିକାଲ କଲେଜ ଓ ହସ୍ପିଟାଲ ର ପ୍ରଶାସନିକ ରେଜିଷ୍ଟ୍ରାରଙ୍କ ଅଧ୍ୟକ୍ଷତା କରିଥିଲେ। ଏଥିରେ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଏବଂ ସୁପରଭାଇଜରମାନଙ୍କ ସହ ସମସ୍ତ ପ୍ରମୁଖ ରାଜନୈତିକ ଦଳର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ସେହିପରି ରେମୁଣା ନିର୍ବାଚନ ମଣ୍ଡଳୀକୁ ନେଇ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ବାଲେଶ୍ୱର ଉପ-ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁରୂପ ଭାବେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ଅନ୍ୟାନ୍ୟ ନିର୍ବାଚନ ମଣ୍ଡଳୀ ଯଥା ବସ୍ତା, ସିମୁଳିଆ, ଜଳେଶ୍ୱର, ସୋର, ନୀଳଗିରି ଏବଂ ବାଲେଶ୍ୱର ସଦରରେ ସମ୍ପୃକ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ମାନଙ୍କ ଦ୍ୱାରା ଏଭଳି ପ୍ରସ୍ତୁତି ବୈଠକ ଶେଷ ହୋଇଛି। ଏହି ସର୍ବଦଳୀୟ ବୈଠକଗୁଡ଼ିକରେ ସ୍ୱତନ୍ତ୍ର ସଂଶୋଧନ ପ୍ରକ୍ରିୟାର ସମୟସୀମା ଏବଂ ଏହାର ଗୁରୁତ୍ୱ ସମ୍ପର୍କରେ ରାଜନୈତିକ ଦଳଗୁଡ଼ିକୁ ବିସ୍ତୃତ ଭାବେ ଅବଗତ କରାଯାଇଥିଲା। ବିଶେଷ କରି ପ୍ରତି ବୁଥ୍‌ରେ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ 'ବୁଥ୍‌ସ୍ତରୀୟ ଏଜେଣ୍ଟ' ନିଯୁକ୍ତ କରିବା ଏବଂ ସମଗ୍ର ପ୍ରକ୍ରିୟାରେ ସେମାନଙ୍କର ସକ୍ରିୟ ଅଂଶଗ୍ରହଣ ଉପରେ ପ୍ରଶାସନ ପକ୍ଷରୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ବୁଥ୍ ସ୍ତରୀୟ ଏଜେଣ୍ଟମାନେ ସ୍ଥାନୀୟ ସରକାରୀ ବୁଥ୍ ସ୍ତରୀୟ ଅଧିକାରୀ ମାନଙ୍କୁ ସଠିକ୍ ତଥ୍ୟ ପ୍ରଦାନ କରିବାରେ ସାହାଯ୍ୟ କରିବେ। ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ଏହି ସ୍ୱତନ୍ତ୍ର ସଂଶୋଧନର ମୂଳ ଉଦ୍ଦେଶ୍ୟ ହେଉଛି କୌଣସି ବି ଯୋଗ୍ୟ ନାଗରିକ ଯେପରି ଚୂଡ଼ାନ୍ତ ଭୋଟର ତାଲିକାରୁ ବାଦ୍ ନ ପଡ଼ନ୍ତି ଏବଂ କୌଣସି ଅଯୋଗ୍ୟ ବ୍ୟକ୍ତିଙ୍କ ନାମ ଯେପରି ଏଥିରେ ସାମିଲ ନ ହୁଏ।

## ରୋଟାରୀ ଗଭର୍ଣ୍ଣରଙ୍କ ଜଳେଶ୍ୱର କ୍ଲବ୍ ପରିଦର୍ଶନ

ଜଳେଶ୍ୱର, ୨୮।୫(ସମିସ): ଜଳେଶ୍ୱର ରୋଟାରୀ କ୍ଲବକୁ ରୋଟାରୀ ଜିଲ୍ଲା ୩୨୬୨ର ଡିଷ୍ଟ୍ରିକ ଗଭର୍ଣ୍ଣର ମନୋଜ କୁମାର ତ୍ରିପାଠୀଙ୍କ ଅଫିସିଆଲ ପରିଦର୍ଶନ ସହ ବିଭିନ୍ନ ଜନହିତକର ପ୍ରକଳ୍ପର ଶୁଭ ଉଦ୍‌ଘାଟନ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଜଳେଶ୍ୱର ରୋଟାରୀ କ୍ଲବ ସଭାପତି ସୁବୀର କୁମାର ସେନାପତିଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ଡିଷ୍ଟ୍ରିକ ଗଭର୍ଣ୍ଣର ମନୋଜ କୁମାର ତ୍ରିପାଠୀ, ସମ୍ମାନନୀୟ ଅତିଥି ଇନରହୁଇଲ ଚେୟାରମ୍ୟାନ ମଧୁସ୍ମିତା ତ୍ରିପାଠୀ, ଡିଏସଜି ସୁରେଶ କୁମାର ସାହୁ, ପୂର୍ବତନ ସଭାପତି ବିକାଶ କୁମାର ଧର, ନିତ୍ୟଗୋପାଳ ଦାସ, ସୁବ୍ରତ କୁମାର ରଣା, ଡଃ ଦିପ୍ତିମୟୀ ମହାପାତ୍ର, ରାଜେଶ କୁମାର ଖଟୁଆ, ସୁରେଶ କୁମାର ଦାଶ, ନନ୍ଦନ କୁମାର ଦତ୍ତ, କ୍ଲବ ସମ୍ପାଦକ ଅଂଶୁମାନ ରାଉତ ଇନରହୁଇଲ ସଭାପତି ଜୟନ୍ତୀ ରଣା, ସମ୍ପାଦକ ପାରମିତା ସ୍ୱାଇଁ ପ୍ରମୁଖ ରୋଟାରୀର ସମାଜ ସେବା କାର୍ଯ୍ୟ ସମ୍ବନ୍ଧୀୟ ବିଶେଷ ଆଲୋଚନା କରିଥିଲେ। କ୍ଲବର ପୂର୍ବତନ ସଭାପତି ପ୍ରଫୁଲ୍ଲ କୁମାର ଦାସ ଅତିଥି ପରିଚୟ ଓ ରୋଟାରୀ କ୍ଲବର ମୂଳ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପୂର୍ବତନ ସଭାପତି ପ୍ରବୀର କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଜଳେଶ୍ୱର ବସଷ୍ଟାଣ୍ଡ ସନ୍ନିକଟରେ ଶୁଦ୍ଧ ଓ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଓ ବରଡିହା ପଞ୍ଚାୟତ ନିମଡିହି ଠାରେ ରୋଟାରୀ କମ୍ୟୁନିଟି କ୍ଲିନିକ ସାଧାରଣ ଲୋକଙ୍କ ଉଦ୍ଦେଶ୍ୟରେ ଲୋକାର୍ପଣ କରାଯାଇଥିଲା।




## ବିଶ୍ୱ ରତୁସ୍ରାବ ସ୍ୱଚ୍ଛତା ଦିବସ ପାଳିତ

ବାଲେଶ୍ୱର, ୨୮।୫ (ସମିସ): ୟୁନିସେଫ, ସୟୁଥ ଫର୍ ୱାଟର ପ୍ଲସ ଓ ମେ ଆଇ ହେଲ୍ପ ୟୁ ତରଫରୁ ସ୍ଥାନୀୟ ସହଦେବଖୁଣ୍ଟା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ବିଶ୍ୱ ରତୁସ୍ରାବ ସ୍ୱଚ୍ଛତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ସଭା ସମାଜସେବୀ ଉବାଚକ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆୟୁଷ ମେଡିକାଲ ଅଫିସର ଡା. ଅସିତ ପ୍ରଧାନ ଯୋଗଦେଇ ରତୁଶ୍ରାବ ସମୟରେ ପରିଚ୍ଛନ୍ନତା, ହାତଧୁଆ, ସାନିଟାରୀ ପ୍ୟାଡ଼ର ବ୍ୟବହାର ସମ୍ପର୍କରେ ବୁଝାଇଥିଲେ। ଅନ୍ୟତମ ଅତିଥି ଶିଶୁ ମଙ୍ଗଳ କମିଟି ସଦସ୍ୟ ଯାଦବେଶ ମିଶ୍ର, ଶିକ୍ଷୟିତ୍ରୀ ମଞ୍ଜୁ ସିଂହ ଓ ଆଇସିଡିଏସ ସୁପରଭାଇଜର ମଧୁସ୍ମିତା ପ୍ରଧାନ ରତୁସ୍ରାବ ସମ୍ପର୍କିତ ଅନ୍ଧବିଶ୍ୱାସ ଓ କେିସର ସ୍ୱାସ୍ଥ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରତିମା ପ୍ରାମାଣିକ, ସସ୍ମିତା ଭୂୟାଁ, ଶେଫାଳି ମହାନ୍ତି, ଅନୁପମା ଦାଶ ଓ ଜୟନ୍ତି ବିଶ୍ୱାଳ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।




## ଅନୁପ୍ରବେଶକାରୀଙ୍କ ଉପରେ ପୁଲିସର ତୀକ୍ଷ୍ଣ ନଜର

ବାଲେଶ୍ୱର, ୨୮।୫(ସମିସ): ପଶ୍ଚିମବଙ୍ଗରେ ଅନୁପ୍ରବେଶକାରୀଙ୍କ ଚିହ୍ନଟ ପ୍ରକ୍ରିୟା ଚାଲିଥିବା ବେଳେ ଏହାକୁ ନେଇ ଓଡ଼ିଶା ପୋଲିସ ମଧ୍ୟ ସମ୍ପୂର୍ଣ୍ଣ ସତର୍କ ହୋଇଯାଇଛି। ବିଶେଷ କରି ପଶ୍ଚିମବଙ୍ଗ ସୀମାକୁ ଲାଗି ରହିଥିବା ଓଡ଼ିଶାର ପୂର୍ବାଞ୍ଚଳ ରେଞ୍ଜର ତିନୋଟି ପୁଲିସ ଜିଲ୍ଲା (ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକ) ଜିଲ୍ଲା ଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ସୀମାନ୍ତ ଦେଇ କୌଣସି ସନ୍ଦିଗ୍ଧ ବ୍ୟକ୍ତି ଯେପରି ଓଡ଼ିଶା ମଧ୍ୟକୁ ପ୍ରବେଶ ନ କରିପାରିବେ, ସେଥିପାଇଁ ପୋଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ପୂର୍ବରୁ ସରକାରଙ୍କ ନିର୍ଦ୍ଦେଶକ୍ରମେ ଏକ ବ୍ୟାପକ ଅଭିଯାନ ଚଳାଯାଇ ସନ୍ଦିଗ୍ଧ ବ୍ୟକ୍ତିମାନଙ୍କୁ ଚିହ୍ନଟ କରାଯାଇଥିଲା। ସେମାନେ ପ୍ରଦାନ କରିଥିବା କାଗଜପତ୍ରର ଯାଞ୍ଚ ପାଇଁ ସମ୍ପୃକ୍ତ ପ୍ରଶାସନ ପାଖକୁ ପଠାଯାଇଥିଲା ମାତ୍ର ସେତେବେଳେ କୌଣସି ସନ୍ତୋଷଜନକ ଉତ୍ତର ମିଳିନଥିଲା। ଏବେ ପୁନର୍ବାର ସୀମାନ୍ତ ରାଜ୍ୟରେ ଅନୁପ୍ରବେଶକାରୀଙ୍କୁ ନେଇ ସମାଚାର ହସ୍ତଗତ ହେବା ପରେ ପୋଲିସ ନିଜର ପ୍ରସ୍ତୁତି ଜୋରଦାର କରିଛି ବୋଲି ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ର ସୂଚନା ଦେଇଛନ୍ତି। ତାଙ୍କ ସୂଚନା ଅନୁସାରେ, ମୟୂରଭଞ୍ଜ ଏବଂ ବାଲେଶ୍ୱର ଜିଲ୍ଲାକୁ ମିଶାଇ ପ୍ରାୟ ୮୧୦ଟି ଥାନା ଅଞ୍ଚଳ ପଶ୍ଚିମବଙ୍ଗ ସୀମାକୁ ଲାଗି ରହିଛି। ସେହି ସବୁ ସୀମାନ୍ତ ଥାନାଗୁଡ଼ିକୁ ବିଶେଷ ଭାବେ ସତର୍କ କରାଯାଇଛି। ଯଦି କୌଣସି ସନ୍ଦିଗ୍ଧ ବ୍ୟକ୍ତି ସୀମା ଆରପାରିରୁ ଏହି ଅଞ୍ଚଳକୁ ଆସନ୍ତି ତେବେ ତୁରନ୍ତ ତଥ୍ୟ ନେବା ସହ ସେମାନଙ୍କ କାଗଜପତ୍ର ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମଗ୍ର ସୀମାନ୍ତ ଅଞ୍ଚଳ ଉପରେ ଏବେ ପୁଲିସ ତୀକ୍ଷ୍ଣ ନଜର ରଖିଛି। ନିକଟରେ ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗରେ ହୋଇଥିବା ନିର୍ବାଚନ ସମୟରେ, ନିର୍ବାଚନ କମିଶନଙ୍କ ଗାଇଡଲାଇନ ଅନୁଯାୟୀ ଓଡ଼ିଶା ପୋଲିସ ପକ୍ଷରୁ ଅନେକ ସ୍ପେଶାଲ ଚେକ୍‌ପୋଷ୍ଟ ନିର୍ମାଣ କରାଯାଇଥିଲା। ସେହି ସମୟରୁ ପୋଲିସ ପାଖରେ ଏକ ସ୍ପଷ୍ଟ ଚିତ୍ର ବା ଡାୟଗ୍ରାମ ରହିଛି ଯେ କେଉଁ କେଉଁ ପଥ ଦେଇ ସନ୍ଦିଗ୍ଧମାନେ ଅନୁପ୍ରବେଶ କରିବାର ସମ୍ଭାବନା ରହିଛି ଏବଂ କେଉଁ ଥାନାଗୁଡ଼ିକ ଅଧିକ ସଂବେଦନଶୀଳ। ଏହି ସମସ୍ତ ସୂଚନାକୁ ଆଧାର କରି ବର୍ତ୍ତମାନ ପାଟ୍ରୋଲିଂ ଓ ଜଗୁଆଳି ବ୍ୟବସ୍ଥାକୁ ଅଧିକ ସକ୍ରିୟ କରାଯାଇଛି। ଆଗକୁ ନିର୍ବାଚନ କମିଶନ କିମ୍ବା ସରକାରୀ ସ୍ତରରୁ ଏସ.ଆଇ. ଆର କିମ୍ବା ଅନ୍ୟ କୌଣସି ନିର୍ଦ୍ଦେଶନାମା ଓ ଗାଇଡଲାଇନ ଜାରି ହେଲେ, ସେହି ଅନୁଯାୟୀ ପରବର୍ତ୍ତୀ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି।

## ଜୁଣବଳଦା ହତ୍ୟାକାଣ୍ଡ; ମୃତକଙ୍କ ପରିବାରକୁ ଭେଟିଲେ ଜଳେଶ୍ୱର ବିଧାୟକ

ରାଜଘାଟ, ୨୮।୫ (ସମିସ): ବସ୍ତା ଥାନା କୁଳିଦା ପଞ୍ଚାୟତର ଜୁଣବଳଦା ଛକ ନିକଟରେ ଘଟିଥିବା ହତ୍ୟାକାଣ୍ଡ ଘଟଣାରେ ମୃତକଙ୍କ ପରିବାର ବର୍ଗଙ୍କୁ ଭେଟିଲେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର। ଗତ ୨୦ ତାରିଖ ବୁଧବାର ସନ୍ଧ୍ୟାରେ ବସ୍ତା ଥାନା ୧୬ ନଂ ଜାତୀୟ ରାଜପଥର ଜୁଣବଳଦା ଛକ ନିକଟରେ ଚାରି ଜଣ ଅଭିଯୁକ୍ତ ସଂଘବଦ୍ଧ ଭାବେ ଜୁଣବଳଦା ଗ୍ରାମର କମଳାକାନ୍ତ ମଲ୍ଲିକଙ୍କ ସାନ ପୁଅ ସଞ୍ଜିତଙ୍କୁ ଭୁଜାଲିରେ ହତ୍ୟା କରିଥିଲେ। ଘଟଣାସ୍ଥଳରେ ଦୀର୍ଘ ସମୟ ଧରି ଚାପା ଉତ୍ତେଜନା ସହ ଜାତୀୟ ରାଜପଥର ଉଭୟ ପାର୍ଶ୍ୱ ରାସ୍ତା ଅବରୋଧ ହୋଇଥିଲା। ଉକ୍ତ ଘଟଣାକୁ କେନ୍ଦ୍ର କରି ମୃତକଙ୍କ ପରିବାରକୁ ସୁରକ୍ଷା, କ୍ଷତିପୂରଣ ଓ ନ୍ୟାୟ ଦାବିରେ ଗତ ରବିବାର କୁଳିଦା ସଚେତନ ନାଗରିକ ମଞ୍ଚ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ମଧ୍ୟ କରାଯାଇଥିଲା। ଆଜି ଅପରାହ୍ନରେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, କୁଳିଦା ସରପଞ୍ଚ ଅନ୍ନପୂର୍ଣ୍ଣା ସେନାପତି ଓ ସ୍ଥାନୀୟ ନେତୃବୃନ୍ଦ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ମୃତକଙ୍କ ପରିବାରବର୍ଗଙ୍କୁ ସାକ୍ଷାତ କରି କିଛି ଆର୍ଥିକ ସହାୟତା କରିବା ସହ ଦୋଷୀଙ୍କୁ କଠୋରରୁ କଠୋରତମ ଦଣ୍ଡ ବିଧାନ ମାଧ୍ୟମରେ ମୃତକଙ୍କୁ ନ୍ୟାୟ ଦେବାପାଇଁ ସମସ୍ତ ପ୍ରକାରର ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି।



## ରେମୁଣା ନିର୍ବାଚନ ମଣ୍ଡଳୀସ୍ତରୀୟ ବିଏଲ୍‌ଓ ପ୍ରଶିକ୍ଷଣ ଶିବିର

ବାଲେଶ୍ୱର, ୨୮।୫ (ସମିସ)

ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ଭୋଟର ତାଲିକା ସଂଶୋଧନ ଓ ଏସ.ଆଇ.ଆର ପ୍ରକ୍ରିୟାକୁ ସଫଳ କରିବା ପାଇଁ ବ୍ୟାପକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଗତକାଲି ବାଲେଶ୍ୱର ଉପଜିଲ୍ଲାପାଳ ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କ ପ୍ରତ୍ୟକ୍ଷ ଅଧ୍ୟକ୍ଷତାରେ ୩୯-ରେମୁଣା (ଏସସି) ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଏକ ସ୍ୱତନ୍ତ୍ର ବିଏଲଓ ଓ ବିଏଲଓ ସୁପରଭାଇଜର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୨୭୧ ଜଣ ବିଏଲଓ ଏବଂ ୨୬ ଜଣ ବିଏଲଓ ସୁପରଭାଇଜର ଯୋଗଦେଇ ପ୍ରଶିକ୍ଷଣ ଗ୍ରହଣ କରିଛନ୍ତି। ସମଗ୍ର ଜିଲ୍ଲାରେ ପର୍ଯ୍ୟାୟକ୍ରମେ ଚାଲିଛି ପ୍ରଶିକ୍ଷଣ। ଏହି ପରିପେକ୍ଷୀରେ ରେମୁଣା ଭଳି ବାଲେଶ୍ୱର ଜିଲ୍ଲାର ଅନ୍ୟ ୭ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ମଧ୍ୟ ସମ୍ପୃକ୍ତ ଇଆରଓ ଏବଂ ଏଇଆରଓ ମାନଙ୍କ ନେତୃତ୍ୱରେ ପର୍ଯ୍ୟାୟକ୍ରମେ ଏହିପରି ବିଏଲଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜାରି ରହିଛି। ଭୋଟର ତାଲିକାକୁ ସମ୍ପୂର୍ଣ୍ଣ ତ୍ରୁଟିଶୂନ୍ୟ ଓ ଅପଡେଟ୍ କରିବା ଏହି ପ୍ରଶିକ୍ଷଣର ମୂଳ ଲକ୍ଷ୍ୟ। ଏହି ପ୍ରଶିକ୍ଷଣର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବି.ଏଲ.ଓ ମାନଙ୍କୁ ନୂତନ 'ଗଣନା ଫର୍ମ' ଏବଂ ସେମାନଙ୍କ ଦାୟିତ୍ୱ ବିଷୟରେ ଅବଗତ କରାଇବା। ବି.ଏଲ.ଓ ମାନେ ଖୁବ୍‌ଶୀଘ୍ର ଘରକୁ ଘର ବୁଲି ପ୍ରତ୍ୟେକ ଭୋଟରଙ୍କୁ ୨ଟି ଲେଖାଏଁ ଗଣନା ଫର୍ମ ପ୍ରଦାନ କରିବେ। ସେଥିମଧ୍ୟରୁ ଗୋଟିଏ ପୂରଣ ହୋଇଥିବା ଫର୍ମ ଭୋଟରଙ୍କ ଠାରୁ ସଂଗ୍ରହ କରାଯିବ। ଦ୍ୱିତୀୟ ଫର୍ମଟିକୁ ରସିଦ ବା ସ୍ୱୀକୃତିପତ୍ର ସ୍ୱରୂପ ଭୋଟରଙ୍କ ପାଖରେ ରଖାଯିବ। ଏହା ବ୍ୟତୀତ ଗଣନା ଫର୍ମର ଡିଜିଟାଇଜେସନ ପ୍ରକ୍ରିୟା, ତ୍ରୁଟି ସଂଶୋଧନ, ଅନୁପସ୍ଥିତ, ମୃତ, ସ୍ଥାନାନ୍ତରିତ ଏବଂ ନକଲି ଭୋଟରଙ୍କ ଚିହ୍ନଟ ପ୍ରକ୍ରିୟା ସହ 'ଇସିଆଇନେଟ' ମଡ୍ୟୁଲ୍ ର ବ୍ୟବହାର ସମ୍ପର୍କରେ କର୍ମଚାରୀମାନଙ୍କୁ ସବିଶେଷ ତାଲିମ ଦିଆଯାଇଛି। ଗ୍ରୀଷ୍ମ ପ୍ରବାହକୁ ନେଇ ସ୍ୱତନ୍ତ୍ର ଗାଇଡଲାଇନ ଜାରି ରହିଛି। ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ହୋଇଥିବା ସ୍ୱତନ୍ତ୍ର ନିର୍ଦ୍ଦେଶାବଳୀ ସମ୍ପର୍କରେ ମଧ୍ୟ ବିଏଲଓମାନଙ୍କୁ ସଚେତନ କରାଯାଇଛି। ବର୍ତ୍ତମାନର ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି କ୍ଷେତ୍ର ପରିଦର୍ଶନ ସମୟରେ ବିଶେଷ ସତର୍କତା ଅବଲମ୍ବନ କରିବାକୁ କୁହାଯାଇଛି। ବିଶେଷ କରି ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଘରକୁ ଘର ବୁଲିବା କାର୍ଯ୍ୟକୁ ବନ୍ଦ ରଖିବା ଏବଂ କାର୍ଯ୍ୟ ସମୟରେ ପ୍ରଚୁର ପାଣି ପିଇ ନିଜକୁ ସୁସ୍ଥ ରଖିବା ପାଇଁ ପରାମର୍ଶ ଦିଆଯାଇଛି। ଜିଲ୍ଲାରେ ଖୁବ୍ ଶୀଘ୍ର ଏସ.ଆଇ.ଆର ବା ସ୍ୱତନ୍ତ୍ର ସଂଶୋଧନ ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଥିବାରୁ, ବି.ଏଲ.ଓ ମାନେ ଯେତେବେଳେ ତଥ୍ୟ ସଂଗ୍ରହ ପାଇଁ ଘରକୁ ଯିବେ, ସେତେବେଳେ ସେମାନଙ୍କୁ ସଠିକ୍ ତଥ୍ୟ ଦେଇ ସହଯୋଗ କରିବାକୁ ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ସର୍ବସାଧାରଣଙ୍କୁ ଅନୁରୋଧ କରାଯାଇଛି।






## ବିଜେପିର ମିଶ୍ରଣ ପର୍ବ

ଜଳେଶ୍ୱର, ୨୮।୫(ସମିସ): ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବସ୍ତା ବ୍ଲକ କାଦରାୟାଁ ପଞ୍ଚାୟତରେ ବିଜେପିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଉତର ବାଲେଶ୍ୱର ଜିଲ୍ଲା ସଭାପତି ପ୍ରଦୀପ କୁମାର ପଣ୍ଡା ଯୋଗ ଦେଇଥିବା ଜଳେଶ୍ୱର ବିଜେପି ବିଧାୟକ ପ୍ରାର୍ଥୀ ବ୍ରଜମୋହନ ପ୍ରଧାନ, ସନ୍ତୋଷପୁର ପଞ୍ଚାୟତର ସଭାପତି ବିରଞ୍ଚନ ଦାସ ମହାପାତ୍ର, ଯୁବ ନେତା କାଳିଚରଣ ଦାସ, ସେକ ସାହିରୁଦ୍ଦିନ, ସେକ ହସିରୁଦ୍ଦିନ ବକ୍ସ, ସେକ ନଇମୁଦ୍ଦିନ, ସେକ ମରାଲ ମିଆଁ, ଲୋକମାନ ଖାଁନ, ୱାର୍ଡ ମେମ୍ବର ସସ୍ମିତା ଜେନା ଓ ସେକ ସାକିମୁଦ୍ଦିନ ପ୍ରମୁଖ ଯୋଗଦେଇ ଥିଲେ। ଶେଷରେ ସେକ ମଇଜୁଦ୍ଦିନ ଧନ୍ୟବାଦ ଅର୍ପଣ କରିଥିଲେ।

## ଲୁଣି ଓ ପଙ୍କ ମାଟିରେ ଚାଲିଛି ରାସ୍ତା କାମ

କାଳିପଦା, ୨୮।୫ (ସମିସ): ଠିକାଦାର ଓ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକାରେ ଚାଲିଛି ରାସ୍ତା କାମ। କୋଷ୍ଟ କେନାଲ ଲୁଣା ଓ ପଙ୍କ ମାଟିରେ ଚାଲିଛି ଗୁରୁତ୍ୱପୂର୍ଣ୍ଣ ରାସ୍ତା କାମ। ବିଭାଗ ସାଜିଛି ନିରବଦ୍ରଷ୍ଟା। ଲୋକଙ୍କ ଭିତରେ ଅସନ୍ତୋଷ। ତେବେ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତା ଯାହା ଉପରେ ଭବିଷ୍ୟତରେ ତିନୋଟି ନିର୍ବାଚନ ମଣ୍ଡଳୀର ଲୋକଙ୍କ ଗମନାଗମନ ତଥା ଭାରୀଯାନ ଚଳାଚଳ ପାଇଁ ନିର୍ମାଣ ହେଉଛି। ତାହାର ମୁଳଦୁଆ କିନ୍ତୁ ଲୁଣିମାଟି ଓ ପଙ୍କୁଆ ମାଟିରେ ପଡୁଛି। ରାସ୍ତା ନିର୍ମାଣର ଗାଇଡ ଲାଇନ ଉଲ୍ଲଂଘନ କରି ଚାଲିଛି ରାସ୍ତା କାମ। ସୂଚନାରୁ ପ୍ରକାଶ, ବାଲିଆପାଳ ବ୍ଲକ ଜାମକୁଣ୍ଡା ଲକ୍ ଠାରୁ କୋଷ୍ଟ କେନାଲ ପାଖଦେଇ ଜାତୀୟ ରାଜପଥ ୬୦ ହଳଦୀପଦାକୁ ଛୁଇଁବା ପାଇଁ ଦୀର୍ଘ ତିରିଶ କିଲୋମିଟର ନୂତନ ରାସ୍ତା ନିର୍ମାଣ ଚାଲିଛି। ତେବେ ଏହି ରାସ୍ତାଟି ଜିଲ୍ଲା ମୁଖ୍ୟାଳୟକୁ ଯୋଗାଯୋଗ ପାଇଁ ଭୋଗରାଇ, ବାଲିଆପାଳ ତଥା ସଦର ନିର୍ବାଚନ ମଣ୍ଡଳୀର ଲୋକଙ୍କ ପାଇଁ ସର୍ଟକର୍ଟ ରାସ୍ତା ହେବା ସହ ବହୁ କମ୍ ସମୟ ଭିତରେ ଜିଲ୍ଲା ମୁଖ୍ୟାଳୟକୁ ଲୋକେ ପହଞ୍ଚି ପାରିବେ। ଏହି ରାସ୍ତା ଭବିଷ୍ୟତରେ ତିନୋଟି ନିର୍ବାଚନ ମଣ୍ଡଳୀର ଲୋକଙ୍କ ଲାଇଫ୍ ଲାଇନ୍ ହେବାକୁ ଥିବାବେଳେ ଠିକାଦାର କିନ୍ତୁ ସରକାରୀ ନିୟମ କୁ ଉଲଂଘନ କରି ରାସ୍ତାରେ ଲୁଣା ପାଣି ସହିତ ପଙ୍କ ମାଟି ପକାଉଛନ୍ତି। ଫଳରେ ରାସ୍ତାର ସ୍ଥାୟୀତ୍ୱ ଓ ଗୁଣବତ୍ତା ଉପରେ ଉଠିଛି ପ୍ରଶ୍ନ। ଉକ୍ତ ରାସ୍ତା ଉପର ଦେଇ ଶହଶହ ଭାରି ଯାନ ଯିବାର ସମ୍ଭାବନା ଥିବାବେଳେ ଲୁଣି ତଥା ପଙ୍କ ମାଟି ଉପରେ କଂକ୍ରିଟ ଢଳେଇ ରାସ୍ତାର ସ୍ଥାୟୀତ୍ୱ କେତେ? ବିଭାଗୀୟ ଅଧିକାରୀ ତଥା ଯନ୍ତ୍ରୀ ଯେମିତି ଆଖିବୁଜିଥିବା ପରି ମନେ ହେଉଛି। ତେବେ ଏପରି ରାସ୍ତା ନିର୍ମାଣକୁ ଗ୍ରାମବାସୀ ବିରୋଧ କରିବା ସହ ରାସ୍ତାର ସ୍ଥାୟୀତ୍ୱ ନେଇ ପ୍ରଶ୍ନ ଉଠାଇଛନ୍ତି। ଏହାର ଏକ ନିରପେକ୍ଷ ତଦନ୍ତ ହେଉ ବୋଲି ସ୍ଥାନୀୟ ଲୋକ ଚାହିଁଛନ୍ତି। ଠିକାଦାର ଅଭିଯୋଗ କୁ ଖଣ୍ଡନ କରିଛନ୍ତି।








# ଭୁବନେଶ୍ୱର + କଟକ

# ଇଭି ଚାଲାଣ କଟାକୁ ନେଇ ଦୋ'ଛକିରେ ଚାଳକ

**ସାଧାରଣ ଚାଳକ ଦଣ୍ଡ ଗଣି ଗଣି ନୟାନ୍ତ: ସୁଧୁରି ପାରୁନି ବ୍ୟବସ୍ଥା**

କଟକ, ୨୮ ।୫(ସମିସ)

ସହରରେ ଇ.ଭି ତଥା ଇଲେକ୍ଟ୍ରିକ୍ ସ୍କୁଟି ଓ ବାଇକ୍ର ଚାଲାଣ କାଟିବାକୁ ନେଇ ସାଧାରଣ ଚାଳକମାନେ ଦ୍ୱନ୍ଦରେ ରହିଛନ୍ତି । କେଉଁ ଇଭି' ମାଲିକ ଟ୍ରାଫିକ୍ ନିୟମ ଉଲ୍ଲଙ୍ଘନ କଲେ ଜରିମାନା ଦେବେ ଏବଂ କେଉଁ ଇ.ଭି ମାଲିକ ଛାଡ ପାଇବେ, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ନହେବା କାରଣରୁ ଇଭି ଚାଳକମାନେ ଦଣ୍ଡ ଗଣୁଛନ୍ତି । ନିୟମ ନଜାଣି ଟ୍ରାଫିକ୍ ପୁଲିସ ସାଧାରଣ ଇଭି' ଚାଳକଙ୍କ ଠାରୁ ଫାଇନ୍ କାଟୁଥିବା ନେଇ ଅଭିଯୋଗ ଉଠିଛି । ମୋଟର ଯାନ ଆଇନ ଅନୁସାରେ ୨୫୦ୱାଟ୍ରୁ କମ୍ ଅବା ଘଣ୍ଟା ପ୍ରତି ସର୍ବାଧିକ ବେଗ ୨୫କି.ମି ବେଗରେ ଯାଉଥିବା ଦୁଇ ଚକିଆ ଇଭି ନିମନ୍ତେ ଡ୍ରାଇଭିଂ ଲାଇସେନ୍ସ ଓ ହେଲମେଟ୍ ଆବଶ୍ୟକତା ନାହିଁ । ମୁଖ୍ୟତଃ ଏହି ଇଭି' ଗୁଡ଼ିକ ସାଇକେଲ୍ ବର୍ଗରେ ଆସିଥାଏ । ଏଭଳି କ୍ଷମତା ସମ୍ପନ୍ନ କିଛି ଇଲେକ୍ଟ୍ରିକ୍ ସ୍କୁଟର ଓ ମୋପେଡ୍ ଏବେ ବଜାରରେ ଉପଲବ୍ଧ ରହିଛି । ଏଥି ନିମନ୍ତେ ଆରଟିଓ ରେଜିଷ୍ଟ୍ରେସନ୍ ଓ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ଜରୁରୀ ନୁହେଁ । ଏଭଳି ଇ.ଭି କ୍ଷେତ୍ରରେ ବୀମା ମଧ୍ୟ ଉପଲବ୍ଧ ନାହିଁ । ତେବେ ଏହି ନିୟମକୁ ଆଳ କରି ସଂଖ୍ୟାଧିକ ହାଇ ସ୍ପିଡ୍ ଇଭି(୨୫୦ୱାଟ୍ରୁ ଅଧିକ କ୍ଷମତା ଏବଂ ଘଣ୍ଟା ପ୍ରତି ସର୍ବାଧିକ ବେଗ ୨୫କି.ମିରୁ ଅଧିକ) ବଜାରରେ ଚଳାଚଳ କରୁଛନ୍ତି । ଏମାନଙ୍କ କ୍ଷେତ୍ରରେ ଡ୍ରାଇଭିଂ ଲାଇସେନ୍ସ, ହେଲମେଟ୍, ବୀମା ନିହାତି ଆବଶ୍ୟକ । ଏଭଳି ହାଇସ୍ପିଡ୍ ବର୍ଗର ଇଭି କ୍ଷେତ୍ରରେ ଟ୍ରାଫିକ୍ ନିୟମ କଡାକଡି ହୋଇଛି । ତେବେ ବିନା ହେଲମେଟ୍ ଓ ଡିଏଲ, ବୀମା ଲାଗୁ ହେଉନଥିବା କମ୍ କ୍ଷମତା ବିଶିଷ୍ଟ ଇଭି'କୁ ପୁଲିସ ଜରିମାନା ଆଦାୟ କରିବା କେତେ ଦୂର ଯୁକ୍ତିଯୁକ୍ତ ସେଥିନେଇ ପ୍ରଶ୍ନ ଉଠିଛି । ଅନ୍ୟପକ୍ଷରେ ଟ୍ରାଫିକ୍ ପୁଲିସ ଯାଞ୍ଚ ସମୟରେ ଇଲେକ୍ଟ୍ରିକ୍ ସ୍କୁଟି କେତେ କ୍ଷମତା ବିଶିଷ୍ଟ ତାହାକୁ ଧରିବା ପାଇଁ କୌଣସି ନିର୍ଦ୍ଦିଷ୍ଟ ବ୍ୟବସ୍ଥା ନଥିବାରୁ ଏଭଳି ସମସ୍ୟା ଉପୁଜୁଛି । ଆଜି ମର୍କତନଗର ସେକ୍ଟର-୧୧ ଅଞ୍ଚଳରେ ରହୁଥିବା ଅଭିମନ୍ୟୁ ବେହେରା ଇଭି'ର ଇ-ଚାଲାଣ କଟିବାକୁ ନେଇ ସେ ଏହ୍ୱରେ ଅଭିଯୋଗ କରି ରାଜ୍ୟ ସରକାରଙ୍କ ପରିବହନ ବିଭାଗ ଏବଂ ଗୃହ ବିଭାଗ, ଆରଟିଓ ଓ କମିଶନରେଟ୍ ପୁଲିସ ନିକଟରେ ଅଭିଯୋଗ କରିଛନ୍ତି । ଶ୍ରୀ ବେହେରାଙ୍କ ଅଭିଯୋଗ ହେଉଛି, ତାଙ୍କ ଇ-ସ୍କୁଟିର କ୍ଷମତା ମାତ୍ର ୨୫୦ ୱାଟ୍ରୁ କମ ଏବଂ ଘଣ୍ଟାପ୍ରତି ତାଙ୍କ ଗାଡିର ବେଗ ୨୫କି.ମିରୁ କମ ହୋଇଥିବା ବେଳେ ତାଙ୍କୁ ଅଯଥାରେ ଫାଇନ୍ କଟାଯାଇଛି ।

ଅଭିଯୋଗ ଅନୁସାରେ, କେତେକ ସୋରୁମ୍ ମାଲିକ ନିଜ ଗ୍ରାହକଙ୍କୁ ମିଛ କହି ଇଲେକ୍ଟ୍ରିକ୍ ସ୍କୁଟି, ବାଇକ୍ ବିକ୍ରୟ କରୁଛନ୍ତି । ଇଲେକ୍ଟ୍ରିକ୍ ଗାଡିରେ ଲାଇସେନ୍ସ କରିବା ଆବଶ୍ୟକତା ନାହିଁ, ହେଲମେଟ୍ ପିନ୍ଧିବାକୁ ପଡ଼ିବନି, ବୀମା ଦରକାର ନାହିଁ ଭଳି କଥା କହି ଗାଡି ବିକି ଦେଉଛନ୍ତି । ବିଶେଷ କରି ଗାଡି ଗୁଡ଼ିକର କ୍ଷମତା ୨୫୦ୱାଟ୍ରୁ ଅଧିକ ଥିଲେ ଲାଇସେନ୍ସ କିମ୍ବା ହେଲମେଟ୍ର ଆବଶ୍ୟକତା ନାହିଁ ବୋଲି କହି ଗ୍ରାହକଙ୍କୁ ସୋରୁମ୍ କର୍ମଚାରୀ ଗାଡି ଗୁଡିକ ବିକ୍ରୟ କରୁଛନ୍ତି । ଚାଲାଣ କଟିବା ସ୍ୱଭାବିକ ପ୍ରକ୍ରିୟା ହୋଇଥିବା ବେଳେ ରାଜ୍ୟ ସରକାର ଏ ବିଷୟକୁ ଗୁରୁତର ସହିତ ନେଇ ସମସ୍ତ ଜିଲ୍ଲାର ଆରଟିଓଙ୍କୁ ଇଭି ସୋ ରୁମ୍ ଉପରେ ଚଢଉ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ତେବେ ୨୫୦ୱାଟ କମ କ୍ଷମତା ସମ୍ପନ୍ନ ଇଭି'ରେ ଲାଇସେନ୍ସର ଆବଶ୍ୟକତା ନାହିଁ ବୋଲି ସରକାର ସ୍ପଷ୍ଟ କରିଛନ୍ତି । ଅନ୍ୟପକ୍ଷରେ କମିଶନରେଟ୍ ପୁଲିସ ପ୍ରତ୍ୟେକ ଇଭି' ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ, ହେଲମେଟ୍ ଓ ବୀମା କରିବା ବାଧ୍ୟତାମୂଳକ କରିବାକୁ ସରକାରଙ୍କୁ ପ୍ରସ୍ତାବ ଦେଇଥିବା ଜଣାପଡ଼ିଛି ।

## ଗ୍ୟାସ୍ ଖୋଲି ନିଆଁ ଲଗାଇଦେଲା

ଭୁବନେଶ୍ୱର, ୨୮।୫ (ସମିସ): ରାଜଧାନୀର ପଳାଶପଲ୍ଲୀ ଅଞ୍ଚଳରେ ଅଭାବନୀୟ ଘଟଣା ଘଟିଛି । ଗ୍ୟାସ୍ ଖୋଲି ନିଆଁ ଲଗାଇ ଦେଇଛି ନିଶାସକ୍ତ ଯୁବକ । ନିଆଁ ଲାଗି ଘରର ଆସବାବପତ୍ର ପୋଡ଼ି ଯାଇଥିବା ବେଳେ ଅଭିଯୁକ୍ତକୁ ଗିରଫ କରିଛି ଏୟାରପୋର୍ଟ ଥାନା ପୁଲିସ । ଗିରଫ ଅଭିଯୁକ୍ତ ହେଉଛି ଲିଙ୍ଗରାଜ କଲୋନୀ ଅଞ୍ଚଳର ହୃଷୀକେଶ ନାୟକ (୨୩) ।

ପୁଲିସ ସୂଚନାନୁସାରେ, ହୃଷୀକେଶ ଗତ କିଛି ଦିନ ଧରି ମଦ୍ୟପାନ କରିବା ସହ ଘରେ ଅଶାନ୍ତି ସୃଷ୍ଟି କରୁଥିଲା । ବୁଧବାର ରାତିରେ ହୃଷୀକେଶ ତା'ର ମାଆଙ୍କୁ ଗାଳିଗୁଲଜ କରିବା ସହ ମାରପିଟ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲା । ଏଥିସହିତ ଘରର ବିଭିନ୍ନ ସାମଗ୍ରୀ ଭଙ୍ଗାରୁଜା କରିଥିଲା । ହଠାତ୍ ଗ୍ୟାସ୍ ପାଇପ ଖୋଲି ନିଆଁ ଲଗାଇ ଦେଇଥିଲା । ଫଳରେ ଘରେ ନିଆଁ ଲାଗି ଯାଇଥିଲା । ଘରର ଆସବାବପତ୍ର ପୋଡ଼ି ନଷ୍ଟ ହୋଇଯାଇଥିଲା । ଏନେଇ ହୃଷୀକେଶର ମାଆ ଏୟାରପୋର୍ଟ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା । ଆଜି ଏୟାରପୋର୍ଟ ଥାନା ପୁଲିସ ସଞ୍ଜୟକୁ ଗିରଫ କରି କୋର୍ଟ ଚାଲାଣ କରିଛି ।

**ବିଏମ୍‌ସିର ବିଚିତ୍ର ନୀତି**

## କଂକ୍ରିଟ ରାସ୍ତା ଭାଙ୍ଗି ପେଭର୍ ବ୍ଲକ୍ ବିଛା କାହା ସ୍ୱାର୍ଥରେ?

ଭୁବନେଶ୍ୱର, ୨୮ ।୫(ସମିସ): ଭୁବନେଶ୍ୱର ମହାନଗର ନିଗମର ବିଭିନ୍ନ୍ ୱାର୍ଡରେ ଭଲ ଅବସ୍ଥାରେ ଥିବା ଉଚ୍ଚମାନର ବ୍ୟବହାର ଉପଯୋଗୀ ରାସ୍ତା ଏପରିକି ଛଅ ଇଞ୍ଚ କଂକ୍ରିଟ ଢଳେଇ ଥିବା ରାସ୍ତାଗୁଡିକୁ ବିନା କାରଣରେ ଭାଙ୍ଗି ପେଭାର ବ୍ଲକ ପକେଇବା କାହା ସ୍ୱାର୍ଥରେ ବୋଲି କଣ୍ଠ ଶିଳ୍ପୀ ସୋମା ପୃଷ୍ଟି ପ୍ରଶ୍ନ କରିଛନ୍ତି । ଏବେ ବୁଦ୍ଧେଶ୍ୱରୀ କଲୋନୀରେ ଥିବା କଂକ୍ରିଟ ରାସ୍ତାକୁ ଭାଙ୍ଗିବା ଉଦାହରଣ ଦେଉଛନ୍ତି ।ମହାନଗର ନିଗମର କଂକ୍ରିଟ ଢଳେଇ ରାସ୍ତା ବେଶ୍ ଉଚ୍ଚ ମାନର, ଏଥିରେ ସନ୍ଦେହ ନାହିଁ । ସେ ଦୃଷ୍ଟିରୁ କର୍ତ୍ତୃପକ୍ଷ ଜନପ୍ରତିନିଧି ଓ ଠିକାଦାରଙ୍କୁ ଶ୍ରୀମତୀ ପୃଷ୍ଟି ତାରିଫ୍ କରିଥିବା ବେଳେ କେବଳ ସଂସ୍ଥା, ପିଏଚ୍‌ଡି, ବିଜୁଳି, ସ୍ୱେରେଜ୍ ଭଳି ଅନ୍ୟ ବିଭାଗର କିଛି କିଛି ଗଳିରେ ତ୍ରୁଟିକୁ ଅଳ୍ପ ଖର୍ଚ୍ଚରେ ମରାମତି କରିବା ପରିବର୍ତ୍ତେ ପୁରା ଭାଙ୍ଗି ନୂଆ ଗଳି ରାସ୍ତା ତିଆରି ରେ କଣ ପାଇଁ ଅଜସ୍ର ଟଙ୍କା ଖର୍ଚ୍ଚ କରୁଛି ବୋଲି ସେ ପ୍ରଶ୍ନ ଉଠାଇଛନ୍ତି । କିଛି ସ୍ଥାନରେ ଲୋକେ ଦାବି କରୁଛନ୍ତି । ମହାନଗର ନିଗମର ଯନ୍ତ୍ରୀ ଓ ଅଧିକାରୀମାନେ ସଫେଇ ଦେଉଥିବା ବେଳେ ନିଜ ରୋଷେଇ ଘରେ ରଙ୍ଗ ଛାଡ଼ି ଗଲେ କଣ ପୁରା କୋଠା ଭାଙ୍ଗି ଯନ୍ତ୍ରୀ ଅଧିକାରୀ ନୂଆ କୋଠା କରିବେକି ବୋଲି ସେ ପ୍ରଶ୍ନ କରିଛନ୍ତି । ଭୁବନେଶ୍ୱର ମହାନଗର ନିଗମ ଖାଲଖମା ରାସ୍ତାକୁ ସଠିକ୍ ଦୀର୍ଘସ୍ଥାୟୀ ମରାମତି କରନ୍ତୁ । ଅଯଥା ବ୍ୟବହାର ଉପଯୋଗୀ ପୁରୁଣା କଂକ୍ରିଟ ରାସ୍ତାକୁ ଭାଙ୍ଗି ନୂଆ ରାସ୍ତା କରି ଅର୍ଥ ନଷ୍ଟ ନ କରିବାକୁ ଭୁବନେଶ୍ୱର ମହାନଗର ନିଗମ ଅଧକ୍ଷା ସୁଲୋଚନା ଦାସ, ସମସ୍ତ କର୍ପୋରେଟର ବିଏମ୍‌ସି କମିସନରଙ୍କୁ ଅନୁରୋଧ କରିଛନ୍ତି ।

**● ମହିଳା ଶ୍ରମିକଙ୍କୁ ଯୌନ ନିର୍ଯାତନା**

## ଥାନାରେ ଦ୍ୱାରସ୍ଥ ହେଲେ ପୀଡ଼ିତା

କଟକ, ୨୮ ।୫(ସମିସ): ରାଜ୍ୟରେ ଆଇନ୍ ଶୃଙ୍ଖଳା ପରିସ୍ଥିତି ଜଟିଳ ହୋଇପଡ଼ିଥିବା ବେଳେ ଆଉ ଏକ ସମ୍ବେଦନଶୀଳ ଓ ଅଭାବନୀୟ ଘଟଣା କଟକ ସଦର ଥାନା ଅନ୍ତର୍ଗତ ବାଲିକୁଦା ବଙ୍ଗଳା ପଡ଼ିଆ ଅଞ୍ଚଳରୁ ସାମ୍ନାକୁ ଆସିଛି । ଏହି ଅଞ୍ଚଳରେ ରହୁଥିବା ଜଣେ ମହିଳା ଦୀର୍ଘ ୧୫ ବର୍ଷ ହେବ ସପରିବାରେ ରହି ଦିନ ମଜୁରିଆ ଭାବେ କାମକରି ପରିବାର ଭରଣପୋଷଣ କରିଆସୁଛନ୍ତି । ସଦର ଥାନା ଅନ୍ତର୍ଗତ ଡାହାଳିଆବାଗ ଗ୍ରାମ ଅଞ୍ଚଳର ଜନୈକ ଠିକାଦାର ପୀଡ଼ିତାଙ୍କୁ ବିଭିନ୍ନ ପ୍ରକାରର ଧମକ ଦେଇ ଦୀର୍ଘ ବର୍ଷ ଧରି ଜୋର ଜବରଦସ୍ତ ଯୌନ ନିର୍ଯାତନା ଦେଉଥିବା ଥାନାରେ ଅଭିଯୋଗ ହୋଇଛି ।

ଅଭିଯୋଗ ଅନୁସାରେ, ସମ୍ପୃକ୍ତ ଠିକାଦାର ମହିଳାଙ୍କ ଦୈନିକ ଉପଯୁକ୍ତ ପାରିଶ୍ରମିକ ଅର୍ଥ ଦେଉ ନଥିଲେ । ପ୍ରତିବାଦ କଲେ ଜୀବନରୁ ମାରିଦେବାକୁ ବିଭିନ୍ନ ପ୍ରକାର ଧମକ ଦେଉଥିଲେ । ଠିକାଦାରଙ୍କ ମାନସିକ ଓ ଶାରୀରିକ ନିର୍ଯାତନା ଅସହ୍ୟ ହେବାରୁ ପୀଡ଼ିତା ନ୍ୟାୟ ପାଇଁ ସଦର ଥାନାରେ ଗତ ୨୬ ତାରିଖରେ ଲିଖିତ ଅଭିଯୋଗ କରିଛନ୍ତି । ସମ୍ପୃକ୍ତ ଠିକାଦାର ଜଣଙ୍କ ଗତ ମେ ୨୫ ତାରିଖରେ ବିଳମ୍ବିତ ରାତିରେ ପୀଡ଼ିତା ପରିବାର ରହୁଥିବା ବାଲିକୁଦା ବଙ୍ଗଳା ପଡ଼ିଆସ୍ଥିତ ଘରେ ସଂଘବଦ୍ଧ ଭାବେ ଘରେ ଜୋର ଜବରଦସ୍ତ ତାଲା ପକାଇ ଦେଇଥିଲେ । ଏଥି ସହିତ ପୀଡ଼ିତାଙ୍କୁ ଗାଳିଗୁଲଜ କରି ଘରୁ ବାହାର କରିବା ପାଇଁ ଉଦ୍ୟମ କରୁଥିବା ସମୟରେ ପୀଡ଼ିତାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଅଞ୍ଚଳର ମହିଳା ଓ ପୁରୁଷମାନେ ଘଟଣା ସ୍ଥଳରେ ପହଞ୍ଚି ଯିବାରୁ ଅଭିଯୁକ୍ତମାନେ ଫେରାର୍ ହୋଇଯାଇଥିଲେ ବୋଲି ଏତଲାରେ ଦର୍ଶାଯାଇଛି । ତେବେ ଘଟଣାର ତଦନ୍ତ କରି ପୀଡ଼ିତାଙ୍କ ନ୍ୟାୟ ପ୍ରଦାନ କରିବାକୁ ତାଙ୍କ ପରିବାର ପକ୍ଷରୁ ପୁଲିସ ନିକଟରେ ନିବେଦନ କରାଯାଇଛି ।

## ଶ୍ରୀଗୁରୁଜୀ ପ୍ରଭାତ ଶାଖାର ଧ୍ୱଜପ୍ରାପ୍ତି ଉତ୍ସବ

ଭୁବନେଶ୍ୱର, ୨୮ ।୫(ସମିସ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର 'ଶ୍ରୀ ଗୁରୁଜୀ ପ୍ରଭାତ ଶାଖାର ଧ୍ୱଜ ପ୍ରାପ୍ତି ଉତ୍ସବ' ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଭରତପୁର ସ୍ଥିତ ବୀଣା ଭାରତୀ ଶିଶୁ ମନ୍ଦିର ସମ୍ମୁଖ ପଡ଼ିଆରେ ପ୍ରାୟ ଦୁଇରୁ ତିନି ବର୍ଷ ପୂର୍ବେ ସାପ୍ତାହିକ ମିଳନ ଭାବେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ପରେ ନିତ୍ୟ ଶାଖାରେ ପରିଣତ ହୋଇ ଆଜି ଧ୍ୱଜ ପ୍ରାପ୍ତି କରିଛି । ଉତ୍ସବରେ ସ୍ୱୟଂସେବକମାନେ ଶାରୀରିକ ଦକ୍ଷତା, ଅନୁଶାସନ ଓ ନିଷ୍ଠାର ପ୍ରଦର୍ଶନ କରିଥିଲେ । ଅବସରପ୍ରାପ୍ତ ଇଞ୍ଜିନିଅର ସୁବାସ ଚନ୍ଦ୍ର ସିଂହ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଖଣ୍ଡଗିରି ଭାଗ ସଂଘଚାଳକ ବିଜୟ କେତନ ସାହୁଙ୍କ ଉପସ୍ଥିତିରେ କଳିଙ୍ଗନଗରର ବୌଦ୍ଧିକ ଶିକ୍ଷଣ ପ୍ରମୁଖ ସତ୍ୟ ପ୍ରକାଶ ପଟ୍ଟନାୟକ ମୁଖ୍ୟ ବକ୍ତା ଭାବେ ସ୍ୱୟଂସେବକମାନଙ୍କୁ ସଂଘର ବିଚାରଧାରା, ଶୃଙ୍ଖଳିତ ସମାଜ ଗଠନ, ବ୍ୟକ୍ତିତ୍ୱ ବିକାଶ ଓ ସେବା ମନୋଭାବ ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ । ପ୍ରଶାନ୍ତ କୁମାର ରାଉତ ମୁଖ୍ୟ ଶିକ୍ଷକ ଭାବେ ଶାଖା କାର୍ଯ୍ୟ ପରିଚାଳନା କରିଥିବାବେଳେ ହୃଷୀକେଶ ମହାରଣା ସଂଘ ପ୍ରାର୍ଥନା କରିଥିଲେ ।

## 'ପଞ୍ଚମ ଶିବରାମ ସ୍ମାରକ ବକ୍ତୃତାମାଳା'




ଭୁବନେଶ୍ୱର, ୨୮ ।୫(ସମିସ): ସଂଗ୍ରାମୀ ସାଥୀ ଶିବରାମଙ୍କ ମୃତ୍ୟୁର ଷଷ୍ଠ ବାର୍ଷିକୀ ଅବସରରେ 'ପଞ୍ଚମ ଶିବରାମ ସ୍ମାରକ ବକ୍ତୃତାମାଳା' ଗୁରୁବାର ଲୋହିଆ ଏକାଡେମୀ ସଭାଗୃହରେ ଆୟୋଜିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ବକ୍ତୃତାମାଳାରେ ଭୂ ରାଜନୀତି ଏବଂ ସାମ୍ପ୍ରତିକ ପରିସ୍ଥିତି ଶୀର୍ଷକ ବିଷୟବସ୍ତୁ ଉପରେ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଡା. ବୀରେନ୍ଦ୍ର ନାୟକ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ସଭାକୁ ଶିବରାମ ସ୍ମୃତି କମିଟିର ଆବାହକ ବିଶ୍ୱପ୍ରିୟ କାନୁନଗୋ ସଂଯୋଜନାରେ ବସ୍ତି ସୁରକ୍ଷା ମଞ୍ଚର ସଭାପତି ହେନାରାଣୀ ସଭାପତିତ୍ୱ କରିଥିଲେ ଏବଂ ନରେନ୍ଦ୍ର ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ । ମାନବବାଦୀ ଭୂ-ରାଜନୀତିରେ ଜନତା ହେଉଛନ୍ତି ସର୍ବୋପରି ଏବଂ ସଂଖ୍ୟାଗରିଷ୍ଠ ଜନସାଧାରଣଙ୍କ ଦ୍ୱାରା ଏକ ମୁକ୍ତ, ଯୁକ୍ତିଯୁକ୍ତ ତଥା ସମାନତା ପୂର୍ଣ୍ଣ ଏବଂ ଶୋଷଣ ବିହୀନ ସମାଜ ଗଠନ ପାଇଁ ଆମର ଉଦ୍ୟମ ଜାରି ରହିବା ଅତ୍ୟନ୍ତ ଜରୁରୀ ବୋଲି କହିଥିଲେ ।

## ଋତୁସ୍ରାବ ପରିଚ୍ଛନ୍ନତା ଉପଲକ୍ଷେ ଏମ୍ସ ପକ୍ଷରୁ ସଚେତନତା ବାର୍ତ୍ତା ପ୍ରସାର

ଭୁବନେଶ୍ୱର, ୨୮ ।୫(ସମିସ):ଋତୁସ୍ରାବ ପରିଚ୍ଛନତା ଅବସରରେ ଏମ୍ସ ଭୁବନେଶ୍ୱର ପ୍ରତିଟି ଝିଅ ଓ ମହିଳାଙ୍କ ପାଇଁ ସମ୍ମାନ, ସ୍ୱଛତା ଏବଂ ଯତ୍ନର ବାର୍ତ୍ତା ପ୍ରସାର କରିଛି । ସ୍ତ୍ରୀରୋଗ ବିଭାଗର ପ୍ରଫେସର ଡା. ଶ୍ୱେତା ସିଂହ ମାସିକ ସ୍ୱଛତାର ଗୁରୁତ୍ୱ ଉପରେ ଜୋର୍ ଦେଇ କହିଛନ୍ତି ଯେ, ସ୍ୱଛତା ବଜାୟ ରଖିବା ପାଇଁ ସ୍ୟାନିଟାରି ପ୍ୟାଡ୍ ନିୟମିତ ବଦଳାଇବା ଉଚିତ୍ । ଏହାଦ୍ୱାରା ସଂକ୍ରମଣ ରୋକାଯିବା ସହ ସ୍ୱାସ୍ଥ୍ୟ ଭଲ ରହିବ । ସେହିପରି ଡ. ସିଂହ ଓଡ଼ିଶାର ପାରମ୍ପରିକ ରଜ ପର୍ବକୁ ମହିଳା କଲ୍ୟାଣ ସହ ଯୋଡ଼ି କହିଛନ୍ତି ଯେ, ରଜ ପର୍ବ ମହିଳାତ୍ୱ, ଋତୁସ୍ରାବ ଏବଂ ଉର୍ବରତାର ସମ୍ମାନର ପ୍ରତୀକ । ଏହି ପର୍ବ ମାଧ୍ୟମରେ ସମାଜକୁ ମାସିକ ସ୍ୱାସ୍ଥ୍ୟ ବିଷୟରେ ସଚେତନତା, ନିରାପତ୍ତା ଏବଂ ସହାନୁଭୂତି ବଢ଼ାଇବାକୁ ସେ ଆହ୍ୱାନ ଦେଇଛନ୍ତି । ଚଳିତ ବର୍ଷ ଏହି ଦିବସର ଥିମ୍ 'ଟୁଗେଦର୍ ଫର୍ ଏ ପିରିୟଡ୍ ଫ୍ରେଣ୍ଡଲି ଇଣ୍ଡିଆ' ଅନୁଯାୟୀ ସମସ୍ତଙ୍କୁ ଆହ୍ୱାନ କରାଯାଇଛି ଯେ, ମାସିକ ଋତୁ ବିଷୟରେ ଥିବା କୁସଂସ୍କାର ଭାଙ୍ଗିବା, କଳଙ୍କ ଦୂର କରିବା ଏବଂ ଏକ ସ୍ୱାସ୍ଥ୍ୟକର ଓ ଅନ୍ତର୍ଭୁକ୍ତିମୂଳକ ସମାଜ ଗଢ଼ିବା ପାଇଁ ସମସ୍ତେ ଏକତ୍ର କାର୍ଯ୍ୟ କରନ୍ତୁ । ଏମ୍ସ ଭୁବନେଶ୍ୱର ଏହି ଅବସରରେ ଯୁବତୀ ଓ ମହିଳାଙ୍କ ମଧ୍ୟରେ ସଚେତନତା ବଢ଼ାଇବା ଲକ୍ଷ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ।

**ଦୁଷ୍କର୍ମ ମାମଲାରେ ନିମ୍ନ ଅଦାଲତଙ୍କ ରାୟ କାଏମ**

## ହାଇକୋର୍ଟରେ ସରକାରଙ୍କ ଆବେଦନ ଖାରଜ

କଟକ, ୨୮ ।୫(ସମିସ): ଏକ ଦୁଷ୍କର୍ମ ମାମଲାରେ ଅଭିଯୁକ୍ତକୁ ନିମ୍ନ ଅଦାଲତ ଦୋଷମୁକ୍ତ କରିଥିବା ବେଳେ ଏହି ଆଦେଶ ବିରୋଧରେ ସରକାରଙ୍କ ପକ୍ଷରୁ ରୁଜୁ ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି । ଫୌଜଦାରୀ ମାମଲା ଶୁଣାଣି କରୁଥିବା ନିମ୍ନ ଅଦାଲତ ଦେଇଥିବା ଦୋଷମୁକ୍ତ ରାୟ ବେଆଇନ ବା ଅଯୌକ୍ତିକ ହୋଇ ନ ଥିଲେ ମଧ୍ୟ ଏଥିରେ ଉଚ୍ଚ ଅଦାଲତ ହସ୍ତକ୍ଷେପ କରିବା ଉଚିତ ନୁହେଁ ବୋଲି କହିଛନ୍ତି ହାଇକୋର୍ଟ । ଏକ ଦୁଷ୍କର୍ମ ମାମଲାରେ ଅଭିଯୁକ୍ତକୁ ଦୋଷମୁକ୍ତ କରି ସୁନ୍ଦରଗଡ଼ ସ୍ୱତନ୍ତ୍ର ଅଦାଲତ ପ୍ରଦାନ କରିଥିବା ରାୟ ବିରୋଧରେ ରାଜ୍ୟ ସରକାରଙ୍କ ତରଫରୁ ଦାୟର ଆବେଦନକୁ ହାଇକୋର୍ଟ ଖାରଜ କରିଛନ୍ତି । ଡକ୍ଟର ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ଏପରି ରାୟ ପ୍ରଦାନ କରିଛନ୍ତି । ମାମଲାର ବିବରଣୀରୁ ପ୍ରକାଶ ଯେ ଦୁଷ୍କର୍ମ ପରେ ବିବାହ ପ୍ରତିଶ୍ରୁତି ଦେଇ ପୀଡିତାଙ୍କ ସହିତ ଅଭିଯୁକ୍ତ ବାରମ୍ବାର ଶାରୀରିକ ସମ୍ପର୍କ ରଖିବା ଅଭିଯୋଗକୁ ନେଇ କିଞ୍ଜିରକେଲା ଥାନାରେ ମାମଲା ରୁଜୁ ହୋଇଥିଲା । ୨୦୦୮, ଜାନୁଆରୀ ୧୭ରେ ସୁନ୍ଦରଗଡ଼ ସ୍ୱତନ୍ତ୍ର ଅଦାଲତ ମାମଲାର ରାୟ ପ୍ରକାଶ କରି ଅଭିଯୁକ୍ତ ଦାମୋଦର ସାହୁଙ୍କୁ ଆଇପିସିର ଦଫା ୩୭୬, ୪୧୭ ଓ ଏସସି ଏସଟି (ପିଏ) ଆଇନର ଧାରା ୩(୧) ରୁ ଦୋଷମୁକ୍ତ କରିଥିଲେ । ଏହି ରାୟକୁ ଚାଲେଞ୍ଜ କରି ରାଜ୍ୟ ସରକାରଙ୍କ ତରଫରୁ ୨୦୦୮ ରେ ହାଇକୋର୍ଟରେ ମାମଲା ରୁଜୁ କରାଯାଇଥିଲା । ସାକ୍ଷ୍ୟପ୍ରମାଣକୁ ଉପଯୁକ୍ତ ଭାବେ ତର୍ଜମା କରି ଟ୍ରାଏଲ ଅଦାଲତ ରାୟ ପ୍ରଦାନ କରିଥିବା ବେଳେ ଏଥିରେ ହସ୍ତକ୍ଷେପ କରିବାକୁ ହାଇକୋର୍ଟ ମନା କରିଛନ୍ତି । ପ୍ରତିପକ୍ଷଙ୍କ ତରଫରୁ ଆଇନଜୀବୀ ତାରାକାନ୍ତ ନନ୍ଦ ମାମଲା ପରିଚାଳନା କରୁଥିଲେ ।

## ଚିଲିପୋଖରୀଠାରେ ବ୍ରହ୍ମେଶ୍ୱର ଚନ୍ଦନ ଉତ୍ସବ

ଧଉଳି ୨୮।୫(ସମିସ): ଭୁବନେଶ୍ୱର ଟଙ୍କପାଣିରୋଡସ୍ଥିତ, ଚିଲିପୋଖରୀଠାରେ ବ୍ରହ୍ମେଶ୍ୱର ଚନ୍ଦନ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି । ଏହାର ନେତୃତ୍ୱ ନେଇଥିଲେ କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ (କାପୋକ)ର ଅଧ୍ୟକ୍ଷ ତଥା ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗଗ ବୋର୍ଡର ପୂର୍ବତନ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାୟ, ପୂର୍ବତନ କର୍ପୋରେଟର ମଳୟ ମହାପାତ୍ର ଓ ବ୍ରହ୍ମେଶ୍ୱର ସଂସ୍କୃତିକ ପରିଷଦର ସଭାପତି ପ୍ରଶାନ୍ତ କିଶୋର ରାୟ । ରାଜେନ୍ଦ୍ର ସମର୍ଥା, ବିରଞ୍ଚି ନାରାୟଣ ମହାସୁପକାର, ପ୍ରତାପ ସାହୁ, ଦେବୀ ପ୍ରସାଦ ନନ୍ଦ, ବଳରାମ ସ୍ୱାଇଁ, ବିକ୍ରମ ସୁନ୍ଦରାୟ, ବାମଦେବ ଗଜେନ୍ଦ୍ର, ରବୀନ୍ଦ୍ର ପାତ୍ର, ପ୍ରମୋଦ ମହାପାତ୍ର ପ୍ରମୁଖଙ୍କ ସହଯୋଗରେ ଶ୍ରୀ ଜଗନ୍ନାଥଙ୍କ ବୟାଳିଶି ଦିବସୀୟ ଓ ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ବାଇଶି ଦିବସୀୟ ପବିତ୍ର ଚନ୍ଦନ ଯାତ୍ରା ଉତ୍ସବ ଅନୁଷ୍ଠିତ ହୋଇଥିଲା ।



ଉକ୍ତ କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥିମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ନିରଞ୍ଜନ ପୂଜାରୀ, ଭୁବନେଶ୍ୱର-ମଧ୍ୟମ ବିଧାୟକ ଅନନ୍ତ ନାରାୟଣ ଜେନା, ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ, ମେୟର ସୁଲୋଚନା ଦାସ, ରାଜ୍ୟସଭା ସାଂସଦ ସୁଲତା ଦେଓ, ପୂର୍ବତନ ମନ୍ତ୍ରୀ ସୁରେଶ ରାଉତରାୟ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ, ପୂର୍ବତନ ମନ୍ତ୍ରୀ ଭୂପିନ୍ଦର ସିଂ, ପୂର୍ବତନ ପୋଲିସ କମିଶନର ଅରୂପ ପଟ୍ଟନାୟକ, ବିଜେଡି ନେତା କ୍ୟାପେଟେନ ମନ୍ମଥ ଭାରତରାୟ, ବିଜେପି ନେତା ନିରଞ୍ଜନ ମିଶ୍ର, ବ୍ଲକ ଅଧ୍ୟକ୍ଷା ନିରୂପମା ସାହୁ, ବିଜେଡି ନେତ୍ରୀ ସୁମିତ୍ରା ଜେନା, ବିଜେପି ନେତ୍ରୀ ରଶ୍ମୀ ମହାପାତ୍ର, ପୂର୍ବତନ ଅଧ୍ୟକ୍ଷ ସନ୍ତୋଷ ମହାନ୍ତି, କଂଗ୍ରେସ ନେତା ଶିବାନନ୍ଦ ରାଏ, ସମାଜସେବୀ ପ୍ରତାପ ଜେନା, ରୁଦ୍ର ନାରାୟଣ ସାମନ୍ତରାୟ, ଦେବବ୍ରତ ନାୟକ, ବିଜେପି ନେତା ବିଶ୍ୱରଞ୍ଜନ ବଡଜେନା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦୁଃଶାସନ ସ୍ୱାଇଁ, ଭୁବନେଶ୍ୱର ଓକିଲ ସଂଘ ସଭାପତି ଅଶୋକ ଛୋଟରାୟ, କର୍ପୋରେଟର ଅମରେଶ ଜେନା, ନୃପେଶ ନାୟକ, ଶିବ ନାରାୟଣ ରାୟ, ସୁରେନ୍ଦ୍ର ପ୍ରଧାନ, ଦିଲ୍ଲିପ ମାଝି, ଅଜିତ ବେହେରା, ସନ୍ତୋଷ ସିଂ ପ୍ରମୁଖଙ୍କ ସହିତ ବହୁ ପୂର୍ବତନ କପୋରେଟର, ସରପଞ୍ଚ, ସମିତିସଭ୍ୟମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

## ମାଇନର୍ କେନାଲର ଭିତ୍ତିପ୍ରସ୍ତର

ବାଲିଅନ୍ତା, ୨୮।୫(ସମିସ): ବାଲିଅନ୍ତା କେନାଲ ସବ ଡିଭିଜନ ଅଧୀନ ବେଣୁପୁର ମାଇନର କେନାଲ - ୩ ଠାରୁ ୧ କିମି ପର୍ଯ୍ୟନ୍ତ ସିମେଣ୍ଟ କଂକ୍ରିଟ ଲାଇନିଂ ଏବଂ ଉନ୍ନତିକରଣ ନେଇ ଆଜି ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଛି । ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏନେଇ ବାଲିଅନ୍ତା କେନାଲ ସବ ଡିଭିଜନ ପକ୍ଷରୁ ୨ କୋଟି ୧୩ ଲକ୍ଷ ମଞ୍ଜୁର କରାଯାଇଛି । ବିଧାୟକ ପହଞ୍ଚିବା କ୍ଷଣି ସେଠାରେ ଉପସ୍ଥିତ ଥିବା ବହୁ କର୍ମୀମାନେ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଯନ୍ତ୍ରୀ ମନୋରଞ୍ଜନ ସାହୁ, ବାଲିଅନ୍ତା ବ୍ଲକ ଅଧ୍ୟକ୍ଷା ବାସନ୍ତୀ ଖଟୁଆ, ୧୬ ନମ୍ବର ଜିଲ୍ଲାପରିଷଦ ସଭ୍ୟ ମହେଶ୍ୱର ଦାସ, ବେଣୁପୁର ସମିତି ସଭ୍ୟ ନମିତା ପରିଡ଼ା, ପୂର୍ବତନ ସରପଞ୍ଚ ତପନ ପରିଡ଼ା, ସଚ୍ଚିଦାନନ୍ଦ ଜେନା, ପ୍ରଦୀପ୍ତ ଜେନାମଣି, ହରେକୃଷ୍ଣ ମଙ୍ଗରାଜ, ରବୀନ୍ଦ୍ର ରାଉତରାୟ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ କୃଷ୍ଣଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

## ଅଚ୍ୟୁତ ସାମନ୍ତଙ୍କୁ ଉତ୍କଳ ପୁରାତନ ଛାତ୍ରଙ୍କ ସମ୍ବର୍ଦ୍ଧନା



**୭୩ତମ ଡକ୍ଟରେଟ୍**

ଭୁବନେଶ୍ୱର,୨୮ ।୫(ସମିସ): ରୋମାନିଆର କ୍ରାୟୋଭା ବିଶ୍ୱବିଦ୍ୟାଳୟ ଦ୍ୱାରା ୭୩ତମ ସମ୍ମାନଜନକ ଡକ୍ଟରେଟ୍ ପ୍ରଦାନ କରାଯାଇଥିବାରୁ ଉତ୍କଳ ବିଶ୍ୱବିଦ୍ୟାଳୟର ୧୯୯୨ ବ୍ୟାଚର ଦିଲ୍ଲୀରେ ବାସ କରୁଥିବା ପୂର୍ବତନ ଛାତ୍ରମାନେ ଡ଼. ଅଚ୍ୟୁତ ସାମନ୍ତଙ୍କୁ ସମ୍ବର୍ଦ୍ଧନା ଜଣାଇଛନ୍ତି । ଦିଲ୍ଲୀସ୍ଥିତ ଅଶୋକା ହୋଟେଲରେ ପୂର୍ବତନ ଛାତ୍ରମାନଙ୍କ ସହିତ ଆଲୋଚନା କରି ଭୋସ ୯୨ର ଉପଦେଷ୍ଟା ଡ. ସାମନ୍ତ ରୋମାନିଆର ସର୍ବପୁରାତନ ବିଶ୍ୱବିଦ୍ୟାଳୟ ମଧ୍ୟରୁ ଗୋଟିଏ କ୍ରାୟୋଭା ବିଶ୍ୱବିଦ୍ୟାଳୟ ଗସ୍ତ ଓ ସମ୍ମାନ ସମାରୋହର ଅଭିଜ୍ଞତା ବାଣ୍ଟିଛନ୍ତି । ଏହି ସମ୍ମାନ ଓଡ଼ିଶାରେ ସେ ପ୍ରତିଷ୍ଠିତ ଦୁଇ ପ୍ରତିଷ୍ଠାନ କିଟ୍ ଏବଂ କିସ୍‌ର ଅଧ୍ୟାପକ ଏବଂ କର୍ମଚାରୀଙ୍କ ସାମୂହିକ ପ୍ରୟାସ ଏବଂ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ ବୋଲି ଶ୍ରୀ ସାମନ୍ତ କହିଛନ୍ତି । ପୁରାତନ ଛାତ୍ରଙ୍କ ମଧ୍ୟରେ ଗଦାଧର ରଥ, ପ୍ରିୟବ୍ରତ ମହାନ୍ତି, ପ୍ରଫେସର ବିଭୁଦତ୍ତ ପ୍ରଧାନ, ଅଧିବକ୍ତା ସଂଗ୍ରାମ ପଟ୍ଟନାୟକ, ପ୍ରଫେସର ସମ୍ପୂର୍ଣ୍ଣା ନନ୍ଦ ମିଶ୍ର, ଉଦ୍ୟୋଗୀ ବିଶ୍ୱଭୂଷଣ ସୁଆର ଏବଂ ଅଧିବକ୍ତା ତନୟା ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ ଶନିବାର କ୍ରାୟୋଭା ବିଶ୍ୱବିଦ୍ୟାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ଡ଼. ସାମନ୍ତ ୭୩ତମ ସମ୍ମାନଜନକ ଡକ୍ଟରେଟ ଗ୍ରହଣ କରିଥିଲେ ।

## ଋତୁସ୍ରାବ ଅଭିଶାପ ନୁହେଁ; ମହିଳାମାନଙ୍କ ସମ୍ମାନ

ଭୁବନେଶ୍ୱର, ୨୮ ।୫(ସମିସ): ଋତୁସ୍ରାବ ହେଉଛି ଶରୀରର ଏକ ପ୍ରାକୃତିକ ପ୍ରକ୍ରିୟା । ଏହା ମହିଳା/ ଯୁବତୀ ମାନଙ୍କର ସମ୍ମାନ ଅଟେ । ମାସିକ ଋତୁସ୍ରାବ ସମୟରେ ପରିଷ୍କାର ଓ ପରିଚ୍ଛନ୍ନତା ଅବଲମ୍ବନ ଜରୁରୀ ବୋଲି ବିଶ୍ୱ ଋତୁସ୍ରାବ ସ୍ୱଛତା ଦିବସ ଅବସରରେ ଆକ୍ସନଏଡ୍ ଓ ସିସିଡବ୍ଲୁଡିର ମିଳିତ ଆନୁକୂଲ୍ୟରେ ୱାର୍ଡ ନମ୍ବର-୯ ଅଧୀନସ୍ଥ ମଣ୍ଡପ ବସ୍ତିଠାରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ମତପ୍ରକାଶ ପାଇଛି । କାର୍ଯ୍ୟକ୍ରମରେ ଭାସ୍କର ଚନ୍ଦ୍ର, ଆଶାକର୍ମୀ ପ୍ରମିଳା ବେହେରା, ଅଙ୍ଗନୱାଡି କର୍ମୀ ଶାନ୍ତିଲତା ବେହେରା, ସ୍ନିଗ୍ଧା ଦାସ ଓ ସରସ୍ୱତୀ ପରିଡ଼ା ଆଲୋଚନା କରିଥିଲେ । ପ୍ରାରମ୍ଭରେ କଲ୍ୟାଣୀ ରାଉତ ସ୍ୱାଗତଭାଷଣ ଦେଇଥିବା ବେଳେ ସ୍ୱର୍ଣ୍ଣପ୍ରିୟା ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ ।

**ବିଜେଡିର କଡ଼ା ନିଶାଣ**

## ନିଜ ବ୍ୟାବସାୟିକ ସ୍ୱାର୍ଥ ପାଇଁ ବିଜେପି ଯାଇଛନ୍ତି ଦେବାଶିଷ

ଭୁବନେଶ୍ୱର,୨୮।୫(ସମିସ)

ବିଜେଡିରୁ ୫ ଥର ବିଧାୟକ ଟିକଟ ପାଇ ତିନି ତିନି ଥର ବିଧାୟକ ହୋଇବା ଦେବାଶିଷ ଦଳର ବିଭିନ୍ନ ପଦପଦବୀରେ ରହି ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଦୟାରୁ ରାଜ୍ୟସଭାକୁ ମଧ୍ୟ ଯାଇଛନ୍ତି । ମାତ୍ର ଏବେ ନିଜ ସ୍ୱାର୍ଥ ପାଇଁ ସେ ବିଜେପିରେ ଯୋଗ ଦେଇ ବିଜେଡିକୁ ନିନ୍ଦା କରୁଛନ୍ତି । କେବଳ ଜଣେ କୃତଘ୍ନ ଓ ବିଶ୍ୱାସଘାତକଙ୍କଠାରୁ ଏପରି ଆଶା କରାଯାଏ ବୋଲି ଦେବାଶିଷଙ୍କୁ ଆକ୍ଷେପ କରି କହିଛି ବିଜେଡି ।

- ବିଭିନ୍ନ ପଦପଦବୀରେ ରହି ମଧ୍ୟ ଦଳକୁ ନିନ୍ଦା କରିବା ଦୁର୍ଭାଗ୍ୟଜନକ
- କିଛି ବର୍ଷ ହେଲା ଦେଶରେ ପ୍ରଲୋଭନ ଓ ପ୍ରଲୋଭିତ ହେବାର ଟ୍ରେଣ୍ଡ ଚାଲିଛି



ଗୁରୁବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଯେ କିଛି ବର୍ଷ ହେଲାଣି ଦେଶରେ ପ୍ରଲୋଭନ କରିବା ଓ ପ୍ରଲୋଭିତ ହେବାର ଟ୍ରେଣ୍ଡ ଚାଲିଛି । ଦେବାଶିଷ ସେହି ଟ୍ରେଣ୍ଡରେ ସାମିଲ ହୋଇଛନ୍ତି ଓ ସ୍ୱାର୍ଥ ପାଇଁ ବିଜେପିରେ ଯୋଗ ଦେଇଛନ୍ତି । ଆଜି ତାଙ୍କର ଯେଉଁ ପରିଚୟ ସୃଷ୍ଟି ହୋଇଛି ତାହା ବିଜୁ ଜନତା ଦଳ ଓ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଦୟାରୁ ହିଁ ମିଳିଛି, ତାହା ସମ୍ଭବତଃ ସେ ସ୍ମରଣ କରିବାକୁ ଚାହୁଁ ନାହାନ୍ତି । ବିଜେପିକୁ ଫେରି ନିଜ ଘରକୁ ଫେରିଥିବା କଥା ଦେବାଶିଷ କହୁଛନ୍ତି । କିନ୍ତୁ ବର୍ତ୍ତମାନ ବିଜେପିରେ ସମରକଷା ଚାଲିଛି । ଗୋଟିଏ ପଟେ ମୁଖ୍ୟମନ୍ତ୍ରୀ ଥିବାବେଳେ ଅନ୍ୟପଟେ ରହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ନିଟ୍ ପ୍ରଶ୍ନପତ୍ର ଲିକ୍, ସିବିଏସ୍‌ଇ ପରୀକ୍ଷା ବିଭ୍ରାଟ ଘଟଣାରେ ଧର୍ମେନ୍ଦ୍ର ପ୍ରଧାନଙ୍କୁ ବିଜେପି ସାଇଡ୍ ଲାଇନ୍ କରୁଥିବା ବେଳେ ରାଜ୍ୟରେ ଘଟୁଥିବା ହିଂସା ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ଜନତାଙ୍କ ରୋଷର ଶିକାର ହେଉଛନ୍ତି । ଧର୍ମେନ୍ଦ୍ର ପ୍ରଧାନଙ୍କ ଜାଲରେ ଫସି ବିଜେଡିରୁ ନିଜ ବ୍ୟାବସାୟିକ ସ୍ୱାର୍ଥ ପାଇଁ ଦୂରେଇ ଯାଇଥିବା ଦେବାଶିଷ ସାମନ୍ତରାୟଙ୍କୁ ଆଗାମୀ ଦିନରେ ଲୋକେ ଜବାବ ଦେବେ ବୋଲି ଡଃ ମହାନ୍ତି କହିଛନ୍ତି ।

ଲେନିନ୍ ପୁଣି କହିଛନ୍ତି ଯେ ନିର୍ବାଚନରେ ପରାଜିତ ହେବା ପରେ ଦେବାଶିଷ ସାମନ୍ତରାୟଙ୍କୁ ଦଳର ସଭାପତି ତଥା ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଟିଡ଼ିସି ଅଧ୍ୟକ୍ଷ ପଦ ସହ ଦଳର ବିଭିନ୍ନ ଉଚ୍ଚ ପଦରେ ବସାଇଥିଲେ । ତାଙ୍କ ସମ୍ମାନକୁ ଅକ୍ଷୁଣ୍ଣ ରଖିଥିଲେ । ପରବର୍ତ୍ତୀ ସମୟରେ ତାଙ୍କୁ ରାଜ୍ୟସଭାକୁ ପଠାଇଥିଲେ; ମାତ୍ର ଦଳରୁ ଏତେ ସୁବିଧା ପାଇଲା ପରେ ମଧ୍ୟ ତାଙ୍କର କ୍ଷମତା ଭୋକ ମେଣ୍ଟିଲା ନାହିଁ । ନିଜର ସ୍ୱାର୍ଥ ହାସଲ ପାଇଁ ବିଜେପି ଦଳରେ ସାମିଲ ହେଲେ । ନବୀନ ପଟ୍ଟନାୟକଙ୍କୁ ଭଲ ପାଉଥିବା କଥା କହୁଥିବା ଦେବାଶିଷ ସାମନ୍ତରାୟ ଅନ୍ୟପଟେ ବିଜୁ ଜନତା ଦଳର ମାଆ ବାପା ନାହିଁ କହି ନିଜ ହୀନମନ୍ୟତାର ପରିଚୟ ଦେଇଛନ୍ତି । ନବୀନ ପଟ୍ଟନାୟକଙ୍କୁ ସାରା ବିଶ୍ୱ ସମ୍ମାନ ଜଣାଉଥିବା ବେଳେ ଦେବାଶିଷଙ୍କ ପରି ଜଣେ ସ୍ୱାର୍ଥବାଦୀ ଲୋକ ସେହି ନେତୃତ୍ୱ ଉପରେ ଟିପ୍ପଣୀ ଦେବା ଅତ୍ୟନ୍ତ ହାସ୍ୟାସ୍ପଦ । ଦେବାଶିଷଙ୍କ ମନ୍ତବ୍ୟ ତାଙ୍କ ଅପରିପକ୍ୱତାର ପରିଚୟ । ବିଜୁ ଲିଗାସୀର ଦ୍ୱାହି ଦେଉଥିବା ଦେବାଶିଷ ଦିନେ ବିଜୁ ବାବୁଙ୍କୁ ଆକ୍ରମଣ କରିବାକୁ ପଛାଇ ନ ଥିଲେ । ବିଜୁ ଜନତା ଦଳରୁ ସବୁ ଫାଇଦା ହାସଲ କରି ବିଜେପିରେ ସାମିଲ ହୋଇଥିବା ଦେବାଶିଷ ଯେଉଁ ଟୀକାଟିପ୍ପଣୀ କରୁଛନ୍ତି, ସେଥିରୁ କ୍ଷାନ୍ତ ରୁହନ୍ତୁ, ନ ହେଲେ ଓଡ଼ିଶାବାସୀ କେବେ କ୍ଷମା ଦେବେନାହିଁ ବୋଲି ଡ. ମହାନ୍ତି କହିଛନ୍ତି ।

# ତାଳଚେରର ବସଷ୍ଟାଣ୍ଡ ସାଜିଛି ଟ୍ରକ ଟର୍ମିନାଲ

ତାଳଚେର,୨୮ ।୫(ସମିସ):





ତାଳଚେରର ସମସ୍ତ କୋଇଲା ଖଣିଗୁଡ଼ିକରୁ ଟ୍ରକ ଯୋଗେ ବିଭିନ୍ନ ରାଜ୍ୟ ତଥା ବିଭିନ୍ନ ଅଞ୍ଚଳକୁ କୋଇଲା ପରିବହନ କରାଯାଇଥାଏ। ଦୀର୍ଘବର୍ଷରୁ ତାଳଚେରରେ ଏକ ଟ୍ରକ ଟର୍ମିନାଲ ପାଇଁ ସ୍ୱେଚ୍ଛାସେବୀ ସଂଗଠନ ଓ ଅନୁଷ୍ଠାନଗୁଡ଼ିକ ପକ୍ଷରୁ ଦାବି ହୋଇ ଆସୁଥିଲେ ମଧ୍ୟ କେବଳ ପ୍ରତିଶ୍ରୁତି ଦେଇ ପରବର୍ତ୍ତୀ ସମୟରେ ପ୍ରତାରଣା କରାଯାଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ପ୍ରଚୁର ଧୂଳିଧୂଆଁ ସହ ମାଲମାଲ ଟ୍ରକ ଜାତୀୟ ରାଜପଥକୁ ଜାମ୍ କରିବା ଏପରିକି, ଲୋକଙ୍କ ପାଇଁ ନିର୍ମିତ ବସଷ୍ଟାଣ୍ଡ ଏବଂ ପାର୍ଶ୍ୱବର୍ତ୍ତୀ ରାସ୍ତାଗୁଡ଼ିକରେ ଟ୍ରକଗୁଡ଼ିକ ଦୀର୍ଘ ସମୟ ଠିଆ କରି ରଖୁଥିବାରୁ ବସଷ୍ଟାଣ୍ଡ ଓ ଅନ୍ୟ ଦିଗକୁ ଯାତାୟାତ କରୁଥିବା ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ଟ୍ରକ ମାଲିକମାନେ ଜୋରଜବରଦସ୍ତ ଟ୍ରକଗୁଡ଼ିକୁ ଘଣ୍ଟାଘଣ୍ଟା ଧରି ଠିଆ କରୁଛନ୍ତି। ତାଳଚେର କଲେଜ, ଆରଟିଓ କାର୍ଯ୍ୟାଳୟ, ବଡ଼ବଜାର ଓ ବିଭିନ୍ନ ସରକାରୀ ସ୍କୁଲକୁ ଶହଶହ ଛାତ୍ରଛାତ୍ରୀ ସହ ବିଭିନ୍ନ କାର୍ଯ୍ୟରେ ଲୋକମାନେ ଯାତାୟାତ କରିଥାନ୍ତି। ମାତ୍ର ସ୍ଥାନୀୟ ପ୍ରଶାସନ କିମ୍ବା ଏମସିଏଲ ପକ୍ଷରୁ ଟ୍ରକ ଟର୍ମିନାଲ କରାଯାଉ ନ ଥିବାରୁ କିଛି ମୁଷ୍ଟିମେୟ ବ୍ୟକ୍ତି କାହାକୁ ଖାତିର ନ କରି ବସଷ୍ଟାଣ୍ଡ ନିକଟରେ ଟ୍ରକଗୁଡ଼ିକୁ ପାର୍କିଂ କରୁଥିବାରୁ ସମସ୍ତେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ତାଳଚେର ଆରଟିଓଙ୍କୁ ପଚାରିବାରୁ ସେ କହିଛନ୍ତି, କାର୍ଯ୍ୟାଳୟ ପକ୍ଷରୁ ବାରମ୍ବାର ଫାଇନ କରାଯାଉଛି। ମାତ୍ର କିଛି ଅମାନିଆ ଟ୍ରକ ମାଲିକ ବ୍ୟତିକ୍ରମ କରୁଥିବା ସେ ପ୍ରକାଶ କରିଛନ୍ତି। ତାଳଚେର ଥାନା ଅଧିକାରୀଙ୍କୁ ପଚାରିବାରୁ ଏଥି ପ୍ରତି ଧ୍ୟାନ ଦିଆଯିବ ବୋଲି କହିଛନ୍ତି। ତୁରନ୍ତ ସେଠାରୁ ଟ୍ରକକୁ ହଟାଯାଇ ଦୈନନ୍ଦିନ ପାଣି ସିଞ୍ଚନ କରିବାକୁ ସାଧାରଣରେ ଦାବି ହେଉଛି।

## ଆମ୍ବସରମୁଣ୍ଡାରେ ଆମ ପୁଲିସ ସମିତି ବୈଠକ



ବଇଣ୍ଡା,୨୮ ।୫(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଆମ୍ବସରମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଗୁରୁବାର ଠାକୁରଗଡ଼ ଥାନା ପକ୍ଷରୁ ଆମ ପୁଲିସ ସମିତି ବୈଠକ ଅନୁଷ୍ଠିତ ହୋଇଛି। ଥାନା ଅଧିକାରୀ ଶ୍ୟାମଲାଲ ଓରାମଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଆମ୍ବସରମୁଣ୍ଡା ସରପଞ୍ଚ ସସ୍ମିତା ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବୈଠକରେ ଗ୍ରାମାଞ୍ଚଳରେ ଯେଉଁ ବିଭିନ୍ନ ପ୍ରକାର ସମସ୍ୟା ଉପୁଜୁଛି ନିଜେ ସମାଧାନ କରି ନ ପାରିଲେ ଥାନାକୁ ନିର୍ଭୟରେ ଯାଇ ସମସ୍ତ ସମସ୍ୟା ଉପରେ ଆଲୋଚନା କରିପାରିବେ ଓ ଜନସାଧାରଣ ସହ ପୁଲିସର ସୁସମ୍ପର୍କ ରହିଲେ ପ୍ରତ୍ୟେକ ସମସ୍ୟା ସମାଧାନ ହୋଇପାରିବ ବୋଲି ଥାନା ଅଧିକାରୀ ସୂଚନା ପ୍ରଦାନ କରିଥିଲେ। ଏସ୍ଆଇ ମନୋଜ କୁମାର ବେହେରା ଜନସାଧାରଣଙ୍କୁ ଫୋନ ମାଧ୍ୟମରେ ଆସୁଥିବା ଓଟିପିରୁ ଦୂରେଇ ରହିବାକୁ ପରାମର୍ଶ ଦେବା ସହ କିପରି ସାଇବର ଠକେଇରୁ ସତର୍କ ରହିବେ ତାହା ଉପରେ ଆଲୋକପାତ କରିଥିଲେ। ଗ୍ରାମାଞ୍ଚଳରେ ନିଶା କାରବାର ଓ ସେବନ ଦ୍ୱାରା ଧନଜୀବନ କ୍ଷତି ହେଉଥିବାରୁ କିପରି ଏଥିରେ ସୁଧାର ଅଣାଯାଇପାରିବ ସେ ଉପରେ ଅଞ୍ଚଳବାସୀ ଅଭିଯୋଗ ଆଣିଥିଲେ। କାର୍ଯ୍ୟକ୍ରମରେ ଏଏସଆଇ କେଶବ ନନ୍ଦ ସାହୁଙ୍କ ସମେତ ଥାନା କର୍ମଚାରୀ, ଗ୍ରାମ ସଭାପତି, ସମ୍ପାଦକ, ୱାର୍ଡ ମେମ୍ବର ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଏନଟିପିସି ଟିଟିଏସ୍ କଲୋନୀରେ ଦୁର୍ଘଟଣା: କର୍ମଚାରୀ ମୃତ

କଣିହାଁ,୨୮ ।୫(ସମିସ): ଗୁରୁବାର ସକାଳ ପ୍ରାୟ ୭ଟାରେ ମେସର୍ସ ସାମଲ ବିଲ୍ଡର୍ସ ଅଧୀନରେ ଆସିଷ୍ଟାଣ୍ଟ ଆକାଉଣ୍ଟାଣ୍ଟ ଭାବେ କାର୍ଯ୍ୟରତ ବିରଞ୍ଚି ନାରାୟଣ ସାହୁ (୫୨)ଙ୍କ ମୃତଦେହ ଏନଟିପିସି କଣିହାଁର ଟିଟିଏସ୍ କଲୋନୀ ଟାଇପ୍ ୩/ଡି-୫ କ୍ୱାର୍ଟର୍ସ ଛାତରୁ ଉଦ୍ଧାର କରାଯାଇଛି। ବିଦ୍ୟୁତ ଆଘାତରେ ତାଙ୍କ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। କ୍ୱାର୍ଟର୍ସଗୁଡ଼ିକର କୌଣସି ମେଣ୍ଟେନାନ୍ସ କରାଯାଉ ନାହିଁ। ଟିଟିଏସ କଲୋନୀ ମେଣ୍ଟେନାନ୍ସ ବିଭାଗରେ ଇଲେକ୍ଟ୍ରିକାଲ ଯନ୍ତ୍ରୀଙ୍କ ଦାୟିତ୍ୱହୀନତା ପାଇଁ ଏଭଳି ଘଟଣା ଘଟିଥିବା ଚର୍ଚ୍ଚା ହେଉଛି। ନାରାୟଣଙ୍କ ମୃତ୍ୟୁ ଖବର ପାଇ ଢେଙ୍କାନାଳ ଜିଲ୍ଲା ମହାବିରୋଡ ଫାଣ୍ଡି କୁଟୁରିଆ ଗ୍ରାମରୁ ତାଙ୍କ ପରିବାର ଲୋକ ଓ ଗ୍ରାମବାସୀ ପହଞ୍ଚି କ୍ଷତିପୂରଣ ଦାବି କରିଥିଲେ। ତାଳଚେର ସୁପର ଥର୍ମାଲ ୱାର୍କର୍ସ ୟୁନୟନ ସଭାପତି ଜୟସେନ ମେହେର ଓ ସାଧାରଣ ସମ୍ପାଦକ ପ୍ରହ୍ଲାଦ ଚନ୍ଦ୍ର ସାହୁ, ଏନଟିପିସି ଶ୍ରମିକ ସଙ୍ଘ ସାଧାରଣ ସମ୍ପାଦକ ସତ୍ୟାନନ୍ଦ ସାହୁ, ଏନ୍‌ଟିପିସି ଠିକା ମଜଦୁର ସଂଘ ସାଧାରଣ ସମ୍ପାଦକ ସୁନୀଲ ଧର, କୁଟୁରିଆ ସରପଞ୍ଚ ରଣଜିତ ସାହୁ, ମୃତକଙ୍କ ସାନଭାଇ ପ୍ରଭାତ କୁମାର ସାହୁଙ୍କ ସେମତ ଗ୍ରାମବାସୀ, କଣିହାଁ ଅଞ୍ଚଳର ଜନସାଧାରଣ ଓ ଏନଟିପିସି ଶ୍ରମିକମାନଙ୍କ ଉପସ୍ଥିତିରେ ସାମଲ ବିଲ୍ଡର୍ସର ଏନଟିପିସି କଣିହାଁ ପ୍ରୋଜେକ୍ଟ ଇନଚାର୍ଜ ବିନୋଦ କୁମାର ସାହୁ ମୃତଙ୍କ ପରିବାରକୁ ୧୦ଲକ୍ଷ ୩୦ହଜାର ଟଙ୍କା ଅନୁକମ୍ପାମୂଳକ ସହାୟତା ପ୍ରଦାନ ଏବଂ ପରିବାରରୁ ଜଣକୁ ନିଯୁକ୍ତି ଦେବା ପାଇଁ ରାଜି ହୋଇଥିଲେ। ଶବ ସତ୍କାର ପାଇଁ କମ୍ପାନୀ କର୍ତ୍ତୃପକ୍ଷ ୩୦ ହଜାର ଟଙ୍କା ପ୍ରଦାନ କରିଥିବା ବେଳେ ଅବଶିଷ୍ଟ ୧୦ ଲକ୍ଷ ଟଙ୍କା ଶୁକ୍ରବାର ପ୍ରଦାନ କରିବାକୁ ରାଜିନାମା ସ୍ୱାକ୍ଷରିତ ହେବା ପରେ ଏନଟିପିସି ଟାଉନ ଥାନା ପୁଲିସ୍ ଶବ ବ୍ୟବଚ୍ଛେଦ ପାଇଁ ତାଳଚେର ଡାକ୍ତରଖାନା ପଠାଇଛି।

## ତହସିଲଦାରଙ୍କ ଦେଖା ମିଳୁନି

● ଅପେକ୍ଷାରେ ରହୁଛନ୍ତି ବରିଷ୍ଠ ନାଗରିକ




ତାଳଚେର,୨୮ ।୫(ସମିସ): ତାଳଚେର ନୂତନ ତହସିଲ କାର୍ଯ୍ୟାଳୟ ଭିତରେ କର୍ମଚାରୀ ଏବଂ ତହସିଲଦାର କେଉଁଠି ବସୁଛନ୍ତି ତାହା ଜନସାଧାରଣ ଜାଣିପାରୁନାହାନ୍ତି। ଅଧିକାଂଶ ଗୃହ ସମ୍ମୁଖରେ ନାମଫଳକ ରହୁ ନ ଥିବାରୁ ଦୂରଦୂରାନ୍ତରୁ ଆସୁଥିବା ବରିଷ୍ଠ ନାଗରିକମାନେ ହଇରାଣ ହେଉଥିବା ଅଭିଯୋଗ ହେଉଛି। ତାଳଚେର ଏକ ଖଣିଖାଦାନ ତଥା ଶିଳ୍ପସମୃଦ୍ଧ ଅଞ୍ଚଳ ହୋଇଥିବା ବେଳେ ବ୍ଲକର ୨୧ ପଞ୍ଚାୟତର ଶତାଧିକ ଲୋକ ବିଭିନ୍ନ କାର୍ଯ୍ୟରେ ଦୈନନ୍ଦିନ ତହସିଲ କାର୍ଯ୍ୟାଳୟକୁ ଦୂରଦୂରାନ୍ତରୁ ଆସିଥାନ୍ତି। ଜମିଜମା ପଟ୍ଟା, ମିୟୁଟେସନ୍, ଲିଗାଲ ହେୟାର, ଜାତିଗତ ପ୍ରମାଣପତ୍ର, ରେସିଡେନ୍ସ, ଇନକମ ସାର୍ଟିଫିକେଟ୍ ଇତ୍ୟାଦି କାର୍ଯ୍ୟନେଇ ଦୈନନ୍ଦିନ ଶହଶହ ଲୋକ ଏହି କାର୍ଯ୍ୟାଳୟକୁ ଆସିଥାନ୍ତି। ମାତ୍ର ତହସିଲଦାରଙ୍କ ଦେଖା ନ ମିଳିବାରୁ ଅଞ୍ଚଳବାସୀ ୪୫ଡିଗ୍ରୀ ତାପମାତ୍ରାରେ ଘଣ୍ଟାଘଣ୍ଟା ଧରି ଅପେକ୍ଷା କରି ନିରାଶରେ ଫେରୁଥିବା ଦେଖିବାକୁ ମିଳୁଛି। ଏପରିକି ହାତଗୁଞ୍ଜା ନ ଦେଲେ କୌଣସି କାମ ହେଉ ନ ଥିବା ସାଧାରଣରେ ଅଭିଯୋଗ ହେଉଛି। ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଧ୍ୟାନ ଦେବାକୁ ସାଧାରଣରେ ଦାବି ହେଉଛି।

## ରାଜ୍ୟ ଯୋଗାସନ ପ୍ରତିଯୋଗିତାରେ ଅନୁଗୋଳକୁ ସ୍ୱର୍ଣ୍ଣ




ଅନୁଗୋଳ,୨୮ ।୫(ସମିସ): ରାୟଗଡ଼ା ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଆୟୋଜିତ ସପ୍ତମ ରାଜ୍ୟ ଯୋଗାସନ ପ୍ରତିଯୋଗିତାରେ ଅନୁଗୋଳକୁ ଗୋଟିଏ ସ୍ୱର୍ଣ୍ଣ ସହ ଚାରିଟି ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ପଦକ ମିଳିଛି। ସିନିଅର ସି ବିଭାଗରେ ସୁନିତା ପ୍ରଧାନଙ୍କୁ ସ୍ୱର୍ଣ୍ଣ ସହ ଗୋଟିଏ ବ୍ରୋଞ୍ଜ ପଦକ ମିଳିଛି। ସିନିଅର ଏ ବିଭାଗରେ ଜୁଲି ନାୟକଙ୍କୁ ତିନିଟି ରୌପ୍ୟ, ସିନିଅର ସି ବିଭାଗରେ ଦୀପ୍ତି ପ୍ରଧାନଙ୍କୁ ରୌପ୍ୟ ପଦକ ମିଳିଛି। ଏହି ପ୍ରତିଯୋଗିତାରେ ଜିଲ୍ଲା ସ୍ତରରୁ ଉନ୍ନୀତ ହୋଇ ରାଜ୍ୟ ସ୍ତରରେ ଖେଳିବାକୁ ୧୬ ପ୍ରତିଯୋଗୀ ମନୋନୀତ ହୋଇଥିଲେ। ସେଥିମଧ୍ୟରୁ ସ୍ମୃତି ହଂସିନୀ, ସୁପ୍ରିୟା ପ୍ରଧାନ, କାଦମ୍ବିନୀ ବିଶ୍ୱାଳ ସମସ୍ତ ପ୍ରତିଯୋଗୀଙ୍କୁ ଜାତୀୟ ସ୍ୱର୍ଣ୍ଣ ପଦକଧାରୀ ହୃଷୀକେଶ ନାଏକ, ଜୁଲି ନାୟକ ପ୍ରଶିକ୍ଷଣ ଦେଇଥିଲେ। ସମସ୍ତ ପଦକ ବିଜେତାଙ୍କୁ ଜିଲ୍ଲା ଯୋଗାସନ ସ୍ପୋର୍ଟିଂ ଆସୋସିଏସନର ପରାମର୍ଶଦାତା ତଥା ବିଜେପି ଜୋନାଲ ମିଡିଆ ସେଲ ସଂଯୋଜକ ପର୍ଶୁରାମ ବାରିକ, ଜିଲ୍ଲା ଯୋଗାସନ ସଭାପତି ହୃଷୀକେଶ ନାଏକ, ସମ୍ପାଦକ କବି ପ୍ରଭାକର ଦାସ, ଜିଲ୍ଲା ସଂଯୋଜକ ସୁନିତା ପ୍ରଧାନ, ଗୌରଚରଣ ସାହୁ, ରଞ୍ଜିତା ମଲ୍ଲିକ, କବିତା ପ୍ରଧାନ, ସୁମିତ୍ରା ପ୍ରଧାନ କମିଟି ତରଫରୁ ଶୁଭେଚ୍ଛା ଜଣାଇଛନ୍ତି।

## ଭୋଟର ତାଲିକା ସଂଶୋଧନ କର୍ମଶାଳା



କିଶୋରନଗର,୨୮ ।୫(ସମିସ): କିଶୋରନଗର ପିଏମ୍‌ଶ୍ରୀ ହାଇସ୍କୁଲ ପରିସରରେ ଭୋଟର ତାଲିକା ସଂଶୋଧନ ପାଇଁ ବିଏଲଓମାନଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ନିର୍ବାଚନ ଅଧିକାରୀ ତଥା ଉପଜିଲ୍ଲାପାଳ ଉପେନ୍ଦ୍ର କୁମାର ଲୁହା ଅଧ୍ୟକ୍ଷତା କରି ଭୋଟର ତାଲିକାକୁ ନିର୍ଭୁଲ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ମେ ୨୦ରୁ ଆରମ୍ଭ ହୋଇଥିବା ଏହି ପ୍ରକ୍ରିୟା ଆସନ୍ତା ଜୁନ ୨୪ ପର୍ଯ୍ୟନ୍ତ ଚାଲିବ। ଦାୟିତ୍ୱରେ ଥିବା ବିଏଲଓମାନେ ପ୍ରତି ୱାଡର୍ ଓ ଗାଁକୁ ଯାଇ ଘରଘର ବୁଲି ଯୋଗ୍ୟ ବ୍ୟକ୍ତିଙ୍କ ନାମ ଯୋଡ଼ିବେ ଓ ମୃତ ତଥା ସ୍ଥାନାନ୍ତରିତ ବ୍ୟକ୍ତିଙ୍କ ନାମ କାଟିବେ। ସାଧାରଣ ନାଗରିକ ଇସିଆଇଏନଟି ଆପ୍ ବ୍ୟବହାର କରି ମୋବାଇଲ ଜରିଆରେ ନିଜ ନାମ ଓ ତଥ୍ୟ ଯାଞ୍ଚ କରିପାରିବେ। ଏହି କର୍ମଶାଳାରେ ତହସିଲଦାର ରଞ୍ଜନ କୁମାର ସାହୁ, ବିଡିଓ ଶୁଭକାନ୍ତ ନାଏକ, ବ୍ଲକ ଶିକ୍ଷା ଅଧିକାରୀ ଅରୁଣ କୁମାର ସେଠୀ, ଡବ୍ଲ୍ୟୁଇଓ ତ୍ରିଦିବ ବରାଳ, ଜିପିଡିଓ ସୁରେଶ ଚନ୍ଦ୍ର ସାହୁ, ଏବିଡିଓ ପ୍ରମୁଖ ଉପସ୍ଥିତ ଥିଲେ। ୧୧୫ ବିଏଲଓ ଓ ସୁପରଭାଇଜରଙ୍କୁ ଡିଜିଟାଲ ସ୍କ୍ରିନ ସାହାଯ୍ୟରେ ବୈଷୟିକ ଜ୍ଞାନକୌଶଳ ମାଧ୍ୟମରେ ତାଲିମ ପ୍ରଦାନ କରାଯାଇଛି।

## ସ୍ୱର୍ଗତ ସାମ୍ବାଦିକ ରଘୁନାଥଙ୍କ ସ୍ମୃତିରେ ରକ୍ତଦାନ ଶିବିର

ଅନୁଗୋଳ,୨୮ ।୫(ସମିସ): ଅନୁଗୋଳ ଜିଲ୍ଲାର ଯୁବ ସାମ୍ବାଦିକ ସ୍ୱର୍ଗତ ରଘୁନାଥ ସାହୁଙ୍କ ପୁଣ୍ୟତିଥିରେ ତାଙ୍କ ସ୍ମୃତିକୁ ଜନମାନସରେ ବଞ୍ଚାଇ ରଖିବା ଉଦ୍ଦେଶ୍ୟରେ ସବୁବର୍ଷ ଭଳି ଚଳିତ ବର୍ଷ ମଧ୍ୟ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ରକ୍ତଭଣ୍ଡାରଠାରେ ଆୟୋଜିତ ଏହି ରକ୍ତଦାନ ଶିବିରରେ ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ବରିଷ୍ଠ ଆଇନଜୀବୀ ଭୁପେଶ ପ୍ରଧାନ, ବରିଷ୍ଠ ରକ୍ତଦାତା ସୁବୋଧ ମିଶ୍ର ଅତିଥି ଭାବେ ଯୋଗଦେଇ ରକ୍ତଦାତା ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। ସ୍ୱର୍ଗତ ସାହୁ ଜଣେ ଦକ୍ଷ ଓ ନିର୍ଭୀକ ସାମ୍ବାଦିକ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ଖବର ସଂଗ୍ରହ ଓ ପ୍ରସାରଣ ତାଙ୍କ ପାଇଁ ଯେତିକି ଗୁରୁତ୍ୱପୂର୍ଣ୍ଣ ଥିଲା ଲୋକଙ୍କ ସମସ୍ୟା ସମାଧାନ ଦିଗରେ କାର୍ଯ୍ୟ କରିବାର ଆନ୍ତରିକତା ସେତେ ପ୍ରଖର ରହିଥିଲା। ତାଙ୍କ ଖାଲି ସ୍ଥାନ ସବୁଦିନ ପାଇଁ ଅପୂରଣୀୟ ରହିଗଲା ବୋଲି ତାଙ୍କ ପ୍ରଶଂସକମାନେ ପ୍ରକାଶ କରନ୍ତି। ଏହି ରକ୍ତଦାନ ଶିବିରରେ ପ୍ରାୟ ୨୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ସମାଜସେବୀ ପର୍ଶୁରାମ ଦାଶ, ପ୍ରତାପ ମହାପାତ୍ର, ଆଦ୍ୟାଶ୍ଲୋକ ମିଶ୍ର, ସାମ୍ବାଦିକ ସମରେଶ ନାଥ, ମହେଶ ଭୋମାରାଜ, ଲିଟୁନ ସାହୁ, ସୁଶାନ୍ତ ସେଠୀ, ଚନ୍ଦ୍ରକାନ୍ତ ବେହେରା ଓ ବ୍ରହ୍ମଜ୍ୟୋତି ମିଶ୍ର ପ୍ରମୁଖ ସହଯୋଗ କରିଥିବା ବେଳେ ରକ୍ତ ଭଣ୍ଡାର କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ।




### ■ ଝଡ଼ତଫାନରେ ଗଛ ପଡ଼ି ମହିଳାଙ୍କ ମୃତ୍ୟୁ ଘଟଣା

## ରାତିଅଧରେ ପହଞ୍ଚି ସହାୟତା କଲେ ଉପଜିଲ୍ଲାପାଳ



କିଶୋରନଗର,୨୮ ।୫(ସମିସ): ବୁଧବାର ସନ୍ଧ୍ୟାରେ ଝଡ଼ତୋଫାନରେ ଆଠମଲ୍ଲିକ ବ୍ଲକ ମାଧପୁର ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଏହି ସମୟରେ କନ୍ଧପଡ଼ା ଗାଁର ରମେଶ ପ୍ରଧାନଙ୍କ ସ୍ତ୍ରୀ ଶୋଭାଗିନୀ ପ୍ରଧାନ (୪୭) ଗୁହାଳରେ କାମ କରୁଥିବା ବେଳେ ଏକ ଗଛ ଗୁହାଳ ଉପରେ ମାଡ଼ି ବସିଥିଲା। ଫଳରେ ଚାପିହୋଇ ଶୋଭାଗିନୀଙ୍କ ହିଁ ମୃତ୍ୟୁ ହୋଇଥିଲା। ଖବର ପାଇ ଆଠମଲ୍ଲିକ ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା ରାତି ୧୧ଟାରେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ରେଡ୍‌କ୍ରସ ପାଣ୍ଠିରୁ ଶୋଭାଗିନୀଙ୍କ ସ୍ୱାମୀଙ୍କୁ ୪୦୦୦ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଗାଇଗୋରୁଙ୍କ ସୁରକ୍ଷା ପାଇଁ ପଲିଥିନ ପ୍ରଦାନ କରିଛନ୍ତି। ସେହିପରି କାଳବୈଶାଖିରେ କ୍ଷତିଗ୍ରସ୍ତ ଅନେକ ସ୍ଥାନ ସ୍ଥାନ ବୁଲି କ୍ଷୟକ୍ଷତି ଆକଳନ କରିବା ସହ ସମସ୍ତ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଉପଜିଲ୍ଲାପାଳଙ୍କ ତତ୍‌କ୍ଷଣାତ ଘଟଣାସ୍ଥଳ ପରିଦର୍ଶନ ଓ କ୍ଷତିଗ୍ରସ୍ତଙ୍କୁ ସହାୟତା ପ୍ରଦାନ ନେଇ ସାଧାରଣରେ ପ୍ରଶଂସା କରାଯାଇଛି।

## ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ



ଅନୁଗୋଳ,୨୮ ।୫(ସମିସ): ଅନୁଗୋଳ ବିଜେପି ସାଂଗଠନିକ ଜିଲ୍ଲା ତରଫରୁ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ଆୟୋଜିତ ହୋଇଛି। ଏଥିରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ଯୋଗଦେଇ ସରକାର ଗଠନ ପାଇଁ ସଂଘର୍ଷ ଆବଶ୍ୟକ ବୋଲି କହିଥିଲେ। କେବଳ ଶାସନ କ୍ଷମତା ହାସଲ କରିବା ଲକ୍ଷ୍ୟ ନୁହେଁ ବରଂ ବର୍ତ୍ତମାନ ଆମକୁ ସଂଘର୍ଷ ସହ ଆହ୍ୱାନକୁ ସଫଳତାର ସହ ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ପରାମର୍ଶ ଦେଇଥିଲେ। ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ ଯୋଗଦେଇ କହିଲେ ଯେ ରାଷ୍ଟ୍ର ସମ୍ମୁଖରେ ଥିବା ଆହ୍ୱାନ ଓ ଏହାର ନିରାକରଣ ହେଉଛି ଆମ ସମସ୍ତଙ୍କ ମୂଳ କର୍ତ୍ତବ୍ୟ। ପ୍ରଶିକ୍ଷଣ ହେଉଛି ଏକ ନିରନ୍ତର ପ୍ରକ୍ରିୟା। ଅଧ୍ୟୟନ ପ୍ରକ୍ରିୟା ଜାରି ରଖିବା। ଦଳ ଓ ସଂଗଠନକୁ ସଶକ୍ତ କରିବା ହେଉଛି ଆମ ସମସ୍ତଙ୍କ ମୂଳ ଉଦ୍ଦେଶ୍ୟ ବୋଲି ସେ କହିଥିଲେ। ଅନୁଗୋଳ ସାଂଗଠନିକ ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ୨୮ ତାରିଖରୁ ଆରମ୍ଭ ହୋଇଥିବା ତିନିଦିନିଆ ପ୍ରଶିକ୍ଷଣ ଶିବିରକୁ ସାଂସଦ ପାଣି ଉଦଘାଟନ କରିଥିଲେ। ବରିଷ୍ଠ ନେତା ତଥା ଅନୁଗୋଳ ଜିଲ୍ଲା ପ୍ରଭାରୀ ଗୋଲକ ମହାପାତ୍ର, ରାଜ୍ୟ ସାଧାରଣ ସମ୍ପାଦକ ସୀମାଞ୍ଚଳ ଖଟେଇ, ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଅଶୋକ ମହାନ୍ତି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ପ୍ରାକ୍ତନ ମନ୍ତ୍ରୀ ସଞ୍ଜୀବ ସାହୁ, ପ୍ରଶିକ୍ଷଣର ଜିଲ୍ଲା ପ୍ରଭାରୀ ରାଧାକାନ୍ତ ମହନ୍ତ, ସହ ପ୍ରଭାରୀ ସୁନୀଲ ଶର୍ମା, ଜିଲ୍ଲା ପ୍ରଶିକ୍ଷଣ ଟୋଲିର ସଂଯୋଜକ ଦିଲେଶ୍ୱର ପ୍ରଧାନ, ବର୍ଗ ପ୍ରମୁଖ ସୁଦୀପ ଗଡ଼ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ପ୍ରମୁଖ ନୃସିଂହ ବରାଳ ଓ ବସନ୍ତ ମଞ୍ଜରୀ ପ୍ରଧାନ, ନିୟନ୍ତ୍ରକ ବିଜୟ ମାଝୀ, ଗୋପବନ୍ଧୁ ଗଡ଼ନାୟକ, ବ୍ୟବସ୍ଥା ପ୍ରମୁଖ ରତ୍ନାକର ସାହୁ ଓ ପ୍ରତ୍ୟୁଷ ରଞ୍ଜନ ପଣ୍ଡା, ମିଡିଆ ସେଲ ଜୋନାଲ ସଂଯୋଜକଙ୍କ ସମେତ ଜିଲ୍ଲାର ସମସ୍ତ ପଦାଧିକାରୀ, ମଣ୍ଡଳ ସଭାପତି ପ୍ରମୁଖ ୩୦୦ରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ



କିଶୋରନଗର,୨୮ ।୫(ସମିସ): ଆଠମଲ୍ଲିକ ଉପଖଣ୍ଡ କୃତିବାସପୁର ପଞ୍ଚାୟତ ତେନ୍ତୁଳିପଥର ଗ୍ରାମର କୋକିଳା ନାୟକ (୫୮)ଙ୍କର ମଙ୍ଗଳବାର ଅପରାହ୍ନରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଛି। ମରଶରୀର ଏଠାରେ ପହଞ୍ଚିବା ପରେ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ସେ ଜଣେ ଧର୍ମପ୍ରାଣା ମହିଳା ଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁଅ ହିରଣ୍ୟ ନାୟକ, ହରେକୃଷ୍ଣ ନାୟକ, ପୁତୁରା ଈଶ୍ୱର ନାୟକଙ୍କ ସମେତ ସ୍ୱାମୀ, ବହୂ, ନାତିନାତୁଣୀ ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ ବାଇକ ଆରୋହୀ ଗୁରୁତର






ବଅଁରପାଳ,୨୮ ।୫(ସମିସ): ବଅଁରପାଳ ଥାନା ସନ୍ତ୍ରୀ ଛକରେ ସଡ଼କ ଦୁର୍ଘଟଣା ଘଟି ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ନୂଆହତା ଡିହସାହିର ପବିତ୍ର ମୋହନ ପଟ୍ଟନାୟକ। ସୂଚନା ଅନୁଯାୟୀ ପବିତ୍ର ନିଜ ବାଇକ ଯୋଗେ ବଅଁରପାଳ ଅଭିମୁଖେ ଯାଉଥିବା ବେଳେ ଚଉରିଡିହ ଗ୍ରାମର ସବିତା ସାହୁ ତାଙ୍କୁ ଲିଫ୍ଟ ମାଗିଥିଲେ। ଦୁହେଁ ବାଇକ୍‌ରେ ସନ୍ତ୍ରୀ ଛକ ଅତିକ୍ରମ କରୁଥିବା ବେଳେ ପଛରୁ ଆସୁଥିବା କୋଇଲା ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଦୁହେଁ ତଳେ ଛିଟିକି ପଡ଼ିଯାଇଥିଲେ। ତେବେ ଟ୍ରକ ବାଇକକୁ କିଛିଦୂର ପର୍ଯ୍ୟନ୍ତ ଘୋଷାଡ଼ି ନେଇଥିଲା। ପବିତ୍ର ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତେବେ ପଛରେ ବସିଥିବା ମହିଳାଙ୍କର କୌଣସି କ୍ଷତି ହୋଇନାହିଁ। ପୁଲିସ ତଦନ୍ତ କରୁଛି।

## ମେଡିକାଲ୍ କଲେଜ୍‌ରେ ପାଠପଢ଼ା ସହ ଟିଚିଂ ହସ୍ପିଟାଲରେ ପରିଣତ କରିବାକୁ ଦାବିପତ୍ର

ତାଳଚେର,୨୮ ।୫(ସମିସ):



ତାଳଚେରସ୍ଥିତ ପବିତ୍ର ମୋହନ ପ୍ରଧାନ ମେଡିକାଲ୍ କଲେଜରେ ଡାକ୍ତରୀ ପାଠପଢ଼ା ସହ ଟିଚିଂ ହସ୍ପିଟାଲ୍‌ରେ ପରିଣତ କରିବା ପାଇଁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ରାଜ୍ୟ ସ୍ୱାସ୍ଥ୍ୟସଚିବଙ୍କ ଉଦ୍ଦେଶ୍ୟରେ ତାଳଚେର ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପବିତ୍ର ମୋହନ ପ୍ରଧାନ ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟି ଆବାହକ ତଥା ସଭାପତି ପଦ୍ମଚରଣ ସାମଲଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଉପଜିଲ୍ଲାପାଳ ଆଶିଷ ରଞ୍ଜନ ସାହୁଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ ତାଳଚେର ପ୍ରଦୂଷଣ ଜନିତ ସ୍ୱାସ୍ଥ୍ୟହାନୀରୁ ରକ୍ଷା ପାଇବା ପାଇଁ ଏମସିଏଲ୍ ତରଫରୁ ତାଳଚେରଠାରେ ଏମସିଏଲ ଖର୍ଚ୍ଚରେ ମେଡିକାଲ କଲେଜ୍ ତିଆରି ହୋଇ ପାଠପଢ଼ା ଆରମ୍ଭ ହେଲା। ମାତ୍ର ତାଳଚେର ମେଡିକାଲ୍ କଲେଜକୁ ଟିଚିଂ ହସ୍ପିଟାଲ୍‌ରେ ପରିଣତ କରି ପବିତ୍ର ମୋହନ ମେଡିକାଲ୍ କଲେଜ୍‌ରେ ନିଯୁକ୍ତି ପାଇଥିବା ସମସ୍ତ ମୁଖ୍ୟ ବିଭାଗର ପ୍ରଫେସର, ଆସିଷ୍ଟାଣ୍ଟ ପ୍ରଫେସର ଏବଂ ବରିଷ୍ଠ ଡାକ୍ତରଙ୍କୁ ତାଳଚେରଠାରେ ଅବସ୍ଥାପିତ କରି ଜରୁରୀ ଭିତ୍ତିରେ ତାଳଚେରବାସୀଙ୍କୁ ରୋଗୀସେବା ଆରମ୍ଭ କରାଯାଉ। ତାଳଚେର ମେଡିକାଲ୍ କଲେଜ୍ ନିମିତ୍ତ ଆବଶ୍ୟକ ହେଉଥିବା ସମସ୍ତ ଉପକରଣ ଓ ସରଞ୍ଜାମ ଯଥା ଏମ୍‌ଆରଆଇ ମେସିନ, ପାଥୋଲୋଜି ନିମିତ୍ତ ଅତ୍ୟାଧୁନିକ ଉପକରଣ ଏବଂ ପ୍ରତ୍ୟେକ ବିଭାଗର ଦରକାର ହେଉଥିବା ଅନ୍ୟାନ୍ୟ ସରଞ୍ଜାମକୁ ଏମସିଏଲ୍ ଓ ରାଜ୍ୟ ସରକାରଙ୍କଠାରୁ ସଂଗ୍ରହ କରି ମେଡିକାଲ୍ କଲେଜ୍‌କୁ ସମ୍ପୂର୍ଣ୍ଣ ଭାବରେ ଆରମ୍ଭ କରି ତାଳଚେରବାସୀଙ୍କୁ ରୋଗୀ ସେବା ଯୋଗାଇ ଦେବା ସହ ତାଳଚେରବାସୀଙ୍କୁ ଅକାଳ ମୃତ୍ୟୁରୁ ରକ୍ଷା କରନ୍ତୁ। ଦାବିପତ୍ର ପ୍ରଦାନ ବେଳେ ହରିହର ସାହୁ, ଦୋଳଗୋବିନ୍ଦ ସାହୁ, ଗୋପବନ୍ଧୁ ପଟ୍ଟନାୟକ, ଟଙ୍କଧର ରାଉତ, କନ୍ଦର୍ପ ବେହେରା, ଧ୍ରୁବଚରଣ ଧିର, ପ୍ରଫୁଲ୍ଲ ଧିର, ରୁନା ଦେବତା, ଆନନ୍ଦ ଆଚାର୍ଯ୍ୟ, ନୀଲମ୍ ଲାଲ୍, ଅଜୟ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହାର ନକଲ ଅନୁଗୋଳ ଜିଲ୍ଲାପାଳ ଏବଂ ପବିତ୍ର ମୋହନ ପ୍ରଧାନ ମେଡିକାଲ୍ କଲେଜ୍‌ର ଡିନ୍ କୀର୍ତ୍ତିରେଖା ମହାପାତ୍ରଙ୍କୁ ପ୍ରଦାନ କରାଯାଇଛି।



## ଟ୍ରକ୍ ଚଢ଼ାରେ କେୟାରଟେକର୍ ମୃତ୍ୟୁ ଘଟଣା

# ପୁଲିସ ଅଧିକାରୀଙ୍କ ଭୁଲ୍; ଡ୍ରାଇଭର୍‌କୁ ଜାମିନ୍

ଭୁବନେଶ୍ୱର, ୨୮।୫ (ସମିସ)

କାଜୁ ଜଙ୍ଗଲରୁ ଅଜଣା ମୃତଦେହ ପାଇଲେ। ମାତ୍ର ୧୨ ଘଣ୍ଟା ମଧ୍ୟରେ ମୃତଦେହର ପରିଚୟ ପାଇବା ସହ ମୃତ୍ୟୁର କାରଣ ମଧ୍ୟ ଖୋଜି ନେଲେ। ଖାଲି ସେତିକି ନୁହେଁ, ଅଭିଯୁକ୍ତକୁ ଗିରଫ କରିବା ସହ ୧୨ ଘଣ୍ଟାରେ ଧରିଛନ୍ତି ବୋଲି ମୁଖିଆ ବାହାବା ନେଲେ। ଏତେସବୁ ପରେ ମଧ୍ୟ ବାର ବର୍ଷର ତପସ୍ୟା ଶୁଖୁଆ ପୋଡ଼ାରେ

**■ ସନ୍ଦେହରେ ଆଇଓ ଏବଂ ଆଇଆଇସିଙ୍କ ଭୂମିକା**
**■ ୧୨ ଘଣ୍ଟାରେ ଧରି ବାହାବା ନେଇଥିଲେ ମୁଖିଆ**

ଗଲା। ତଦନ୍ତକାରୀ ଅଧିକାରୀ ଗିରଫଦାରୀର କାରଣ ଦର୍ଶାଇ ନ ଥିବାରୁ ଅଭିଯୁକ୍ତ ରାମଚନ୍ଦ୍ର ଲେଙ୍କାକୁ ଜାମିନ୍ ଦେଇଦେଲେ କୋର୍ଟ। ଟ୍ରକ୍ ଚଢ଼ାରେ କେୟାର ଟେକର ମୃତ୍ୟୁ ମାମଲାରେ କମିସନରେଟ୍ ପୁଲିସର ଅପାରଗତା ପଦାରେ ପଡ଼ିଛି। ଏପରିସ୍ଥଳେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଥିବା ତଦନ୍ତକାରୀ ଅଧିକାରୀ ଓ ଏ ପ୍ରକ୍ରିୟାକୁ ତଦାରଖ କରିଥିବା ଥାନା ଅଧିକାରୀଙ୍କ ଭୂମିକାକୁ ସନ୍ଦେହ ଘେରକୁ ଟାଣି ଆଣିଛି। ଏହା ପୁଲିସର ତ୍ରୁଟି ନାଁ ଅଭିଯୁକ୍ତ ସହ ସଲାସୁତରା, ତାକୁ ନେଇ ପ୍ରଶ୍ନ ଉଠିଛି।

ସୂଚନାନୁସାରେ, ଛତିଶଗଡ଼ ବିଳାସପୁରର ଗୋବର୍ଦ୍ଧନ ଯାଦବ ସୁନ୍ଦରପଦା ଅଞ୍ଚଳରେ କେୟାର ଟେକର ଭାବେ କାମ କରୁଥିଲେ। ଫତେଗଡ଼ ପିଠାଖାଇ ଗାଁର ଟ୍ରକ୍ ଡ୍ରାଇଭର ରାମଚନ୍ଦ୍ର ଲେଙ୍କା ଗତ ସୋମବାର ରାତିରେ ବାଲି ବୋଝେଇ ହାଇୱା ଟ୍ରକ୍ ନେଇ ଅନଲୋଡ୍ କରିବାକୁ ସେଠାକୁ ଯାଇଥିଲେ। ପଛ ଗିୟର୍ ପକାଇ ବାଲି ଅନଲୋଡ୍ କରିବାକୁ ଉଦ୍ୟମ କରୁଥିବା ବେଳେ ବାହାରେ ଶୋଇଥିବା ଗୋବର୍ଦ୍ଧନ ଉପରେ ଟ୍ରକ୍ ଚଢ଼ି ଯାଇ ତାଙ୍କର ମୃତ୍ୟୁ ଘଟିଥିଲା। ଗୋବର୍ଦ୍ଧନ ମରିଯିବା ପରେ ରାମଚନ୍ଦ୍ର ତା'ର ମାଲିକଙ୍କୁ ଫୋନ୍ କରି ଘଟଣା ବିଷୟରେ ଜଣାଇଥିଲା। ଖବରପାଇ ମାଲିକର ପୁଅ ସୋନୁ ସୁନ୍ଦରାୟ ଓ ମ୍ୟାନେଜର ରାଜା ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚିଥିଲେ। ରାମଚନ୍ଦ୍ର, ସୋନୁ ଓ ରାଜା ମିଶି ଗୋବର୍ଦ୍ଧନଙ୍କ ମୃତଦେହକୁ ହାଇୱା ଟ୍ରକରେ ନେଇ ରତନପୁର କାଜୁ ଜଙ୍ଗଲରେ ଫୋପାଡ଼ି ଦେଇଥିଲେ।

ମଙ୍ଗଳବାର ସକାଳୁ କାଜୁ ଜଙ୍ଗଲରୁ କ୍ଷତବିକ୍ଷତ ଅଜଣା ମୃତଦେହ ପାଇବା ପରେ ଇନଫୋସିଟି ଥାନା ପୁଲିସ ଚିନ୍ତା ବଢ଼ିଥିଲା। ମୃତ୍ୟୁର କାରଣ ଖୋଜିବା ପୁଲିସ ଯେତିକି କଷ୍ଟକର ଥିଲା, ମୃତକଙ୍କ ପରିଚୟ ପାଇବା ତା' ଠାରୁ ଅଧିକ ଚ୍ୟାଲେଞ୍ଜ ଥିଲା। ପୋଷ୍ଟର, ବୈଷୟିକ ବିଶ୍ଳେଷଣ ଓ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ଆଧାରରେ ହାଇୱା ଜବତ କରିବା ସହ ଡ୍ରାଇଭର ରାମଚନ୍ଦ୍ରକୁ ଗିରଫ କରିଥିଲା। କମ୍ ସମୟ ମଧ୍ୟରେ ଅଜଣା ମୃତଦେହର ପରିଚୟ ପାଇବା ସହ ପୁରା ଘଟଣାରୁ ପରଦା ହଟାଇଥିବାରୁ ପୁଲିସର ଉଦ୍ୟମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଥିଲା। ପୁଲିସ ମଧ୍ୟ ଅଭିଯୁକ୍ତମାନଙ୍କୁ କଠୋର ଦଣ୍ଡ ଦେବା ଉଦ୍ଦେଶ୍ୟରେ କଲପେବଲ୍ ହୋମିସାଇଡ୍ ଓ ପ୍ରମାଣ ନଷ୍ଟ ଭଳି ସାଙ୍ଘାତିକ ଦଫା ଲଗାଇଥିଲା। ତଦନ୍ତକାରୀ ଅଧିକାରୀ ରାମଚନ୍ଦ୍ରକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ।


(ମୃତକଙ୍କ ଫାଇଲ ଫଟୋ)

ଭାରତୀୟ ସମ୍ବିଧାନର ଧାରା ୨୨(୧) ଅନୁସାରେ, ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ଗିରଫଦାରୀର କାରଣ ଜଣାଇବା ବିନା ହାଜତରେ ରଖାଯାଇପାରିବ ନାହିଁ ଏବଂ ତାଙ୍କ ପସନ୍ଦର ଆଇନଗତ ଅଭ୍ୟାସକାରୀଙ୍କ ସହିତ ପରାମର୍ଶ କରିବା ଓ ତାଙ୍କ ଦ୍ୱାରା ପକ୍ଷ ରଖିବାକୁ ମନା କରାଯିବ ନାହିଁ। ସେହିପରି ପ୍ରତ୍ୟେକ ପୁଲିସ ଅଧିକାରୀ କୌଣସି ବ୍ୟକ୍ତିଙ୍କୁ ବିନା ୱାରେଣ୍ଟରେ ଗିରଫ କରୁଥିଲେ ତାଙ୍କୁ ଗିରଫ କରାଯାଇଥିବା ଅପରାଧ ଓ ଗିରଫଦାରୀର କାରଣ ବିଷୟରେ ତୁରନ୍ତ ଜଣାଇବା ବାଧ୍ୟତାମୂଳକ ବୋଲି ଭାରତୀୟ ନାଗରିକ ସୁରକ୍ଷା ସଂହିତା ଧାରା - ୪୭ ରେ ସ୍ପଷ୍ଟ ଭାବରେ ଉଲ୍ଲେଖ ରହିଛି। ଟ୍ରକ୍ ଚଢ଼ାରେ ଗୋବର୍ଦ୍ଧନ ମୃତ୍ୟୁ ମାମଲାର ତଦନ୍ତକାରୀ ଅଧିକାରୀ ଅଭିଯୁକ୍ତ ରାମଚନ୍ଦ୍ରକୁ ଗିରଫ କରିବା ସମୟରେ ଗିରଫଦାରୀର କାରଣ ଦର୍ଶାଇ ନଥିଲେ। ଫଳରେ ଗିରଫ ସମୟରେ ନିୟମ ଅନୁପାଳନ ହୋଇନଥିବା ଦର୍ଶାଇ ରାମଚନ୍ଦ୍ରର ଆଇନଜୀବୀ ଜାମିନ

**ବାର ବର୍ଷର ତପ ଶୁଖୁଆ ପୋଡ଼ାରେ ଗଲା**

ପାଇଁ ଆବେଦନ କରିଥିଲେ। ଗିରଫ ନିୟମ ପାଳନରେ ତ୍ରୁଟି ଥିବାରୁ ଅଦାଲତ ମଧ୍ୟ ରାମଚନ୍ଦ୍ରକୁ ଜାମିନ୍ ପ୍ରଦାନ କରିଥିଲେ। କଲପେବଲ୍ ହୋମିସାଇଡ୍ ଭଳି ସାଙ୍ଘାତିକ ମାମଲାରେ ଚାର୍ଜସିଟ୍ ଦାଖଲ ପୂର୍ବରୁ ଜାମିନ୍ ପାଇବା କଷ୍ଟକର ବ୍ୟାପାର ହୋଇଥିବାବେଳେ ପୁଲିସ ଅଧିକାରୀଙ୍କ ତ୍ରୁଟି ପାଇଁ ଅଭିଯୁକ୍ତ ଅତି ସହଜରେ ଜାମିନ୍ ପାଇଯାଇଛି। ଏମିତିକି ଜେଲ୍ ମଧ୍ୟ ଯିବାକୁ ପଡ଼ିନାହିଁ। ସମ୍ବେଦନଶୀଳ ଘଟଣାରେ ସାଙ୍ଘାତିକ ତ୍ରୁଟି ସାମ୍ନାକୁ ଆସିବା ପରେ ତଦନ୍ତକାରୀ ଅଧିକାରୀ ଓ ମାମଲାକୁ ତଦାରଖ କରୁଥିବା ଥାନା ଅଧିକାରୀଙ୍କ କାର୍ଯ୍ୟଦକ୍ଷତାକୁ ପଦାରେ ପକାଇଛି। ଅଭିଯୁକ୍ତ ରାମଚନ୍ଦ୍ର ପକ୍ଷରୁ ଆଇନଜୀବୀ ବିଜୟକୁମାର ସାହୁ, ସୁଶାନ୍ତ କୁମାର ଦାଶ ଓ ରୋନିତ୍ ରଞ୍ଜନ ମହାନ୍ତି ମାମଲା ପରିଚାଳନା କରୁଥିଲେ।

# ଅସହ୍ୟ ଗରମରେ ଫୁଲିଗଲା କଂକ୍ରିଟ୍ ରାସ୍ତା



ଯାଁଳା, ୨୮।୫(ସମିସ): ଗ୍ରୀଷ୍ମ ଲହରୀ ସାଧାରଣ ଜୀବନକୁ ଅତିଷ୍ଠ କରିଦେଇଥିବା ବେଳେ ପ୍ରକୃତିର ଅଜବ ଦୃଶ୍ୟ ଦେଖିବାକୁ ମିଳିଛି ରାଜଧାନୀ ଉପକଣ୍ଠ ଯାଁଳା ପଞ୍ଚାୟତରେ। ନୂତନ ଭାବେ ତିଆରି ହୋଇଥିବା ଆର୍‌ଡି କଂକ୍ରିଟ୍ ରୋଡ୍‌ର ରୂପ ପରିବର୍ତ୍ତନ ହୋଇଛି। କେଉଁ କେଉଁଜାଗାରେ ରୋଡ୍ ଫୁଲି ଏକ ଫୁଟ୍ ଉଚ୍ଚକୁ ଉଠି ଯାଉଛି ତ ଆଉ କେଉଁ କେଉଁ ଯାଗାରେ ରୋଡ୍ ଆପେ ଆପେ ଫାଟି ଯାଉଛି। ଯେଉଁ ପରିକି ସେଠାରେ ରାସ୍ତା ତିଆରି କଲାବେଳେ ହମ୍ପସ୍ କରିବା ଭଳି ଦେଖାଯାଉଛି। ପ୍ରତିବର୍ଷ ବଢୁଥିବା ଏହି ଉତ୍ତାପ ଜନଜୀବନ ପାଇଁ ଶୁଭ ସଙ୍କେତ ନୁହେଁ ବୋଲି ପରିବେଶ୍ ବିତମାନେ ମତ ପ୍ରକାଶ କରିଛନ୍ତି।

## ପୁଲିସ ବାବୁଙ୍କ ପୁଅ ସାଇବର୍ ସୈତାନ

# ସିଜେପିର ନାଁ ନେଇ ୭ କୋଟି ଠକେଇ

ଭୁବନେଶ୍ୱର, ୨୮।୫(ସମିସ): ପୁଲିସ ବାବୁଙ୍କ ପୁଅ ସାଇବର ସୈତାନ। ଖାଲି ସେତିକି ନୁହେଁ; ୧୪ ରାଜ୍ୟ ପାଇଁ ସେ ଥିଲେ ମୋଷ୍ଟ ୱାଣ୍ଟେଡ। ଏହି ଜାମତରା ଗ୍ୟାଙ୍ଗ କକ୍ରୋଜ୍ ଜନତା ପାର୍ଟି ନାଁରେ ଚଳାଇଥିଲେ ସାଇବର ଠକେଇ। ବିଭିନ୍ନ ଆପ୍ଲିକେସନ ମାଧ୍ୟମରେ ଲିଙ୍କ ପଠାଇ ଯୁବପିଢିଙ୍କୁ ଭୁଆଁ ବୁଲାଉଛନ୍ତି ସାଇବର ଠକ। ଏହି ସାଇବର ଠକମାନେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରୁ ପ୍ରାୟ ୭ କୋଟିରୁ ଅଧିକ ଟଙ୍କା ଠକେଇ କରିବା ସହ ପୋଲିସକୁ ଚକମା ଦେଇ ଘୁରି ବୁଲୁଥିଲେ। ଏହି ଗ୍ୟାଙ୍ଗକୁ ସାଇବର ଥାନା ପୋଲିସ ଧରିବାରେ ସଫଳ ହୋଇଛି। ଗିରଫ ୪ ସାଇବର ଠକ ହେଲେ ପଶ୍ଚିମବଙ୍ଗର କଲ୍ୟାଣୀପୁର ଥାନା ଅଞ୍ଚଳର ଅୟନ ନାଣ୍ଡି(୨୭), ଝାଡ଼ଖଣ୍ଡର ଅଲ୍ଲମୁଦ୍ଦିନ୍ ଅନସାରୀ(୩୬), ଝାଡଖଣ୍ଡ ଦେଓଘରର ଅଭିଶେଷ କୁମାର ଦାସ(୨୧) ଏବଂ ଝାଡଖଣ୍ଡର ବିରେନ୍ଦ୍ର ଦାସ(୨୦)। ଗିରଫ ସାଇବର ଠକମାନଙ୍କୁ ଗୁରୁବାର ଦିନ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହୋଇଯିବାରୁ ସମସ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଗିରଫ ଅଭିଯୁକ୍ତମାନଙ୍କ ନାମରେ ୧୦ରୁ ଅଧିକ ରାଜ୍ୟର ବିଭିନ୍ନ ଥାନାରେ ୩୦ରୁ ଅଧିକ ସାଇବର ଠକେଇ ମାମଲା ରହିଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଗିରଫ ଅଭିଯୁକ୍ତମାନଙ୍କୁ ଦରକାର ହେଲେ ପୋଲିସ ରିମାଣ୍ଡରେ ନେବାକୁ ଯୋଜନା କରୁଛି।

**ଜାମତରା ଗ୍ୟାଙ୍ଗର ୪ ଗିରଫ**



ସୂଚନାଯୋଗ୍ୟ ଯେ, ଗତ କିଛି ଦିନ ହେଲା କକ୍ରୋଜ୍ ଜନତା ପାର୍ଟି ନାଁରେ ଚାଲିଛି ସାଇବର ଠକେଇ। ବିଭିନ୍ନ ଆପ୍ଲିକେସନ ମାଧ୍ୟମରେ ଲିଙ୍କ ପଠାଇ ଯୁବପିଢିଙ୍କୁ ଭୁଆଁ ବୁଲାଉଛନ୍ତି ସାଇବର ଠକ। କକ୍ରୋଜ ଜନତା ପାର୍ଟି ନାମରେ ଇଚକ ଫାଇଲ କରୁଥିଲେ ସାଇବର ଠକେଇ। ଏଥିସହ ଆରଟିଓ ଚାଲାଣ ନାମରେ ମଧ୍ୟ ଇଚକ ଫାଇଲ ପଠାଇ ଠକେଇ କରୁଥିଲେ। ଏହି ଗ୍ୟାଙ୍ଗରେ ଆଉ କିଛି ଅପରାଧୀ ଫେରାର ଥିବାରୁ ସେମାନଙ୍କୁ ଧରିବା ପାଇଁ ସାଇବର ଥାନା ପୁଲିସ ଚଢ଼ଉକୁ ଜୋରଦାର କରିଛି।

# ବିଜେବି କଲେଜ ପିଜି ପାସହାର ୯୫.୭୬%

ଭୁବନେଶ୍ୱର, ୨୮।୫(ସମିସ): ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ ସ୍ନାତକୋତ୍ତର ପାଠ୍ୟକ୍ରମର ଚୂଡାନ୍ତ ପରୀକ୍ଷା ଫଳ ପ୍ରକାଶ ପାଇଛି। ଚଳିତବର୍ଷ ମୋଟ୍ ପାସ୍ ହାର ୯୫.୭୬% ରହିଛି। ସମୁଦାୟ ୪୦୧ ଜଣ ପରୀକ୍ଷା ଦେଇଥିବାବେଳେ ୩୮୪ ଜଣ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଉଭୟ ଛାତ୍ର ଓ ଛାତ୍ରୀଙ୍କ ପାସ୍ ହାର ପ୍ରାୟ ସମାନ ରହିଛି। ଛାତ୍ରୀଙ୍କ ମୋଟ୍ ପାସ୍ ହାର ୯୫.୯୭% ଥିବାବେଳେ ଛାତ୍ରଙ୍କ ୯୫.୪୨% ରହିଛି। ସେହିପରି ସମସ୍ତ ୧୯ଟି ବିଷୟରେ ଟପ୍ପର ହୋଇଥିବା ଛାତ୍ରଛାତ୍ରୀଙ୍କ ନାମ ମଧ୍ୟ ମହାବିଦ୍ୟାଳୟ ପକ୍ଷରୁ ପ୍ରକାଶ କରାଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ରୀତା ଦାସଙ୍କ ସମେତ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଦୀପ କୁମାର ପୃଷ୍ଟି, ପରୀକ୍ଷା ପାଇଁ ଅଫିସ୍ ଦାୟିତ୍ୱରେ ଥିବା ଜୟନ୍ତୀ ବେହେରା, ଉପ ପରୀକ୍ଷା ନିୟନ୍ତ୍ରକ ଡ. ସୁନନ୍ଦା ହୋତା, ଡ. ରେଖା ଦାସ ପ୍ରମୁଖ ପରୀକ୍ଷା ଫଳକୁ ଉନ୍ମୋଚନ କରିଛନ୍ତି।

# ଭାଉଜକୁ ଅସଦାଚରଣ କରି ଦିଅର ଗିରଫ

ଭୁବନେଶ୍ୱର, ୨୮।୫ (ସମିସ): ଭାଉଜକୁ ଅସଦାଚରଣ କରିଥିବା ଅଭିଯୋଗରେ ଦିଅରକୁ ଗିରଫ କରିଛି ମୈତ୍ରୀ ବିହାର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ସାଲିଆ ସାହିରେ ରହୁଥିବା ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଥାନା ଅଞ୍ଚଳର ସଞ୍ଜୟ ବେହେରା (୩୩)।

ପୁଲିସ ସୂଚନା ଅନୁସାରେ, ସଞ୍ଜୟ ତା'ର ଭାଇ ଭାଉଜଙ୍କ ସହ ସାଲିଆ ସାହି ଅଞ୍ଚଳରେ ରହୁଥିବା। ଗତକାଲି ଭାଉଜ ଏକାକୀ ଥିବାବେଳେ ସଞ୍ଜୟ ତାଙ୍କୁ ଟଣାଓଟରା କରିବା ସହ ଅସଦାଚରଣ କରିଥିଲା। ଏନେଇ ମହିଳା ଜଣକ ମୈତ୍ରୀ ବିହାର ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ସଞ୍ଜୟକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ୧୦ ବର୍ଷ ପରେ ଆସିଲା ରାୟ

# ଅପହରଣ ଓ ଛୁରାମାଡ଼ ଘଟଣାରେ ଆସାମୀ ଦୋଷୀ ସାବ୍ୟସ୍ତ

ଭୁବନେଶ୍ୱର, ୨୮।୫ (ସମିସ): ସହିଦନଗର ଥାନା ଅଞ୍ଚଳରେ ଘଟିଥିବା ଯୁବକଙ୍କୁ ଅପହରଣ ଓ ଛୁରାମାଡ଼ ଘଟଣାର ରାୟ ପ୍ରକାଶ ପାଇଛି। ଭୁବନେଶ୍ୱର ସ୍ଥିତ ୩ୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ହିମାଂଶୁ ଶେଖର ମଲ୍ଲିକ ମାମଲାର ବିଚାରକରି ଆସାମୀ ଅକ୍ଷୟ କୁମାର ଗୋଚ୍ଛି ଓରଫ୍ ଜୁବୁଲିକ ଦୋଷୀ ସାବ୍ୟସ୍ତ କରିଛନ୍ତି।

ପୁଲିସ ସୂଚନାନୁସାରେ, ୨୦୧୬ ମସିହା ଏପ୍ରିଲ୍ ୬ ତାରିଖ ସନ୍ଧ୍ୟାରେ ବିକାଶ ସେନାପତି ଓ ତାଙ୍କ ବାନ୍ଧବୀ ଆଇନକ୍ସ ସିନେମା ହଲରୁ ଫେରୁଥିଲେ। ସେମାନେ ନିକୋ ପାର୍କ ରାସ୍ତାରେ ଯାଉଥିବା ବେଳେ ଅକ୍ଷୟ ଓ ସହଯୋଗୀମାନେ ତାଙ୍କୁ ଅଟକାଇ ଛୁରି ଓ ଲୁହା ଛଡ଼ରେ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ପେଟର ଡାହାଣ ପାର୍ଶ୍ୱରେ ଗଭୀର ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା। ବିକାଶଙ୍କ ପକ୍ଷରୁ ହରିହର ସେନାପତି ଏତଲା ଦେବାପରେ ସହିଦନଗର ଥାନା ପୁଲିସ କେସ୍ ନଂ -୨୧୬/୧୬ରେ ଧାରା - ୩୨୬/୩୬୪(ଏ)/୩୦୭/୩୪ ଆଇପିସିରେ ମାମଲା ରୁଜୁ କରି ସବ୍ ଇନ୍ସପେକ୍ଟର ରଶ୍ମିତା ଲାକ୍ରାଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଥିଲା। ତଦନ୍ତ ସମୟରେ ଅକ୍ଷୟ ଏସଡିଜେଏମ କୋର୍ଟରେ ଆତ୍ମସମର୍ପଣ କରିଥିଲ ଓ ପରେ ଜାମିନରେ ମୁକ୍ତ ହୋଇଥିଲା। ଶ୍ରୀମତୀ ଲାକ୍ରା ତଦନ୍ତ ସାରି ଦଫା - ୩୨୬/୩୬୪(ଏ)/୩୦୭/୩୪ ଆଇପିସିରେ ଅକ୍ଷୟ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିବା ବେଳେ ଅନ୍ୟ ଅଭିଯୁକ୍ତଙ୍କୁ ଫେରାର ବୋଲି ଦର୍ଶାଇଥିଲେ।

**■ କଲପେବଲ୍ ହୋମିସାଇଡ୍ ଉଦ୍ୟମ ଦଫାରେ ଦଣ୍ଡବିଧାନ**

ଅଦାଲତ ଘଟଣା ସହିତ ସମ୍ପୃକ୍ତ ୭ ଜଣ ସାକ୍ଷୀ ଓ ୬ଟି ପ୍ରଯୁଜ୍ୟ ଦସ୍ତାବିଜକୁ ଆଧାରରେ ମାମଲାର ବିଚାର କରି ଆସାମୀ ଅକ୍ଷୟକୁ ଦଫା -୩୦୮/୩୪ ଆଇପିସିରେ ୩ ବର୍ଷର ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଶୁଣାଇଛନ୍ତି। ସହକାରୀ ପବ୍ଲିକ ପ୍ରୋସିକ୍ୟୁଟର ଶୁଭଶ୍ରୀ ଜେନା ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପରିଚାଳନା କରିଥିଲେ।

# ବୁଦ୍ଧଙ୍କ ବିରାଟକାୟ ବାଲୁକାକଳା

ଧଉଳି, ୨୮।୫(ସମିସ): ଭୁବନେଶ୍ୱର ଉପକଣ୍ଠ ଇତିହାସର ମୂକସାକ୍ଷୀ ରକ୍ତନଦୀ ଦୟାନଦୀରେ ପୁଣ୍ୟତୋୟା ଦୟାନଦୀରେ ଦେଖିବାକୁ ମିଳିଥିଲା ଶାନ୍ତିର ପ୍ରତୀକ ଭଗବାନ ଗୌତମ ବୁଦ୍ଧଙ୍କ ବାଲୁକାକଳା ଭଗବାନ ବୁଦ୍ଧଙ୍କ ବିରାଟକାୟ ବାଲୁକାକଳା। ଓଡ଼ିଶା ବେଶ ମନଲୋଭା ହୋଇଛି। ରୋଟାରି କ୍ଲବ୍-୩୨୬୨




ତରଫରୁ ପ୍ରସ୍ତୁତ ହୋଇଥିବା ୧୩୭ ଫୁଟ ଲମ୍ବର ବୁଦ୍ଧଙ୍କ ଶୟନରତ ଏହି ବାଲୁକାକଳା ପ୍ରସ୍ତୁତି କରିଥିଲେ ବିଶିଷ୍ଟ ବାଲୁକାଶିଳ୍ପୀ ଡ଼. ସୁବଳ ମହାରଣା। ଏଥିରେ ତାଙ୍କୁ ୨୦ ଜଣ ଶିଳ୍ପୀ ସାହାଯ୍ୟ କରିଥିଲେ, ଯେଉଁଥିରେ ୬ ଜଣ ଝିଅ ଥିଲେ। ଏହି କଳାକୁ ପ୍ରସ୍ତୁତ କରିବା ନିମନ୍ତେ ୩୭ ଘଣ୍ଟା ଲାଗିଥିଲା। ବାଲିରେ ବିଭିନ୍ନ ଦେବାଦେବୀ ଏବଂ ବିଶିଷ୍ଟ ବ୍ୟକ୍ତିଙ୍କ ବାଲୁକାକଳା ପ୍ରସ୍ତୁତ କରିବା। ସେ ଆଜି ପର୍ଯ୍ୟନ୍ତ ରାଜ୍ୟ ଓ ଦେଶବିଦେଶରେ ୩୦୦ରୁ ଊର୍ଦ୍ଧ୍ୱ ବାଲୁକାକଳା ତିଆରି କରିଥିବା ବେଳେ ଆଜିର କଳାକୃତିକୁ ମିଶାଇ ୧୫ ଗୋଟି ବିଶ୍ୱରେକର୍ଡ କରିଥିବା ଡ଼. ମହାରଣା କହିଛନ୍ତି। ଦୟାନଦୀର ବାଲିରେ ଏଭଳି ବାଲୁକାକଳା ଦେଖଣାହାରୀଙ୍କୁ ବେଶ ବିମୋହିତ କରିଥିଲା।

# ମଞ୍ଚରେ 'ରକ୍ତ କରବୀ'ର କଥା



ଭୁବନେଶ୍ୱର, ୨୮।୫(ସମିସ): ଯକ୍ଷପୁରୀ ନାମକ ସ୍ଥାନରେ ମାଟିରୁ ସୁନା ଖୋଳି ବାହାର କରିବା ପାଇଁ ଶହଶହ ଶ୍ରମିକ ନିଯୁକ୍ତ ଥାଆନ୍ତି। ଯେଉଁଠି କି ଶ୍ରମିକ ମାନଙ୍କୁ ଦିନରାତି ମେସିନ୍ ପରି କାମ କରିବାକୁ ପଡୁଥାଏ। ନିଜର ଅହଂକାରୀ ଅର୍ଥଲୋଭୀ ମାଲିକମାନଙ୍କ ଇଙ୍ଗିତରେ। ଧନ-ଜନ-ଗୌରବରେ ଅନ୍ଧ ହୋଇ ମାଲିକମାନେ ଶ୍ରମିକ ମାନଙ୍କର ହସ-କାନ୍ଦ-ଦୁଃଖ-ଶୋକ ପରି ଅନେକ ମାନବିକ ଚେତନାକୁ ଛଡ଼ାଇ ନେଇ ସେମାନଙ୍କୁ ମଣିଷରୁ ସତେ ଯେମିତି ପଥରରେ ପରିଣତ କରିଦେଇଥାଆନ୍ତି। ଏହି ନାଟକର ନାୟିକା ନନ୍ଦିନୀ ଜଣେ ଶ୍ରମିକ ହୋଇ ମଧ୍ୟ ନିଜ କର୍ତ୍ତବ୍ୟ ସମ୍ପାଦନ ସହିତ ସବୁ ଶ୍ରମିକଙ୍କ ମଧ୍ୟରେ ଶକ୍ତି-ପ୍ରେମ ଓ ଆଶାର ବୀଜ ବପନ କରି ଚାଲିଥାନ୍ତି। ନନ୍ଦିନୀ ଥିଲେ ନିର୍ଭିକ ଓ ସାହାସୀ। ନନ୍ଦିନୀଙ୍କ ପ୍ରରୋଚନାରେ ଶ୍ରମିକମାନେ ଲଢ଼େଇ କରି ନିଜର ହୃତଗୌରବ ଓ ସ୍ୱାଧୀନତା, ମାନସମ୍ମାନ ଓ ମହିମାକୁ ଫେରିପାଆନ୍ତି। ନାଟକ ରକ୍ତ କରବୀରେ ଧନୀ ଲୋକମାନଙ୍କର ଗରିବ ଲୋକଙ୍କୁ ଶୋଷଣ ଓ ମାନବିକତା ଅଧିକାର ହରଣ ତଥା କଳ କାରଖାନା ପ୍ରତିଷ୍ଠା କରି ଶ୍ରମିକମାନଙ୍କର ନ୍ୟୁନତମ ଅଧିକାରକୁ କ୍ଷୁଣ୍ଣ କରିବା ସମ୍ବନ୍ଧରେ ସ୍ୱର ଉତ୍ତୋଳନ କରି ସମଗ୍ର ମାନବଜାତିକୁ ନିର୍ଭୟରେ ବଞ୍ଚି ରହିବାର ବାର୍ତ୍ତା ପ୍ରେରଣ କରିଛି ନାଟକ 'ରକ୍ତ କରବୀ'। ବିଦ୍ୟାକନକ ସୃଜନାନୁଷ୍ଠାନ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ଜାତୀୟ ନାଟ୍ୟ ମହୋତ୍ସବର ବୁଧବାର ପଞ୍ଚମ ସନ୍ଧ୍ୟାରେ 'ଶରଭୂଜ, ପଶ୍ଚିମ ମେଦିନପୁର, ପଶ୍ଚିମବଙ୍ଗ' ପକ୍ଷରୁ ପ୍ରଦର୍ଶିତ ଏହି ନାଟକର ରଚନା ରବୀନ୍ଦ୍ର ନାଥ ଟାଗୋର କରିଥିବା ବେଳେ ନିର୍ଦ୍ଦେଶନା ଦେଇଛନ୍ତି ତରୁଣ ପ୍ରଧାନ। କାର୍ଯ୍ୟକ୍ରମରେ ଅତିଥି ଭାବେ ନାଟ୍ୟକର ତଥା ନାଟ୍ୟ ନିର୍ଦ୍ଦେଶକ ଲଲାଟେନ୍ଦୁ ରଥ, ରୋଟାରିଆନ୍ ଆରତୀ ବିଶ୍ୱାଳ, ନାଟ୍ୟକାର ଏସ୍‌ଜେ ଫକୀର ସିଂ, ଓଡ଼ିଶା ନାଟ୍ୟ ସଂଘ କୋଷାଧ୍ୟକ୍ଷ ଅବିନାଶ ଦଣ୍ଡପାଟ, ସୁଧାକର ପତ୍ରି, ଶୁଭାକାନ୍ତ ପାଢ଼ୀ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଖରାଦିନେ ବି ମିଳୁନି ନିସ୍ତାର

# ଅସରାଏ ବର୍ଷା ହେଲେ ରାସ୍ତାରେ ଆଣ୍ଠୁଏ ପାଣି

ଭୁବନେଶ୍ୱର, ୨୮।୫(ସମିସ)

ପାହାଳ ଜାତୀୟ ରାଜପଥକୁ ଲାଗି ରହିଥିବା ରୁଦ୍ର ବିହାରକୁ ଯିବା ରାସ୍ତାରେ ବର୍ଷା ପାଣି ନିଷ୍କାସନ ହେବାକୁ ଡ୍ରେନେଜ୍ ସୁବିଧା ନ ଥିବାରୁ ଅସରାଏ ବର୍ଷାରେ ଜଳବନ୍ଦୀ ସମସ୍ୟା ଉପୁଜୁଛି। ଘରକୁ ଯିବାକୁ ହେଲେ ଆଣ୍ଠୁଏ ପାଣିରେ ପଶି ଯାଉଛନ୍ତି ଲୋକେ। ବୁଧବାର ବର୍ଷାରେ ରାସ୍ତା ଉପରେ ପାଣି ଜମି ରହିଥିବାରୁ ବାଇକ୍ ଚକା ଅଧାରୁ ଅଡ଼ିକ ବୁଡ଼ି ଯାଉଥିବା ବେଳେ ପାଦଚଲା ଲୋକଙ୍କ ଯାତାୟତ ଏକପ୍ରକାର ବନ୍ଦ ହୋଇଯାଇଛି। ଫଳରେ ଏହି ଅଞ୍ଚଳରେ ରହୁଥିବା ୨ହଜାରରୁ ଊର୍ଦ୍ଧ୍ୱ ଲୋକେ ଯିବା ଆସିବା କରିବାକୁ ଦୁର୍ଦ୍ଦଶା ଭୋଗୁଥିବା ଅଭିଯୋଗ ହୋଇଛି।

**■ ଦୁର୍ଦ୍ଦଶା ଭୋଗୁଛନ୍ତି ରୁଦ୍ରବିହାର ବାସିନ୍ଦା**

ଭୁବନେଶ୍ୱର ମହାନଗର ନିଗମ ୱାର୍ଡ ନମ୍ବର-୪ ଅଧୀନରେ ରହିଛି ରୁଦ୍ର ବିହାର। ଏଠାରେ ଦିନକୁ ଦିନ ଜନବସତି ଗଢ଼ି ଉଠୁଥିବା ବେଳେ ଲୋକସଂଖ୍ୟା ୨ହଜାର ଟପିଲାଣି। ହେଲେ ଲୋକଙ୍କ ମୌଳିକ ସମସ୍ୟା ପ୍ରତି ଗୁରୁତ୍ୱ ଦିଆଯାଉ ନ ଥିବା ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ। ୧୬ ନମ୍ବର ଜାତୀୟ ରାଜପଥକୁ ଲାଗି ରହିଥିବା ରୁଦ୍ର ବିହାର, ଶିବଶକ୍ତି ନଗର, ବସନ୍ତ ଭିଲ୍ଲା ଆଦି ଅଞ୍ଚଳରେ ପ୍ରତିବର୍ଷ ଏହି ସମସ୍ୟା ଲାଗି ରହିଥିବା ବେଳେ ଏନେଇ ବାରମ୍ବାର ବିଏମସି ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ ଜଣାଇବା ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ସ୍ଥାନୀୟ ବାସିନ୍ଦ କହିଛନ୍ତି। ସେମାନଙ୍କ କହିବା ଅନୁସାରେ, ଏଠାରେ ଏବେବି ମାଟିରାସ୍ତା ରହିଛି। ବାରମ୍ବାର ଅଭିଯୋଗ ପରେ ରୁଦ୍ରବିହାରକୁ ରାସ୍ତା କାମ ଆରମ୍ଭ ହୋଇଥିବା ବେଳେ ମାତ୍ର ୧୦୦ମିଟର ରାସ୍ତା ଆରମ୍ଭ ହୋଇ ଅଧାପନ୍ତରିଆ ହୋଇ ପଡ଼ି ରହିଛି। ସେହିପରି ଏଠାରେ ଡ୍ରେନେଜ୍ ବ୍ୟବସ୍ଥା ନ ଥିବାରୁ ବର୍ଷା ପାଣି ନିଷ୍କାସନ ହୋଇନପାରି ରାସ୍ତା ଉପରେ ଜମି ରହୁଛି। ଏଭଳି ସମସ୍ୟା ପ୍ରତିବର୍ଷ ବର୍ଷା ଋତୁରେ ହେଉଥିବା ବେଳେ ଏଣିକି ଗ୍ରୀଷ୍ମରେ ସମାନ ସମସ୍ୟା ଉପୁଜିଲାଣି। ଯାହାକି ସ୍ଥାନୀୟ ଲୋକଙ୍କ ଚିନ୍ତାର କାରଣ ପାଲଟିଛି। କାରଣ ଅଫିସ୍ କାମ ହେଉ ପିଲାମାନଙ୍କ ସ୍କୁଲ, କଲେଜ ଯିବା ଆସିବାରେ ବାଧା ସୃଷ୍ଟି ହେଉଛି। ଏମିତିକି ଓଲା, ଉବେର କିମ୍ବା ଟ୍ରାଭେଲ ଏଜେନ୍ସିରୁ ଗାଡ଼ି ବୁକିଂ କରାଯାଉଥିଲେ ବି ତାହା କ୍ୟାନସଲ କରାଯାଉଥିବା କୁହାଯାଉଛି। ଫଳରେ କୌଣସି ଜରୁରୀ କାମରେ ହସ୍ପିଟାଲ ଯିବା ମଧ୍ୟ ଅସମ୍ଭବ ହୋଇପଡୁଛି। ତେଣୁ ଆଗକୁ ବର୍ଷା ଋତୁ ଆସୁଥିବାରୁ ପୂର୍ବରୁ ଏଠାରେ ରାସ୍ତା ଓ ଡ୍ରେନ୍ କାମ କରାଯିବାକୁ ଅଞ୍ଚଳବାସୀ ଦାବୀ କରିଛନ୍ତି। ଏନେଇ ୱାର୍ଡର କର୍ପୋରେଟର ସୁକୁମାର ସାହୁ କହିଛନ୍ତି ଏଠାରେ ରାସ୍ତା ପାଇଁ କଚ୍ଚାପକ୍କା ଯୋଜନାରେ ପୂର୍ବ ସରକାରରେ ଟେଣ୍ଡର ହୋଇଥିଲା। ହେଲେ ନୂତନ ସରକାରରେ ଉକ୍ତ ଟେଣ୍ଡର କ୍ୟାନସଲ ହୋଇଥିବାରୁ କାମ ହୋଇପାରୁନି। ପୁନର୍ବାର ଟେଣ୍ଡର ପାଇଁ ପ୍ରୟାସ କରାଯାଉଛି। ଯଥାଶିଘ୍ର ଟେଣ୍ଡର କରି ରାସ୍ତା ଓ ଡ୍ରେନ୍ କରାଯିବାକୁ ଯୋଜନା ରହିଛି।



ଯାତ୍ରାସ୍ଥଳ ପାଲଟିଲା ରଣକ୍ଷେତ୍ର

# ପଥର, କାଚ ବୋତଲ ମାଡ଼ରେ ୧୫ ଆହତ; ୧୦ ଗିରଫ



ରଙ୍ଗେଇଲୁଣ୍ଡା,୨୮ ।୫(ସମିସ):

ବୁଧବାର ଗୋଳନ୍ଥରା ଥାନା ଅଧିନସ୍ଥ ମାର୍କଣ୍ଡି ଗ୍ରାମ ଠାକୁରାଣୀ ଯାତ୍ର ଚାଲିଥିବା ବେଳେ ମହାଭାରତ ଯାତ୍ରା ପରିବେଷଣରୁ ଦୁଇ ଯାତ୍ରାପାର୍ଟି ମଧ୍ୟରେ ଗଣ୍ଡଗୋଳ ସୀମା ଟପିଛି । କାଚବତଲ, ଟେକା ପଥର ମାଡରେ ଯାତ୍ରାସ୍ଥଳ ରଣକ୍ଷେତ୍ର ପାଲଟିବା ସହ ୧୫ରୁ ଉର୍ଦ୍ଧ୍ୱ ଜଣ ଆହତ ହୋଇଛନ୍ତି । ଏହି ଘଟଣାରେ ପୁଲିସ ଉଭୟ ଗୋଷ୍ଠୀର ୧୦ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ମାନେ ହେଲେ ଚମାଖଣ୍ଡି ଥାନା ରାମପଲ୍ଲୀ ଗ୍ରାମର ରାକେଶ କୁମାର ସ୍ୱାଇଁ(୨୬), ଭାଗିରଥୀ ସ୍ୱାଇଁ (୩୭), ଦୀବାନ କୁମାର ସ୍ୱାଇଁ (୪୫), ଗୁଣ୍ଡିଚା ସ୍ୱାଇଁ (୪୧), ପଞ୍ଚାନନ ସ୍ୱାଇଁ (୩୭), ଗୋବିନ୍ଦପୁର ଗ୍ରାମର ନିର୍ମଳ ପ୍ରଧାନ (୪୭), ମାନସ ସ୍ୱାଇଁ (୪୫), କାହ୍ନୁ ପ୍ରଧାନ(୩୧), ପିଣ୍ଟୁ ପାତ୍ର(୩୭), ବୃନ୍ଦାବନ ସ୍ୱାଇଁ (୩୩) ବୋଲି ପୁଲିସ ସୂଚନା ଦେଇଛି ।

ସୂଚନା ଅନୁସାରେ ଏହି ଥାନା ଅଧିନସ୍ଥ ମାର୍କଣ୍ଡି ଗ୍ରାମରେ ମା'ପଲାମ୍ମା ଠାକୁରାଣୀ ଯାତ୍ରା ଚାଲିଥିବା । ରାମପଲ୍ଲୀ ଓ ଗୋବିନ୍ଦପୁର ମହାଭାରତ ନାଟକ ପରିବେଷଣ ପାଇଁ ଦୁଇ ନାଟକ ଗୋଷ୍ଠୀ ପକ୍ଷରୁ ଶତାଧିକ ଲୋକ ମାର୍କଣ୍ଡି ଆସିଥିଲେ । ରାତିରେ ଉଭୟଙ୍କ ପକ୍ଷରୁ ମହାଭାରତ ନାଟକକୁ ନେଇ ପ୍ରତିଯୋଗିତା ଆରମ୍ଭ ହେବା ସହ ଉଭୟଙ୍କ ମଧ୍ୟରେ ଆକ୍ଷେପ ପ୍ରତିଆକ୍ଷେପ ହୋଇଥିଲା । ଉଭୟ ଗୋଷ୍ଠୀର କଳାକାର ପାଟିତୁଣ୍ଡ କରି ଉଗ୍ର ରୂପ ଧାରଣ କରିବା ସହ ଟେକା, ପଥର କାଚ ବୋତଲ ମାଡ଼ କରିବା ସହ ଲାଠିରେ ଆକ୍ରମଣ ଓ ପ୍ରତି ଆକ୍ରମଣ ମଧ୍ୟ କରିଥିଲେ । କିଛି ସମୟ ପାଇଁ ଯାତ୍ରାସ୍ଥଳ ରଣକ୍ଷେତ୍ର ପାଲଟିଥିଲା । ଏଥିରେ ୧୫ ଉର୍ଦ୍ଧ୍ୱ ଆହତ ହୋଇଥିଲେ । ଏଥିସହ ପୁଲିସ କର୍ମଚାରୀ ମଧ୍ୟ ଆକ୍ରମଣ ଶିକାର ହୋଇଥିଲେ । ସ୍ଥାନୀୟ ଲୋକ ଓ ପୁଲିସ ଆହତ ମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ । ଘଟଣାସ୍ଥଳରୁ ଲାଠି, ଭଙ୍ଗା ଇଟା, କାଚ ବୋତଲ, ପଥର ଓ ଅନ୍ୟ ସାମଗ୍ରୀ ପୁଲିସ ଜବତ କରିଛି । ଏନେଇ ଗୋଳନ୍ଥରା ଥାନାର ଏଏସ୍ଆଇ ରାମଚନ୍ଦ୍ର ମୁଦୁଲିଙ୍କ ଲିଖିତ ଅଭିଯୋଗ କ୍ରମେ ନଂ.୧୯୫/୨୬ରେ ପୁଲିସ ମାମଲା ରୁଜୁ କରି ୧୦ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ଅଧିକ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଟୁନା ସାସମଲ ସୂଚନା ଦେଇଛନ୍ତି ।

# ୨୫ଦିନରେ ମା'ରାମାୟଣାମ୍ମାଙ୍କ ଯାତ୍ରା



ଛତ୍ରପୁର ବିଧାୟକଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା

ଛତ୍ରପୁର,୨୮ ।୫(ସମିସ): ଛତ୍ରପୁରର ଆରାଧ୍ୟା ମା'ରାମାୟଣାମ୍ମାଙ୍କ ଠାକୁରାଣୀ ଯାତ୍ରା ଲାଗି ଉଠୁଛି ପଡୁଛି ସାରା ସହର । ଗୁରୁବାର ଯାତ୍ରାର ୨୫ଦିନ ଅବସରରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କ ସ୍ୱତନ୍ତ୍ର ପୂଜା ସହିତ ମା' ଭୋଗ ଗ୍ରହଣ କରିଛନ୍ତି । ରୀତିନୀତି ଅନୁସାରେ ବିଧାୟକ ଶ୍ରୀ ନାୟକ ଅସ୍ଥାୟୀ ମଣ୍ଡପରେ ପହଞ୍ଚି ପୂଜାର୍ଚ୍ଚନା ସହିତ ମା'ଙ୍କୁ ନିମନ୍ତ୍ରଣ କରିଥିଲେ । ପରେ ବିରାଟ ପଟୁଆରରେ ମା' ଅସ୍ଥାୟୀ ମଣ୍ଡପରୁ ବାହାରି ପରିକ୍ରମା କରିଥିଲେ । ଏଥିରେ ଆନ୍ଧ୍ର କାଳୀ, ଖଡ଼ଗପୁର କାଳୀ ସହ ରାଜ୍ୟ ଏବଂ ରାଜ୍ୟ ବାହାରୁ ୨୫ ଗ୍ରୁପର ବିଭିନ୍ନ କଳାକାର ଏବଂ ୨୦୦ ହନୁମାନ ବେଶଧାରୀମାନେ ବିରାଟ ପାଟୁଆରେ ମାଙ୍କ ସହିତ ସାମିଲ ହୋଇଥିଲେ । ମଧ୍ୟାହ୍ନରେ ବିଧାୟକଙ୍କ ପକ୍ଷରୁ ୧୦ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ନିମନ୍ତେ ଅନ୍ନ ଭୋଗର ଆୟୋଜନ କରାଯାଇଥିଲା । ସନ୍ଧ୍ୟାରେ ଅସ୍ଥାୟୀ ମଣ୍ଡପରେ ମା'ଙ୍କ ଆଳତି ଦର୍ଶନ କରିବା ନିମନ୍ତେ ବିଧାୟକଙ୍କ ସହ ପ୍ରବଳ ଜନ ସାମଗମ ହୋଇଥିଲା । ମା'ଙ୍କ ଯାତ୍ରା ଅବସରରେ ଛତ୍ରପୁର ଅନସ୍ଲୋ ଖେଳ ପଡିଆ ଠାରେ ରାମଦୋଳି ଓ ମିନା ବଜାର ଖୋଲାଯାଇଥିବା ବେଳେ ଲୋକେ ଏହାର ମଜା ଉଠାଉଛନ୍ତି । ଆଇନ ଶୃଙ୍ଖଳା ଦୃଷ୍ଟିରୁ ବିଭିନ୍ନ ସ୍ଥାନରେ ପୁଲିସ କର୍ମଚାରୀ ମୁତୟନ ରହିଛନ୍ତି ।

# ପାଳିତ ହେଲା ପବିତ୍ର ଇଦ୍-ଉଲ-ଜୁହା

ବ୍ରହ୍ମପୁର,୨୮ ।୬(ସମିସ): ସହରର ମୁସଲମାନ ଭାଉଭଉଣୀଙ୍କ ପକ୍ଷରୁ ପବିତ୍ର ଇଦ୍-ଉଲ-ଜୁହା ପର୍ବ ବେଶ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଛି । ବକ୍ରି ଇଦ ଭାବେ ଜଣାଶୁଣା ଏହି ପର୍ବ ମୁସଲମାନ ସମ୍ପ୍ରଦାୟର ଦ୍ୱିତୀୟ ବୃହତ ପର୍ବ । ଏହାକୁ ପରିତ୍ୟାଗର ପର୍ବ ଭାବେ କୁହାଯାଇଥିବା ବେଳେ ୩ ଦିନ ଧରି ଏହି ପର୍ବ ପାଳନ କରାଯାଇଥାଏ । ଏହି ଦିନରେ ମୁସଲମାନ ଭାଇମାନେ ପରସ୍ପରକୁ ଆଲିଙ୍ଗନ କରି ଶୁଭେଚ୍ଛା ଜଣାଇଥାନ୍ତି । ଏଥିପାଇଁ ସକାଳୁ ସକାଳୁ ମୁସଲମାନ ଭାଇମାନେ ନୂଆ ଲୁଗା ପିନ୍ଧି ମସ୍‌ଜିଦ୍‌ରେ ପହଞ୍ଚିଥିଲେ । ସମୂହ ନମାଜ ପାଠ କରିବା ସହ ପରସ୍ପରକୁ ଇଦ୍‌ର ଶୁଭେଚ୍ଛା ଜଣାଇଥିଲେ । ଏଥିପାଇଁ ସହରରେ ଥିବା ବିଭିନ୍ନ ସାହି ଓ ମସଜିଦମାନଙ୍କୁ ରଙ୍ଗିନ ଆଲୋକ ମାଳାରେ ସଜାଯାଇଛି । ଅନ୍ୟପକ୍ଷରେ ବ୍ରହ୍ମପୁର ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ।

■ ପ୍ଲଟ୍ ବ୍ୟବସାୟୀ ସୁଧୀର ପାତ୍ର ହତ୍ୟା ମାମଲା

# ଦୁଇ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିଲା ପୁଲିସ; ଆଜି ସିନ୍ ରିକ୍ରିଏସନ୍

ବ୍ରହ୍ମପୁର,୨୮ ।୫(ସମିସ): ଗୋପାଳପୁର ଥାନା ଅନ୍ତର୍ଗତ ସତ୍ୟନାରାୟଣପୁର ଗ୍ରାମର ପ୍ଲଟ ବ୍ୟବସାୟୀ ସୁଧୀର ପାତ୍ର ହତ୍ୟା ମାମଲାରେ ଗିରଫ ହୋଇଥିବା ୨ ଅଭିଯୁକ୍ତଙ୍କୁ ୨ ଦିନିଆ ରିମାଣ୍ଡରେ ପୁଲିସ ଗୁରୁବାର ଆଣିଛି । ୨ ଅଭିଯୁକ୍ତ ହେଲେ କବିସୂର୍ଯ୍ୟନଗର ଥାନା ଅଂଚଳର ମୁକେଶ ସାହୁ ଓ ଗୁଜୁରାଟ ସୁରଟର ସୁମିତ ସିଂ ସୁନୀଲ ରାଜପୁତ । ଆଜି ଦୁଇ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର ପରେ ବ୍ରହ୍ମପୁରରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଗୋପାଳପୁର ଥାନାକୁ ଅଣା ଯାଇଥିଲା । ଆଜି ପ୍ରଥମ ଦିନରେ ଅତିରିକ୍ତ ଏସ୍‌ପି ଆଲୋକ ଜେନା, ସଦର ଏସ୍‌ଡ଼ିପିଓ ଶୁଭ୍ରାଂଶୁ ଶେଖର ପରିଡ଼ା ଉପସ୍ଥିତ ରହି ଜେରା କରିବା ସହ ସେମାନଙ୍କ ଠାରୁ ବିଭିନ୍ନ ତଥ୍ୟ ସଂଗ୍ରହ କରିଥିଲେ । ଆସନ୍ତାକାଲି ଅଭିଯୁକ୍ତଙ୍କୁ ନେଇ ସିନ ରିକ୍ରିଏସନ କରାଯିବ ବୋଲି ସୂଚନା ମିଳିଛି । ସେହି ମାମଲାରେ ଆଉ ଦୁଇ ଅଭିଯୁକ୍ତ ରଞ୍ଜନ ମଲ୍ଲିକ ଓ ସରୋଜ ପଣ୍ଡାଙ୍କୁ ପୁଲିସ ଏନକାଉଣ୍ଟର କରିଥିବାରୁ ବର୍ତ୍ତମାନ ସେମାନେ ବ୍ରହ୍ମପୁର ମେଡିକାଲରେ ଚିକିତ୍ସାଧୀନ । ପୂର୍ବରୁ ଏହି ମାମଲାରେ ପୁଲିସ ମାଷ୍ଟରମାଇଣ୍ଡ ସୁଧୀରଙ୍କ ଝିଆରୀ ନିବେଦିତା ପାତ୍ର ତାଙ୍କ ପୁତୁରା ତୁଷାର କୁମାର ପାତ୍ର, ନିବେଦିତାଙ୍କ ପୁରୁଷ ବନ୍ଧୁ ଗାଙ୍ଗପୁର ଥାନା କାଳିଆଗୁଡ଼ ଅଞ୍ଚଳର କାଳିଆ ଓରଫ କାଳୁ ଚରଣ ପ୍ରଧାନ, ବୁଗୁଡା ଥାନା ଅନ୍ତର୍ଗତ ବି. ବ୍ରହ୍ମପୁର ଟିଲୁ ଓରଫ ଆଶିଷ ମହାପାତ୍ର, ବୁଗୁଡାର ନାରାୟଣ ପ୍ରଧାନ, ହିଞ୍ଜିଳି ଥାନା ଅନ୍ତର୍ଗତ ସାମଲାଇନଗରର ଶୁଭମ ନାୟକ, ଶୁଭମ ଗୌଡ଼, ଉତ୍ତରପ୍ରଦେଶ ବାରଣାସୀର ସୂର୍ଯ୍ୟ ପ୍ରତାପ ସିଂ ଓ ହିଂଜିଳିକାଟୁ ଥାନା ଅନ୍ତର୍ଗତ ଆଳିପୁର ଜିତୁନ୍ ପଲେଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

ସୂଚନା ପ୍ରକାରେ ଗୋପାଳପୁର ଥାନା ଅନ୍ତର୍ଗତ ସତ୍ୟନାରାୟଣପୁର ଗ୍ରାମର ପ୍ଲଟ ବ୍ୟବସାୟୀ ସୁଧୀର ପାତ୍ରଙ୍କୁ ଅଭିଯୁକ୍ତମାନେ ଏପ୍ରିଲ ୧୫ ସନ୍ଧ୍ୟାରେ ମାଣ୍ଡିଆପଲ୍ଲୀ ପ୍ରେମ ଅଫିସ ନିକଟରୁ ଅପହରଣ କରି ନେବା ପରେ ହତ୍ୟା କରି ସୋରଡ଼ା ଥାନା ଅନ୍ତର୍ଗତ ଗାଜଲବାଡ଼ି ନିକଟ ରସିପଙ୍କାଳ କେନାଲ କଡ଼ରେ ଫିଙ୍ଗି ଦାରିଙ୍ଗିବାଡ଼ି ହୋଇ ବାଲିଗୁଡା ଯାଇଥିଲେ । ୨୨ ତାରିଖରେ ସେଠାରୁ ମୃତଦେହକୁ ଗୋପାଳପୁର ପୁଲିସ ଉଦ୍ଧାର କରିଥିଲା ।

## ମା' ଓ ପୁଅଙ୍କୁ ଆକ୍ରମଣ





ଧରାକୋଟ,୨୮ ।୫(ସମିସ): ଗାଙ୍ଗପୁର ଥାନା ତଥା ଧରାକୋଟ ବ୍ଲକ ଝରପାରି ଗ୍ରାମ ପଞ୍ଚାୟତ ଗମ୍ଭାରୀଆ ଗ୍ରାମରେ ପାରିବାରିକ କଳହକୁ ନେଇ ମା' ଓ ପୁଅଙ୍କୁ ଆକ୍ରମଣ ହୋଇଛି । ଆକ୍ରମଣର ଶିକାର ହୋଇଛନ୍ତି ଗରିବ ନାୟକ ଏବଂ ତାଙ୍କ ମା' । ଗୁରୁତର ଅବସ୍ଥାରେ ସେମାନଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବାବେଳେ ପାରିବାରିକ କାରଣରୁ ଆକ୍ରମଣ ହୋଇଥିବା ବେଳେ ପୁଲିସ ତଦନ୍ତ ଜାରି ରହିଛି । ଉଭୟଙ୍କ ଅବସ୍ଥା ଗୁରୁତର ଥିବାବେଳେ ଚିକିତ୍ସା ଚାଲିଛି । ଖବର ଲେଖାହେବା ସୁଦ୍ଧା ଏନେଇ ଥାନାରେ କୋ÷ଣସି ଅଭିଯୋଗ ହୋଇନଥିବା ଜଣାପଡ଼ିଛି ।

## ବୁଗୁଡ଼ାରେ ଜଟିଳ ହେଉଛି ଟ୍ରାଫିକ ସମସ୍ୟା



ବୁଗୁଡ଼ା,୨୮ ।୫(ସମିସ): ବୁଗୁଡା ସହରର ମୁଖ୍ୟ ସଡ଼କ ସମେତ ବିଭିନ୍ନ ଛକରେ ଯାନବାହନ ଚଳାଚଳ ବେଳେ ଅନେକ ସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିବାରୁ ଯୋଗୁଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବୁଗୁଡା ମୁଖ୍ୟ ରାସ୍ତାରେ ଦୈନିକ ଶହ ଶହ ଯାନବାହାନ ଚଳାଚଳ ହେଉଥିବା ବେଳେ ବିଭିନ୍ନ ବେପାରୀ ରାସ୍ତା କଡ ଅତିକ୍ରମ କରି ପସରା ମେଲାଇ ବେପାର ଜମାଉଥିବା ଫଳରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି । ଅଧିକାଂଶ ସମୟରେ ଯାନବାହାନ ଗୁଡିକର ଲମ୍ବା ଧାଡ଼ି ଲାଗିଯାଉଛି । ଏହି ସମସ୍ୟାର ସମାଧାନ କରିବାରେ ଦୀର୍ଘ ସମୟ ଲାଗିଯାଉଛି ଏବଂ ଅଯଥା ପାଟିତୁଣ୍ଡ ସାଙ୍ଗକୁ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହେଉଛି । ଜରୁରୀକାଳୀନ ସେବାରେ ନିୟୋଜିତ ଆମ୍ବୁଲାନ୍ସ ମଧ୍ୟ ବେଳେ ବେଳେ ଏହି ଟ୍ରାଫିକ୍ ସମସ୍ୟାରେ ଫସି ଯାଉଛି । ଏହି ଟ୍ରାଫିକ ସମସ୍ୟାର ସ୍ଥାୟୀ ପ୍ରତିକାର ଦିଗରେ ଏନ୍‌ଏସି ଏବଂ ପୁଲିସ ପ୍ରଶାସନ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ସାଧାରଣରେ ଦାବି ହେଉଛି । ଅନ୍ୟପକ୍ଷରେ ମଦନ ମୋହନ ଛକ ଠାରୁ ବଡଶଙ୍ଖ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାରେ ଡିଭାଇଡର ନିର୍ମାଣ ପାଇଁ ପ୍ରାରମ୍ଭିକ ଅବସ୍ଥାରେ ଜବରଦଖଲ ଉଚ୍ଛେଦ ସରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କାହିଁକି କାର୍ଯ୍ୟକାରୀ ହୋଇ ପାରୁନି ତାହା ଆଶ୍ଚର୍ଯ୍ୟର ବିଷୟ ହୋଇ ପଡିଛି । ପୂର୍ତ୍ତବିଭାଗ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏହାର ପ୍ରତିକାର ପାଇଁ ସାଧାରଣରେ ଦାବି ହେଉଛି । ଖୋଦ୍ ମନ୍ତ୍ରୀଙ୍କ ଅଞ୍ଚଳରେ ଡିଭାଇଡର ନିର୍ମାଣ ହୋଇ ନପାରିବା ଅତ୍ୟନ୍ତ ପରିତାପର ବିଷୟ ବୋଲି ଜନସାଧାରଣଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି ।

ହୋଇ ପାରିଲାନି ଡିଭାଇଡର ନିର୍ମାଣ

# ଯୁବ ବିଜେଡି ପକ୍ଷରୁ ପାଣି ବୋତଲ ବଣ୍ଟନ



ବ୍ରହ୍ମପୁର,୨୮ ।୫(ସମିସ): ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଗୋପାଳପୁର ଜଙ୍କସନ୍‌ରେ ବିଜୁ ଯୁବ ଜନତା ଦଳ ରାଜ୍ୟ ଉପସଭାପତି ନିହାର ଶତପଥୀଙ୍କ ନେତୃତ୍ୱରେ ସାଧାରଣ ଲୋକ, ଯାତ୍ରୀ, ଶ୍ରମିକ ଓ ଚାଳକମାନଙ୍କୁ ପାଣି ବୋତଲ ବଣ୍ଟନ କରାଯାଇଛି । ଏହି କାର୍ଯ୍ୟକ୍ରମରୁ ଶତାଧିକ ଯାତ୍ରୀ ଓ ସାଧାରଣ ଲୋକ ଉପକୃତ ହୋଇଥିଲେ ଏବଂ ଯୁବ ଟିମ୍‌ର ଏପରି ପ୍ରୟାସକୁ ସ୍ୱାଗତ କରିଥିଲେ । କାର୍ଯ୍ୟକ୍ରମ ରାଜ୍ୟ ଯୁବ ନେତା ଜ୍ୟୋତିରଞ୍ଜନ ସାହୁ, ଆଦିତ୍ୟ ଆଚାର୍ଯ୍ୟ, ଆଦ୍ୱିସ ଭାନା, ସୌମ୍ୟ ପାଣିଗ୍ରାହୀ, ଆଶିଷ ପାତ୍ର, ଦୀପକ ଦାଶ, ସୁମନ (ପାଣ୍ଡୟା) ଓ ସନ୍ଦୀପଙ୍କ ସକ୍ରିୟ ସହଯୋଗରେ ସଫଳତାର ସହିତ ସମ୍ପନ୍ନ କରାଯାଇଥିଲା । ଏହି ଅବସରରେ ଆୟୋଜକମାନେ ଶ୍ରୀ ନବୀନ ପଟ୍ଟନାୟକ ମାର୍ଗଦର୍ଶନ ଓ ପ୍ରେରଣା ପାଇଁ କୃତଜ୍ଞତା ଜଣାଇଥିଲେ । ସେମାନଙ୍କର ଜନମୁଖୀ ଚିନ୍ତାଧାରା ଯୁବ ସମାଜକୁ ସମାଜସେବା ଓ ଲୋକସମ୍ପର୍କ ଦିଗରେ ନିରନ୍ତର ପ୍ରେରିତ କରୁଛି । ଏହି ଅବସରରେ ଶ୍ରୀ ଶତପଥୀ କହିଥିଲେ ଯେ, ଏଭଳି ସମୟରେ ଲୋକଙ୍କ ପାଖରେ ଠିଆ ହେବା ହିଁ ପ୍ରକୃତ ରାଜନୀତି । ଛୋଟ ପ୍ରୟାସ ମଧ୍ୟ ଲୋକଙ୍କୁ ଏହି ବଡ଼ ଖରାରେ ଆଶ୍ୱସ୍ତି ଦେଇଛି ଓ ଆଗକୁ ଏପରି କାର୍ଯ୍ୟକ୍ରମ ଜାରି ରହିବ ।

# ଦୁଇ ବ୍ଲକ ଟପ୍ପରଙ୍କୁ ସମ୍ବର୍ଦ୍ଧନା

ପୋଲସରା,୨୮ ।୫(ସମିସ): ପୋଲସରା ବ୍ଲକ ଅନ୍ତର୍ଗତ ଶଶିକଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଗୁରୁବାର ଦୁଇ ଜଣ ବ୍ଲକ ଟପରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଯୁକ୍ତ ୨ ପରୀକ୍ଷାରେ ଶଶିକଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବିଜ୍ଞାନ ବିଭାଗର ଛାତ୍ରୀ ଅନ୍ୱେଷା ମିଶ୍ର ୬୦୦ ମାର୍କରୁ ୫୫୧ ମାର୍କ ରଖି ଶତକଡ଼ା ୯୧.୯୯%ରେ ପୋଲସରା ବ୍ଲକ ଟପ୍ପର ହୋଇଛନ୍ତି । ସେହିପରି ଏହି ଅନୁଷ୍ଠାନର ବିଜ୍ଞାନ ବିଭାଗର ଅନ୍ୟ ଜଣେ ଛାତ୍ର ରିତେଶ ପ୍ରଧାନ ମଧ୍ୟ ୬୦୦ ମାର୍କରୁ ୫୪୨ ମାର୍କ ଓ ଶତକଡ଼ା ୯୦.୩ ଧ ପ୍ରତିଶତ ରଖି ବ୍ଲକର ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ । ଯାହାକୁ ନେଇ ବିଦ୍ୟାଳୟ ପକ୍ଷରୁ ଅଧ୍ୟକ୍ଷ ଇନ୍ଦ୍ରଜିତ ବିଷୋୟୀ ଅଧ୍ୟକ୍ଷତାରେ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା । ଏଥିରେ ବିଦ୍ୟାଳୟ ସମ୍ପାଦକ ସୂର୍ଯ୍ୟନାରାୟଣ ପାଢ଼ୀ, ସଭାପତି ସତ୍ୟନାରାୟଣ ସାହୁ ଓ ଅଧ୍ୟାପକ ଓ ଅଧ୍ୟାପିକାଙ୍କ ଉପସ୍ଥିତିରେ ଦୁଇ ବ୍ଲକ ଟପ୍ପରଙ୍କୁ ସମ୍ବର୍ଦ୍ଧନା ଦେବା ସହ ଅନ୍ୟ ସମସ୍ତ ଛାତ୍ରଛାତ୍ରୀଙ୍କୁ ଉପହାର ପ୍ରଦାନ କରିଥିଲେ । ଅନ୍ୱେଷା ଭବିଷ୍ୟତରେ ଭଲ ଶିକ୍ଷକଟିଏ ହେବାପାଇଁ ଇଛା ପ୍ରକାଶ କରିଥିବା ବେଳେ ରିତେଶ ବିଟେକ୍ କରିବା ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି ।



# ଶୈବପୀଠ ଜିର୍ଣ୍ଣୋଦ୍ଧାର ମହୋତ୍ସବ ଉଦ୍‌ଯାପିତ



ଦିଗପହଣ୍ଡି,୨୮ ।୫(ସମିସ): ଦିଗପହଣ୍ଡି ସହର ଉପକଣ୍ଠ କୁଶପଡ଼ା ଗ୍ରାମ ନିକଟ କମାପଡିଆ ସ୍ଥିତ ଶ୍ରୀନୀଳକଣ୍ଠେଶ୍ୱର ଶୈବପୀଠ ଜିର୍ଣ୍ଣୋଦ୍ଧାର ମହୋତ୍ସବ ଗୁରୁବାର ଉଦଯାପିତ ହୋଇଯାଇଛି । ୫ ଦିନ ବ୍ୟାପୀ ଚାଲିଥିବା ଶତରୁଦ୍ର ମହାଯଜ୍ଞ ଓ ନାମଯଜ୍ଞ ସନ୍ଧ୍ୟାରେ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ପୂର୍ଣ୍ଣାହୁତି ହୋଇଥିଲା । ପଣ୍ଡିତ ଭବାନୀ ଶଙ୍କର ତ୍ରିପାଠୀଙ୍କ ପୌରିହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ପଣ୍ଡିତ, ପୁରୋହିତ, ଯାଜ୍ଞିକଙ୍କ ପରିଚାଳନାରେ ଯଜ୍ଞକୁଣ୍ଡ ସ୍ଥଳରେ ମୁଖ୍ୟକର୍ତ୍ତା ରୂପେ ଗୌରାଙ୍ଗ ସାହୁ ଓ ତାଙ୍କ ସହଧର୍ମିଣୀ କୁମୁଦିନୀ ସାହୁଙ୍କ ସମେତ ଦିଗପହଣ୍ଡି ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମିଶ୍ର ଓ ତାଙ୍କ ସହଧର୍ମିଣୀ ସଙ୍ଗୀତା ତ୍ରିପାଠୀ, ଶିକ୍ଷକ ସୁବ୍ରତ କୁମାର ପାଢୀ ଓ ସଂଯୁକ୍ତା ପାଳ, ପ୍ରଦୀପ ପଣ୍ଡା ଓ ମନୀକା ପଣ୍ଡା, ରମା ବଲ୍ଲଭ ପଣ୍ଡା ଓ ସୁକାନ୍ତି ପଣ୍ଡା ପ୍ରମୁଖ ଉପବେସନ କରି ଯଜ୍ଞ କୁଣ୍ଡରେ ଘୃତ ଦହନ କରିଥିଲେ । ଦିଗପହଣ୍ଡି ସହର ସମେତ ବିଭିନ୍ନ ଗ୍ରାମରୁ ଆସିଥିବା ସହସ୍ରାଧିକ ଶ୍ରଦ୍ଧାଳୁ ସଂକୀର୍ତ୍ତନ କରି ମନ୍ଦିର ବେଢ଼ା ପରିକ୍ରମା କରିଥିଲେ । ଯଜ୍ଞ ପରିଚାଳନା କମିଟି ସଭାପତି ତଥା ଦିଗପହଣ୍ଡି ଏନଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା, ଉପ ସଭାପତି ବସନ୍ତ ପଟ୍ଟନାୟକ, କେ. ତାରକେଶ୍ୱର ଦୋରା, ଏସ୍ .ଗାନ୍ଧୀ, ସୁଶାନ୍ତ ପ୍ରଧାନ, ସମ୍ପାଦକ ସୁରେନ୍ଦ୍ର ବିଷୋୟୀ, ସହ-ସମ୍ପାଦକ ବିପ୍ରଚରଣ ସେଠୀ, ନିରାକାର ପ୍ରଧାନ, ହର୍ଷ ପ୍ରଧାନ ଏବଂ କୋଷାଧ୍ୟକ୍ଷ କୋରେଶୁ ସେଠୀ, ଉଦ୍ୟୋକ୍ତା ଅମ୍ବିକା ପ୍ରସାଦ ସେଠୀ, କାର୍ଯ୍ୟକର୍ତ୍ତା ଅର୍ଦ୍ଧୁ.ଗୋବିନ୍ଦ, ଭଗବାନ ଦୋରା, ଶଙ୍କର ପାଢ଼ୀ, କ୍ଷେତ୍ରବାସୀ ପ୍ରଧାନ, ପଞ୍ଚାନନ ସ୍ୱାଇଁ, ଉପଦେଷ୍ଟା ପୂର୍ବତନ ଏନଏସି ଅଧ୍ୟକ୍ଷ ଭି.ରବି ନାରାୟଣ ରାଜୁ, ପ୍ରମୋଦ ପାଣିଗ୍ରାହୀ, ଭି.ଧର୍ମ ରାଜୁ, ରାମନାଥ ବିଷୋୟୀ, କାଉନସିଲର ଦୀପକ ମିଶ୍ର, ନୀଳମାଧବ ଗୌଡ଼, ବିଚିତ୍ରାନନ୍ଦ ପଟ୍ଟନାୟକ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ବୁଧବାର ରାତିରେ କାଳବୈଶାଖୀ ପ୍ରଭାବରେ ମହାଯଜ୍ଞର ସ୍ୱାଗତ ତୋରଣ ଭାଙ୍ଗି ପଡ଼ିବା ସହ ମୀନାବଜାର, ରାମଦୋଳି ସମେତ ବିଭିନ୍ନ ଉଠା ଦୋକାନୀଙ୍କ ସାମଗ୍ରୀ ପସରା କ୍ଷୟକ୍ଷତି ହୋଇଥିଲା ।

# ବିଭିନ୍ନ ଦୋକାନରୁ ଗୁଟ୍‌ଖା ଜବତ

ଆସିକା,୨୮ ।୫(ସମିସ): ଆସିକାର ବିଭିନ୍ନ ଦୋକାନରେ ବୁଧବାର ଅପରାହ୍ନରେ ପ୍ରଶାସନ ପକ୍ଷରୁ ମିଳିତ ଚଢ଼ଉ କରାଯାଇ ବହୁ ପରିମାଣର ଗୁଟ୍‌ଖା ଜବତ କରାଯାଇଛି । ଚଢ଼ଉରେ ଆସିକା ତହସିଲଦାର ସଂଗୀତା ସେନ, ଅତିରିକ୍ତ ତହସିଲଦାର ଅମରେଶ ସାବତ, ଆସିକା ଉପଖଣ୍ଡ ପୁଲିସ ଅଧିକାରୀ ଶୁଭେନ୍ଦୁ ରଞ୍ଜନ ପ୍ରଧାନ, ଆସିକା ଥାନା ଅଧିକାରୀ ସୁଧୀର କୁମାର ସାହୁ, ଆସିକା ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେଶ କୁମାର ପଟ୍ଟନାୟକ, ଆସିକା ଥାନା ଏସଆଇ ଆଲିସ୍ମିତା ଜେନା, ଏଏସ୍ଆଇ ବସନ୍ତ କୁମାର ବେହେରା ପ୍ରମୁଖ ସାମିଲ ଥିଲେ । ଏହି ଚଢ଼ଉ ଆସିକା ସହରର ବିଭିନ୍ନ ସ୍ଥାନରେ ହୋଇଥିଲା ।

୫ଦିନ ହେଲା ଆସୁନି ପାଣି

# ପିଏଚ୍‌ଡି କାର୍ଯ୍ୟାଳୟ ଘେରିଲେ ମହିଳା

ଛତ୍ରପୁର,୨୮ ।୫(ସମିସ):



ପାଣି ଟୋପେ ପାଇଁ ତହଳ ବିକଳ ହେଉଛନ୍ତି ଲୋକେ, ପ୍ରଶାସନ କିନ୍ତୁ ନିଦାବିଷ୍ଟ । ଅସନ୍ତୋଷ ପ୍ରକାଶ କରି ଗୁରୁବାର ଛତ୍ରପୁର ପୌର ପରିଷଦର ୬ନଂ. ୱାର୍ଡରେ ଭାସ୍କର ରାଓ ପେଟା ସାହି ବାସିନ୍ଦା ସ୍ଥାନୀୟ ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟ ଘେରଉ କରିଥିଲେ । ବିଶେଷ କରି ମହିଳାମାନେ ଏହି ଘେରାଉରେ ସାମିଲ ହୋଇଥିଲେ । ସେମାନଙ୍କ କହିବା କଥା ସାହିକୁ ଆଜିକୁ ୫ ଦିନ ହେଲା ପାଣି ଆସୁନାହିଁ । ଫଳରେ ପାଣି ଟୋପେ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଅଞ୍ଚଳବାସୀ । ଶେଷରେ ଗୁରୁବାର ମହିଳା ମାନେ ବାଧ ହୋଇ ଆନ୍ଦୋଳନ ପନ୍ଥା ଗ୍ରହଣ କରିଥିଲେ । ବିଭାଗୀୟ ଅଧିକାରୀଙ୍କ ବିରୋଧରେ ତୀବ୍ର ନାରାବାଜି କରିବା ସହ ଅଫିସର ମୁଖ୍ୟ ଫାଟକ ସମ୍ମୁଖରେ ହୋହାଲ୍ଲା କରିଥିଲେ । ଖବରପାଇ ବିଭାଗୀୟ ଅଧିକାରୀ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଇବା ସହ ପାଣି ମିଳିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ବନ୍ଦ ହୋଇଥିଲା । ତେବେ ପ୍ରତିଶ୍ରୁତି ରକ୍ଷା ନହେଲେ ଆନ୍ଦୋଳନ ଆହୁରି ଭୟାବହ ହେବ ବୋଲି ସାହି ବାସିନ୍ଦା ଚେତାବନୀ ଦେଇଛନ୍ତି ।





# ମିଳୁନି ପଥର; ସଂକଟରେ କାରିଗର

ଭୁବନେଶ୍ୱର, ୨୮।୫(ସମିସ)

ନିହଣ ମୁନରେ ପଥରରେ ଜୀବନ୍ତ ରୂପ ଦେଉଥିବା କାରିଗର ଓ ତା କାରିଗରୀ ଏବେ ସଙ୍କଟରେ ଦେଖିବାକୁ ମିଳୁଛି। ଚାହିଦା ମୁତାବକ ପଥର ମିଳୁନଥିବାବେଳେ, ଦିନକୁ ଦିନ ତାର ଦାମ ମଧ୍ୟ ବଢ଼ି ବଢ଼ି ଚାଲିଛି।

ପ୍ରାଚୀନ କାଳରୁ ପଥର ବ୍ୟବହାର ହୋଇ ଆସୁଛି। ସମୟକ୍ରମେ ତାର ଆବଶ୍ୟକତା ଓ ବ୍ୟବହାର ମଧ୍ୟ ବଢ଼ିଲାଣି। ଗାଁ ଠୁ ସହର ସବୁଠି ଚାହିଦା ରହିଥାଏ। ତେଣୁ ବ୍ୟବହାର ଓ ଚାହିଦା ଅନୁଯାୟୀ ଅନେକ ପଥର



## ପଥର ଚଢ଼ା ଦର ଯୋଗୁଁ ମିଳୁନି ପାରିଶ୍ରମିକ

ଉପକରଣର ମଧ୍ୟ ବଜାରରେ ମିଳିଲାଣି। ବିଭିନ୍ନ ଘରୋଇ ଉପକରଣ ଠୁ ମୂର୍ତ୍ତି ଓ କୋଠା ବାଡି ରେ ବି ପଥର ଏକ ପ୍ରମୁଖ ଉପାଦାନ ଭାବରେ ବ୍ୟବହାର ହେଲାଣି। ଫଳରେ ପଥର କାରିଗରଙ୍କୁ ରୋଜଗାରର ମାଧ୍ୟମ ମିଳୁଥିଲା। ଅନ୍ୟପଟେ ସମୟ ସହ ରୋଜଗାରର ମାଧ୍ୟମ ବଢ଼ିଲା ସତ ହେଲେ କାରିଗରୀ କରିବାକୁ ଏବେ ପଥରର ସଙ୍କଟ ଦେଖା ଗଲାଣି। ଦିନକୁ ଦିନ ପଥରର କିଣା ମୂଲ୍ୟ ବଢ଼ିବା ସାଙ୍ଗକୁ ବିଶେଷକରି କଞ୍ଚାମାଲର (ସାହାଣ ପଥର) ଅଭାବ ପଥର ଶିଳ୍ପୀଙ୍କୁ ଦୁର୍ଦ୍ଦିନରେ ପକାଇଛି। ରାଜ୍ୟରେ ଥିବା ଶହ ଶହ ଶିଳ୍ପୀଙ୍କୁ ଏହି ସମସ୍ୟା ଚିନ୍ତାରେ ପକାଇଛି। ସେହିପରି ରାଜଧାନୀର ପଥର ଶିଳ୍ପୀ ତଥା କାରିଗରଙ୍କ ଅବସ୍ଥା ମଧ୍ୟ ସମାନ। ଆଖପାଖ ଜିଲ୍ଲାରୁ ମଧ୍ୟ ଏଠାକୁ ଆସି କାରୀଗରମାନେ ନିଜ ରୋଜଗାରର ପନ୍ଥା ଖୋଜୁଛନ୍ତି। ମୁଗୁନି, ଖଡ଼ି, ସାହାଣ ଓ କନ୍ଦା ପଥର ଆଦିରେ ନିର୍ମିତ ମନ୍ଦିର, ମୂର୍ତ୍ତି ଓ ଘରକରଣା ସାମଗ୍ରୀର ଅନେକ ଚାହିଦା ବେଳରୁ ରହିଆସିଛି। କିନ୍ତୁ କାରିଗରିମାନଙ୍କ ପାଇଁ ପଥରର ଏବେ ଘୋର ଅଭାବ ଦେଖାଦେଇଛି। ଦୁଃଖର ବିଷୟ କାରିଗରମାନଙ୍କୁ ବାହାରୁ ଚଢା ମୂଲ୍ୟରେ ପଥର ଆଣିବାକୁ ପଡୁଛି। ହେଲେ ପ୍ରାୟ ପଥର ଖଣି ସବୁ ଜଙ୍ଗଲ ମଧ୍ୟରେ ରହିଛି। କାଁଭାଁ ଖଣି ରାଜସ୍ୱ ଅଞ୍ଚଳରେ ରହିଥିଲେ ମଧ୍ୟ ତା'ର ନିଲାମ କରାଯାଉ ନାହିଁ। ଯଦି ନିଲାମ ହେଉଛି, ତାହା ଚଢା ଦରରେ ହେଉଥିବାରୁ ଗରିବ କାରିଗର କିଣିବାକୁ ସକ୍ଷମ ହେଉନାହାନ୍ତି। ଆର୍ଥିକ ଅଭିବୃଦ୍ଧିକୁ ନଜରେରଖି ବହୁ ଦେଶୀ ବିଦେଶୀ କମ୍ପାନୀ ହାତକୁ ସେହିସବୁ ଚାଲିଯାଉଛି। ଯାହା ଯେତିକି ପଥର ମିଳୁଛି ସେ ଆବଶ୍ୟକଠୁ କମ୍, ତେଣୁ ମୂର୍ତ୍ତି ଛୋଟ କରିବାକୁ ପଡୁଛି ବୋଲି କହିଛନ୍ତି ପଥର ଶିଳ୍ପୀ ଆଶିଷ ଭୋଳ। ସେହିପରି ଅନ୍ୟ କାରିଗର ଚନ୍ଦନ କୁହନ୍ତି କୌଳିକ ବୃତ୍ତି ବଞ୍ଚାଇବାକୁ ଦିନ ରାତି ଏକାଠି କରିଦେଇଛନ୍ତି। ହେଲେ ଆବଶ୍ୟକ ଅନୁସାରେ ପାଉଣା ମିଳୁନାହିଁ। ବାହାରୁ ପଥର



ମଗାଇ ମୂର୍ତି ଗଢିବାକୁ ପଡୁଛି। ତାପରେ ବି ଦୁଇ ପଇସା ଲାଭ ସେମାନଙ୍କ ପାଇଁ ସ୍ୱପ୍ନ ପାଲଟିଛି। ଗୋଟିଏ ପଥର ମୂର୍ତିରେ ରୂପ ଦେବାକୁ ୪ରୁ ୫ ଜଣ କାରିଗର ଆବଶ୍ୟକ ପଡେ। ପଥରର ସମସ୍ୟା ଯୋଗୁଁ କାମରୁ ପଥର କାରିଗରମାନେ ବି ମୁହଁ ଫେରାଇଲେଣି।

## ଏମ୍ସରେ ରକ୍ତଦାନ ସ୍ୱତନ୍ତ୍ର ଗ୍ରୀଷ୍ମକାଳୀନ ଶିବିର



ଭୁବନେଶ୍ୱର, ୨୮।୫(ସମିସ): ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଓଡ଼ିଶା ରକ୍ତଦାତା ମହାସଂଘ ତରଫରୁ ଇନ୍ ହାଉସ କ୍ୟାମ୍ପ ସ୍ୱତନ୍ତ୍ର ଗ୍ରୀଷ୍ମକାଳୀନ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସତସଙ୍ଗ ଗ୍ରୁପ ଆନୁକୂଲ୍ୟରେ ଏମ୍ସ ରକ୍ତ କେନ୍ଦ୍ର ଠାରେ ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଏମ୍ସ ଟ୍ରାନ୍ସଫ୍ୟୁଜନ ମେଡିସିନ ବିଭାଗର ଡ. ସତ୍ୟ ପ୍ରକାଶ, ଆସୋସିଏଟ୍ ପ୍ରଫେସର ଡ. ଦେବାଶିଷ ମିଶ୍ର, ଓଡ଼ିଶା ରକ୍ତଦାତା ମହାସଂଘର କାର୍ଯ୍ୟକାରୀ ସଭାପତି ଡ. ନରେଶ ଚନ୍ଦ୍ର ସାହୁ ଉଦ୍‌ଘାଟନ କରିଥିଲେ। ଶିବିରରୁ ମୋଟ୍ ୧୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଓଡ଼ିଶା ରକ୍ତଦାତା ମହାସଂଘର ସାଧାରଣ ସମ୍ପାଦକ ଅକ୍ଷୟ କୁମାର ରାଉତ, ତ୍ରିଲୋଚନ ଦାସ ଓ ସତସଙ୍ଗ ଗ୍ରୁପ୍‌ର ମୁଖ୍ୟ ରାଜେଶ କୁମାର ପଣ୍ଡା, ରାକେଶ ବେହେରା, ସରୋଜ ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ରକ୍ତଦାତାଙ୍କୁ ପ୍ରମାଣପତ୍ର ସହ ଏଫ୍‌ବିଡିଓ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଇନ୍ଦିରା ଦାଶଙ୍କ ଦୁଇଟି ପୁସ୍ତକ ଉନ୍ମୋଚିତ




ଭୁବନେଶ୍ୱର ୨୮।୫(ସମିସ): ସ୍ଥାନୀୟ ହୋଟେଲ୍ ସ୍ୱସ୍ତି ଗ୍ରାଣ୍ଡ କନ୍‌ଫରେନ୍ସ ହଲ୍‌ରେ ଇନ୍ଦିରା ଦାଶଙ୍କ ଦୁଇଟି ପୁସ୍ତକ 'ନର୍ତ୍ତକୀ' ଓ 'ଶିଶିର କନ୍ୟା' ପାଠକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜ୍ଞାନପୀଠ ପୁରସ୍କାରପ୍ରାପ୍ତ ଔପନ୍ୟାସିକା ପଦ୍ମଭୂଷଣ ଡଃ ପ୍ରତିଭା ରାୟ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଅଧ୍ୟାପକ ବିଶ୍ୱରଞ୍ଜନ ଯୋଗ ଦେଇଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମୀର ଆଞ୍ଚଳିକ ସଚିବ ଡକ୍ଟର ମିହିର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡକ୍ଟର ଚନ୍ଦ୍ରଶେଖର ହୋତା, ଔପନ୍ୟାସିକା ଇନ୍ଦିରା ଦାଶ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଶେଷରେ ପୁସ୍ତକର ପ୍ରକାଶକ ବିଦ୍ୟାପୁରୀର ନିର୍ଦ୍ଦେଶକ ଜୀବନାନନ୍ଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବରେ ପଦ୍ମଶ୍ରୀ ଡକ୍ଟର ଦେବୀ ପ୍ରସନ୍ନ ପଟ୍ଟନାୟକ, ଜୁଡ଼ିସିଆଲ୍ ଅଫିସର୍ ମୀନାକ୍ଷୀ ଦାଶ, ରେଲୱେର ପୂର୍ବତନ ମୁଖ୍ୟ ଭିଜିଲାନ୍‌ସ ଅଧିକାରୀ ଓ ବରିଷ୍ଠ ଡିଜିଏମ୍ ସୁବ୍ରତ ତ୍ରିପାଠୀ, ଔପନ୍ୟାସିକ ଅର୍ଚ୍ଚନା ନାୟକ, କାଦମ୍ବିନୀର ସମ୍ପାଦିକା ଇତି ସାମନ୍ତ, ଲେଖକ ପୀତବାସ ରାଉତରାୟ, କବି ଓ ସ୍ତମ୍ଭକାର ନିରାକାର ଦାସ, ଅନୁବାଦିକା କନକଲତା ସାହୁ, ଗାଳ୍ପିକା ଆଭା ଦାଶ, ଶତଦ୍ରୁର ସମ୍ପାଦକ ଉପେନ୍ଦ୍ର ନାୟକ, ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଭାପତି ହୃଷିକେଶ ମଲ୍ଲିକ ଉପସ୍ଥିତ ଥିଲେ।

## ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘର କାର୍ଯ୍ୟକର୍ତ୍ତା ଅଭ୍ୟାସ ବର୍ଗ



ଭୁବନେଶ୍ୱର, ୨୮।୫(ସମିସ): ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ ଉଚ୍ଚଶିକ୍ଷା ଶାଖାର ତିନିଦିନିଆ କାର୍ଯ୍ୟକର୍ତ୍ତା ଅଭ୍ୟାସ ବର୍ଗ ନୀଳାଦ୍ରି ବିହାରସ୍ଥିତ ସରସ୍ୱତୀ ବିଦ୍ୟା ମନ୍ଦିରଠାରେ ଅନୁଷ୍ଠିତ ହୋଇଛି। ଏହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଅଧ୍ୟାପକମାନେ ଯୋଗଦେଇଛନ୍ତି। ମହାସଂଘର ଜାତୀୟ ସଂଗଠନ ସମ୍ପାଦକ ମହେନ୍ଦ୍ର କାପୁର, ସହ ସଂଗଠନ ସମ୍ପାଦକ ଗୁଣ୍ଟା ଲକ୍ଷ୍ମଣ, ସାଧାରଣ ସମ୍ପାଦିକା ପ୍ରଫେସର ଗୀତା ଭଟ୍ଟ, କ୍ଷେତ୍ର ସଂଗଠନ ସମ୍ପାଦକ ଆଲୋକ ଚଟ୍ଟୋପାଧ୍ୟାୟ, କେନ୍ଦ୍ରୀୟ କାର୍ଯ୍ୟକାରୀ ପରିଷଦ ସଦସ୍ୟ ଡ. ନାରାୟଣ ମହାନ୍ତି, ରାଜ୍ୟ ସଭାପତି ପ୍ରଫେସର ଶିବବ୍ରତ ଦାସ, ସାଧାରଣ ସମ୍ପାଦକ ଡ. ବିପ୍ଳବ କୁମାର ଗୁରୁ ପ୍ରମୁଖ ବିଭିନ୍ନ ପ୍ରସଙ୍ଗରେ ସେମାନଙ୍କ ମତ ପ୍ରଦାନ କରିଛନ୍ତି। ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ, ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ହୃଷୀକେଶ ସେନାପତି, ପୂର୍ବତନ କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ଓ ପ୍ରଫେସର କ୍ଷୀତିଭୂଷଣ ଦାସ, ପୂର୍ବତନ ଅଧ୍ୟକ୍ଷ ଡ. ଅନୀଲ କୁମାର ମିଶ୍ର ଓ ଡ. ପ୍ରଶାନ୍ତ କୁମାର ରାଉତ ପ୍ରମୁଖ ଜାତୀୟ ଶିକ୍ଷା ନୀତି-୨୦୨୦ର ଭିନ୍ନଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପିକା କୃଷ୍ଣପ୍ରିୟା ବେହେରା, ଡ. ପବିତ୍ର କୁମାର ରଥ, ଡ. ଦୀପ୍ତାଂଶୁ ଭୂଷଣ ପତି, ଡ. ବିଶ୍ୱମୋହନ ଜେନା, ଡ. ସରୋଜ କୁମାର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଓଗାଳପଡ଼ାରେ ପାଗଳ କୁକୁର ଆତଙ୍କ

ଯାଁଳା, ୨୮।୫(ସମିସ): ଭୁବନେଶ୍ୱର ଉପକଣ୍ଠ ଯାଁଳା ପଞ୍ଚାୟତ ଓଗାଳପଡ଼ା ୨ରେ ପାଗଳ କୁକୁରର ଆତଙ୍କ ସୃଷ୍ଟି ହୋଇଛି। ସୂଚନା ଥାଉକି ଗତ ଦୁଇଦିନ ଧରି ଏକ ମାଇ ପାଗଳ କୁକୁର ୬ଜଣଙ୍କୁ କାମୁଡି ଆହତ କରିଥିବାବେଳେ ଦୁଇଜଣ ୯ ରୁ ୧୧ ବର୍ଷର ଝିଅପୁଅ ଥିବାବେଳେ ଏକ ମହିଳା ମଧ୍ୟ ବାଦ୍ ପଡ଼ିନାହିଁ। ସେହିପରି ଅନ୍ୟ ରାଜ୍ୟରୁ ରହୁଥିବା ତିନିଜଣ ବ୍ୟକ୍ତିଙ୍କୁ କାମୁଡିଥିବା ବେଳେ ଛେଳି ଏବଂ କେତେକ କୁକୁରଙ୍କୁ ମଧ୍ୟ ପାଗଳ କୁକୁର କାମୁଡି ଆତଙ୍କ ସୃଷ୍ଟି କରିଛି।

## 'ରତୁସ୍ରାବ ଅଧିକାର ଓ ସମ୍ମାନ ପାଇଁ ସୃଜନଶୀଳ ସ୍ୱର' ଆଲୋଚନାଚକ୍ର




ଭୁବନେଶ୍ୱର, ୨୮।୫(ସମିସ): ୟୁନିସେଫ୍ ଓଡ଼ିଶା, ଆଇନା ସଂଗଠନ ସହଯୋଗରେ ସ୍ଥାନୀୟ ଏକ ହୋଟେଲରେ ବିଶ୍ୱ ରତୁସ୍ରାବ ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତା ଦିବସ ଉପଲକ୍ଷେ 'ରତୁସ୍ରାବ ଅଧିକାର ଏବଂ ସମ୍ମାନ ପାଇଁ ସୃଜନଶୀଳ ସ୍ୱର' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୟୁନିସେଫ୍ ଓଡ଼ିଶାର ମୁଖ୍ୟ କ୍ଷେତ୍ର ଅଧିକାରୀ ପ୍ରଶାନ୍ତ ଦାଶ, 'ଆଇନା'ର ସମ୍ପାଦିକା ସ୍ନେହ ମିଶ୍ର ଯୋଗ ଦେଇ କହିଛନ୍ତି, ରତୁସ୍ରାବ ସମ୍ପର୍କିତ ଆଲୋଚନା ନୀରବତା ଓ ଲଜ୍ଜାରୁ ମୁକ୍ତ ହୋଇ ସହାନୁଭୂତି, ସଚେତନତା ଏବଂ ସାମୂହିକ ଦାୟିତ୍ୱବୋଧ ଆଡ଼କୁ ଅଗ୍ରସର ହେବା ଉଚିତ। ମେୟର ସୁଲୋଚନା ଦାସ ଯୋଗଦେଇ ଘର, ସ୍କୁଲ ଏବଂ ସାର୍ବଜନୀନ ସ୍ଥାନରେ ରତୁସ୍ରାବ ମର୍ଯ୍ୟାଦା ସମ୍ପର୍କରେ ଆଲୋଚନାକୁ ସ୍ୱାଭାବିକ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ସିୱାଇଏସଡିର ସହ-ପ୍ରତିଷ୍ଠାତା ଜଗଦାନନ୍ଦ, କଣ୍ଠଶିଳ୍ପୀ ସୁସ୍ମିତା ଦାଶ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।

## ବିଶ୍ୱ ମାସିକ ରତୁସ୍ରାବ ସ୍ୱଚ୍ଛତା ଦିବସ




ଭୁବନେଶ୍ୱର, ୨୮।୫(ସମିସ):ବିଶ୍ୱ ମାସିକ ରତୁସ୍ରାବ ସ୍ୱଚ୍ଛତା ଦିବସ ଉପଲକ୍ଷେ 'ଆଇନା' ନେତୃତ୍ୱରେ ଓଡ଼ିଶା ମାସିକ ରତୁସ୍ରାବ ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତା ଆଲାଏନ୍ସ ଭୁବନେଶ୍ୱରରେ 'ମାସିକ ରତୁସ୍ରାବ ସ୍ୱାସ୍ଥ୍ୟକୁ ଏକ ମୌଳିକ ଅଧିକାର ଭାବରେ ରୂପାନ୍ତରିତ କରିବାକୁ ଏକତ୍ର ହେବା' ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଆଇନା ସମ୍ପାଦିକା ସ୍ନେହା ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିନ୍ଦଲ ଗ୍ଲୋବାଲ୍ ଲ' ସ୍କୁଲର ପ୍ରଫେସର ଡ. ସୌମ୍ୟ ଉମା, ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପାଦ କର୍ମାଲକର, ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା କମିଶନର ଅଧ୍ୟକ୍ଷା ବବିତା ପାତ୍ର ରତୁସ୍ରାବ ସ୍ୱାସ୍ଥ୍ୟର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଏସ୍. ସାଇନି ରତୁସ୍ରାବ ମହିଳାଙ୍କ ପାଇଁ ନିରାପଦ, ସକ୍ଷମ ଏବଂ କଳଙ୍କମୁକ୍ତ ପରିବେଶର ଗୁରୁତ୍ୱ ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଦିବସବ୍ୟାପୀ କାର୍ଯ୍ୟକ୍ରମରେ 'ଚେଞ୍ଜ୍ ଏବଂ ମାସିକ ଧର୍ମ ଅଧିକାର' ଏବଂ 'ମାସିକ ଧର୍ମ ଏକ ମୌଳିକ ଅଧିକାର' ଉପରେ ଆଲୋଚନା ହୋଇଥିଲା। ଏହି ଅଧିବେଶନକୁ ଶୁଭୋଜିତ ପଣ୍ଡା ଓ ପ୍ରତିଭା ସିଂହ ସଂଯୋଜନା କରିଥିବା ବେଳେ ୧୦ରୁ ଊର୍ଦ୍ଧ୍ୱ ବିଭିନ୍ନ ସଂଗଠନର କାର୍ଯ୍ୟକର୍ତ୍ତା ଏବଂ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ। ଶେଷରେ ୟୁନିସେଫର ୱାଶ୍-ସିସିଇଏସ୍ ବିଶେଷଜ୍ଞ ସିପ୍ରା ସାକ୍ସେନା ଧନ୍ୟବାଦ ଅର୍ପଣ କରିଥିଲେ।

## ଈଶାନେଶ୍ୱର ବସ୍ତିରେ ରତୁସ୍ରାବ ସ୍ୱଚ୍ଛତା ସଚେତନତା




ଭୁବନେଶ୍ୱର, ୨୮।୫(ସମିସ): ବିଶ୍ୱ ରତୁସ୍ରାବ ସ୍ୱଚ୍ଛତା ଦିବସ ଅବସରରେ ମୁକ୍ତା ଫାଉଣ୍ଡେସନ ପକ୍ଷରୁ ଈଶାନେଶ୍ୱର ବସ୍ତି, ନୀଳାଦ୍ରି ବିହାର ଠାରେ ଏକ ସଚେତନତା ଓ ସାନିଟାରୀ ପ୍ୟାଡ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ପ୍ରୀତିନନ୍ଦା ରାଉତରାୟ ଓ ମୋନାଲିସା ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରସିଦ୍ଧ ଗାଇନିକ୍ ବିଶେଷଜ୍ଞା ଡା. ରୀତିମୁକ୍ତା ପଣ୍ଡା ମାସିକ ସମୟରେ ସ୍ୱଚ୍ଛତା, ପୁଷ୍ଟିକର ଖାଦ୍ୟ ଓ ସଠିକ୍ ଯତ୍ନ ସମ୍ପର୍କରେ ସଚେତନତାମୂଳକ ଉଦବୋଧନ ଦେଇଥିଲେ। ମୁକ୍ତା ଫାଉଣ୍ଡେସନର ପ୍ରତିଷ୍ଠାତ୍ରୀ ବନ୍ଦନା ପଣ୍ଡା ମହିଳା ସ୍ୱାସ୍ଥ୍ୟ, ମାସିକ ସଚେତନତା ଓ ନାରୀ ସଶକ୍ତୀକରଣ ଉପରେ ଆଲୋକପାତ କରିଥିଲେ। ଏହାକୁ ସଫଳ କରିବାରେ ମୁକ୍ତା ଫାଉଣ୍ଡେସନର ସେକ୍ରେଟାରୀ ଚନ୍ଦନା ତ୍ରିପାଠୀ, ସଦସ୍ୟା ଗୀତାଞ୍ଜଳି ଶତପଥୀ, ମିଲି ରାଣା (ସୁରକ୍ଷା ସମ୍ପାଦିକା) ଓ ଗାୟତ୍ରୀ ମୃଦୁଳ ସହଯୋଗ କରିଥିଲେ।

## ଦୁଇଦିନିଆ 'ମୋଟାପା' ନିବାରଣ ଶିବିର



ଭୁବନେଶ୍ୱର, ୨୮।୫(ସମିସ): 'ଭାରତୀୟ ଯୋଗ ସଂସ୍ଥାନ, ଓଡ଼ିଶା ପ୍ରାନ୍ତ' ଅଧୀନସ୍ଥ ଭୁବନେଶ୍ୱର ନୂଆପଲ୍ଲୀ ଯୋଗ ଜିଲ୍ଲା ଏବଂ ବରମୁଣ୍ଡା ଯୋଗ ଜିଲ୍ଲାର ମିଳିତ ଆନୁକୂଲ୍ୟରେ ବୁଧବାର ଠାରୁ ଦୁଇଦିନିଆ 'ମୋଟାପା ରୋଗ ନିବାରଣ ଶିବିର' ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ଭିଆଇପି ପାର୍କ ପରିସରରେ ଅନୁଷ୍ଠିତ ହୋଇଯାଇଥିବା ଯୋଗ ଶିବିରରେ ଏକ ଶୃଙ୍ଖଳିତ ପରିବେଶ ମଧ୍ୟରେ ଦୁଇ ଯୋଗ ଜିଲ୍ଲାର ପ୍ରତ୍ୟେକ ସଦସ୍ୟ ସଦସ୍ୟା ଯୋଗ ଦେଇ ଯୋଗ ମାଧ୍ୟମରେ ସୁସ୍ଥ ଏବଂ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତି ଜନ ସମାଜକୁ ଜାଗୃତ କରାଇବାର ଏକ ସୁନ୍ଦର ପ୍ରଚେଷ୍ଟା କରିଥିଲେ। ପ୍ରଥମ ଦିନ ଯୋଗ ଶିବିର ସ୍ଥାନୀୟ ରେଣ୍ଟାଲ ପାର୍କରେ ଶୁଭାରମ୍ଭ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ପ୍ରାନ୍ତ ପ୍ରଧାନ ସୁରେଶ କୁମାର ମହାପାତ୍ର ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଏଠାରେ ଭାରତୀୟ ଯୋଗ ସଂସ୍ଥାନ ଦ୍ୱାରା 'ମୋଟାପା' ନିବାରଣ ଉପରେ ଏକ ଯୋଗ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଏହି ଦୁଇଦିନିଆ କାର୍ଯ୍ୟକ୍ରମରେ ପ୍ରାନ୍ତ ସଦସ୍ୟା ମଞ୍ଜୁଳା ମିଶ୍ର, ବରମୁଣ୍ଡା ଯୋଗ ଜିଲ୍ଲା ପ୍ରଧାନ ପ୍ରଦୀପ୍ତ କୁମାର ମହାନ୍ତି ଏବଂ ନୂଆପଲ୍ଲୀ ଯୋଗ ଜିଲ୍ଲା ପ୍ରଧାନ ଜ୍ୟୋତିର୍ମୟ ରଥ ପ୍ରମୁଖ ଯୋଗ ଦେଇଥିଲ। କାର୍ଯ୍ୟକ୍ରମରେ ଦୁଇ ଯୋଗ ଜିଲ୍ଲାର ଅଧିକାରୀ ଜୟଶ୍ରୀ ପଣ୍ଡା, ଜ୍ୟୋତିର୍ମୟୀ ମହାପାତ୍ର ଏବଂ ମମତା ଦାଶଙ୍କ ସମେତ କ୍ଷେତ୍ର, କେନ୍ଦ୍ର ଅଧିକାରୀ ଏବଂ ସାଧକ, ସାଧିକାଙ୍କ ସହ ମୋଟ ୧୫୦ ଜଣ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ। ପ୍ରଥମ ଦିନ କାର୍ଯ୍ୟକ୍ରମକୁ ଶୁଭ୍ରସିମା ମହାନ୍ତି ଏବଂ ଦ୍ୱିତୀୟ ଦିବସକୁ ଡ. ଜ୍ୟୋତିର୍ମୟୀ ଦାସ ସଞ୍ଚାଳକ ଦାୟିତ୍ୱ ନିର୍ବାହ କରିଥିଲେ।

## ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନର ଆଲୋଚନାଚକ୍ର

ଭୁବନେଶ୍ୱର, ୨୮।୫(ସମିସ): ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନର ୨୧୬ ତମ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମାନବିକତାର ଅବକ୍ଷୟ ଏକ ସାମାଜିକ ସଂକଟ ଶୀର୍ଷକ ଶୀର୍ଷକ ଆଲୋଚନାରେ ପଦ୍ମଶ୍ରୀ ଡା. ଅଶୋକ କୁମାର ମହାପାତ୍ର ସଭାପତିତ୍ୱ କରି କେବଳ ଶାରୀରିକ ସ୍ୱାସ୍ଥ୍ୟ ନୁହେଁ ଆଧ୍ୟାତ୍ମିକ ସ୍ୱାସ୍ଥ୍ୟ ଉପରେ ବିଶେଷ ଧ୍ୟାନ ଦେବାପାଇଁ ପରାମର୍ଶ ଦେଇଥିଲେ। ସେହିଭଳି ବର୍ତ୍ତମାନର ହିଂସା ଦୋଷ ଓ



ସମାଜରେ ଘଟୁଥିବା ନକରାତ୍ମକ ଘଟଣାକୁ ରାଜନୈତିକ ସ୍ତରରେ ଦୃଢ଼ହସ୍ତରେ ଦମନ କରିବାକୁ ସେ ପ୍ରସ୍ତାବ ଦେଇଥିଲେ। ଏହି ଅବସରରେ ମୁଖ୍ୟବକ୍ତା ନାଇଜରର ପ୍ରାକ୍ତନ ଡ. କୁଳସଚିବ ଓ ଅଭୟ କୁମାର ନାୟକ ଯୋଗ ଦେଇ ମାନବିକତାର ଅବକ୍ଷୟର ନମୁନା ଉପସ୍ଥାପନ କରିଥିଲେ। ସେ ଏହାର ନିରାକରଣ ପାଇଁ ଆଧ୍ୟାତ୍ମିକ ମାର୍ଗର ଆଶ୍ରୟ ନେବାପାଇଁ ସୁପାରିଶ କରିଥିଲେ। ଅମାନୁଷିକତା ଏବେ ଦେଶ ଦେଶ ଭିତରେ ବ୍ୟାପି ବିଶ୍ୱ ଶାନ୍ତି ପ୍ରତି ବିପଦ ସୃଷ୍ଟି କରିବାକୁ ବସିଲାଣି ବୋଲି ମୁଖ୍ୟ ଅତିଥ୍ୟ ବିଶିଷ୍ଟ ବାଗ୍ମୀ ପ୍ରାଧ୍ୟାପକ ନିରଞ୍ଜନ ପାଢ଼ୀ ଉଲ୍ଲେଖ କରିଥିଲେ। ପ୍ରାରମ୍ଭରୁ ସମ୍ପାଦକ ପୀତବାସ ରାଉତରାୟ ସ୍ୱାଗତ ଭାଷଣ ଦେଇ ସଭା ପରିଚାଳନା କରିଥିଲେ ଓ ଆବାହକ ରମାକାନ୍ତ ମିଶ୍ର ଧନ୍ୟବାଦ ଜ୍ଞାପନ କରିଥିଲେ। ସଭା ଆରମ୍ଭରୁ ସଙ୍ଗୀତା ତ୍ରିପାଠୀ, ରଶ୍ମିତା ରାଉତ ଓ ସମିତ ରାଉତ ଭକ୍ତିସଙ୍ଗୀତ ପରିବେଷଣ କରିଥିଲେ।

## ଶିଶୁ ମହୋତ୍ସବ କଳିଙ୍ଗର ୨୯ତମ ସଂସ୍କରଣ

ଭୁବନେଶ୍ୱର, ୨୮।୫(ସମିସ): ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'କଳିଙ୍ଗ'ର ୨୯ ତମ ସଂସ୍କରଣ ବୁଦ୍ଧ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ନର୍ସରୀ ଠାରୁ ଆରମ୍ଭ କରି କଲେଜ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ଆକର୍ଷଣୀୟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଚିତ୍ରାଙ୍କନ, ସଙ୍ଗୀତ, ନୃତ୍ୟ, ବକ୍ତୃତା, ସାଧାରଣଜ୍ଞାନ ଓ କୌତୁକିଆ ପୋଷାକ ଆଦି ପ୍ରତିଯୋଗିତାରେ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ ପ୍ରଶାସକ ତଥା ସମାଜର ଜିଏମ୍ ସୁରେଶ ମନ୍ତ୍ରୀ, କଳିଙ୍ଗ ପୁସ୍ତକ ମେଳାର ସଭାପତି ଡ. ବିଜୟା ମିଶ୍ର, ବିଶିଷ୍ଟ ଲେଖିକା ଡ. ପ୍ରତିଭା ମହାରଥୀ ପ୍ରମୁଖ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ପୁରସ୍କାର ବିତରଣ ଉତ୍ସବରେ କୃତି ପ୍ରତିଯୋଗୀଙ୍କୁ ମପ୍ରମାଣପାତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ମହୋତ୍ସବର ସମ୍ପାଦିକା ରେଣୁକା ମିଶ୍ର ପରିଚାଳନା କରିଥିବା ବେଳେ ଶିଶୁ ମହୋତ୍ସବ କମିଟିର ସଦସ୍ୟ ପୂର୍ଣ୍ଣାନନ୍ଦ ମହାନ୍ତି, ହରିଶ ମିଶ୍ର, ଚମକଚାନ୍ଦିନୀ ଦାଶ, ଇପ୍ସିତା ମହାନ୍ତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## 'ମଣିଷ ଦେହେ ଦିବ୍ୟଜ୍ଞାନ' ଆଲୋଚନାଚକ୍ର

ଭୁବନେଶ୍ୱର, ୨୮।୫(ସମିସ):ଲେଖକ ସମବାୟ ସମିତି ପରିସରରେ ଡାକ୍ତର କବି ପ୍ରସାଦ ମିଶ୍ର ସ୍ମୃତି ପରିଷଦ ପକ୍ଷରୁ 'ମଣିଷ ଦେହେ ଦିବ୍ୟଜ୍ଞାନ' ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସୁକାନ୍ତ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡ. ସୀମାନ୍ତ କୁମାର ନନ୍ଦ 'ମଣିଷ ଦେହେ ଦିବ୍ୟଜ୍ଞାନ' ଉପରେ ଆଲୋକପାତ କରିଥିଲେ। ସାହିତ୍ୟିକା ମିନତୀ ଷଡ଼ଙ୍ଗୀ, ମନୋଜ ଜେନା, ବିରଜା ପ୍ରସାଦ ଶତପଥୀ ଯୋଗ ଦେଇଥିଲେ। ପରିଷଦର ସମ୍ପାଦକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଡାକ୍ତର ମିଶ୍ର କେବଳ ଜଣେ ଚିକିତ୍ସକ ନଥିଲେ ବରଂ ସେ ଥିଲେ ଜଣେ ଉଚ୍ଚକୋଟୀର ସାହିତ୍ୟିକ ଓ ସମାଜ ସଂସ୍କାରକ, ଯାହାଙ୍କ ଜୀବନାଦର୍ଶ ଆଜି ବି ଆମ ପାଇଁ ପ୍ରେରଣାର ଉତ୍ସ ବୋଲି କହିଥିଲେ। ଶେଷରେ ଇଞ୍ଜିନିୟର ସୁବାସ ଚନ୍ଦ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଏବିଭିପିର 'ନାଗରିକ ଅଭିନନ୍ଦନ ସମାରୋହ'

ଭୁବନେଶ୍ୱର, ୨୮।୫(ସମିସ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ସୋଆ ବିଶ୍ୱବିଦ୍ୟାଳୟରେ 'ନାଗରିକ ଅଭିନନ୍ଦନ ସମାରୋହ' ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ରାଷ୍ଟ୍ରସେବା ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହିତ କରିବାରେ ଏବିଭିପିର ଭୂମିକାକୁ ଭୂୟସୀ ପ୍ରଶଂସା କରିଛନ୍ତି। ସେହିପରି ଛାତ୍ରଛାତ୍ରୀଙ୍କ ମଧ୍ୟରେ ନେତୃତ୍ୱ ବିକାଶ କରିବାରେ ଏହା ଅଗ୍ରଣୀ ଛାତ୍ର ସଂଗଠନ କହି 'ଜ୍ଞାନ-ଚରିତ୍ର-ଏକତା' ମନ୍ତ୍ରରେ ଅଣୁପ୍ରାଣିତ ହେବାକୁ ଆହ୍ୱାନ ଦେଇଛନ୍ତି। ଛାତ୍ର କଲ୍ୟାଣ ସହିତ ରାଷ୍ଟ୍ରହିତ ଓ ସାମାଜିକ ଚେତନାକୁ ବିଦ୍ୟାର୍ଥୀ ପରିଷଦ ନୂଆ ଦିଶା ଦେଇଥିବା କହି ନିଜର ଛାତ୍ର ଜୀବନରେ ଏବିଭିପି ସହ ସମ୍ପୃକ୍ତ ହୋଇ ଶିକ୍ଷିଥିବା ଅନେକ ମହତ୍ୱପୂର୍ଣ୍ଣ ବିଷୟକୁ ଆଲୋକପାତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଏବିଭିପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅଧ୍ୟାପକ୍ ରଘୁରାଜ କିଶୋର ତିୱାରୀ, ରାଷ୍ଟ୍ରୀୟ ମହାମନ୍ତ୍ରୀ ଡ଼ଃ ବୀରେନ୍ଦ୍ର ସିଂହ ସୋଲାଙ୍କି, ଓଡ଼ିଶା ପୂର୍ବ ପ୍ରାନ୍ତ ଅଧ୍ୟକ୍ଷ ଡ଼ଃ ଦେବେଶ ଶଙ୍କର ହୋତା, ଓଡ଼ିଶା ପୂର୍ବ ପ୍ରାନ୍ତ ସମ୍ପାଦକ ଦୀପ୍ତିମୟୀ ପ୍ରତିହାରୀ, ଅଭ୍ୟର୍ଥନା ସମିତି ଅଧ୍ୟକ୍ଷ ପ୍ରବୋଧ



ମହାନ୍ତି ଓ ଅଭ୍ୟର୍ଥନା ସମିତି ସାଧାରଣ ସମ୍ପାଦକ ଅଜୟ ଅଗ୍ରୱାଲ ପ୍ରମୁଖ ଏବିଭିପିର ମୂଳ ଆଦର୍ଶ ଓ କାର୍ଯ୍ୟାଧାରା ସମ୍ପର୍କରେ ମତବ୍ୟକ୍ତ କରିଛନ୍ତି। ଏବିଭିପିର ରାଷ୍ଟ୍ରୀୟ ସଂଗଠନ ମନ୍ତ୍ରୀ ଆଶୀଷ ଚୌହାନ, ରାଷ୍ଟ୍ରୀୟ ସହ ସଂଗଠନ ମନ୍ତ୍ରୀ ଏସ୍. ବାଲକୃଷ୍ଣ, ଗୋବିନ୍ଦ ନାୟକ ଓ ଦେବଦତ୍ତ ଯୋଶୀଙ୍କ ସମେତ ବହୁ ବିଶିଷ୍ଟ ନାଗରିକ, ବୁଦ୍ଧିଜୀବୀ, ପୂର୍ବତନ କାର୍ଯ୍ୟକର୍ତ୍ତା ଏବଂ ଦେଶ ବିଦେଶରୁ ବହୁ ଛାତ୍ର ନୃତ୍ୱ ଯୋଗଦେଇଛନ୍ତି।

ସମାରୋହ ସ୍ଥଳରେ ମହାରାଜା ଖାରବେଳଙ୍କ ନାମରେ ଏକ ପ୍ରଦର୍ଶନୀ କରାଯାଇଛି। ତହିଁରେ ଓଡ଼ିଶାର ଗୌରବମୟ ଇତିହାସ, ପରମ୍ପରା ଏବଂ ଏବିଭିପିର ବର୍ଷ ତମାମ୍ କରାଯାଇଥିବା କାର୍ଯ୍ୟକ୍ରମକୁ ପ୍ରଦର୍ଶିତ କରାଯାଇଛି। ପ୍ରଦର୍ଶନୀର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଓ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଜ୍ୟୋତ୍ସ୍ନା କେ.ବି. ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଆସନ୍ତାକାଲି ଠାରୁ ୩୧ ତାରିଖ ପର୍ଯ୍ୟନ୍ତ ଏବିଭିପିର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ପରିଷଦ ବୈଠକ ଅନୁଷ୍ଠିତ ହେବ ଏବଂ ଏଥିରେ ଦେଶ ବିଦେଶରୁ ପ୍ରାୟ ୪୮୪ ଜଣ ପ୍ରତିନିଧି କାର୍ଯ୍ୟକର୍ତ୍ତା ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# ଜଳଦାନ ନାଁରେ ସରକାରୀ ପାଣ୍ଠି ହଡ଼ପ ମସୁଧା

**ନିଶ୍ଚିନ୍ତକୋଇଲି,୨୮।୫(ସମିସ):**



ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଓ ରୌଦ୍ରତାପ ଯୋଗୁଁ ସାଧାରଣ ଜୀବନଯାତ୍ରା ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ ନିଶ୍ଚିନ୍ତକୋଇଲି ବ୍ଲକର ବିଭିନ୍ନ ପଞ୍ଚାୟତରେ ପିଇବା ପାଣି ନାଁରେ ବ୍ୟାପକ ଆର୍ଥିକ ଅନିୟମିତତା ଚାଲିଥିବା ନେଇ ସଙ୍ଗୀନ ଅଭିଯୋଗ ହୋଇଛି। ସରକାରୀ ନିୟମାନୁଯାୟୀ ପ୍ରତିବର୍ଷ ପଣା ସଂକ୍ରାନ୍ତିଠାରୁ ଆରମ୍ଭ କରି ଜୁନ୍ ମାସ ୧୫ ତାରିଖ ପର୍ଯ୍ୟନ୍ତ ଗ୍ରୀଷ୍ମକାଳୀନ ଜଳଦାନ କେନ୍ଦ୍ର ଖୋଲାଯାଇ ପଥିକ ଓ ଜନସାଧାରଣଙ୍କ ଶୋଷ ମେଣ୍ଟାଇବାର ବ୍ୟବସ୍ଥା ରହିଛି। ଏଥିପାଇଁ ପଞ୍ଚଦଶ ଅର୍ଥ କମିଶନ କିମ୍ବା ପଞ୍ଚାୟତ ଅନୁଦାନ ପାଣ୍ଠିରୁ ପ୍ରତି କେନ୍ଦ୍ର ପିଛା ୧୦ ହଜାରରୁ ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ବ୍ୟୟ ବରାଦ କରାଯାଇଛି। ମାତ୍ର ନିଶ୍ଚିନ୍ତକୋଇଲି ବ୍ଲକର ୪୧ଟି ପଞ୍ଚାୟତରେ ଏହି ଜନହିତକର କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ରୂପେ ବାଟବଣା ହୋଇଛି। ବ୍ଲକର କେତେକ ଅସାଧୁ ସରପଞ୍ଚ ଏବଂ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ମଧ୍ୟରେ ସଲାସୁତରା ଯୋଗୁଁ କାର୍ଯ୍ୟ ନକରି ମିଥ୍ୟା ଭାଉଚର ପ୍ରସ୍ତୁତ ପୂର୍ବକ ଲକ୍ଷ ଲକ୍ଷ ଟଙ୍କାର ସରକାରୀ ଅନୁଦାନ ହଡ଼ପ କରିବା ପାଇଁ ବ୍ୟାପକ ମସୁଧା ଚାଲିଥିବା ଜଣାପଡ଼ିଛି।

ସୂଚନା ମୁତାବକ, ପ୍ରବଳ ଖରା ଯୋଗୁଁ ନଦୀ, ନାଳ ଓ ପୋଖରୀ ଶୁଖିଲା ପଡ଼ିଥିବା ବେଳେ ବାହାରୁ ଆସୁଥିବା ବାଟୋଇମାନେ ଜଳଟୋପାଏ ପାଇଁ ଡହଳବିକଳ ହେଉଛନ୍ତି। ନିୟମ ଅନୁଯାୟୀ ପ୍ରତ୍ୟେକ ପଞ୍ଚାୟତର

**● ପ୍ରଖର ରୌଦ୍ରତାପରେ ଡେକୋରେସନ୍ ଟେଣ୍ଟ ଭରସା**
**● ମିଥ୍ୟା ବିଲ୍ ପାଇଁ ଅସାଧୁ ମେଣ୍ଟ**

ଜନଗହଳିପୂର୍ଣ୍ଣ ସ୍ଥାନ, ବଜାର ଓ ରାସ୍ତା ପାଶ୍ୱର୍ରେ ଦୈନିକ ସକାଳ ୮ଟାରୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ଜଳ ପ୍ରଦାନ କରାଯିବା କଥା; ମାତ୍ର ଅନେକ ପଞ୍ଚାୟତରେ କେବଳ ଟେଣ୍ଟ ମାରି ଦିନେ ଦୁଇଦିନ ନାମକୁ ମାତ୍ର ପାଣି ରଖିବା ପରେ କେନ୍ଦ୍ରଗୁଡ଼ିକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିଦିଆଯାଇଛି କିମ୍ବା ପୂର୍ବାହ୍ଣ ୧୧ଟା ପୂର୍ବରୁ ତାଲା ଝୁଲୁଛି। ଆହୁରି ମଧ୍ୟ ଅଭିଯୋଗ ହୋଇଛି ଯେ ଗୋଟିଏ ସ୍ଥାନରେ କେନ୍ଦ୍ର ଖୋଲି ଏକାଧିକ ଜଳଦାନ କେନ୍ଦ୍ର ଚାଲୁଥିବା ଦର୍ଶାଇ ଜାଲ୍ ବିଲ୍ କରାଯାଉଛି। କେତେକ ସ୍ଥାନରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ବଦାନ୍ୟ ବ୍ୟକ୍ତିମାନେ ନିଜସ୍ୱ ଖର୍ଚ୍ଚରେ ଜଳ ସେବା ଯୋଗାଉଥିବା ବେଳେ ଅସାଧୁ ପଞ୍ଚାୟତ କର୍ତ୍ତୃପକ୍ଷ ସେହି କେନ୍ଦ୍ରଗୁଡ଼ିକୁ ନିଜର ବୋଲି ଦର୍ଶାଇ ସରକାରୀ ରାଜକୋଷରୁ ଅର୍ଥ ଉଠାଇବାକୁ ଯୋଜନା ଚଳାଇଛନ୍ତି। ଜନସାଧାରଣଙ୍କ ସର୍ବନିମ୍ନ ଆବଶ୍ୟକତାକୁ ନେଇ ପ୍ରଶାସନିକସ୍ତରରେ ଚାଲିଥିବା ଏଭଳି ସାଙ୍ଘାତିକ ପିସି କାରବାର ଓ ଜନବିରୋଧୀ ନୀତିକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଜନଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ଉଚ୍ଚ ପ୍ରଶାସନିକ କର୍ତ୍ତୃପକ୍ଷ ତୁରନ୍ତ ନିଶ୍ଚିନ୍ତକୋଇଲି ବ୍ଲକର ସମସ୍ତ ପଞ୍ଚାୟତରେ ହୋଇଥିବା ଜଳଦାନ ଖର୍ଚ୍ଚର ସରଜମିନ ତଦନ୍ତ କରିବା ସହ ଅସାଧୁ ଜନପ୍ରତିନିଧି ଓ ଦୋଷୀ ଅଧିକାରୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦୃଢ଼ ଦାବି ହେଉଛି।

## ବିଭିନ୍ନ ସ୍ଥାନରେ ଇଦ୍-ଉଲ-ଜୁହା ପାଳିତ

ତିଗିରିଆ,୨୮।୫(ସମିସ): ତିଗିରିଆ ବ୍ଲକ ଅନ୍ତର୍ଗତ କରଡ଼ାପଲ୍ଲୀ ଓ ପଙ୍କାଳ ଗ୍ରାମରେ ଗୁରୁବାର ପବିତ୍ର ତ୍ୟାଗ ଓ ବଳିଦାନର ପର୍ବ "ଇଦ୍-ଉଲ-ଜୁହା' ବେଶ୍ ଶାନ୍ତିଶୃଙ୍ଖଳାର ସହ ପାଳିତ ହୋଇଯାଇଛି।



ଏହି ଧାର୍ମିକ ଉତ୍ସବ ଅବସରରେ ପୂର୍ବାହ୍ଣ ୯ଟାରେ ପଙ୍କାଳ ଗ୍ରାମ ଇଦ୍‌ଘାରେ ମୌଲାନା ସେକ୍ ନାସିରୁଦ୍ଦିନ ସମବେତ ପୁରୁଷମାନଙ୍କୁ ସମୂହ ନମାଜ ପାଠ କରାଇବା ସହ ହଜରତ ଇବ୍ରାହିମଙ୍କ ତ୍ୟାଗର ଆଦର୍ଶ ଉପରେ ଆଲୋକପାତ କରି ବିଶ୍ୱଶାନ୍ତି ପାଇଁ ପ୍ରାର୍ଥନା କରିଥିଲେ। ସେହିପରି ପଙ୍କାଳ ଜାମା ମସଜିଦ୍‌ଠାରେ ମୌଲାନା ମହମ୍ମଦ ଏକ୍ରାମ ଏବଂ କରଡ଼ାପଲ୍ଲୀ ଜାମା ମସଜିଦ୍‌ଠାରେ ମୌଲାନା ସେକ୍ ଇସିହାକ ସମବେତ ଶ୍ରଦ୍ଧାଳୁ ମହିଳା ଓ ପୁରୁଷମାନଙ୍କୁ ଇଦ୍ ନମାଜ ପାଠ କରାଇଥିଲେ। ନମାଜ ପରେ ସମସ୍ତେ ପରସ୍ପରକୁ ଆଲିଙ୍ଗନ କରି ଇଦ୍ ମୁବାରକ ଜଣାଇଥିଲେ। ଏହି ସଂଖ୍ୟାଲଘୁ ବହୁଳ ଅଞ୍ଚଳରେ ଶାନ୍ତିଶୃଙ୍ଖଳା ଓ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ବ୍ୟାପକ ପୁଲିସ ମୁତୟନ କରାଯାଇଥିଲା। କଟକ ଗ୍ରାମାଞ୍ଚଳ ଅତିରିକ୍ତ ଏସପି ପ୍ରଦୀପ ସାହୁ, ଆଠଗଡ଼ ଏସଡିପିଓ ବିଶ୍ୱଜିତ ମହାନ୍ତି ଏବଂ ତିଗିରିଆ ଥାନା ଅଧିକାରୀ ରମାକାନ୍ତ ନାୟକଙ୍କ ସମେତ ଅନ୍ୟାନ୍ୟ ପୁଲିସ ଅଧିକାରୀ ଏବଂ ଏକ ପ୍ଲାଟୁନ ଫୋର୍ସ ଉଭୟ ଗ୍ରାମରେ ଉପସ୍ଥିତ ଥିଲେ।

### ଜୁଲୁକିପଡ଼ା



**ନିଶ୍ଚିନ୍ତକୋଇଲି:** ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ଚଉଦ ମହଲା ଅନ୍ତର୍ଗତ ଜୁଲୁକିପଡ଼ା ଇଦ୍‌ଘାରେ ୨୬ଟି ବସ୍ତିର ଇସ୍‌ଲାମ୍ ଧର୍ମାବଲମ୍ବୀମାନଙ୍କୁ ନେଇ ପବିତ୍ର ଇଦ୍-ଉଲ୍-ଜୁହା ପର୍ବ ପାଳିତ ହୋଇଯାଇଛି। ୬ ହଜାରରୁ ଅଧିକ ଶ୍ରଦ୍ଧାଳୁ ଏକତ୍ରିତ ହୋଇ ପୂର୍ବାହ୍ଣ ୮.୩୦ ମିନିଟ୍‌ରେ ସମୂହ ନମାଜ ପାଠ କରିଥିଲେ। ମୌଲାନା ଖଇରୁଦ୍ଦିନ ସାହେବ କାଶିମ୍ ପ୍ରଥମେ କୋରାନର ଆଦର୍ଶ ମହତ୍‌ବାଣୀ ଓ ସାମାଜିକ ପରିବର୍ତ୍ତନ ଉପରେ ସମସ୍ତଙ୍କୁ ପରାମର୍ଶ ଦେଇ ସମୂହ ନମାଜ ପାଠ କରାଇଥିଲେ। ଚଉଦ ମହଲାର ସମ୍ପାଦକ ସେକ୍ ମହମ୍ମଦ ଇଦ୍ରିସଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଭାପତି କମାଲୁଦ୍ଦିନ ଖାଁ, ମିର୍ଜା ଅକ୍ତର ବେଗ୍, ସିରାଜୁଦ୍ଦିନ ଖାଁ ଓ ସେକ୍ ଇଲିଆଜ୍ ନୁର୍ ପ୍ରମୁଖ ଯୋଗଦେଇ ପ୍ରତ୍ୟେକ ବ୍ୟକ୍ତି ସେବା, ସମର୍ପଣ ଓ ତ୍ୟାଗ ମନୋଭାବ ରଖି କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ସେକ୍ ବୋରାନ, ସେକ୍ ଛୋଟୁ, ସେକ୍ ସାନି ଓ ଜାନି ଖାଁଙ୍କ ସମେତ ଅନେକ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନମାଜ ପାଠ ପରେ ସମସ୍ତେ ପରସ୍ପରକୁ କୋଳାଗ୍ରତ କରି ଇଦ୍ ମୁବାରକ ଜଣାଇଥିଲେ।

### କାଜିହାଟ ଇଦ୍‌ଘା

**ନିଶ୍ଚିନ୍ତକୋଇଲି:** ନିଶ୍ଚିନ୍ତକୋଇଲି ବ୍ଲକ ଜୟରାମପୁର ପଞ୍ଚାୟତର ବହୁ ପୁରାତନ ପ୍ରସିଦ୍ଧ କାଜିହାଟ ଇଦ୍‌ଘାରେ ପବିତ୍ର ଇଦ୍-ଉଲ୍-ଜୁହା ପର୍ବ ବେଶ୍ ସମାରୋହରେ ପାଳିତ ହୋଇଯାଇଛି। ଏହିଅବସରରେବିଭିନ୍ନମୁସଲିମ୍‌ବସ୍ତିରୁ୧୦ହଜାରରୁଅଧିକଶ୍ରଦ୍ଧାଳୁଏକତ୍ରିତ ହୋଇ ସମୂହ ନମାଜ ପାଠ କରିବା ସହ ସେବା, ତ୍ୟାଗ ଓ ସମର୍ପଣ ମନୋଭାବ ରଖିବାକୁ ସଂକଳ୍ପ ନେଇଥିଲେ। ମୌଲାନା ସୟଦ ନକିବୁଲ ଅମିନ୍ ବର୍କି କାଶିମ୍ ପ୍ରଥମେ କୋରାନର



ମୂଲ୍ୟବାନ ଆଦର୍ଶ ସମ୍ପର୍କରେ ଆଲୋକପାତ କରି ସମସ୍ତଙ୍କୁ ଦେଶ ସେବାରେ ବ୍ରତୀ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଧାର୍ମିକ କାର୍ଯ୍ୟକ୍ରମରେ ମୌଲାନା ସୟଦ୍ ଜୟମୂଲ ଇସଲାମ୍ କାଶୀମ୍, ସୟଦ ଅଞ୍ଜର ନକି, ସୟଦ ନୟର ଫାଏକ୍, ସେକ୍ ମହମ୍ମଦ କଲିମୁଲ୍ଲା ଆଜାମ୍ ଏବଂ ନଜିବୁର ରହେମାନ୍ ପ୍ରମୁଖ ଯୋଗଦେଇଥିଲେ। ଅପରପକ୍ଷରେ ପୂର୍ବତନ ସରପଞ୍ଚ ପ୍ରାଣକୃଷ୍ଣ ସେଠୀ, ଦୁର୍ଯ୍ୟୋଧନ ଦାସ, ପୂର୍ବତନ ସମିତିସଭ୍ୟ ରମେଶ ଚନ୍ଦ୍ର ସ୍ୱାଇଁ ଓ ମିଟୁ ରାଉତଙ୍କ ଭଳି ଅଞ୍ଚଳର ବହୁ ହିନ୍ଦୁ ନେତୃବୃନ୍ଦ ମଧ୍ୟ ସେଠାରେ ଉପସ୍ଥିତ ରହି ଭାଇଚାରାର ପ୍ରତୀକ ସ୍ୱରୂପ ସମସ୍ତ ମୁସଲିମ୍ ଧର୍ମାବଲମ୍ବୀ ଭାଇମାନଙ୍କୁ "ଇଦ୍ ମୁବାରକ' ଜଣାଇ ଶୁଭେଚ୍ଛା ଜ୍ଞାପନ କରିଥିଲେ।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ

ନରସିଂହପୁର,୨୮।୫(ସମିସ): ନରସିଂହପୁର ବ୍ଲକ ଡିମିରିଆ ଗ୍ରାମର ଧର୍ମପ୍ରାଣା ମହିଳା ଶୈଳବାଳା ରାଉତ (୬୭)ଙ୍କ ପରଲୋକ ହୋଇଯାଇଛି। ସେ ଜଣେ ଅମାୟିକ, ପରଉପକାରୀ ମହିଳା ଭାବେ ଅଞ୍ଚଳରେ ବେଶ୍ ଜଣାଶୁଣା ଥିଲେ ଏବଂ ବିଭିନ୍ନ ଧର୍ମାନୁଷ୍ଠାନ କାର୍ଯ୍ୟକ୍ରମ ସହ ଜଡ଼ିତ ରହୁଥିଲେ। ଗତ କିଛିଦିନ ଧରି ସେ ଅସୁସ୍ଥ ଥିବା ବେଳେ ହଠାତ୍ ସ୍ଥାନୀୟ ନୂଆପାଟଣାସ୍ଥିତ ବାସଭବନରେ ତାଙ୍କର ଦେହାନ୍ତ ହୋଇଥିଲା। ତାଙ୍କ ବିୟୋଗ ଖବର ପାଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କର ଶେଷ ଦର୍ଶନ ପାଇଁ ବାସଭବନରେ ବହୁ ବିଶିଷ୍ଟ ବ୍ୟକ୍ତି ପହଞ୍ଚି ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ତାଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ପୁତ୍ର ସଞ୍ଜୟ ରାଉତ ମୁଖାଗ୍ନି ଦେଇଥିଲେ।

## ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

କଟକ,୨୮।୫(ସମିସ): କଟକ ସଦର ଥାନା ଅନ୍ତର୍ଗତ ଗୋପାଳପୁର ଅଗିଜଳା ପଡ଼ିଆ ନିକଟରୁ ପୁଲିସ ଆଜି ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଛି। ମୃତ ବ୍ୟକ୍ତିଙ୍କ ସଠିକ୍ ପରିଚୟ ମିଳିପାରି ନଥିବା ବେଳେ ତାଙ୍କ ବୟସ ପ୍ରାୟ ୪୦ ରୁ ୪୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ଉଦ୍ଧାର ସମୟରେ ସେ ଏକ ହଳଦିଆ ରଙ୍ଗର ଗଞ୍ଜି ଏବଂ କଳା ରଙ୍ଗର ଫୁଲପ୍ୟାଣ୍ଟ ପିନ୍ଧିଥିଲେ। ତାଙ୍କ ହାତ ଓ ଗୋଡ଼ରେ ସିମେଣ୍ଟ ଲାଗିଥିବାରୁ ସେ ଜଣେ ଶ୍ରମିକ ଶ୍ରେଣୀର ବ୍ୟକ୍ତି ହୋଇଥାଇପାରନ୍ତି ବୋଲି ପୁଲିସ ସନ୍ଦେହ କରୁଛି। ମୃତ୍ୟୁର ପ୍ରକୃତ କାରଣ ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଅଂଶୁଘାତରେ ତାଙ୍କର ପ୍ରାଣହାନି ଘଟିଥାଇପାରେ ବୋଲି ଆଶଙ୍କା କରାଯାଉଛି। ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡିକାଲକୁ ପଠାଇବା ସହ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି।

**ବିଧାୟକ ରାଜା ସ୍ୱାଇଁଙ୍କୁ ଆକ୍ରମଣକୁ ବିରୋଧ**

## ଆଜି ଟାଙ୍ଗୀ ଥାନା ଘେରିବ ବିଜେଡି



ଟାଙ୍ଗୀ,୨୮।୫(ସମିସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ସରକାରୀ ଅଧିକାରୀଙ୍କୁ ଧମକଚମକ ଦିଆଯିବା ସହ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ରାଜା ସ୍ୱାଇଁ)ଙ୍କୁ ଅତର୍କିତ ଆକ୍ରମଣ ଘଟଣାକୁ ନେଇ ସମଗ୍ର ରାଜ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ସଙ୍ଗୀନ ମାମଲାରେ ପୁଲିସ ଏକ କେସ୍ ରୁଜୁ କରିଥିଲେ ହେଁ ଦୀର୍ଘ ସମୟ ପରେ ମଧ୍ୟ ମୁଖ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇ ନାହିଁ। ପୁଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିବା ବଦଳରେ ଓଲଟା ସୁରକ୍ଷା ପ୍ରଦାନ କରୁଥିବା ଏବଂ ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଅଭିଯୋଗ କରି ବିଜୁ ଜନତା ଦଳ (ବିଜେଡି) ପ୍ରତିବାଦର ପନ୍ଥା ଆପଣାଇଛି। ଏହାର ବିଧିବଦ୍ଧ ପ୍ରତିବାଦରେ ଆସନ୍ତା ଶୁକ୍ରବାର ଅପରାହ୍ଣରେ ବିଜେଡି ପକ୍ଷରୁ ଟାଙ୍ଗୀ ଥାନା ସମ୍ମୁଖରେ ଏକ ବିରାଟ ପ୍ରତିବାଦ ସଭା ସହ ଗଣବିକ୍ଷୋଭ ପ୍ରଦର୍ଶନ କରାଯିବ। ଏହି ଆନ୍ଦୋଳନକୁ ଅଧିକ ବ୍ୟାପକ କରିବା ପାଇଁ ଟାଙ୍ଗୀ-ଚୌଦ୍ୱାର ବ୍ଲକ ବିଜୁ ଜନତା ଦଳ ସହିତ ସିପିଆଇ(ଏମ୍)ର ନେତୃମଣ୍ଡଳୀ ଓ କର୍ମୀମାନେ ମଧ୍ୟ ଏହି ପ୍ରତିବାଦ ସଭାରେ ସାମିଲ ହେବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ଗଣବିକ୍ଷୋଭକୁ ସଫଳ କରିବା ନିମନ୍ତେ ବ୍ଲକ ବିଜେଡି ପକ୍ଷରୁ କନ୍ହେଇପୁର ପଞ୍ଚାୟତର ନିମାଇସାପୁରସ୍ଥିତ ଦଳୀୟ କାର୍ଯ୍ୟାଳୟ ପରିସରରେ

**ସାମିଲ ହେବ ସିପିଆଇ(ଏମ୍)**

ଗୁରୁବାର ସନ୍ଧ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ଧିରେନ୍ଦ୍ର ଜେଠୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ବୈଠକରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଓ ଆଠଗଡ଼ ବିଧାୟକଙ୍କ ପ୍ରତିନିଧି ସେକ୍ ସାହାଜାନ୍ ମୁଖ୍ୟଅତିଥି ଭାବେ ଆନ୍ଦୋଳନର ରୂପରେଖ ପ୍ରସ୍ତୁତ କରିଥିଲେ। ଏଥିସହ ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ସାମଲ, ସଭ୍ୟା ଜୟଶ୍ରୀ ପ୍ରଧାନ, ବିଜେଡି ସଂଗଠକ ସୁବୋଧ କୁମାର ସାମଲ, ତୀର୍ଥାନନ୍ଦ ସୁବୁଦ୍ଧିରାୟ, ରାଜେଶ ରଞ୍ଜନ ଷଡଙ୍ଗୀ, ଜନ୍ମେଜୟ ଖିଲାର, ଆଶିଷ ରଞ୍ଜନ ଷଡ଼ଙ୍ଗୀ, ଗୋପାଳ ଲେଙ୍କା, ଅଶୋକ ବାଇ, ନକୁଳ ରାଉଳ, ପରମାନନ୍ଦ ନାୟକ, ପରମଜିତ ମହାନ୍ତି ଏବଂ ସିପିଆଇ(ଏମ୍) ନେତା ବିଷ୍ଣୁ ବେହେରା ପ୍ରମୁଖ ଯୋଗଦେଇଥିଲେ।

## ଦିବ୍ୟାଙ୍ଗ ମହିଳାଙ୍କ ଆବାସ ପାଇଁ ଲାଞ୍ଚ ମାଗି ବିଜେପି କାର୍ଯ୍ୟକର୍ତ୍ତା ନିଲମ୍ବିତ



ନିଶ୍ଚିନ୍ତକୋଇଲି,୨୮।୫(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ପଞ୍ଚାୟତ ମାଳିଗାଁର ଜଣେ ଦିବ୍ୟାଙ୍ଗ ମହିଳାଙ୍କଠାରୁ ଆବାସ ଗୃହ ପାଇଁ ଲାଞ୍ଚ ମାଗି ଜଣେ ବିଜେପି କାର୍ଯ୍ୟକର୍ତ୍ତା ଦଳରୁ ନିଲମ୍ବିତ ହୋଇଛନ୍ତି। ଏହି ଘଟଣା ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ନେମାଳ ବିଜେପି ମଣ୍ଡଳ ସଭାପତି ମୀନକେତନ ମହାନ୍ତି ସମ୍ପୃକ୍ତ କାର୍ଯ୍ୟକର୍ତ୍ତା ଗଗନ ମଳିକଙ୍କୁ ଦଳରୁ ନିଲମ୍ବିତ କରିଥିବା ନେଇ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ମାଳିଗାଁ ଗ୍ରାମର ଦିବ୍ୟାଙ୍ଗ ମହିଳା ବବିତା ପୃଷ୍ଟି ଏକ ଭଙ୍ଗା କୁଡ଼ିଆରେ ଅତ୍ୟନ୍ତ ଦୟନୀୟ ଭାବେ ରହୁଥିଲେ। ବିଜେପି ସରକାର ଆସିବା ପରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ତାଙ୍କୁ ଏକ ପକ୍କାଘର ମିଳିଥିଲା ଏବଂ ପ୍ରଥମ କିସ୍ତି ଅର୍ଥ ମଧ୍ୟ ପ୍ରଦାନ କରାଯାଇଥିଲା। ମାତ୍ର ବିଜେପି କାର୍ଯ୍ୟକର୍ତ୍ତା ଗଗନ ମଳିକ ଏହା ଜାଣିବା ପରେ ବବିତାଙ୍କ ଘରକୁ ଯାଇ ୧୫ ହଜାର ଟଙ୍କା ହାତଗୁଞ୍ଜା ମାଗିଥିଲେ ଏବଂ ଟଙ୍କା ନ ଦେଲେ ସରକାରୀ ସୁବିଧା ସୁଯୋଗ ବନ୍ଦ କରିଦେବା ସହ ଆବାସ ଘର କରାଇ ନ ଦେବାକୁ ଧମକ ଦେଇଥିଲେ। ଦଳୀୟ ସ୍ୱଚ୍ଛତା ଓ ବଦନାମରୁ ରକ୍ଷା ପାଇବା ପାଇଁ ବିଜେପି ମଣ୍ଡଳ କମିଟି ତୁରନ୍ତ ତାଙ୍କ ବିରୋଧରେ ଏହି ନିଲମ୍ବନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

## ନାରୀ ଅଧିକାର ପାଇଁ ଗର୍ଜିଲା ସାଲେପୁର ମହିଳା ବିଜେଡି

ସାଲେପୁର,୨୮।୫(ସମିସ): କଟକ ଜିଲ୍ଲା ସାଲେପୁର ବ୍ଲକ ମହଣ ପଞ୍ଚାୟତର ବାସୁଦେବପୁରଠାରେ ସାଲେପୁର ନିର୍ବାଚନମଣ୍ଡଳୀ ବିଜୁ ମହିଳା ଜନତା ଦଳ ପକ୍ଷରୁ ଏକ ବିଶାଳ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ସାଲେପୁର ବ୍ଲକ ମହିଳା ବିଜେଡି ସଭାନେତ୍ରୀ ରାଜଶ୍ରୀ ଜେନାଙ୍କ ନେତୃତ୍ୱରେ

**ମହିଳା ସଂରକ୍ଷଣ ନେଇ ରାଷ୍ଟ୍ରପତିଙ୍କୁ ଦାବିପତ୍ର**



ଆୟୋଜିତ ଏହି ସଭାରେ ସହ ସହ ମହିଳା ଯୋଗଦେଇ ମହିଳା ସଂରକ୍ଷଣ ଅଧିନିୟମର ତୁରନ୍ତ କାର୍ଯ୍ୟକାରିତା ଏବଂ ରାଜ୍ୟରେ ବଢୁଥିବା ନାରୀ ନିର୍ଯାତନା ବିରୋଧରେ ସରକାରଙ୍କ ଉପରେ ବର୍ଷିଛନ୍ତି। ଏହି କାର୍ଯ୍ୟକ୍ରମରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟଅତିଥି ଭାବେ କହିଥିଲେ ଯେ ମହିଳାମାନଙ୍କର ରାଜନୈତିକ, ସାମ୍ବିଧାନିକ ଓ ସାମାଜିକ ସୁରକ୍ଷା ଆଜି ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି ଏବଂ ନାରୀ ସଶକ୍ତୀକରଣ କ୍ଷେତ୍ରରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ହିଁ ବଡ଼ ପ୍ରବର୍ତ୍ତକ ଥିଲେ। ସଭାରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ବିଜେଡି ସଭାପତି ପ୍ରଫୁଲ୍ଲ ସିଂ, ଜିଲ୍ଲା ମହିଳା ସଭାପତି ଅନିତା ବେହେରା, ରାଜ୍ୟ ମହିଳା ଉପସଭାପତି ଜ୍ୟୋତିରେଖା ନାୟକ ଓ ବ୍ଲକ ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ ଓଡ଼ିଶାରେ କ୍ରମାଗତ ଭାବେ ବଢୁଥିବା ମହିଳା ହିଂସା ପାଇଁ ପ୍ରଶାସନିକ ଅବହେଳାକୁ ଦାୟୀ କରିଥିଲେ। ୨୦୨୩ରୁ ସଂସଦରେ ପାରିତ ହୋଇ ଆଇନରେ ପରିଣତ ହୋଇଥିବା ୩୩ ପ୍ରତିଶତ ମହିଳା ସଂରକ୍ଷଣ ବିଲ୍‌କୁ ଲୋକସଭା ଓ ବିଧାନସଭା ନିର୍ବାଚନରେ ତୁରନ୍ତ ଲାଗୁ କରିବା ପାଇଁ ଏହି ଅବସରରେ ମହିଳା ମୋର୍ଚ୍ଚା ପକ୍ଷରୁ ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ସଭାରେ ନାରୀନେତ୍ରୀ ସୌମ୍ୟା ପତି, ଏନଏସି ମହିଳା ସଭାପତି ସରସ୍ୱତୀ ବେହେରା, ଜିଲ୍ଲା ପରିଷଦ ସଦସ୍ୟା ରଞ୍ଜିତା ସେଠୀ, ନମିତା ସେଠୀଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ସରପଞ୍ଚ, ସମିତିସଭ୍ୟ ଓ ମହିଳା କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଶ୍ରୀ ଶ୍ରୀ ନିଗମାନନ୍ଦଙ୍କ ଭକ୍ତ ସମ୍ମିଳନୀ

ନିଶ୍ଚିନ୍ତକୋଇଲି,୨୮।୫(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ କେନ୍ଦୁପାଟଣା ପଞ୍ଚାୟତ କଦମକଣ୍ଟାସ୍ଥିତ ଆଶ୍ରମ ପରିସରରେ



ଶ୍ରୀ ଶ୍ରୀ ନିଗମାନନ୍ଦ ସରସ୍ୱତୀ ଦେବଙ୍କ ନିର୍ଦ୍ଦେଶିତ ଅଭିବକ୍ତ କଟକ ଜିଲ୍ଲାର ୪୧ତମ ଦୁଇଦିନିଆ ଭକ୍ତ ସମ୍ମିଳନୀ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଆସାମ ବଙ୍ଗୀୟ ସାରସ୍ୱତ ମଠର ମହନ୍ତ ଶ୍ରୀମଦ୍ ସ୍ୱାମୀ ଦିବ୍ୟାନନ୍ଦ ସରସ୍ୱତୀଙ୍କ ପରିଚାଳନାରେ ଆୟୋଜିତ ଏହି ସମ୍ମିଳନୀର ପ୍ରଥମ ଅଧିବେଶନରେ ବହୁ ସାଧୁସନ୍ଥ ଯୋଗଦେଇଥିଲେ। ସେମାନେ ସନାତନ ଧର୍ମର ପ୍ରଚାର, ସତ୍ ଶିକ୍ଷା, ଆଦର୍ଶ ଗୃହସ୍ଥ ଜୀବନ ଗଠନ ଏବଂ ସଂଘ ଶକ୍ତିର ପ୍ରତିଷ୍ଠା ଉପରେ ଭକ୍ତମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବଙ୍ଗୀୟ ସାରସ୍ୱତ ମଠର ଟ୍ରଷ୍ଟୀ ମହେଶ୍ୱର ସ୍ୱାଇଁ, ଉପସଭାପତି ଦେବକୁମାର ରାଉତରାୟ ଓ ବିଭାଗୀୟ ସଦସ୍ୟ ଧୀରେନ୍ଦ୍ର ନାରାୟଣ ଶତପଥିଙ୍କ ସମେତ ଗଣେଶ୍ୱର ମଲ୍ଲ, ସରୋଜ କର ଓ ଶ୍ୟାମସୁନ୍ଦର ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ସମ୍ମିଳନୀର ଦ୍ୱିତୀୟ ଅଧିବେଶନରେ ଏକ ସ୍ୱତନ୍ତ୍ର ମହିଳା ସଭା ଆୟୋଜିତ ହୋଇଥିଲା, ଯେଉଁଠାରେ ଶ୍ରୀମଦ୍ ବିଶ୍ୱନାଥ ବାବା ମହନ୍ତ ସିଦ୍ଧଗିରି ନିଜର ନୀତିବାଣୀ ରଖିଥିଲେ। ଏହି ଆଧ୍ୟାତ୍ମିକ ସମାବେଶରେ ପ୍ରାୟ ୨ ହଜାରରୁ ଅଧିକ ଭକ୍ତ ଯୋଗଦେଇ ପ୍ରସାଦ ସେବନ କରିଥିବା ବେଳେ ଶେଷରେ ଧୀରେନ୍ଦ୍ର ନାରାୟଣ ଶତପଥି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ହାତୀ ଆକ୍ରମଣରେ ବୃଦ୍ଧଙ୍କ ମୃତ୍ୟୁ ଅଭିଯୋଗ

ନରସିଂହପୁର,୨୮।୫(ସମିସ): ନରସିଂହପୁର ବ୍ଲକ ଚତରାପଦା ଗ୍ରାମର ଫକୀର ବେହେରା (୬୨)ଙ୍କର ହାତୀ ଆକ୍ରମଣରେ ମୃତ୍ୟୁ ହୋଇଥିବା ନେଇ ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଫକୀର ନିଜ ବାରିପଟକୁ ଶୌଚ ପାଇଁ ଯାଇଥିବା ସମୟରେ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ନରସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା, ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାକୁ ନେଇ ସ୍ଥାନୀୟ ବନବିଭାଗ ଭିନ୍ନ ମତ ଦେଇଛି। ସ୍ଥାନୀୟ ରେଞ୍ଜର କୁଲେସ କୁମାର ସାହୁଙ୍କ କହିବା ଅନୁଯାୟୀ, ନରସିଂହପୁର ବନାଞ୍ଚଳ ଭିତରେ ଏଭଳି କୌଣସି ହାତୀ ଆକ୍ରମଣ ଘଟିନାହିଁ। ଅନ୍ୟ ଏକ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଫକୀର ହିନ୍ଦୋଳ ଅଞ୍ଚଳକୁ କେନ୍ଦୁପତ୍ର ତୋଳିବାକୁ ଯାଇଥିବା ବେଳେ ସେଠାରେ ଦୁର୍ଘଟଣାର ଶିକାର ହୋଇଛନ୍ତି।

**ସତ୍ୟ ଖୋଜୁଛି ବନବିଭାଗ**

ବର୍ତ୍ତମାନ ପୁଲିସ ମୃତଦେହକୁ ଜବତ କରି ବଡ଼ମ୍ବା ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହିଁ ମୃତ୍ୟୁର ପ୍ରକୃତ କାରଣ ଓ ସତ୍ୟତା ସ୍ପଷ୍ଟ ହେବ ବୋଲି ବନବିଭାଗ ପକ୍ଷରୁ କୁହାଯାଇଛି।

**ସରକାରୀ ଛୁଟି ଅଦଳବଦଳ ପାଇଁ ଫସିଲା ରେଜିଷ୍ଟ୍ରି କାର୍ଯ୍ୟ**

## ସ୍ଲଟ୍ ବୁକିଂ ଟଙ୍କା ଫେରସ୍ତ ନେଇ ହିତାଧିକାରୀ ଦ୍ୱନ୍ଦ୍ୱରେ

**ସାଲେପୁର,୨୮।୫(ସମିସ):**

ରାଜ୍ୟ ସରକାରଙ୍କ ହଠାତ୍ ସରକାରୀ ଛୁଟିଦିବସ ପରିବର୍ତ୍ତନ ନିଷ୍ପତ୍ତି ଯୋଗୁଁ ସାଲେପୁର ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରେ ରେଜେଷ୍ଟ୍ରି କାର୍ଯ୍ୟ ପାଇଁ ସ୍ଲଟ୍ ବୁକିଂ କରିଥିବା ବ୍ୟକ୍ତିମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ସରକାରଙ୍କ ନୂତନ ନିୟମ ମୁତାବକ, ଯେ କୌଣସି ଜମି କିମ୍ବା ସମ୍ପତ୍ତି ରେଜେଷ୍ଟ୍ରି କାର୍ଯ୍ୟ ପାଇଁ ନାଗରିକମାନଙ୍କୁ ପ୍ରଥମେ ୩୦୦ ଟଙ୍କା ସରକାରୀ ଦେୟ ଦେଇ ଅନଲାଇନ୍ ମାଧ୍ୟମରେ ସ୍ଲଟ୍ ବୁକିଂ କରିବା ବାଧ୍ୟତାମୂଳକ କରାଯାଇଛି, ନଚେତ୍ କାର୍ଯ୍ୟ କରାଯାଏ ନାହିଁ। ପୂର୍ବ ନିର୍ଦ୍ଧାରିତ ସରକାରୀ କ୍ୟାଲେଣ୍ଡର ଅନୁଯାୟୀ ୨୭ ତାରିଖ ବୁଧବାର ଦିନ ଇଦ୍ ପର୍ବ ପାଇଁ ସରକାରୀ ଛୁଟି ଥିବା ବେଳେ ୨୮ ତାରିଖ ଗୁରୁବାର ଏକ ସ୍ୱାଭାବିକ କାର୍ଯ୍ୟ ଦିବସ ଥିଲା। ଏହାକୁ ଆଧାର କରି ସାଲେପୁର ଅଞ୍ଚଳର ପ୍ରାୟ ୨୨ ଜଣ ଆବେଦନକାରୀ ନିଜ ନିଜର ଗୁରୁତ୍ୱପୂର୍ଣ୍ଣ ରେଜେଷ୍ଟ୍ରୀ କାର୍ଯ୍ୟ ପାଇଁ ଗୁରୁବାର ଦିନ ସ୍ଲଟ୍ ବୁକିଂ କରିଥିଲେ। ମାତ୍ର ଶେଷ ମୁହୂର୍ତ୍ତରେ ରାଜ୍ୟ ସରକାର ବୁଧବାର ଛୁଟିକୁ ବାତିଲ କରି ଗୁରୁବାର (୨୮ ତାରିଖ)କୁ ସରକାରୀ ଛୁଟି ଘୋଷଣା କରିବା ଫଳରେ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା ଏବଂ ଆବେଦନକାରୀଙ୍କ କାର୍ଯ୍ୟ ସମ୍ପାଦିତ ହୋଇପାରି ନ ଥିଲା। ଏଭଳି ପରିସ୍ଥିତିରେ, ସରକାରଙ୍କ ନିଷ୍ପତ୍ତି ପାଇଁ କାର୍ଯ୍ୟରୁ ବଞ୍ଚିତ ହୋଇଥିବା ଏହି ଗରିବ ଓ ମଧ୍ୟବିତ୍ତ ଆବେଦନକାରୀମାନେ ବୁକିଂ ବାବଦକୁ ଦେଇଥିବା ୩୦୦ ଟଙ୍କା ଲେଖାଁ ସରକାରୀ ଦେୟ କେବେ ଏବଂ କିପରି ଫେରସ୍ତ ପାଇବେ, ସେ ନେଇ ସାଧାରଣରେ ତୀବ୍ର ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନଲାଇନ୍ ପୋର୍ଟାଲରେ ଥରେ ସ୍ଲଟ୍ ମିସ୍ ହେଲେ କିମ୍ବା ସରକାରୀସ୍ତରରୁ ଅପେକ୍ଷାକୃତ ଛୁଟି ଘୋଷଣା ହେଲେ ଉକ୍ତ ଅର୍ଥର ସ୍ୱତଃସ୍ଫୂର୍ତ୍ତ ଫେରସ୍ତ କିମ୍ବା ଆଗାମୀ ତାରିଖ ପାଇଁ ସ୍ଲଟ୍‌କୁ ସଂଶୋଧନ କରିବାର କୌଣସି ସ୍ପଷ୍ଟ ସୂଚନା ନଥିବାରୁ ଜନସାଧାରଣ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବିନା ଦୋଷରେ ନାଗରିକଙ୍କ ଅର୍ଥ ବାଟମାରଣା ହେବା ଆଦୌ ଗ୍ରହଣୀୟ ନୁହେଁ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ତେଣୁ ରାଜ୍ୟ ରାଜସ୍ୱ ବିଭାଗ ଓ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେଇ ପ୍ରଭାବିତ ଆବେଦନକାରୀଙ୍କ ବୁକିଂ ଅର୍ଥ ଫେରସ୍ତ କରିବା କିମ୍ବା ସେହି ଦେୟରେ ପରବର୍ତ୍ତୀ କାର୍ଯ୍ୟ ଦିବସ ପାଇଁ ସ୍ଲଟ୍ ସୁବିଧା ଯୋଗାଇଦେବାକୁ ଜନସାଧାରଣରେ ଦୃଢ଼ ଦାବି ହୋଇଛି।

## ଟିଏସ୍ଏଫ୍ ପକ୍ଷରୁ ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସ ପାଳିତ



ଢେଙ୍କାନାଳ,୨୮ ।୫(ସମିସ): ଟାଟା ଷ୍ଟିଲ ଫାଉଣ୍ଡେସନ ପକ୍ଷରୁ ଶିବପୁର କମ୍ୟୁନିଟି ହଲରେ ଗୁରୁବାର ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସ ପାଳିତ ହୋଇଛି । ଏଥିରେ ପ୍ରାୟ ୭୦ ଜଣ ମହିଳା, କିଶୋରୀ ବାଳିକା, ଆଶାକର୍ମୀ, ଅଙ୍ଗନବାଡି କର୍ମୀ ଏବଂ ସହାୟକ ନର୍ସ ଧାଇମାନେ ଅଂଶଗ୍ରହଣ କରିଥିଲେ । ଋତୁସ୍ରାବ ସ୍ୱଚ୍ଛତା ପରିଚାଳନା ଉପରେ ସଚେତନତା ସୃଷ୍ଟି କରିବା ଏବଂ ଋତୁସ୍ରାବ ସହ ଜଡ଼ିତ ଭ୍ରାନ୍ତ ଧାରଣା ଦୂର କରି ବାସ୍ତବତା ସହ ପରିଚୟ କରାଇବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା । କାର୍ଯ୍ୟକ୍ରମର ଚଳିତବର୍ଷ ବିଷୟବସ୍ତୁ 'ଋତୁସ୍ରାବ ପ୍ରତି ସହଜ ଓ ସଚେତନ ବିଶ୍ୱ' ସହିତ ସଞ୍ଜୁକ୍ତ ହୋଇଛି । ଯାହା ସମସ୍ତ ମହିଳା ଏବଂ ବାଳିକାଙ୍କ ପାଇଁ ନିରାପଦ, ସ୍ୱଚ୍ଛ ଏବଂ ସମ୍ମାନଜନକ ଋତୁସ୍ରାବ ସ୍ୱାସ୍ଥ୍ୟ ପରିଚାଳନା ନିମନ୍ତେ ଉଦ୍ଦିଷ୍ଟ । ମେରାମଣ୍ଡଳୀ ସରକାରୀ ଡାକ୍ତରଖାନାର ଡା. ଗୁଞ୍ଜନ ନାୟକ, ଡା. ଶକ୍ତିସୁଧା ଶୁଭଦର୍ଶିନୀ ଏବଂ ନର୍ସିଂ ଅଧିକାରୀ ଲକ୍ଷ୍ମୀପ୍ରିୟା ସାହୁଙ୍କ ସମେତ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଋତୁସ୍ରାବ ସ୍ୱଚ୍ଛତା ଏବଂ ପ୍ରଜନନ ସ୍ୱାସ୍ଥ୍ୟ ଉପରେ ମୂଲ୍ୟବାନ ପରାମର୍ଶ ପ୍ରଦାନ କରିଥିଲେ ।

## କେବେ ମରାମତି ହେବ ଅଚଳ ଫ୍ରିଜର




ଭୁବନ,୨୮ ।୫(ସମିସ): ଗୋପାଳର ମଣ୍ଡପ ଛକଠାରେ ଥିବା ଫ୍ରିଜର ଗତ ମାସ ୨୫ ତାରିଖରୁ ଅଚଳ ହୋଇ ପଡ଼ିରହିଛି । ବାରମ୍ବାର ଅଭିଯୋଗ ସତ୍ତ୍ୱେ ନିର୍ବାହୀ ଅଧିକାରୀ ଦିନ ଗଡ଼ାଇ ଚାଲିଛନ୍ତି । ଗତ ସପ୍ତାହର ଏ ସମ୍ପର୍କରେ ନିର୍ବାହୀ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ତଥାପି ଫଳ ଶୂନ । ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାୟୀ ଫ୍ରିଜ ଲାଗିବା ଦିନଠାରୁ ଏହା କେବେ ଖରାପ ହୋଇ ନ ଥିଲା । ମାତ୍ର ବାର୍ଷିକ ମରାମତି ନାମରେ ଏହାକୁ ଠିକା ନେଇଥିବା ସଂସ୍ଥା ଖରାପ କରିଦେଲା । ଯେଉଁଦିନ ଏହାକୁ ସଜାଡ଼ିବା ପାଇଁ ଲୋକ ଆସିଥିଲେ ସେଦିନ ବି ଥଣ୍ଡା ପାଣି ବାହାରୁଥିଲା । ଅସହ୍ୟ ଗ୍ରୀଷ୍ମରେ ଚାରି ଚାରିଟି ୱାର୍ଡ ଲୋକଙ୍କୁ ଶୀତଳ ଜଳ ପ୍ରଦାନ କରୁଥିବା ଏ ଫ୍ରିଜର ମାସାଧିକ କାଳ ଅଚଳ ହୋଇ ପଡ଼ିରହିଛି । ମହତ ଉଦ୍ଦେଶ୍ୟ ନେଇ ପୂର୍ବ ସରକାର ଅମଳରେ ଭୁବନ ଏନଏସିର ୨୦ରୁ ଅଧିକ ସ୍ଥାନରେ ଏପରି ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ସ୍ଥାପନ ହୋଇଥିଲା । ତୁରନ୍ତ ଏହାକୁ ମରାମତି କରିବାକୁ ସାଧାରଣରେ ଦାବି ହେଉଛି ।

## ଯୁକ୍ତ ଦୁଇ ବିଜ୍ଞାନରେ ସାଇକୃପା କଲେଜର ସଫଳତା

**● ୯୦%ରୁ ଊର୍ଦ୍ଧ୍ୱ ନମ୍ବର ରଖିଲେ ୨୦ ଛାତ୍ରଛାତ୍ରୀ**

ଢେଙ୍କାନାଳ,୨୮ ।୫(ସମିସ): ଚଳିତ ବର୍ଷ ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ଢେଙ୍କାନାଳ ସାଇକୃପା ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅନନ୍ୟ ସଫଳତା ହାସଲ କରିଛନ୍ତି । ୧୮୪ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୨୦ ଜଣ ୯୦%ରୁ ଊର୍ଦ୍ଧ୍ୱ ନମ୍ବର ରଖି ଏ-୧ ଗ୍ରେଡରେ ପାସ୍ କରିଛନ୍ତି । ୧୦ମ ଶ୍ରେଣୀରେ ୮୫% ଊର୍ଦ୍ଧ୍ୱ ନମ୍ବର ରଖିଥିବା କୌଣସି ଛାତ୍ରଛାତ୍ରୀ ସାଇକୃପା କଲେଜରେ ଯୋଗଦାନ କରି ନ ଥିଲେ ସୁଦ୍ଧା କଲେଜକୁ ଏଭଳି ସଫଳତା ମିଳିଛି । ୧୪୭ ଜଣ ୧୦ମ ମାର୍କଠାରୁ +୨ ରେ ଅଧିକ ନମ୍ବର ରଖିଛନ୍ତି । ହିନ୍ଦୋଳ ବ୍ଲକ୍ ହାତୁରାର ଲକ୍ଷ୍ମୀପ୍ରିୟା ସାହୁ ସର୍ବାଧିକ ୯୮.୨୦% (୫୮୯) ନମ୍ବର ରଖି ଅବିଭକ୍ତ ଢେଙ୍କାନାଳ ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ସେ ୧୦ମରେ ୮୫% (୫୧୨) ନମ୍ବର ରଖିଥିଲେ । ଏଥିରେ ପ୍ରଥମ ଶ୍ରେଣୀରେ ୧୫୬ ଜଣ ଓ ୫୨ ଜଣ ୫୦୦ରୁ ଊର୍ଦ୍ଧ୍ୱ ନମ୍ବର ଏବଂ ୬୩ ଜଣ ୮୦% ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି । ସେହିପରି ବେଡ଼ାପଡ଼ାର ରାହୁଲ ବେହେରା ୫୮୩ ନମ୍ବର, ଅଚଳକୋଟର ବିଶ୍ୱଭୂଷଣ ମାଝି ୫୭୬, ହାତୁରାର ସ୍ମୃତି ସାହୁ ୫୭୪, ନୂଆବଗର ଶିବାନୀ ବିଶ୍ୱାଳ ୫୭୩, ଚାଉଳିଆ ଆରଦାର ସୁବ୍ରତ ରାଉତ ୫୭୧, ମଠକରଗୋଳାର ଆୟୁଷ ମିଶ୍ର ୫୬୬, ଗେଙ୍ଗୁଟିଆର ହରପ୍ରିୟା ରାଉତ ୫୬୫, ବଣସିଂହରର ସୁପ୍ରଭା ସ୍ୱାଇଁ ୫୬୩, ବ୍ରାହ୍ମଣିଆପାଳର ଅର୍ଚ୍ଚିତା ସାହୁ ୫୫୯, ବାବନ୍ଧର ଉତ୍କଳିକା ବିଶ୍ୱାଳ ୫୫୯, ଖୁଣ୍ଟକଟାର ପୂର୍ଣ୍ଣେନ୍ଦୁ ବେହେରା ୫୫୯, ବେଲଟିକିରିର ତନୁଶ୍ରୀ ବେହେରା ୫୫୮, ସୋଗରପସୀର ସୁଶ୍ରୀ ପ୍ରଜ୍ଞା ସେନାପତି ୫୫୭, ଗୋବିନ୍ଦପୁରର ବିଦୁସ୍ମିତା ସାହୁ ୫୫୭, କନ୍ତିଓକାଟେଣୀର ଶ୍ରୀଜିତ ଶୁଭମ ସାହୁ ୫୫୭, ଯୋରନ୍ଦାର ଶର୍ମିଷ୍ଠା ପରିଡ଼ା ୫୫୪, ଗେଙ୍ଗୁଟିଆର ରିତେଶ କୁମାର ରାଉତ ୫୪୫, ରତ୍ନପୁରର ଶୁଭଲକ୍ଷ୍ମୀ ରାଉତ ୫୪୩, ବଲ୍ଲଭର ପ୍ରିୟବ୍ରତ ସ୍ୱାଇଁ ୫୪୧ ନମ୍ବର ରଖି ଏ-୧ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଏଥିପାଇଁ ସାଇକୃପା କଲେଜ ରାଜ୍ୟ ସ୍ତରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ସାଇକୃପା କଲେଜର ଏହି ସଫଳତା ପଛରେ ଛାତ୍ରଛାତ୍ରୀଙ୍କ କଠିନ ପରିଶ୍ରମ, ଅଭିଭାବକଙ୍କ ଅକୁଣ୍ଠ ସହଯୋଗ ତଥା ଅଧ୍ୟାପକ ଓ ଅଧ୍ୟାପିକାଙ୍କ ନିଷ୍ଠା ରହିଛି । ସାଇକୃପା କଲେଜର ଚେୟାରମ୍ୟାନ ଅନ୍ନଦା କୁମାର ମହାନ୍ତି, ଅଧ୍ୟକ୍ଷ ଡ. ତୁଷାର କୁମାର ମହାନ୍ତି ଏବଂ ସମ୍ପାଦିକା ଅନୁପମା ମହାନ୍ତି ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଅଭିଜ୍ଞ ଅଧ୍ୟାପକ ଓ ଅଧ୍ୟାପିକାଙ୍କ ଦ୍ୱାରା ଉଚ୍ଚ ମାନର ଶିକ୍ଷାଦାନ, ସମୟ ଉପଯୋଗୀ ଶିକ୍ଷା ପ୍ରଣାଳୀ ଯୋଗୁ ସାଇକୃପା କଲେଜ ଏହି ସଫଳତା ହାସଲ କରିଥିବା ଶ୍ରୀ ମହାନ୍ତି କହିଛନ୍ତି ।

# ଜୁନ୍ ୨୪ରେ ପାଳିତ ହେବ ମହିମାସ୍ୱାମୀଙ୍କ ଓଡ଼ିଶା ଆଗମନର ୨୦୦ ବର୍ଷ ପୂର୍ତ୍ତି

ଢେଙ୍କାନାଳ,୨୮ ।୫(ସମିସ):



ମହିମାସ୍ୱାମୀଙ୍କ ୧୮୨୬ ଖ୍ରୀଷ୍ଟାବ୍ଦରେ ଶ୍ରୀକ୍ଷେତ୍ର ପୁରୀଠାରେ ଧୂଳିଆ ବାବା ଭାବେ ଆବିର୍ଭାବ ହୋଇଥିଲେ । ପୁରୀ ବଡ଼ଦାଣ୍ଡ ଧୂଳିରେ ଗଡ଼ିବା ସହ ସର୍ବାଙ୍ଗ ଧୂଳିରେ ଲେପିତ ହୋଇଥିବାରୁ ସେ "ଧୂଳିଆବାବା' ଭାବେ ପରିଚିତ ହୋଇଥିଲେ । ଆତ୍ମଯୋଗ ସାଧନା ପାଇଁ ଉପଯୁକ୍ତ ସ୍ଥାନ ଅନ୍ୱେଷଣରେ ଖଣ୍ଡଗିରି ସମେତ ବିଭିନ୍ନ ସ୍ଥାନ ପରିଭ୍ରମଣ କରି ଶେଷରେ ସେ ମହାପ୍ରଭୁ ଶ୍ରୀ ଚନ୍ଦ୍ରଶେଖରଜୀଉଙ୍କ ପୀଠର ଅନତି ଦୂରରେ ଥିବା କପିଳାସ ତପୋବନ ପୀଠରେ ପହଞ୍ଚିଥିଲେ । ନିକଟରେ ସ୍ୱଚ୍ଛ ସଲିଳା ସ୍ରୋତସ୍ୱିନୀ କପିଳାସ ଝର ଓ ଝର ଉପରିଭାଗରେ ଏକ ବିସ୍ତିର୍ଣ୍ଣ ଚକା ପଥର ସହ ପ୍ରକାଣ୍ଡ ଜରିବଟ ବୃକ୍ଷ ତାଙ୍କୁ ଆତ୍ମଯୋଗ ସାଧନାର ସର୍ବୋତ୍କୃଷ୍ଟ କ୍ଷେତ୍ର ଭାବେ ଆକୃଷ୍ଟ କରିଥିଲା । ଏହି ପାର୍ବତ୍ୟ କ୍ଷେତ୍ରର ପାଦଦେଶରେ ଏକ ଶବର ଅଧ୍ୟୁଷିତ ଗ୍ରାମ ଭାବେ "କାଦୁଆ' ପରିଚିତ ଥିଲା । ଏହି ସ୍ଥାନରେ ମହିମାସ୍ୱାମୀ ୧୮୩୮ ଖ୍ରୀଷ୍ଟାବ୍ଦରୁ ଦୀର୍ଘ ୨୪ବର୍ଷ କାଳ ଆତ୍ମଯୋଗ ସାଧନାରେ ବ୍ରତୀ ଥିଲେ । କାଦୁଆ ଗ୍ରାମର ସଦାନନ୍ଦ ଶବର ତାଙ୍କ ମସ୍ତକରେ ସପ୍ତଫେଣୀ ଅହି ଢାଙ୍କିବାର ଦୁର୍ଲ୍ଲଭ ଦର୍ଶନ ଲାଭ କରି ତାଙ୍କ ପାଇଁ ବନ୍ୟ ଫଳମୂଳର ବ୍ୟବସ୍ଥା ବାରବର୍ଷ ଧରି କରିଆସୁଥିଲେ । ଏହା ଢେଙ୍କାନାଳର ତଦାନୀନ୍ତନ ମହାରାଜା ଭଗୀରଥ ମହିନ୍ଦ୍ର ବାହାଦୁରଙ୍କ ଶ୍ରୁତିଗୋଚର ହେବାରେ ସେ ମହିମାସ୍ୱାମୀଙ୍କ ଦର୍ଶନ ଲାଭ କରି ତାଙ୍କ ପାଇଁ ପ୍ରତ୍ୟହ ଗୋଦୁଗ୍ଧ ବ୍ୟବସ୍ଥା କରାଇଥିଲେ । ପ୍ରଥମ ବାରବର୍ଷ ବନ୍ୟ ଫଳମୂଳ ଓ ଅନ୍ତିମ ବାରବର୍ଷ କ୍ଷୀର ପାନ କରି ମହିମାସ୍ୱାମୀ ତାଙ୍କ ଆତ୍ମଯୋଗ ସାଧନାରେ ବ୍ରତୀ ରହିଥିଲେ । ୧୮୬୨ ଖ୍ରୀଷ୍ଟାବ୍ଦରେ ତାଙ୍କର ଏହି ଆତ୍ମଯୋଗ ସାଧନାର ଉପଲବ୍ଧିକୁ ସାଧାରଣରେ ପ୍ରଚାର ପ୍ରସାର କରିବା ଲକ୍ଷ୍ୟରେ ବିଭିନ୍ନ ଜନପଦକୁ ଯାତ୍ରା କରି ମହିମା ଟୁଙ୍ଗୀମାନ ସ୍ଥାପନ କରିଥିଲେ । ଆଦ୍ୟ ଶିଷ୍ୟ ଗୋବିନ୍ଦ ବାବା ଓ ନୃସିଂହ ବାବାଙ୍କ ପରେ ୬୪ ସିଦ୍ଧ ସାଧୁଙ୍କୁ ନେଇ ତାଙ୍କର ପ୍ରଚାର ୧୪ବର୍ଷ ଧରି ୧୮୭୬ ଖ୍ରୀଷ୍ଟାବ୍ଦ ଯାଏଁ ଚାଲିବା ପରେ ସେ ବର୍ତ୍ତମାନର ମହିମାଗାଦି ଯୋରନ୍ଦାଠାରେ ସମାଧିସ୍ଥ ହୋଇଥିଲେ । ଯାହା ଆଜିର ଶୂନ୍ୟ ମନ୍ଦିର ଭାବେ ଖ୍ୟାତ ହୋଇଛି । ଶୂନ୍ୟ ବ୍ରହ୍ମ ହିଁ ସୃଷ୍ଟିର ମୂଳାଧାର ଏବଂ ତାଙ୍କଠାରୁ ଏ ଜୀବଜଗତ କ୍ଷରିତ ହୋଇଛନ୍ତି ବୋଲି ସେ ମତପୋଷଣ କରୁଥିଲେ । ଅଗ୍ନିରେ ଘୃତାହୁତି, ଅନ୍ନଯଜ୍ଞରେ ଆତ୍ମସେବା, ବିଶ୍ୱ କଲ୍ୟାଣର କାମନା, ଅଲେଖ ଶୂନ୍ୟବ୍ରହ୍ମଙ୍କ ନାମ ସଂକୀର୍ତ୍ତନ ଓ ପ୍ରାତଃ ସାୟଂ ଦୁଇବେଳା ଊର୍ଦ୍ଧ୍ୱ ବାହୁ ହୋଇ ଶୂନ୍ୟବ୍ରହ୍ମଙ୍କ ଉଦ୍ଦେଶ୍ୟରେ ସାଷ୍ଟାଙ୍ଗ ପ୍ରଣାମ ଥିଲା ତାଙ୍କର ଗୁରୁମନ୍ତ୍ର । ଏଥିରେ ଜାତି ବର୍ଣ୍ଣର କୌଣସି ବିଭେଦ ନ ଥିଲା । ଏହି ବିଶ୍ୱ ଧର୍ମର ବଳିଷ୍ଠ ପ୍ରଚାରକ ପ୍ରବୁଦ୍ଧ ଗୁରୁ ମହିମାସ୍ୱାମୀଙ୍କ ଓଡ଼ିଶା ଆଗମନର ଦ୍ୱିଶତ ବାର୍ଷିକୀ ଉତ୍ସବ ଆସନ୍ତା ଜୁନ୍ ୨୪ ତାରିଖ ମଧ୍ୟାହ୍ନରେ କାଦୁଆ ମହିମା ଆଶ୍ରମ ପରିସରରେ ପାଳିତ ହେବା ବୋଲି ଢେଙ୍କାନାଳ-ଅନୁଗୋଳ ମହାନିତ୍ୟ ସାଧୁଭକ୍ତ ମଣ୍ଡଳୀ ଦ୍ୱାରା ସ୍ଥିର କରାଯାଇଛି ।

ଏଥିନିମିତ କାଦୁଆ ଗ୍ରାମରେ ଶତାଧିକ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ଆୟୋଜିତ ବୈଠକରେ ନିଷ୍ପତ୍ତି ନିଆଯାଇଛି । ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ସହଯୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟପାଳ ହରିବାବୁ କମ୍ଭମ୍ପତି, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ କନକ ବର୍ଦ୍ଧନ ସିଂହଦେଓ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସାଂସଦ ରୁଦ୍ରନାରାୟଣ ପାଣି, ପୂର୍ବତନ କେନ୍ଦ୍ରମନ୍ତ୍ରୀ କେପି ସିଂହଦେଓ ଏବଂ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ୍ ପ୍ରମୁଖଙ୍କୁ ନିମନ୍ତ୍ରଣ କରାଯିବାକୁ ବୈଠକରେ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହୋଇଛି । ଏଥିପାଇଁ ଅଭ୍ୟର୍ଥନା କମିଟି, ପ୍ରଚାର ପ୍ରସାର କମିଟି, ଅର୍ଥ କମିଟି, ଆତ୍ମସେବା କମିଟି ଓ ସମାରୋହ ପରିଚାଳନା କମିଟି ଆଦି ଗଠନ କରାଯାଇଛି । ମାର୍ଗଦର୍ଶକ ଭାବେ କୌପିନଧାରୀ ମହିମା ସମାଜର ଧର୍ମାଧ୍ୟକ୍ଷ ରଘୁନାଥ ବାବା ଓ ତାଙ୍କ ସହଯୋଗୀ ସନ୍ନ୍ୟାସୀବୃନ୍ଦ ରହିଛନ୍ତି । ପ୍ରସ୍ତୁତି ବୈଠକରେ ମହାନିତ୍ୟ ସାଧୁଭକ୍ତ ମଣ୍ଡଳୀର ସମ୍ପାଦକ ପ୍ରଶାନ୍ତ ମହାପାତ୍ର, ମହିମା ଜ୍ୟୋତିଯାତ୍ରାର ମୁଖ୍ୟ ସଂଯୋଜକ ପ୍ରଦ୍ୟୁମ୍ନ ରଥ, ଅଙ୍ଗାରବନ୍ଧର ଭକ୍ତ ବିଜ୍ଞାନୀ ବେହେରା, କୁଲାଡ଼ ମହିମାଟୁଙ୍ଗୀର ପରେଶ ଜେନା ଓ ପ୍ରେମାନନ୍ଦ ସେଠ, ଚନ୍ଦ୍ରମଣି ସ୍ୱାଇଁ, ପ୍ରାଣବନ୍ଧୁ ଦେହୁରୀ, ଧର୍ମାନନ୍ଦ ପୃଷ୍ଟି, କୈଳାସ ବେହେରା, ଅନୁଗୁଳର ଆଇନ୍‌ଜୀବୀ ଅଜୟ ଦେହୁରୀ, ଅନନ୍ତ ନାଏକ, କରୁଣାକର ବାବା, ଜ୍ଞାନୀ ବାବା, ସନକ ବାବା, କନ୍ଦର୍ପ ବାବା, ରବି ବାବା, ମନ୍ତ୍ରୀ ବାବା, ବାସୁଦେବ ଦେହୁରୀ, ପୃଥ୍ୱୀରାଜ ଜେନା, ପ୍ରଶାନ୍ତ ରାଉତ, ରଞ୍ଜନ ବେହେରା, ସନ୍ତୋଷ ଦେହୁରୀ ଓ ଶ୍ରୀକାନ୍ତ ଦେହୁରୀ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ସଭାରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ଜାମା ମସଜିଦ୍ ପରିଚାଳନା କମିଟି ପକ୍ଷରୁ ଇଦ୍-ଉଲ୍-ଜୁହା ପାଳିତ



ଢେଙ୍କାନାଳ,୨୮ ।୫(ସମିସ): ସ୍ଥାନୀୟ ଜାମା ମସଜିଦ୍ ମୁସଲିମ ସମ୍ପ୍ରଦାୟ ପକ୍ଷରୁ ଇଦ୍-ଉଲ୍-ଜୁହା ଖୁବ୍ ହର୍ଷ ଉଲ୍ଲାସରେ ପାଳିତ ହୋଇଯାଇଅଛି । ଇଦ୍-ଉଲ୍-ଜୁହା ହେଉଛି ତ୍ୟାଗ ଓ ବଳିଦାନର ପର୍ବ । ଏହାକୁ ଢେଙ୍କାନାଳରେ ଧର୍ମବର୍ଣ୍ଣ ନିର୍ବିଶେଷରେ ସମସ୍ତେ ମିଳିମିଶି ଭାଇଚାରାର ସହିତ ପାଳନ କରିଛନ୍ତି । କୋରାନ୍ ଅନୁସାରେ ମହାପୁରୁଷ ଇବ୍ରାହିମ ଅଲଇହି ସଲାମ ଅଲ୍ଲାଙ୍କ ଖୁବ୍ ପ୍ରିୟ ଥିଲେ । ଥରେ ଅଲ୍ଲା ତାଙ୍କୁ ପରୀକ୍ଷା କରିବା ପାଇଁ ସ୍ୱପ୍ନାଦେଶ ଦେଲେ ଯେ ତୋର ସବୁଠାରୁ ପ୍ରିୟ ଜିନିଷକୁ ମୋ ପାଖରେ ବଳି ଦେ । ଇବ୍ରାହିମ ଅଲହି ସଲାମଙ୍କର ଯେହେତୁ ନବେ ବର୍ଷ ବୟସରେ ଗୋଟିଏ ମାତ୍ର ପୁଅ ହୋଇଥିଲା । ତେଣୁ ସେ ହିଁ ତାଙ୍କର ସବୁଠାରୁ ପ୍ରିୟ ଥିଲେ । ତେଣୁ ସେ ସକାଳୁ ଉଠି ପୁଅକୁ ନିଜ ସ୍ୱପ୍ନାଦେଶ ବିଷୟରେ ଜଣାଇଲେ । ପୁଅ ମଧ୍ୟ ଅଲ୍ଲାଙ୍କ ପ୍ରିୟ ଭକ୍ତ ଥିଲେ ତେଣୁ ବାପାଙ୍କ ପ୍ରସ୍ତାବରେ ସମ୍ମତି ଜଣାଇଲେ ଏବଂ ନିଜକୁ ବଳି ଦେବା ପାଇଁ ରାଜି ହୋଇଗଲେ । କିନ୍ତୁ ଅଲ୍ଲାଙ୍କ ଉଦ୍ଦେଶ୍ୟ ନ ଥିଲା ବାପାଙ୍କଠୁ ପୁଅକୁ ଛଡ଼ାଇନେବା । ଏହା କେବଳ ଏକ ପରୀକ୍ଷା ଥିଲା । ତେଣୁ ଯେତେବେଳେ ବାପା ବଳି ଉଦ୍ଦେଶ୍ୟରେ ପୁଅ ବେକରେ ଛୁରୀ ଚଳାଇବାକୁ ଯାଉଥିଲେ ସେହି ସମୟରେ ଅଲ୍ଲାଙ୍କ ତରଫରୁ ଏକ ଦେବଦୂତ ଯାହାଙ୍କୁ ଜିବ୍ରେଇଲ ଅଲାଇ ସଲାମ୍ ବୋଲି ଜଣାଯାଏ । ପୁଅକୁ ଉଠାଇ ତାଙ୍କ ଜାଗାରେ ଏକ ମେଣ୍ଢା ଜାତୀୟ ଜୀବ ଯାହାକୁ ଦୁମ୍ବା କୁହାଯାଏ ତାକୁ ରଖିଦେଲେ । ତାଙ୍କ ବାପା ସେହି ଜୀବଟିକୁ ବଳି ବା ହଲାଲ୍ କଲେ । ସେହି ଦିନଠାରୁ ଏହି ପ୍ରଥା ଚାଲି ଆସିଛି । ଯେଉଁ ସ୍ଥାନର ଲୋକ ସେଠୀ ଯୋଉ ପ୍ରକାରର ଜୀବ ମିଳୁଥିବ ତାକୁ ଆଜିର ଦିନରେ ବଳି ଦିଅନ୍ତି । ଏହା ବ୍ୟତୀତ ଘରେ ଘରେ ବିଭିନ୍ନ ପ୍ରକାରର ସୁସ୍ୱାଦୁ ଖାଦ୍ୟ, ମିଷ୍ଟାନ୍ନ ଇତ୍ୟାଦି ପ୍ରସ୍ତୁତ ହୋଇଥାଏ । ସମସ୍ତେ ସମସ୍ତଙ୍କ ଘରକୁ ଯାଇ ମିଶିବା ସହିତ ଖାଦ୍ୟ ପାନୀୟର ମଜା ଉଠାଇ ଥାନ୍ତି । ସମସ୍ତ ସମ୍ପ୍ରଦାୟର ଲୋକ ଆସି ନିଜ ନିଜ ବନ୍ଧୁ, ସାଙ୍ଗ ସାଥୀ ମାନଙ୍କ ସହ ମିଶି ଖୁସିରେ ଦିନଟି କାଟି ଥାଆନ୍ତି । ଢେଙ୍କାନାଳ ଜାମା ମସଜିଦରେ ଏହି ଅବସରରେ ସକାଳ ସାଢ଼େ ଆଠ ଟା ସମୟରେ ସମୂହ ନମାଜ ପାଠ ହୋଇଯାଇଅଛି । ଇମାମ୍ ଜନାବ୍ ମୋଦାସିର୍ ସାହେବ୍ ନମାଜ ପଢ଼ାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜାମା ମସଜିଦ୍ ପରିଚାଳନା କମିଟିରର ସଭାପତି ଜନାବ୍ ସମଦ୍ ବେଗ୍, ସମ୍ପାଦକ ହସରତ୍ ହୁସେନ୍, ସହ ସମ୍ପାଦକ ନୁରୁଲ୍ ଇସଲାମ୍,କୋଷାଧ୍ୟକ୍ଷ ମନୱର୍ ବକ୍ସ, ସଭ୍ୟ ସୟଦ୍ ରିୟାଜ୍ ଅଲ୍ଲୀ ଙ୍କ ସହ ଅନ୍ୟାନ୍ୟ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯଥା ହାଜି ସୟଦ୍ ସରୱର୍ ଅଲ୍ଲୀ, ହାଜି ଅମଜଦ୍ ଅଲ୍ଲୀ, ମୁନିର୍ ବେଗ୍ ଏବଂ ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ । ଏହି ଅବସରରେ ବିଶ୍ୱର ଶାନ୍ତି ପାଇଁ ଅଲ୍ଲାଙ୍କ ନିକଟରେ ପ୍ରାର୍ଥନା କରାଯାଇଥିଲା ।

## ଗଁଦିଆ ଅଗ୍ନିଶମ ବାହିନୀ ଦ୍ୱାରା ବଡ଼ ବିପଦ ଟଳିଲା



ଗଁଦିଆ,୨୮ ।୫(ସମିସ): ଗଁଦିଆ ଅଞ୍ଚଳରେ ଗୁରୁବାର ସକାଳେ ବିନୋଦ ବିହାରୀଙ୍କ ଚାଳିଆ ହୋଟେଲରେ ରୋଷେଇ ଚୁଲିରୁ ନିଆଁ ଲାଗି ଯାଇଥିଲା । ଖବର ପାଇ ସଚ୍ଚିନ୍ଦ୍ର ନାଏକଙ୍କ ନେତୃତ୍ୱରେ ଗଁଦିଆ ଅଗ୍ନିଶମ ବାହିନୀର ଏକ ଟିମ୍ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହ ଏକ ବଡ଼ ଦୁର୍ଘଟଣାରୁ ରକ୍ଷା କରିଥିଲେ । ଟିମ୍‌ରେ ରାଜକିଶୋର ସାହୁ, ରାକେଶ କୁମାର ପଣ୍ଡା, ଗୌତମ ବେହେରା, ଦେବଦତ୍ତ ଦାସ, ରମାକାନ୍ତ ସାହୁ ପ୍ରମୁଖ ସାମିଲ ଥିଲେ ।

## ଗୁଣ୍ଡିଚାପଡ଼ାରେ ଇଦ୍-ଉଲ୍-ଜୁହା ପାଳିତ

ଢେଙ୍କାନାଳ,୨୮ ।୫(ସମିସ): ସହର ଉପକଣ୍ଠ ଗୁଣ୍ଡିଚାପଡ଼ା ଅହମଦିୟା ମୁସଲିମ୍ ଜାମେ ମସଜିଦରେ ପବିତ୍ର ଇଦୁଲ୍-ଅଜ୍‌ହା ପର୍ବ ପାଳିତ ହୋଇଛି । ଏହି ପର୍ବ ତ୍ୟାଗ, ଆତ୍ମସମର୍ପଣ ଓ ମାନବସେବାର ଶିକ୍ଷା ଦେଇଥାଏ । ଏହି ଅବସରରେ ମୌଲବୀ ଜଲାଲ ଉଦ୍ଦିନ ଖାଁ ଇଦ୍ ନମାଜ ପାଠ କରାଇଥିଲେ ଏବଂ ଧାର୍ମିକ ଉପଦେଶ ଦେଇ କହିଥିଲେ ଯେ, ପବିତ୍ର କୋରାନ ଅନୁସାରେ ଅଲ୍ଲାହଙ୍କ ନିକଟକୁ ବଳିଦାନର ମାଂସ କିମ୍ବା ରକ୍ତ ନୁହେଁ ବରଂ ମନୁଷ୍ୟର ଆସ୍ଥା ଓ ଧର୍ମପରାୟଣତା ପହଞ୍ଚେ । ସେ ନିଜ ଅହଂକାର ଓ ଅସତ୍ ଆଚରଣକୁ ବଳିଦାନ କରିବାର ଆବଶ୍ୟକତା ଉପରେ ଜୋର ଦେଇଥିଲେ ।

ମୌଲବୀ ମୁଜାଫର ଖାଁ କହିଥିଲେ ଯେ ଇଦ୍-ଅଜ୍‌ହାର ମୂଳ ଉଦ୍ଦେଶ୍ୟ କେବଳ ପଶୁବଳି ନୁହେଁ ବରଂ ଦରିଦ୍ରଙ୍କ ସହାୟତା, ଭୋକିଲାକୁ ଖାଦ୍ୟ ଦେବା ଓ ମାନବତା ପ୍ରତି କରୁଣା ପ୍ରଦର୍ଶନ କରିବା । ଅହମଦିୟା ମୁସଲିମ ସମୁଦାୟର ସଭାପତି ସୁଲେମାନ ଅଲୀ ଖାଁ କହିଥିଲେ ଯେ ଏହି ପର୍ବ ଆମକୁ ଆବଶ୍ୟକତାର୍ଥୀଙ୍କ ସହାୟତା ଓ ଆତ୍ମସମର୍ପଣ ମାଧ୍ୟମରେ ଅଲ୍ଲାହଙ୍କ ଆଜ୍ଞା ପାଳନ କରିବାର ପ୍ରେରଣା ଦେଇଥାଏ । ଏହି ଅବସରରେ ଗ୍ରାମବାସୀମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । ସଭାପତି ସୁଲେମାନ ଅଲୀ ଖାଁ, କୋଷାଧ୍ୟକ୍ଷ ଅୟୁବ ଖାଁ, ଭାରତୀୟ ସେନାର ଅବସରପ୍ରାପ୍ତ ଯବାନ ତୋରାବ ଖାଁ, ଅବସରପ୍ରାପ୍ତ ବରିଷ୍ଠ ପୋଲିସ ନିରିକ୍ଷକ ଫରଜୁଲା ଖାଁ, ଅବଦୁଲ ବାରି, ଯୁବ ସଂଗଠନ ଅଧ୍ୟକ୍ଷ ସୋଲେମାନ ଖାଁ, ପୂର୍ବତନ ଅଧ୍ୟକ୍ଷ ମହମୁଦ ଖାଁ ଏବଂ ଇଦ୍ରିସ ଖାଁ ଉପସ୍ଥିତ ଥିଲେ ।



# ନାଟ୍ୟ କର୍ମଶାଳା 'ନୋ ୟୋରସେଲ୍ଫ' ଉଦଯାପିତ

ଢେଙ୍କାନାଳ,୨୮ ।୫(ସମିସ):




ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମହର୍ଷି ଦୟାନନ୍ଦ ସର୍ଭିସ ମିସନ ଓ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ନାଟ୍ୟାନୁଷ୍ଠାନ ଅଲଟରନେଟିଭ ରିଦମ୍ ଥିଏଟର ମିଳିତ ସହଯୋଗରେ ପ୍ରତି ବର୍ଷ ପରି ଚଳିତ ବର୍ଷ ଗୋବିନ୍ଦପୁରସ୍ଥିତ ଶିଶୁଗୃହ ପରିସରରେ ଚାଲିଥିବା ୮ ଦିନିଆ ନାଟ୍ୟ କର୍ମାଶାଳା 'ନୋ ୟୋରସେଲ୍ଫ' ଉଦଯାପିତ ହୋଇଛି । ଆର୍ଟର ଅଧ୍ୟକ୍ଷା ଡ. ପୁଷ୍ପଲତା ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମଶାଳାର ଉଦଯାପନୀ ଉତ୍ସବରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, ଏସ୍‌ଡିପିଓ ସୁଷମା ପ୍ରଧାନ ଏବଂ କୁମାରୀ ଜୀଶା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏଭଳି ନାଟ୍ୟ କର୍ମଶାଳା ଆୟୋଜନର ପ୍ରଶଂସା କରିବା ସହ ଏହା ସବୁ ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ଅତ୍ୟନ୍ତ ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ । ମହର୍ଷି ଦୟାନନ୍ଦ ସର୍ଭିସ ମିସନର କାର୍ଯ୍ୟକ୍ରମ ନିର୍ଦ୍ଦେଶିକା ଶୁଭ୍ରା ପ୍ରିୟଦର୍ଶିନୀ ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିବା ସହ କର୍ମଶାଳାର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଆଗାମୀ ଦିନରେ ଏହାକୁ ଆହୁରି ବ୍ୟାପକ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ପ୍ରଦୀପ କୁମାର ସାହୁ ଶିଶୁଗୃହ ଅନ୍ତେବାସୀଙ୍କ ସାମଗ୍ରୀକ ବିକାଶ କ୍ଷେତ୍ରରେ ଏହି କର୍ମଶାଳା ଖୁବ୍ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ଏ ଦିଗରେ ଅଲଟରନେଟିଭ ରିଦମ୍ ଥିଏଟରର ସହଯୋଗ ପାଇଁ ସାଧୁବାଦ ଜଣାଇଥିଲେ । ଏହି ନାଟ୍ୟ କର୍ମଶାଳାର ନିର୍ଦ୍ଦେଶକ ତଥା ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ନାଟ୍ୟକର୍ମୀ ଏବଂ ଜାତୀୟ ମାନ୍ୟତାପ୍ରାପ୍ତ ନାଟ୍ୟ ପ୍ରଶିକ୍ଷକ ଦୀନେଶ ଦାସ କର୍ମଶାଳା ସମ୍ପର୍କରେ ତାଙ୍କ ଅଭିବ୍ୟକ୍ତି ରଖିବା ସହ କୃତ୍ରିମ ବୁଦ୍ଧିମତାର ଯୁଗରେ ସୃଜନଶୀଳତାର ଯଥେଷ୍ଟ ଗୁରୁତ୍ୱ ଥିବା ପ୍ରକାଶ କରିଥିଲେ । ଜାତୀୟ ଶିକ୍ଷାନୀତି-୨୦୨୦ରେ ନାଟକ, ସଙ୍ଗୀତ, ନୃତ୍ୟକୁ ପାଠ୍ୟକ୍ରମରେ ସାମିଲ କରାଯାଇଥିବାରୁ କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟକୁ କୃତଜ୍ଞତା ଜ୍ଞାପନ କରିଥିଲେ । କର୍ମଶାଳାରେ ମୋଟ ୩୪ ଜଣ ଛାତ୍ରଛାତ୍ରୀ ସାମିଲ ହୋଇ ନିଜ ଅନ୍ତର୍ନିହିତ କଳାର ପରିପ୍ରକାଶ କରିବା ସହ ନାଟ୍ୟକୌଶଳ ମାଧ୍ୟମରେ ବ୍ୟକ୍ତିତ୍ୱ ବିକାଶ ପାଇଁ ତାଲିମ ଗ୍ରହଣ କରୁଛନ୍ତି । ଏଥିସହ ସେମାନଙ୍କୁ ଶରୀର ଏବଂ କଣ୍ଠ ସାଧନା, ଗଳ୍ପ କଥନ, କବିତା ଆବୃତି, ମଞ୍ଚ ଉପସ୍ଥାପନା, ବର୍ଜ୍ୟବସ୍ତୁରୁ ସୁନ୍ଦର ହସ୍ତକଳା ଏବଂ ମୁଖା ତିଆରି ଆଦି ତାଲିମ ପ୍ରଦାନ କରାଯାଇଛି । ଏହି ଅବସରରେ ନାଟ୍ୟ କର୍ମଶାଳା ସମ୍ପର୍କିତ ଏକ ପୁସ୍ତିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଶେଷରେ ଅଲଟରନେଟିଭ ରିଦମ ଥିଏଟରର ଉପାଧ୍ୟକ୍ଷ ମନୋହର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ । ମହର୍ଷି ଦୟାନନ୍ଦ ସର୍ଭିସ ମିସନ ଶିଶୁଗୃହର ଅଧିକ୍ଷକ ସଞ୍ଜୟ କୁମାର ବେହେରା, ପ୍ରେମାନନ୍ଦ ବେହେରା, ଶ୍ରଦ୍ଧାଞ୍ଜଳି ନାୟକ, କଳ୍ପନା ବେହେରା, ଅଙ୍କିତା ଦାସ, ଶ୍ରୀଲେଖା ଜେନା, ପ୍ରତୀତ ପ୍ରିୟଦର୍ଶିନୀ ସିଂହଲ, ରଶ୍ମିତା ରାଉତ, ଅଲିଭା ଓ ବବିତା ଖଟୁଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କାର୍ତ୍ତିକ ମହାପାତ୍ର, ପ୍ରମୋଦ ଦାସ, ମାଧବ ହେମ୍ବ୍ରମ ଓ ବିଜ୍ଞାନ ମହାନ୍ତି ପ୍ରଶିକ୍ଷକ ଭାବେ ଦାୟିତ୍ୱ ତୁଲାଇଥିଲେ ।

# ଏଆଇସିସି ସମ୍ପାଦକଙ୍କ ସମୀକ୍ଷା ବୈଠକ

ଢେଙ୍କାନାଳ,୨୮ ।୫(ସମିସ): ଢେଙ୍କାନାଳ ଜିଲ୍ଲା କଂଗ୍ରେସ ସଭାପତି ଛବିରାଜ ବିଶ୍ୱାଳଙ୍କ ସଭାପତିତ୍ୱରେ ଏଆଇସିସି ସମ୍ପାଦକ ଓଡ଼ିଶା ସହପ୍ରଭାରୀ ମୌର୍ଯ୍ୟ ଏସ୍ ଜୟକୁମାର କଂଗ୍ରେସର ଜିଲ୍ଲାସ୍ତରୀୟ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରିଛନ୍ତି । ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ପରେ ପଣ୍ଡିତ ଜବାହରଲାଲ ନେହେରୁଙ୍କ ୬୩ତମ ପୁଣ୍ୟତିଥିରେ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ନିଟ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍, ସିବିଏସ୍‌ଇ ପରୀକ୍ଷା ମୂଲ୍ୟାୟନରେ ବିଭ୍ରାଟ ଏବଂ ପେଟ୍ରୋଲ, ଗ୍ୟାସ୍ ଦାମ୍ ବୃଦ୍ଧି, ସାର ସଙ୍କଟକୁ ନେଇ ଜୟ କୁମାର କେନ୍ଦ୍ର ସରକାରକୁ ତୀବ୍ର ସମାଲୋଚନା କରିଥିଲେ । ଜିଲ୍ଲା କମିଟିର ପ୍ରତ୍ୟେକ ବିଭାଗରେ ମୁଖ୍ୟ ନିଯୁକ୍ତି କରି ବିଭାଗୀୟ କମିଟି ଗଠନ କରିବା ଏବଂ ସେହିପରି ବ୍ଲକ୍ ଏବଂ ପଞ୍ଚାୟତ ସ୍ତର ପର୍ଯ୍ୟନ୍ତ କମିଟି ଗଠନ କରିବା ତଥା ଗୋଟିଏ ମ୍ୟୁନିସିପାଲିଟି ଓ ୪ଟି ଏନ୍‌ଏସିର ପ୍ରତ୍ୟେକ ୱାର୍ଡରେ ସଭାପତି ନିଯୁକ୍ତ କରିବା ଆସନ୍ତା ୧୫ ଦିନ ମଧ୍ୟରେ ସମ୍ପୂର୍ଣ୍ଣ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ସଭାପତିଙ୍କୁ ପ୍ରତ୍ୟେକ ଦିନ କଂଗ୍ରେସ ଅଫିସ୍ ଖୋଲିବା, ପ୍ରତ୍ୟେକ ମାସରେ ଜିଲ୍ଲା କମିଟି ସଭା ଆୟୋଜନ, ଉପସଭାପତିମାନେ ପ୍ରତି ସପ୍ତାହରେ ନିଜ ଦାୟିତ୍ୱରେ ଥିବା ବ୍ଲକ୍ ଗସ୍ତ କରି ସଭା କରିବା ଏବଂ ପଞ୍ଚାୟତ ସ୍ତରରେ ସାପ୍ତାହିକ ସଭା ଆୟୋଜନ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ଏପରି କାର୍ଯ୍ୟକ୍ରମ ନିୟମିତ ଜାରି ରଖିଲେ କଂଗ୍ରେସ ପ୍ରତି ଲୋକଙ୍କ ଆଶା ଓ ସମର୍ଥନ ନିଶ୍ଚିତ ବୃଦ୍ଧି ପାଇବ ବୋଲି ଦର୍ଶାଇଥିଲେ । ବରିଷ୍ଠ ନେତା ଡାକ୍ତର ତୁଷାରକାନ୍ତି ନାୟକ ଜୟକୁମାରଙ୍କୁ ଓଡ଼ିଶା ପିସିସିର ଏକ ସ୍ୱତନ୍ତ୍ର ୱେବସାଇଟ୍ କରି ଦଳୀୟ ସଂଗଠନର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବା ଓ ଦଳର ସମ୍ବିଧାନକୁ ବିଭିନ୍ନ ସ୍ଥାନୀୟ ଭାଷାରେ ଅନୁବାଦ କରି ଜିଲ୍ଲା କମିଟିକୁ ବିତରଣ କରିବା ନିମନ୍ତେ ଅନୁରୋଧ କରିଥିଲେ । ଏ ବିଷୟରେ ସେ ପିସିସି ସହିତ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ସଭାରେ ଲୋକସଭା ପ୍ରାର୍ଥିନୀ ସସ୍ମିତା ବେହେରା, ଜିଲ୍ଲା ଉପସଭାପତି ବିନୟ କୁମାର ସାହୁ, ସରୋଜ ଶତପଥୀ, ପ୍ରଭୁଦତ୍ତ ଭଞ୍ଜ, ଅଯୋଧ୍ୟା ଶତପଥୀ, ସୁବାସ ପାଲ, ବ୍ଲକ ସଭାପତି ବନମାଳୀ ଦାସ, ବିପ୍ରବର ସାହୁ, ରଣଜିତ୍ ସାହୁ, ଗୋବର୍ଦ୍ଧନ ନାଏକ, ଅଜିତାନନ୍ଦ ବିହାରୀ, ସୁଶାନ୍ତ ଧଳ, ପୂର୍ବତନ ଜିଲ୍ଲା ସଭାପତି ସୁନୀଲ ଦାସ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ପ୍ରେମଶଙ୍କର ମିଶ୍ର, ବେଣୁଧର ସାହୁ, ପିସିସି ସମ୍ପାଦିକା ଶିଳ୍ପୀଶ୍ରୀ ହରିଚନ୍ଦନ, ସମସିଦା ତାଏବ, ଟାଉନ ସଭାପତି ବିକାଶ ସ୍ୱାଇଁ, ଅବିନାଶ ପଣ୍ଡା, ସଞ୍ଜୀବ କୁମାର ବେହେରା, ଗୋପାଳ ସାହୁ, ନିଶାକର ସାହୁ, ମନୋରଞ୍ଜନ ମିଶ୍ର ଏବଂ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ଆସିଥିବା ନେତୃବୃନ୍ଦ ଅଂଶଗ୍ରହଣ କରିଥିଲେ । ସାଧାରଣ ସମ୍ପାଦକ ନୁରୁଲ ଇସଲାମ ଧନ୍ୟବାଦ ଅର୍ପଣ କରିଥିଲେ ।



## ଭାଙ୍ଗିପଡ଼ିଲା ଡାଳ

# ଉଦ୍‌ଘାଟନ ପୂର୍ବରୁ ଲକ୍ଷ ଲକ୍ଷ ଟଙ୍କାର ପ୍ରତିକୃତି ନଷ୍ଟ

ସମ୍ବଲପୁର, ୨୮।୫ (ସମିସ)





ସମ୍ବଲପୁର ମହାନଗର ନିଗମ ପକ୍ଷରୁ ସହରର ସୌନ୍ଦର୍ଯ୍ୟକରଣ ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଛି। ତାହାସହିତ ସମ୍ବଲପୁରୀ ସଂସ୍କୃତି ଓ ପରମ୍ପରାକୁ ସୁଦୂର ପ୍ରସାରୀ କରିବାକୁ ପଦକ୍ଷେପ ଗ୍ରହଣ ହେଉଛି। କିନ୍ତୁ ଦୂରଦୃଷ୍ଟିହୀନତା ଏବଂ ଯୋଜନା ସମୟରେ ଆବଶ୍ୟକ ସତର୍କତା ଅଭାବରୁ ଲକ୍ଷ ଲକ୍ଷ ଟଙ୍କା ପାଣିରେ ପଡୁଛି। ଆଜି ଗୁରୁବାର ସମ୍ବଲପୁରରେ ଏଭଳି ଏକ ଘଟଣା ଘଟିଛି। ଗଛରୁ ଗୋଟିଏ ଡାଳ ଭାଙ୍ଗିପଡ଼ିବା ଫଳରେ ଲକ୍ଷ ଲକ୍ଷ ଟଙ୍କାର ପ୍ରତିକୃତି ଭାଙ୍ଗିରୁଜି ଯାଇଛି। ବହୁବର୍ଷ ପୁରୁଣା କେତୋଟି ଗଛର ତଳେ ଏହା କରାଯାଉଥିବାବେଳେ ଏଭଳି ନିଷ୍ପତ୍ତି କିଭଳି ନିଆଗଲା ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

କଚେରୀ ରୋଡ୍‌ସ୍ଥିତ ସମ୍ବଲପୁର ଆକାଶବାଣୀ କାର୍ଯ୍ୟାଳୟର ପାଚେରୀ କଡ଼ରେ ତିନି-ଚାରୋଟି ବହୁବର୍ଷ ପୁରୁଣା ଗଛ ତଳେ 'ସମ୍ବଲପୁରୀ ହସ୍ତତନ୍ତ'କୁ ପ୍ରଚାର ପ୍ରସାର ସକାଶେ ବୟନ କଳାର ଏକ ଭବ୍ୟ ପ୍ରତିକୃତି ନିର୍ମାଣ କରାଯାଉଥିଲା। ଏହାର ଉଦ୍‌ଘାଟନ ମଧ ହୋଇ ନ ଥିଲା। 'ୱେଷ୍ଟ ଟୁ ଆର୍ଟ' ବା 'ଅଦରକାରୀ ବସ୍ତୁରୁ କଳା' ଅନୁଯାୟୀ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହା ନିର୍ମାଣ କରାଯାଉଥିଲା। ଏହାର ନିର୍ମାଣ ଟେଣ୍ଡର ଜରିଆରେ ଏକ ସଂସ୍ଥାକୁ ଦିଆଯାଇଛି। ଏହାର ବ୍ୟୟ ଅଟକଳ ଜଣା ପଡ଼ିନାହିଁ। ତେବେ ବିଶ୍ୱସ୍ତ ସୂତ୍ର ଅନୁଯାୟୀ ପ୍ରାୟ ୩୦ ଲକ୍ଷ ଟଙ୍କା ହେବ ବୋଲି କୁହାଯାଉଛି। ନିର୍ମାଣ କାର୍ଯ୍ୟ ପ୍ରାୟତଃ ସମ୍ପୂର୍ଣ୍ଣ ହୋଇଯାଇଥିବାବେଳେ କିଛିଟା ଆନୁସଙ୍ଗିକ କାର୍ଯ୍ୟ ବାକି ଥିଲା। ଆଜି ସକାଳେ କଳାକୃତି ଉପରେ ଥିବା ଗଛର ଗୋଟିଏ ବଡ଼ ଡାଳ ଭାଙ୍ଗି ପଡ଼ିଥିଲା। ଏହାଦ୍ୱାରା ବୁଣାକାର ମାନଙ୍କ ଦୁଇଟି ପ୍ରତିକୃତି ସହ ଅନେକଟା ସାଜସଜ୍ଜା ଭାଙ୍ଗିଯାଇଛି। ତୁରନ୍ତ ଖବର ପାଇ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଆସି ଡାଳ କାଟି ସେଠାରୁ ହଟାଇଥିଲେ। ଏହି ସ୍ଥାନରେ ଅନେକ ଗଛ ଥିବାରୁ ରିକ୍ସାଚାଳକମାନେ ଖରା ସମୟରେ ଆଶ୍ରୟ ନେଇଥାନ୍ତି। ସୌଭାଗ୍ୟବଶତଃ ସେହି ପ୍ରତିକୃତି ନିକଟରେ କେହି ନ ଥିଲେ, ନଚେତ୍ ଅଘଟଣକୁ ଏଡ଼ାଇ ଦିଆଯାଇ ପାରିନଥାନ୍ତା।

କାଳବୈଶାଖୀ ବା ଝଡ଼ ବର୍ଷା ପବନ ନ ହୋଇ ମଧ ଗଛରୁ ଡାଳ ଭାଙ୍ଗି ପଡ଼ିବା ଫଳରେ ଏହି କଳାକୃତି ଚୁରମାର ହୋଇଯାଇଛି। ଏଥିରେ ଏଫ୍‌ଆର୍‌ପି ମେଟେରିଆଲ୍ ବ୍ୟବହାର ହୋଇଥିବା ଜଣାପଡ଼ିଛି। ତେବେ, ପ୍ରତିକୃତି ସକାଶେ ସ୍ଥାନ ଚୟନ ଏବଂ କାମର ଗୁଣବତ୍ତାକୁ ନେଇ ପ୍ରଶ୍ନ ଉଠୁଛି। ପୁନଃ ନିର୍ମାଣ ସକାଶେ ଯେଉଁ ଖର୍ଚ୍ଚ ହେବ ତାହା କିଏ ବହନ କରିବ? ଏହି କାର୍ଯ୍ୟର ନିରପେକ୍ଷ ତଦନ୍ତ ସକାଶେ ସାଧାରଣରେ ଦାବି ହେଉଛି।



ସମ୍ବଲପୁର : ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ଯୁଯୋମୁରା ଅଞ୍ଚଳରେ ପାଣିରେ ହାତୀପଲ।

## ବେଦାନ୍ତ ଆଲୁମିନିୟମରେ ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସ

**ସମ୍ବଲପୁର, ୨୮।୫ (ସମିସ):** ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ଝାରସୁଗୁଡ଼ାର ବେଦାନ୍ତ ଆଲୁମିନିୟମରେ ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସ ପାଳିତ ହୋଇଛି। ସୁରକ୍ଷିତ ଋତୁସ୍ରାବ ଉତ୍ପାଦ, ପରିମଳ ସୁବିଧା ଏବଂ ଋତୁସ୍ରାବ ସ୍ୱାସ୍ଥ୍ୟ ସଚେତନତାର ପ୍ରବେଶକୁ ପ୍ରୋତ୍ସାହିତ କରି ସାମୂହିକ କାର୍ଯ୍ୟର ଗୁରୁତ୍ୱକୁ ଗୁରୁତ୍ୱ ଦେଇଛି।କମ୍ପାନୀ ଏହାର ସମସ୍ତ କାର୍ଯ୍ୟସ୍ତରରେ ଅନ୍ତର୍ଭୁକ୍ତିମୂଳକ କର୍ମକ୍ଷେତ୍ର ଅଭ୍ୟାସଗୁଡ଼ିକୁ ନିଶ୍ଚିତ କରିଛି, ମହିଳାମାନେ ପ୍ଲାଣ୍ଟ ନେତୃତ୍ୱ ଏବଂ ମୁଖ୍ୟ ଉତ୍ପାଦନ ଭୂମିକାରେ ସକ୍ରିୟ ଭାବରେ ଯୋଗଦାନ ଦେଉଛନ୍ତି, ଯେଉଁଥିରେ ସ୍ମେଲ୍ଟିଂ, ବିଦ୍ୟୁତ୍ ଉତ୍ପାଦନ ଏବଂ ଲଜିଷ୍ଟିକ୍ସ ଅନ୍ତର୍ଭୁକ୍ତ। କମ୍ପାନୀ ଏହି କାର୍ଯ୍ୟ ପରିବେଶରେ ୧୦୦ ରୁ ଅଧିକ ସାନିଟାରୀ ନାପକିନ୍ ଭେଣ୍ଡିଂ ମେସିନ୍ ପ୍ରମୁଖ ସ୍ଥାନରେ ନିୟୋଜିତ କରିଛି। କମ୍ପାନୀ ଏହାର କର୍ମଚାରୀ ଟାଉନସିପ୍ ମଧ୍ୟରେ ଶିଶୁ ଯତ୍ନ ସହାୟତା ବ୍ୟବସ୍ଥା ସହିତ ଛଅ ମାସର ଦରମାପ୍ରାପ୍ତ ମାତୃତ୍ୱ ଛୁଟି, ଏବଂ ବ୍ୟକ୍ତିଗତ କିମ୍ବା ପାରିବାରିକ ଆବଶ୍ୟକତା ପାଇଁ ଛଅ ମାସ ପର୍ଯ୍ୟନ୍ତ ଛୁଟି ମଧ ପ୍ରଦାନ କରୁଛି। ଏଗୁଡ଼ିକ ନିୟମିତ ସୁସ୍ଥତା ଏବଂ ପରାମର୍ଶ କାର୍ଯ୍ୟକ୍ରମ ଦ୍ୱାରା ପରିପୂରକ, ଯାହା ଅନଲାଇନ୍ ଏବଂ ବ୍ୟକ୍ତିଗତ ଭାବରେ ପରିଚାଳିତ ହୁଏ। ଏହି ଅବସରରେ, ବେଦାନ୍ତ ଆଲୁମିନିୟମ୍, ଝାରସୁଗୁଡାର, ସିଇଓ ସି ଚନ୍ଦ୍ରୁ କହିଛନ୍ତି, 'ଆମେ ବିଶ୍ୱାସ କରୁଛୁ ଯେ ପ୍ରକୃତ ଅନ୍ତର୍ଭୁକ୍ତି ସହାନୁଭୂତି, ମର୍ଯ୍ୟାଦା ଏବଂ ସମାନ ସୁଯୋଗ ସହିତ ଆରମ୍ଭ ହୁଏ। ଆମେ ସହାୟକ କର୍ମକ୍ଷେତ୍ର ସୃଷ୍ଟି କରିବା ଉପରେ ଧ୍ୟାନ ଦେଉଛୁ ଯେଉଁଠାରେ ମହିଳାମାନେ କୌଣସି ବାଧା ବିନା ଅନ୍ତର୍ଭୁକ୍ତ ନୀତି ଏବଂ କାର୍ଯ୍ୟକ୍ଷେତ୍ର ଭିତ୍ତିଭୂମି ମାଧ୍ୟମରେ ଉନ୍ନତି ପାଇଁ ସଶକ୍ତ ହୁଅନ୍ତି। କମ୍ପାନୀ ଓଡ଼ିଶାର ଶିଳ୍ପ କ୍ଷେତ୍ରରେ ପ୍ରଥମ ଯିଏ ଏହାର



ଶ୍ରୀ ଶକ୍ତି ପଦକ୍ଷେପ ଅଧୀନରେ ରାତ୍ରି ସିଫ୍ଟରେ ମହିଳାମାନଙ୍କୁ ନିୟୋଜିତ କରିଛି ଏବଂ ରାଜ୍ୟରେ ମଧ ପ୍ରଥମ ଯିଏ ଏକ ସମ୍ପୂର୍ଣ୍ଣ ମହିଳା ଶକ୍ତି ୟୁନିଟ୍ ଦଳ ଗଠନ କରିଛି। ଏହା ଭାରତରେ ପ୍ରଥମ ଥର ପାଇଁ ଏକ ସମ୍ପୂର୍ଣ୍ଣ ମହିଳା ପଟ୍‌ଲାଇନ୍ ନିୟୋଜିତ କରିଛି, ଏବଂ ବେଦାନ୍ତ ଗ୍ରୁପ୍ ମଧ୍ୟରେ ପ୍ରଥମ ଥର ପାଇଁ ଏକ ସମ୍ପୂର୍ଣ୍ଣ ମହିଳା ଲୋକୋମୋଟିଭ୍ ଦଳ ନିୟୋଜିତ କରିଛି। ଏହି ମାଇଲଖୁଣ୍ଟଗୁଡ଼ିକ ଅଧିକ ସମାନ ଏବଂ ବିବିଧ କର୍ମକ୍ଷେତ୍ର ନିର୍ମାଣ ପାଇଁ କମ୍ପାନୀର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି।

## ଅଂଶୁଘାତରେ ବୃଦ୍ଧଙ୍କ ମୃତ୍ୟୁ ଅଭିଯୋଗ

**କୁଚିଣ୍ଡା, ୨୮ ।୫(ସମିସ):** ସମ୍ବଲପୁର ଜିଲ୍ଲା ମହୁଲପାଲୀ ଥାନା ବାଲିମାଲ ଗ୍ରାମର କହ୍ନେଇ ଚରଣ ପଟେଲ (୫୬)ଙ୍କ ଅଂଶୁଘାତରେ ମୃତ୍ୟୁ ହୋଇଥିବା ଅଭିଯୋଗ ଉଠିଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ବାବୁ ନିକ୍ତିମାଲ ପଞ୍ଚାୟତର କହ୍ନେଇ ସବୁଦିନ ପରି ବୁଧବାର ଦିନ ମଧ ନିକଟସ୍ଥ ଜଙ୍ଗଲକୁ ସର୍ଗି ମଞ୍ଜି ସଂଗ୍ରହ ପାଇଁ ଯାଇ ସେଠାରୁ ଅପରାହ୍ନ ଯାଏଁ ତିନିଟା ବେଳେ ଅସୁସ୍ଥ ଅନୁଭବ କରିବାରୁ ଘରକୁ ଫେରି ଆସିଥିଲେ। ରାତ୍ରିରେ ଶୋଇଥିବା ବେଳେ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ପରିବାରଲୋକ କୁଚିଣ୍ଡା ଡାକ୍ତରଖାନାକୁ ଆଣିଥିଲେ ହେଲେ ରାତି ପ୍ରାୟ ୯ ଟାବେଳେ ଡାକ୍ତରଖାନାରେ ପହଞ୍ଚିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ମହୁଲପାଲୀ ପୋଲିସ ଗୁରୁବାର ଦିନ କୁଚିଣ୍ଡା ଡାକ୍ତରଖାନାରେ ପହଞ୍ଚି ତାଙ୍କର ଶବବ୍ୟବଚ୍ଛେଦ କରାଇବା ପରେ ମୃତଦେହକୁ ତାଙ୍କର ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରିଥିଲେ। ମହୁଲପାଲୀ ଥାନାରେ ଅପମୃତ୍ୟୁ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ କରୁଛି।

## ପୋକ୍‌ସୋ ଆଇନରେ ଗିରଫ

**କୁଚିଣ୍ଡା, ୨୮ ।୫(ସମିସ):** ସୋସିଆଲ ମିଡିଆ ଓ ଆଧୁନିକ ସମ୍ପର୍କର ଯୁଗରେ ଅପରିପକ୍ୱ ବୟସର ପ୍ରେମ ସମ୍ପର୍କ କିପରି ଆଇନୀ ସମସ୍ୟାରେ ପରିଣତ ହୋଇପାରେ, ତାହାର ଏକ ଉଦାହରଣ ବାମରା ଅଞ୍ଚଳରେ ସାମ୍ନାକୁ ଆସିଛି। ଜଣେ ୧୬ ବର୍ଷୀୟା ନାବାଳିକାଙ୍କ ସହ ପ୍ରେମ ସମ୍ପର୍କ ରଖି ତାଙ୍କ ସହ ଘର ଛାଡ଼ି ତାମିଲନାଡୁକୁ ଯାଇଥିବା ଯୁବକଙ୍କୁ ଶେଷରେ ପୋକୋସ ଆଇନରେ ଗିରଫ ହୋଇ ଜେଲ୍ ଯିବାକୁ ପଡ଼ିଛି। ମହୁଲପାଲି ପୁଲିସ ସୂଚନା ଅନୁସାରେ, କୁସୁମୀ ଫାଣ୍ଡି ଅଞ୍ଚଳର ଜଣେ ନାବାଳିକା ଗତ ଏପ୍ରିଲ ୩୦ ତାରିଖରୁ ନିଖୋଜ ଥିଲେ। ଏନେଇ ତାଙ୍କ ପରିବାର ଲୋକ ଥାନାରେ ଅଭିଯୋଗ କରିଥିଲେ। ହେଲେ ସୁନ୍ଦରଗଡ଼ ଜିଲ୍ଲା ଜର୍ଡା ଗ୍ରାମର ବାଲି ନାୟକ ତାଙ୍କୁ ନେଇ ତାମିଲନାଡୁ କୁ ପଳାଇଥିବା ଜଣାପଡ଼ିଥିଲା। ସେଠାରୁ ସେମାନେ ଫେରିବା ପରେ ଗୁରୁବାର ପୁଲିସ ଅଭିଯୁକ୍ତ ଯୁବକକୁ ଗିରଫ କରିଥିଲେ। ନାବାଳିକାଙ୍କ ସହ ଶାରୀରିକ ସମ୍ପର୍କ ସ୍ଥାପନ ଅଭିଯୋଗକୁ ନେଇ ପୁଲିସ ପୋକ୍‌ସୋ ଆଇନରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଘଟଣା ଯୁବପିଢ଼ିଙ୍କ ପାଇଁ ଏକ ବଡ଼ ସଚେତନତାର ବାର୍ତ୍ତା ଦେଇଛି। ନାବାଳିକାଙ୍କ ସହ ସମ୍ମତି ଥିଲେ ମଧ ଶାରୀରିକ ସମ୍ପର୍କ ଆଇନ ଅନୁସାରେ ଗୁରୁତର ଅପରାଧ ଭାବେ ଗଣାଯାଏ। ଅପରିପକ୍ୱ ବୟସରେ ଭାବନାରେ ବହିଯାଇ ନିଆଯାଇଥିବା ପଦକ୍ଷେପ ଜୀବନକୁ ସମସ୍ୟାରେ ପକାଇପାରେ ବୋଲି ଅଭିଭାବକ ଓ ସଚେତନ ମହଲ ମତ ପ୍ରକାଶ କରିଛନ୍ତି।

## ବାମରାରେ ଇଦ୍-ଉଲ୍-ଜୁହା ପାଳିତ



**କୁଚିଣ୍ଡା, ୨୮ ।୫(ସମିସ):** ଇଦ୍-ଉଲ୍-ଜୁହା ବାମରା ଅଞ୍ଚଳରେ ମୁସ୍‌ଲିମ ସମ୍ପ୍ରଦାୟ ପକ୍ଷରୁ ଶାନ୍ତି ଓ ଭାଇଚାରାର ପରିବେଶ ମଧ୍ୟରେ ପାଳିତ ହୋଇଛି। ବାମରା ଷ୍ଟେସନ ବସ୍ତି ସ୍ଥିତ ନୁରି ଜମା ମସଜିଦ ଓ ସିସଲଫାର୍ମ ପଡ଼ା ସ୍ଥିତ ୟାସିନ ମସଜିଦ ରେ ସାମୁହିକ ଇଦ୍ ନମାଜ ପାଠ ଆୟୋଜିତ ହୋଇଥିଲା। ନମାଜ ପରେ ସମାଜରେ ସମ୍ପ୍ରୀତି, ଭାଇଚାରା, ଶାନ୍ତି ଏବଂ ଦେଶର ଉନ୍ନତି ଓ ସମୃଦ୍ଧି ପାଇଁ ସମୂହିକ ପ୍ରାର୍ଥନା କରାଯାଇଥିଲା। ଧର୍ମଗୁରୁମାନେ ଏହି ପର୍ବର ମୂଳ ସନ୍ଦେଶ ହେଉଛି ତ୍ୟାଗ, ନିଷ୍ଠା ଓ ମାନବ ସେବା ବୋଲି ଉଲ୍ଲେଖ କରିଥିଲେ। ବାମରାର ବିଭିନ୍ନ ସ୍ଥାନରେ ଘରେ ଘରେ କୁର୍ବାନି କରାଯାଇଥିଲା। ପରସ୍ପରକୁ ଆଲିଙ୍ଗନ କରି ଇଦ୍ ମୁବାରକ ଜଣାଇ ଲୋକମାନେ ଖୁସି ବାଣ୍ଟିଥିଲେ। ପର୍ବକୁ ଶାନ୍ତିପୂର୍ଣ୍ଣ ଓ ସୁଶୃଙ୍ଖଳିତ ଭାବେ ପାଳନ କରିବା ପାଇଁ ପ୍ରଶାସନ ଓ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ବାମରା ନୁରିଜମା ମସଜିଦରେ ମୌଲାନା ନୁର ନବାବ ନମାଜ ପାଠ କରାଇଥିବା ବେଳେ ୟାସିନ ମସଜିଦରେ ନାସିରୁଦ୍ଦିନ ରିଜବି ନମାଜ ପାଠ କରାଇଥିଲେ।

## ଦୁଇ ମାସ ଭତ୍ତା ନ ପାଇ ହିତାଧିକାରୀ ନିରାଶ

**କୁଚିଣ୍ଡା, ୨୮ ।୫(ସମିସ):** ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକର ହିତାଧିକାରୀଙ୍କୁ ଗତ ଦୁଇ ମାସ ହେବ ଭତ୍ତା ଟଙ୍କା ମିଳୁ ନ ଥିବାରୁ ହିତାଧିକାରୀ ବୃଦ୍ଧବୃଦ୍ଧାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବୁଧବାର ଦିନ ବକ୍ସମା ଗପଞ୍ଚାୟତର କିଛି ହିତାଧିକାରୀ କୁଚିଣ୍ଡା ବିଏସଏସଓ ଇପ୍ସୁତି ଭୋଇଙ୍କୁ ସାକ୍ଷାତ କରି ନିଜର ଅସନ୍ତୋଷ ଜାହିର କରିଥିଲେ ମଧ ବିଏସଏସଓ ନିଜର ଅସହାୟତା ପ୍ରକାଶ କରିଥିଲେ। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଗତ ଦୁଇ ମାସ ହେବ ବକ୍ସମା ପଞ୍ଚାୟତରେ ଆକାଉଣ୍ଟରେ ପାଉଥିବା ଭତ୍ତା ଟଙ୍କା ହିତାଧିକାରୀ ପାଇ ପାରୁନାହାନ୍ତି।ସେମାନଙ୍କ ମଧ୍ୟରୁ ଆଜି କିଛି ଜଣ ବ୍ଲକ ଅଫିସକୁ ଆସିଥିଲେ ମଧ ନିରାଶରେ ଘରକୁ ଫେରିଛନ୍ତି। ପ୍ରାୟ ୪୫ ଡିଗ୍ରୀ ସେଲସିୟ ତାପ ମାତ୍ରାରେ ସେମାନେ କୁଚିଣ୍ଡା ବ୍ଲକ ଅଫିସକୁ ଆସିଥିଲେ ମଧ ବିଡ଼ିଓ ଉପସ୍ଥିତ ନ ଥିବାରୁ ଦୀର୍ଘ ସମୟ ଧରି ଏକ ଗଛ ମୂଳେ ଅପେକ୍ଷା କରିଥିଲେ। କିନ୍ତୁ ଦୀର୍ଘ ସମୟ ପରେ ମଧ ବିଡ଼ିଓ ଅଫିସ ନ ଆସିବାରୁ ସେମାନେ ବିଏସଏସଓ ଇପ୍ସୁତି ଭୋଇଙ୍କୁ ସାକ୍ଷାତ କରି ନିଜ ସମସ୍ୟା ବାବଦରେ ଜଣାଇଥିଲେ ମଧ ବିଏସଏସଓ ନିଜର ଅସହାୟତା ପ୍ରକାଶ କରି ଆକାଉଣ୍ଟରେ ଭତ୍ତା ଟଙ୍କା ରାଜ୍ୟସ୍ତରରୁ ଆସେ, ଆମେ କିଛି କରିପାରିବୁ ନାହିଁ ବୋଲି କହିଥିଲେ। ହିତାଧିକାରୀ ଗଣମାଧ୍ୟମର ପ୍ରତିନିଧିଙ୍କୁ କହିଥିଲେ ଯେ, ସେମାନେ ଦୋକାନରୁ ଉର୍ଦ୍ଧାରି ଆଣି ଗୁଜୁରାଣ ମେଣ୍ଟାଇ ଥାନ୍ତି ଏବଂ ଟଙ୍କା ପାଇଲେ ଦୋକାନର ଉର୍ଦ୍ଧାରି ଶୁଝିବା ସହ ନିଜ ପାଇଁ ଔଷଧ କିଣି ଥାଆନ୍ତି ଏଣୁ ଏବେ ସେମାନେ କେମିତି ଚଳିବେ ତାହା ଚିନ୍ତାରେ ପଡ଼ିଛନ୍ତି।

### ଭିମସାରରେ ରୋଗୀ ମୃତ୍ୟୁ ଘଟଣା

## ତଦନ୍ତ କରିବ ଜିଲ୍ଲା କଂଗ୍ରେସର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍

**ସମ୍ବଲପୁର, ୨୮।୫ (ସମିସ):** ବୁର୍ଲା ଭିମସାରରେ ଏକାଧିକ ରୋଗୀଙ୍କ ମୃତ୍ୟୁ ଘଟିଛି। ଚିକିତ୍ସାରେ ଅବହେଳା ପାଇଁ ଏ ସମସ୍ତ ଘଟଣା ଘଟିଥିବା ଅଭିଯୋଗ ହୋଇଛି। ଏହି ସମ୍ବେଦନଶୀଳ ଘଟଣାର ନିରପେକ୍ଷ ଓ ବିସ୍ତୃତ ତଦନ୍ତ ପାଇଁ ଜିଲ୍ଲା କଂଗ୍ରେସ ସଭାପତି ଇଂ ଅମିତ କୁମାର ଗୁରୁଙ୍କ ନିର୍ଦ୍ଦେଶକ୍ରମେ ଏକ ୮ ଜଣିଆ ଫ୍ୟାକ୍ଟ ଫାଇଣ୍ଡିଂ ଟିମ ଗଠନ କରାଯାଇଛି। କମିଟିର ଅଧ୍ୟକ୍ଷ ଡାକ୍ତର ଶରତ ଚନ୍ଦ୍ର ଗୌନ୍ତିଆ, ମୁଖ୍ୟ ପରାମର୍ଶଦାତା ଆଇନଜୀବୀ ଅଶ୍ୱିନୀ ପଣ୍ଡା ରହିଛନ୍ତି। ସେହିପରି ଆରତୀ ନାୟକ, ଗିରିଜା ଶଙ୍କର ନାୟକ, ରବୀନ୍ଦ୍ରନାଥ ରାଉତ, ଇଂ ଧର୍ମରାଜ ସିଂ, ବିଜୟଲକ୍ଷ୍ମୀ ବେହେରା ଏବଂ ସଞ୍ଜୟ କୁମାର ଛୁରିଆ ଟିମରେ ସଦସ୍ୟ ରହିଛନ୍ତି। ଏହି କମିଟି ଭିମସାର ପରିଦର୍ଶନ କରି ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟଙ୍କ କାର୍ଯ୍ୟାଳୟ ସମେତ ବିଭିନ୍ନ ବିଭାଗର ସମୀକ୍ଷା କରିବ। ଏଥିସହ ସେଠାରେ କାର୍ଯ୍ୟରତ ପ୍ରଫେସର, ଡାକ୍ତର, ନର୍ସ ଷ୍ଟାଫ୍, ପ୍ରଶାସନିକ ଅଧିକାରୀ ଏବଂ ପ୍ରତ୍ୟକ୍ଷଦର୍ଶୀଙ୍କ ସହ ଆଲୋଚନା କରି ମୃତ୍ୟୁର ପ୍ରକୃତ କାରଣ ଖୋଜିବାକୁ ଚେଷ୍ଟା କରିବ। ଏହି ଅନୁସନ୍ଧାନ ଆଧାରରେ ଡାକ୍ତରଖାନାର ଚିକିତ୍ସା ସେବାରେ ସୁଧାର ଆଣିବା ପାଇଁ ସରକାରଙ୍କୁ ସୁପାରିଶ କରାଯିବ। କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ, ଜାତୀୟ ସ୍ୱାସ୍ଥ୍ୟ ନୀତି ଅନୁଯାୟୀ ସ୍ୱାସ୍ଥ୍ୟ କ୍ଷେତ୍ରରେ ଜିଡିପି ୨.୫ପ୍ରତିଶତ ବ୍ୟୟବରାଦ ହେବା କଥା, ମାତ୍ର ବର୍ତ୍ତମାନ ଏହା ମାତ୍ର ୦.୩ ପ୍ରତିଶତ ରହିଛି, ଯାହା ଅତ୍ୟନ୍ତ ନିରାଶାଜନକ। ଏହି ମାନବିକ ଅବହେଳା ବିରୋଧରେ କଂଗ୍ରେସ ସର୍ବଦା ଜନସାଧାରଣଙ୍କ ସହ ରହିଛି। ଜିଲ୍ଲା କଂଗ୍ରେସ ପକ୍ଷରୁ ସମ୍ବଲପୁର ଜିଲ୍ଲା ପ୍ରଶାସନ ଓ ଭିମସାର କର୍ତ୍ତୃପକ୍ଷଙ୍କୁ ଏହି ତଦନ୍ତ ପ୍ରକ୍ରିୟାରେ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ଅନୁରୋଧ କରାଯାଇଛି।

### ଶ୍ରୀଗଜଲକ୍ଷ୍ମୀ କୃଷକ ସଂଗଠନର ସଭାପତି ଓ ପୁଅଙ୍କୁ ଆକ୍ରମଣ ଘଟଣା

## ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ ପାଇଁ କୃଷକ ସଂଗଠନର ବୈଠକ

**ଜମନକିରା, ୨୮ ।୫(ସମିସ):** ଜମନକିରା ଥାନା ସାପ୍ତାହିକ ବଜାରରେ କଟଙ୍ଗପାଣି ଶ୍ରୀଗଜଲକ୍ଷ୍ମୀ କୃଷକ ସଂଗଠନର ସଭାପତି ପ୍ରମୋଦ କୁମାର ପଟେଲ (୬୦) ଏବଂ ତାଙ୍କ ପୁଅ ହିତେଶ ପଟେଲଙ୍କୁ କିଛି ଦୁର୍ବୃତ୍ତ ସଂଘବଦ୍ଧ ଆକ୍ରମଣଘଟଣାମେ୨୨ତାରିଖଦିନକଟଙ୍ଗପାଣି ଶ୍ରୀଗଜଲକ୍ଷ୍ମୀ କୃଷକ ସଂଗଠନ କର୍ମ କର୍ତ୍ତାଙ୍କ ସହ ସଭାପତି ଅଭିଯୋଗ କରିଥିଲେ।ଗତ ୨୨ତାରିଖ ମଧ୍ୟାହ୍ନରେ ପ୍ରମୋଦ ପଟେଲ ଓ ତାଙ୍କ ପୁଅ ବଜାରରେ ଭେଣ୍ଡି ବିକ୍ରି କରୁଥିବା ସମୟରେ, ଭରତ ବଢେଇଙ୍କ ନିର୍ଦ୍ଦେଶରେ ପ୍ରଭାକର ନାଏକ, ସୁଜିତ ରାଞ୍ଚୁରିଆ, ଲିଲୁନ ଓରଫ ଛୁଟି ନାଏକ ପରିବା ଦର ପଚାରିବା ବାହାନାରେ ଗଣ୍ଡଗୋଳ ଆରମ୍ଭ କରିଥିଲେ।ପରିବା ଦର ପଚାରିବା ବାହାନାରେ ଗଣ୍ଡଗୋଳ ଆରମ୍ଭ କରିଥିଲେ। ପରେ ସେମାନଙ୍କର ଅନ୍ୟ ସହଯୋଗୀମାନେ ମିଶି ବାଉଁଶ ବାଡ଼ି, ଇଟା, ଗୋଇଠା ମାରି ଉଭୟ ବାପାପୁଅଙ୍କୁ ରକ୍ତାକ୍ତ କରିଥିଲେ। ସ୍ଥାନୀୟ ଲୋକଙ୍କ ଓ ଆରଏମସି କର୍ମଚାରୀଙ୍କ ସହାୟତାରେ ସେମାନଙ୍କ ଜୀବନ ରକ୍ଷା ହୋଇପାରିଛି। ଏ ନେଇ ଜମନକିରା ଥାନା କେସ୍ ନଂ ୧୦୩/୨୦୨୬ ଆଧାରରେ ପୁଲିସ ତତ୍ପରତା ଦେଖାଇ ଘଟଣାରେ ସମ୍ପୃକ୍ତ ୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅନ୍ୟ ଫେରାର ଥିବା ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ ତଦନ୍ତ ଜାରି ରଖିଛି ବୋଲି ଜମନକିରା ଆଇଆଇସି ରଞ୍ଜନ ନାଗ ପ୍ରକାଶ କରିଛନ୍ତି। କିନ୍ତୁ ଆଜି ପର୍ଯ୍ୟନ୍ତ ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ ଗିରଫ ନ କରିବା ନେଇ ଗୁରୁବାର କଟଙ୍ଗପାଣି ଗ୍ରାମୀଣ ପାର୍କ ପରିସରରେ ଗୁରୁଚରଣ ପଟେଲଙ୍କ ଅଧ୍ୟକ୍ଷତାରେ ଜମନକିରା, କଟଙ୍ଗପାଣି, ବଡ଼ମାଲ, ଭୋଜପୁର, ଶିରିଡ଼ି ଓ ଟିକିଲିପଡ଼ା କୃଷକ ସଙ୍ଗଠନ ବୈଠକ ବସି ଆସନ୍ତାକାଲି(ଶୁକ୍ରବାର) ସମ୍ବଲପୁର ଏସପିଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ପ୍ରସ୍ତାବ ଗ୍ରହଣ କରିଥିଲେ। ବୈଠକରେ ପ୍ରମୋଦ ପଟେଲ, ପ୍ରଶାନ୍ତ ପ୍ରଧାନ, ଚୁଡ଼ା ମଣି ପଟେଲ, ଚିତ୍ର ସେନ୍ ବେହେରା, ସିଦ୍ଧାର୍ଥ ପଟେଲ, ସରୋଜ ପ୍ରଧାନ, ସତ୍ୟ ନାରାୟଣ ପଟେଲ, ପ୍ରଫୁଲ୍ଲ ପଟେଲ, ରୋହିତ ଭୋଇ, ପବନ ଲୁହା, ଧନେଶ୍ୱର ପ୍ରଧାନ, ବୀରେନ୍ଦ୍ର ଚୌଧୁରୀ, ସାଲେକରାମ ପ୍ରଧାନ, ପିଛାଲୁ ଭୋଇ, ମନୋଜ ମାଝୀ ପ୍ରମୁଖଙ୍କ ଶହ ଶହ ପୁରୁଷ ମହିଳା ଚାଷୀ ଯୋଗ ଦେଇ ଥିଲେ।

## ଇଜେଡ୍‌ସିସି ଗଭର୍ଣ୍ଣିଂବଡିକୁ ମନୋନୀତ ଗୁରୁ ରଞ୍ଜନ ସାହୁଙ୍କୁ ସମ୍ବର୍ଦ୍ଧନା



**ସମ୍ବଲପୁର, ୨୮।୫ (ସମିସ) :** ମ୍ୟୁନିସିପାଲିଟି ଛକ ନିକଟସ୍ଥ ସାମ୍ବାଦିକ ଭବନ ପ୍ରେକ୍ଷାଳୟରେ ଲୋକନୃତ୍ୟ ଗୁରୁ ରଞ୍ଜନ କୁମାର ସାହୁଙ୍କୁ 'ସଂସ୍କାର ଭାରତୀ' ସହ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। କଲିକତାସ୍ଥିତ ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର (ଇଜେଡ୍‌ସିସି)ର ସେ କାର୍ଯ୍ୟକାରୀ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ ଦ୍ୱାରା ଓଡ଼ିଶାରୁ ଏକମାତ୍ର ପ୍ରତିନିଧି ଭାବେ ଗୁରୁ ରଞ୍ଜନ କୁମାର ସାହୁଙ୍କୁ ଏହି ସମ୍ମାନଜନକ ପଦ ସକାଶେ ମନୋନୀତ କରାଯାଇଛି। ସମ୍ବର୍ଦ୍ଧନା ସଭାରେ ସଂସ୍କାର ଭାରତୀର ଜିଲ୍ଲା ସଭାପତି ଡଃ ମହେଶ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ପ୍ରଫୁଲ୍ଲ ହୋତା, ଡଃ ଶ୍ୟାମ ସୁନ୍ଦର ଧର ଅତିଥିଭାବେ ଯୋଗଦେଇ ଶୁଭେଚ୍ଛା ଜଣାଇଥିଲେ। ସଭାରେ ମୋତିଲାଲ ଦୋରା, ଭୋଳା ଶଙ୍କର ମହନ୍ତମ, ରତନ ପୂଜାରୀ, ଦିଲୀପ ଦେବ, ଡ. ସପନ ମିଶ୍ର, ଦୀପାଳି ଚୌଧୁରୀ, ଲଳିତ ବେବର୍ତ୍ତା, ପଦ୍ମିନୀ ଦୋରା ପ୍ରମୁଖ କଳା ଓ ସଂସ୍କୃତିପ୍ରେମୀଙ୍କ ସହିତ ଲହରୀ, ନଟରାଜ, ରଙ୍ଗ ଫରୁଆ, ଶ୍ରୀକଲଚରାଲ ଆସୋସିଏସନ୍, ନାଟ୍ୟକଳା ପରିଷଦ ଆଦି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଲୋକନୃତ୍ୟ ଗୁରୁ ଶ୍ରୀ ସାହୁଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସମ୍ବର୍ଦ୍ଧନାର ଉତ୍ତରରେ ଶ୍ରୀ ସାହୁ କହିଛନ୍ତି ଯେ, ସମ୍ବଲପୁରୀ କଳା ସଂସ୍କୃତି ଦେଶ ବିଦେଶରେ ଏକ ସ୍ୱତନ୍ତ୍ର ପରିଚିତି ହାସଲ କରିଛି। ସମ୍ବଲପୁରୀ ଲୋକନୃତ୍ୟ ଓ ସଙ୍ଗୀତର ଅଧିକ ପ୍ରଚାର ପ୍ରସାର ପାଇଁ ସମ୍ବଲପୁରରେ ଏକ ସ୍ୱତନ୍ତ୍ର ସମ୍ବଲପୁରୀ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରିବାକୁ ମଧ ସେ ନିଜ ପ୍ରୟାସ ଜାରି ରଖିବେ। ସଂସ୍କାର ଭାରତୀର ଜିଲ୍ଲା ଉପସଭାପତି ମମତା ସାହୁ ଅତିଥି ପରିଚୟ ପ୍ରଦାନ ଏବଂ ଶେଷରେ ଜିଲ୍ଲା ସମ୍ପାଦକ ମହେଶ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

## ସମ୍ବଲପୁର ପ୍ରଫେସନାଲ୍ ଫୋଟୋଗ୍ରାଫର୍ସ ଆସୋସିଏସନ୍‌ର କର୍ମଶାଳା

**ସମ୍ବଲପୁର, ୨୮।୫(ସମିସ):** ସମ୍ବଲପୁର ପ୍ରଫେସନାଲ୍ ଫୋଟୋଗ୍ରାଫର୍ସ ଆସୋସିଏସନ୍ ପକ୍ଷରୁ ଫଟୋଗ୍ରାଫି କର୍ମଶାଳା ସ୍ଥାନୀୟ ଓଡ଼ିଶା ସାଂସ୍କୃତିକ ସମାଜରେ ଅନୁଷ୍ଠିତ ହୋଇଛି। ଆସୋସିଏସନର ଏହି ପ୍ରୟାସ ନିକନ୍ ଇଣ୍ଡିଆ ଏବଂ ଏହାର ଆଞ୍ଚଳିକ ବିତରକ ଓମନିଲିଙ୍କ୍‌ର ମିଳିତ ସହଯୋଗରେ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ୭୦ ରୁ ଅଧିକ ଫୋଟୋଗ୍ରାଫର ଯୋଗଦେଇଥିଲେ। ସ୍ଥାନୀୟ ଫୋଟୋଗ୍ରାଫରମାନଙ୍କ ଦକ୍ଷତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ଏହି କର୍ମଶାଳାରେ ବ୍ୟାପକ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏଥିରେ ଫୋଟୋଗ୍ରାଫି, ଲାଇଟିଂ କୌଶଳ ଏବଂ ସିନେମାଟୋଗ୍ରାଫି ଭଳି ଆଧୁନିକ ଚଳଚ୍ଚିତ୍ର ନିର୍ମାଣ ଶୈଳୀ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ନିକନ୍‌ର ବିଶେଷଜ୍ଞ ତଥା ମେଣ୍ଟର ପଲ୍ଲବ ପଲ୍ (ପୂର୍ବ ଭାରତ ବୈଷୟିକ ଅଧିକାରୀ), ଅମିତ ପାଢ଼ୀ (ନିକନ୍ ଆମ୍ବାସେଡର) ଏବଂ ଦୀପକ ଅଗ୍ରୱାଲ (ନିକନ୍ ଏନପିଏସ) ପ୍ରମୁଖ ଯୋଗଦେଇଥିଲେ। ଏଥିସହ ନିକନ୍ କର୍ପୋରେଟ୍ ଟିମର ଦେବେଶ ମାଝୀ (ଡେପୁଟି ସେଲ୍ସ ମ୍ୟାନେଜର), ଦେବାଂଶୁ ପଟ୍ଟନାୟକ, ସନ୍ତୋଷ ବେଜ ଏବଂ ସୁଶାନ୍ତ ମୁଦୁଲି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଆସୋସିଏସନରେ ସଭାପତି ଆନନ୍ଦ ମୋହନ ଦାଶ, ସମ୍ପାଦକ ଶିଶିର କର, ସାଧାରଣ ସମ୍ପାଦକ ଆକାଶ ଦାଶ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଲଳିତ ରୋହିଦାସ ଓ କୋଷାଧ୍ୟକ୍ଷ ସୁଦୀପ ପ୍ରଧାନ ଭାବେ ଦାୟିତ୍ୱ ତୁଲାଉଛନ୍ତି। କାର୍ଯ୍ୟକ୍ରମ ଆୟୋଜନରେ କମିଟିର ସଦସ୍ୟ ସୁଜିତ ପଟ୍ଟନାୟକ, ଦୀପନ ପ୍ରଧାନ, ପିଣ୍ଟୁ ଦେହେରୀ, ଦିଲୀପ ମେହେର, ଶିବ ମେହେର, ନିତୁନ ପଣ୍ଡା, ନିପୁନ ଜେନା, ଅଂଶୁମାନ ବାରିକ, ପିଣ୍ଟୁ ମିର୍ଦ୍ଧା ଏବଂ ଲଳିତ ରାୟ ପ୍ରମୁଖ ସହଯୋଗ କରିଥିଲେ।

## ଗ୍ରାମ ସ୍ୱରାଜ ବିକାଶ ସମିତି ପକ୍ଷରୁ ଋତୁସ୍ରାବ ଦିବସ

**ସମ୍ବଲପୁର, ୨୮।୫(ସମିସ):** ଗୁରୁବାର ଗ୍ରାମ ସ୍ୱରାଜ ବିକାଶ ସମିତି ପକ୍ଷରୁ ସମ୍ବଲପୁର କ୍ଷେତରାଜପୁର, ଠୁରୁପାଲି, ବନ୍ଧଟିକରା, ରେଙ୍ଗାଲି ଭଳି ବିଭିନ୍ନ ସ୍ଥାନରେ କିଶୋରୀମାନଙ୍କୁ ନେଇ ବିଶ୍ୱ ଋତୁସ୍ରାବ ଦିବସ ପାଳିତ ହୋଇଛି। କିଶୋରୀ ଓ ମହିଳା ମାନଙ୍କ ଠାରେ ଏହି ମାସିକ ଋତୁସ୍ରାବ ପ୍ରକ୍ରିୟା କଣ ଓ କାହିଁକି ଋତୁସ୍ରାବ ହୋଇଥାଏ ସେହି ବିଷୟରେ ସମସ୍ତଙ୍କୁ ବୁଝାଇ ସଚେତନ କରାଯାଇଥିଲା। ବିଭିନ୍ନ ଚିତ୍ର, ନାଟକ, କବିତା, ଗଳ୍ପ, ନାଚ ଓ ଗୀତ ମାଧ୍ୟମରେ ସଚେତନ ବାର୍ତ୍ତା ଦିଆଯାଇଛି। ସ୍ୱଚ୍ଛତା, ଖାଦ୍ୟପେୟ, ବ୍ୟାୟମ ଓ ସୁସ୍ଥତା ବିଷୟରେ ବୁଝାଇଲେ।ଏହି ଅବସରରେ ସାନିଟାରି ପେଡ ପ୍ରଦାନ କରାଯାଇଥିଲା। ପ୍ରଭାତୀ ବାରିକ ପରିଚାଳନା କରିଥିବା ବେଳେ ସୁବାସିନି, ନିକିତା, ଗୀତା, ରିନା, ମନୋରମା ପ୍ରମୁଖ ସହଯୋଗ କରିଥିଲେ।

### ଆକ୍ସନ୍ ମୋଡ୍‌ରେ ଏନ୍‌ଫୋର୍ସମେଣ୍ଟ ବିଭାଗ

# ଶୀତଳଷଷ୍ଠୀ ଯାତ୍ରା ପଥରେ ଜବରଦଖଲ ଉଚ୍ଛେଦ ଜାରି

ସମ୍ବଲପୁର, ୨୮।୫ (ସମିସ)

ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରାକୁ ଆଉ ପ୍ରାୟ ୨୦ ଦିନ ଥିବାବେଳେ ଆକ୍ସନ୍ ମୋଡ୍‌ରେ ସମ୍ବଲପୁର ମହାନଗର ନିଗମର ଏନ୍‌ଫୋର୍ସମେଣ୍ଟ ବିଭାଗ। ବିଭିନ୍ନ ପଡ଼ାର ଶୀତଳଷଷ୍ଠୀ ଶୋଭାଯାତ୍ରା ଯୁଗଳ ଦର୍ଶନ ଶୋଭାଯାତ୍ରା। ଏହି ଶୋଭାଯାତ୍ରା ଗୋଟିଏ ରାତି ଓ ପରଦିନ ଦିନତମାମ ଚାଲିଥାଏ। ଏଥିରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ତଥା ପର୍ଯ୍ୟଟକଙ୍କ ଭିଡ଼ ହୋଇଥାଏ। ସମ୍ବଲପୁରର ପ୍ରମୁଖ ନନ୍ଦପଡ଼ା, ଝାଡୁଆପଡ଼ା, ମୁଦିପଡ଼ା, ବଡ଼ବଜାର ଓ ଠାକୁରପଡ଼ା ଶୀତଳଷଷ୍ଠୀ ଶୋଭାଯାତ୍ରାର ନିର୍ଦ୍ଦିଷ୍ଟ ସେହି ସ୍ଥାନରୁ ଭଙ୍ଗା ସିମେଣ୍ଟ ଓ ଅନ୍ୟ ସାମଗ୍ରୀ ହଟାଇବା ସହ ସଫେଇ କରାଯାଉଛି। ଏପରିକି ବିଦ୍ୟୁତ୍ ଯୋଗାଣ ବିଭାଗ, ଟେଲିଫୋନ ଏବଂ ଅନ୍ୟ ବିଭାଗର ଖୁଣ୍ଟ ଆଦିକୁ ରାସ୍ତାକଡ଼କୁ ସ୍ଥାନାନ୍ତରଣ କରି ରାସ୍ତା ସମ୍ପ୍ରସାରଣ କରାଯିବ। ଉଲ୍ଲେଖଯୋଗ୍ୟ ଯେ, ଶୀତଳଷଷ୍ଠୀ





ପଥର ଜବରଦଖଲ ଉଚ୍ଛେଦ କରାଯାଉଛି। ଏହି ରାସ୍ତାରେ ଥିବା ୟୁଟିଲିଟି ଗୁଡ଼ିକ ସ୍ଥାନାନ୍ତରଣ କରି ରାସ୍ତା ସମ୍ପ୍ରସାରଣ କରାଯାଉଛି। ଏହାଦ୍ୱାରା ଶ୍ରଦ୍ଧାଳୁ ତଥା ଯାତ୍ରା କମିଟି ମାନେ ସୁରୁଖୁରୁରେ ଯାତ୍ରା ସମ୍ପନ୍ନ କରିପାରିବେ।

ଶୀତଳଷଷ୍ଠୀର ମୁଖ୍ୟ ଆକର୍ଷଣ ହେଉଛି ଦେବ ଦମ୍ପତିଙ୍କ ନଗର ପରିକ୍ରମା ଶୋଭାଯାତ୍ରା ବା ଯାତ୍ରା ପଥ ବା ରୁଟ୍ ରହିଛି। ଏହି ରାସ୍ତା ଗୁଡ଼ିକରେ ଅନେକ ସ୍ଥାନରେ ଜବରଦଖଲ ଯୋଗୁଁ ଶୃଙ୍ଖଳିତ ଯାତ୍ରା ହୋଇ ନପାରିବା ସହ ଶ୍ରଦ୍ଧାଳୁ ମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଚଳିତବର୍ଷ ମହାନଗର ନିଗମ ପକ୍ଷରୁ ଏହି ଯାତ୍ରାପଥ ଗୁଡ଼ିକରେ ଥିବା ଜବରଦଖଲକୁ ଯୁଦ୍ଧକାଳୀନ ଭିତ୍ତିରେ ଉଚ୍ଛେଦ କରାଯାଉଛି। ଏହାସହ ତୁରନ୍ତ ଶୋଭାଯାତ୍ରାରେ ରଥନାଚ, ତଳନାଚ ସହ ପ୍ରଜ୍ଞାପନ ମେଢ଼ ଓ ମୁଖ୍ୟ ପରଭା ଆଦି ଓସାରିଆ ଓ ରଥ ସହ ରହିଥାଏ। ରାସ୍ତା ସଂକୁଚିତ ହେବା ଫଳରେ ଏହି ସ୍ଥାନ ଗୁଡ଼ିକ ଅତିକ୍ରମ କରିବାକୁ ଯାତ୍ରା କମିଟି, ପୁଲିସ ଓ ଅନ୍ୟମାନେ ବହୁ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି।

ସମ୍ବଲପୁର ମହାନଗର ନିଗମ ଏନ୍‌ଫୋର୍ସମେଣ୍ଟ ଅଧିକାରୀ ସୁଶାନ୍ତ କୁମାର ସାହୁ କହିଛନ୍ତି, ଆସନ୍ତା ଶୀତଳଷଷ୍ଠୀ ଯାତ୍ରା ଏହିବର୍ଷ ଅଧିକ ସୁବିଧାଜନକ, ଅବରୋଧମୁକ୍ତ ଓ ପ୍ରଶସ୍ତ ରାସ୍ତାରେ ସମ୍ପନ୍ନ ହେବ। ସେଥିପାଇଁ ବିଭିନ୍ନ ଯାତ୍ରା ରୁଟ୍ ଏବଂ ଅନ୍ୟ ସ୍ଥାନରେ ଜବରଦଖଲ ଉଚ୍ଛେଦ କରାଯାଉଛି। ତନ୍ମଧ୍ୟରେ ବଡ଼ସଡ଼କରେ ଅସୁରକ୍ଷିତ କୋଠା ଓ ଛୋଟ ଛୋଟ ଜବରଦଖଲ ଘର, ଡାଏଟ୍ ଗଳିରେ ନାଳ ଅତିକ୍ରମଣ, ମହାମାୟା ମନ୍ଦିର - ଗୋପାଳମାଳରେ ଜବରଦଖଲ, ଠାକୁରପଡ଼ା ମନ୍ଦିର ପାଖରେ ଥିବା ରେଳ କଲୋନୀ ପାଚେରୀ, ନାଳ ଉପରେ ଥିବା ଉଠା ଦୋକାନ କ୍ୟାବିନ୍ ଆଦି ଉଚ୍ଛେଦ କରାଯାଇଛି। ସହର ଆହୁରି ୬ଟି ପୁରୁଣା ଅସୁରକ୍ଷିତ କୋଠା କୁ ଭାଙ୍ଗିବାକୁ ମହାନଗର ନିଗମ ନିଷ୍ପତି ନେଇଛି। ଆଗାମୀ ଦିନରେ ମହାନଗର ନିଗମ ପକ୍ଷରୁ ସମ୍ବଲପୁର ସହରର ଯେକୌଣସି ସ୍ଥାନରେ ଜବରଦଖଲ ବା ଅତିକ୍ରମଣକୁ ଉଚ୍ଛେଦ କରାଯିବ ବୋଲି ସେ କହିଛନ୍ତି। ଜବରଦଖଲ ଯୋଗୁଁ ନାଳ ଗୁଡ଼ିକ ସଫେଇ ହୋଇ ନ ପାରି ଜାମ୍ ହେବାସହ ପରିବେଶ ପ୍ରଦୂଷିତ ହେଉଛି। ସମ୍ବଲପୁର ସହରକୁ ସ୍ୱଚ୍ଛ ଓ ସୁନ୍ଦର କରିବା ପାଇଁ ସମ୍ବଲପୁରବାସୀଙ୍କ ସହଯୋଗ ଶ୍ରୀ ସାହୁ କାମନା କରିଛନ୍ତି।

# ଖଇର କାଠ, ପିକଅପ୍ ସହ ୧.୫ ଲକ୍ଷ ଟଙ୍କାର ସାମଗ୍ରୀ ଜବତ



**ପଦ୍ମପୁର, ୨୮ ।୫(ସମିସ):** ବନବିଭାଗ ପକ୍ଷରୁ ବେଆଇନ କାଠ ଚୋରାଚାଲାଣ ବିରୋଧରେ ଏକ ବଡ଼ ସଫଳତା ମିଳିଛି । ପଦ୍ମପୁର ବନଖଣ୍ଡ ଅଧୀନରେ ଥିବା ବିଜୁ ଏକ୍ସପ୍ରେସୱେରେ ଚଢ଼ଉ କରାଯାଇ ପ୍ରଚୁର ପରିମାଣର ବେଆଇନ ଖଇର କାଠ ଜବତ କରାଯାଇଛି । ଏହି ମାମଲାରେ ଏକ ଚୋରା ଚାଲାଣରେ ବ୍ୟବହୃତ ଗାଡ଼ିକୁ ମଧ୍ୟ ବନ ବିଭାଗ ନିଜ ହେପାଜତକୁ ନେଇଛି । ବିଜୁ ଏକ୍ସପ୍ରେସୱେରେ କପସିଲା ଗ୍ରାମ ନିକଟରେ ବନବିଭାଗର ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ପାଟ୍ରୋଲିଂ କରୁଥିବା ସମୟରେ ଏହି ଚୋରା ଚାଲାଣକୁ ଧରିଥିଲେ । ଜବତ ସାମଗ୍ରୀ ମଧ୍ୟରୁ ଖଇର କାଠ ପ୍ରାୟ ୦୩ ଟନ୍, ପିକଅପ୍ ଜବତ ହୋଇଥିବାବେଳେ ବନ୍ୟଜାତ ଦ୍ରବ୍ୟ ଓ ସାମଗ୍ରୀର ଆନୁମାନିକ ମୂଲ୍ୟ ପ୍ରାୟ ଏକ ଲକ୍ଷ ପଚାଶ ହଜାର ଟଙ୍କା ବୋଲି ଆକଳନ କରାଯାଇଛି । ପଦ୍ମପୁର ରେଞ୍ଜ୍ ଅଫିସର ରମେଶ ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଏହି ଚଢ଼ଉ କରାଯାଇଥିଲା । ଏହି ଟିମ୍‌ରେ ବନରକ୍ଷୀ ସଲିମ ପ୍ରଧାନଙ୍କ ସମେତ ସ୍କ୍ୱାଡ୍ ସଦସ୍ୟ ମନ ଠେଟୁଆ ଏବଂ ରାଜା ଡନସନା ପ୍ରମୁଖ ସାମିଲ ହୋଇଥିଲେ ।

# ବରଗଡ଼ରେ କଂଗ୍ରେସର ପ୍ରତିବାଦ ସଭା



**ବରଗଡ଼, ୨୮ ।୫(ସମିସ):** ପୂର୍ବତନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହରୁଙ୍କ ଶ୍ରାଦ୍ଧ ଦିବସ ଅବସରରେ ବରଗଡ଼ ଜିଲ୍ଲା କଂଗ୍ରେସ କମିଟି ତରଫରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ ସହ ବିଭିନ୍ନ ଜନ ସମସ୍ୟାକୁ ନେଇ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ଗାନ୍ଧୀ ଛକଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ ନେତୃବୃନ୍ଦଙ୍କ ସହ ଶତାଧିକ କର୍ମୀ ଯୋଗ ଦେଇଥିଲେ । କେନ୍ଦ୍ର ସରକାରଙ୍କ ବିରୋଧରେ ବିଭିନ୍ନ ପ୍ରସଙ୍ଗକୁ ନେଇ ପ୍ରତିବାଦ ସଭା କରାଯାଇଥିଲା । ସଭା ଶେଷରେ ଏକ ସ୍ମାରକପତ୍ର ବରଗଡ଼ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା । ଏହା ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ହରଦୀପ ସିଂ ପୁରୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା ।

# ଏସ୍‌ପିଙ୍କୁ ଭେଟିଲେ ବରିଷ୍ଠ ନାଗରିକ



**ବରଗଡ଼, ୨୮ ।୫(ସମିସ):** ବରଗଡ଼ର ଏସ୍‌ପି ରବୀନ୍ଦ୍ରନାଥ ଶତପଥୀଙ୍କୁ ଜିଲ୍ଲା ବରିଷ୍ଠ ନାଗରିକ ସଂଘର ସଦସ୍ୟ ସାକ୍ଷାତ କରି ପରିଚୟ ପତ୍ର, ସାଇବର ଅପରାଧ, ବରିଷ୍ଠ ହତାଦର ଆଦି ବିଭିନ୍ନ ବିଷୟରେ ଅବଗତ କରିଛନ୍ତି । ସାଇବର କ୍ରାଇମ ଓ ଅନ୍ୟ କୌଣସି ବେଆଇନ ଅପରାଧକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି କହିଥିଲେ । ସଭାପତି କେଦାର ମିଶ୍ର, ଉପସଭାପତି ନିର୍ମଳ କିଶୋର କର, ସର୍ଦ୍ଦାର ପ୍ରିତମ ସିଂହ, ସମ୍ପାଦକ ଗୋବିନ୍ଦ ଦାଶ, ସଂଗଠନ ସମ୍ପାଦକ ଯୋଗେଶ ଦାଶ, କୋଷାଧ୍ୟକ୍ଷ ପ୍ରସନ୍ନ ପ୍ରଧାନ, ସହ ସମ୍ପାଦକ ଆନନ୍ଦ ପ୍ରଧାନ, ପଞ୍ଚାନନ ପଣ୍ଡା, ସତ୍ୟନାରାୟଣ ପଣ୍ଡା, ଦେବୀ ପଟ୍ଟନାୟକ, ପ୍ରଦୀପ ସାହୁ, ନିହାର ରଞ୍ଜନ ପ୍ରଧାନ ଓ ତୁଳସୀ ଚରଣ ଦାଶ ପ୍ରମୁଖ ନୂଆ ଏସ୍‌ପିଙ୍କୁ ଭେଟି ସମ୍ବର୍ଦ୍ଧିତ କରିବା ସହ ଆଲୋଚନା କରିଥିଲେ ।

## ବରଗଡ଼ ଧନୁଯାତ୍ରା ତୋରଣ ଭାଙ୍ଗିବା ଘଟଣା

# ବିଜେପି ସରକାରରେ ଦୁର୍ନୀତି ଚାଲିଥିବା ମାନିଲେ ପ୍ରଦୀପ

**ବରଗଡ଼, ୨୮ ।୫(ସମିସ)**

ବରଗଡ଼ ପିଡବ୍ଲୁଡି ଡିଭିଜନ ଅଧୀନରେ ଧନୁଯାତ୍ରା ଗେଟ୍ ନିର୍ମାଣରେ ଦୁର୍ନୀତି, ନିମ୍ନମାନର କାମ ଏବଂ ଅଫଲାଇନ୍ ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା ତା ସହ ଆହୁରି ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ଦୁର୍ନୀତି ହୋଇଛି । ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଏଭଳି ଅଭିଯୋଗ କରି ଏହାର ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି । ଗତ ଧନୁଯାତ୍ରା ମହୋତ୍ସବ ସମୟରେ ଥାନା ଛକଠାରେ ପିଡବ୍ଲୁଡି ଦ୍ୱାରା ନିର୍ମିତ ଧନୁଯାତ୍ରା ଗେଟ୍ ନିକଟରେ ଭାଙ୍ଗି ଯାଇଛି । ଏହି ଗେଟ୍ ଭାଙ୍ଗିବା ଯୋଗୁଁ ଦୁଇ ଜଣ ବ୍ୟକ୍ତି ଆହତ ହୋଇଛନ୍ତି । ନୂଆ ନିର୍ମାଣ ହୋଇଥିବା ଗେଟ୍ ଏଭଳି ଭାଙ୍ଗିଯିବା ସରକାରୀ ପାଣ୍ଠିର ଅପବ୍ୟବହାର, ନିମ୍ନମାନର ସାମଗ୍ରୀ ବ୍ୟବହାର ଏବଂ ଚରମ ଅବହେଳାକୁ ଦର୍ଶାଉଛି ବୋଲି ଶ୍ରୀ ପୁରୋହିତ କହିଛନ୍ତି । ଧନୁଯାତ୍ରା ବିଶ୍ୱର ସବୁଠାରୁ ବଡ଼ ମୁକ୍ତାକାଶ ରଙ୍ଗମଞ୍ଚ ଭାବେ ଜଣାଶୁଣା । ଏଭଳି ଘଟଣା ଜନସାଧାରଣଙ୍କ ସୁରକ୍ଷାକୁ ବିପଦରେ ପକାଇବା ସହ ରାଜ୍ୟ ସରକାରଙ୍କ ଭାବମୂର୍ତ୍ତି କ୍ଷୁଣ୍ଣ କରୁଛି ବୋଲି ସେ କହିଛନ୍ତି । ବିଜେପି ସରକାର ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ ଶାସନ ପାଇଁ ପ୍ରତିଶ୍ରୁତିବଦ୍ଧ । ତେଣୁ ଏହି ଘଟଣାରେ ତୁରନ୍ତ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି । ଏହାସହ ଆଇନ, ଅବକାରୀ ଓ ପୂର୍ତ୍ତ ମନ୍ତ୍ରୀଙ୍କୁ ମଧ୍ୟ ସେ ଚିଠି ଲେଖିଛନ୍ତି ।





# ଜିଲ୍ଲା ସମାଜସେବୀ ସଂଘ ବରଗଡ଼ ତରଫରୁ ତୀର୍ଥଯାତ୍ରା

**ବରଗଡ଼, ୨୮ ।୫(ସମିସ):** ରବିବାର ବରଗଡ଼ସ୍ଥିତ କାଳୀମନ୍ଦିର ଠାରୁ ପଶ୍ଚିମ ଓଡ଼ିଶାର ତୀର୍ଥକ୍ଷେତ୍ର ପଦ୍ମପୁର ପାଇକମାଲସ୍ଥିତ ନୃସିଂହନାଥ ପୀଠ କୁ ତୀର୍ଥଯାତ୍ରା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବରଗଡ଼ ଜିଲ୍ଲାର ବିଭିନ୍ନ ପଞ୍ଚାୟତ ତଥା ବରଡୋଲ, ବରଗାଁ, ଖଲିଆପାଲି, ଜମୁର୍ଡ଼ା, ହଳଦୀପାଲି, ଚକରକେନ ଓ ବରଗଡ଼ ଟାଉନରୁ ୧୨୩ ଜଣ ବରିଷ୍ଠ ନାଗରିକ ତୀର୍ଥଯାତ୍ରା କରିଥିଲେ ।

# ଭଟଲି ଷ୍ଟେଟ୍ ବ୍ୟାଙ୍କ୍ ତରଫରୁ ସରବତ ବଣ୍ଟନ

**ଭଟଲି, ୨୮ ।୫(ସମିସ):** ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ ଭଟଲି ଶାଖା ତରଫରୁ ଲସି ସରବତ ବଣ୍ଟନ କରାଯାଇଥିଲା । ବର୍ତ୍ତମାନ ପ୍ରଚଣ୍ଡ ଖରାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅଂଶୁଘାତ ପ୍ରତି ସାବଧାନତା ଅବଲମ୍ବନ କରିବାକୁ ସୂଚନା ଦିଆଯାଇଛି । ସେହିପରି ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ ଭଟଲି ଶାଖା ତରଫରୁ ଶାଖା ପରିଚାଳକ ଦେବାଶିଷ ଭୋଇଙ୍କ ତତ୍ତ୍ୱାବଧାନରେ ଲସି ସରବତ ବଣ୍ଟନ କରାଯାଇଥିଲା । ଏଥିରେ ଷ୍ଟେଟ୍ ବ୍ୟାଙ୍କ୍ ଭଟଲି ଶାଖାର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ ।



# ଖବର ପ୍ରକାଶ ପରେ ବଢ଼ିଲା ସହାୟତାର ହାତ

**ପାଇକମାଳ, ୨୮ ।୫ (ସମିସ):** ପାଇକମାଳ ବ୍ଲକ କାଂସଢା ଗାଁର ରକ୍ତ କର୍କଟ ପୀଡିତ ଶିଶୁ ନମନ ଭୋଇଙ୍କ ଉଚ୍ଚ ଚିକିତ୍ସା ପାଇଁ ବରଗଡ଼ର ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀ ସହାୟତାର ହାତ ବଢ଼ାଇଛନ୍ତି । ଏହି ଦୁଃଖଦ ଘଟଣା ସମ୍ପର୍କରେ 'ସକାଳ'ରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ମହଲ ତତ୍ପରତା ପ୍ରକାଶ କରିଛି । ଖବର ପ୍ରକାଶ ପରେ ମାଣ୍ଡୋସିଲ ଆର୍‌ଆଇ ଅଞ୍ଜଳି ଷଣ୍ଡ ପୀଡିତ ପରିବାରଙ୍କୁ ଭେଟି ସ୍ଥିତିର ଅନୁଧ୍ୟାନ ପୂର୍ବକ ତହସିଲଦାରଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି । ଏହା ସହିତ କିଛି ସହୃଦୟ ବ୍ୟକ୍ତି ପାଇକମାଳ 'ସକାଳ' ପ୍ରତିନିଧି ଗିରୀଶ ଚନ୍ଦ୍ର ମାଝିଙ୍କ ଜରିଆରେ ଏହି ପରିବାରକୁ କିଛି ଆର୍ଥିକ ସହଯୋଗ କରିଛନ୍ତି । ଏହି ଅବସରରେ ଦେବାସନ ମାଝୀ ଓ ଦଳଗଞ୍ଜନ ମାଝୀ ଉପସ୍ଥିତ ଥିଲେ ।

ସକାଳ THE SAKALA ପ୍ରଭାବ



**ରକ୍ତ କର୍କଟ ପୀଡିତ ଶିଶୁ ପାଇଁ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ଆର୍ଥିକ ସହାୟତା**

# ୨ ମାସ ହେଲା ଭତ୍ତା ଟଙ୍କା ପାଉନାହାଁନ୍ତି ହିତାଧିକାରୀ

**ପଦ୍ମପୁର, ୨୮ ।୫(ସମିସ):** ରାଜ୍ୟରେ ୬୦ ବୟସରୁ ଊର୍ଦ୍ଧ୍ୱ ବୟସ୍କଙ୍କୁ ରାଜ୍ୟ ସରକାର ମଧୁବାବୁ ପେନସନ ଯୋଜନାରେ ସାମିଲ କରିଛନ୍ତି । ପ୍ରତି ମାସ ୧୫ ତାରିଖରେ ରାଜ୍ୟ ସରକାର ଏହି ଅର୍ଥ ହିତାଧିକାରୀଙ୍କୁ ପ୍ରଦାନ କରିଥାନ୍ତି । ତେବେ ଗତ ମାର୍ଚ୍ଚ ମାସରୁ ସରକାର ଏହି ଅର୍ଥ ପଠାଇ ନାହାନ୍ତି ଏହି ଅର୍ଥ ପାଇ ବୟସ୍କ ବ୍ୟକ୍ତି ମାନେ ରାସନ ତଥା ଔଷଧ ପତ୍ର କିଣିଥାନ୍ତି । କିନ୍ତୁ ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଯେ ପ୍ରବଳ ଗ୍ରୀଷ୍ମପ୍ରବାହରେ ବୟସ୍କ ବୃଦ୍ଧବୃଦ୍ଧା ସହରକୁ ଆସି ଭତ୍ତା ନ ପାଇ ନିରାଶ ହୋଇ ଫେରୁଛନ୍ତି । ସରକାର କିଛି ଲୋକଙ୍କୁ ସରପଞ୍ଚ ଓ ନିର୍ବାହୀ ଅଧିକାରୀ ମାଧ୍ୟମରେ ସିଧାସଳଖ ନଗଦ ଅର୍ଥ ପ୍ରଦାନ କରୁଥିବା ବେଳେ ଅଧିକାଂଶ ହିତାଧିକାରୀଙ୍କ ଏକାଉଣ୍ଟ ରେ ଜମା ହୋଇଥାଏ । ମାତ୍ର ଏବେ ଟଙ୍କା ନ ଆସିବା ଫଳରେ ନଗଦ ଆକାରରେ ଟଙ୍କା ନେଉଥିବା ହିତାଧିକାରୀଙ୍କୁ ବ୍ଲକ ଓ ପୌରପରିଷଦ ପକ୍ଷରୁ ନିଜସ୍ୱ ପାଣ୍ଠିରୁ ଟଙ୍କା ଦିଆଯାଉଛି । ମାତ୍ର ବ୍ୟାଙ୍କ ଜମାଖାତା ମାଧ୍ୟମରେ ଭତ୍ତା ପାଉଥିବା ହିତାଧିକାରୀଙ୍କ ଆକାଉଣ୍ଟକୁ ଟଙ୍କା ପଠାଯାଇପାରୁନାହିଁ । ଫଳରେ ସେମାନେ ୨ମାସ ହେଲା ଭତ୍ତା ପାଉ ନାହାନ୍ତି । ଏବଂ ବ୍ୟାଙ୍କ ଦୌଡ଼ି ନିରାଶ ହୋଇ ଫେରୁଛନ୍ତି ।

# ପରସଖଣ୍ଡିରେ 'ମେରା ଗାଁ ମେରା ଗୌରବ' କାର୍ଯ୍ୟକ୍ରମ

**ପାଇକମାଳ, ୨୮ ।୫(ସମିସ):** ବରଗଡ଼ ଜିଲ୍ଲା ପାଇକମାଳ ବ୍ଲକ ପରସଖଣ୍ଡିରେ ମେରା ଗାଁ ମେରା ଗୌରବ କାର୍ଯ୍ୟକ୍ରମ ଅଧୀନରେ ଚାଷୀଙ୍କୁ ରାସାୟନିକ ସାର ପରିବର୍ତ୍ତେ ଜୈବିକ ସାର ପ୍ରୟୋଗ କରି ପରିବେଶ ଅନୁକୂଳ ଚାଷ କରିବାକୁ ସଚେତନ କରାଯାଇଛି । ରାଜ୍ୟ ସରକାରଙ୍କ ଜୟ ପୋଷାକ ଅଭିନବ ପ୍ରକଳ୍ପ ଅଧୀନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଆଇସିଏଆର୍ ଓ ଡିଏଏଫଇ ନୂଆଦିଲ୍ଲୀର ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଗତିଶୀଳ ଚାଷୀଙ୍କ ଦ୍ୱାରା ସିଆରଆରଆଇ ଜୈବସାର ପ୍ରଦର୍ଶନ ସହ କିଷାନ ଗୋଷ୍ଠୀ ଆଲୋଚନା କରାଯାଇଥିଲା । ବରଗଡ଼ର ଅହିଂସା କ୍ଲବ୍ ସହ ମିଳିତ ଭାବେ ଆୟୋଜିତ ଏହି ଶିବିରକୁ ପ୍ରମୁଖ ବୈଜ୍ଞାନିକ ଡକ୍ଟର ବିଶ୍ୱଜିତ ମଣ୍ଡଳ ସଂଯୋଜନା କରିଥିଲେ । ସେ ଜୈବସାରର ଅର୍ଥନୈତିକ ଓ ପରିବେଶଗତ ଗୁରୁତ୍ୱ ବିଷୟରେ ଚାଷୀଙ୍କୁ ଅବଗତ କରାଇଥିଲେ । ବରିଷ୍ଠ ବୈଜ୍ଞାନିକ ଡକ୍ଟର ସୁଦୀପ୍ତ ପାଉଲ ଜୈବସାର ଦ୍ୱାରା ନାଇଟ୍ରୋଜେନ୍ ଆବଶ୍ୟକତାର ପ୍ରାୟ ୨୫ ପ୍ରତିଶତ ପୂରଣ ସମ୍ଭବ ବୋଲି କହିଥିଲେ । ଡକ୍ଟର ରାଘବେନ୍ଦ୍ର ଗୌଡ଼ ରାସାୟନିକ ସାରର କୁପ୍ରଭାବ ଓ ଜୈବିକ ପଦ୍ଧତିର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଗବେଷଣା ସହଯୋଗୀ ଡକ୍ଟର ସାଇ କୃଷ୍ଣ ରେପାଲି ଧାନ ନଡ଼ା ପଚାଇବା ପାଇଁ ଟ୍ରାଇକୋଡର୍ମା ଓ ଏନଆରଆରଆଇ ଟେକ୍ ଡିକମ୍ପୋଜରର ପ୍ରୟୋଗ ପ୍ରଦର୍ଶନ କରିଥିଲେ । ଅହିଂସା କ୍ଲବର ଶିବ ପ୍ରସାଦ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ପ୍ରାୟ ୪୦ ଜଣ ଚାଷୀ ଏଥିରେ ଯୋଗଦେଇ ଉପକୃତ ହୋଇଥିଲେ । ଖରାମାଳ ଗ୍ରାମରେ ମଧ୍ୟ ଏହିପରି ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।




# ରକ୍ତଦାନ କରି ଗର୍ଭବତୀଙ୍କ ଜୀବନ ବଞ୍ଚାଇଲେ ରିଙ୍କୁ

**ପାଇକମାଳ, ୨୮ ।୫(ସମିସ):** ବରଗଡ଼ ଜିଲ୍ଲା ପାଇକମାଲ ବ୍ଲକ ଟେମରି ଗ୍ରାମର ଜଣେ ଗର୍ଭବତୀ ମହିଳାଙ୍କ ପାଇଁ ବିରଳ ଏବି+ ଭିଇ ରକ୍ତର ଆବଶ୍ୟକତା ପଡ଼ିଥିଲା । ଏନେଇ ଟେମରି ଗ୍ରାମର ସ୍ୱେଚ୍ଛାସେବୀ ଦୀପା ବାରିକ ସାମାଜିକ ଗଣମାଧ୍ୟମରେ ଏକ ସହାୟତା ମୂଳକ ପୋଷ୍ଟ କରିଥିଲେ । ପୋଷ୍ଟ ପରେ ଅନେକ ଲୋକ କମେଣ୍ଟ ଓ ଯୋଗାଯୋଗ ମାଧ୍ୟମରେ ସହଯୋଗର ହାତ ବଢ଼ାଇଥିଲେ । ବିଶେଷ କରି ପଦ୍ମପୁରର ସହଯୋଗ ସ୍ୱେଚ୍ଛାସେବୀ ଅନୁଷ୍ଠାନର ମୌସମ ପଗଡ଼ା ଓ ନିଷ୍ଠା ପରିବାର ତ୍ରିପୁରା ସୁହୁଲା ତୁରନ୍ତ ସହାୟତା ପାଇଁ ଆଗକୁ ଆସିଥିଲେ । ତାଙ୍କ ଉଦ୍ୟମରେ ସର୍ଗିବାହାଲ ଗ୍ରାମର ଯୁବକ ରିଙ୍କୁ ବରିହା ପଦ୍ମପୁରରେ ପହଞ୍ଚି ସ୍ୱତଃସ୍ଫୂର୍ତ୍ତ ଭାବେ ରକ୍ତଦାନ କରି ଗର୍ଭବତୀ ମହିଳାଙ୍କ ଜୀବନ ବଞ୍ଚାଇବାରେ ସହଯୋଗ କରିଥିଲେ ।



# ଡୁଙ୍ଗୁରିପାଲି ଓ ବିଜାଡିହି ଗାଁରେ ମାସିକ ସ୍ୱାସ୍ଥ୍ୟ ଦିବସ



**ପାଇକମାଳ, ୨୮ ।୫(ସମିସ):** ଏକ ସୁସ୍ଥ, ସଚେତନ ଓ ପିରିଅଡ୍-ଫ୍ରେଣ୍ଡଲି ସମାଜ ଗଠନର ଲକ୍ଷ୍ୟ ନେଇ ବରଗଡ଼ ଜିଲ୍ଲା ପାଇକମାଲ ବ୍ଲକ ଅଧୀନ ପଲସଦା ପଞ୍ଚାୟତର ଡୁଙ୍ଗୁରିପାଲି ଓ କେର୍ମେଲାବାହାଲର ବିଜାଡିହି ଗ୍ରାମରେ ମାସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି । ପଲ୍ଲୀ ଆଲୋକ ପାଠାଗାର ଓ ରିବୁଲ୍ଡ ଇଣ୍ଡିଆର ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କିଶୋରୀ ଓ ମହିଳାମାନଙ୍କ ମଧ୍ୟରେ ମାସିକ ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ସମ୍ପର୍କିତ ସଚେତନତା ସୃଷ୍ଟି କରାଯାଇଥିଲା । କାର୍ଯ୍ୟକ୍ରମରେ ପାଇକମାଳ ସିଡିପିଓ ବାସନ୍ତି ପୂର୍ତ୍ତି, ସୁପରଭାଇଜର, ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ, ଏଏନ୍‌ଏମ୍, ୱାର୍ଡ ସଦସ୍ୟ, ସ୍ଥାନୀୟ ମାଆ ମାନେ ଓ କିଶୋରୀ ଗୋଷ୍ଠୀର ସଦସ୍ୟମାନେ ଯୋଗଦେଇଥିଲେ । ଏହାସହ କୁଇଜି ଓ ଚିତ୍ରାଙ୍କନ ପ୍ରତିଯୋଗିତା ମାଧ୍ୟମରେ କିଶୋରୀମାନଙ୍କ ମଧ୍ୟରେ ମାସିକ ସ୍ୱାସ୍ଥ୍ୟ ସମ୍ପର୍କିତ ଜ୍ଞାନ ବୃଦ୍ଧି କରାଯାଇଥିଲା । ପ୍ରଶାନ୍ତ ଥପା ଧନ୍ୟବାଦ ଜଣାଇଥିଲେ ।

## ଟୋକନ ସମସ୍ୟା; ମନ୍ଥର ଉଠାଣନେଇ ଚିନ୍ତାରେ ଚାଷୀ

# ପଦ୍ମପୁର ଉପଖଣ୍ଡରେ ପଡ଼ିଛି ୨ଲକ୍ଷ ୩୧ହଜାର ପ୍ୟାକେଟ ଧାନ

**ପଦ୍ମପୁର, ୨୮ ।୫(ସମିସ)**

ଚଳିତ ରବିଧାନ କିଣାବିକା ଅତି ଜଟିଳ ପରିସ୍ଥିତି ଦେଇ ଗତି କରୁଛି । ଉପଖଣ୍ଡରେ ଚାଷୀଙ୍କ ଅବସ୍ଥା ଶୁଣିବାକୁ କେହି ନାହାନ୍ତି । ଗୋଟିଏ ପଟେ ଧାନ ମଣ୍ଡିରେ ପଡ଼ିଥିବାବେଳେ ଧାନ ବିକ୍ରି ପାଇଁ ମିଲର୍ସମାନଙ୍କୁ ଟ୍ୟାଗ ଆସୁନାହିଁ । ଯେତିକି ପରିମାଣର ଧାନ ବିକ୍ରି ପାଇଁଟ୍ୟାଗ୍ ଆସିବା କଥା ସେତିକି ଆସୁ ନ ଥିବାରୁ ଚାଷୀଧାନ ବିକ୍ରି କରିପାରୁ ନାହାନ୍ତି । ଅନ୍ୟ ପକ୍ଷରେ ଦୈନିକ ମଣ୍ଡିରୁ ଧାନ ଉଠାଣରେ ମନ୍ଥରତା ଟୋକନ ସମସ୍ୟା ଜଟିଳ କରୁଛି । ପ୍ରଶାସନ ଧାନ କିଣାବିକା ଠିକ୍ ଠାକ୍ ଚାଲିଛି ବୋଲି କହୁଥିବାବେଳେ ବାସ୍ତବ ଚିତ୍ର କିନ୍ତୁ ଅଲଗା । ଏ ପର୍ଯ୍ୟନ୍ତ ପଦ୍ମପୁର ଉପଖଣ୍ଡର ୫୯ ମଣ୍ଡିରେ ୨ ଲକ୍ଷ ୩୦ ହଜାର ୯୦୨ ପ୍ୟାକେଟ ଧାନ ପଡ଼ି ରହିଛି । ବିଶେଷ କରି ଜାମ୍ ସେଟର ଧାରୋଲ, ପାଇକମାଲ ଏବଂ ସୋହେଲା ବ୍ଲକ ଘେସଁରେ ହଜାରେ ହଜାର ବସ୍ତା ଧାନ ପଡ଼ିରହିଛି । ଏ ପର୍ଯ୍ୟନ୍ତ ଉପଖଣ୍ଡ ର ୩୮୩ଚାଷୀଙ୍କ ୩ଲକ୍ଷ ୬ହଜାର୧୬୩ ପ୍ୟାକେଟ ଧାନ ବିକ୍ରି ହୋଇସାରିଥିବା ଆରଏମସି ସମ୍ପାଦକ ରବି ନାରାୟଣ ପଣ୍ଡା ସୂଚନା ଦେଇଛନ୍ତି ।

